# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-31 ◆FRIDAY ◆25 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୧ ◆ଶୁକ୍ରବାର ◆୨୫ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




**ସାଉଥ୍ ରାମାୟଣରେ ସୀତା ହେବେ ଆଲିଆ**

▶ପୃଷ୍ଠା ୧୧ ଦେଖନ୍ତୁ...

# ଚୀନ୍ ସୀମାରେ ରୁଷ୍ ବିମାନ ଦୁର୍ଘଟଣାଗ୍ରସ୍ତ; ୪୯ ମୃତ



**ମସ୍କୋ, ୨୪।୭ (ଏଜେନ୍ସି):** ରୁଷର ଏକ ଯାତ୍ରୀ ବିମାନ ଏଏନ୍-୨୪ ଆଜି ଚୀନ୍ ସୀମାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ସମସ୍ତ ୪୯ ଜଣ ଯାତ୍ରୀ ଓ କର୍ମଚାରୀ ପ୍ରାଣ ହରାଇଛନ୍ତି । ଟିଣ୍ଡା ବିମାନ ବନ୍ଦରଠାରୁ ପାଖାପାଖି ୧୬ କିମି ଦୂରରେ ଏକ ପାହାଡ଼ ଉପରେ ବିମାନର ଧ୍ୱଂସାବଶେଷ ମିଳିଛି । ବିମାନ ଖବାରୋଭସ୍କରୁ ବ୍ଲାଗୋଭେଶ୍ଚେନସ୍କ ଦେଇ ଟିଣ୍ଡା ଯାଉଥିଲା । ଟିଣ୍ଡା ବିମାନ ବନ୍ଦରରେ ଅବତରଣ କରିବାକୁ ଯାଉଥିବା ବେଳେ ବିମାନ ରାଡାରରୁ ଅଦୃଶ୍ୟ ହୋଇଥିଲା ଓ ସମ୍ପର୍କ ମଧ୍ୟ ଛିନ୍ନ ହୋଇଯାଇଥିଲା । ପ୍ରଥମେ ବିମାନ ଟିଣ୍ଡା ବିମାନ ବନ୍ଦରରେ ଅବତରଣ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲା । ଦ୍ୱିତୀୟ ଥର ଅବତରଣ କରିବାକୁ ପ୍ରୟାସ କଲା ବେଳେ ଏହା ରାଡାରରୁ ଅଦୃଶ୍ୟ ହୋଇଥିଲା । ଟିଣ୍ଡା ରୁଷ ରାଜଧାନୀ ▶ପୃଷ୍ଠା-୭

# ଅନୀଲ ଅମ୍ବାନୀଙ୍କ ୫୦ କମ୍ପାନୀ ଉପରେ ଇଡି ଚଢ଼ଉ

**୩୦୦୦ କୋଟିର ଋଣ ଠକେଇ ମାମଲା**

**ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି):** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଫାଶରେ ପଡିଛନ୍ତି ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନୀଲ ଅମ୍ବାନୀ । ରିଲାଏନ୍ସ ଗ୍ରୁପ୍ (ଆର୍‌ଏଏଜିଏ) ସହ ଜଡିତ ମାମଲାରେ ଇଡି ଚଢ଼ଉ କରିଛି । ଅନୀଲଙ୍କ କମ୍ପାନୀ ବିରୋଧରେ ମନି ଲଣ୍ଡରିଂ ମାମଲାରେ ଇଡି ଦିଲ୍ଲୀ ଏବଂ ମୁମ୍ବାଇ ସମେତ ଦେଶର ୩୫ରୁ ଅଧିକ ସ୍ଥାନରେ ଚଢଉ କରିଛି । ତଦନ୍ତରେ ଅନୀଲଙ୍କ ବିରୋଧରେ ୩୦୦୦ କୋଟି ଟଙ୍କାର ଋଣ ଘୋଟାଲା, କାଗଜପତ୍ର ଜାଲିଆତି ଏବଂ ଜାଲ କମ୍ପାନୀ ମାଧ୍ୟମରେ ଅର୍ଥ ହେରଫେରର ପ୍ରମାଣ ମିଳିଛି । ଏହି ମାମଲା ମନିଲଣ୍ଡରିଂ ସହିତ ଜଡିତ, ଯେଉଁଥିରେ ହଜାର ହଜାର କୋଟି ଟଙ୍କାର ଅନିୟମିତତା ହୋଇଥିବା ସନ୍ଦେହ କରାଯାଉଛି । ଇଡି ମନିଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ଏହି ଚଢ଼ଉ କରିଛି । କୁହାଯାଉଛି ଯେ ଏଥିରେ ଅନୀଲ ଅମ୍ବାନୀଙ୍କ ସହ ଜଡିତ ପ୍ରାୟ ୫୦ଟି କମ୍ପାନୀ ଏବଂ ୨୫ ରୁ ଅଧିକ ବ୍ୟକ୍ତିବିଶେଷଙ୍କ ଠିକଣାରେ ଚଢ଼ଉ କରାଯାଉଛି । ସିବିଆଇ ଅନୀଲଙ୍କ କମ୍ପାନୀ ବିରୋଧରେ ଦୁଇଟି ପୃଥକ ଏଫ୍‌ଆଇଆର୍ ରୁଜୁ କରିଥିବା ବେଳେ ଇଡି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । କୁହାଯାଉଛି ଯେ ଏକ ସୁଚିନ୍ତିତ ଯୋଜନା ମୁତାବକ ବ୍ୟାଙ୍କ, ନିବେଶକ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ଠକେଇ କରାଯାଇଥିଲା । ଏମିତିକି ୟସ୍ ▶ପୃଷ୍ଠା-୭

## ସରକାରଙ୍କୁ ନବୀନଙ୍କ 'ମହାନଦୀ' ପ୍ରଶ୍ନ

# ସ୍ପଷ୍ଟ କରନ୍ତୁ 'ଆପୋସ' ସଂଜ୍ଞା



- **ମହାନଦୀ ଓଡ଼ିଶାର ଆତ୍ମା, ଜୀବନରେଖା**
- **ଦୁର୍ବଳ କରାଯାଉଛି କି ଓଡ଼ିଶାର ନ୍ୟାଯ୍ୟ ଦାବି**
- **ରାଜ୍ୟବାସୀଙ୍କୁ କାହିଁକି ବିଶ୍ୱାସକୁ ନିଆଯାଉନି**
- **ଆଇନଗତ ଲଢ଼େଇ ଜାରି ରଖିବେ ନା ଓହରିବେ**
- **ସର୍ବଦଳୀୟ ବୈଠକ ଡାକନ୍ତୁ ରାଜ୍ୟ ସରକାର**

**ଭୁବନେଶ୍ୱର, ୨୪।୭ (ସମିସ):** ମହାନଦୀ ଜଳ ବିବାଦ ସମସ୍ୟାକୁ ନେଇ ଆଜି ରାଜ୍ୟ ସରକାରଙ୍କ ସାମ୍ନାରେ ଏକାଧିକ ଗମ୍ଭୀର ପ୍ରଶ୍ନ ଉପସ୍ଥାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଆପୋସ ବୁଝାମଣା ଜରିଆରେ ମହାନଦୀ ଜଳ ସମସ୍ୟାର ସମାଧାନ ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି ବୋଲି ସରକାରୀ ଭାବେ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ(ଏଜି) ମଧ୍ୟ ଏ ନେଇ ସୂଚନା ଦେଇଛନ୍ତି । ତେବେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ହୋଇଥିବା ଏହି ପାରସ୍ପରିକ ବୁଝାମଣା (ଆପୋସ) କ'ଣ ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଓଡ଼ିଶା କ'ଣ ଆଇନଗତ ଲଢ଼େଇରୁ ଓହରିଯିବା ପାଇଁ ନିଜକୁ ପ୍ରସ୍ତୁତ କରୁଛି କି ବୋଲି ନବୀନ ପ୍ରଶ୍ନ ଉଠାଇବା ସହ ଏହାଦ୍ୱାରା ଓଡ଼ିଶାର ହକ୍ ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି । ଏପରିକି ମହାନଦୀ ପାଣିକୁ ନେଇ ଓଡ଼ିଶାର ଯଥାର୍ଥ ଓ ନ୍ୟାଯ୍ୟ ଦାବିକୁ କଣ ବନ୍ଦଦ୍ୱାର ପଛପଟେ ଦୁର୍ବଳ କରିଦିଆଯାଉଛି ବୋଲି ନବୀନ ଶାଣିତ ପ୍ରଶ୍ନ କରିଛନ୍ତି । ବିରୋଧୀ ଦଳଙ୍କୁ ବିଶ୍ୱାସକୁ ନେଇ ରାଜ୍ୟ ସରକାର ତୁରନ୍ତ ସର୍ବଦଳୀୟ ବୈଠକ ଡାକିବା ଆବଶ୍ୟକ ବୋଲି ପରାମର୍ଶ ଦେଇଛନ୍ତି ନବୀନ ପଟ୍ଟନାୟକ ।

ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ସୂଚନା ଦେଇ ନବୀନ କହିଛନ୍ତି ଯେ ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା । ଛତିଶଗଡ଼ର ବିଜେପି ସରକାରଙ୍କ ସହିତ କେଉଁ ପ୍ରକାରର ଆପୋସ ବୁଝାମଣା ପାଇଁ ବିଚାର କରାଯାଉଛି କିମ୍ବା ଏନେଇ ନିଷ୍ପତ୍ତି ନିଆସରିଛି, ତାହା ସରକାର ସର୍ବଦଳୀୟ ବୈଠକରେ ସ୍ପଷ୍ଟ କରିବା ଉଚିତ । ଓଡ଼ିଶା କ'ଣ ଆଇନଗତ ପଥରୁ ଓହରି ଯାଉଛି ନା ଟ୍ରିବ୍ୟୁନାଲରେ ନିଜ ଲଢ଼େଇ ଜାରି ରଖିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି । ଆସନ୍ତା ଅଗଷ୍ଟ ୨ ତାରିଖରେ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି ନେଇ ତାରିଖ ଧାର୍ଯ୍ୟ ହୋଇଛି । ଶୁଣାଣିକୁ ଆଉ ମାତ୍ର ୮ ଦିନ ବାକି ରହିଛି । ହାତରେ ଏତେ କମ୍ ସମୟ ଥିଲେ ମଧ୍ୟ ସରକାର ଏନେଇ ଚୁପ୍ କଣ ପାଇଁ ବୋଲି ପ୍ରଶ୍ନ କରିଛନ୍ତି ନବୀନ । ସରକାର କାହିଁକି ବିଭିନ୍ନ ରାଜନୈତିକ ଦଳ, ଅଂଶୀଦାର ଏବଂ ସାଧାରଣ ଲୋକଙ୍କୁ ବିଶ୍ୱାସକୁ ନେଉନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି । ▶ପୃଷ୍ଠା-୭

# ବିହାର ଭୋଟର ତାଲିକା ପ୍ରସଙ୍ଗରେ ସଂସଦ ଅଚଳ




**ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦର ଉଭୟ ଗୃହ ଆଜି ମଧ୍ୟ ଅଚଳ ରହିଛି । ଚଳିତ ମୌସୁମୀ ଅଧିବେଶନର ପ୍ରଥମ ଦିନ (ସୋମବାର) ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଆଲୋଚନା ଦାବିରେ ବିରୋଧୀ ସଭ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦ ଅଚଳ ରହିଥିବା ବେଳେ ଅବଶିଷ୍ଟ ତିନି ଦିନ ବିହାର ପ୍ରସଙ୍ଗରେ ଅଚଳ ରହିଛି । ବିରୋଧୀ ଦଳମାନେ ଅଭିଯୋଗ କରିଛନ୍ତି ଯେ ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନରେ ଲକ୍ଷାଧିକ ବୈଧ ଭୋଟରଙ୍କୁ ବାଦ୍ ଦିଆଯାଇଛି । ଏହା ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ସଂସଦରେ ଏହା ଉପରେ ଆଲୋଚନା କରାଯିବା ଉଚିତ । ▶ପୃଷ୍ଠା-୭



**ଆମେରିକୀୟଙ୍କ ପାଇଁ ପ୍ରଥମେ ଚାକିରି ଦିଅ**

**ଚୀନ୍‌ରେ କାରଖାନା ସ୍ଥାପନ ବନ୍ଦ କର**

## ଆମେରିକୀୟ ଆଇଟି କମ୍ପାନୀଙ୍କୁ ଟ୍ରମ୍ପଙ୍କ ନିର୍ଦ୍ଦେଶ

# ଭାରତୀୟଙ୍କୁ ଚାକିରି ଦିଅନି

**ୱାଶିଂଟନ୍, ୨୪।୭ (ଏଜେନ୍ସି):** ବିବାଦୀୟ ବୟାନ ପାଇଁ ଜଣାଶୁଣା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଆଉ ଏକ ତୋଗଲକୀ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏଥର ଟ୍ରମ୍ପ ଗୁଗଲ୍, ମାଇକ୍ରୋସଫ୍ଟ ଏବଂ ମେଟା (ଫେସବୁକ୍) ଭଳି ଦେଶର ବଡ଼ ବଡ଼ ଟେକ୍ କମ୍ପାନୀଗୁଡ଼ିକୁ ଏକ କଡ଼ା ବାର୍ତ୍ତା ଦେଇ ଭାରତୀୟମାନଙ୍କୁ ଚାକିରି ନ ଦେବାକୁ ରୋକ୍‌ଠୋକ୍ ମନା କରିଦେଇଛନ୍ତି ।

ବୁଧବାର ୱାଶିଂଟନଠାରେ ଏକ ଏଆଇ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି ଯେ ଆମେରିକୀୟ କମ୍ପାନୀଗୁଡ଼ିକ ଏବେ ଚୀନରେ କାରଖାନା ନିର୍ମାଣ କରିବା କିମ୍ବା ଭାରତୀୟ ଟେକ୍ କର୍ମଚାରୀଙ୍କୁ ଚାକିରି ଦେବା ପରିବର୍ତ୍ତେ ନିଜ ଦେଶରେ ଚାକିରି ସୃଷ୍ଟି କରିବା ଉପରେ ଧ୍ୟାନ ଦେବା ଉଚିତ୍ । ଟ୍ରମ୍ପ ଟେକ୍ ଶିଳ୍ପର ବିଶ୍ୱବାଦୀ ମାନସିକତାକୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ଏହି ମନୋଭାବ ▶ପୃଷ୍ଠା-୭

# ଲୋକସେବା ଭବନରୁ ନକଲି ପାସ୍‌ଧାରୀ ଗିରଫ

**ଭୁବନେଶ୍ୱର, ୨୪।୭ (ସମିସ):** ଲୋକସେବା ଭବନ ଗେଟରୁ ନକଲି ପାସଧାରୀକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ବାଲୁଗାଁର ସନ୍ଦୀପ କୁମାର ପ୍ରଧାନ (୩୦) । ପୁଲିସ ସୂଚନା ଅନୁସାରେ, ବୁଧବାର ଅପରାହ୍ଣରେ ସନ୍ଦୀପ ଲୋକସେବା ଭବନର ଗେଟ୍ ନମ୍ବର ୬ରେ ପରିଚୟପତ୍ର (ପାସ୍) ଦେଖାଇ ଭିତରକୁ ଯିବାକୁ ଉଦ୍ୟମ କରୁଥିଲା । ସେହି ସମୟରେ ଡ୍ୟୁଟିରେ ଥିବା ଏସ୍‌ଆଇ ମନୋରଞ୍ଜନ ମହାନ୍ତି ଉକ୍ତ ପାସ୍ ନକଲି ବୋଲି ସନ୍ଦେହ ▶ପୃଷ୍ଠା-୭

# ବିକ୍ରିହେବ ୮ ରାଷ୍ଟ୍ରାୟତ୍ତ କମ୍ପାନୀ

## ୫ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର କରିବେ କେନ୍ଦ୍ର ସରକାର

- **ଡିସେମ୍ବର ସୁଦ୍ଧା ସରିବ ଆଇଡିବିଆଇ ବ୍ୟାଙ୍କ ବିକ୍ରୟ ପ୍ରକ୍ରିୟା**
- **ସୂଚୀରେ ରହିଛି ସିଫି କର୍ପୋରେସନ, ହିନ୍ଦୁସ୍ତାନ ଲାଟେକ୍ସ**

**ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି):** ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର କେତେଗୁଡ଼ିଏ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି । ୮ଟି ରାଷ୍ଟ୍ରାୟତ୍ତ କମ୍ପାନୀ ବିକ୍ରି ସହ ୫ଟି ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର ପାଇଁ ଆପାତତଃ ନିଷ୍ପତ୍ତି ନେଇଛନ୍ତି । ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୮ଟି ବଡ଼ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ବିକ୍ରି ସୂଚୀରେ ରଖାଯାଇଛି । ଏହା ମଧ୍ୟରେ ରହିଛି ଭାରତ ଆର୍ଥ ମୁଭର୍ସ ଲିମିଟେଡ୍(ବିଇଏମ୍‌ଏଲ୍), ସିଫି କର୍ପୋରେସନ୍ ଅଫ୍ ଇଣ୍ଡିଆ(ସିପିଆଇ), ହିନ୍ଦୁସ୍ତାନ ଲାଟେକ୍ସ ଲିମିଟେଡ୍ (ଏଚ୍‌ଏଲ୍‌ଏଲ୍) ଲାଇଫକେୟାର୍ ଲିମିଟେଡ୍, ପ୍ରୋଜେକ୍ଟସ୍ ଆଣ୍ଡ ଡେଭଲପମେଣ୍ଟ ଇଣ୍ଡିଆ ଏବଂ ଇଣ୍ଡିଆନ୍ ମେଡିସିନ୍ସ ଫାର୍ମାସ୍ୟୁଟିକାଲ୍ କର୍ପୋରେସନ୍ । ଏହି କମ୍ପାନୀଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର ଦ୍ୱାରା କେନ୍ଦ୍ର ସରକାର ୮୦ ହଜାର କୋଟି ଟଙ୍କା ସଂଗ୍ରହ କରିବେ ବୋଲି ଅନୁମାନ କରାଯାଉଛି । ▶ପୃଷ୍ଠା-୭

# ଜୀବନ ହାରିଲେ ଦିବ୍ୟାଙ୍ଗ ଛାତ୍ରୀ

- **ବାହା ନ ହେଲେ ଭିଡିଓ ଭାଇରାଲ ଧମକ ଦେଇଥିଲା ଯୁବକ**
- **ମାନସିକ ଚାପ ସହ୍ୟ କରି ନ ପାରି ଓଢଣୀରେ ଝୁଲିପଡ଼ିଲେ**
- **ଅଭିଯୁକ୍ତକୁ ଗିରଫ କରିବା ପାଇଁ ପରିବାର ଲୋକଙ୍କ ଦାବି**

**ଭୁବନେଶ୍ୱର, ୨୪।୭ (ସମିସ):** ରାଜ୍ୟରେ ମହିଳା ନିର୍ଯାତନା ଘଟଣା ପ୍ରତିଦିନ ପଦାକୁ ଆସୁଥିବା ବେଳେ ଆଜି ଭୁବନେଶ୍ୱରରୁ ଏଭଳି ଘଟଣା ଦେଖିବାକୁ ମିଳିଛି । ଜଣେ ଦିବ୍ୟାଙ୍ଗ ଛାତ୍ରୀ ବ୍ଲାକ୍‌ମେଲିଂର ଶିକାର ହୋଇ ଶେଷରେ ଓଢ଼ଣୀ ଲଗାଇ ଝୁଲି ପଡ଼ିଛନ୍ତି । ଚନ୍ଦ୍ରଶେଖରପୁର ଥାନା ଡମଣାସାହିରେ ଏଭଳି ଘଟଣା ଘଟିଛି । ମୃତ ଯୁବତୀଜଣଙ୍କ ହେଲେ ରାୟଗଡ଼ା ଜିଲ୍ଲାର ଅନୁପମା ନାୟକ । ଖବର ପାଇ ପୁଲିସ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି । ପୁଲିସ କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି ।

ଏହି ମାମଲାରେ ପରିବାର ଲୋକ ସଂଗିନ ଅଭିଯୋଗ ଆଣି କହିଛନ୍ତି ଯେ ତାଙ୍କ ଝିଅ ଆତ୍ମହତ୍ୟା ପଛରେ ଜଣେ ଯୁବକଙ୍କ ହାତ ରହିଛି । ତୁରନ୍ତ ସେହି ଯୁବକକୁ ଗିରଫ କରିବା ପାଇଁ ସେମାନେ ଦାବି କରିଛନ୍ତି । ଯୁବକଜଣଙ୍କ ୩ ମାସ ତଳେ ଜବରଦସ୍ତି ବିବାହ କରିବାକୁ ଛାତ୍ରୀଙ୍କୁ ଧମକ ଦେଇଥିଲେ । ବିବାହ ନ କଲେ ଭିଡିଓ ଭାଇରାଲ କରିବାକୁ କହିଥିଲେ । ଯେଉଁଥିପାଇଁ ଛାତ୍ରୀଜଣଙ୍କ ମାନସିକ ଚାପରେ ରହୁଥିଲେ । ଏହି କାରଣରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକ କହିଛନ୍ତି । ପୁଲିସ ତଦନ୍ତ କରି ଉକ୍ତ ଯୁବକଙ୍କୁ ଗିରଫ କଲେ ତାଙ୍କ ଝିଅକୁ ନ୍ୟାୟ ମିଳିବ ବୋଲି କହିଛନ୍ତି । ଛାତ୍ରୀଜଣଙ୍କ ଏକ ବର୍ଷ ହେବ ଭୁବନେଶ୍ୱର ଆସି ଚନ୍ଦ୍ରଶେଖରପୁର ଥାନା ଡମଣାସାହିରେ ରହୁଥିଲେ । ପ୍ରଥମେ ସେ ଏକ ▶ପୃଷ୍ଠା-୭




ଗଣ୍ଡାପାଜୁ ଦୁର୍ଲଭା ନାଏକ ହତ୍ୟା ମାମଲା

# ସ୍ୱାମୀକୁ ଆଜୀବନ କାରାଦଣ୍ଡାଦେଶ

**ବୌଦ୍ଧ, ୨୪।୭ (ସମିସ):** ବୌଦ୍ଧ ଜିଲ୍ଲା ଜିଲ୍ଲା ଓ ଦୌରା ଜଜଙ୍କ ଅଦାଲତରେ ପୁରୁଣାକଟକ ଥାନା ଗଣ୍ଡାପାଜୁ ଗ୍ରାମର ଦୁର୍ଲଭା ନାଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ସ୍ୱାମୀ କିଶୋରୀ ନାଏକଙ୍କୁ ଜିଲ୍ଲା ଓ ଦୌରାଜଜ ପ୍ରତାପ କୁମାର ପାତ୍ରକୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତ ତା ୨୨.୦୭.୨୦୨୩ ରିଖରେ ଗଣ୍ଡାପାଜୁ ଗ୍ରାମର କିଶୋରୀ ନାଏକ ନିଜ ପତ୍ନୀ ଦୁର୍ଲଭା ନାଏକ ସାମାନ୍ୟ ଘଟଣାକୁ ନେଇ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା। ପୁରୁଣା କଟକ ଥାନାରେ ଏ ନେଇ କନ୍ଧମାଳ ଜିଲ୍ଲା ଚକାପାଦ ଗ୍ରାମର ଦୁର୍ଲଭାଙ୍କ ବାପା ପୁରନ୍ଦର ନାଏକ ଲିଖିତ ଅଭିଯୋଗ କରିଥିଲେ। ବୁଧବାର ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି ଓ ମାନ୍ୟବର ଜିଲ୍ଲା ଜଜ ପ୍ରତାପ କୁମାର ପାତ୍ର ପତ୍ନୀ ହତ୍ୟାକାରୀ କିଶୋରୀ ନାଏକକୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି।ଜରିମାନା ଅନାଦେୟ ହେଲେ ୬ ମାସ୍ ଅତିରିକ୍ତ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପି ପି ସବିତା କୁମାରୀ ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ଉପାନ୍ତ ନଙ୍ଗଲବୋର୍ଡରେ ଅଣାୟତ୍ତ ଝାଡ଼ାବାନ୍ତି

ସିନାପାଲି, ୨୪।୭ (ସମିସ)

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଉପାନ୍ତ ନଙ୍ଗଲବୋର୍ଡ ଗ୍ରାମରେ ଦେଖାଦେଇଥିବା ଝାଡ଼ା ବାନ୍ତି ରୋଗ କମିବାର ନାଁ ଧରୁନି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା

**ସଂକ୍ରମଣ ସଂଖ୍ୟା ୩୮ କୁ ବୃଦ୍ଧି**

**ଆଜି ଆସୁଛନ୍ତି ରାଜ୍ୟସ୍ତରୀୟ ଡାକ୍ତରୀ ବିଶେଷଜ୍ଞ ଦଳ**



ବେଳେ ଅଣାୟତ୍ତ ହୋଇ ୩୮କୁ ବୃଦ୍ଧି ପାଇଛି। ଗୁରୁବାର ପୁଣି ୪ ଜଣ ନୂଆ ରୋଗି ଚିହ୍ନଟ ହୋଇ ଚିକିତ୍ସିତ ହେଉଛନ୍ତି। ଏମାନେ ହେଲେ ଟାଙ୍ଗରୀ ପଡ଼ା ଗ୍ରାମ ର ଗୁନମଣି ମାଝି (୫୧), ଖଗେଶ୍ୱର ମାଝି(୧୯), କସ୍ତୁରୀ ମାଝି (୫) ଓ ଭଟ୍ଟାପାଣି କଳିଙ୍ଗ ଉଚ୍ଚ ବିଦ୍ୟାଳୟର ଛାତ୍ର ଅରୁଣ ବଂଜରା (୧୪)। ଏହି ଘଟଣାକୁ ନେଇ ଏକ ଡାକ୍ତରୀ ଦଳ ଅଞ୍ଚଳରେ ଡେରା ପକାଇଛନ୍ତି। ଚିକିତ୍ସା କାର୍ଯ୍ୟ ଜାରି ରହିଥିବା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଶ୍ରୀମାନ ସାହୁ ପ୍ରକାଶ କରିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ଶୁକ୍ରବାର ରାଜ୍ୟର ଏକ ସ୍ୱତନ୍ତ୍ର ଡାକ୍ତରୀ ବିଶେଷଜ୍ଞ ଦଳ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଅଞ୍ଚଳରେ ଝାଡ଼ା ବାନ୍ତି ବ୍ୟାପିବା ପରେ ନୂଆପଡ଼ା ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ରୋଗ ନିୟନ୍ତ୍ରଣ ଅଧିକାରିଣୀ ଡ.ମଞ୍ଜୁରାଣୀ ସିଂଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଅଞ୍ଚଳ ଯାଇ ସମୀକ୍ଷା କରିବା ସହ ପାଣି ନମୁନା ସଂଗ୍ରହ ଓ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ସଂକ୍ରମିତ ରୋଗୀଙ୍କୁ ପଚାରି ବୁଝିବା ସହ ଔଷଧ ବଣ୍ଟନ ସାଙ୍ଗକୁ ସଚେତନତା ସୃଷ୍ଟି କରିଥିଲେ। ହେଲେ ରୋଗ କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି। ଏହାଫଳରେ ଅଞ୍ଚଳର ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହି ଡାକ୍ତରୀ ଦଳ ସେଠାକାର ଅସ୍ୱାସ୍ଥ୍ୟକର ପରିବେଶ ପାଣି ବ୍ୟବହାର ଯୋଗୁଁ ଏହି ରୋଗ ବ୍ୟାପି ଥିବା ସ୍ପଷ୍ଟ କରିଥିଲେ।

ବାନେର-ଲଡୁଗାଁ ରାସ୍ତା ନିର୍ମାଣ ଲାଗି ଅନଶନ

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

**କୋକସରା/ଜୟପାଟଣା, ୨୪।୭ (ସମିସ):** ଜୟପାଟଣା ବ୍ଲକ ବାନେରଠାରୁ କୋକସରା ବ୍ଲକ ଲଡୁଗାଁକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ଅଧୀନରେ ଥିବା ରାସ୍ତା ଦୀର୍ଘ ବର୍ଷରୁ ଶୋଚନୀୟ ହୋଇ ରହିଛି। ଏହାକୁ ନେଇ ବୁଧବାରଠାରୁ ଅଞ୍ଚଳର ସଚେତନ ଯୁବକ ବିଘ୍ନରାଜ ପଣ୍ଡା, ଅନନ୍ତ ପଟ୍ଟନାୟକ ଓ ଚିନ୍ତାମଣି କୁମ୍ଭାର ପ୍ରମୁଖ ବାନେର ଛକଠାରେ ରାସ୍ତା ନିର୍ମାଣ ଦାବିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନ ଆରମ୍ଭ କରିଥିଲେ। ଗୁରୁବାର ଦିତୀୟ ଦିନରେ ଅନଶନ ପହଞ୍ଚିଥିବାବେଳେ ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଗୁରୁବାର କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଆନ୍ଦୋଳନ ସ୍ଥଳରେ ପହଞ୍ଚି ସେମାନଙ୍କୁ ସମର୍ଥନ ଜଣାଇବା ସହ ପ୍ରଶାସନିକ ଅଧିକାରୀଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ ଏବଂ ଘଟଣାସ୍ଥଳକୁ ଡକାଇ ସମାଧାନ ପାଇଁ ହସ୍ତକ୍ଷେପ କରିଥିଲେ। ଜୟପାଟଣା ବିଡ଼ିଓ ଧର୍ମରାଜ ମାଝୀ, ତହସିଲଦାର ରଘୁନାଥ ମୁଣ୍ଡାରୀ, ଜୟପାଟଣା ବ୍ଲକ ଅଧ୍ୟକ୍ଷ ଥବୀର ବାଗ, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଡି.ସି ଟୁଡୁ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଅନଶନରେ ବସିଥିବା ଯୁବକମାନଙ୍କ ସହ ଆଲୋଚନା କରିଥିଲେ। ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇ ସାରିଛି। ୨ଟି ପର୍ଯ୍ୟାୟରେ ରାସ୍ତା ନିର୍ମାଣ କାର୍ଯ୍ୟ ହେବ ବୋଲି ସୂଚନା ଦେଇଥିଲେ। ରାସ୍ତା ନିର୍ମାଣ ନ ହେବା ପର୍ଯ୍ୟନ୍ତ ସାମୟିକ ଭାବେ ରାସ୍ତା ମରାମତି କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବାପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି



■ ବୀରମହାରାଜପୁର ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

# କଠୋର ପରିଶ୍ରମ କଲେ ସଫଳତା ମିଳେ

**ସୁବଲୟା, ୨୪।୭ (ସମିସ):** କଠୋର ପରିଶ୍ରମ ସଫଳତାର ମହାମନ୍ତ୍ର। ଯେଉଁ ଛାତ୍ରମାନେ ଯେତିକି ପରିଶ୍ରମ କରିବେ ସେମାନେ ସେତିକି ଆଗକୁ ଯିବେ। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟରେ ଯୁକ୍ତଦୁଇ ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବରେ ଅତିଥି ଏପରି ମତ ଦେଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଧ୍ୟାପିକା ଗୀତାଞ୍ଜଳି ପୂଜାରୀ, ରାଜନୀତି ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଶିବକୁମାର ପୁରୋହିତ, ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ବିଜୟ ପଧାନ, ଓଡ଼ିଆ ଅଧ୍ୟାପିକା ଜାମିନୀ ଦାଶ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ମହାବିଦ୍ୟାଳୟର ନୀତି, ନିୟମ, ସିଏଚ୍‌ଏସ୍‌ଇ ସିଲାବସ, ଇ-ବୁକ୍, ରାଗିଙ୍ଗ୍, ଆଗସୁରକ୍ଷା, ଆଇସିସି ସମ୍ପର୍କରେ ଅବଗତ କରାଯାଇଥିଲା। ଇତିହାସ ଅଧ୍ୟାପିକା ଡ. ବନ୍ଦିତା ବିଶ୍ୱାଳ ସଭା ପରିଚାଳନା କରିଥିବାବେଳେ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ସୁପ୍ରଭା ନନ୍ଦ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଦିବାକର ଭୋଇ, ଶ୍ରୀରାମ ଦେହୁରୀ, କଳାକାହ୍ନୁ ପଧାନ ପ୍ରମୁଖ ସହଯୋଗ କରିଥିଲେ।




# ଆଇଏଏସ୍ ଧୀମାନ ଚକମାଙ୍କୁ ଜାମିନ ମିଳିଲା

**ଭବାନୀପାଟଣା, ୨୪।୭ (ସମିସ):** କଳାହାଣ୍ଡି ଜିଲ୍ଲାରେ ବହୁ ଚର୍ଚ୍ଚିତ ଧର୍ମଗଡ଼ ଉପ ଜିଲ୍ଲାପାଳ ଧୀମାନ ଚକମା (ଆଇଏଏସ) ଜେଲ୍ ଯିବା ଘଟଣାରେ ଗୁରୁବାର ହାଇକୋର୍ଟ ଶୁଣାଣି କରି ଜାମିନ ମଞ୍ଜୁର କରିଛନ୍ତି। ଜଣେ ବ୍ୟବସାୟୀଙ୍କଠାରୁ ସେ ୧୦ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲ୍ ଯାଇଥିଲେ। ପ୍ରଥମେ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଗତମାସ ୧୭ ତାରିଖରେ ଜାମିନ ଲାଗି ଆବେଦନ କରାଯାଇଥିଲା। ବିଚାରପତି କିନ୍ତୁ ନାମଞ୍ଜୁର କରିଦେଇଥିଲେ। ଏହାପରେ ତାଙ୍କ ଓକିଲ ଜୁନ୍ ୧୯ ରେ ଉଚ୍ଚ ନ୍ୟାୟାଳୟରେ ଜାମିନ ଲାଗି ଆବେଦନ କରିଥିଲେ। ଶେଷରେ ଉଚ୍ଚ ନ୍ୟାୟାଳୟ ଆବେଦନର ଶୁଣାଣି କରିଛନ୍ତି। ୫ ଲକ୍ଷ ଟଙ୍କାର ୨ ଜାମିନଦାରଙ୍କ ବଦଳରେ ଜାମିନ ମିଳିଛି। ହାଇକୋର୍ଟରୁ ଜାମିନ ସଂକ୍ରାନ୍ତୀୟ କାଗଜପତ୍ର ପହଞ୍ଚିବା ପରେ ସେ ଭବାନୀପାଟଣା ଜେଲରୁ ବାହାରିବେ। ଗତ ମାସ ୮ ତାରିଖରେ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ ଏବଂ କଳାହାଣ୍ଡି ଭିଜିଲାନ୍ସ ଦ୍ୱାରା ସେ ଧରା ପଡ଼ିଥିଲେ। ଜୁନ ୯ ତାରିଖରେ ଚକମାଙ୍କୁ ଜେଲର ଚାରିକାନ୍ଥ ଭିତରେ ରହିବାକୁ ପଡ଼ିଥିଲା।

# ମହୁଲ ପୋଚ ନଷ୍ଟ ସହ ରନ୍ଧା ମଦ ଜବତ

**ମ.ରାମପୁର, ୨୪।୭ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ସିରଗୁନ ଗାଁ ନିକଟ ଜଙ୍ଗଲରେ ଅବକାରୀ ବିଭାଗ ଚଢ଼ଉ କରି ୪ ହଜାର ଲିଟର ମହୁଲ ପୋଚ ସହ ୮୦ ଲିଟର ରନ୍ଧା ମଦ ଜବତ କରି ନଷ୍ଟ କରିଛି; ହେଲେ କାହାରିକୁ ଗିରଫ କରିପାରିନି। ଏନେଇ ଏକ କେଶ୍ ରୁଜୁ କରାଯାଇଛି। ତଦନ୍ତ ଜାରି ରହିଛି ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ଚଢ଼ଉରେ ଭବାନୀପାଟଣା ଅବକାରୀ ବିଭାଗ ଇନ୍ସପେକ୍ଟର ହେମନ୍ତ ସୁନା, ସବ୍‌ଇନସ୍ପେକ୍ଟର ଦେବାଶିଷ ସିରଦର, ଏଏସଆଇ ଆର୍ତ୍ତତ୍ରାଣ ବହିଦାର, କନେଷ୍ଟବଳ ବାଲେଶ୍ୱର ଧଙ୍ଗଡ଼ାମାଝୀ, ସୀମାଞ୍ଚଳ ମାଝୀ, ପ୍ରଦ୍ୟୁମ୍ନ ନାଏକ, ବିନତ କୁମାର, ଅଶୋକ ପଧାନ ପ୍ରମୁଖ ସାମିଲ ଥିଲେ।

# ବସ୍-ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ, ୩ଗୁରୁତର

**ବୌଦ୍ଧ, ୨୪।୭ (ସମିସ):** ବସ୍ ବାଇକ ମୁହାଁମୁହିଁ ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ତିନି ଗୁରୁତର ହୋଇଛନ୍ତି। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଠାରେ ଏଭଳି ସଡକ ଦୁର୍ଘଟଣା ଘଟିଛି। ମୃତକ ଜଣକ ପୁରୁଣାକଟକ ଥାନା ବଘୁଆକଟାଗ୍ରାମର କାହ୍ନା ମଲିକ। ସୂଚନା ଅନୁଯାଇ କାହ୍ନା ମଲିକ ରାମ୍ଭିକଟା ଗ୍ରାମର ନିଜ ଭଉଣୀ ମମତା ନାଏକ, ଭିଣୋଇ ବିମଳ ନାଏକ ଓ ୨ବର୍ଷର ଭଣଜାକୁ ଏକ ବାଇକ୍ ଯୋଗେ କୌଣସି କାର୍ଯ୍ୟରେ ଚାରିଛକ ଯାଉଥିବା ବେଳେ ବିପରୀତ ଦିଗରୁ ଡ୍ରାଇଭର ସଂଘର ରିଜରଭେସନ ବସ୍ ପୁରୁଣାକଟକ ବଜାର ନିକଟରେ ମୁହାଁମୁହିଁ ଧକ୍କା ଦେଇଥିଲା ଫଳରେ ଘଟଣା ସ୍ଥଳରେ କାହ୍ନାର ମୃତ୍ୟୁ ଘଟିଥିବା ବେଳେ ଗୁରୁତରଙ୍କୁ ବୌଦ୍ଧ ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବସ୍ କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ରିଜରଭେସନରେ ଦେବଗଡ଼ ଜିଲ୍ଲାର ଏକ ବୈଠକ ଅଭିମୁଖେ ଯାଉଥିବା ସୂଚନା ମିଳିଥିବା ବେଳେ ପୁରୁଣାକଟକ ପୁଲିସ ବସ୍ ଜବତ କରିବା ସହିତ ଘଟଣାର ତଦନ୍ତ ଚଳାଇଛି।

# ଜିଲ୍ଲା କୋର୍ଟ ପରିସରରୁ ଅସହାୟ ବୃଦ୍ଧା ଉଦ୍ଧାର



**ବୌଦ୍ଧ, ୨୪।୭ (ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଜିଲ୍ଲା କୋର୍ଟ ପରିସରରୁ ଜଣେ ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କରିଛି ଜିଲ୍ଲା ପ୍ରଶାସନ। ମିଳିଥିବା ସୂଚନା ଅନୁଯାୟୀ ବୁଟୁପାଲି ଠାରେ ନିଜ ସ୍ୱାମୀ ରାଘବ ପାତ୍ରଙ୍କ ସହ ବୟସ୍କା ଭିନ୍ନକ୍ଷମ ବୃଦ୍ଧା ଲକ୍ଷ୍ମୀ ପାତ୍ର ରହି ଆସୁଥିଲେ। ୨୦୦୫ ମସିହାରେ ବୌଦ୍ଧ ଥାନା ଛତନିଆକଟା ଗ୍ରାମରେ ଘଟିଥିବା ନବୀନ ପ୍ରଧାନ ହତ୍ୟାକାଣ୍ଡ ମାମଲାରେ ଅଦାଲତ ରାଘବ ପାତ୍ରଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଫଳରେ ସ୍ୱାମୀ ଜେଲ ଯିବା ପରେ ଲକ୍ଷ୍ମୀଙ୍କ ସେବା ଶୁଶ୍ରୂଷା ପାଇଁ କେହି ନଥିବାରୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ରାୟ ଲକ୍ଷ୍ମୀ ପାତ୍ରଙ୍କୁ ଉଦ୍ଧାର ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନର ନିର୍ଦ୍ଦେଶକ୍ରମେ ବୁଧବାର ସନ୍ଧ୍ୟାରେ ଏସଯୁଏଚ ପକ୍ଷରୁ ଉଦ୍ଧାର କରାଯାଇଥିବା ବେଳେ ଆସନ୍ତାକାଲି ଝାଡ୍ରାଜିଙ୍ଗ ଜରାଶ୍ରମକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ସର୍ବ ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ଧର୍ମଗଡ଼, ୨୪।୭ (ସମିସ):** ଗୋଲାମୁଣ୍ଡା ସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୦୨୫-୨୬ ଶିକ୍ଷାବର୍ଷରେ +୨ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପ୍ରଥମ ବାର୍ଷିକ ଛାତ୍ରୀଛାତ୍ରଙ୍କ ସକାଶେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜକାନ୍ତ ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ନବାଗତ ବିଦ୍ୟାର୍ଥୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ବିଜୟ ସାହୁ, ପ୍ରତାପ ଚନ୍ଦ୍ର ନାୟକ, ପ୍ରବୀର ରାୟ, ଶାନ୍ତନୁ ପରିଡ଼ା, କବିପ୍ରସାଦ ପଟ୍ଟନାୟକ, ପ୍ରଦୀପ ମିଶ୍ର, ସନ୍ଦୀପ କାନୁନଗୋ, ଯଯାତି କେଶରୀ ରାଉତ, ତ୍ରିନାଥ ପଟ୍ଟନାୟକ, ଶୋଭାଗିନୀ ନାୟକ, ପ୍ରିୟମ୍ବଦା ରଥ, ଲିଙ୍ଗେଶ୍ୱର ମେହେର, କ୍ଷୀରସିନ୍ଧୁ ବାରିକ, ପ୍ରସନ୍ନ ପ୍ରଧାନ, ଦିଲ୍ଲୀପ ସ୍ୱାଇଁ, ପ୍ରମୋଦ ମହାନ୍ତି, ବୈକୁଣ୍ଠ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ‘କମାଲ କା ଶିବିର’ର ଉଦ୍‌ଯାପନୀ ଉତ୍ସବ

**ଖପ୍ରାଖୋଲ, ୨୪।୭ (ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ପଞ୍ଚାୟତ ସଭାଗୃହରେ ଲୋକ ଉନ୍ନତି ସଙ୍ଗଠନ ତରଫରୁ କମାଲ କା ଶିବିରର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ପାଠପଢ଼ାରେ ପଛୁଆ ଥିବା ଛାତ୍ରୀମାନଙ୍କୁ ସ୍ୱେଚ୍ଛାସେବୀ ଭାବରେ ତାଲିମ ଦିଆଯାଇ ସେମାନଙ୍କୁ ଉପଢୌକନ ସହ ତାଲିମ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଲୋକ ସଂଗଠନ ବଲାଙ୍ଗୀର ତରଫରୁ ଖପ୍ରାଖୋଲ ବ୍ଲକରେ ଥିବା ବିଭିନ୍ନ ପଞ୍ଚାୟତର ୧୦୦ଟି ଗ୍ରାମରେ ଛାତ୍ରଛାତ୍ରୀଙ୍କୁ ଖରାଦିନିଆ ପାଠ ଖେଳ ଓ ଗପ ମାଧ୍ୟମରେ ପାଠ ପଢ଼େଇବା। ଏଥି ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଦିଆଯାଇ ଥିଲା ଏବେ ସେହିମାନଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥି ଭାବରେ ହୃଷୀକେଶ ବେହେରା, ଶ୍ରୀମତୀ ସେଲମା, ପ୍ରଭାସିନୀ ମେହେର, ପଦ୍ମାବତୀ ମେହେର, ଦିବ୍ୟ ବେହେରା ଉପସ୍ଥିତ ଥିବା ବେଳେ ଲୋକ ଉନ୍ନତି ସଙ୍ଗଠନର ବ୍ଲକ ସଂଯୋଜକ ସୁଭଦ୍ରା ସୁନା, ଜନସାଥି ସୁଦେଷ୍ଣା ଭୋଇ, ଅଭିଳାଷ ଭୋଇ, ସରୋଜିନୀ ସାହୁ ଉପସ୍ଥିତ ଥିଲେ।




ଆନ୍ତଃଜିଲ୍ଲା ସାହାଣୀକପ୍ ଫୁଟ୍‌ବଲ୍ ଚାମ୍ପିଅନସିପ୍

# କ୍ୱାର୍ଟର ଫାଇନାଲରେ ବରଗଡ଼ ଓ ସମ୍ବଲପୁର

**ବୌଦ୍ଧ, ୨୪।୭ (ସମିସ):** ଓଡ଼ିଶା ଫୁଟବଲ ଆସୋସିଏସନ ଓ ରାଜ୍ୟ କ୍ରୀଡ଼ା ଯୁବ ବ୍ୟାପାର ବିଭାଗ ସହାୟତାରେ ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନ ଦ୍ୱାରା ଆୟୋଜିତ ବୌଦ୍ଧ ଜୋନ୍‌ସ୍ତରୀୟ ଆନ୍ତଃ ଜିଲ୍ଲା ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ଅଷ୍ଟମ ଦିନରେ ଗ୍ରୁପ 'ବି'ର ପ୍ରଥମ ମ୍ୟାଚ୍ ସମ୍ବଲପୁର ଓ ବୌଦ୍ଧ ମଧ୍ୟରେ ହୋଇଯାଇଛି। ଏଥିରେ ସମ୍ବଲପୁର ଦଳ ୩-୦ ଗୋଲ୍‌ରେ ବିଜୟୀ ହୋଇଛି। ପ୍ରଥମାର୍ଦ୍ଧରେ ଖେଳଆରମ୍ଭର ୨ ମିନିଟରେ ସମ୍ବଲପୁରର ଛବିଳ କିଷାନ ଗୋଟିଏ, ୩୧ ମିନିଟରେ ସମ୍ବଲପୁରର ବିଜୁ ଓରାମ ଗୋଟିଏ ଗୋଲ୍ ଦେଇ ୨-୦ରେ ଆଗୁଆ ଥିଲେ। ଦ୍ୱିତୀୟାର୍ଦ୍ଧରେ ୮୨ ମିନିଟରେ ସମ୍ବଲପୁରର ସନ୍ତୋଷ ମୁଣ୍ଡା ଗୋଟିଏ ଗୋଲ୍ ଦେଇ ୩-୦ ଗୋଲ୍‌ରେ ଦଳକୁ ବିଜୟୀ କରିଛନ୍ତି। ପ୍ରଥମ ମ୍ୟାଚ୍ ମୁଖ୍ୟ ରେଫରୀ ଭାବେ ଦେବାଶିଷ ବାଗ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନରେ ଧନେଶ୍ୱର ସର୍ଦ୍ଦାର ଓ ସଞ୍ଜନ କୁଦେଇ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ସୂର୍ଯ୍ୟନାରାୟଣ ମିର୍ଦ୍ଧା ଦାୟିତ୍ୱ ତୁଲାଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ବଲାଙ୍ଗୀର ଓ କନ୍ଧମାଳ ମଧ୍ୟରେ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ୩୮ ମିନିଟରେ କନ୍ଧମାଳର ଏସ୍.କେ ଫରିଦ ଗୋଟିଏ ଓ ୬୯ ମିନିଟରେ ଦେବାଶିଷରାମ ମାରାଣ୍ଡି ଗୋଟିଏ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ୮୦ ମିନିଟରେ ବଲାଙ୍ଗୀରର ସମ୍ବିତ ନାଏକ ଗୋଟିଏ ଗୋଲ୍ କରିଥିଲେ।ଫଳରେ ୨-୧ ଗୋଲରେ କନ୍ଧମାଳ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ଅତିଥି ଭାବେ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ବରିଷ୍ଠ କଂଗ୍ରେସ ନେତା ନାରାୟଣ ପ୍ରସାଦ ପରିଜା, ବରିଷ୍ଠ କଂଗ୍ରେସ ନେତା ସୁଧୀର କୁମାର କର୍ଣ୍ଣ, ପୂର୍ବତନ ଫୁଟବଲ ଖେଳାଳୀ ଶ୍ୟାମ ସୁନ୍ଦର ମହାପାତ୍ର, ସମାଜସେବୀ ଶୁଭେନ୍ଦୁ ପଟ୍ଟନାୟକ, ସନ୍ତୋଷ ଟ୍ରଫି ଖେଳାଳି ସତ୍ୟପ୍ରକାଶ ଦାଶ ଯୋଗଦେଇ ଖେଳାଳିଙ୍କ ସହିତ ପରିଚିତ ହେବାସହ ଉତ୍ସାହିତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌କୁ ମୁଖ୍ୟରେଫରୀ ଭାବେ ରୋସନ ଖାନ ପରିଚାଳନା କରିଥିବା ବେଳେ ଲାଇନରେ ସଲିଲ କୁମାର ବେହେରା ଓ ଜିତେନ୍ଦ୍ରୀୟ ଥନାପତି ସହାୟତା କରିଥିଲେ। ସେହିପରି ଚତୁର୍ଥ ରେଫରୀ ଭାବେ ପ୍ରଶାନ୍ତ କୁମାର ବେହେରା ଦାୟିତ୍ୱ ତୁଲାଇଥିଲେ।ଉଭୟ ମ୍ୟାଚକୁ ମ୍ୟାଚ୍ କମିଶନର ଭାବେ ଦୁର୍ଗାମାଧବ ନାୟକ ପରିଚାଳନା କରିଥିଲେ।ଆସନ୍ତାକାଲି (ଶୁକ୍ରବାର) କ୍ୱାଟର ଫାଇନାଲରେ ବରଗଡ଼ ଓ ସମ୍ବଲପୁର ମୁହାଁମୁହିଁ ହେବେ।



ଉପାନ୍ତରେ ବିକାଶର ବିକଳ ଚିତ୍ର

# ରାସ୍ତା ଖରାପରୁ ଟ୍ରାକ୍ଟରରେ ବୁହା ହେଲା ଆମ୍ବୁଲାନ୍ସ

ଶଗଡ଼ା, ୨୪।୭ (ସମିସ)

ରାସ୍ତା ଖରାପ ଯୋଗୁଁ ଅଧା ବାଟରେ ଆମ୍ବୁଲାନ୍ସ ଭାସି ଯାଇଥିବା ବେଳେ ତାକୁ ଏକ ଟ୍ରାକ୍ଟର ଉଦ୍ଧର କରି ଟାଣି ଟାଣି ନେଉଥିବା ଭଳି ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ଆମ୍ବୁଲାନ୍ସ ନ ଆସିବାରୁ ରୋଗୀକୁ ଖଟିଆରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହିବା ଭଳି ଦୃଶ୍ୟ ଆଗରୁ ଅନେକ ଘଟିଥିବା ବେଳେ ବର୍ତ୍ତମାନ ଆମ୍ବୁଲାନ୍ସକୁ ଟ୍ରାକ୍ଟର ସାହାଯ୍ୟରେ ଟାଣି ଟାଣି ନେବାର ବିରଳ ଚିତ୍ର ଦେଖିବାକୁ ମିଳିଛି। ଏଭଳି ଏକ ବିକାଶର ଚିତ୍ର ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ଅନ୍ତର୍ଗତ ତବଡା ଗ୍ରାମ ନିକଟରେ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁସାରେ କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ ବିରାମୁଣ୍ଡା ଗ୍ରାମର ତୁଳ ନାଏକ(୩୫) ନାମକ ଜଣେ ମହିଳା ୨ ଦିନ ପୂର୍ବେ ଅସୁସ୍ଥତା କାରଣରୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନା ଯାଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଆଜି ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବିରାମୁଣ୍ଡା ଗ୍ରାମକୁ ଅଣା ଯାଉଥିଲା। ହେଲେ ରାସ୍ତା ଖାଲ ଖମା ସହ କାଦୁଅ ହୋଇ ଖରାପ ଥିବା ଯୋଗୁଁ ତବଡା ଗ୍ରାମରୁ ୫ଶହ ମିଟର ଦୂରରେ ଉକ୍ତ ଆମ୍ବୁଲାନ୍ସ ରାସ୍ତାରେ କାଦୁଅରେ ଦବି ଯାଇଥିଲା। ବହୁ ପରିଶ୍ରମ ସତ୍ତ୍ୱେ ଆମ୍ବୁଲାନ୍ସ ଉଠି ନ ପାରିବାରୁ ଶେଷରେ ଏକ ଟ୍ରାକ୍ଟର ସାହାଯ୍ୟରେ ଆମ୍ବୁଲାନ୍ସକୁ ଟାଣି ଟାଣି ବିରାମୁଣ୍ଡା ପର୍ଯ୍ୟନ୍ତ ନିଆ ଯିବା ଭଳି ବିକଳ ଚିତ୍ର ଦେଖିବାକୁ ମିଳି ଥିଲା। ବିଳମ୍ବରେ ପହଞ୍ଚିବା ପରେ ମୃତ ମହିଳାଙ୍କ ଶବ ସତ୍କାର କରାଯାଇଥିବା ଜଣାପଡ଼ିଛି। ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ସହ ରାସ୍ତା ଘାଟର ଉନ୍ନତିକରଣ ପାଇଁ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କଣ୍ଟାମାଳ ବ୍ଲକର ଉପାନ୍ତ ଅଞ୍ଚଳରେ ବିକାଶ ଅପହଞ୍ଚ ଭଳି ମନେହୁଏ। ସରକାର ଡବଲ ଇଞ୍ଜିନ ଡବଲ ବିକାଶ କହି ଡିଣ୍ଡିମ ପିଟୁ ଥିବା ବେଳେ କଣ୍ଟାମାଳ ଅଞ୍ଚଳର ଏଭଳି ଘଟଣାକୁ ଦେଖିଲେ ସରକାରଙ୍କ ବିକାଶ ଯୋଜନାକୁ ଉପହାସ ସଦୃଶ ମନେ ହୁଏ।



■ କପା ଓ ଡାଲି ଜାତୀୟ ଚାଷର ତାଲିମ ଶିବିର

# ଉପାସରେ ଗଲେ ୩୦ ଚାଷୀ

**ଶଗଡ଼ା, ୨୪।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲି ପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କପା ଓ ଡାଲି ଜାତୀୟ ଚାଷର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ଲୋବାଲ ଗ୍ରୀନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କଣ୍ଟାମାଳ ବ୍ଲକ କୃଷି ଅଧିକାରୀ ଲଳିତ କୁମାର ସାହୁ, ବ୍ଲକ ମତ୍ସ୍ୟ ଅଧିକାରୀ ଅଂଶୁମାନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ପ୍ରାୟ ୫୦ ଜଣ ଚାଷୀ ଅଂଶ ଗ୍ରହଣ କରିଥିଲେ। ଚାଷୀଙ୍କ ସହ ଏମ୍‌ବିକେ, ସିଆରପି ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଡକା ଯାଇଥିବା ଦେଖିବାକୁ ମିଳିଥିଲା। ତାଲିମ ଶିବିର ଦିନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ୩୦ ମିନିଟ ପର୍ଯ୍ୟନ୍ତ ଚାଲିଥିବା ବେଳେ ଚାଷୀଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ନ ଦେବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। କିଛି ଚାଷୀ ଅଭିଯୋଗ କରିବା ପରେ ୨୦ ଜଣ ଚାଷୀଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ୟାକେଟ ଅଣା ଯାଇଥିବା ବେଳେ ବାକି ୩୦ ଜଣ ଚାଷୀ ଭୋକରେ ଯାଇଥିବା ଚାଷୀ କହିଛନ୍ତି। ସମ୍ପୃକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ଚାଷୀଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା ଥିବା ବେଳେ ଜାଣିଶୁଣି ଅବ୍ୟବସ୍ଥା କରାଯାଇଥିବା ଜଣା ପଡ଼ିଛି। ସୂଚନା ଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମ ପାଇଁ ପର୍ଯ୍ୟାପ୍ତ ଅନୁଦାନ ଆସୁଥିବା ବେଳେ ଅନୁଷ୍ଠାନ ପକ୍ଷରୁ ଅର୍ଥ ଆତ୍ମସାତ କରିବା ଲୋଭରେ ଜାଣିଶୁଣି ଏଭଳି ଅବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।



ସକାଳ THE SAKALA



## ବିଦ୍ୟାଳୟ ପରିସରରେ ଛାତ୍ରୀ ଆହତ



ତୁରୁମୁଙ୍ଗା, ୨୪।୭(ସମିସ): ପାଟଣା ବ୍ଲକ ବୁଢ଼ୀକାପୁଡି ପଞ୍ଚାୟତ ଲକ୍ଷ୍ମୀପଶି ଉଚ୍ଚପ୍ରାଥମିକ ବିଦ୍ୟାଳୟର ପରିସରରେ ଥିବା ସୂଚନା ଫଳକର କାନ୍ଥ ପଡ଼ି ଜଣେ ଛାତ୍ରୀ ଆହତ ହୋଇଛନ୍ତି। ଗୁରୁତର ଛାତ୍ରୀ ହେଲେ ବୁଢ଼ୀକାପୁଡି ଗ୍ରାମର ସଞ୍ଜୀବ ନାଏକଙ୍କ ଝିଅ ପ୍ରୀତିଶ୍ରୀ। ସେ ଉକ୍ତ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ରେ ଅଧ୍ୟୟନ କରୁଛନ୍ତି। ଖେଳଛୁଟି ସମୟରେ କାନ୍ଥଟି ତାଙ୍କ ଗୋଡ଼ ଉପରେ ଖସିପଡ଼ିଥିଲା। ଫଳରେ ଡାହାଣ ଗୋଡ଼ର ଜଙ୍ଘରେ ଆଘାତ ଲାଗିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

## ସ୍ୱଧର୍ମକୁ ଫେରିଲେ ଦୁଇ ପରିବାର

ରାମଚନ୍ଦ୍ରପୁର, ୨୪।୭(ସମିସ): ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡା ପଞ୍ଚାୟତ ନାନୀକାବାହାଳି ଆଦିବାସୀ ବସ୍ତିରେ ଅନ୍ୟ ଧର୍ମ ଗ୍ରହଣ କରିଥିବା ଅନେକ ପରିବାର ମଧ୍ୟରୁ ଦୁଇ ପରିବାର ସ୍ୱଧର୍ମକୁ ଫେରିଛନ୍ତି। ଧର୍ମ ଜାଗରଣ ସହ ପ୍ରଭାରୀ ଶରତଚନ୍ଦ୍ର ସ୍ୱାଇଁଙ୍କ ମାର୍ଗଦର୍ଶନରେ ଜିଲ୍ଲା ହିନ୍ଦୁ ସଂସ୍କୃତି ସଂଯୋଜକ ପ୍ରଶାନ୍ତ ଚକ୍ର, ସମାଜସେବୀ ଅଞ୍ଜନ ବେହେରା, ପ୍ରଶାନ୍ତ ବିଶ୍ୱାଳ ସମେତ ହିନ୍ଦୁ ସାଙ୍ଗଠନିକ କର୍ମକର୍ତ୍ତା ଉକ୍ତ ପରିବାର ଲୋକଙ୍କ ଆଲୋଚନା କରିଥିଲେ। ପ୍ରାୟ ୧୫ ସଦସ୍ୟ ହିନ୍ଦୁ ଦେବାଦେବୀଙ୍କୁ ସାକ୍ଷୀ ରଖି ପୁନର୍ବାର ନିଜର ସ୍ୱଧର୍ମକୁ ଫେରିଛନ୍ତି। ବିଭିନ୍ନ ପ୍ରଲୋଭନର ବଶବର୍ତ୍ତୀ ହୋଇ ଧର୍ମ ପରିବର୍ତ୍ତନ କରିଥିବା ବସ୍ତିର ରାଜୁ ପୂର୍ତ୍ତୀ, ମିଟୁ ପୂର୍ତ୍ତୀ, ଦର୍ଶନ ମୁଣ୍ଡା ପ୍ରକାଶ କରିଥିଲେ।

## ଆନ୍ତର୍ଜାତିକ ସମବାୟ ବର୍ଷ କାର୍ଯ୍ୟକ୍ରମ

କେନ୍ଦୁଝର, ୨୪।୭(ସମିସ): ଆନ୍ତର୍ଜାତିକ ସମବାୟ ବର୍ଷ ଅବସରରେ କେନ୍ଦୁଝର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଭବନଠାରେ ଉପନିବନ୍ଧକ ସମବାୟ ସମିତି ସମୂହ ପର୍ଶୁରାମ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ସଭାପତି କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ କାନନ ବିହାରୀ ପହି, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ପ୍ରମୋଦ ଦାଶ, ଡିଡିଏମ ନାବାର୍ଡ କୁରେଶ ନାୟକ, ବରିଷ୍ଠ ସହକାରୀ ସମବାୟ ସମିତି ସମୂହ, ଚମ୍ପୁଆ, ମଙ୍ଗଳ ସୋରେନ, ସହକାରୀ ସମବାୟ ସମିତି ସମୂହ, ଆନନ୍ଦପୁର ରାମଚନ୍ଦ୍ର ବିଶ୍ୱାଳ, ସହକାରୀ ସମବାୟ ସମିତି ସମୂହ, କେନ୍ଦୁଝର ସୁଦର୍ଶନ ନାଏକ, ଜି.ଏମ ଜିଲ୍ଲା ସମବାୟ ମିଲ୍କ ୟୁନିଅନ ସତ୍ୟପ୍ରକାଶ ଧର, ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ପ୍ରତିନିଧି ବିଶ୍ୱନାଥ ନାଏକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପନିବନ୍ଧକ ସମବାୟ ସମିତି ସମୂହ କେନ୍ଦୁଝର ସ୍ୱାଗତ ଭାଷଣ ଦେଇଥିଲେ। ସମବାୟ ନିରୀକ୍ଷକ ସୀମାଶ୍ରୀ ପ୍ରିୟଦର୍ଶିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋକ କୁମାର ବଳ ମ୍ୟାନେଜର, କେନ୍ଦ୍ର ସମବାୟ ବ୍ୟାଙ୍କ ମଞ୍ଚ ପରିଚାଳନା କରିଥିଲେ।

## ମରୈଗାଁ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା

ଆନନ୍ଦପୁର, ୨୪।୭(ସମିସ): ପଞ୍ଚାୟତରେ ବିଭିନ୍ନ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗରେ ହାଟିଡିହି ବ୍ଲକ ମରୈଗାଁ ସରପଞ୍ଚ ସତ୍ୟଭାମା ଜେନାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ୱାର୍ଡସଦସ୍ୟମାନେ ଲିଖିତ ଅଭିଯୋଗ କରିଛନ୍ତି।



ଗୁରୁବାର ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଫେରାଦ ହୋଇଥିବା ଜଣାଯାଇଛି। ମୋଟ ୧୮ ୱାର୍ଡ ବିଶିଷ୍ଟ ଏହି ପଞ୍ଚାୟତର ୧୪ ଜଣ ୱାର୍ଡମେମ୍ବର ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଦସ୍ତଖତ କରି ବିଡିଓ, ଜିଲ୍ଲାପାଳ ଓ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ୧୫ ଦିନ ବିତିଯାଇଥିଲେ ମଧ୍ୟ ସରପଞ୍ଚ କୌଣସି ପ୍ରତିକ୍ରିୟା ଦେଇ ନଥିବାରୁ ଉପଜିଲ୍ଲାପାଳ ଅନାସ୍ଥା ପାଇଁ ନୋଟିସ୍ କରିବାକୁ ୱାର୍ଡ ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଉପଜିଲ୍ଲାପାଳ କହିଛନ୍ତି ଯେ ଘଟଣାର ତର୍ଜମା କରାଯାଇ ନିୟମ ଅନୁସାରେ ଖୁବଶୀଘ୍ର ପଦକ୍ଷେପ ନିଆଯିବ।

## ମୃତ ଛାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ତୁରୁମୁଙ୍ଗା, ୨୪।୭(ସମିସ): ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ନିଶ୍ଚିନ୍ତପୁର ଗ୍ରାମର ସନ୍ତୋଷ ନାଏକଙ୍କ ଝିଅ ଝୁଲଣା ସୁନ୍ଦରୀ ଗତ ୧୩ ତାରିଖରେ ଗାଁ ନିକଟ ପୋଖରୀ କୂଳରେ ଖେଳୁଥିବା ସମୟରେ ଗାଧୁଆ ଘରର କାନ୍ଥ ପଡ଼ି ମୃତ୍ୟୁ ହୋଇଥିଲା। ମୃତ ଛାତ୍ରୀଙ୍କ ଆତ୍ମାର ସଦଗତି କାମନା ପାଇଁ ବୁଧବାର ସେ ପଢୁଥିବା ନିଶ୍ଚିନ୍ତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୋକସଭା କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ପ୍ରଧାନଶିକ୍ଷକ ଯୁଧିଷ୍ଠିର ପାତ୍ର, ସହକାରୀ ଶିକ୍ଷକ ପ୍ରକାଶ ବାଗ୍, ଦେବାଶିଷ ସେନାପତି, ବୈଜୟନ୍ତି ନାଏକ, ରଶ୍ମି ମାଝୀଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୋଦ ବିହାରୀ ମହାନ୍ତ, ନାଏବ ସରପଞ୍ଚ ସନାତନ ମୁଣ୍ଡାଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ସୋମ୍ୟଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ଆନନ୍ଦପୁର, ୨୪।୭ (ସମିସ): ବାଲେଶ୍ୱର ଛାତ୍ରୀ ସୋମ୍ୟାଶ୍ରୀଙ୍କ ବିୟୋଗରେ ଆନନ୍ଦପୁର କଂଗ୍ରେସ ଦଳ ପକ୍ଷରୁ ଶୋକ ପ୍ରକାଶ ପାଇଛି। କଂଗ୍ରେସ ସଭାପତି ହାଡିବନ୍ଧୁ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ବ୍ରିଜ ଛକ ଗୋଲେଇଠାରେ ଦଳୀୟ ନେତା ଓ କର୍ମୀ ଫଟୋରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ନିରବ ପ୍ରାର୍ଥନା କରି ଆତ୍ମାର ସଦଗତି କାମନା କରିଥିଲେ। ଶ୍ରୀଧର ଦଳେଇ ନିକୁଞ୍ଜ ମିଶ୍ର ନିରଞ୍ଜନ ମିଶ୍ର ମୁରଲୀଧର ମିଶ୍ର ନିମାଇଁ ଦାଶ ଗୋବିନ୍ଦ ମାଝୀ ମୁରଲୀ ବେହେରା ବିଛୁ ଘଡେଇ ଟୁମା ରାମ ଅକ୍ଷୟ ମହାନ୍ତି ଲୁଲୁ ସିଂ ସୁରେଶ ଜେନା ମୁଟୁ ରାମ ଦିଲୁ ଦାଶ ନୁରୀ ସାହୁ ଏକନ ସାହୁ କାଠିଆ ସେନାପତି ଉପସ୍ଥିତ ଥିଲେ।

# ଶିଳାନ୍ୟାସକୁ ୯ ବର୍ଷ; ଆମ୍ବୋ-ବାତୋ ବୈତରଣୀ ସେତୁ ଅସମ୍ପୂର୍ଣ୍ଣ

ହାଟଡ଼ିହୀ, ୨୪।୭(ସମିସ)



ଶିଳାନ୍ୟାସକୁ ୯ବର୍ଷ ବିତିଲାଣି। ଶେଷ ହେବାର ନାଁ ନେଉନି ଆମ୍ବୋ-ବାତୋ ବିଜୁସେତୁ ନିର୍ମାଣ କାମ। ଏବେ ବର୍ଷା ଯୋଗୁଁ ଲୋକେ ଅନେକ ବିପଦକୁ ମୁଣ୍ଡେଇ ଭରା ନଈରେ ପଶି ଯିବାଆସିବା କରୁଛନ୍ତି। କେନ୍ଦୁଝର ଜିଲ୍ଲାର ଦୁଇ ପ୍ରମୁଖ ବ୍ଲକ୍ ହାଟଡ଼ିହୀ ଓ ଘସିପୁରା ବ୍ଲକ୍‌କୁ ଯୋଡ଼ିବା ପାଇଁ ବୈତରଣୀ ନଦୀରେ ବାତୋଠାରେ ଏହି ସେତୁ ନିର୍ମାଣାଧୀନ ରହିଛି। ନିର୍ମାଣରେ ତ୍ରୁଟି ଯୋଗୁଁ ୩ ବର୍ଷ କାମ ଅଟକିବା ପରେ ନୂଆ ଠିକାସଂସ୍ଥା ଦାୟିତ୍ୱ ନେଇଥିଲା। ନୂଆ ଠିକାସଂସ୍ଥା କାମ ମନ୍ଥର ଯୋଗୁଁ ଆମ୍ବୋ, କରଗୋଳା, ତରଭା, ଲଇଛଣପୁର, ବିରିଡ଼ି, ବଡ଼ରମ୍ପାସ, ତେଲିସିଙ୍ଗା, ଗିରିଗାଁ, ସମଣା, ଘସିପୁରା ବ୍ଲକ୍‌ର ବାତୋ, କରଡ଼ାପାଳ, ନୟାଗଡ଼, ମଧୁକେଶରୀ, ପରମାନନ୍ଦପୁର, ଗୋଡ଼ିଉପର, ଅତା, ସାଇଁକୁଳ, ପଣ୍ଡୁଆ ଆଦି ଗ୍ରାମର ଲୋକେ ନଦୀ ପାରି ହୋଇ ଗମନାଗମନ କରିବାରେ ହଇରାଣ ହେଉଛନ୍ତି। ବର୍ଷାଦିନେ ବତୋ ଓ ଆମ୍ବୋଠାରେ ଲୋକେ ବିପଦପୂର୍ଣ୍ଣ ଭାବେ ଡଙ୍ଗାରେ ନଦୀ ପାରି ହେଉଛନ୍ତି। ବନ୍ୟା ଆସିଲେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହେଇଯାଉଛି। ଉଭୟ ପାର୍ଶ୍ୱର ଦୁଇଟି ଘାଟରେ ଗୋଟିଏ ଲେଖାଏଁ ଡଙ୍ଗା ଚାଲୁଥିବାରୁ ନଦୀ ପାରି ହେବାକୁ ଲୋକଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏହି ପୋଲ ନିର୍ମାଣ ହେଲେ ହାଟଡ଼ିହୀ ଅଞ୍ଚଳରୁ ଯାଜପୁର ଏବଂ ଘସିପୁରା ଅଞ୍ଚଳରୁ ଭଦ୍ରକକୁ କମ୍ ସମୟରେ ଯାତାୟାତ କରିହେବ ବୋଲି ଦାବି ହୋଇଥିଲା। ପରେ ନାବାର୍ଡ ସହାୟତାରେ ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଆମ୍ବୋ-ବାତୋ ମଧ୍ୟରେ ବୈତରଣୀ ନଦୀରେ ବିଜୁସେତୁ ନିର୍ମାଣ ପାଇଁ ୩୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ୫୨୦.୭୧ ମିଟର ଲମ୍ବ ଏହି ପୋଲର ନିର୍ମାଣ ୨୦୧୬ ନଭେମ୍ବର ୧୪ରେ ଆରମ୍ଭ ହୋଇଥିଲା। ତିନିବର୍ଷ ମଧ୍ୟରେ ଅର୍ଥାତ ୨୦୧୯ ନଭେମ୍ବରରେ ଶେଷ କରିବାକୁ କଣ୍ଟ ହୋଇଥିଲା। ମାତ୍ର ୨୦୧୮ ଅକ୍ଟୋବର ସୁଦ୍ଧା ଠିକା ସଂସ୍ଥା ୧୨ଟି ପିଲର ମଧ୍ୟରୁ ମାତ୍ର ୬ଟି କରିପାରିଥିଲା। ୩ନଂ ପିଲରଟି ବନ୍ୟାରେ ଦବିଯାଇ ସାଇଡ୍ ହେବା ପରେ କାମ ବନ୍ଦ ରହିଥିଲା। ନୂତନ ଡିଜାଇନ୍ ପରେ ପୁଣି ପୋଲ କାମ ଆରମ୍ଭ ହେବ ବୋଲି କୁହାଯାଉଥିଲା। ନୂଆ ଡିଜାଇନ୍ ବିଳମ୍ବ ହେବାରୁ ସେତେବେଳର ଠିକାସଂସ୍ଥା କ୍ୟାମ୍ପ ଛାଡ଼ି ପଳାଇ ଯାଇଥିଲା। ତିନିବର୍ଷ କାମ ବନ୍ଦ ପରେ ୨୦୨୩ ଜୁନରେ ପୁଣି ଟେଣ୍ଡର କରାଯାଇଥିଲା। ଏଥିରେ ମୋଟ ୧୪ କୋଟି ୨୯ଲକ୍ଷ ୭୧ହଜାର ୧୧୯ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ତ୍ରୁଟିଥିବା ପିଲର ନିର୍ମାଣ ଶେଷ ହୋଇଛି। ଟେଣ୍ଡରର ୧ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଧାର୍ଯ୍ୟ ଥିବାବେଳେ ଆମ୍ବୋ ପାର୍ଶ୍ୱରେ ନିର୍ମାଣ କାର୍ଯ୍ୟ ବାକି ରହିଛି କ୍ଷ ଗତ ବିଧାନସଭା ଶୀତ ଅଧିବେଶନରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଏନେଇ ବିଧାନସଭାରେ ପ୍ରଶ୍ନ କରିଥିଲେ। ନିର୍ମାଣ ଜୁନ୍ ୩୦ସୁଦ୍ଧା ସରିବ ଓ ଲୋକେ ଯାତାୟାତ କରିବେ ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଜୁନ୍ ଯାଇ ଜୁଲାଇ ସରିବାକୁ ବସିଲାଣି ହେଲେ କାମ ଅଧପନ୍ତରିଆ ହୋଇ ରହିଛି। ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ ଆମ୍ବୋ ପାର୍ଶ୍ୱରେ ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ଜମି ଅଧଗ୍ରହଣ ସମସ୍ୟା ଯୋଗୁଁ କାମ ଅଟକି ରହିଛି। ନଭେମ୍ବର ପରେ ଜମିଅଧିଗ୍ରହଣ କରାଯାଇ କାମ କରାଯିବ। ତେବେ, ଠିକା ସଂସ୍ଥା ଯେପରି କାମ କରୁଛି ପୋଲ ନିର୍ମାଣ ସମ୍ପୂର୍ଣ୍ଣ ନେଇ ସନ୍ଦେହ ଉପୁଜିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଭରା ନଈରେ ଡଙ୍ଗାକୁ ଭରସା; ଅସୁରକ୍ଷିତ ଜନତା**

# କନ୍ଦାଇଲାଣି ଶ୍ରାବଣ; ଛୁଇଁ ହେଉନି ପନିପରିବା



ଯୋଡ଼ା, ୨୪।୭(ସମିସ): ଖଣି ଅଞ୍ଚଳରେ ପରିବା ଦର ଆକାଶ ଛୁଆଁ ହେଲାଣି। ସାଧାରଣ ପରିବାରଟିଏ ପରିବା ଉପରେ ହାତ ମାରି ପାରୁନାହିଁ। ଶ୍ରାବଣ ସୋମବାର ପାଇଁ ଶିବ ଭକ୍ତମାନେ ମନ୍ଦିର ରେ ଜଳଲାଗି କରିଥାନ୍ତି ଯେଉଁଥିପାଇଁ ଶ୍ରାବଣ ମାସ ସାରା ବିନା ପିଆଜ ରସୁଣ ସହ ସାତ୍ତ୍ୱିକ ଭୋଜନ ଗ୍ରହଣ କରନ୍ତି। ଏହାକୁ ନେଇ ଏବେ ପରିବା ବଜାର ରେ ପରିବା ଦରରେ ଅହେତୁକ ବୃଦ୍ଧି ପାଇଛି। ବାଇଗଣ ଦର ୧୦୦ ରହିଥିବା ବେଳେ କାଙ୍କଡ଼ ୧୦୦, ବିଲାତି ୮୦, କୁନ୍ଦୁରି ୮୦, ପୋଟଳ ୮୦, ସଜନା ଛୁଇଁ ୧୬୦, ମାଟିଆଳୁ ୧୦୦କୁ ବନ୍ଧାକୋବି ଫୁଲକୋବି ଦର ନ କହିବା ଭଲ। ଭେଣ୍ଡି ୧୦୦, କଲରା ୮୦, ବିମ୍ସ୍ ୧୬୦, ଗାଜର ୮୦, ସିମଲା ଲଙ୍କା ୧୬୦, କଞ୍ଚା ଲଙ୍କା ୨୦୦, ଜହ୍ନି ୮୦; ଯାହା ଲୋକଙ୍କୁ କନ୍ଦାଇ ସାରିଲାଣି। ତେବେ ଏହାକୁ ନେଇ କିଛି ପରିବା ଦୋକାନୀଙ୍କ କହିବା କଥା ହେଲା, ଲୋକାଲ ପରିବା ଏବେ କିଛି ମିଳୁପାରୁନାହିଁ। ଅନ୍ୟପଟେ, ଦିନକୁ ଦିନ ଗ୍ରୋସେରୀ ସାମଗ୍ରୀର ଦର ବଢ଼ି ବଢ଼ି ଚାଲିଥିବା ବେଳେ ଏପଟେ ପରିବା ଦର ଆକାଶ ଛୁଆଁ ହେବା ସାଧାରଣ ବର୍ଗ ଏବଂ ନିମ୍ନ ମଧ୍ୟବିତ୍ତ ବର୍ଗ ପାଇଁ ଅସହ୍ୟ ହେଉଛି।

ସେପଟେ, ଯୋଡ଼ା ସହର ନିକଟବର୍ତ୍ତୀ କଣ୍ଡରା, ଚମକପୁର, ବାସୁଦେବପୁର, ନାରଦପୁର, ବାଙ୍କ, ଚିମିଳା, ସୁନାପୋଷି, କୁଦଗାଡ଼ିଆ, ରିମୁଳିରୁ ଚାଷୀ ଆସି ଯୋଡ଼ା ବଜାର ଉପରେ ବିକ୍ରି କରୁଥିବା ବେଳେ ଶ୍ରାବଣ ମାସର ଲଗାଣ ବର୍ଷା ଦ୍ୱାରା ପରିବା କ୍ଷେତରେ ପାଣି ଜମି ଫସଲ ନଷ୍ଟ ହୋଇ ଯାଇଛି। ଚାହିଦା ବେଶୀ ଉତ୍ପାଦନ କମ ଥିବାରୁ ପରିବା ଦର ହୁ ହୁ ହୋଇ ବଢ଼ି ଚାଲିଛି। ଏହାକୁ ନେଇ ଯୋଡ଼ା ଅଞ୍ଚଳର କିଛି ବୁଦ୍ଧିଜୀବୀ ନିଜ ମତ ପ୍ରକାଶ କରି କହିଛନ୍ତି ଯେ ଜିଲ୍ଲାରେ ଶୀତଳ ଭଣ୍ଡାର ଥିଲେ ଗ୍ରୀଷ୍ମ ଦିନରେ ଉତ୍ପାଦନ ହେଉଥିବା ପରିବାକୁ ବର୍ଷା ଦିନ ପାଇଁ ମହଜୁଦ କରାଯାଇ ପାରନ୍ତା। ଦ୍ୱାରା ପରିବା ବୃଦ୍ଧିରେ ନିଶ୍ଚିତ ଭାବେ ଅଙ୍କୁଶ ଲାଗିପାରନ୍ତା।

**ନାହିଁ ଶୀତଳଭଣ୍ଡାର; ସାଧାରଣ, ନିମ୍ନ ମଧ୍ୟବିତ୍ତ ଉପରେ ମାଡ଼**

**ଆନନ୍ଦପୁର ଉପଖଣ୍ଡରେ ଭୁଶୁଡୁଛି ଉଚ୍ଚଶିକ୍ଷା ବ୍ୟବସ୍ଥା**

# ଅଧ୍ୟାପକ ଅଭାବ, ୯ ମହାବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ ଅଧ୍ୟକ୍ଷ



ଆନନ୍ଦପୁର, ୨୪।୭ (ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର କ୍ରମାଗତ ଅବହେଳାର ଶିକାର ହୋଇଛି। ଏହି ଉପଖଣ୍ଡରେ ଥିବା ୯ଟି ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି। ମାଳମାଳ ଅଧ୍ୟାପକ ପଦ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇ କାମଚଳା ନୀତିରେ ଚାଲିଛି। ଆନନ୍ଦପୁର ମହାବିଦ୍ୟାଳୟ, କନକମଞ୍ଜରୀ ମହିଳା ମହାବିଦ୍ୟାଳୟ, ସାଇଁକୁଳ ପତିତପାବନ ମହାବିଦ୍ୟାଳୟ, ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ସମେତ ବାତୋ, ଶାଳବଣି, ଛେନାପଦି, ହାଟଡିହି ଓ ସୋସୋଠାରେ ଥିବା ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି। ଭାରପ୍ରାପ୍ତ ଅଧ୍ୟକ୍ଷମାନେ ମହାବିଦ୍ୟାଳୟ ପରିଚାଳନା କରୁଛନ୍ତି। ସେମାନେ ଠିକ୍ ଢଙ୍ଗରେ ପରିଚାଳନା କରିପାରୁ ନଥିବା ବେଳେ କୌଣସି ପ୍ରସଙ୍ଗରେ ଠୋସ ନିଷ୍ପତ୍ତି ନେଇ ପାରୁ ନଥିବା ଅଭିଯୋଗ ହୋଇଛି। ଅଧ୍ୟାପକ ପଦ ଖାଲି ପଡ଼ିଥିବାରୁ ଅତିଥି ଅଧ୍ୟାପକରେ ଶିକ୍ଷାଦାନ ଚାଲିଛି। ଏହାଛଡ଼ା ବିଭିନ୍ନ ମହାବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନଥିବା ଦେଖିବାକୁ ମିଳିଛି। ଏସବୁ ସମସ୍ୟା ପାଇଁ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ମହାବିଦ୍ୟାଳୟଗୁଡ଼ିକରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ସାଙ୍ଗକୁ ବାୟୋମେଟ୍ରିକ ବ୍ୟବସ୍ଥାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଓ ଶିକ୍ଷଣ ସାମଗ୍ରୀର ଅଭାବ ଏବଂ ଭିତ୍ତିଭୂମି ନଥିବାରୁ ଶିକ୍ଷାଦାନରେ ସମସ୍ୟା ହେଉଛି। ସମସ୍ତ ବିଭାଗରେ ଅଧ୍ୟାପକ ପଦ ପୂରଣ କରାଗଲେ ଶିକ୍ଷାଦାନ ଠିକ ଭାବେ ହୋଇପାରନ୍ତା ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

## ଶ୍ରୀଗଣେଶ ଗ୍ରୁପ୍ ପକ୍ଷରୁ ଚାରା ରୋପଣ



ଆନନ୍ଦପୁର ୨୪।୭ (ସମିସ): ଘଷିପୁରା ଅଞ୍ଚଳର ସ୍ୱେଚ୍ଛାସେବୀଙ୍କୁ ନେଇ ଶ୍ରୀ ଗଣେଶ ଗ୍ରୁପ ପକ୍ଷରୁ ତାଳଗାଁସ୍ଥିତ ଶିଶୁ ଆଶ୍ରମରେ ସମସ୍ତ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ ସହ ଘଷିପୁରା ଆହାର ଗାଡିଆ ପୋଖରୀ ପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇଛି। ଏକ ସ୍ୱତନ୍ତ୍ର ବୈଠକରେ ଅନୁଷ୍ଠାନର କାର୍ଯ୍ୟଧାରା ଚୂଡ଼ାନ୍ତ ସହ କର୍ମକର୍ତ୍ତା ମନୋନୟନ ହୋଇଛନ୍ତି। ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ପରିବେଶ ସୁରକ୍ଷା, ରକ୍ତଦାନ, ଗରିବ ଅସହାୟ ରୋଗୀ ମାନଙ୍କୁ ସହାୟତା ଯୋଗାଇବା ଦିଗରେ ଏହି ଅନୁଷ୍ଠାନ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି। ଅନୁଷ୍ଠାନର ସଭାପତି ରଙ୍କାନାଥ ସାମଲ ଓ ସମ୍ପାଦକ ମହେଶ୍ୱର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ବାମଦେବ ବିଶ୍ୱାଳ, ସଦସ୍ୟ ରମେଶ ସାହୁ, ଶିବାନନ୍ଦ ମହାରଣା, ଶ୍ରୀକାନ୍ତ ସାହୁ, ଅଭିଷେକ ସାହୁ, ସୁରେନ୍ଦ୍ର ଦାସ, ନରେନ୍ଦ୍ର ଦାଶ, ଲୋକନାଥ ସାହୁ, ପ୍ରକାଶ ସାହୁ, ଜୟନ୍ତ ସାହୁ, ସଦାଶିବ ସାହୁ, ଜିତେନ୍ଦ୍ର ସାହୁ, ଧବଳେଶ୍ୱର ସାହୁ, ଅବିନାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସେବା ସମବାୟ ସମିତି ସମ୍ପାଦକଙ୍କୁ ମାଡ଼ ଅଭିଯୋଗ



ହାଟଡ଼ିହୀ, ୨୪।୭(ସମିସ): ଡଅଁର ସେବା ସମବାୟ ସମିତିର ସମ୍ପାଦକ ଉମାକାନ୍ତ ନାୟକଙ୍କୁ ରାସ୍ତାରେ ଅଟକାଇ ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ସମ୍ପାଦକ ଶ୍ରୀ ନାୟକ ଡଅଁର କାର୍ଯ୍ୟାଳୟରୁ ଛେନାପଦିସ୍ଥିତ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ହାଟଡ଼ିହି ଶାଖାକୁ ଆସୁଥିବା ସମୟରେ କଳିଗାଁ ଓ ମୁଦୁଲିପଦା ମଧ୍ୟରେ ଅଚ୍ୟୁତ ଦାସଙ୍କ ଘର ସମ୍ମୁଖରେ ରଘୁନାଥପୁର ଗ୍ରାମର ଅକ୍ଷୟ ଧଳ, ତାଙ୍କ ପୁଅ ଅମରେନ୍ଦ୍ର ଧଳ ଓ ତାମ୍ପଳା ଗ୍ରାମର ଅରୁଣ ରାଉତଙ୍କ ପୁଅ ପ୍ରତାପ ରାଉତ (ଚାନ୍ଦୁ) ହଠାତ ବାଇକକୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିବା ଅଭିଯୋଗ ହୋଇଛି। କାର୍ଯ୍ୟାଳୟର ରସିଦ ବହି, ୨୦୨୩-୨୪ ମସିହାର କ୍ୟାସ ବୁକ୍ ସହ ଅଫିସର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ତାଙ୍କ ମୋବାଇଲ ଫୋନ ଆଦିକୁ ଛଡ଼ାଇ ନେଇଥିଲେ। ଅମରେନ୍ଦ୍ର ଧଳ ଉକ୍ତ ସମବାୟ ସମିତିର ଡାଇରେକ୍ଟର ସୁରେନ୍ଦ୍ର କାଣ୍ଡି, ବ୍ରଜକିଶୋର ଜେନା, ବିଦ୍ୟାଧର ଜେନା, ଯୁଗଳ କିଶୋର ଦାସ, ଗଦାଧର ଦାସ ପ୍ରମୁଖଙ୍କ ସମ୍ମୁଖରେ ମାଡ଼ ମାରିବା ସହ ତାଙ୍କ ବାଇକ ଚାବି ମଧ୍ୟ ଛଡ଼ାଇ ନେଇଥିବା ନେଇ ଉମାକାନ୍ତ ନାୟକ ଅଭିଯୋଗ କରିଛନ୍ତି। ନନ୍ଦିପଦା ପୁଲିସ ତାଙ୍କୁ ଉଦ୍ଧାର କରି ଆସିଥିବା ବେଳେ ଶାଳକଣିଆଁ ଗ୍ରାମର ସନ୍ତୋଷ ସାମଲ ଥାନା ସମ୍ମୁଖରେ ତାଙ୍କୁ ପୁଣି ମାଡ଼ ମାରି ଗାଳିଗୁଲଜ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଅଟକ ରଖିଛି। ପୂର୍ବତନ ସମବାୟ ସମିତି ଡଅଁର ସଭାପତି ଅକ୍ଷୟ ଧଳ କହିଛନ୍ତି କି, ସମ୍ପାଦକ ଶ୍ରୀନାୟକ ଗତବର୍ଷ ଧାନ କିଣିବା ପାଇଁ ତାଙ୍କଠାରୁ ଧାର ସୂତ୍ରରେ ୫ଲକ୍ଷ ଟଙ୍କା ନେଇ ଫେରସ୍ତ ନଦେଇ ବାରମ୍ବାର ଠକି ଆସୁଥିଲେ। ହଠାତ୍ ଭେଟ ହେବାରୁ ଅକ୍ଷୟ ତାଙ୍କୁ ଟଙ୍କା ମାଗିଥିଲେ। ଉମାକାନ୍ତ ଆମମାନଙ୍କ ନାମରେ ମିଛ ଅଭିଯୋଗ କରିଛନ୍ତି। ମାଡ଼ ନିର୍ଯାତନାର ଶିକାର ହୋଇ ଉମାକାନ୍ତ ଥାନାରେ ଅଭିଯୋଗ କରିଥିବା ବେଳେ ଏଭଳି ଘଟଣାକୁ ନେଇ ଜିଲ୍ଲା ସମ୍ପାଦକ ସଂଘକୁ ଜଣାଇଛନ୍ତି। ସମ୍ପାଦକ ସଂଘର ଉପସଭାପତି ଶରତଚନ୍ଦ୍ର ସେଠୀ ଡିଆରସିଏସଙ୍କୁ ଏ ସମ୍ବନ୍ଧରେ ଅବଗତ କରିଛନ୍ତି। ଯଦି ଅଭିଯୁକ୍ତଙ୍କୁ ଗିରଫ କରା ନଯାଏ ତେବେ ଆସନ୍ତାକାଲିଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବୁ ବୋଲି ଶ୍ରୀ ସେଠୀ ଚେତାବନୀ ଦେଇଛନ୍ତି।

## ଶକ୍ତି କ୍ଲବ୍ ଶିକ୍ଷକଙ୍କ ଦକ୍ଷତା ଅଭିବୃଦ୍ଧି କର୍ମଶାଳା

କେନ୍ଦୁଝର, ୨୪।୭(ସମିସ): ଧନୁର୍ଜୟ ନାରାୟଣ ଉଚ୍ଚବିଦ୍ୟାଳୟର ସଭାଗୃହରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏବଂ ସେଣ୍ଟର ଫର ଏନଭାଇରନମେଣ୍ଟାଲଷ୍ଟଡ଼ିଜ, ଭୁବନେଶ୍ୱରର ମିଳିତ ଉଦ୍ୟମରେ ଆନନ୍ଦପୁର, ଘଷିପୁରା, ହାଟଡିହି, ଘଟଗାଁ, ହରିଚନ୍ଦନପୁର, ବାଂଶପାଳ ବ୍ଲକର ପ୍ରାୟ ୨୫୦ ଜଣ ଶକ୍ତି କ୍ଲବର ଦାୟିତ୍ୱରେ ଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ଦକ୍ଷତା ଅଭିବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସେଣ୍ଟର ଅଫ୍ ଏନଭାଇରନମେଣ୍ଟାଲ ଷ୍ଟଡ଼ିଜ, ଭୁବନେଶ୍ୱରର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ରୁଦ୍ରନାରାୟଣ ସାମଲ ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ଶିକ୍ଷା ପରିଦର୍ଶକ ପରମେଶ୍ୱର ମହାନ୍ତ ୨୦୨୧ରୁ ଆଜି ପର୍ଯ୍ୟନ୍ତ ଶକ୍ତି କ୍ଲବର କାର୍ଯ୍ୟାବଳୀ ସମ୍ବନ୍ଧରେ ସୂଚନା ଦେଇଥିଲେ। ଡିଏନ୍ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି ସମ୍ବଳର ଧାରଣୀୟ ବିକାଶ ଓ ସଂରକ୍ଷଣ ପାଇଁ ପଦକ୍ଷେପ ନେବା ପାଇଁ ଆହ୍ୱାନ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରାଙ୍କ ସଂଯୋଜନାରେ ଏହି କର୍ମଶାଳା ପ୍ରଥମ ପର୍ଯ୍ୟାୟରେ ଶକ୍ତି କ୍ଲବ କାର୍ଯ୍ୟକ୍ରମର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ ପୁଙ୍ଖାନୁପୁଙ୍ଖ ଭାବେ ଶକ୍ତି କ୍ଲବର ଗଠନ ପ୍ରଣାଳୀ, ବାର୍ଷିକ କାର୍ଯ୍ୟାବଳୀ, ୟୁ.ସି. ରିପୋର୍ଟ ପ୍ରଦାନ ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏନ୍.ଏସ୍. ପୁଲିସ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିବେକାନନ୍ଦ ରାଉତ, ବାଉଁଶୁଳି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଆଦିତ୍ୟ ମହାପାତ୍ର, ଧବଳେଶ୍ୱର ହାଇସ୍କୁଲ, ଦେଓଝରର ବିଜ୍ଞାନ ଶିକ୍ଷକ ସୌମ୍ୟପ୍ରକାଶ ସାହୁ ରିସୋର୍ସ ପର୍ସନ ଭାବେ ଶକ୍ତି କ୍ଲବର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଫକୀର ମୋହନ ମହାନ୍ତ ଧନ୍ୟବାଦ ଦେଇଥିଲେ।

# ବିଧାନସଭା ସ୍ଥାୟୀ କମିଟି-୫ର କେନ୍ଦୁଝର ଗସ୍ତ

କେନ୍ଦୁଝର, ୨୪।୭(ସମିସ)



ଓଡ଼ିଶା ବିଧାନସଭା ସ୍ୱାସ୍ଥ୍ୟ ବିଭାଗୀୟ ସ୍ଥାୟୀ କମିଟି-୫ ଗୁରୁବାର କେନ୍ଦୁଝର ଗସ୍ତରେ ଆସି ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଏବଂ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସ୍ୱାସ୍ଥ୍ୟ ସମ୍ପର୍କିତ ସମୀକ୍ଷା କରିଛନ୍ତି। କମିଟିର ଅଧ୍ୟକ୍ଷ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ସଦସ୍ୟ ବିଧାୟକ ଡାକ୍ତର ଫକିର ମୋହନ ନାୟକ, ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ବିଧାୟକ ଉମାଚରଣ ମଲ୍ଲିକ, ବିଧାୟକ ପ୍ରଶାନ୍ତ ବେହେରା ପ୍ରଥମେ ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଏହାପରେ ଧରଣୀଧର ଭେଷଜ ମହାବିଦ୍ୟାଳୟର କାଉନସେଲିଂ ରୁମରେ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମୀକ୍ଷା ବୈଠକରେ କମିଟିର ଅଧ୍ୟକ୍ଷ ଶ୍ରୀ ପ୍ରଧାନ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇଁ କେନ୍ଦୁଝରରେ ରହିଥିବା ବଭିନ୍ନ ସମସ୍ୟା ନେଇ ସରକାରଙ୍କୁ ସୁପାରିସ କରାଯିବ ବୋଲି କହିଥିଲେ। ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ କେନ୍ଦୁଝର ମୁଖ୍ୟାଳୟଠାରୁ ୬ କିଲୋମିଟର ଦୂରରେ ଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ଯିବାଆସିବା ହଇରାଣ ହେବା ସହ ଖର୍ଚ୍ଚାନ୍ତ ହେଉଛନ୍ତି। ଅଟୋରେ ଯାତାୟତ କରିବା ପାଇଁ ୨୦୦ରୁ ଅଧିକ ଟଙ୍କା ଦେବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦୁଝର ମୁଖ୍ୟାଳୟଠାରୁ ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ବସ ସେବା ଯୋଗାଇ ଦେବାକୁ ତ୍ୱରିତ ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ କମିଟି ଆଗରେ ପ୍ରକାଶ କରିଛନ୍ତି। ବିଶେଷ କରି ଭେଷଜ ମହାବିଦ୍ୟାଳୟ ପରିସରରେ ବ୍ଲଡ ବ୍ୟାଙ୍କ, ପୁଲିସ ଆଉଟପୋଷ୍ଟ, ଫାୟାର ଷ୍ଟେସନ, ଅକ୍ସିଜେନ ପ୍ଲାଣ୍ଟ, କ୍ୟାବିନ, ଇଣ୍ଟିଗ୍ରେଟେଡ ଲ୍ୟାବରୋଟାରୀ, ଆହାର କେନ୍ଦ୍ର ପ୍ରତିଷ୍ଠା କରିବା ସହ ଅଲଟ୍ରାସାଉଣ୍ଡ ମେସିନ ଏବଂ ସିଟି ସ୍କାନ ସେବା ଯୋଗାଇ ଦେବା ନେଇ ଆଲୋଚନା କରିଥିଲେ। ଏଥିସହ ମହିଳା ଓ ଶିଶୁମାନଙ୍କ ବିକାଶ ପାଇଁ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହ ମିଶନ ଶକ୍ତି, ଓଡିଶା ଜୀବିକା ମିଶନ, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ, ସୁଭଦ୍ରା ଶକ୍ତି ଯୋଜନାର ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଭେଷଜ ମହାବିଦ୍ୟାଳୟର ଡିନ୍ ତଥା ପ୍ରିନ୍ସିପାଲ ପ୍ରଫେସର ଡାକ୍ତର ଚିନ୍ମୟୀ ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଭେଷଜ ମହାବିଦ୍ୟାଳୟ ଅଧିକ୍ଷକ ଡାକ୍ତର ମହେନ୍ଦ୍ର କୁମାର ନାୟକ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ତଥ୍ୟ ଏବଂ ପ୍ରସ୍ତାବିତ ନର୍ସିଂ କଲେଜ, ଡେଣ୍ଟାଲ କଲେଜ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଭାଇସ ପ୍ରିନ୍ସିପାଲ ତଥା ମେଡିସିନ(ଏଚଓଡି) ପ୍ରଫେସର ପ୍ରଭାତ ଥାଟୋଇ ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିନୋଦ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅସ୍ୱାସ୍ଥ୍ୟକର ପରିବେଶ ଦେଖି ବିଗିଡ଼ିଲେ

ତେଲକୋଇ, ୨୪।୭(ସମିସ): ଓଡ଼ିଶା ବିଧାନସଭା ସ୍ୱାସ୍ଥ୍ୟ ବିଭାଗୀୟ କମିଟି-୫ର ପ୍ରତିନିଧିମଣ୍ଡଳୀ ବୁଧବାର ତେଲକୋଇ ଗସ୍ତ କରିଥିଲେ। ପ୍ରଥମେ ସ୍ଥାୟୀ କମିଟିର ଅଧ୍ୟକ୍ଷ ଓ ସମସ୍ତ ସଦସ୍ୟଙ୍କୁ ବିଜେପି ଦଳ ପକ୍ଷରୁ ଜଗନ୍ନାଥ ମନ୍ଦିର ନିକଟରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ମିଶନ ଶକ୍ତି ବଜାର ପରିଦର୍ଶନ କରିଥିଲେ। ପରେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଯାଇଥିଲେ। କମିଟି ଅଧ୍ୟକ୍ଷ ବିଭୁତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଉମାଚରଣ ମଲ୍ଲିକ, ରୂପେଶ ପାଣିଗ୍ରାହୀ, ପ୍ରଶାନ୍ତ ବେହେରା, ସତ୍ୟଜିତ ଗମାଙ୍ଗୋ ସାମିଲ ହୋଇଥିଲେ। ସନ୍ଧ୍ୟା ୮ଟା ସମୟରେ ପହଞ୍ଚିବା ପରେ ଡ଼ାକ୍ତରଖାନାର ରୋଗୀ ୱାର୍ଡ, ପରିମଳ ବ୍ୟବସ୍ଥା, ଡ଼ାକ୍ତର ଓ କର୍ମଚାରୀଙ୍କ କ୍ୱାଟର, ପାନୀୟ ଜଳ ତଥା ଡାକ୍ତରଖାନା ପରିସର ବୁଲି ଦେଖିଥିଲେ। ବିପଦସଙ୍କୁଳ ରୋଗୀ ୱାର୍ଡ, କର୍ମଚାରୀଙ୍କ କ୍ୱାଟର ତଥା ଅସ୍ୱାସ୍ଥ୍ୟକର ପରିବେଶ ଦେଖି କମିଟି ସଦସ୍ୟ ବିରକ୍ତ ହୋଇଥିଲେ। ପରେ ଡାକ୍ତରଖାନା ସଭାଗୃହରେ କମିଟି ଅଧ୍ୟକ୍ଷ ଶ୍ରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଡାକ୍ତର ସମସ୍ୟା, ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାର ସୁଧାର, ଯୁଦ୍ଧକାଳୀନ ଭିତ୍ତିରେ ବିପଦ ସଙ୍କୁଳ ଗୃହ ଗୁଡ଼ିକର ମରାମତି ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନାଗରିକ ସମାଜ ପକ୍ଷରୁ ବିଭିନ୍ନ ଉନ୍ନତିକରଣ ସମ୍ପର୍କିତ ଏକ ସ୍ମାରକପତ୍ର କମିଟି ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାପାଳ ବିଶାଳ ସିଂ, ପିଡି କୁମାର ନାଗଭୂଷଣ, ଜିଲ୍ଲା ଚିକିତ୍ସାଧିକାରୀ ବିବି ମିଶ୍ର, ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ପି ସତ୍ୟମ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



# ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ରରେ ତାଲା; ରୋଗୀ ହନ୍ତସନ୍ତ

ଦୋବଲ,୨୪।୭(ସମିସ)




ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଦୋବଲ ପଞ୍ଚାୟତ ସୋଧ ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ରରେ ଗତ ଏକ ମାସ ହେଲା ତାଲା ପଡି ରହିଥିବାରୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏହି ଉପକେନ୍ଦ୍ର ସବୁବେଳେ ଚାବି ପଡ଼ି ରହୁଥିବା ଦେଖିବାକୁ ମିଳିଛି। ଏଠାରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀ ଜଣକ ଏବେ ପ୍ରସବକାଳୀନ ଛୁଟିରେ ରହିଛନ୍ତି। ଦୁଇ ମାସ ହେଲା ସେ ଛୁଟିରେ ଥିବାରୁ ଉପକେନ୍ଦ୍ର ବନ୍ଦ ରହିଛି। କୌଣସି ପଦକ୍ଷେପ ନିଆନଗଲେ ଆଉ ୫ ମାସ ମଧ୍ୟ ଏମିତି ବନ୍ଦ ରହିବ ବୋଲି ଆଶଙ୍କା କରାଯାଉଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସ୍ୱାସ୍ଥ୍ୟ ସେବା କାରଣରୁ ଦୋବଲ ପଞ୍ଚାୟତର ଇଟୁଆ, ସୋଧ ଓ କୋଳେଇପଦା ଅଞ୍ଚଳବାସୀ ସେବା ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁର ଗୋଟିଏ ପଟେ ଗେଙ୍ଗୁଟି ନଦୀ ପ୍ରବାହିତ। ଆଉ ଗାଁ ଭିତରେ ଗଡ଼ିଆ ପୋଖରୀ ଭର୍ତ୍ତି। ତା ସହିତ ଗାଁ ଚାରିପଟେ ବାଉଁଶ ବଣ। ଏଣୁ ଏହି ଗାଁରେ ବର୍ଷା ଋତୁରେ ଡେଙ୍ଗୁ, ମେଲେରିଆ ଓ ଝାଡ଼ାବାନ୍ତି ଭଳି ରୋଗ ବ୍ୟାପିଥାଏ। ଗତ ୨୦୧୪ରେ ସୋଧ ଗାଁରେ ଡେଙ୍ଗୁ ବ୍ୟାପିବାରୁ ୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଗତବର୍ଷ ଏବଂ ଚଳିତବର୍ଷ ଝାଡ଼ାବାନ୍ତି ମଧ ବ୍ୟାପିଥିଲା। ଏସବୁ ଦୃଷ୍ଟିରୁ ଏଠାରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଠିକ୍ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଜଣେ କର୍ମଚାରୀଙ୍କୁ ନେଇ ଚାଲିଥିବାରୁ କେନ୍ଦ୍ରଟି ଚାଲି ପାରୁନାହିଁ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ପ୍ରତ୍ୟେକ ଲୋକଙ୍କୁ ଘର ପାଖରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ବିଶେଷ କରି ଗର୍ଭବତୀ, ପ୍ରସୂତିଙ୍କ ଯତ୍ନ ଓ ପ୍ରସବ କରାଇବାକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟ କରିଥାଏ। ସେହିପରି ପରିବାର ନିୟୋଜନ, ଗର୍ଭନିରୋଧ, ସଂକ୍ରାମକ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଏହା କାମ କରିଥାଏ। ଏଥିଲାଗି ଉପକେନ୍ଦ୍ର ଅଧିନରେ ଜଣେ ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀଙ୍କୁ ନିୟୋଜିତ କରାଯାଇଥାଏ। ହେଲେ ସୋଧରେ କାର୍ଯ୍ୟରତ ଥିବା ସ୍ୱାସ୍ଥ୍ୟ କର୍ମୀ ଜଣକ ପ୍ରସବକାଳୀନ ଛୁଟି ନେଇଥିବାରୁ ଆଉ କାହାକୁ ଦାୟିତ୍ୱ ମଧ ଦିଆଯାଇ ନାହିଁ। ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ବନ୍ଦ ଥିବାରୁ ଏହା ଉପରେ ନିର୍ଭର କରୁଥିବା ଲୋକେ ୧୦ କିଲୋମିଟର ଦୂର ଧାମନଗର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରାମର୍ଶ ପାଇଁ ଯିବାକୁ ବାଧ ହେଉଛନ୍ତି। ରାତିରେ ଯଦି କେବି ଅସୁସ୍ଥ ହୁଅନ୍ତି ସେମାନେ ଧାମନଗର ଯିବା ଲାଗି ହଇରାଣ ହୋଇଥାନ୍ତି। ଅପରପକ୍ଷରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ମନ୍ମଥ କୁମାର ସାମନ୍ତସିଂହାର ଏନେଇ କହିଛନ୍ତି ଯେ, ଆମ ପାଖରେ ଆଉ କର୍ମଚାରୀ ନାହାନ୍ତି। ତେଣୁ ସୋଧକୁ କର୍ମଚାରୀ ଯୋଗାଇ ଦିଆଯାଇପାରୁନାହିଁ।

## ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଦୋବଲ,୨୪।୭(ସମିସ): ଧାମନଗର ମହାବିଦ୍ୟାଳୟରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା। ଅଧକ୍ଷ ଅଜୟ କୁମାର ବେଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ପ୍ରାପକ ପ୍ରଦୀପ କୁମାର ରାୟ ମୁଖ୍ୟଅତିଥି ଅଧ୍ୟାପକ ସଞ୍ଜୟ କୁମାର ପଣ୍ଡା ମୁଖ୍ୟବକ୍ତା ଓ ଅଧ୍ୟାପିକା ସ୍ମରଣିକା ପ୍ରଧାନ, ଡ.ମନୋଜ କୁମାର କର ଓ ସଜଳ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ନୈତିକ କର୍ତ୍ତବ୍ୟ ବିଚାରଧାରା ଉପରେ ଅଭିଭାଷଣ ଦେଇଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ସଫଳ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକା ଡ. ସାଜିଆ ତମକିନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟ ଆଗରେ ଆଣ୍ଠୁଏ ପାଣି

ଭଦ୍ରକ,୨୪।୭(ସମିସ): ଭଦ୍ରକ ସହରରେ ଡ୍ରେନେଜ ସମସ୍ୟାର ଅନ୍ତ ଘଟୁନି। ଫଳରେ ଅସରାଏ ବର୍ଷା ହେଲେ ସହରର ଅଧିକାଂଶ ପ୍ରମୁଖ ଅଞ୍ଚଳର ରାସ୍ତାରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି। ଗୁରୁବାର ଅପରାହ୍ନରେ ଅସରାଏ ବର୍ଷାରେ ଭଦ୍ରକ ପୌରପାଳିକ କାର୍ଯ୍ୟାଳୟ ନିକଟରେ ଥିବା ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟ ସମ୍ମୁଖରେ ଏଭଳିସ୍ଥିତି ଦେଖିବାକୁ ମିଳିଥିଲା। ଫଳରେ ଏହି କାର୍ଯ୍ୟାଳୟକୁ ଆସୁଥିବା ଲୋକ ତଥା କର୍ମଚାରୀ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ଅନ୍ୟପକ୍ଷରେ ୧୬ନମ୍ବର ଜାତୀୟ ରାଜପଥର ଆରଡିଛକ ସର୍ଭିସ ରୋଡ, ମୋଟେଲ ଛକ ଫ୍ଲାଏ ଓଭରବ୍ରିଜ ତଳ ରାଜପଥରେ ବି ୩.୫ ଫୁଟର ବର୍ଷା ଜଳ ସବୁଥର ଭଳି ପ୍ରବାହିତ ହେଉଥିଲା।



## ସଂସ୍କୃତ କଲେଜରେ ମହିଳା ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ,୨୪।୭(ସମିସ): ଭଦ୍ରକ ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ମହିଳା ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡ଼ଃ କୃପାସିନ୍ଧୁ ନାୟକ, ସମ୍ମାନିତ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ ଯୋଗଦେଇ ନାରୀ ସୁରକ୍ଷା ତଥା ୨୦୧୩ ମହିଳା ସୁରକ୍ଷା ଆଇନ୍ ସଂପର୍କରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ସ୍ୱାଗତଭାଷଣ ସହ ଅତିଥି ପରିଚୟ ନେଇ ଥିବା ବେଳେ ମହାବିଦ୍ୟାଳୟର ନୋଡ଼ାଲ ଅଫିସର ଶୁକଦେବ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

## ନିର୍ମାଣାଧୀନ କାନ୍ତକବି ମେମୋରିଆଲ ପାର୍କ ପରିଦର୍ଶନ କଲେ ବିଧାୟକ



ଭଦ୍ରକ,୨୪।୭(ସମିସ): ଗୁରୁବାର ପୂର୍ବାହ୍ନରେ ଭଦ୍ରକ ବ୍ଲକ କୋର୍କୋରା ନିକଟ କେନ୍ଦ୍ରୀୟ ବିଦ୍ୟାଳୟଠାରେ ନିର୍ମାଣାଧୀନ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ମେମୋରିଆଲ ପାର୍କକୁ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର କ୍ଷେତ୍ର ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ କଥିବା ପ୍ରଶାସନିକ ଅଧିକାରୀଙ୍କ ସହିତ ଏହି ପାର୍କ ପ୍ରତିଷ୍ଠା କାର୍ଯ୍ୟର ଅଗ୍ରଗତି ଓ ସୋନ୍ଦର୍ଯ୍ୟକରଣ ସଂପର୍କରେ ଆଲୋଚନା କରିଥିଲେ। ଏହି ପାର୍କ ସୋନ୍ଦର୍ଯ୍ୟକରଣରେ ପୁଷ୍କରିଣୀ ମଧ୍ୟରେ ଦ୍ୱୀପପୁଞ୍ଜ, ନୌକା ବିହାର, କଫି ପିଇବା ଘର, ଅତ୍ୟାଧୁନିକ ରେଷ୍ଟୁରାଣ୍ଟ, ସଙ୍ଗୀତ ସହ ଆଲୋକୀକରଣ ଓ ପାର୍କକୁ ପୂର୍ଣ୍ଣସୋନ୍ଦର୍ଯ୍ୟତା ସମ୍ପନ୍ନ କରିବା ପାଇଁ ଆହୁରି ଅନେକ ପ୍ରକାରର ଆବଶ୍ୟକୀୟ ସାଜସଜ୍ଜା ଉପକରଣ ବିଷୟରେ ପରାମର୍ଶ ଦେଇଥିଲେ। ଯେମିତିକି ପାର୍କଟି ଭଦ୍ରକ ଜିଲ୍ଲାର ମାନକୁ ପରିବର୍ଦ୍ଧିତ ଓ ପରିଚିତ କରାଇବାରେ ସଫଳ ହେବ। ଉକ୍ତ କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାର ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡା ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସୁଦର୍ଶନ ପତିଙ୍କ ସମେତ ବିଭାଗୀୟ ସହଯୋଗୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବ ସରକାର ଅମଳରୁ ଏହି ପ୍ରକଳ୍ପ ଲାଗି ଅର୍ଥ ବରାଦ ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା।

## ବରିଷ୍ଠ ନାଗରିକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବାରିକପୁର,୨୪।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ଯଶୋଟିକିରି ଠାରେ ଧର୍ମପରାୟଣ ତଥା ଗ୍ରାମର ବରିଷ୍ଠ ନାଗରିକ ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଧର୍ମପରାୟଣଙ୍କ ସୁପୁତ୍ର ତଥା ବିଶିଷ୍ଟ ଯୁବ ଉଦ୍ୟୋଗୀ ବିରଞ୍ଚି ନାରାୟଣ ରାଉତଙ୍କ ସଂଯୋଜନାରେ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ବନବିହାରୀ ରାଉତରାୟ ଯୋଗ ଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ରାଉତରାୟ ସ୍ୱର୍ଗତ ରାଉତଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିବା ସହିତ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ବଦ୍ରୀନାରାୟଣ ରାଉତ, ସମାଜସେବୀ ତଥା ବରିଷ୍ଠ ନାଗରିକ ପ୍ରଦୀପ ସାମଲ, କଣ୍ଠଶିଳ୍ପୀ ହରିହର ପଲ୍ଲାର, ଶାନ୍ତିଲତା ରାଉତ, ସୁଧାଂଶୁ ଶେଖର ରାଉତ, ସରୋଜିନୀ ରାଉତ, ସୁରେନ୍ଦ୍ର ସ୍ୱାଇଁ, ଅନୀଲ ରାୟ, ଉତମ ଜେନା, ବିଳାସିନୀ ରାଉତ, ବିଜୟା ଲକ୍ଷ୍ମୀ ରାଉତ ପ୍ରମୁଖ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସାଳନ୍ଦୀ କଲେଜରେ 'ଇନୋଭେସନ ଷ୍ଟାର୍ଟ ଅପ୍'




ଭଦ୍ରକ,୨୪।୭(ସମିସ): ଭଦ୍ରକ ଉତ୍ତରବାହିନୀ ସ୍ଥିତ ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟର ଇନୋଭେସନ ଷ୍ଟାର୍ଟ ଅପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଇନୋଭେସନ ଓ ଷ୍ଟାର୍ଟ ଅପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି ଯୋଗଦେଇ ପ୍ରତିଯୋଗିତାମୂଳକ ସମାଜରେ ନିଜର ଅସ୍ତିତ୍ୱ ବଜାଇ ରଖିବାକୁ ହେଲେ ନୂତନତ୍ୱର ଆବଶ୍ୟକତା ଅଛି ଓ ନିରନ୍ତର ପ୍ରୟାସ ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଅଧକ୍ଷା ରାଜଶ୍ରୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ରଚନା, ତର୍କ, ସଙ୍ଗୀତ-ନାଚ, ଚିତ୍ରକଳା, ଝୋଟି ଆଦି ବିଭିନ୍ନ ପ୍ରତିଯୋଗିତାରେ କରୁତିଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । କଲେଜର ଅଧ୍ୟାପକ ଅଧ୍ୟାପିକା ଅଚ୍ୟୁତାନନ୍ଦ ନାୟକ ଲିପିପୁଷ୍ପା ନାୟକ, ସବିନା ଅକତର, ତୈମୁର ରେହିମାନ ଙ୍କର ପରିଚାଳନାରେ ପୂର୍ବ ଦିନ ବିଭିନ୍ନ ପ୍ରକଳ୍ପ ପ୍ରତିଯୋଗିତା କରାଯାଇଥିଲା।

## ପକ୍ଷାଘାତ ମହିଳାଙ୍କୁ ଆର୍ଥିକ ସହାୟତା



ବାରିକପୁର,୨୪।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ଗ୍ରାମର ୨ଜଣ ପକ୍ଷାଘାତ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗ୍ରାମର ଝରଣା ସେଠୀ ଓ ପ୍ରମିଳା ସେଠୀ ଦୀର୍ଘ ମାସ ହେବ ପକ୍ଷାଘାତ ରୋଗରେ ପୀଡିତ ଅଛନ୍ତି। ଖବର ପାଇ ଭୁବନେଶ୍ୱର ଉତ୍କଳ କଳାକାର ଏକାଡେମୀର ସଦସ୍ୟ ମାନେ ଗ୍ରାମରେ ପହଞ୍ଚି ୨ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନୁଷ୍ଠାନର ଅଧକ୍ଷ ଶଶଧର ପଣ୍ଡା, ସମ୍ପାଦକ କୈଳାସ ଚନ୍ଦ୍ର ନାୟକ, ଯାଜପୁର କଳାକାର ଏକାଡେମୀ ସଦସ୍ୟ କୈଳାସ ଚନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହରିହର ସ୍ୱାଇଁ ପ୍ରମୁଖ ଦୁଇ ମହିଳାଙ୍କ ଦ୍ରୁତ ଆରୋଗ୍ୟ କାମନା କରି ଏହି ଅର୍ଥ ପ୍ରଦାନ କରିଛନ୍ତି।

## 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ



ଭଦ୍ରକ,୨୪।୭(ସମିସ): ଗୁରୁବାର ଗେଲପୁର ଗ୍ରାମ ପଞ୍ଚାୟତରେ "ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ରାଜସ୍ୱ ପରିଦର୍ଶକ ଜ୍ୟୋତିରଂଜନ ପଣ୍ଡା ଓ ଭଦ୍ରକ ରାଜସ୍ୱ ନିରୀକ୍ଷକ ଶରତ କୁମାର ମହାନ୍ତିଙ୍କ ସମେତ ସାମରାଇପୁର, ଗେଲପୁର, ନଳାଙ୍ଗ ଅଞ୍ଚଳର ଗ୍ରାମବାସୀ, କୃଷକ ସାଥୀ ଏବଂ ସ୍ଥାନୀୟ ପ୍ରତିନିଧି ଉପସ୍ଥିତ ଥିଲେ। ଏବେ ସରକାରଙ୍କ ତରଫରୁ ପ୍ରାଧାନ୍ୟ ଦିଆଯାଉଥିବା ପଟ୍ଟାର ଦୁଇ ଖାନାରେ ମୃତ୍ୟୁ ଆସାମୀଙ୍କ ନାମକୁ ସଂଶୋଧନ ପାଇଁ ପୂର୍ବରୁ ଗ୍ରହଣ କରାଯାଇଥିବା ସଂଶୋଧିତ ନୂତନ ପଟ୍ଟା ତାଙ୍କର ଉତ୍ତରାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ମୃତ୍ୟୁପଟ୍ଟା ଆସାମୀଙ୍କ ନାମରେ ଥିବା ପଟ୍ଟା ସଂଶୋଧନ କରିବା ନିମନ୍ତେ ମଧ ନୂତନ ଦରଖାସ୍ତ ଗ୍ରାମବାସୀଙ୍କ ନିକଟରୁ ଗ୍ରହଣ କରାଯାଇଥିଲା। ତତ୍ ସଙ୍ଗେସଙ୍ଗେ ଶ୍ରୀ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀଙ୍କ ବିଭିନ୍ନ ପ୍ରକାରର ରାଜସ୍ୱ ସମସ୍ୟାର ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଏଥି ସହିତ ତହସିଲଦାର ଶ୍ରୀ ଖୁଣ୍ଟିଆ କ୍ରମାଗତ ଭାବରେ ଭଦ୍ରକ ତହସିଲ ଅଧୀନ ସମସ୍ତ ଗ୍ରାମ ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ "ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏ ନେଇ ସେ ରାଜସ୍ୱ ନିରୀକ୍ଷକଙ୍କୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପରିଦର୍ଶକ, ଅତିରିକ୍ତ ତହସିଲଦାର ଓ ତହସିଲଦାର ରହିବେ ବୋଲି ସୂଚନା ମିଳିଛି।

## ସରସ୍ୱତୀ ତ୍ରିପାଠୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ

ଧାମନଗର,୨୪।୭(ସମିସ): ଧାମନଗର ଏନଏସି ଅନ୍ତର୍ଗତ ଶାମପୁର ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସୂର୍ଯ୍ୟମଣି ତ୍ରିପାଠୀଙ୍କ ଧର୍ମପତ୍ନୀ ସ୍ୱର୍ଗତ ସରସ୍ୱତୀ ତ୍ରିପାଠୀଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏଥିରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ଜିଲ୍ଲାପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ପଞ୍ଚାୟତ ସମିତି ପ୍ରାକ୍ତନ ଅଧକ୍ଷ ଅଶୋକ କୁମାର ନାୟକ, ଏନଏସି ଅଧକ୍ଷା ନିବେଦିତା ଜେନା, କଂଗ୍ରେସ ନେତା ଅଭିଷେକ ରାଉତ, ବିଦ୍ୟାଧର ଜେନା, ନାରାୟଣ ଚନ୍ଦ୍ର ପାଢୀ, ସଞ୍ଜୟ କୁମାର ମିଶ୍ର, ନରେନ୍ଦ୍ର କୁମାର ମଲ୍ଲିକ, ରମଣିରଞ୍ଜନ ଦାସ, ମାନସ ରଞ୍ଜନ ମହାପାତ୍ର, ପ୍ରସନ୍ନ କୁମାର ଧଳ, ଅଶୋକ କୁମାର ରାଉତ,ବିଜେପି ନେତା କୈଳାସ ଚନ୍ଦ୍ର ମହାପାତ୍ର, ମନୋରଞ୍ଜନ ମଲ୍ଲିକ, ହରେକୃଷ୍ଣ ପାଢ଼ୀ, ବିଜୟ କୁମାର ରାମ, କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର, ବରିଷ୍ଠ ନାଗରିକ ପରିଷଦର ସାଧାରଣ ସମ୍ପାଦକ ଶଚୀକାନ୍ତ ପଣ୍ଡା,ସଭ୍ୟ ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ହୃଦାନନ୍ଦ କର,ଧାମନଗର ପ୍ରେସ୍ କ୍ଲବ ସଭାପତି କିଷାନ କୁମାର ରାଉତ, ସାଧାରଣ ସମ୍ପାଦକ ସରୋଜ ସେଠୀ, ବରିଷ୍ଠ ସାମ୍ବାଦିକ ପ୍ରତାପ କୁମାର ଦାସ, ତପନ କୁମାର ମିଶ୍ର, ତପନ କୁମାର ସ୍ୱାଇଁ, ପ୍ରଦୀପ କୁମାର ମହାପାତ୍ର,ବୈକୁଣ୍ଠ ନାଥ ସାହୁ, ସୁଧାକର ଦାଶ, ବିରେନ୍ଦ୍ର ଜେନା, ସୁଶାନ୍ତ କୁମାର ରାଉତ, ରଜତ କୁମାର ପଣ୍ଡା,ଗୋଲାମ ଜିଲାନି ହବିବି,କୃଷ୍ଣ ଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ତ୍ରିପାଠୀ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



## ବୁଥ ପୃଥକୀକରଣ ପାଇଁ ପ୍ରସ୍ତୁତି

ବାରିକପୁର,୨୪।୭(ସମିସ): ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ବୁଥ ତଥା ଭୋଟ କେନ୍ଦ୍ର ପୃଥକୀକରଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ଦେବଦତ ଦାସଙ୍କ ଅଧ୍ୟକ୍ଷତାରେ ଆଜି ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେଉଁଠି ୧୨ଶହରୁ ଅଧିକ ଭୋଟର ଥିବେ ଉକ୍ତ ସ୍ଥାନରେ ଭୋଟ କେନ୍ଦ୍ରକୁ ଦୁଇ ଭାଗରେ ବିଭକ୍ତ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଏଣୁ ବ୍ଲକରେ ଏବେ ୧୨୦ଟି ବୁଥ ଥିବାବେଳେ ବିଭକ୍ତିକରଣ ପରେ ଏହା ବୃଦ୍ଧି ପାଇ ୧୪୬ରେ ପହଞ୍ଚିବ ବୋଲି ଜଣାପଡିଛି। ଆୟୋଜିତ ହୋଇଥିବା ସଚେତନାତ୍ମକ ପ୍ରସ୍ତୁତି ବୈଠକରେ ବ୍ଲକ ଅଧକ୍ଷା ସୁମତୀ ସେଠୀ, ଉପାଧକ୍ଷ ପ୍ରଣୀତକାନ୍ତି ସାମଲ, ଏବିଡ଼ିଓ ଶର୍ମିଷ୍ଠା ମଲ୍ଲିକ, ଭାରପ୍ରାପ୍ତ ଜିପିଓ ବିକ୍ରମ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହାଛଡା ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, ବରିଷ୍ଠ ବିଜେପି ନେତା ଗିରିଶ ଚନ୍ଦ୍ର ସାମଲ ପ୍ରମୁଖ ରାଜନୈତିକ ଦଳୀୟ ନେତୃମଣ୍ଡଳୀ ମାନେ ଏଥିରେ ଉପସ୍ଥିତ ରହି ବୁଥ ଭାଗ ବିଷୟରେ ବିଭିନ୍ନ ମତ ଦେଇଥିଲେ।

# ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା



ଭଦ୍ରକ,୨୪।୭(ସମିସ): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଙ୍କ ପାଇଁ ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟରେ ନିରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୋକିତ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ନେତା ରାଧାକାନ୍ତ ସାମଲ, ଦେବେନ୍ଦ୍ର ମହାନ୍ତି, ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ଅବଦୁଲ ମୋକିଦ ଖାଁ, ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ପୀତବାସ ଧଳ, ପ୍ରଦ୍ୟୁମ୍ନ ଦାସ, ରବି ମହାପାତ୍ର ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ସୌମ୍ୟାଶ୍ରୀଙ୍କ ପ୍ରତି ହୋଇଥିବା ଅନ୍ୟାୟ, ଅତ୍ୟାଚାରକୁ ତୀବ୍ର ନିନ୍ଦା କରିବା ସହ ତାଙ୍କୁ ନ୍ୟାୟ ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କହିଥିଲେ। ତାଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରଦ୍ଧାଞ୍ଜଳି ସଭାରେ ନେତାମାନେ ଦୃଢ ଦାବି କରିଥିଲେ। ସେହିପରି ଦିନକୁ ଦିନ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର, ଧର୍ଷଣ ଓ ବଳାତ୍କାର ଘଟଣାକୁ ନେଇ ନେତାମାନେ ପରୋକ୍ଷରେ ରାଜ୍ୟ ସରକାରଙ୍କୁ ଦାୟୀ କରିବା ସହ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି ନେତାମାନେ ବକ୍ତବ୍ୟ ରଖିଥିଲେ। ଶ୍ରଦ୍ଧାଞ୍ଜଳି ସଭା ପ୍ରାରମ୍ଭରେ ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଦଳୀୟ କର୍ମୀମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ହସିନା ବେଗମ, ଅବଦୁଲ ସଲାମ, ମନୋରଞ୍ଜନ ଦାସ, ବିଜୟ ବାରିକ, ସୁଶାନ୍ତ ଦାସ, ରବି ନାରାୟଣ ଜେନା, ଧରିତ୍ରୀ ଜେନା, ଯୁବ ନେତା ଫୟାଜ, ବବଲୁ ପ୍ରମୁଖ ଯୋଗ ଦେଇଥିଲେ।

ବାରିକପୁର, ୨୪।୭(ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହିତ ବିଭିନ୍ନ ରାଜନୈତିକ ଦଳ, ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନ ପକ୍ଷରୁ ମଧ ଅମର ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ଏହି ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ପାଇଁ ପାଳଦା ବାଙ୍କ ହନୁମାନ ମନ୍ଦିର ଠାରେ ଦୀପ ଜଳାଇ କର୍ମୀମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ମହିଳା ସଭାନେତ୍ରୀ ସବିତା ଚନ୍ଦ, ପ୍ରାକ୍ତନ ସରପଞ୍ଚ ତଥା କଂଗ୍ରେସ ନେତା ପ୍ରଶାନ୍ତ ସାହୁ, ଯୁବନେତା ବିଜୟ ଶଙ୍କର ମହାନ୍ତି, ରମେଶ ଚନ୍ଦ୍ର ଭାରତୀ, ସୀତାକାନ୍ତ ଜେନା, ଗୁରୁପ୍ରସାଦ ଗିରି, ଜ୍ୟୋସ୍ନାରାଣୀ ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିଭଳି ମଞ୍ଜୁରୀରୋଡ଼ଠାରେ କଂଗ୍ରେସନେତା ଅଜୟ ସାହୁ, ସୁଶାନ୍ତ ବାରିକ, କରୁଣାକର ସ୍ୱାଇଁ, ଦିଜ ବାରିକ, ଧନେଶ୍ୱର ଶଙ୍ଖୁଆ ପ୍ରମୁଖ କର୍ମୀ ମାନେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।



## ପୋଖରୀ ଖୋଳା ନାଁ ରେ ବ୍ୟାପକ ଶାଳ ଗଛ ନଷ୍ଟ

# ବନ ବିଭାଗ ପକ୍ଷରୁ ଠିକାଦାରଙ୍କୁ ନୋଟିସ୍

ରଗଡି,୨୪।୭ (ସମିସ)



ଜଙ୍ଗଲ ସୃଷ୍ଟି କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ଅନ୍ୟପଟେ ଏସ୍‌ଏମ୍‌ସି କାର୍ଯ୍ୟ ତଥା ପୋଖରୀ ଖୋଳା ନାଁରେ ନିର୍ବିଘ୍ନରେ ଶତାଧିକ ଶାଳ ପରି ମୂଲ୍ୟବାନ ଗଛ ନଷ୍ଟ କରି ଦିଆଯାଇଛି ବୋଲି ଅଭିଯୋଗ ହେଉଛି। ଆଗକୁ ବି ଆହୁରି ଗଛ ନଷ୍ଟ ହେବାର ଆଶଙ୍କା ମଧ୍ୟ ରହିଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମାର୍ଚ୍ଚ ମାସ ସୁଦ୍ଧା କାର୍ଯ୍ୟ କରିବାର ଅବଧି ଥିଲେ ହେଁ ବର୍ଷା ଋତୁରେ ବି ପୋଖରୀ ଖୋଳା ଚାଲିଛି। କଟକ ବନଖଣ୍ଡ ଯାଜପୁର ରୋଡ ବନାଞ୍ଚଳ ଅଧୀନ ଅନ୍ଧାରୀ ପଞ୍ଚାୟତ କୋରାବନ୍ଦୀ ଗ୍ରାମ୍ୟ ଜଙ୍ଗଲରେ ଏପରି ଦେଖିବାକୁ ମିଳିଛି। ଜଙ୍ଗଲ ଭିତରେ ପଶୁ, ପକ୍ଷୀ ପାଣି ପିଇବା ପାଇଁ ପ୍ରାୟ ୫୦ରୁ ଅଧିକ କ୍ଷୁଦ୍ର ପୋଖରୀ ଖୋଳାଯିବା ନେଇ ଠିକାଦାର ଚୟନ ହୋଇଛି। ଏସବୁ ପୋଖରୀ ଖୋଳା ଯିବାପାଇଁ ଠିକାଦାରଙ୍କ ପକ୍ଷରୁ ଚେନପୁଲି ଗାଡ଼ି ଜଙ୍ଗଲ ମଧ୍ୟକୁ ପ୍ରବେଶ କରିବାରୁ ଏହାଦ୍ୱାରା ବହୁ ସଂଖ୍ୟାରେ ଶାଳ ଗଛ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ଜଙ୍ଗଲ ମଧ୍ୟରେ ପଶୁ, ପକ୍ଷୀ ପାଣି ପିଇବା ପାଇଁ ଅନେକ ପୋଖରୀ ଥିବା ବେଳେ ପୁଣି କେଉଁ ଉଦ୍ଦେଶ୍ୟରେ ଏବଂ କାହା ସ୍ୱାର୍ଥରେ ଏତେ ସଂଖ୍ୟକ ପୋଖରୀ ଖୋଳାଯିବାର ଯୋଜନା କରାଯାଇଛି। ଯଦ୍ୱାରା ଏତେ ସଂଖ୍ୟକ ଦାମୀ ଶାଳ ଗଛ ନଷ୍ଟ ହେବାକୁ ଦିଆଗଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଖବର ପାଇ ଯାଜପୁର ରୋଡ ବନାଞ୍ଚଳ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନ ପହଞ୍ଚି ଏହାର ଅନୁଧ୍ୟାନ କରିଛନ୍ତି। ଗାଡ଼ି ମାର୍ଜି ବେଳେ ବହୁ ସଂଖ୍ୟାରେ ଶାଳ ଗଛ ନଷ୍ଟ ହୋଇଥିବା କଥାକୁ ସେ ସ୍ୱୀକାର କରିଛନ୍ତି। ଡିଏଫଓଙ୍କ ସହ ପରାମର୍ଶ କରାଯିବା ପରେ ଉକ୍ତ ଠିକାଦାରଙ୍କ କାମ ବନ୍ଦ କରାଯାଇଛି। ଗଛ ନଷ୍ଟ ନେଇ ଠିକାଦାରଙ୍କୁ ନୋଟିସ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ବିଜେଡି କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

**୩୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀଙ୍କ ନାମରେ ଏତଲା**

ବରୀ,୨୪।୭ (ସମିସ): ବରୀ ମାଉଣ୍ଡ ନିକଟ ନେଉଳା ଛକରେ ମଙ୍ଗଳବାର ପୂର୍ବାହ୍ନରେ ବିଜେପି କର୍ମୀଙ୍କ ଦ୍ୱାରା ବିଜେଡି କର୍ମୀଙ୍କୁ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ଅବ୍ୟବସ୍ଥା ଅଭିଯୋଗ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟିବାକୁ ବିଜେଡି ଯୁବ ଜନତା ଦଳର କିଛି କର୍ମକର୍ତ୍ତା ଯାଜପୁର ଅଭିମୁଖେ ଯାଉଥିଲେ। ସେହି ସମୟରେ ନେଉଳା ଛକ ନିକଟରେ ତାଙ୍କ ଉପରେ ଅତର୍କିତ ଆର୍କମଣ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଉପରୋକ୍ତ ସ୍ଥାନରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ବିଜେପି କର୍ମୀ ସଂଗ୍ରାମ ପଲାଇ, ଗତ ପଞ୍ଚାୟତ ନିର୍ବାଚନରେ ଜିଲ୍ଲା ପରିଷଦ ପ୍ରାର୍ଥି ହୋଇଥିବା ସୌଭାଗ୍ୟ ଦାସ, ସତ୍ୟବ୍ରତ ଜେନା, ପ୍ରଦୀପ ପରିଡା, ପ୍ରକାଶ ଦାସ, ନାରାୟଣ ଚନ୍ଦ୍ର ସାହୁ, ସନ୍ତୋଷ ନାୟକ, ଚନ୍ଦ୍ରକାନ୍ତ ନାୟକ, ମାନସ ଧଳ, ଶଶିକାନ୍ତ ବେହେରା, ସଦାସିବ ପଡିହାରୀଙ୍କ ସମେତ ପ୍ରାୟ ୩୦ରୁ ଅଧିକ ବିଜେପି ଯୁବମୋର୍ଚ୍ଚାର କର୍ମୀମାନେ ବିଜେପି ନେତା ଉମେଶ ଚନ୍ଦ୍ର ଜେନାଙ୍କ ଇଙ୍ଗିତରେ ସେମାନଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଜାତିଆଣା ଆକ୍ଷେପ କରିଥିଲେ। ଏହାର ପ୍ରତିବାଦ କରିବାରୁ ବିଜେପି କର୍ମୀମାନେ ହାତରେ ଠେଙ୍ଗାବାଡି ଧରି ଆକ୍ରମଣ କରିବା ସହ ପାଖରେ ରଖିଥିବା ଭୁଜାଲି, ଲୁହରଡ୍ ଆଦି ମାରଣାସ୍ତ୍ର ଧରି ଗୋଡ଼ାଇଥିଲେ। ସେମାନେ ବିଭିନ୍ନ ଧମକଚମକ ଦେବା ସହ ବିଧାୟକ ବିଶ୍ୱରଞ୍ଜନ ମଲିକଙ୍କ ନାମରେ ଅସାମ୍ବିଧାନିକ ଶବ୍ଦ ପ୍ରୟୋଗ କରିଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆନଗଲେ ରାଜରାସ୍ତାଙ୍କୁ ଓହ୍ଲାଇବାକୁ ବାଧ ହେବୁ ବୋଲି ବରୀ ଯୁବ ବିଜେଡିର କର୍ମକର୍ତ୍ତା ସାଗର କାନ୍ତ ରାୟ, ଭରତ ସେଠି, ବିଭୁ ପ୍ରସାଦ ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି। ସେହିପରି ରାମଚନ୍ଦ୍ରପୁର ଥାନା ସୂତ୍ରରୁ ଜଣାପଡ଼ିଛି ଯେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ବରୀ ବିଡିଓ ଏବଂ ବିଧାୟକଙ୍କ ନାମରେ ପୂର୍ବାହ୍ନରେ ଲିଖିତ ଅଭିଯୋଗ ହୋଇଛି।

## ବୃଦ୍ଧାଶ୍ରମରେ କମ୍ବଳ ବଣ୍ଟନ



ପାଣିକୋଇଲି,୨୪।୭ (ସମିସ): ଯାଜପୁର ରୋଡ୍‌ସ୍ଥିତ ବ୍ୟାଙ୍କ ଅଫ ବରୋଦା ତରଫରୁ ବିଭିନ୍ନ ସମୟରେ ବିଭିନ୍ନ ସାଜିକ କାର୍ଯ୍ୟସହ ଜଡ଼ିତ ଥିବା ବେଳେ ଆଜି ପାଣିକୋଇଲିସ୍ଥିତ ବୃଦ୍ଧାଶ୍ରମ 'ଶେଷ ପରିଚୟ'ରେ କମ୍ବଳ ବଣ୍ଟନ କରାଯାଇଛି। ବ୍ୟାଙ୍କର ପରିଚାଳକ ବେଦବ୍ରହ୍ମା ପରିଡ଼ାଙ୍କ ନେତୃତ୍ୱରେ କର୍ମଚାରୀ ପ୍ରତାପ କୁମାର ପରିଡ଼ା, ଯଶୋଦା ପ୍ରିୟଦର୍ଶିନୀ, ମିଲୁ ରାଜ, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଅନୁଷ୍ଠାନ ପକ୍ଷରୁ ମନ୍ମଥ ପଣ୍ଡା ଓ ଗୋଲକ ବିହାରୀ ପରିଡ଼ା ସହଯୋଗ କରିଥିଲେ।

## ନଦୀପଠାରେ ଗଳିତ ମୃତଦେହ ଉଦ୍ଧାର

ଧର୍ମଶାଳା,୨୪।୭ (ସମିସ): ଧର୍ମଶାଳା ଥାନା ଅଧୀନ ଅରାବଳ ପଞ୍ଚାୟତ ମହନପୁର ନିକଟସ୍ଥ କେଲୁଅ ନଦୀପଠାରୁ ଗୁରୁବାର ସକାଳେ ଏକ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତଦେହଟି ଭାସି ଆସି ମହାନପୁର ନିକଟରେ ଲାଖି ଯାଇଥିଲା। ଏହାକୁ ସ୍ଥାନୀୟ ଲୋକେ ଦେଖି କୋଟପୁର ଫାଣ୍ଡି ପୁଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ପେମାନନ୍ଦ ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ଗଳିତ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମୃତଦେହଟି ଏକ ପୁରୁଷର ବୋଲି ଅନୁମାନ କରାଯାଉଛି ଏବଂ ୧୫ ଦିନରୁ ଅଧିକ ହେବ ବୋଲି ଜଣାପଡ଼ିଛି। ମୃତଦେହକୁ ସତ୍କାର କରାଯାଇଥିବା ନେଇ କୋଟପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସୂଚନା ଦେଇଛନ୍ତି।

## ଛାତ୍ରୀଙ୍କୁ ଅପହରଣ ନେଇ ଥାନାରେ ଅଭିଯୋଗ

କୁଦଳ,୨୪।୭ (ସମିସ): ବାଲିଚନ୍ଦ୍ରପୁର ଥାନା ଅଧୀନ କୃଷ୍ଣଦାସପୁର ଗ୍ରାମରୁ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ତେବେ ୧୯ ତାରିଖ ରାତିରେ ୧୫ ବର୍ଷିୟ ନାବାଳିକା ଝିଅକୁ କେହି ଅପହରଣ କରିନେଇଥିବା ନେଇ ଥାନାରେ ନାବାଳିକାର ମାଆ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ପୁଲିସ ମାମଲା ରୁଜୁ କରି ତଦନ୍ତ ଚାଲୁରଖିଛି। ଘଟଣାର ୫ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ନାବାଳିକାର କୌଣସି ସନ୍ଧାନ ପାଇପାରିନାହିଁ। ବିଭିନ୍ନ ସ୍ଥାନରେ ଖୋଜାଖୋଜି ସହ ତଦନ୍ତ ଜାରି ରହିଥିବା ଥାନା ସୂତ୍ରରୁ ପ୍ରକାଶ।

## ସର୍ପାଘାତରେ ଯୁବକ ଗୁରୁତର

ସୁକିନ୍ଦା,୨୪।୭ (ସମିସ): ସୁକିନ୍ଦା ଥାନା ଅଧୀନ ଦଲକି ଗ୍ରାମ ପାଖ ଜଙ୍ଗଲରେ ବିଷଧର ସାପ କାମୁଡାରେ ଗ୍ରାମର ଚିନ୍ତାମଣି ମହାନ୍ତ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ମୃତ ଦୁଇ ଯୁବକଙ୍କ ପରିବାରକୁ ଆର୍ଥିକ ସହାୟତା



ବଡଚଣା,୨୪।୭ (ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ଅନିଲ କୁମାର ସାହୁ ଓ ଧନେଶ୍ୱର ନାୟକଙ୍କର ଅକାଳ ବିୟୋଗ ଖବର ପାଇ ଆଜି କେନ୍ଦ୍ରାପଡା କ୍ରେଡିଟ କୋଅପରେଟିଭ ସୋସାଇଟ, ବାଲିଚନ୍ଦ୍ରପୁର ଶାଖା ପକ୍ଷରୁ ଉଭୟ ପରିବାରକୁ ୧୦ ହଜାର ଟଙ୍କାଏ ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସୋସାଇଟିର ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁ ଆଜି ଉଭୟଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ଅକାଳ ମୃତ୍ୟୁ ବରଣ କରିଥିବା ଉଭୟ ମୃତ ଯୁବକଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ତେବେ ଉଭୟଙ୍କ ପରିବାରକୁ ସମବେଦନା ଜଣାଇବା ପାଇଁ ଆସିଥିବା ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ସୋସାଇଟର ଏଭଳି ସହାୟତା ପାଇଁ ସୋସାଇଟକୁ ସାଧୁବାଦ ଜଣାଇଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସରପଞ୍ଚ ନବଦ୍ୱୀପ ନାୟକ, ସୋସାଇଟିର ବାଲିଚନ୍ଦ୍ରପୁର ଶାଖାର ମୁଖ୍ୟ ପରିଚାଳିକା ସନ୍ତୋଷୀ ସାମଲ, ସୋସାଇଟର ଦୈନିକ ଜମା ସଂଗ୍ରହକାରୀ ଚିନ୍ମୟ କୁମାର ଜେନା ଓ ଭୂପେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ଦୋଳନକୁ ଓହ୍ଲାଇଲେ ସଫେଇ କର୍ମଚାରୀ



ସୁକିନ୍ଦା,୨୪।୭ (ସମିସ): ନିରନ୍ତର ସେବା ପ୍ରଦାନ କରି ପାରିଶ୍ରମିକ ନପାଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ କର୍ମଚାରୀ। ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସଫେଇ କର୍ମଚାରୀ ଦୀର୍ଘ ମାସ ଧରି ପାରିଶ୍ରମିକ ନପାଇ ଅତି ଦୁଃଖର କାଳାତିପାତ କରୁଛନ୍ତି। ଘଟଣା ସମ୍ପର୍କରେ ସଫେଇ କର୍ମଚାରୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଶେଷରେ ନିରୁପାୟ ହୋଇ ଗୁରୁବାର ଦିନ ସଫେଇ କର୍ମଚାରୀ ମାନେ କଳା ବ୍ୟାଚ ପିନ୍ଧି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବସିରହିଥିବା ଦେଖିବାକୁ ମିଳିଛି। ଫଳରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଫେଇ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ପାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଫେଇ କର୍ମଚାରୀ ମାନଙ୍କ ସହ ଆଲୋଚନା କରି ସେମାନଙ୍କ ପାରିଶ୍ରମିକ ଦେବାକୁ ସଂପୃକ୍ତ ଠିକାଦାରକୁ ତାଗିଦ୍ କରିବା ପରେ ସଫେଇ କର୍ମଚାରୀ ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି।

## ବିପୁଳ ପରିମାଣରେ ଗଞ୍ଜେଇ ସହ କାର୍ ଜବତ

ଦାନଗଦି/ସୁକିନ୍ଦା,୨୪।୭ (ସମିସ): ଡୁବୁରୀ-ସୁକିନ୍ଦା ୫୩ ନମ୍ବର ଜାତୀୟ ରାଜପଥ ସିଆରିଆ ଛକ ନିକଟରୁ କଳିଙ୍ଗନଗର ଥାନା ପୁଲିସ ଚାରିବସ୍ତା ଗଞ୍ଜେଇ ସହ ଏକ ଓଡି. ୩୩. ଏପି. ୯୩୯୫ ବିଶିଷ୍ଟ ଗାଡିକୁ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୁଲିସ କହିଛି। ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତ୍ରୀରେ ଗାଡ଼ିଟି ଢେଙ୍କାନାଳ ପଟୁ ସୁକିନ୍ଦା ଡୁବୁରୀ ଦେଇ କେନ୍ଦୁଝର ଆଡ଼କୁ ଯାଉଥିଲା। ରାସ୍ତାରେ ଡୁବୁରି ସିଆରିଆ ନିକଟରେ ଗାଡିଟି ଦୁର୍ଘଟଣାର ସମ୍ମୁଖୀନ ହୋଇ ରାସ୍ତା ତଳକୁ ପଲଟି ଯାଇଥିଲା। ଖବର ପାଇ କଳିଙ୍ଗନଗର ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚିଥିଲା ଏବଂ ସିଆରିଆ ସ୍କୁଲ ନିକଟରୁ ଗାଡିଟିକୁ ଜବତ କରିଥିଲା। ତଦନ୍ତ ସମୟରେ ଗାଡି ଭିତରୁ ଚାରି ବସ୍ତା ଗଞ୍ଜେଇ ବାହାରିଥିଲା। ତେବେ ଡ୍ରାଇଭର ଜଣକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଏହାକୁ ନେଇ କଳିଙ୍ଗନଗର ପୁଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ସଡ଼କ ଦୁର୍ଘଟଣାରେ ଗୁରୁତର ବ୍ୟକ୍ତିଙ୍କ ମୃତ୍ୟୁ

ବାଲିଚନ୍ଦ୍ରପୁର,୨୪।୭ (ସମିସ): ବଡ଼ଚଣା ବ୍ଲକ ଅଧୀନ ବାଲିଚନ୍ଦ୍ରପୁର ଥାନା ସେହି ଗ୍ରାମର ବନମାଳୀ ସେଠୀ (୫୫) ସଡ଼କ ଦୁର୍ଘଟଣାରେ ଗୁରୁତର ଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ପରଲୋକ ଘଟିଛି। ଗତ ୧୯ ତାରିଖ ସକାଳେ ସେ କୌଣସି କାମରେ ୫୩ନଂ ଜାତୀୟ ରାଜପଥରେ ଅନ୍ୟତ୍ର ଯିବା ପାଇଁ ଛିଡ଼ା ହୋଇଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କଟକ ବଡ଼ ମେଡିକାଲ ଓ ପରେ କଟକର ଏକ ଘରୋଇ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁ ଘଟିଛି। ମୃତ୍ୟୁ ସମୟରେ ପରିବାର ଲୋକେ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଛି। ତାଙ୍କ ସାନ ଭାଇ ଚୈତନ୍ୟ ଚରଣ ସେଠୀ ମୁଖାଗ୍ନି ଦେଇଥିଲେ। ବାଲିଚନ୍ଦ୍ରପୁର ଥାନା ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଜଣାପଡିଛି। ବନମାଳୀ ଜଣେ ସରଳ, ନିରୀହ ଓ ମେଳାପୀ ବ୍ୟକ୍ତି ବିଶେଷ ହୋଇଥିବାରୁ ବାଲିଚନ୍ଦ୍ରପୁର ଗ୍ରାମ ବଜାର ଓ ବିଭିନ୍ନ ମହଲରେ ଗଭୀର ଶୋକପ୍ରକାଶ ପାଇଛି।

## ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ପାଇଁ ଧର୍ମଶାଳା କଂଗ୍ରେସର ନୀରବ ପ୍ରାର୍ଥନା



ଧର୍ମଶାଳା,୨୪।୭ (ସମିସ): ବାଲେଶ୍ୱର ଏଫଏମ କଲେଜର ଛାତ୍ରୀ ସୋମ୍ୟାଶ୍ରୀଙ୍କ ଆତ୍ମର ସଦଗତି ନିମନ୍ତେ ଧର୍ମଶାଳା ନିର୍ବାଚନମଣ୍ଡଳୀ କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ନିରବ ପ୍ରାର୍ଥନା କରାଯାଇଛି। ତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଧର୍ମଶାଳା କଂଗ୍ରେସ ନେତା ତଥା ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ ଦଳର କର୍ମୀ କୃଷକ ନେତା ବସନ୍ତ କୁମାର ପରିଡା, ପ୍ରଫୁଲ୍ଲ କୁମାର ରାୟ, ପୂର୍ଣ୍ଣଚନ୍ଦ୍ର ତରାଇ, ନକୁଳ ନାୟକ, ଅମରେନ୍ଦ୍ର ସାମଲ, ଗଗନା ବିହାରୀ ରାଉତ, କେଶବ ମଲିକ, ଶୁଶିଲ ଡୋରା, କାର୍ତୀକ ସାହୁ, ଦେବାଶିଷ ପରିଡା, ବାବୁ ଖାଁ, ନାରାୟଣ ରାଉତ, ସନ୍ତୋଷ ଜେନା, ଦୀପକ ମଲିକ ପ୍ରମୁଖ ବହୁ କଂଗ୍ରେସ କର୍ମୀ ନିରବ ପ୍ରାର୍ଥନାରେ ସାମିଲ ହୋଇଥିଲେ। ପରେ ଏମାନେ ନିକଟସ୍ଥ କଲେଜ ଗୁଡିକରେ ଚାରାରୋପଣ କରିଥିଲେ।

## ବଡ଼ଚଣା କଂଗ୍ରେସର ଶ୍ରଦ୍ଧାଞ୍ଜଳି ସଭା



କୁଦଳ,୨୪।୭ (ସମିସ): ଫକୀରମୋହନ ମହାବିଦ୍ୟାଳୟର ଦିବଂଗତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ଉଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଓ ଓଡ଼ିଶାର ନାରୀ ସମାଜକୁ ନ୍ୟାୟ ପ୍ରଦାନ ନିମନ୍ତେ ବଡ଼ଚଣା କଂଗ୍ରେସ ଦଳ ତରଫରୁ ଶ୍ରଦ୍ଧାଞ୍ଜଳି ସଭା ତଥା ସାମୂହିକ ଦୀପଦାନ କାର୍ଯ୍ୟକ୍ରମ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭା ପ୍ରାକ୍ତନ ବଡ଼ଚଣା ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱପ୍ରକାଶ ସାମଲ, ବିଳାସ ଚନ୍ଦ୍ର ବାରିକ, ସେକ୍ ରିଆସତ ଅଲ୍ଲି, ଅଜୟ ଜେନା, ବଟକୃଷ୍ଣ ଦାସ, ଅଶୋକ ବେହେରା, ସରୋଜ ଜେନା, ଶରତ ଚନ୍ଦ୍ର ସାହୁ, ଖଗେଶ୍ୱର ବେହେରା, ଶ୍ରୀକାନ୍ତ ମଲ୍ଲିକ, ଚର୍ଚ୍ଚିତ ମାହାଲା, ଚାନ୍ଦ ଖାଁ, ସନ୍ତୋଷ ପରିଡ଼ା ଜୟ ପ୍ରକାଶ ବିଶ୍ୱାଳ, ଅଚ୍ୟୁତାନନ୍ଦ ପଣ୍ଡା, ମହନି ମହାନ୍ତି, ସେକ୍ ଇକ୍‌ବାଲ ହୁସେନ୍, ଅଶୋକ ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ପ୍ରାରମ୍ଭରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ କଂଗ୍ରେସ କର୍ମୀ ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।

## ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ

ବିରିପଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ୨୦୨୫-୨୬ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୬ ଶିକ୍ଷାବର୍ଷର ଆଡ଼ମିସନ ନେଇଥିବା ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ରାମମୋହନ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ଅଧ୍ୟାପିକା କାନ୍ତିଲତା ତ୍ରିପାଠୀ, ଅଧ୍ୟାପକ ପ୍ରତାପ କୁମାର ତ୍ରିପାଠୀ, କୈବଲ୍ୟ କୁମାର ଯେନା, ଶଶିଭୂଷଣ ମହାଳିକ, ପ୍ରଶାନ୍ତ କୁମାର ନନ୍ଦ, ଅଜୟ କୁମାର ବେହେରା, ସନ୍ତୋଷ କୁମାର ଦାସ, ତୁଷାର ରଞ୍ଜନ ସାମଲ, ସନ୍ତୋଷ କୁମାର ରାଉତ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପ୍ରକାସ କୁମାର ଧଳ ଅତିଥି ପରିଚୟ ସହ ସଭା ପରିଚାଳନା କରିଥିଲେ।

## ଧର୍ମଶାଳା ପୂର୍ବତନ ବିଧାୟକଙ୍କ ବୈଠକ

# ମହିଳା ପୁଲିସଙ୍କୁ ନ୍ୟାୟ ମିଳୁନଥିବା ଅଭିଯୋଗ

ଯାଜପୁର,୨୪।୭ (ସମିସ)



**ପୁଲିସ ବିରୋଧରେ ବର୍ଷିଲେ**

ଯାଜପୁର ଜିଲ୍ଲାରେ ବିପର୍ଯ୍ୟସ୍ତ ହୋଇପଡ଼ିଛି ଆଇନଶୃଙ୍ଖଳା। ଯାଜପୁର ପୁଲିସ ଶାସକ ଦଳର ଇଙ୍ଗିତରେ କାର୍ଯ୍ୟ କରୁଛି। କୌଣସି ଅଭିଯୋଗ ନ ଥାଇ ମନଇଚ୍ଛା ବିଜେଡି ସମର୍ଥକଙ୍କୁ ଗିରଫ କରୁଛି ଏବଂ ରାତି ଅଧିଆ ଉଠାଇ ନେଉଛି। ଅନ୍ୟପଟେ ମାଫିଆମାନେ ଥାନା ଭିତରେ ପଶି ମହିଳା ଏଏସଆଇଙ୍କୁ ଧମକ ଦେଇ ଦିନ ଦ୍ୱିପ୍ରହରରେ ଘୁରି ବୁଲୁଥିଲେ ମଧ୍ୟ ପୁଲିସ ସେମାନଙ୍କୁ ଧରୁନାହିଁ ବୋଲି ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଯେଉଁମାନଙ୍କ ନାଁରେ କୌଣସି ଅଭିଯୋଗ ନଥାଇ ମଧ୍ୟ ଶାସକ ଦଳର ଇଙ୍ଗିତରେ ପୁଲିସ ରାତିଅଧିଆ ବିଜେଡି କର୍ମୀଙ୍କୁ ଉଠାଇନେଉଛି ବୋଲି ଅଭିଯୋଗ କରିଛନ୍ତି। ପୁଲିସର ଧର୍ମଶାଳାରେ ଗୋଟିଏ ଆଇନ ବଡ଼ଚଣାରେ ଆଉ ଏକ ଆଇନ କହି କଟାକ୍ଷ କରିଛନ୍ତି। ଆଜି ଅପରାହ୍ନରେ ଧର୍ମଶାଳା ବ୍ଲକ ଜାରକା ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ମିଳନୀରେ ଯାଜପୁର ପୁଲିସର କାର୍ଯ୍ୟକଳାପକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। କିଛି ମାସ ତଳେ ଧର୍ମଶାଳା ଥାନାର ଜଣେ ଏଏସଆଇ ଅରୁଣିମା ମହାପାତ୍ରଙ୍କୁ ଥାନା ଭିତରେ ପଶି ଅସାମାଜିକ ଯୁବକ ଗାଳି ଗୁଲଜ କରିଥିଲେ। ଯେଉଁଥିପାଇଁ ଥାନା ପରିସରରେ ମହିଳା ଏଏସଆଇ ଅସୁରକ୍ଷିତ ମଣିବା ସହ ଏତଲା ଦେଇ ନ୍ୟାୟ ଭିକ୍ଷା କରିଥିଲେ। ଘଟଣାରେ ପୁଲିସ କୌଣସି ପଦକ୍ଷେପ ନେଇ ନଥିବା ବେଳେ ଆଜି ପର୍ଯ୍ୟନ୍ତ ଖୋଲା ଆକାଶରେ ଅଭିଯୁକ୍ତ ବୁଲୁଛନ୍ତି। ସେହି ଅଭିଯୁକ୍ତମାନଙ୍କୁ କାହିଁକି ଧରୁନାହିଁ ଧର୍ମଶାଳା ପୁଲିସ। ମହିଳା ପୁଲିସ ଦେଇଥିବା ଅଭିଯୋଗରେ କଣ ସତ୍ୟତା ନାହିଁ ନାଁ ପୁଲିସ ସେହି ଅସାମାଜିକ ବ୍ୟକ୍ତି ମାନଙ୍କୁ ଧରିବା ପାଇଁ ଭୟ କରୁଛି ବୋଲି ପୂର୍ବତନ ବିଧାୟକ ପ୍ରଶ୍ନ କରିଛନ୍ତି। ଗତକାଲି ରାତିରେ ଧର୍ମଶାଳା ଅଞ୍ଚଳର ଜଣେ ଯୁବକକୁ ବେଆଇନ ଭାବେ ବଡ଼ଚଣା ପୁଲିସ ଏକ ଘଟଣାରେ ଉଠାଇ ନେଇଥିଲା। ଗତ ଏକ ମାସ ତଳେ ଘଟିଥିବା ଏକ ଘଟଣାରେ କୌଣସି ସମ୍ପୃକ୍ତି ନଥାଇ ଯୁବକକୁ ଉଠାଇ ନେଇଥିବାରୁ ବିଳମ୍ବିତ ରାତିରେ ପୂର୍ବତନ ବିଧାୟକ ସେଠାରେ ପହଞ୍ଚିବାରୁ ପୁଲିସ ତାକୁ ଛାଡି ଦେଇଥିଲା। ଏହି ଘଟଣାକୁ ନେଇ ପ୍ରଣବ ଯାଜପୁର ପୁଲିସର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଦୋମୁହାଁ ନୀତିକୁ ପଦାରେ ପକାଇ ଦେଇଥିବା ଅଭିଯୋଗ କରିଛନ୍ତି। ତେବେ ଆଗକୁ ପୁଲିସର ଆଭିମୁଖ୍ୟରେ ପରିବର୍ତ୍ତନ ନ ଆସିଲେ ବଡ଼ଧରଣର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ




ମଙ୍ଗଳପୁର,୨୪।୭ (ସମିସ): ମଙ୍ଗଳପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୩ ପ୍ରଥମ ବର୍ଷର ଛାତ୍ରୀଙ୍କୁ ନେଇ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମି ସାମଲଙ୍କ ସଭାପତିତ୍ୱରେ ଉତ୍ସବରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଉତ୍କଳିକା ଦାସ, ଅର୍ଥନୀତି ବିଭାଗର ଅଧ୍ୟାପିକା ଅରୂପା ପ୍ରଧାନ, ସାଇକୋଲୋଜି ବିଭାଗର ଅଧ୍ୟାପିକା ଅନନ୍ୟା ଜାଲି, ଇତିହାସ ବିଭାଗର ଅଧ୍ୟାପକ ଚିନ୍ମୟ ମେହେର, ଓଡ଼ିଆ ବିଭାଗର ଅଧ୍ୟାପକ ବିଶ୍ୱରଂଜନ ମିଶ୍ର ପ୍ରମୁଖ ଯୋଗଦେଇ +୩ ପ୍ରଥମ ବର୍ଷର ମୋଟ ୧୨୮ ଜଣ ଛାତ୍ରୀଙ୍କୁ ସ୍ୱାଗତ କରିବା ସହ ପ୍ରବେଶ ଉତ୍ସବ ସମ୍ପର୍କରେ ଅବଗତ କରେଇଥିଲେ। ଅଧକ୍ଷା ରଶ୍ମି ସାମଲ ସମସ୍ତ ଛାତ୍ରୀଙ୍କୁ ଭଲ ପାଠ ପଢି ମହାବିଦ୍ୟାଳୟର ସୁନାମ ଅର୍ଜନ କରିବା ସହ ଉତ୍ତମ ଚରିତ୍ରବାନ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ଗ୍ରନ୍ଥାଗାରକ ସୁଧାଂଶୁ ମୋହନ ଦାସ, କର୍ମଚାରୀ ଗୋପାଳ ଚନ୍ଦ୍ର ବେହେରା, ଉର୍ମିଳା ସାହୁ, ମିନତି ପଲେଇ, ରବିନାରାୟଣ ଦାସ, ଶରତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।





## କମିଶନରେଟ୍ ପୁଲିସର ଅପରାଧ ସମୀକ୍ଷା ବୈଠକ

# ଆତ୍ମହତ୍ୟା ଓ ଆତ୍ମଦାହ ରୋକିବା ଉପରେ ଗୁରୁତ୍ୱ

କଟକ,୨୪।୭(ସମିସ):




ସହରରେ ଦିନକୁ ଦିନ ଅପରାଧ ବଢ଼ି ଚାଲିଛି। ଆତ୍ମହତ୍ୟା, ହତ୍ୟା ଏବଂ ଆତ୍ମଦାହ ଭଳି ଅପପରାଧକୁ ରୋକିବାକୁ ପୁଲିସ ଗୁରୁତ୍ୱ ଦେଉଛି। କଟକ କମିଶନରେଟ ଅପରାଧ ସମୀକ୍ଷା ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକ ଡିସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିସିପି ଖିଲାରୀ ରିଶିକେଷ ଦ୍ୟାନଦେଓ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଏଡିସିପି, ଏସିପି ଏବଂ ସମସ୍ତ ଥାନାର ଇନ୍ସପେକ୍ଟରମାନେ ଉପସ୍ଥିତ ଥିଲେ।

ସମ୍ପ୍ରତି ବାଲେଶ୍ୱର କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଦେଶବ୍ୟାପୀ ଆଲୋଡନ ସୃଷ୍ଟି କରିଛି। ନ୍ୟାୟ ନମିଳିବାରୁ ପୀଡିତା ଏଭଳି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି। ତେଣୁ ମହିଳା ହୁଅନ୍ତୁ କି ପୁରୁଷ ନିର୍ଯାତନା, ବ୍ଲାକମେଲିଂ ଜନିତ ଅଭିଯୋଗ ଆସିବାମାତ୍ରେ ତୁରନ୍ତ ପଦକ୍ଷେପ ନେବାକୁ ଡିସିପି ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଅଧିକ ତତ୍ପର ହେବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକସ୍ଥଳେ ଅଭିଯୋଗକାରୀଙ୍କ ଘରକୁ ଯାଇ ଏତଲା ଗ୍ରହଣ ଏବଂ ବୟାନ ରେକର୍ଡ କରିବା, ପରିଚୟ ଗୋପନ ରଖିବାକୁ କୁହାଯାଇଛି। ଏହାଛଡା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା, ଆତ୍ମଦାହ ଭଳି ମାନସିକତାର ପରିବର୍ତ୍ତନ ପାଇଁ ଶିକ୍ଷାନୁଷ୍ଠାନ ଗୁଡିକରେ ସାମାଜିକ ସଂଗଠନ ସହଯୋଗରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ, ଆଉ ୧ ମାସ ପରେ ଗଣେଶ ପୂଜାରୁ ସହରରେ ପାର୍ବଣ ଆରମ୍ଭ ହୋଇଯିବ। ସେଥିଲାଗି ଅପରାଧୀ ଧରପଗଡକୁ ଏବେଠାରୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିକଟରେ ଜାମିନରେ ଆସିଥିବା ପେସାଦାର ଅପରାଧୀ, ନିଶା ବେପାରୀଙ୍କ ଗତିବିଧି ଉପରେ କଡା ନଜର ରଖିବା, ଗୁଣ୍ଡା ପରେଡରେ ଅନୁପସ୍ଥିତ ଅପରାଧୀଙ୍କୁ ତାଲିକାଭୁକ୍ତ କରିବାକୁ କୁହାଯାଇଛି। ତେବେ ଅଧିକାଂଶ ଥାନାରେ ରୁଜୁ ମାମଲାରେ ଦୀର୍ଘ ଦିନ ହେବ ଅଭିଯୁକ୍ତ ଧରାପଡି ନଥିବା ଜାଣି ଡିସିପି ବିରକ୍ତି ପ୍ରକାଶ କରିଥିଲେ। ଏଣୁ ପଡି ରହିଥିବା ମାମଲା ଉପରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ପ୍ରତି ମାସରେ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଖୁଲମଖୁଲା ନିଶା ସେବନ ଓ କାରବାର ରୋକିବା, ଟ୍ରାଫିକ ଏବଂ ପାର୍କିଂ ସମସ୍ୟା ଉପରେ ବିଚାର ବିମର୍ଶ କରାଯଯାଇଛି। ଏହାବାଦ ପାଟ୍ରୋଲିଂ ଏବଂ ଯାଞ୍ଚପ୍ରକ୍ରିୟା ବ୍ୟବସ୍ଥା କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୩ ମାସରେ ୧୨୧ କୋଟିର ପରିବହନ ଟିକସ୍ ଆଦାୟ

କଟକ,୨୪।୭(ସମିସ): ରାଜ୍ୟ ପରିବହନ ଅଧୀନରେ ଥିବା କଟକସ୍ଥିତ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ଗତ ତିନି ମାସ ମଧ୍ୟରେ ସର୍ବାଧିକ ୧୨୧ କୋଟି ୬୮ ଲକ୍ଷ ୨୯ ହଜାର ଟଙ୍କାର ରାଜସ୍ୱ ଆଦାୟ କରାଯାଇଛି। ରାଜ୍ୟ ସରକାର ଏହି ଅପ୍ରେଲ, ମଇ ଓ ଜୁନ ମାସ ମଧ୍ୟରେ ୫୫ କୋଟି ୫୦ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ବିଭାଗ ପକ୍ଷରୁ ବିଭିନ୍ନ ଗାଡ଼ିର ଫିଟନେସ, ପରମିଟ, ପଞ୍ଜୀକରଣ, ଡିଏଲ ଓ ଜରିମାନା ବାବଦରେ ଏହି ପରିମାଣର ଟିକସ ଆଦାୟ କରାଯାଇଛି। ସରକାର ବର୍ଷ ଶେଷ ସୁଦ୍ଧା ଏହି ଜିଲ୍ଲାରୁ ୨୫୩ କୋଟି ଟଙ୍କାର ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ରଖିଥିଲେ ହେଁ ଟିକସ ଆଦାୟ ପରିମାଣ ବର୍ଷ ଶେଷ ସୁଦ୍ଧା ଶତ ପ୍ରତିଶତକୁ ଟପିଯିବ ବୋଲି ଦାୟିତ୍ୱରେ ଥିବା ପରିବହନ ଅଧିକାରୀ ତଥା ଡେପୁଟି କମିଶନର ବିରଂଚି ନାରାୟଣ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ଅପ୍ରେଲ ମାସରେ ଟିକସ ଆଦାୟ ପରିମାଣ ୯୬.୧ ପ୍ରତିଶତ ରହିଥିବା ବେଳେ ମଇ ମାସରେ ୧୦୪.୦୬ ପ୍ରତିଶତ ଓ ଜୁନ ରେ ୧୩୦.୦୪ ପ୍ରତିଶତକୁ ଛୁଇଁଥିଲା।



## ଦାୟିତ୍ୱ ଗ୍ରହଣ ପରେ ସହର ପରିଦର୍ଶନ କଲେ ନୂଆ କମିଶନର

କଟକ,୨୪।୭(ସମିସ): ମହାନଗର ନିଗମରେ ଲାଗି ରହିଥିବା ଏକାଧିକ ସମସ୍ୟାର ସମାଧାନ ତ୍ୱରିତ ଢଙ୍ଗରେ କରାଯିବ। ସହରରେ ଦେଖା ଦେଉଥିବା ଜଳବନ୍ଦୀ ସମସ୍ୟାଠାରୁ ଆରମ୍ଭ କରି ଡ୍ରେନ୍ ସଫେଇ, ମଶା ବଂଶ ନିପାତ ଭଳି ଜନକଲ୍ୟାଣ କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବା ସହିତ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବା ଉପରେ ଗୁରୁତ୍ୱ ଦେଉଛନ୍ତି ନୂତନ କଟକ ମହାନଗର ନିଗମ (ସିଏମ୍ସି) କମିସନର କିରଣଦୀପ କୌର ସହୋତା। ସେ ଆଜି ସହରର ବିଭିନ୍ନସ୍ଥାନ ପରିଦର୍ଶନ କରିବା ସହିତ ଲୋକଙ୍କ ମୌଳିକ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଭାଇଚାରା ସହରରେ କେମିତି ବିକାଶ'କୁ ତ୍ୱରାନ୍ୱିତ କରି ହେବ ସେ ସମ୍ପର୍କରେ ବିଭିନ୍ନ ସାହିର ମୁରବି ଓ ସିଏମ୍ସି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।

ସିଏମ୍ସିର ନୂତନ କମିସନର ଭାବେ କିରଣଦୀପ କୌର ଗତକାଲି କାର୍ଯ୍ୟରେ ଯୋଗ ଦେଇଥିଲେ। ସେ ଚୌଧୁରୀବଜାରସ୍ଥିତ ବିଜୁଭବନରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିଲେ। ନୂତନ କମିସନର ପହଞ୍ଚିବା ପରେ କାର୍ଯ୍ୟାଳୟ ବେଶ୍ ସକ୍ରିୟ ହୋଇ ଉଠିଥିଲା। ସମସ୍ତ ଅଧିକାରୀ ଓ କର୍ମଚାରୀ ନୂତନ କମିସନରଙ୍କୁ ସ୍ୱାଗତ କରିଥିଲେ। ପ୍ରକାଶ ଥାଉକି, ମଙ୍ଗଳବାର ରାତିରେ ଭାରତୀୟ ପ୍ରଶାସନିକ ଅଧିକାରୀଙ୍କ କ୍ଷେତ୍ରରେ ରାଜ୍ୟ ସରକାର ବଡ ଧରଣର ଅଦଳ ବଦଳ କରିଥିଲେ। ଗୁଣୁପୁର ଉପଜିଲାପାଳ କିରଣଦୀପ କୌର ସହୋତାଙ୍କୁ ସିଏମ୍ସି କମିସନର ଭାବେ ନିଯୁକ୍ତି ଦିଆଯାଇଛି।

## କଟକ ବାର୍ ଆସୋସିଏସନ୍ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

କଟକ,୨୪।୭(ସମିସ): କଟକ ବାର୍ ଆସୋସିଏସନ୍ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍ସିବି ମେଡିକାଲ୍ର ହେପାଟୋଲୋଜି ବିଭାଗର ପ୍ରଫେସର ଡାକ୍ତର ଉମେଶଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ପରୀକ୍ଷଣ (ଫାଇବ୍ରୋ ସ୍କାନିଂ ଦ୍ୱାରା ଯକୃତ ପରୀକ୍ଷା) କାର୍ଯ୍ୟ କରାଯାଇଥିଲା। ଉକ୍ତ ଶିବିରଟିକୁ କଟକ ବାରବାଟୀ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋସ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନ ଉତ୍ସବରେ କଟକ ବାର୍ ଆସୋସିଏସନ୍ର ସଭାପତି ଦାମୋଦର ଦେଓ ପୌରହିତ୍ୟ କରିଥିବା ବେଳେ ସଂପାଦକ ଦିଲ୍ଲିପ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାୟ ୨ଶହରୁ ଉଦ୍ଧ୍ୱର୍ ଆଇନଜୀବୀ ଏହି ଶିବିରରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆସୋସିଏସନ୍ର ଉପସଭାପତି ଧର୍ମାନନ୍ଦ ସୁବୁଧି, ସହସଂପାଦକ ଅମୀୟ ଶତପଥୀ, କୋଷାଧ୍ୟକ୍ଷ ବିଶ୍ୱଜିତ ଲେଙ୍କା, ପାଠାଗାର ଇନ୍‌ଚାର୍ଜ ମାନସ ଆଚାର୍ଯ୍ୟ, ଏକ୍‌ଜିକ୍ୟୁଟିଭ୍ ମେମ୍ବର ଦେବାଶିଷ ଦାସ, ବିକାଶ ପାଢ଼ୀ, ସତ୍ୟ ରଞ୍ଜନ ମହାନ୍ତି, ଅନାଦି ଚରଣ ଷଡଙ୍ଗୀ, ନିତ୍ୟାନନ୍ଦ ବେହୁରିଆ, କ୍ଷେତ୍ରମୋହନ ଧଳ, ଜ୍ୟୋତିନ୍ଦ୍ରିୟ ମହାନ୍ତି, ଦିଲ୍ଲୀପ କୁମାର ମହାରଣା, ମହେନ୍ଦ୍ର ଲାଲ୍ ଜେନା, ରାମକୃଷ୍ଣ ରଥ, ଅଞ୍ଜନ କୁମାର ଜେନା, ରଣଜିତ ସାହୁ, ଶୈଳବାଳା ଜେନା, ସଂଯୁକ୍ତା ପାତ୍ର, ପଙ୍କଜିନୀ ମହାନ୍ତି, ଗିରିବାଳା ବେହେରା, ସସ୍ମିତା ଦେବତା, ନିତ୍ୟାନନ୍ଦ ପଣ୍ଡା ଓ ଗଙ୍ଗାଧର ସାମଲ ପ୍ରମୁଖ ଶିବିରଟିକୁ ପରିଚାଳନା କରିଥିଲେ।

## ଖ୍ରୀଷ୍ଟ କଲେଜରେ ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ




କଟକ,୨୪।୭(ସମିସ): ଖ୍ରୀଷ୍ଟ କଲେଜରେ ୨୦୨୫-୨୦୨୬ ଶିକ୍ଷାବର୍ଷରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ନାମ ଲେଖାଯାଇଥିବା ନବାଗତ +୨ ବିଦ୍ୟାର୍ଥୀମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସ୍ୱାଗତ କରାଯାଇଛି। ଉତ୍ସବରେ ସଭାପତିତ୍ୱ କରି ଅଧ୍ୟକ୍ଷା ମଧୁମିତା ପାତ୍ର କଲେଜର ଐତିହ୍ୟ, ପରମ୍ପରା, ଶିକ୍ଷାଦାନ, ଭିତ୍ତିଭୂମି ଓ ଅନ୍ୟାନ୍ୟ କ୍ଷେତ୍ରରେ ରହିଥିବା ସୁନାମ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ଖ୍ରୀଷ୍ଟ କଲେଜର ଶିକ୍ଷା ଓ ପରୀକ୍ଷା ପ୍ରଣାଳୀ ତଥା ଶୃଙ୍ଖଳାଗତ ନିୟମାବଳୀ ସଂପର୍କରେ ଅବଗତ କରାଇଥିଲେ। ଉପସ୍ଥିତ ନବାଗତ ବିଦ୍ୟାର୍ଥୀ ଓ ଅଭିଭାବକଙ୍କୁ କଳା, ବିଜ୍ଞାନ ଓ ବାଣିଜ୍ୟର ବିଭିନ୍ନ ବିଭାଗ ମୁଖ୍ୟମାନେ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ପରିଚୟ ତଥା ଶିକ୍ଷାଦାନ ସଂପର୍କରେ ତଥ୍ୟ ପ୍ରଦାନ କରିଥିଲେ। କଲେଜର ବିଭିନ୍ନ ଶୈକ୍ଷିକ ଶୃଙ୍ଖଳା, ପାଠାଗାର, କ୍ରୀଡ଼ା, ଉପସ୍ଥାନ ଅନୁଶାସନ, ଛାତ୍ରବୃତି, କର୍ମନିଯୁକ୍ତି, ଆତ୍ମରକ୍ଷା କୌଶଳ, ଶକ୍ତିଶ୍ରୀ, ଆଣ୍ଟି ର୍‍ୟାଗିଙ୍ଗ୍ ଆଦି ବିଭାଗର ଦାୟିତ୍ୱରେ ଥିବା ଅଧ୍ୟାପକ ଅଧ୍ୟାପିକାମାନେ ବିଦ୍ୟାର୍ଥୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। କଳାର ଡ. ଯୋଗଶଙ୍କର ମହାପ୍ରଶସ୍ତ, ବିଜ୍ଞାନର ଡ. ବିଜୟଭୂଷଣ ଆଚାର୍ଯ୍ୟ ଓ ବାଣିଜ୍ୟର ଅଧ୍ୟାପକ ସୁବ୍ରତ ବଳ ସଂଯୋଜକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଦ୍ମିନୀ ରଥଙ୍କ ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା

କଟକ,୨୪।୭(ସମିସ): ରାଜେନ୍ଦ୍ରନଗରସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ପଦ୍ମିନୀ ରଥଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସର୍ବମଙ୍ଗଳା ମହଲା ସଭାର ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପୌ÷ରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ, ଶ୍ରଦ୍ଧାସୁମନ ଅର୍ପଣ ସହ ଆତ୍ମାର ସଦ୍‌ଗତି ପାଇଁ ଦେବଦେବୀଙ୍କ ନିକଟରେ ଦୀପଦାନ, ନିରବ ପ୍ରାର୍ଥନା କରାଯାଇଥିଲା। ସ୍ଥାନୀୟ କର୍ପୋରେଟର ସୌ÷ଭାଗିନୀ ଜେନା ପଦ୍ମିନୀ ରଥଙ୍କ ଗୁଣାବଳୀର ସ୍ମୃତିଚାରଣ କରିଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ, ସର୍ବମଙ୍ଗଳା ମହଲା ସଭାର ଉପସଭାପତି ରାଜେନ୍ଦ୍ର ଷଡଙ୍ଗୀ, ସମ୍ପାଦକ ସରୋଜ ସ୍ୱାଇଁ, ଯୁଗ୍ମ ସମ୍ପାଦକ ପ୍ରଦୀପ ବେହେରା,



କୋଷାଧ୍ୟକ୍ଷ ଶୁଭେନ୍ଦୁ ମିଶ୍ରଙ୍କ ସମେତ ଉଲ୍ଲାସ ପାଇକରାୟ, ଗଜେନ୍ଦ୍ରନାଥ ନାୟକ, ସଦାନନ୍ଦ ପରିଜା, ପ୍ରଫୁଲ୍ଲ ମୁଦୁଲି, ପ୍ରଦୀପ ସେଠୀ, ଅଦିତ୍ ନାୟକ, ଅଜୟ ଦାସ, ଶ୍ରୀକାନ୍ତ ମହାନ୍ତି, ଆଦିକନ୍ଦ ରାଉତ, ମହେଶ ମହାପାତ୍ର, ସଂଜୟ ପାତ୍ର, ସନ୍ଦୀପ ସାମନ୍ତରାୟ, ଗିରିଜା ଶଙ୍କର ମହାନ୍ତି, ନିହାରକାନ୍ତ ରାୟ, ଅଜିତ କାଳିଆ, ପ୍ରମୋଦ ମହାନ୍ତି, ସପନ ଜେନା ଏବଂ ସଂକୀର୍ତ୍ତନମଣ୍ଡଳୀ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ 'ରଥ ପରିବାର' ପକ୍ଷରୁ ଇଂ ଦୁର୍ଗାପ୍ରସାଦ ରଥ ଓ ଶିବ ପ୍ରସାଦ ରଥ ମହଲା ସଭାର କର୍ମକର୍ତ୍ତା, ସାହି ମୁରବୀ, ବରିଷ୍ଠ ନାଗରିକ ଓ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାଧ୍ୟାପକ ଲୋକନାଥ ବେହେରା, ପ୍ରଶାନ୍ତ ତ୍ରିପାଠୀ, ସୁଶାନ୍ତ କଅଁର, ଅରବିନ୍ଦ ପଟ୍ଟନାୟକ ପରିଚାଳନା କରିଥିଲେ।

## ହାଇକୋର୍ଟ ମଧ୍ୟସ୍ଥତା ପର୍ଯ୍ୟାଲୋଚନା ସମିତିର ବୈଠକ

କଟକ,୨୪।୭(ସମିସ): ଓଡିଶା ହାଇକୋର୍ଟର ମଧ୍ୟସ୍ଥତା ପର୍ଯ୍ୟାଲୋଚାନା ସମିତି ଆନୁକୂଲ୍ୟରେ ଦେଶ ନିମନ୍ତେ ମଧ୍ୟସ୍ଥତା ଅଭିଯାନ ସମ୍ବନ୍ଧରେ ଆଭାସି ମାଧ୍ୟମରେ ଏକ ବୈଠକ ସମସ୍ତ ଜିଲ୍ଲା ଜଜ୍ ଓ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କ ସହ ଅନୁଷ୍ଠିତ ହୋଇଯାଇଛି। ଜଷ୍ଟିସ ସଂଗମ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଓ ଜଷ୍ଟିସ ଶିବଶଙ୍କର ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ମଧ୍ୟସ୍ଥତା ମାଧ୍ୟମରେ ବିଚାର ପାଇଁ ଚିହ୍ନଟ ହୋଇଥିବା ମାମଲା ବିଷୟରେ ଜଷ୍ଟିସ ସାହୁ ଆଲୋଚନା କରିଥିଲେ। ଯୋଗ୍ୟ ମଧ୍ୟସ୍ଥଙ୍କ ଚୟନ, ପ୍ରଶିକ୍ଷଣ ତଥା ଅଧିକ ସଂଖ୍ୟାରେ ବିଚାରାଧିନ ମାମଲାଗୁଡିକର ଚିହ୍ନଟ ଉପରେ ଧ୍ୟାନ ଦେବାକୁ ଜଷ୍ଟିସ ସାହୁ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ସମେତ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ, ଉଚ୍ଚ ନ୍ୟାୟାଳୟ ଆଇନ ସେବା କମିଟିର ଭାରପ୍ରାପ୍ତ ସଚିବ ପ୍ରମୁଖ ଯୋଗ ଦେଇଥିଲେ।

## ଏସ୍ସିବି ଛାତ୍ର ସଂସଦର ଶପଥପାଠ

କଟକ,୨୪।୭(ସମିସ): ଏସ୍ସିବି ମେଡିକାଲ କଲେଜ ଛାତ୍ର ସଂସଦ ୨୦୨୫-୨୬ ବର୍ଷ ଛାତ୍ରୀଛାତ୍ରଙ୍କ ଶପଥ ଗ୍ରହଣ ସମାରମ୍ଭ କାର୍ଯ୍ୟକ୍ରମ ମେଡିକାଲର ନୂତନ ଅଡିଟୋରିୟମ ଠାରେ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଛାତ୍ର ସଂସଦର ସଭାପତି ସନତ ସତ୍ୟଜିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିମଳ ପ୍ରସାଦ ଦାସ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ସମ୍ମାନିତ ଅତିଥି ଭାବେ ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ ଓ ସଂସଦର ପରାମର୍ଶଦାତା ଡା. ଜୟନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଛାତ୍ର ସଂସଦର ସାଧାରଣ ସମ୍ପାଦକ ଚିନ୍ମୟ ବେହେରା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି




କଟକ,୨୪।୭(ସମିସ): ଚଳିତ ବର୍ଷ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମକୁ ପାଳନ କରାଯିବା ନିମନ୍ତେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, କଟକ ସଦର ଉପ ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଉପସ୍ଥିତ ଥିଲେ। ଚଳିତବର୍ଷ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ କଟକ ବାରବାଟୀ ଷ୍ଟାଡିୟମ ପଡିଆରେ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ୧୧ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଅଭ୍ୟାସ ପରେଡ ଏବଂ ୧୫ ତାରିଖରେ ସ୍ୱାଧୀନତା ଦିବସ ପରେଡ ବାରବାଟୀ ଷ୍ଟାଡିଅମରେ ଅନୁଷ୍ଠିତ ହେବ। ଏଥିସହ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ କମିଟି ମାଧ୍ୟମରେ ଚୟନ କରାଯାଇ ସମ୍ବର୍ଦ୍ଧିତ କରାଯିବାକୁ ମଧ୍ୟ ସ୍ଥିର କରାଯାଇଛି। ଏହି ଅବସରରେ ଚଳିତ ଥର ଏକ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ମଧ୍ୟ ନିଷ୍ପତି ଗ୍ରହଣ କରାଯାଇଛି। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପୂର୍ବବର୍ଷର ବିବରଣୀ ପାଠ କରିବା ସହ ବୈଠକ ପରିଚାଳନା କରିଥିଲେ।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ସିପିଆଇ-ଏମ୍‌ର ବିକ୍ଷୋଭ

### ଶୋଭାଯାତ୍ରା ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର

କଟକ,୨୪।୭(ସମିସ):



ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତା ହାସଲ କରିଥିବା ରାଜ୍ୟର ଡବଲ ଇଞ୍ଜିନ ସରକାର ଆଇନଶୃଙ୍ଖଳା ରକ୍ଷା କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛି ବୋଲି ସିପିଆଇ(ଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ପରିପ୍ରେକ୍ଷୀରେ ସନ୍‌ସାଇନ୍ ପଡ଼ିଆଠାରୁ ଏକ ଶୋଭାଯାତ୍ରା ବାହାରି ଗ୍ରାମାଞ୍ଚଳ ଏସପିଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ବିକ୍ଷୋଭକାରୀମାନେ ସଭା କରି ସାରିବା ପରେ ଦାବିପତ୍ର ଦେଇଥିଲେ। ଜିଲ୍ଲା ସଂପାଦକ ବଦ୍ରିନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ, ସଂପାଦକମଣ୍ଡଳୀ ସଭ୍ୟ ପ୍ରତାପ ମହାପାତ୍ର, ବିଷ୍ଣୁ ବେହେରା, ଅଭୟ ସ୍ୱାଇଁ, ଶ୍ରମିକ ନେତା ଚନ୍ଦ୍ରକାନ୍ତ ବେହେରା, ଚୌଦ୍ୱାର ଆଞ୍ଚଳିକ ସଂପାଦକ ରମେଶ ବେହେରା, କୃଷକ ସଭାର ଜିଲ୍ଲା ସଂପାଦକ ଡମ୍ବରୁଧର ସାହୁ, ଦଳିତ ଶୋଷଣ ମୁକ୍ତି ମଞ୍ଚ କଟକ ଜିଲ୍ଲା ଆବାହକ ମଣ୍ଡଳୀରୁ ଲକ୍ଷ୍ମୀଧର ଭୋଇ, କ୍ଷୀରୋଦ ଦାସ, ପ୍ରଫୁଲ୍ଲ ମାହାର, ନାରୀନେତ୍ରୀ ବୁଲି ସାହୁ, ପ୍ରଭାତୀ ପରିଡ଼ା, ଶୁଭ୍ରା ମହାପାତ୍ର, ଆଦିବାସୀ ନେତା ଚନ୍ଦ୍ରମୋହନ ମାଝି, ନିର୍ମଳ ଦାସ, ଗୋକୁଳାନନ୍ଦ ବେହେରା, ପ୍ରଦୀପ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟରେ ଘଟୁଥିବା ଗୋଟିଏ ପରେ ଗୋଟିଏ ଘଟଣାକୁ ନେଇ ରାଜ୍ୟର କ୍ଷମତାସୀନ ସରକାର ଆଇନଶୃଙ୍ଖଳା ରକ୍ଷା କରିବାରେ ବିଫଳ ହୋଇଛନ୍ତି। ଗତ ଏକ ବର୍ଷ ମଧ୍ୟରେ ରାଜ୍ୟରେ ୩୦,୯୪୩ ମହିଳା ବିରୋଧୀ ହିଂସା ରେକର୍ଡ କହିଛି, ସେଗୁଡିକ ମଧ୍ୟରୁ ଦୁଷ୍କର୍ମ ୨୫୭୪, ଅପହରଣ ୬୮୮୭, ଦୁଷ୍କର୍ମ ଉଦ୍ୟମ ୭୫୮୪, ଏସିଡ୍ ପକେଇ ମାରିବା ଉଦ୍ୟମ ୯ ଏବଂ ନିଆଁ ଲଗାଇ ଆତ୍ମାହୁତି ୨, ନିଆଁ ଲଗାଇ ପୋଡ଼ି ମାରିଦେବା ଉଦ୍ୟମ ୧, ଓଡ଼ିଶାବାସୀଙ୍କ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଛି। ଏହା ସାଙ୍ଗକୁ ଦଳିତ ନିର୍ଯାତନା ମାମଲା ଓଡ଼ିଶାରେ ୩୨.୪% ବୃଦ୍ଧି ପାଇଛି ଏବଂ ଓଡ଼ିଶାରେ ପ୍ରାୟ୨୯୦୨ଟି ଦଳିତଙ୍କୁ ଆକ୍ରମଣ ଘଟଣା ଗୋଟିଏ ବର୍ଷ ମଧ୍ୟରେ ଘଟିଛି। ଏହି ତଥ୍ୟଗୁଡିକ ଅତ୍ୟନ୍ତ ଉଦ୍‌ବେଗଜନକ ହୋଇଥିବାରୁ ପୁଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଇ ଓଡ଼ିଶାବାସୀଙ୍କୁ ସୁରକ୍ଷିତ କରିବା ଦାବିରେ ଏକ ସ୍ମାରକପତ୍ର ଆଜି ସିପିଆଇ(ଏମ୍) ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଆରକ୍ଷୀ ଅଧୀକ୍ଷକ କଟକଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି।




# ଘରୋଇ କମ୍ପାନୀ ଅର୍ଥ ଆତ୍ମସାତ; ୩ ଗିରଫ

କୋରାପୁଟ,୨୪।୭ (ସମିସ): ଏକ ଘରୋଇ କମ୍ପାନୀର ୧୧ ଲକ୍ଷ ୪ ହଜାର ୩୭୦ ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ କୋରାପୁଟ ଟାଉନ ଥାନା ପୁଲିସ ଦ୍ୱାରା ତିନିଜଣ ଗିରଫ ପରେ କୋର୍ଟ ଚାଲାଣ ହେଇଥିବା ଟଙ୍କା କୋରାପୁଟ ଏକ୍ସିସ ବ୍ୟାଙ୍କରେ ଡିପୋଜିଟ ନିମନ୍ତେ ବାଇକ୍‌ରେ ଗଲା ବେଳେକୁ କିଛି ଦୁର୍ବୃତ୍ତ ତାଙ୍କ ଠାରୁ ଟଙ୍କା ଲୁଟି ନେଇଥିବା କଥା ଶିବ ପ୍ରସାଦ ନାଗ ଶ୍ରୀ ଜେନାଙ୍କୁ ଫୋନ କରି ଜଣାଇ ଥିଲେ। ଏହା ଜାଣିବା ପରେ ଶ୍ରୀ

## ଟଙ୍କା ଲୁଟ୍ ନାଟକ କରି ଫସିଲେ



ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ୨୩ ତାରିଖ ଅପରାହ୍ନରେ ଭୁବନେଶ୍ୱର ଭରତପୁର ଥାନା ଘାଟିକିଆ କଳିଙ୍ଗ ନଗରର ହିଟାଚି କ୍ୟାସ ମେନେଜମେଣ୍ଟ ସଂସ୍ଥାରେ କାର୍ଯ୍ୟରତ ଶାଖା ମୁଖ୍ୟ ଆଶିଷ ଜେନା ଟାଉନ ଥାନାରେ ପହଞ୍ଚି ତାଙ୍କ କମ୍ପାନୀରେ କୋରାପୁଟ ଦାୟିତ୍ୱରେ ଥିବା କର୍ମଚାରୀ ଶିବ ପ୍ରସାଦ ନାଗ ୧୧ ଲକ୍ଷ ୪ ହଜାର ୩୭୦ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ କରିଥିଲେ। ସେ ୨୨ ତାରିଖରେ ଉପରୋକ୍ତ ଜେନା ନିକଟସ୍ଥ ଥାନାରେ ତୁରନ୍ତ ଅଭିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଶ୍ରୀ ଜେନା ମୁଖ୍ୟ ଷଡ଼ଯନ୍ତ୍ରକାରୀ ଶିବ ପ୍ରସାଦକୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନଥିଲା। ଶିବ ପ୍ରସାଦ କିମ୍ବା ତାଙ୍କ ପରିବାର ଲୋକ ଠାରୁ କୌଣସି ସହଯୋଗ ନମିଳିବାରୁ ଶ୍ରୀ ଜେନା ୨୩ ତାରିଖରେ କୋରାପୁଟ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଶ୍ରୀ ଜେନାଙ୍କ ଅଭିଯୋଗ ଅନୁଯାୟୀ ଟାଉନ ଥାନାରେ ଏକ ମାମଲା ରୁଜୁ କରିବା ପରେ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବ୍ ଇନ୍ସପେକ୍ଟର ରଞ୍ଜିତ ମିଶ୍ର, ରାଜେଶ ପ୍ରିୟଦର୍ଶୀ ନାୟକ ଓ ଅନ୍ୟମାନଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଛାନ୍‌ଭିନ୍ ଆରମ୍ଭ ହୋଇଥିଲା। ପୁଲିସ ପ୍ରଥମେ ମୁଖ୍ୟ ଅଭିଯୁକ୍ତ ଶିବ ପ୍ରସାଦ ନାଗକୁ ଜୟପୁର ଗୋପବନ୍ଧୁ ନଗରଠାରୁ ଗିରଫ କରି ଜେରା କରିବା ପରେ ସମସ୍ତ ଘଟଣା ପର୍ଦ୍ଦାଫାସ ହୋଇଥିଲା। ଅନ୍ୟ ତିନି ସହଯୋଗୀଙ୍କ ସହ ମିଶି ସେମାନେ କିପରି ଟଙ୍କା ଲୁଟ ହେବାର ନାଟକ ରଚିଥିଲେ ସେ ବିଷୟରେ ଶିବ ପ୍ରସାଦ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲା। ଶିବ ପ୍ରସାଦର ବୟାନ ଅନୁସାରେ ପୁଲିସ ଜୟପୁର ଗୋପବନ୍ଧୁ ନଗରର ବାଦଲ ବାଘ ଏବଂ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଥାନା ସିଲାକଗୁଡ଼ାର ଖିରସିନ୍ଧୁ ବିନ୍ଧାଣିକୁ ଗିରଫ କରିଥିବା ବେଳେ ଆଉ ଜଣେ ଅଭିଯୁକ୍ତ କୋଷାଗୁମୁଡ଼ାର ଦୟାନିଧି ଗଣ୍ଡ ଫେରାର ଥିବା ଜଣା ପଡ଼ିଛି। ଅଭିଯୁକ୍ତ ମାନଙ୍କ ନିକଟରୁ ପୁଲିସ ୪ ଲକ୍ଷ ୧୦ ହଜାର ୩୧୦ ଟଙ୍କା ଓ ଅପରାଧରେ ବ୍ୟବହୃତ ଏକ ମୋଟର ସାଇକେଲ ଜବତ କରିଛି। ଗିରଫ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରା ଯାଇଥିବା ବେଳେ ଫେରାର ଥିବା ଅଭିଯୁକ୍ତକୁ ମଧ୍ୟ ଖୁବ୍ ଶୀଘ୍ର ଗିରଫ କରା ଯିବ ବୋଲି ଥାନା ଅଧିକାରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ଜବତ ଟଙ୍କା ଅଭିଯୋଗକାରୀ ଆଶିଷ ଜେନାଙ୍କୁ ହସ୍ତାନ୍ତର କରା ଯାଇଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

• ଦିବ୍ୟାଙ୍ଗ ଯୁବତୀଙ୍କ ଅଶ୍ଳୀଳ ଏଡିଟ୍ ଭିଡିଓ ଭାଇରାଲ ଘଟଣା

# ଅଭିଯୁକ୍ତକୁ କୋର୍ଟ ଚାଲାଣ



କୋରୁକୋଣ୍ଡା, ୨୪।୭ (ସମିସ): ଦିବ୍ୟାଙ୍ଗ ଓ ଶିକ୍ଷିତ ଯୁବତୀ ପିଛଲା ୨ ବର୍ଷ ଧରି ଏଡିଟ୍ ହୋଇଥିବା ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ହେବାର ଯନ୍ତ୍ରଣା ସହ ଜୁଝୁଥିବା ବେଳେ ୭ ମାସ ପରେ ପୁଲିସ ଏକ ଦଳ ଗଠନ କରି ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟକୁ ଚାଲାଣ କରିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ମଦନପୁର ଗ୍ରାମର ଶ୍ରୀକାନ୍ତ ଜେନା ଓରଫ ସିପୁନ ଜେନା (୨୯) ଫୋନ ଯୋଗେ ମାଲକାନଗିରି ଜିଲ୍ଲା ନିବାସୀ ଦିବ୍ୟାଙ୍ଗ ଯୁବତୀ ସହ ପରିଚୟ ହୋଇ ସମ୍ପର୍କ ଗଢ଼ିଥିଲେ। ପରେ ସେ ତାଙ୍କ ଏଡିଟ୍ ହୋଇଥିବା ଅଶ୍ଳୀଳ ଫଟୋ ଓ ଭିଡିଓ ଦେଖାଇ ଯୁବତୀଙ୍କୁ ଦେଖା କରିବାକୁ ବାଧ କରୁଥିଲେ। ବାରମ୍ବାର ବାରଣ କରିବା ସତ୍ତ୍ୱେ ସେ ଗୋଟିଏ ପରେ ଗୋଟିଏ ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରୁଥିଲେ। ଅଭିଯୁକ୍ତ ବାରମ୍ବାର ଫୋନ୍ ବଦଳାଇ ପୀଡ଼ିତା ଓ ତାଙ୍କ ପରିବାରକୁ ଧମକ ଦେଉଥିବା ସହ ସେମାନଙ୍କ ଫଟୋ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ କରୁଥିଲେ। ପୀଡିତା ୨ ଜାନୁଆରୀରେ ଏତଲା ଦେବା ପରେ ମାଲକାନଗିରି ସଦର ଥାନାରେ ଧାରା ୩୫୧(୨), ଆଇଟି ଆଇନ ୬୬(ଇ), ୬୭ ଓ ୬୭(ଏ) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ଏହାର ଗମ୍ଭୀରତା ଦେଖି ଆଇ.ଆଇ.ସିଙ୍କ ନିର୍ଦ୍ଦେଶନାରେ ଏକ ତଦନ୍ତ ଦଳ ଗଠନ କରାଯାଇଥିଲା। ଯାହାର ନେତୃତ୍ୱ ଏସଆଇ ପ୍ରଶାନ୍ତ କୁମାର ସାବତ କରୁଥିଲେ। ଏହି ଦଳ ଚାରିଜଣ ସଦସ୍ୟ ସହ ମଦନପୁର ଗ୍ରାମକୁ ଯାଇ ଅଭିଯୁକ୍ତ ଶ୍ରୀକାନ୍ତ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା କହିଛନ୍ତି ଆଇଆଇସି ହିମାଂଶୁ ଶେଖର ବାରିକ।

# ଆଇଓବି ପକ୍ଷରୁ ଏସ୍‌ଏଚ୍‌ଜି ମେଳା



ରାୟଗଡ଼ା,୨୪।୭ (ସମିସ): ଜିଲ୍ଲାର ଜେକେପୁର ସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ପକ୍ଷରୁ ପ୍ରାୟ ୧. ୫ କୋଟି ଟଙ୍କା ଠାରୁ ଅଧିକ ଋଣ ବଣ୍ଟନ କରାଯାଇଛି। ମହିଳା ଶକ୍ତିକରଣ, ଏମ୍‌ଏସଏମ୍‌ଇ ଓ ଡିଜିଟାଲ ବ୍ୟାଙ୍କିଙ୍ଗ ଉପରେ ଅଧିକା ଦୃଷ୍ଟି ଆକର୍ଷଣ କରାଯାଇଛି। ଏହା ଗ୍ରାମୀଣ ଅର୍ଥନୀତି, ସ୍ୱ-ରୋଜଗାର ଓ ସାମୂହିକ ଉନ୍ନତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଆଇଓବି ଜେ.କେ.ପୁର ଶାଖା ପ୍ରବନ୍ଧକ ସଞ୍ଜିବ କୁମାର ଉଲକା ତାଙ୍କ ବ୍ୟକ୍ତବରେ କହିଛନ୍ତି। ସେହିପରି ମୁଖ୍ୟ ଅତିଥି ଭାବେ ଆଇଓବିର ବୌଧିକ ଅଞ୍ଚଳ ପ୍ରବନ୍ଧକ ଖୁର୍ଶିଦ ରବ୍ବାନୀ ଡିଜିଟାଲ ବ୍ୟାଙ୍କିଙ୍ଗର ଗ୍ରାମାଞ୍ଚଳର ଭୂମିକା, ସାମାଜିକ ଉନ୍ନତି ଓ ଏମ୍‌ଏସ୍‌ଏମ୍‌ଇ ବିକାଶରେ ଏସ୍‌ଏଚ୍‌ଜିର ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟ ଗଣ୍ୟମାନ୍ୟଙ୍କ ଭିତରେ ଅର୍ଚ୍ଚନା ପାଢ଼ୀ, ଆରଡ଼ିଓ, ଆଞ୍ଚଳିକ କାର୍ଯ୍ୟାଳୟ ଆଇଓବି ବ୍ରହ୍ମପୁର,ଙ୍କ ସହ ନିକଟସ୍ଥ ଆଇଓବି ଶାଖାର ପ୍ରବନ୍ଧକ ଏବଂ କୋଲନରା ପଞ୍ଚାୟତ ସମିତି କାର୍ଯ୍ୟାଳୟର ମନୋଜ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଶେଷରେ ଜେକେପୁର ସ୍ଥିତ ଆଇଓବିର କର୍ମକର୍ତ୍ତା ସାଧୁବାଦ ଜଣାଇଥିଲେ।

# ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି

ରାୟଗଡ଼ା,୨୪।୭ (ସମିସ): ରାୟଗଡ଼ା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷା ଜିଲ୍ଲା ପରିଷଦ ସୁଶ୍ରୀ ସରସ୍ୱତୀ ମାଝୀ, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରମେଶ କୁମାର ଜେନା, ପିଏ ଆଇଟିଡ଼ିଏ ଚନ୍ଦ୍ରକାନ୍ତ ମାଝୀ, ଏସଡିପିଓ ଗୌରହରି ସାହୁ ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଗତ ବର୍ଷର କାର୍ଯ୍ୟକ୍ରମ ବିବରଣୀ ପାଠ କରି ସଂଯୋଜନା କରିବା ସହ ଚଳିତ ବର୍ଷ ପାଇଁ ବୈଠକରେ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ପ୍ରସ୍ତାବ ଲୋଡିଥିଲେ। ସ୍ୱାଧୀନତା ଦିବସ ପାଳନ ଦିନ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାମଧୂନ ପରିବେଷଣ କରାଯିବ। ସକାଳ ସାଢେ ୭ ଟା ଠାରୁ ୮ ଘଣ୍ଟା ସମୟ ମଧ୍ୟରେ ପ୍ରତ୍ୟେକ ସରକାରୀ, ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସେହିପରି ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଜିଲ୍ଲା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସରେ ସକାଳ ୯. ୧୫ମି. ସମୟରେ ଅନୁଷ୍ଠାନିକ ଭାବେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା ଓ ଦେଶ। ।କବୋଧ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ଜିଲ୍ଲାରେ ଦଶମ ଓ ଦ୍ୱାଦଶ ପରୀକ୍ଷା ରେ ଟପ୍ପର ଥିବା କୃତି ଛାତ୍ରଛାତ୍ରୀମାନଙ୍କୁ



ସମ୍ମାନିତ କରିବା ପାଇଁ ଆଲୋଚନା କରାଯାଇଥିଲା।ଏହା ସହିତ ସୈନ୍ୟବାହିନୀରେ ବୀରତ୍ୱ ପ୍ରଦର୍ଶନ କରିଥିବା ଜିଲ୍ଲାର ପୂର୍ବତନ ସୈନିକମାନଙ୍କୁ ସମ୍ମାନିତ କରିବାକୁ ପୂର୍ବତନ ସୈନିକ ସଂଘ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାର ,ଡ଼ିଆଇଇବି ଡିଏସପି ଭୀମସେନ ନାୟକ, ଅବକାରୀ ଅଧିକାରୀ ସନ୍ତୋଷ କୁମାର ଧଳସାମନ୍ତ, ପୋଲିସ ରିଜର୍ଭ ଇନ୍ସପେକ୍ଟର କବିବର ଦେହୁରୀ ,ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା, ଜିସିଡ଼ି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ, ପୂର୍ତ୍ତ ବିଭାଗ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ସହରର ଶିକ୍ଷବିତ୍ ଡ. ଦୁଷ୍ମନ୍ତ ମହାନ୍ତି, ବରିଷ୍ଠ ନାଗରିକ କଲ୍ୟାଣ ସଂଘର ସଦସ୍ୟ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ,ଆଇନଜୀବୀ ପଦ୍ମନାଭ ଦାଶ, ବ୍ରଜକିଶୋର ନାୟକ ଆଦି ଉପସ୍ଥିତ ଥିଲେ। ଶେଷରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ଉପ ଜିଲ୍ଲାପାଳଙ୍କ ଯୋଗଦାନ



ଗୁଣପୁର,୨୪।୭ (ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ଉପଖଣ୍ଡ ପାଇଁ ନୂତନ ଉପ ଜିଲ୍ଲାପାଳ ଭାବେ ଅଭିଷେକ ଦିଲ୍ଲୀପ ଦୁଧାଲ,ଆଇଏଏସଙ୍କୁ ରାଜ୍ୟ ସରକାର ଗୁରୁବାର ନିଯୁକ୍ତି ପ୍ରଦାନ କରିଛନ୍ତି ।ସୂଚନାଯୋଗ୍ୟ ଯେ ଗୁଣପୁର ଉପ ଜିଲ୍ଲାପାଳ ଥିବା କିରଣ ଦୀପ କୌର ସହୋତାଙ୍କୁ କଟକ ମ୍ୟୁନିସପାଲ କର୍ପୋରେସନର କମିଶନର ଭାବେ ମଙ୍ଗଳବାର ରାଜ୍ୟ ସରକାର ବଦଳି କରିଥିଲେ। ଏହା ପରେ ସେ ବୁଧବାର ବଦଳି ହୋଇଥିବା ସ୍ଥାନକୁ ଯାଇ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡ଼ିଛି। ଗୁରୁବାରଅଭିଷେକଦିଲ୍ଲୀପଦୁଧାଲଙ୍କୁଗୁଣପୁରଉପଜିଲ୍ଲାପାଳଭାବେନିଯୁକ୍ତିଦିଆଯାଇଛି।

# ପାଣି ଟାଙ୍କିରେ ମାଙ୍କଡ଼ର ପଚାସଢ଼ା ମୃତଦେହ

ବୈପାରିଗୁଡା, ୨୪।୭ (ସମିସ): ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱରରେ ପାଣି ଟାଙ୍କିରୁ ଏକ ମାଙ୍କଡ଼ର ମୃତଦେହ ଉଦ୍ଧାର କରାଯାଇଛି। ଅଭିଯୋଗ ଅନୁଯାୟୀ, ଆଜି ଗୁପ୍ତେଶ୍ୱର ପୀଠରେ ପାଇପ୍ ପାଣିରୁ ଦୁର୍ଗନ୍ଧ ବାହାରିଥିଲା। ସେହି ପାଇପ୍‌ଟି ଏକ ପାଣି ଟାଙ୍କି ସହ ସଂଯୋଗ ରହିଥିଲା । ପରେ ଜାଣିବାକୁ ପାଇଲେ ଯେ, ପାଣି ଟାଙ୍କିରେ ମାଙ୍କଡ଼ର ପଚାସଢ଼ା ମୃତଦେହ ପଡିଛି। ଖବର ପାଇ ବିଭାଗୀୟ ଅଧିକାରୀ ପହଞ୍ଚି ମାଙ୍କଡ଼ର ମୃତଦେହ ଉଦ୍ଧାର କରିଛନ୍ତି । ପାଣି ଟାଙ୍କି ସଂପୂର୍ଣ୍ଣ ଖାଲି କରିବା ସହ ବ୍ଲିଚିଂ ପାଉଡର ପକାଯାଇଛି ଏବଂ ଟାଙ୍କିରେ ଘଡଣୀ ଲଗାଯିବାର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ସେପଟେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭଗର ଅବହେଳା ଯୋଗୁଁ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ଭଳି ସ୍ଥାନରେ ଏଭଳି ଘଟଣା ଘଟୁଛି । ଏଥିପ୍ରତି ସଜାଗ ନ ହେଲେ ଶ୍ରାବଣ ମାସରେ ହଜାର ହଜାର ବୋଲବମ୍ ଭକ୍ତ ଏଭଳି ଦୂଷିତ ପାନୀୟ ଜଳ ବ୍ୟବହାର ପରେ ରୋଗାକ୍ରାନ୍ତ ହେବା ନେଇ ଆଶଙ୍କା ରହିଛି । ଏଥିପାଇଁ ଜିଲ୍ଲା ପ୍ରଶାସନ ଦୃଷ୍ଟିଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

• ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ



ବୈପାରୀଗୁଡ଼ା,୨୪।୭ (ସମିସ): ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ । ପ୍ରଥମେ ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତଦେହ ଉଦ୍ଧାର। ପରେ ମେଡିକାଲରେ ଭର୍ତ୍ତି କରାଯାଇଛି। ସେପଟେ ଯୁବତୀଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ବୈପାରୀଗୁଡା ସଦର ମହକୁମା ସ୍ଥିତ ହନୁମାନ ନଗରରେ ଘଟିଛି ଏଭଳି ଘଟଣା। ମୃତ ଯୁବତୀ ହେଲେ ବର୍ଷା ନାୟକ( ୨୦) । ହନୁମାନ ନଗର ବାସିନ୍ଦା ଦୁଃଖିଶ୍ୟାମ ଟାକ୍ରିଙ୍କ ସହ ଯୁବତୀର ପ୍ରେମ ବିବାହ ହୋଇଥିଲା। ଦୁହେଁ ମିଶି ହନୁମାନ ନଗରରେ ରହୁଥିଲେ। କିନ୍ତୁ ଗୁରୁବାର ପ୍ରଥମେ ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତଦେହ ଉଦ୍ଧାର ପରେ ବୈପାରୀଗୁଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା।ଏ ଘଟଣାକୁ ନେଇ ସନ୍ଦେହ କରି ଯୁବତୀଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ଘଟଣା ସ୍ଥଳରେ ବୈପାରୀଗୁଡା ପୋଲିସ ପହଞ୍ଚି ତଦନ୍ତ କରୁଛି। ଆସନ୍ତା କାଲି ସାଇଣ୍ଟିଫିକ ଟିମ ଆସି ଅଧିକ ତଦନ୍ତ କରିବା ପରେ ଏହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଛି।




• କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

# ରାଜ୍ୟରେ ମହିଳାମାନେ ସୁରକ୍ଷିତ ନାହାନ୍ତି



କୋରାପୁଟ,୨୪।୭ (ସମିସ): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଏକଦଶାହ ଦିନରେ ତାଙ୍କର ଆତ୍ମାର ସଦଗତି ପାଇଁ କଂଗ୍ରେସ ନେତା ଓ କର୍ମୀ ମାନେ କୋରାପୁଟ ପ୍ରେସ କ୍ଲବ ଠାରେ ନୀରବ ପ୍ରାର୍ଥନା କରିଥିଲେ। ଏହାପରେ ରାଜ୍ୟ ଅନୁସୂଚିତ ଜାତି କଂଗ୍ରେସ କମିଟି ଅଧ୍ୟକ୍ଷ ମାନସ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ରାଜ୍ୟରେ ମହିଳା ମାନେ ସୁରକ୍ଷିତ ନାହାନ୍ତି। ପ୍ରତ୍ୟେକ ଦିନ ନାରୀ ମାନେ ନିର୍ଯାତନାର ଶିକାର ହେଉଥିବା ଶ୍ରୀ ମଲ୍ଲିକ ଅଭିଯୋଗ କରିଛନ୍ତି। ରାଜ୍ୟ ବିଜେପି ସରକାରର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନାରୀ ନିର୍ଯ୍ୟାତନା ରୋକିବାରେ ବିଫଳ ହେଉଥିବା କାରଣରୁ ତୁରନ୍ତ ଇସ୍ତଫା ଦେବାକୁ ସେ ଦାବି କରିଛନ୍ତି। ଏଥି ସହ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରି ନୂତନ ସରକାର ବାଛିବାକୁ ଲୋକଙ୍କୁ ସୁଯୋଗ ଦିଆଯାଉ ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ନିମାଇଁ ସରକାର, ପିସିସି ସଂପାଦକ ରୂପକ ତୁରୁକ, ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ଭଗବାନ ବାହିନୀପତି,ନଗର କଂଗ୍ରେସ କମିଟି ସଭାପତି ଜୟନ୍ତ କଟିନ, ହେମଲାଲ ସୁନାନୀ,ଭବାନୀ ଶଙ୍କର ମିଶ୍ର, ବିଜୟ କୁମାର ରାଓଙ୍କ ସହ ଅନ୍ୟାନ୍ୟ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।
























## ଦୁର୍ନୀତିର ପେଣ୍ଠସ୍ଥଳ ପାଲଟିଛି ମୟୂରଭଞ୍ଜ ଜଳସେଚନ ବିଭାଗ

# ୪.୮୬ କୋଟିର ନଦୀବନ୍ଧ ରାସ୍ତା କାମ ୪ ମାସ ବି ଗଲାନି






**ଦୋଷ ଲୁଚାଇବାକୁ ବନ୍ୟାକୁ ଅପେକ୍ଷା**

**ବାରିପଦା, ୨୪ା୭ (ସମିସ)**

ସମ୍ପ୍ରତି ଦୁର୍ନୀତିର ପେଣ୍ଠସ୍ଥଳ ପାଲଟିଛି ମୟୂରଭଞ୍ଜ ଜଳସେଚନ ବିଭାଗ। ନଦୀବନ୍ଧରେ ପଥରପ୍ୟାକିଂ, ମରାମତି, ରାସ୍ତା ଉନ୍ନତିକରଣରେ ଦୁର୍ନୀତି ହୋଇଥିବା ନେଇ ସମ୍ପୃକ୍ତ ବିଭାଗ ବିରୋଧରେ ଗୋଟିଏ ପରେ ଗୋଟିଏ ଅଭିଯୋଗ ଆସିବାରେ ଲାଗିଛି। ଘଟଣା ସମ୍ବନ୍ଧରେ ଅଭିଯୋଗକାରୀ ଗ୍ରାମବାସୀ ବିଭାଗୀୟ ମୁଖ୍ୟଯନ୍ତ୍ରୀ, ମୟୂରଭଞ୍ଜ ଜିଲ୍ଲାପାଳ ଓ ଭିଜିଲାନ୍ସ ବିଭାଗକୁ ଘଟଣାର ତଦନ୍ତ ପାଇଁ ଦାବି କରିଛନ୍ତି; ହେଲେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରେ ଥାଉ ଏ ଯାଏ ତଦନ୍ତ ବି ହୋଇନାହିଁ। ଘଟଣାରୁ ପ୍ରକାଶ ଯେ, ଜିଲ୍ଲାର ବନ୍ୟାପ୍ରବଣ ବ୍ଲକ ବଡସାହି ଅଧୀନ ଶାଳଗାଁ ପଞ୍ଚାୟତର ନରଣଗାଁ-ପାଲପାଟଣାକୁ ସଂଯୋଗ ପାଇଁ ଗଙ୍ଗାହାର ନଦୀର ବାମପାର୍ଶ୍ୱ ବନ୍ଧରାସ୍ତା ଆବାହମାନ କାଳରୁ ରହିଆସିଛି। ତେବେ ପ୍ରତିବର୍ଷ ବନ୍ୟାରେ ଏହି ବନ୍ଧ କ୍ଷତିଗ୍ରସ୍ତ ହେବା ସହିତ ରାସ୍ତା ଧୋଇଯାଉଥିବାରୁ ଅଞ୍ଚଳବାସୀଙ୍କ ଦାବିକୁ ଆଖିରେ ରଖି ତତ୍କାଳୀନ ବିଜେଡି ସରକାର ସମ୍ପୃକ୍ତ ରାସ୍ତା ଉନ୍ନତିକରଣ ପାଇଁ ୪କୋଟି ୮୬ଲକ୍ଷ ୧୧ ହଜାର ଅଟକଳ ରାଶି ମଞ୍ଜୁର କରିଥିଲେ। ଏହି କାମ ପାଇଁ ସତ୍ୟନାରାୟଣ ଦାସ ଟେଣ୍ଡର ଜରିଆରେ ମୟୂରଭଞ୍ଜ ଜଳସେଚନ ବିଭାଗ ସହିତ ଚୁକ୍ତିନାମା କରିଥିଲେ। ଚୁକ୍ତି ଅନୁସାରେ ୨୦୨୪ ଫେବୃଆରୀ ୨୭ ତାରିଖରୁ କାର୍ଯ୍ୟ ଆରମ୍ଭ ହୋଇ ସେହିବର୍ଷ ଅଗଷ୍ଟ ୨୭ତାରିଖରେ ଶେଷ ହେବା କଥା; କିନ୍ତୁ କାର୍ଯ୍ୟ ବହୁ ବିଳମ୍ବରେ ଆରମ୍ଭ ହୋଇ ୨୦୨୪ ଜାନୁଆରୀରେ ଶେଷ ହୋଇଥିଲା। ନଦୀବନ୍ଧ ରାସ୍ତାରେ ନିୟମ ଅନୁଯାୟୀ ବାଲି, ମୋରମ, ମେଟାଲ, ଚିପ୍ସ ଓ ପିଚୁ ବ୍ୟବହାର କରା ନ ଯିବା ଏବଂ ଠିକଭାବରେ ସ୍ତର-ସ୍ତର ରୋଲିଂ କରା ନ ଯାଇ ରାସ୍ତା ନିର୍ମାଣ ହେବାର ୩/୪ମାସ ମଧ୍ୟରେ ପିଚୁ ଫାଟି ଉଠିଯାଇଛି। ଏନେଇ ଉଭୟ ଗ୍ରାମବାସୀ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗ ନୀରବ। ଗ୍ରାମବାସୀ ଶ୍ରୀନାଥ ମହାରଣାଙ୍କ କହିବାନୁଯାୟୀ ଘଟଣାର ତଦନ୍ତ ପାଇଁ ୩ମାସ ମଧ୍ୟରେ କେହି ଅଧିକାରୀ ଆସୁନାହାନ୍ତି। ଅପରପକ୍ଷରେ ଠିକାଦାର ଦୋଷ ଲୁଚାଇବା ପାଇଁ ରାସ୍ତା ଖରାପ ସ୍ଥାନରେ ମୋରମ ପକାଇ ଲୁଚାଇବାରେ ଲାଗିଛନ୍ତି। ବର୍ଷା ଋତୁରେ ଗୋଟିଏ ବନ୍ୟାକୁ ସଭିଏଁ ଅପେକ୍ଷା କରିଛନ୍ତି। ବନ୍ୟା ଛାଡିଗଲେ ଫଟୋ ଭିଡିଓ କରି ବନ୍ୟାଜନିତ କ୍ଷତି ଦେଖାଇ ଦୁର୍ନୀତିକୁ ଘଣ୍ଟ ଘଡାଇଦେବେ। ତେବେ ସପ୍ତାହକ ମଧ୍ୟରେ ତଦନ୍ତ ପୂର୍ବକ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ମୟୂରଭଞ୍ଜ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପରମେଶ୍ୱର ପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଉ ନାହାନ୍ତି। ସେ ରାଇରଙ୍ଗପୁର ସହିତ ବାରିପଦା କାର୍ଯ୍ୟାଳୟ ଦାୟିତ୍ୱରେ ରହି ଅଧିକାଂଶ ଦିନ ବାରିପଦା କାର୍ଯ୍ୟାଳୟରେ ଅନୁପସ୍ଥିତ ମଧ୍ୟ ରହୁଛନ୍ତି।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ ସମାରୋହ

# ସମିତିର ୩ ପରିଚାଳନା ସଭ୍ୟ ସମ୍ମାନିତ



**ବାରିପଦା, ୨୪ା୭ (ସମିସ):** ବାରିପଦା ସହିଦ ସ୍ମୃତି ଭବନଠାରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ ସମାରୋହ ଗୁରୁବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ମୟୂରଭଞ୍ଜର ପ୍ରସିଦ୍ଧ ଛଉ ନୃତ୍ୟ ପରିବେଷିତ ହୋଇଥିଲା ଏହି ଛଉ ନୃତ୍ୟ ମାଧ୍ୟମରେ କୃଷି ଏବଂ ଖରିଫ ୨୦୨୫-୨୬ ଋତୁ ଧାନକ୍ରୟ ନିମନ୍ତେ ଚାଷୀ ପଞ୍ଜୀକରଣର କୌଶଳ ପ୍ରଦର୍ଶନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ, ନାବାର୍ଡ ଡିଡିଏମ, ବରିଷ୍ଠ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ବାରିପଦା/ କପ୍ତିପଦା/ ରାଇରଙ୍ଗପୁର/ କରଞ୍ଜିଆ, ଜିଲ୍ଲା ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ, ଦୁଗ୍ଧ ସଂଘର ଅଧିକାରୀ ଯୋଗଦେଇ ସମବାୟ ଆନ୍ଦୋଳନର ପ୍ରାକ୍ ଇତିହାସ ଓ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ସମାରୋହରେ ମୟୂରଭଞ୍ଜ ଖଣ୍ଡ ସମବାୟ ସମିତି ସମୂହର ଉପନିବନ୍ଧକ ଅଶୋକ କୁମାର ପାଣି ପୌରୋହିତ୍ୟ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଜିଓଆଇର ବ୍ୟବସାୟ ବିବିଧକରଣର ପଦକ୍ଷେପ ସମ୍ପର୍କରେ ଆଲୋଚନା କରି ଚାଷୀଙ୍କୁ ସଚେତନ କରାଯାଇଥିଲା। ସମବାୟ ସମିତିର ବିଭିନ୍ନ କାର୍ଯ୍ୟକ୍ରମର ଉପକାରିତା ବିଷୟରେ ବରିଷ୍ଠ ସହକାରୀ ନିବନ୍ଧକ, ରାଇରଙ୍ଗପୁର ଚାଷୀଙ୍କୁ ଜଣାଇଥିଲେ। ଜିଲ୍ଲାର ସମସ୍ତ ସମବାୟ ବିଭାଗୀୟ ଅଧିକାରୀ, ସମିତିର କର୍ମଚାରୀ, ପରିଚାଳନା ପରିଷଦର ସଦସ୍ୟ/ ସଦସ୍ୟା, ଚାଷୀ ଓ ବିଭିନ୍ନ ବିଭାଗର ଅଧିକାରୀ ସମେତ ୨୬୫ ଜଣ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନେ ଯଥା ମତ୍ସ୍ୟ ବିଭାଗ, ପ୍ରାଣୀ ବିଭାଗ ଏବଂ ଦୁଗ୍ଧ ସଂଗ୍ରହ ବିଭାଗ ନିଜ ନିଜ ବିଭାଗର ଯୋଜନା ଓ ସରକାରୀ ସହାୟତା ବିଷୟରେ ଚାଷୀଙ୍କୁ ଅବଗତ କରାଇଥିଲେ। ସମବାୟ ସମିତିର ତିନି ପରିଚାଳନା ପରିଷଦର ସଭ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ କରଞ୍ଜିଆର ସହକାରୀ ନିବନ୍ଧକ ବସନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଚୋରି ନେଇ ଥାନାରେ ମାମଲା

**ବାରିପଦା, ୨୪ା୭ (ସମିସ):** ହୁକ ପକାଇ ବିଦ୍ୟୁତ ଚୋରି କରିବାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଟିପିଏନଓଡିଏଲ ପକ୍ଷରୁ ବାରିପଦା ସର୍କଲ ଏନଫୋର୍ସମେଣ୍ଟ ଅଧିକାରୀ ଅଭିଷେକ କୁମାର ସିଂ ଭଞ୍ଜପୁର ଥାନାରେ ଏତଲା ଦେଇଛନ୍ତି। ଜ୍ଞାନରଞ୍ଜନ ରାଉତ ନାମକ ଜଣେ ବ୍ୟକ୍ତି ଗତ ୬ମାସରୁ ଅଧିକ ହେବ ହୁକ ପକାଇ ବିଦ୍ୟୁତ୍ ଚୋରି କରୁଥିଲେ। ଫଳରେ ଟାଟା ପାୱାରର କ୍ଷତି ହେଉଛି। ଏନେଇ ଖବର ପାଇ ସେ ଚଢ଼ଉ କରିଥିଲେ। ସବିଶେଷ ତଥ୍ୟ ନେଇ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛନ୍ତି।

# ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ



**ବାରିପଦା, ୨୪ା୭ (ସମିସ):** ବାରିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟର ଯୁବ ରେଡକ୍ରସ ତଥା ରେଡ୍ ରିବନ କ୍ଲବ ଏବଂ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସିଡିଏମଓ ଡା. କରୁଣାକର ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ କମାଣ୍ଡାଣ୍ଟ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ବଜ୍ରପାତ, ସାପ କାମୁଡା, ବୁଡିଯିବା ସମୟରେ କିପ୍ରକାର ସାବଧାନତା ଅବଲମ୍ବନ କରାଯିବ ସେ ନେଇ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଓଡ୍ରାଫ ଟିମ୍ ସଦସ୍ୟ ଅରୁଣ କୁମାର ମହାନ୍ତ ମଧ୍ୟ ବକ୍ତବ୍ୟ ରଖିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଭିନନ୍ଦନ ଷଡଙ୍ଗୀ, ବରିଷ୍ଠ ଅଧ୍ୟାପିକା ଡ. ଅଞ୍ଜଳି ପଣ୍ଡା, ଡ. ଇତିଶ୍ରୀ ଭଞ୍ଜ, ଇତିସ୍ମିତା ବେହେରା, ସୁନିତା ପାତ୍ର, କ୍ରୀଡା ଶିକ୍ଷକ ତାପସ କୁମାର ସାମଲ, ଅଧ୍ୟାପକ ମାନସ ରଞ୍ଜନ ମହାନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରେଡକ୍ରସ ଅଧିକାରୀ ଅଟଳ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅମର୍ଦା ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ପାଇଁ ପ୍ରଶାସନ-ଗ୍ରାମବାସୀ ବୈଠକ

# ପୁନରୁଦ୍ଧାର ପାଇଁ ଖର୍ଚ୍ଚ ହେବ ୨୮.୯ କୋଟି



**ମୋରଡା/ରାସଗୋବିନ୍ଦପୁର, ୨୪ା୭ (ସମିସ):** ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରାସଗୋବିନ୍ଦପୁରସ୍ଥିତ ଅମର୍ଦା ଏୟାରଷ୍ଟ୍ରିପର ପୁନରୁଦ୍ଧାର ଏବଂ କାର୍ଯ୍ୟକ୍ଷମ ନିମନ୍ତେ ୨୮.୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏ ନେଇ ଗୁରୁବାର ମୋରଡା ବ୍ଲକ ଅଧୀନ ଧଡ଼ାସାହି ଗ୍ରାମରେ ପ୍ରଶାସନ ଏବଂ ଗ୍ରାମବାସୀଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ମୋରଡା ବିଡ଼ିଓ ଅଣାକର ନାଏକ, ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ଥାନା ଅଧିକାରୀ ସୁମିତ କୁମାର ସୋରେନ, ପୂର୍ବତନ ଉପଜିଲାପାଳ ରଜନୀକାନ୍ତ ବିଶ୍ୱାଳ, ପୂର୍ତ୍ତବିଭାଗ ଅଧିକାରୀ, ଧଡ଼ାସାହି ସରପଞ୍ଚ ତିଲକା ହାଁସଦା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ତେବେ ଏୟାରଷ୍ଟ୍ରିପର ପୁନରୁଦ୍ଧାର ପାଇଁ ୪୦୦ ଏକର ପରିମିତ ଜାଗା ଦରକାର ହେବାକୁ ଥିବାବେଳେ ପୂର୍ବରୁ ୧୪୦ ଏକର ଜାଗା ଅଧିଗ୍ରହଣ ହୋଇସାରିଛି ଏବଂ ୧୦୦ ଏକର ଜାଗା ସରକାର ମଧ୍ୟ କିଣି ସାରିଛନ୍ତି। ଏୟାରଷ୍ଟ୍ରିପ ନିର୍ମାଣ ପାଇଁ ମୋରଡା ବ୍ଲକର ବେଣାପାଟିଆ, ସାହାରାଜୁଡ଼ି, ଧଡ଼ାସାହି, ହରେକୃଷ୍ଣପୁର ଏବଂ ବେଲାଝୁରୀ ଗ୍ରାମର ଅଧିକାଂଶ ଲୋକଙ୍କ ଜାଗା ଉଚ୍ଛେଦ ହେବାକୁ ଯାଉଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି। ତେବେ ଜମି ହରାଇବାକୁ ଥିବା ଲୋକଙ୍କୁ ସରକାରଙ୍କ ତରଫରୁ ଅନ୍ୟତ୍ର ଜାଗା ସହିତ ଆର୍ଥିକ ସହାୟତା ମିଳିବ ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି।

# କର୍ମକାଣ୍ଡବିତ୍ ରତିକାନ୍ତ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବାରିପଦା, ୨୪ା୭ (ସମିସ):** ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖା ତରଫରୁ ଜିଲ୍ଲାର ବିଶିଷ୍ଟ କର୍ମକାଣ୍ଡବିତ୍ ରତିକାନ୍ତ ମିଶ୍ରଙ୍କ ଏକାଦଶାହ ଦିବସରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମହାସଭାର ସ୍ଥାୟୀ ସଭାପତି ଡା ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦିବଂଗତ ମିଶ୍ରଙ୍କର ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ମହାସଭାର ସାଧାରଣ ସମ୍ପାଦକ ଭାଗବତ ପଣ୍ଡା ସ୍ମୃତିଚାରଣ କରି ସ୍ୱର୍ଗତ ମିଶ୍ର ୩୦୦ରୁ ଅଧିକ ମନ୍ଦିର ପ୍ରତିଷ୍ଠା କରିବା ସହିତ ବହୁ କର୍ମକାଣ୍ଡ ସମ୍ପାଦନ କରିଥିବାରୁ ପ୍ରାୟ ସମଗ୍ର ଓଡ଼ିଶାର ଲୋକପ୍ରିୟ ହୋଇପାରିଥିଲେ। ସେ ସାଇଁକୁଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାବେ କାର୍ଯ୍ୟ କରିଥିଲେ ବୋଲି ସେ କହିଥିଲେ। ସଭାରେ ହୃଦାନନ୍ଦ ଆଚାର୍ଯ୍ୟ, ସୁରେଶ ପାଣିଗ୍ରାହୀ, ସୁଦର୍ଶନ ଦ୍ୱିବେଦୀ, ଦୋଳଗୋବିନ୍ଦ ଦାଶ, ଅଚ୍ୟୁତ ପ୍ରସାଦ ମହାପାତ୍ର ଓ ଭଗବତୀ ଦାଶ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ନରୋତ୍ତମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଗୋରୁ ବୋଝେଇ କଣ୍ଟେନର ଜବତ

**ବିଶୋଇ, ୨୪ା୭ (ସମିସ):** ବିଶୋଇ ଥାନା ଅନ୍ତର୍ଗତ ୪୯ ନଂ. ଜାତୀୟ ରାଜପଥ ସ୍ଥିତ ରାଜାବସା ଛକ ନିକଟରେ ବୁଧବାର ଏକ ଗୋରୁ ବୋଝେଇ କଣ୍ଟେନରକୁ ପୁଲିସ ଜବତ କରିଛି। ପରେ ପୁଲିସ କଣ୍ଟେନରରୁ ୨୫ଟି ଗୋରୁଙ୍କୁ ଉଦ୍ଧାର କରିଥିବାବେଳେ ୭ଟି ମୃତଗୋରୁକୁ ଜବତ କରିଛି। ତେବେ ଘଟଣାସ୍ଥଳରୁ କଣ୍ଟେନର ଡ୍ରାଇଭର ଚମ୍ପଟ ମାରିଛି। ଏ ନେଇ ପୁଲିସ ଏକ ମାମଲା ରୁଜୁକରିଛି। ସୂଚନାଯୋଗ୍ୟ ଯେ, ବୁଧବାର ଅପରାହ୍ନରେ ବିଶୋଇ ଥାନା ଅଧିକାରୀ ଶରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏ.ଏସ୍.ଆଇ ଶରତ କୁମାର ଧଳ ସମେତ ପୁଲିସ ଟିମ୍ ୪୯ ନଂ ଜାତୀୟ ରାଜପଥ ସ୍ଥିତ ରଜାବସା ଛକରେ ଯାଞ୍ଚ କରୁଥିଲେ। ଏହି ସମୟରେ ଯଶିପୁର ପଟୁ ଆସୁଥିବା ଉକ୍ତ ଗୋରୁ ବୋଝେଇ କଣ୍ଟେନର ଯାଞ୍ଚ ହେଉଥିବା ସ୍ଥାନରେ ପହଞ୍ଚିବା ପୂର୍ବରୁ ପୁଲିସକୁ ଦେଖି ଚାଳକ ଦୌଡି ପଳାଇଥିଲା। ପରେ ପୁଲିସ କଣ୍ଟେନର ମଧ୍ୟରୁ ୨୫ଟି ଗୋରୁ ଏବଂ ୭ଟି ମୃତଗୋରୁକୁ ଜବତ କରିଛି। ସେହିପରି ସମସ୍ତ ଜୀବନ୍ତ ଗୋରୁଙ୍କୁ ଗୋଶାଳାକୁ ପଠାଯାଇଛି ବୋଲି ଥାନା ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି।



# ଶିକ୍ଷକଙ୍କ ବଦଳି ପ୍ରତିବାଦରେ ସ୍କୁଲ ଗେଟ୍‌ରେ ତାଲା

**କୁଆମରା, ୨୪ା୭ (ସମିସ):** ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ପଞ୍ଚାୟତ କାଳିଆପଦା ସରକାରୀ ଉଚ୍ଚବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ ବଦଳି କରାଯାଇଥିବା ପ୍ରତିବାଦରେ ଗୁରୁବାର ଅଭିଭାବକମାନେ ଗେଟରେ ତାଲା ପକାଇ ଦେଇଥିଲେ। ଫଳରେ ଏକଘଣ୍ଟା ଧରି ଛାତ୍ରଛାତ୍ରୀ ବିଦ୍ୟାଳୟ ବାହାରେ ଛିଡ଼ା ହୋଇଥିଲେ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ଏଠାରେ ପ୍ରଧାନଶିକ୍ଷକଙ୍କ ସମେତ ୬ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ଗତ ମାର୍ଚ୍ଚ ମାସରେ ଏହି ପଞ୍ଚାୟତରେ ମାଣିଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଦୁଇ ଶିକ୍ଷକ ଅବସର ନେବାପରେ କାଳିଆପଦା ପ୍ରାଥମିକ ବିଦ୍ୟାଳୟରୁ ରବୀନ୍ଦ୍ର ବେହେରାଙ୍କୁ ମାଣିଚ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନରେ ପଠାଇଥିଲେ ବ୍ଲକ ଶିକ୍ଷା ଅଧିକାରୀ। ସେତେବେଳେ ମଧ୍ୟ ଅଭିଭାବକମାନେ ପ୍ରତିବାଦ କରିଥିଲେ। ମାତ୍ର ବ୍ଲକ ଶିକ୍ଷା ଅଧିକାରୀ ଡ଼ଃ ଅଭିମନ୍ୟୁ ସେଠୀ ଶ୍ରୀ ବେହେରାଙ୍କୁ ଖୁବ୍ ଶୀଘ୍ର ଫେରାଇ ଅଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ; ହେଲେ ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ହେଁ ଶ୍ରୀ ବେହେରାଙ୍କୁ ଫେରାଇ ଅଣାଯାଇନାହିଁ। ଗତ ସପ୍ତାହ ତଳେ ପୁଣି ଅଭିଭାବକମାନେ ଶ୍ରୀ ବେହେରାଙ୍କୁ ସପ୍ତାହ ମଧ୍ୟରେ ଫେରାଇ ଅଣା ନଗଲେ ବିଦ୍ୟାଳୟରେ ତାଲା ପକାଇବାକୁ ଚେତାବନୀ ଦେଇଥିଲେ। ମାତ୍ର ସପ୍ତାହ ବିତି ଯାଇଥିଲେ ମଧ୍ୟ ବିଇଓ କୌଣସି ପଦକ୍ଷେପ ନ ନେବାରୁ ଗୁରୁବାର ବାଧହୋଇ ଅଭିଭାବକମାନେ ବିଦ୍ୟାଳୟ ଖୋଲିବା ପୂର୍ବରୁ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ସିଆରସିସି ସଞ୍ଜୀବ ପ୍ରଧାନ ସ୍କୁଲରେ ପହଞ୍ଚି ବିଇଓଙ୍କୁ ଏ ସମ୍ପର୍କରେ ଜଣାଇବା ସହ ଅଭିଭାବକଙ୍କୁ ବୁଝାସୁଝା କରିଥିଲେ। ଶିକ୍ଷକ ଶ୍ରୀ ବେହେରାଙ୍କୁ ଆଜି ଫେରାଇ ଅଣାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଗେଟରୁ ତାଲା ଖୋଲିଥିଲେ ଅଭିଭାବକ।




# ମିଳିତ ବିରୋଧୀଦଳ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ବାରିପଦା, ୨୪ା୭ (ସମିସ):** ମୟୂରଭଞ୍ଜ ଜିଲ୍ଲାର ମିଳିତ ବିରୋଧୀଦଳ ପକ୍ଷରୁ ଫକୀରମୋହନ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ ସ୍ୱର୍ଗତ ସୌମ୍ୟଶ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା ରବି ଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶାସକ ବିଜେପିର ଓଡ଼ିଆ ଅସ୍ମିତାର ସୁଭଦ୍ରା ଓ ଏବେ ଶକ୍ତିଶ୍ରୀର ଢୋଙ୍ଗି ସ୍ଲୋଗାନ ଭିତରେ ରାଜ୍ୟରେ ବ୍ୟବସ୍ଥାକୃତ ମହିଳା ଉତ୍ପୀଡନ ଓ ହତ୍ୟାରେ ଦୈନନ୍ଦିନ ଶିକାର ମହିଳା ଶିକ୍ଷାୟତନ ଠାରୁ ସାମାଜିକ ସ୍ତର ପର୍ଯ୍ୟନ୍ତ ଗଣମାଧ୍ୟମର ଶିରୋନାମ ପାଲଟିଛି। ଦୈନିକ ପ୍ରତି ମୂହୁର୍ତ୍ତରେ ମହିଳାଙ୍କ ପ୍ରତି ହିଂସା ବଢ଼ିବଢ଼ି ଚାଲିଛି। ଶିକ୍ଷାୟତନରେ ଗୁରୁ ଦକ୍ଷିଣାର ବାବଦରେ ଗୁରୁ କାମୁକ ପାଲଟିଛି। ରକ୍ଷକ ଭକ୍ଷକ ସାଜୁଛି। ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ଘଟଣା, ହରିଚନ୍ଦନପୁର ଗଣଦୁଷ୍କର୍ମ ଓ ହତ୍ୟା, ଫକୀରମୋହନ ମହାବିଦ୍ୟାଳୟର ଏହି ଛାତ୍ରୀ ଆତ୍ମଦାହ, ନିମାପଡ଼ା ବଳଙ୍ଗାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ନାବାଳିକାକୁ ଜିଅନ୍ତା ଜାଳି ଦେବା ଘଟଣାଭଳି ଅନେକ ଆମକୁ ଘୋର ଲଜ୍ଜିତ କରିଛି। ଓଡ଼ିଶାର ମହିଳା ଉପମୁଖ୍ୟମନ୍ତ୍ରୀ ସମୟରେ ବିଶେଷକରି ଓଡ଼ିଶାରେ ମହିଳାଙ୍କ ପାଇଁ ସୁରକ୍ଷା ନ ଥିବାରୁ ବିଦେଶୀ ପର୍ଯ୍ୟଟକ ଏଠାକୁ ନ ଆସିବାପାଇଁ ଏସଓପି ଜାରି କଲେଣି। ଏହାଠାରୁ ନିନ୍ଦା ଅପବାଦ ଅଧିକ କଣ ହୋଇପାରେ ? କ୍ଷମତା ପାଇଁ ମହିଳା ସଶକ୍ତିକରଣ ନାମରେ ରାଜନୀତିକରଣ ନ କରି ପ୍ରତ୍ୟେକ ମହିଳାଙ୍କ ସୁରକ୍ଷା ଓ ସମ୍ମାନକୁ ଦୃଢ଼ୀଭୂତ କଲେ ଝିଅ ସୌମ୍ୟଶ୍ରୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ମୟୂରଭଞ୍ଜ ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର କହିଛନ୍ତି। ମହିଳାଙ୍କ ପ୍ରତି ଅସଦାଚରଣ ଓ ଅପରାଧରେ ବିଜେପିର ଡବଲ ଇଞ୍ଜିନ ସରକାର ବିଶ୍ୱ ଦରବାରରେ ଭାରତକୁ ସ୍ୱତନ୍ତ୍ର ପରିଚୟ ଦେଲାଣି। ନାରୀ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଗଲେ ସୌମ୍ୟଶ୍ରୀଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ହୋଇ ପାରିବ ବୋଲି କଂଗ୍ରେସର ପୂର୍ବତନ ଟାଉନ ସଭାପତି ଶାନ୍ତନୁ ପାଲ କହିଛନ୍ତି।। ଶ୍ରଦ୍ଧାଞ୍ଜଳି ସଭାରେ ସିପିଆଇ ପକ୍ଷରୁ ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ସଞ୍ଜିବ ବାରିକ, ଶ୍ରୀକାନ୍ତ ବୋଷ, ସୁବାଷିନୀ ବିନ୍ଧାଣି, ନିରଞ୍ଜନ ନାୟକ, ପ୍ରସନ୍ନ ପାତ୍ର, ସିପିଏମ ପକ୍ଷରୁ ଅମଳ ଦେ, ଅକ୍ଷୟ ଖୁଣ୍ଟିଆ, ସେକ ରିଜୁଆନ, ରଞ୍ଜିତା ରାଉତ୍, କଂଗ୍ରେସର ନିର୍ମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




# ଏମ୍‌ପିସି କଲେଜ ଆଗରେ କଂଗ୍ରେସର ନୀରବ ପ୍ରାର୍ଥନା

**ବାରିପଦା, ୨୪ା୭ (ସମିସ):** ବାଲେଶ୍ୱର ଏଫଏମ କଲେଜର ଛାତ୍ରୀ ସ୍ୱର୍ଗତ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ସଂଯୋଜକ ଅରବିନ୍ଦ ଦାସଙ୍କ ପୌରୋହିତ୍ୟରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ସମ୍ମୁଖରେ ଦୁଇ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠିତ ସଭାରେ ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ସହ 'ସୌମ୍ୟାଶ୍ରୀ ଅମର ରହେ'ର ନାରା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଦଳର ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ, ନିରୋଜ ଲୋଚନ ଦାଶ ଓ ବିଜନ ଦାସ, ମହିଳା ନେତ୍ରୀ ସୁସ୍ମିତା ଘୋଷାଲ, ଆଇନସେଲ ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ରଥ, ଛାତ୍ର କଂଗ୍ରେସର ମୋତିପ୍ରକାଶ ଦାସ, କୃଷକ ସେଲର ଦୀପକ ଦାସ, ଆଦିବାସୀ ସେଲର ଚୈତନ୍ୟ ହାଁସଦା, ପଞ୍ଚାୟତିରାଜ ସେଲର ଶିବାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ଆର୍‌ଏସ୍‌ପି ସମ୍ପ୍ରସାରଣ ନେଇ ଉଚ୍ଚସ୍ତରୀୟ ବୈଠକ

# ୧୨୦୦ ଏକର ଜମିରେ ହେବ ସମ୍ପ୍ରସାରଣ

ରାଉରକେଲା, ୨୪।୭ (ସମିସ)




● ଖର୍ଚ୍ଚହେବ ୩୦ ହଜାର କୋଟି ଟଙ୍କା
● ଯୋଗଦେଲେ କେନ୍ଦ୍ର ଇସ୍ପାତ ସଚିବ

ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣକୁ ନେଇ ଗୁରୁବାର ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆର୍‌ଏସ୍‌ପିର ଏହି ସମ୍ପ୍ରସାରଣ ପାଇଁ ୧୨୦୦ ଏକର ଜମିର ଆବଶ୍ୟକତା ରହିଥିବାବେଳେ ଏଥିପାଇଁ ୩୦ ହଜାର କୋଟି ଟଙ୍କା ଖର୍ଚ୍ଚହେବ ବୋଲି ବ୍ୟୟଅଟକଳ କରାଯାଇଛି। କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଭିଜିତ ନରେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମା, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମର ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀ, ରାଉରକେଲା ଏସପି ନିତେଶ ୱାଧୱାନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ରାଉରକେଲା ଇସ୍ପାତ କାରଖାନା ସମ୍ପ୍ରସାରଣ, ସ୍ଥାନୀୟ ନିଯୁକ୍ତି, ବିସ୍ଥାପିତଙ୍କ ଥଇଥାନ, ବିମାନ ବନ୍ଦରର ଉନ୍ନତିକରଣକୁ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ଅନ୍ୟୁନ ୧୨୦୦ ଏକର ଜମି କିପରି ଶାନ୍ତିପୂର୍ଣ୍ଣ ଭାବେ ଅଧିଗ୍ରହଣ ହୋଇ ପାରିବ ଏବଂ ବିସ୍ଥାପିତଙ୍କୁ ଶାନ୍ତିଶୃଙ୍ଖଳା ସହ ଥଇଥାନ କରାଯାଇପାରିବ ସେ ନେଇ ଏହି ବୈଠକରେ ପ୍ରଶାସନ ଓ ଆରଏସ୍‌ପି ପକ୍ଷରୁ ବିଶଦ୍ ଆଲୋଚନା କରାଯାଇଥିଲା।

ସୂଚନା ଯୋଗ୍ୟ ଯେ ଆର୍‌ଏସ୍‌ପିର ବାର୍ଷିକ ଉତ୍ପାଦନ କ୍ଷମତା ସମ୍ପ୍ରତି ୪.୫ ମିଲିୟନ ଟନ୍ ରହିଥିବାବେଳେ ଏହାକୁ ୯.୩ ମିଲିୟନ ଟନକୁ ବୃଦ୍ଧି କରାଯିବା ପାଇଁ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଯୁଗ୍ମ ସଚିବ ଅଭିଜିତ ନରେନ୍ଦ୍ର ରାଉରକେଲା ଇସ୍ପାତ କାରଖାନା ନିର୍ମାଣ ସମୟରେ ବିସ୍ଥାପିତ ହୋଇଥିବା କିଛି ଗ୍ରାମବାସୀ ଓ ବିଭିନ୍ନ ବିସ୍ଥାପିତ ସଙ୍ଗଠନର ପ୍ରତିନିଧିମାନଙ୍କ ସହିତ ମଧ୍ୟ ସିଧା ସଳଖ କଥାବାର୍ତ୍ତା କରିଥିଲେ ଓ ସେମାନଙ୍କର ସମସ୍ୟା ଓ ଦାବି ବିଷୟରେ ପଚାରି ବୁଝିଥିଲେ। ସେମାନଙ୍କୁ ମିଳିତ ସହଯୋଗରେ ଏହାର ସମାଧାନର ବାଟ ବାହାର କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏହି ଅବସରରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଧବ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ ରାଉରକେଲା ଇସ୍ପାତ କାରଖାନା ର ବର୍ତ୍ତମାନ ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନ୍ ରହିଛି। ରାଉରକେଲା ସହରର ପ୍ରକୃତ ପରିଚୟ ହେଉଛି ରାଉରକେଲା ଇସ୍ପାତ କାରଖାନା। ଆରଏସପି ବିକଶିତ ହେଲେ ରାଉରକେଲା ସହରର ସାମାଜିକ, ଆର୍ଥିକ ବିକାଶ ସମ୍ଭବ ହୋଇପାରିବ। ଏହାର ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନରୁ ୯.୩ ମିଲିୟନ ଟନରୁ ବୃଦ୍ଧି ପାଇଁ କରିବା ପାଇଁ ୩୦ ହଜାର କୋଟି ଟଙ୍କାର ବିନିଯୋଗ କରାଯିବ। ଏହାଦ୍ୱାରା ଅଧିକ ନୂତନ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। ସେ ଆହୁରି କହିଲେ ଯେ ଆରଏସପି ସମ୍ପ୍ରସାରଣରେ ବିସ୍ଥାପିତ ଲୋକ ମାନଙ୍କୁ ଉପଯୁକ୍ତ ଥଇଥାନ କରାଯିବା ସହ ବିସ୍ଥାପିତଙ୍କ ବହୁ ବର୍ଷର ଦାବୀକୁ ମଧ୍ୟ ଆଇନ ଅନୁସାରେ ସମାଧାନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏସ୍‌ପିର ଇଡି ତରୁଣ ମିଶ୍ର, ଆର୍‌ଏସ୍‌ପି ଟାଉନ ଇଂଜିନିୟରିଂ ସିଜିଏମ୍ ବିଜୟ କୁମାର ଯୋଜୋ, ଆରଏସ୍‌ପି ସହର ପ୍ରଶାସନ ସିଜିଏମ୍ ଟିଜି କାନେକର, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ଆଇଏଏସ୍ ଶିକ୍ଷାନବିସ ଫାବୀ ରସିଦ ପ୍ରମୁଖ ଉପସ୍ଥିତ ଥିଲେ।

## ଖଣି ସୁରକ୍ଷା ସପ୍ତାହ ପାଳିତ

# ବଲାଣି ଓର୍ ମାଇନ୍ସର ଉତ୍କର୍ଷ ପ୍ରଦର୍ଶନ




ରାଉରକେଲା, ୨୪।୭ (ସମିସ): ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା ଅଧୀନସ୍ଥ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ (ଓଜିଓଏମ) ର ବଲାଣି ଲୌହଖଣି ସୁରକ୍ଷା ନିର୍ଦ୍ଦେଶାଳୟର ତତ୍ତ୍ୱାବଧାନରେ ଭୁବନେଶ୍ୱର କ୍ଷେତ୍ରପାଇଁ ପାଳିତ ୪୨ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ-୨୦୨୪ରେ ଚିତ୍ତାକର୍ଷକ ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ଭୁବନେଶ୍ୱର କ୍ଷେତ୍ର - ୧ ଏବଂ କ୍ଷେତ୍ର- ୨ ପାଇଁ ସୁରକ୍ଷା ସପ୍ତାହର ଚୁଡାନ୍ତ ପାଳନ ଉତ୍ସବ ବଡବିଲ ସ୍ଥିତ ରୁଙ୍ଗଟା ଟାଉନ ହଲରେ ଅନୁଷ୍ଠିତ ହୋଇଥିଲା। ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ ଆନୁକୂଲ୍ୟରେ ଆକର୍ଷଣୀୟ ଓ ସୂଚନାପ୍ରଦ ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ଉଲ୍ଲେଖନୀୟ ଯେ, ବାର୍ଷିକ ଖଣି ସୁରକ୍ଷା ସପ୍ତାହ -୨୦୨୪ ର ଜୋନାଲ ସୁରକ୍ଷା ଦିବସ ୨୦୨୪ ମସିହା ନଭେମ୍ବର ୧୭ ତାରିଖରେ ଟାଟା ଷ୍ଟିଲର ଯୋଡା ଇଷ୍ଟରେ ଅନୁଷ୍ଠିତ ହୋଇଥିଲା। ଖଣିର ଶୀର୍ଷ ଏ-୧ ବର୍ଗ ଅଧୀନ ବିଓଏମ ବିଭିନ୍ନ ନିରୀକ୍ଷଣ, ପ୍ରତିଯୋଗିତା ଏବଂ ସଚେତନତା ଅଭିଯାନରେ ଅଂଶଗ୍ରହଣ କରିବା ସହିତ ଏହାର ଉତ୍କୃଷ୍ଟ ସୁରକ୍ଷା ଅଭ୍ୟାସ ଏବଂ କର୍ମଚାରୀ ନିଯୁକ୍ତିପାଇଁ ବହୁ ପୁରସ୍କାର ହାସଲ କରିଥିଲା। ବିଓଏମ ଦ୍ୱାରା ଅର୍ଜିତ ପୁରସ୍କାର ମଧ୍ୟରେ ବିଜ୍ଞାପନ ଏବଂ ପ୍ରଚାରପ୍ରସାରରେ ପ୍ରଥମ, ବିସ୍ଫୋଟକ ପରିଚାଳନାରେ ପ୍ରଥମ, ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମ, ପ୍ରାଥମିକ ଚିକିତ୍ସା ପ୍ରତିଯୋଗିତାରେ ଦ୍ୱିତୀୟ, କୁଇଜ୍ ପ୍ରତିଯୋଗିତାରେ ଦ୍ୱିତୀୟ, ଦୀର୍ଘତମ ଦୁର୍ଘଟଣାମୁକ୍ତ କର୍ମଚାରୀ (ବିଭାଗୀୟ/ଠିକା), ଶ୍ରେଷ୍ଠ ମହିଳା କର୍ମଚାରୀ, ପିଟ୍ ସେଫ୍ଟି କମିଟିର ଶ୍ରେଷ୍ଠ ସଦସ୍ୟ ଏବଂ ଅପରେଟର ବାଣିଜ୍ୟ ପରୀକ୍ଷା - ଡ୍ରିଲ୍ ଅପରେସନରେ ପ୍ରଥମ ପୁରସ୍କାର ଅନ୍ତର୍ଭୁକ୍ତ ହୋଇଥିବା ସୂଚନା ମିଳିଛି।

# କର୍ମଚାରୀ ସଂଘ ପକ୍ଷରୁ ବିଏମ୍‌ଏସ୍‌ର ପ୍ରତିଷ୍ଠା ଦିବସ




ରାଉରକେଲା, ୨୪।୭ (ସମିସ): ଆରଆଇକେକେଏସ୍ ବା ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ପକ୍ଷରୁ ବୁଧବାର ବିଏମ୍‌ଏସର ୭୧ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଭାରତୀୟ ମଜଦୁର ସଂଘର ୭୦ ବର୍ଷ ପୂର୍ତ୍ତି ଅବସରରେ ୨୦୨୪ ଜୁନ୍ ୨୩ରୁ ୨୦୨୫ ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିଲା। ସେଥିମଧ୍ୟରେ ଯୁବ ଅଭ୍ୟାସ ବର୍ଗ, ଦେଶର ପ୍ରତି ଜିଲ୍ଲାରେ ମହିଳା ସମ୍ମିଳନୀ, ଶ୍ରମିକ ସମ୍ପର୍କ ଅଭିଯାନ ସାମିଲ କରାଯାଇଥିଲା। ବୁଧବାର ଦିଲ୍ଲୀ ଠାରେ ଏହାର ସମାପନ ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଂଘଚାଳକ ମୋହନ ରାଓ ଭାଗବତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡବିୟ ଯୋଗ ଦେଇଥିଲେ। ଦେଶର ସମସ୍ତ ଜିଲ୍ଲାରେ ବଡ୍ ସ୍କ୍ରିନ୍ ମାଧ୍ୟମରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା। ଯାହାକି ଶ୍ରମ କ୍ଷେତ୍ରରେ ଏକ ରେକର୍ଡ ଥିଲା। ଆଇଜିଏଚ୍ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିରକୁ ଇସ୍ପାତ କାରଖାନା ସିଏମ୍‌ଓ ଜୟନ୍ତ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଆରଆଇକେଏସର ସାଧାରଣ ସମ୍ପାଦକ ହିମାଂଶୁ ବଳ ଏବଂ ଉପସଭାପତି ସଞ୍ଜୀବ ପତି ରକ୍ତଦାନ କରିଥିଲେ। ସନ୍ଧ୍ୟା ସମୟରେ ଆରଆଇକେକେଏସ ସଭାଗୃହରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ବିଏମ୍‌ଏସର କାର୍ଯ୍ୟକର୍ତ୍ତା କୃଷ୍ଣଚନ୍ଦ୍ର ମିଶ୍ର ବକ୍ତବ୍ୟ ରଖି ଆଦର୍ଶ ପରିବାର, ପରିବେଶ ସୁରକ୍ଷା, ନାଗରିକ କର୍ତ୍ତବ୍ୟ, ସାମାଜିକ ସମରସତ୍ତା ଏବଂ ସ୍ୱଦେଶୀ ଉତ୍ପାଦ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଆରଆଇକେକେଏସର ବରିଷ୍ଠ କାର୍ଯ୍ୟକର୍ତ୍ତା ରାଜେନ୍ଦ୍ର ମାହାନ୍ତ, ମଞ୍ଚରେ ସଭାପତିତ୍ୱ କରିଥିବାବେଳେ ସୁରେନ୍ଦ୍ର କଂସାରୀ ଆରଆଇକେକେଏସର ଭବିଷ୍ୟତ ଉଜ୍ଜଳ ବୋଲି ମତବ୍ୟକ୍ତ କରିଥିଲେ। ସମୀତା ମିଶ୍ର ମଞ୍ଚ ପରିଚାଳନା କରିଥିଲାବେଳେ ଆରଆଇକେକେଏସ୍ ସଭାପତି ପ୍ରଦୋଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀଧର ବେହେରା, କିଶୋର ନାୟକ, ପ୍ରବୀର ସ୍ୱାଇଁ, ବିକାଶ ପ୍ରଧାନ, ଲଳିତ ଜେନା, ସୁଶୀଲ ସେଠୀ, ସରୋଜ ଜେନା, ଅମର ଭୂୟାଁ, ସରୋଜ ପଣ୍ଡା, ପ୍ରଦୀପ ସାହୁ, ଦୁର୍ଗା ସାହୁ, ସରୋଜ ଜେନା, ସମର ମାହାନ୍ତ, ମାନସ ଦାସ, ଉମାକାନ୍ତ ସାମଲ, ଗୁରୁଚରଣ ମହାନ୍ତି, ପିନାକି ମହାନ୍ତି ପ୍ରମୁଖଙ୍କ ସମେତ ଅନେକ ସହଯୋଗ କରିଥିଲେ।

# ବାୟୋଫିଲ୍ମ ପ୍ରଯୁକ୍ତିବିଦ୍ୟା ଲାଗି ଏନ୍‌ଆଇଟିର ପେଟେଣ୍ଟ ହାସଲ





ରାଉରକେଲା, ୨୪।୭ (ସମିସ): ବିଷାକ୍ତ ଶିଳ୍ପ ପ୍ରଦୂଷକକୁ ହ୍ରାସ କରିବା ପାଇଁ ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଏନଆଇଟି) ରାଉରକେଲା ଗବେଷଣା ଦଳ ନୂତନ ଜୀବାଣୁ ବାୟୋଫିଲ୍ମ ପ୍ରଯୁକ୍ତିବିଦ୍ୟା ନିମିତ୍ତ ଏକ ପେଟେଣ୍ଟ ହାସଲ କରିଛି ଯାହାକି ଶିଳ୍ପ ରାସାୟନିକ ବର୍ଜ୍ୟବସ୍ତୁରେ ଫେନାନ୍ଥ୍ରିନ୍ ନାମକ ଏକ ବିଷାକ୍ତ ପଲିସାଇକ୍ଲିକ୍ ଆରୋମାଟିକ୍ ହାଇଡ୍ରୋକାର୍ବନକୁ ହ୍ରାସ କରିବାରେ ସହାୟକ ହେବ। ଏଥିସହିତ ଏହି ପେଟେଣ୍ଟ ବର୍ଜ୍ୟଜଳ ପରିଚାଳନାରେ ଖର୍ଚ୍ଚହ୍ରାସ କରିବା ସହ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହେବ।

ସୂଚନାଯୋଗ୍ୟ ଯେ ପିଏଏଚ୍ ଗୁଡ଼ିକ ହେଉଛି ବିପଦପୂର୍ଣ୍ଣ ଜୈବ ଯୌଗିକ ଯାହା ଜୀବାଶ୍ମ ଇନ୍ଧନ ଦହନ, ଶିଳ୍ପ ନିର୍ଗତ ଏବଂ ତୈଳ ଛିଣ୍ଡିବା ମାଧ୍ୟମରେ ମାଟି ଏବଂ ଜଳକୁ ପ୍ରଦୂଷିତ କରିଥାଏ। ଏହାକୁ ମୁକାବିଲା କରିବା ପାଇଁ ବିକଶିତ ବାୟୋଫିଲ୍ମରେ ଏକ ବାହ୍ୟ କୋଷିକା ସହିତ ସଂଲଗ୍ନ କୋଷ ରହିଛି ଯାହା ଏକ ବାହ୍ୟ କୋଷିକା ପଲିମରିକ ମାଟ୍ରିକ୍ସ ମଧ୍ୟରେ ସବଷ୍ଟ୍ରାଟମ୍ ସହିତ ସଂଲଗ୍ନ। ଗବେଷଣା ଦଳ ଲୁରିଆ ବର୍ଟାନି ବ୍ରୋଥ, ଏକ ପୁଷ୍ଟିକର ସମାହାର ବ୍ୟବହାର କରି ବାୟୋଫିଲ୍ମ ବୃଦ୍ଧି କରିଛନ୍ତି। ଏନ୍‌ଆଇଟି ରାଉରକେଲାର ଜୀବନ ବିଜ୍ଞାନ ବିଭାଗର ପ୍ରଫେସର ସୁରଜିତ ଦାସ କହିଛନ୍ତି, ବିକଶିତ ବାୟୋଫିଲ୍ମଟି ପୌର ଏବଂ ଶିଳ୍ପାଞ୍ଚଳରେ ବର୍ଜ୍ୟଜଳ ପରିଚାଳନାରେ ସହାୟତା ହେବ। ବିଶେଷକରି ହାଇଡ୍ରୋକାର୍ବନ ଆଧାରିତ ପ୍ରଦୂଷଣର ସ୍ଥାୟୀ ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରିବ। ଏନ୍‌ଆଇଟି ରାଉରକେଲାର ଗବେଷଣା ସ୍ନାତକ ଡ.କୁମାରୀ ଉମା ମାହତୋ କହିଛନ୍ତି, ବିକଶିତ ପ୍ରଯୁକ୍ତିବିଦ୍ୟା ଶିଳ୍ପ ତୈଳ ବିସ୍ତାରର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିପାରିବ ଯେଉଁଠାରେ ଫେନାନ୍ଥ୍ରିନ୍ ଏବଂ ଅନ୍ୟାନ୍ୟ ପିଏଏଚ୍ ସାମୁଦ୍ରିକ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଭିତ୍ତିଭୂମି ଥିବା ଅଞ୍ଚଳ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ ହେବ।

# ରାଜ୍ୟସ୍ତରୀୟ ସୁଟିଂ ଚାମ୍ପିଅନ୍‌ସିପ୍‌ରେ ଫାତିମା ଆବାସିଙ୍କୁ ରୌପ୍ୟ



ରାଉରକେଲା, ୨୪।୭ (ସମିସ): ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଡ. ଫ୍ଲୋରା ହାଇଦର ଏବଂ ମହମ୍ମଦ ଫରାଜ ଅବାସିଙ୍କ ଝିଅ ଫାତିମା ଆବାସି ଦ୍ୱିତୀୟ ଓଡ଼ିଶା ରାଜ୍ୟ ଓପେନ ସୁଟିଂ ଚାମ୍ପିଅନସିପରେ ୧୦ ମିଟର ଏୟାର ପିସ୍ତଲ ମହିଳା ଇଭେଣ୍ଟରେ ଦ୍ୱିତୀୟ ସ୍ଥାନ ହାସଲ କରି ଷ୍ଟିଲସିଟି ପାଇଁ ଗୌରବ ଆଣିଛନ୍ତି। ରାଜ୍ୟସ୍ତରୀୟ ଚାମ୍ପିଅନସିପ୍ ଜୁନ୍ ୨୬ରୁ ୨୯ ପର୍ଯ୍ୟନ୍ତ ଉତ୍କଳ କରାଟେ ସ୍କୁଲ ସୁଟିଂରେଞ୍ଜ ଏବଂ କଳିଙ୍ଗ ଷ୍ଟାଡିୟମ ସୁଟିଂରେଞ୍ଜରେ ଓଡ଼ିଶା ରାଇଫଲ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଉଦୀୟମାନ ପ୍ରତିଭା ତାଳଚେର ରାଇଫଲ୍ କ୍ଲବ୍ ଦ୍ୱାରା ଆୟୋଜିତ ଏକ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଥିଲେ।

# ତଳସରା ଥାନାରେ ଆମ ପୁଲିସ ବୈଠକ



ବାଲିଶଙ୍କରା, ୨୪।୭ (ସମିସ): ତଳସରା ଥାନା ପରିସରରେ ଆମ ପୁଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଓ ଡିଏସପି ପୁଷ୍ପେନ୍ଦୁ ସାଗରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଆମ ପୁଲିସ ବୈଠକରେ ସାଇବର ଠକେଇ, ବ୍ୟାଙ୍କ, ଏଟିଏମ୍ ଠକେଇ ସହ ବିଭିନ୍ନ ଅପରାଧରୁ ଲୋକଙ୍କ ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଜନସାଧାରଣ ଯଦି କୌଣସି ଆଇନଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହେଲେ ନିର୍ଭୟରେ ପୁଲିସ ସହ ଯୋଗାଯୋଗ କରି ପରାମର୍ଶ ନିଅନ୍ତୁ ବୋଲି କହିଥିଲେ। ବାଇକ ଚଳାଇବା ବେଳେ ହେଲମେଟ ବ୍ୟବହାର, ନିଶାଦ୍ରବ୍ୟର କୁପ୍ରଭାବ ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ବନଡେଗା ଫାଣ୍ଡି ଅଞ୍ଚଳରେ ଗୋ'ଚାଲାଣ ଓ ବାଲିଶଙ୍କରା ଅଞ୍ଚଳରେ ଅବୈଧ ମଦ କାରବାରକୁ ବନ୍ଦ କରିବା ପାଇଁ ଅଞ୍ଚଳବାସୀ ଦୃଢ଼ ମତ ପ୍ରକାଶ କରିଥିଲେ। ଏହି ବୈଠକରେ ଅରୁଣ ସାହୁ, ବନମାଳୀ ବାରସତିଆ, ଉଗ୍ରେସନ ବେହେରା, ତୁମୁଲିଆ ସରପଞ୍ଚ ଦେବଲାଲ ଲାକଡା, ସଉନାମରା ସରପଞ୍ଚ ବୁଲୁ ବାର୍ଲା, ସୁରତ ବେହେରା, ଚିନୁ ପଟେଲ, ବୁଲୁ ପଣ୍ଡା, ନନ୍ଦନ ସିଂ, ଜଗଦୀଶ ସାଏ, ରିଙ୍କୁ ବିଶି, ପ୍ରବୀଣ ଏକ୍କା, ରବି ପଟେଲ, ଫ୍ରାନ୍ସିସ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତ ସମିତି କଲେଜରେ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




ବାଲିଶଙ୍କରା, ୨୪।୭ (ସମିସ): ବାଲିଶଙ୍କରା ବ୍ଲକର ବାଲିଶଙ୍କରା ପଞ୍ଚାୟତ ସମିତି ଯୁକ୍ତ ୨ କଲେଜରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଯୁକ୍ତ ୨ କଲେଜର ଅଧ୍ୟକ୍ଷ କୁଳମଣି ସାହୁଙ୍କ ସଭାପତିତ୍ୱରେ ଚାଲିଥିବା ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବାଲିଶଙ୍କରା ତହସିଲଦାର କୁନ୍ତୀରାଣୀ ନାଏକ ଯୋଗଦେଇ ଥିଲେ। କଲେଜ ଅଧ୍ୟାପିକା ଶୋଭାରାଣୀ ସା ମଞ୍ଚ ପରିଚାଳନା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଯୁଗେଶ୍ୱର ସାହୁ, ଅଧ୍ୟାପିକା ଦିପ୍ତିମୟୀ ବେହେରା, ଅଧ୍ୟାପିକା ତନୟ ପଟେଲ, ଇଂରାଜୀ ଅଧ୍ୟାପକ ଅଶ୍ୱିନୀ ସରେଙ୍ଗ, ବରିଷ୍ଠ କିରାଣି ସୁଜନ କିଶାନ, ଲାଇବ୍ରିଏନ ଅନିତା ଟେରେସା ଲାକ୍ରା ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଲଗାଇ ପାଛୋଟି ଆଣିଥିଲେ। ପିଇଟି ପ୍ରଶାନ୍ତ କୁମାର ପଟେଲ ଦାୟିତ୍ୱ ଭାର ତୁଲାଇଥିଲେ।

## ବନବିଭାଗର ଚଢ଼ଉ

# ମୂଲ୍ୟବାନ କାଠପଟା ଜବତ



ବଣାଇଁ, ୨୪।୭ (ସମିସ): ବଣାଇଁ ରେଞ୍ଜ ଅଧୀନସ୍ଥ ପୋଡ଼ାଗୋଠ ଗ୍ରାମରେ ଅତର୍କିତ ଚଢ଼ଉକରି ମୂଲ୍ୟବାନ କାଠପଟା ଜବତ୍ କରିଛି ବଣାଇଁ ବନ ବିଭାଗ। ପୋଡ଼ାଗୋଠ ଗ୍ରାମର ତନ୍ମୟ ମାହାକୁଡ଼ (୩୭) ନିଜଘରେ ବିଜା, ଶାଗୁଆନ, ଶାଳ ଇତ୍ୟାଦି ଚୋରାକାଠ ପଟାରଖି ବେଆଇନ ଭାବେ ବିଭିନ୍ନ ପ୍ରକାରର ଝରକା କବାଟ ଇତ୍ୟାଦି ତିଆରି କରି ବିକ୍ରି କରିବା ସହ ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିବା ଖବର ପାଇଥିଲା ବନ ବିଭାଗ। ଯାହାକୁ ନେଇ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ, ସହକାରୀ ବନ ସଂରକ୍ଷକ ଦୁର୍ଯ୍ୟୋଧନ ଦରେଇଙ୍କ ନେତୃତ୍ୱରେ ବଣାଇଁ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ, ବଣାଇଁ ଫରେଷ୍ଟର ଜ୍ଞାନରଞ୍ଜନ ମାହାନ୍ତି ଓ ବନରକ୍ଷୀ ଉତ୍କଳ କେଶରୀ ରାଉତ, ସସ୍ମିତା ନାଏକ ରାପିଡ ରେସ୍ପନ୍ସ ଟିମ୍‌ର କର୍ମଚାରୀଙ୍କୁ ନେଇ ଆଜି ସକାଳୁ ଅଭିଯୁକ୍ତର ଘରେ ଅତର୍କିତ ଚଢ଼ଉ କରିଥିଲେ। ସେଠାରୁ ଶାଗୁଆନ ପଟା ୨୦ ଖଣ୍ଡ ଓ ଶାଳ ପଟା ୧୬୦ ଖଣ୍ଡ ଜବତ୍ ହୋଇଛି। ଅଭିଯୁକ୍ତ ମାହାକୁଡ଼କୁ ଅଟକ ରଖିଛି ବନ ବିଭାଗ। ଜବତ୍ କାଠପଟାର ମୂଲ୍ୟ ଆନୁମାନିକ ଦେଢ଼ଲକ୍ଷ ହେବବୋଲି ଆକଳନ କରାଯାଇଛି।

## କାର୍ ଉପରକୁ ଦୁର୍ବୃତ୍ତଙ୍କ ଗୁଳିମାଡ଼ ଘଟଣା

# ଜଣେ ଅଟକ; ବାଇକ୍ ଓ ଖୋକା ଜବତ

ରାଉରକେଲା, ୨୪।୭ (ସମିସ)



ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ତହସିଲ୍ କାର୍ଯ୍ୟାଳୟ ନିକଟରେ ବୁଧବାର ଜଣେ ବ୍ୟବସାୟୀଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚାଳନା ଘଟଣାରେ ପୁଲିସ ବିସ୍ରା ଅଞ୍ଚଳର ୱାଜିଫ୍ ଆନସାରୀ ନାମକ ଜଣେ ସନ୍ଦିଗ୍ଧ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଏହାସହ ବ୍ୟବସାୟୀଙ୍କ କାର୍‌ର ପଛ ସିଟ୍ ତଳୁ ଏକ ଖୋକା (ଫୁଟନ୍ତା ଗୁଳି) କୁ ଜବତ କରିଛି ପୁଲିସ। ଏହାସହ ଗୁଳିକାଣ୍ଡ କରିବା ପରେ ଦୁର୍ବୃତ୍ତ ଦ୍ୱୟ ବୀରମିତ୍ରପୁରର ବ୍ରାହ୍ମଣମରା ଠାରେ ବାଇକ ଛାଡି ନିକଟସ୍ଥ ଜଙ୍ଗଲରେ ଫେରାର ହୋଇଯାଇଥିବା ଖବରପାଇ ପୁଲିସ ଉକ୍ତ ବାଇକକୁ ମଧ୍ୟ ଜବତ କରିଛି। ସୂଚନା ମୁତାବକ ରାଉରକେଲାର ସେକ୍ଟର - ୨୦ ଅଞ୍ଚଳରେ ବାସ କରୁଥିବା ଉତ୍ତମ କୁମାର ଘୋଷ ନାମକ ଉକ୍ତ ବ୍ୟବସାୟୀ ଜମି କିଣାବିକାରେ ବ୍ରୋକରିଂ କରନ୍ତି ବୋଲି ସୂଚନା ମିଳିଛି। ବୁଧବାର ସେ ଜମି ରେଜିଷ୍ଟ୍ରେସନ କରିବା ପାଇଁ ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟକୁ ନିଜ କାର୍‌ରେ ଯାଇଥିଲେ। ଅପରାହ୍ନ ପ୍ରାୟ ୧ଟା ବେଳେ ସେ କାର୍‌ରୁ ଓହ୍ଲାଇବାକୁ ସେ ଉଦ୍ୟତ ହେଉଥିବାବେଳେ ସେ କିଛି ବୁଝିବା ପୂର୍ବରୁ ୨ ଜଣ ଅଜ୍ଞାତ ଯୁବକ ଏକ ବାଇକରେ ଆସି ତାଙ୍କ ଉପରକୁ ଆଖିବୁଜା ୨ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇ ଯାଇଥିଲେ। ତେବେ ୨ଟି ଯାକ ଗୁଳି କାରର ସମ୍ମୁଖ କାଚରେ ବାଜି ଭିତର ସିଟ୍ ଛିଦ୍ର କରି ଭିତରକୁ ଭେଦ କରିଥିଲେ ମଧ୍ୟ ମୁଣ୍ଡ ନୁଆଇଁ ଦେବାରୁ ଉତ୍ତମ ଘୋଷ ସୌଭାଗ୍ୟବଶତଃ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ତେବେ ଉତ୍ତମଙ୍କୁ କିଏ କାହିଁକି ମରଣାନ୍ତକ ଆକ୍ରମଣ କଲା ଅଥବା ଜୀବନରୁ ମାରି ଦେବାକୁ ଚେଷ୍ଟା କରିଥିଲା ସେ ବିଷୟରେ କିଛି ସ୍ପଷ୍ଟ ହୋଇ ନାହିଁ। ଜମିଜମା କିଣାବିକା କାର୍ଯ୍ୟରେ ଉତ୍ତମ ଲିପ୍ତ ଥିବାରୁ ଟ୍ରାକ ଦେଣନେଣକୁ କେନ୍ଦ୍ରକରି ଗୁଳିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ତେବେ କେହି ଜମି ଦଲାଲ ତାଙ୍କୁ ଗୁଳି କରିଛି କି ସୁପାରିକିଲର ଏପରି କାଣ୍ଡ ଭିଆଇଛନ୍ତି ତାହାର ତଦନ୍ତ କରୁଛି ପୁଲିସ। ବିରମିତ୍ରପୁର ଥାନା ଅଧିକାରୀ ରାମପ୍ରସାଦ ନାଗ, ଏସ୍‌ଡିପିଓ ସୁଶାନ୍ତ କୁମାର ଦାଶଙ୍କ ସୂଚନା ମୁତାବକ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସିସିଟିଭି ଫୁଟେଜର ଯାଞ୍ଚ ଚାଲିଛି।



# 'ତାଲ୍ ଦରବାର' ତରଫରୁ 'ସକାଳ' ଓ 'ନନ୍ଦିଘୋଷ ଟିଭି' ସମ୍ବର୍ଦ୍ଧିତ




ବାଲେଶ୍ୱର, ୨୪।୭(ସମିସ): 'ତାଲ ଦରବାର'ର ତୃତୀୟ ସ୍ୱନକ୍ଷତ୍ର ଦିବସ ଅବସରରେ ଅନୁଷ୍ଠିତ ହୋଇଥିଲା ସଙ୍ଗୀତ ଦରବାର କାର୍ଯ୍ୟକ୍ରମ। ଏଥିରେ କବି ପ୍ରଶାନ୍ତ ଦାସଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ 'ସକାଳ' ଓ 'ନନ୍ଦିଘୋଷ ଟିଭି'କୁ ମଧ୍ୟ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ଟିଭି ମିଡିଆ ପାର୍ଟନର ରହିଥିଲେ। ଅନୁଷ୍ଠାନର ସମ୍ପାଦକ ଅଜିତାନନ୍ଦ ଦେବଗୋସ୍ୱାମୀ 'ସକାଳ' ଉତ୍ତରଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ 'ସକାଳ' ସହର ପ୍ରତିନିଧି କଳିଙ୍ଗ କୁମାର ସାହୁ ଉପସ୍ଥିତ ଥିଲେ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର, ୨୪।୭(ସମିସ): ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ଆଜି ସୌମ୍ୟାଶ୍ରୀଙ୍କ ଏକାଦଶାହ ଉପଲକ୍ଷେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ କଲେଜ ଓ ସ୍କୁଲ ସମ୍ମୁଖରେ ଜିଲ୍ଲା କଂଗ୍ରେସ ତରଫରୁ ନୀରବ ପ୍ରାର୍ଥନା ସହ ଦୀପପ୍ରଜ୍ୱଳନ କରି ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଫକୀରମୋହନ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଆଜି ଜିଲ୍ଲା କଂଗ୍ରେସ ସଂଯୋଜକ ସଞ୍ଜୀବ ଗିରିଙ୍କ ଅଧ୍ୟକ୍ଷତାରେ ସୌମ୍ୟାଶ୍ରୀଙ୍କ ନିମନ୍ତେ ନୀରବ ପ୍ରାର୍ଥନା ଓ ପ୍ରଦୀପ ଜଳାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ନାରୀନେତ୍ରୀ ଅର୍ଚ୍ଚନା ନନ୍ଦୀ, ଯୁବ ନେତା ସରୋଜ ଲେଙ୍କା, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ରାଜ୍ୟ ଛାତ୍ର ଉପସଭାପତି ଗୌତମ ସାହୁ, ତୁଷାରକାନ୍ତି ତାପସୀ, ଜ୍ୟୋତ୍ସ୍ନା ସେନାପତି, ଉର୍ମିଳା ମାଝୀ, ବାସନ୍ତୀ ନାୟକ, ଅସଗର ଅଲ୍ଲୀ, ଜୀବନ ମହାପାତ୍ର, ନବ ଭୂୟାଁ, ଆଲୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପିଲାଙ୍କ ରକ୍ତଶର୍କରା ପରୀକ୍ଷା ଓ ସଚେତନତା ଶିବିର




ବାଲେଶ୍ୱର, ୨୪।୭(ସମିସ): ଲାୟନ୍ସ କ୍ଲବ ମିତ୍ରପୁର ସଦାସର୍ବଦା ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମରେ ନିୟୋଜିତ ରହିଥାଏ। ଏହି ପରିପ୍ରେକ୍ଷୀରେ ଲାୟନ୍ସ କ୍ଲବ ମିତ୍ରପୁର ଆଜି ମଖାପଦା ପ୍ରାଇମେରୀ ସ୍କୁଲରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀଙ୍କ ରକ୍ତ ଶର୍କରା ପରୀକ୍ଷା ସହ ବ୍ଲଡ଼ ଗ୍ରୁପ ପରୀକ୍ଷା କରାଯାଇଥିଲା। ପରୀକ୍ଷା ପୂର୍ବରୁ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ରକ୍ତ ସର୍କରା କ'ଣ ଓ ଏହା କେଉଁ ମାନଙ୍କୁ ହୁଏ, ଜୁଭେନାଇଲ ଡାଇବେଟିସ ବା ଟାଇପ ଏକ ଡାଇବେଟିସ କେମିତି ହୁଏ ଓ କିପରି ନିରୂପଣ କରିବା ସହ ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ଡାକ୍ତର ପ୍ରକାଶ କୁମାର ମହାପାତ୍ର ଓ ଡାକ୍ତର ଜ୍ୟୋତି ରଞ୍ଜନ ପ୍ରଧାନଙ୍କ ଦ୍ୱାରା ଏକ ସଚେତନତା ଶିବିର ଆୟୋଜନ କରାଯିବା ସହ ସବୁ ଛାତ୍ରଛାତ୍ରୀଙ୍କ ରକ୍ତ ଶର୍କରା ପରୀକ୍ଷା ଦିବ୍ୟରଞ୍ଜନ ଜେନାଙ୍କ ଦ୍ୱାରା କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବର ପୂର୍ବତନ ସଭାପତି ଗୋପାଳ ଚନ୍ଦ୍ର ମହାପାତ୍ର, ସମ୍ପାଦକ ରଞ୍ଜନ ବେହେରା, କୋଷାଧ୍ୟକ୍ଷ ସନ୍ଧ୍ୟାରାଣୀ ମହାପାତ୍ରଙ୍କ ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ମହାପାତ୍ର, ସଦା ସିଂ, ମାମା ମାରାଣ୍ଡି ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ଆଇନଗତ ପ୍ରାପ୍ୟ ଓ ପୁନଃ ନିଯୁକ୍ତି ଦାବିରେ ଆତ୍ମାହୁତି ଚେତାବନୀ ପ୍ରସଙ୍ଗ

# ବିର୍ଲା ଟାୟାର୍ସ କର୍ମଚାରୀଙ୍କ ନ୍ୟାଯ୍ୟ ଦାବିକଲା ବିଜେଡି

ବାଲେଶ୍ୱର, ୨୪।୭(ସମିସ)




ଫକୀରମୋହନ ମହାବିଦ୍ୟାଳୟ ଘଟଣା ମନର ନ ଯାଉଣୁ ଚଳିତ ମାସ ୩୧ତାରିଖରେ କାର୍ଯ୍ୟରୁ ବହିଷ୍କୃତ ହୋଇଥିବା ସମସ୍ତ ବିର୍ଲାଟାୟାର୍ସ କର୍ମଚାରୀମାନେ ପରିବାର ସମେତ ବିର୍ଲାଟାୟାର୍ସ ସମ୍ମୁଖରେ ଆତ୍ମାହୂତି ଦେବେ ବୋଲି ଷ୍ଟେସନ କ୍ଲବ ପରିସରରେ ଗତ୨୧ତାରିଖରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ବିର୍ଲାଟାୟାର୍ସର ମିଳିତ ସଙ୍ଗଠନର କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ସେମାନେ ବିଭିନ୍ନ ଦାବି ଉପସ୍ଥାପନ କରିବା ସହ ଆତ୍ମାହୂତି ପ୍ରଦାନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ସ୍ପର୍ଶକାତର ଘଟଣାକୁ ନେଇ ବିରୋଧୀଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାପାଳଙ୍କୁ ଚିଠି ଲେଖି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ଏହି ଚିଠି ଆଧାରରେ ଆଜି ବିଜେଡି ଜିଲ୍ଲାସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ୍ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହ ସେମାନଙ୍କ ନ୍ୟାର୍ଯ୍ୟ ଦାବି ଉପରେ ଗୁରୁତ୍ୱାରୋପ କରିବାକୁ କୁହାଯାଇଛି। ଏହାଛଡା ଆଜି କମ୍ପାନୀ କର୍ତ୍ତୃପକ୍ଷ, କର୍ମଚାରୀ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ଏକ ସମନ୍ୱୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି।

ପରେ ସେମାନେ ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ କହିଛନ୍ତି ଯେ, ଦୀର୍ଘ ବର୍ଷଧରି ବିର୍ଲାଟାୟାର୍ସ ବନ୍ଦ ହେବା ପରେ ଏବେ ଭାରତ ଡାଲମିଆ ଓ ହିମାଦ୍ରୀ କେମିକାଲସ ଏହାର ଦାୟିତ୍ୱ ନେଇଛି। ବିର୍ଲା କମ୍ପାନୀର ମୁଖ୍ୟ ବି କେ ବିର୍ଲାଙ୍କ ମୃତ୍ୟୁ ପରେ ଉକ୍ତ କମ୍ପାନୀ ଦେବାଳିଆ ହୋଇ କଲିକତା ସ୍ଥିତ ଏନସିଏଲଟି କୋର୍ଟକୁ ଏହି ମାମଲା ଯାଇଥିଲା। ଏପରିକି ସେତେବେଳେ କାର୍ଯ୍ୟ କରୁଥିବା ସମସ୍ତ ବର୍ଗର ଶ୍ରମିକ ଯଥା ଶ୍ରମିକ, କମ୍ପାନୀ କାଜୁଆଲ, କଣ୍ଟ୍ରାକ୍ଟର ଲେବର, ଷ୍ଟାଫ ଏବଂ କଣ୍ଟ୍ରାକ୍ଟରମାନଙ୍କର ୨୪ମାସର ଦରମା ବାକି ଥିଲା। ଏନସିଏଲଟିରେ ପ୍ରାୟ ୩ ହଜାର କୋଟି ଟଙ୍କାର ପ୍ଲାଣ୍ଟ ବିର୍ଲାଟାୟାର୍ସ ବାଲେଶ୍ୱର ୟୁନିଟକୁ ମାତ୍ର ୩୪୭କୋଟି ଟଙ୍କାରେ ଭାରତ ଡାଲମିଆ ଓ ହିମାଦ୍ରୀ କେମିକାଲସକୁ ଏହାର ପରିଚାଳନା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏବଂ ଏହା ୨୦୨୩ମସିହା ଅକ୍ଟୋବର ମାସ ୧୯ତାରିଖରେ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଥିଲା। ଏହାସହ କୋର୍ଟ ପୁରୁଣା କର୍ମଚାରୀମାନଙ୍କ ଗ୍ରାଚୁଇଟି ବାବଦରେ ୩୭.୩ କୋଟି ଏବଂ ପିଏଫ ବାବଦକୁ ୪.୧୦କୋଟି ଟଙ୍କା ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ରହିଥିଲା। ହେଲେ ଏପର୍ଯ୍ୟନ୍ତ ସେଇ ଟଙ୍କା କର୍ମଚାରୀମାନଙ୍କ ଆକାଉଣ୍ଟରେ ଜମା ହେଲା ନାହିଁ। ଏହାବ୍ୟତିତ ସ୍ଥାୟୀ କର୍ମଚାରୀମାନଙ୍କ ଖାତାକୁ ମାତ୍ର ତିନି ମାସର ଦରମା ଯାଇଥିଲା। କୋର୍ଟ ତାଙ୍କ ରାୟରେ ସମସ୍ତ ଶ୍ରମିକ ତଥା କର୍ମଚାରୀମାନଙ୍କ ଚାକିରି ସୁରକ୍ଷିତ ଥିବା ସିଧାସଳଖ ଲେଖିଥିଲେ ମଧ୍ୟ ନୂତନ କର୍ତ୍ତୃପକ୍ଷ ତାଙ୍କ ନିଜ ଇଛା ଅନୁସାରେ ଶ୍ରମିକମାନଙ୍କୁ ଚାକିରି ଦେବା କଥା କହିଥିବା ବେଳେ ବାହାରୁ ଶ୍ରମିକମାନଙ୍କୁ ଆଣି ଏଠାରେ ନିୟୋଜିତ କରିଛନ୍ତି। ଯାହାଫଳରେ ପୁରୁଣା କର୍ମଚାରୀମାନେ ଏହାକୁ ବିରୋଧ କରିଥିଲେ। ଏହାପରେ ଜିଲ୍ଲା ପ୍ରଶାସନ ସହ ୬ଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ମାତ୍ର ନୂତନ କର୍ତ୍ତୃପକ୍ଷ ୫୦ବର୍ଷ ଉପରେ ବୟସ ଥିବା ସ୍ଥାୟୀ ଶ୍ରମିକମାନଙ୍କୁ ନେବା ପାଇଁ ସିଧାସଳଖ ମନା କରିଥିଲା। ଏଣୁ ନିରୁପାୟ ହୋଇ ସେମାନେ ୨୦୨୪ମସିହା ନଭେମ୍ବର ୫ତାରିଖ ଠାରୁ ଦୀର୍ଘ ୧୧୮ ଦିନ ଧରି ବିର୍ଲାଟାୟାର୍ସ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେଠାରୁ ସେମାନଙ୍କୁ ଉଠାଇ ଦିଆଯାଇଥିବା ବେଳେ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପରେ ୨୦୨୫ ଜାନୁଆରୀ ୪ତାରିଖରେ ସରକାରଙ୍କ ଇଣ୍ଡଷ୍ଟ୍ରୀ ଡିର୍ପାଟମେଣ୍ଟର ପ୍ରୀନସପାଲ ସେକ୍ରେଟାରୀଙ୍କ ଭୁବନେଶ୍ୱରଠାରେ ଆଲୋଚନା ହୋଇଥିଲା। ନିଜର ଦାବି ଗୁଡିକ ଲିଖିତ ଭାବେ ଏଡିଏମ ଜେନେରାଲଙ୍କ ପାଖରେ ଜମା କରିବା ପାଇଁ କହିଥିଲେ। ଏଥିରେ ଜିଲ୍ଲାପାଳଙ୍କୁ ନୋଡାଲ ଅଫିସର ଭାବେ ନିୟୋଜିତ କରାଯାଇଥିଲା। ହେଲେ ଜିଲ୍ଲାପାଳ ଗୋଟିଏ ବି ବୈଠକ ଡାକି ନଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ଏନେଇ ସେମାନେ ଉପମୁଖ୍ୟମନ୍ତ୍ରୀ, ଶିଳ୍ପମନ୍ତ୍ରୀ, ସଚିବ, ସାଂସଦ, ବିଧାୟକଙ୍କ ଠାରୁ ଆରମ୍ଭ କରି ସମସ୍ତଙ୍କୁ ଜଣାଇଥିଲେ ହେଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏଣୁ ବାଧ୍ୟ ହୋଇ ସେମାନେ ଆତ୍ମାହୂତି ପ୍ରଦାନ କରିବେ ବୋଲି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି। ଏଣୁ ସମାଧାନର ବାଟ ଆତ୍ମାହୂତି ନୁହେଁ ବୋଲି ବିଜେଡି ଟିମ ସେମାନଙ୍କୁ କହିଥିଲେ। ଏପରିକି ବିରୋଧୀଦଳର ନେତା ମଧ୍ୟ ଏଥିପ୍ରତି ଯତ୍ନବାନ ରହିଛନ୍ତି ବୋଲି କହିଛନ୍ତି। ବିଜେଡି ସବୁବେଳେ ଶ୍ରମିକ ସଙ୍ଗଠନ ସହ ପୂର୍ବରୁ ରହିଥିଲା ଆଜି ରହିଛି। ତାଙ୍କର ହକ ପାଇଁ ସେମାନେ ମଧ୍ୟ ଲଢ଼ିବେ। କେବଳ ଯେ ଛାତ୍ରୀ ମୃତ୍ୟୁ ଘଟଣାରେ ବିଜେଡି ଯେଉଁଭଳି ଭାବେ ଆନ୍ଦୋଳନ କରିଥିଲା ତା ନୁହେଁ ବରଂ ଶ୍ରମିକମାନଙ୍କର ହକ ପାଇଁ ଲଢ଼ିବେ। ଏହି ସାମ୍ବାଦିକ ସମ୍ମିଳନରରେ ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ସୁକାନ୍ତ ନାୟକ, ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ବଲାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀ ସୁରକ୍ଷା କର୍ମଶାଳା



ବାଲେଶ୍ୱର, ୨୪।୭(ସମିସ): ବଲାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ଯୌନ ଉତ୍ପୀଡନ ନିରୋଧ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ରତ୍ନାକର ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଆଞ୍ଚଳିକ ଶିକ୍ଷାକେନ୍ଦ୍ରର ପରାମର୍ଶଦାତା ଗୀତାଞ୍ଜଳି ରାଉତ ଯୋଗଦେଇ ବିଭିନ୍ନ ଦିଗରୁ ଛାତ୍ରୀମାନଙ୍କ ଯୌନ ଉତ୍ପୀଡନର କାରଣ ଉଲ୍ଲେଖ କରି ଛାତ୍ରୀମାନେ ମନ ଭିତରେ କଥା ଚାପି ନ ରଖି ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଜଣାଇବା ଦରକାର ଏବଂ ଯଦି କୌଣସି ସୁଫଳ ନ ମିଳେ ତେବେ ତୁରନ୍ତ ପୁଲିସ ନିକଟରେ ଅଭିଯୋଗ ଦାଖଲ କରିବା ଦରକାର ବୋଲି କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇସିସି କମିଟିର ପ୍ରିଜାଇଡିଂ ଅଫିସର ଶ୍ରୀନୀତା ଘୋଷ, ସଦସ୍ୟ ସଦସ୍ୟା ତନୁଶ୍ରୀ ପ୍ରଧାନ, ନମିତା ରାଣୀ ଦତ୍ତ, କୁନ୍ତଳା ଖିଲାର, ସତ୍ୟବ୍ରତ ସାମଲ, ଛାତ୍ରୀ ପ୍ରତିନିଧି ଗାୟତ୍ରୀ ରଣା, ମଧୁସ୍ମିତା ବାରିକ, ବବିଷା ଘୋଷ ଯୋଗଦେଇ ନିଜର ଅଭିମତ ପ୍ରକାଶ କରିଥିଲେ। କିଛି ଛାତ୍ରଛାତ୍ରୀ ତାଙ୍କ ମନରେ ଥିବା ସନ୍ଦେହ ବାବଦରେ ପଚାରି ବୁଝିଥିଲେ। ମନୋଜ କୁମାର ନାୟକ, ଅଜୟ କୁମାର ମହାକୁଡ଼, ସୁରେନ୍ଦ୍ର ପଣ୍ଡା, ବିଶ୍ୱଜିତ ପ୍ରଧାନ, ପ୍ରବୋଧ ପତି, ପ୍ରହ୍ଲାଦ କୁଅଁର, ରୂପକ ବେହେରା, ନିର୍ମଳ ରାଉତ, ହରେକୃଷ୍ଣ ବାରିକ, ସୁଶାନ୍ତ ଦାସ, ମନସ୍ୱିନୀ ଦାସ, ଇପ୍ସିତା ପାତ୍ର, ମୋନାଲିସା ଦାସ, ସନ୍ତୋଷ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଲଘୁ ଖଣିଜସମ୍ପଦ ଚାଲାଣ ରୋକିବାକୁ ଏସ୍‌ପିଙ୍କୁ ଚିଠି

ନୀଳଗିରି, ୨୪।୭ (ସମିସ): ଲଘୁ ଖଣିଜସମ୍ପଦରେ ଭରା ନୀଳଗିରିରେ ବୃଦ୍ଧିପାଇଛି ଲୁଟେରାଙ୍କ ଦୌରାତ୍ମ୍ୟ। ଦୈନନ୍ଦିନ ଶହ ଶହ ଟ୍ରିପ ନାଲିମୋରମ, ବାଲି, ପଥର ଚୋରାରେ ଉତ୍ତୋଳନ କରିବା ସହିତ ବାହାରକୁ ଚାଲାଣକରି ମାଲାମାଲ ହେଉଛନ୍ତି। ଫଳରେ କୋଟିକୋଟି ଟଙ୍କାର ରାଜସ୍ୱ ସରକାର ହରାଉଛନ୍ତି। ବାରମ୍ବାର ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ମାଫିଆଙ୍କୁ ଦମନ କରିବାରେ ବିଫଳ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମାଫିଆଙ୍କ ଦୌରାତ୍ମ୍ୟରେ ଅଞ୍ଚଳର ପ୍ରାକୃତିକ ସମ୍ପଦ ଉତ୍ତୋଳନ ଓ ଚୋରାଚାଲାଣ ହେବା ଯୋଗୁଁ ସାଧାରଣ ଲୋକଙ୍କ ଜୀବନହାନି ହେବା ସହ ବାରମ୍ବାର ରାସ୍ତା ଦୁର୍ଘଟଣା ଘଟୁଛି। ନିକଟରେ ଦୁଇଜଣଙ୍କ ଅମୂଲ୍ୟଜୀବନ ଯାଇଥିବା ନଜିର ରହିଥିବା କହିଛନ୍ତି। ପୁଲିସ, ବନବିଭାଗ ଏବଂ ଖଣିଜ ସମ୍ପଦ ବିଭାଗର ମିଳିତ ଅପରେସନ ମାଧ୍ୟମରେ ମାଫିଆଙ୍କୁ ଚେକ୍ ଦେବା ପାଇଁ ବାଘମରା, ନୀଳଗିରି ଚେକଗେଟ୍ ଏବଂ ମିତ୍ରପୁର ନିକଟରେ ପୁଲିସ ଫୋର୍ସ ସହିତ ବନବିଭାଗ, ଖଣିଜବିଭାଗର କର୍ମଚାରୀ ମୁତୟନ କରିବାକୁ ବାଲେଶ୍ୱର ଏସ୍‌ପିଙ୍କୁ ଚିଠି ଲେଖିବା ସହିତ ଜିଲ୍ଲାପାଳ, ଖଣି ଅଧିକାରୀ, ଡିଏଫଓ, ନୀଳଗିରି ରେଞ୍ଜର ଓ କୁଳଡିହା ରେଞ୍ଜରଙ୍କୁ ଚିଠି ଜରିଆରେ ଅବଗତ କରିଛନ୍ତି।

# ବାଲେଶ୍ୱର ଜିଲ୍ଲାସ୍ତରୀୟ ଜୀବିକା କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ସମନ୍ୱୟ ବୈଠକ

ବାଲେଶ୍ୱର, ୨୪।୭(ସମିସ): ଜୀବିକା କାର୍ଯ୍ୟକଳାପ ଗୁଡ଼ିକୁ ଓରମାସ, ଓଡ଼ିଶା ଜୀବିକା ମିଶନ (ଓଏଲଏମ) ଓ ମିଶନ ଶକ୍ତି ଅନ୍ତର୍ଗତରେ ସଂଯୋଜନ ଓ ବ୍ୟାପକ ଭାବେ ପ୍ରଚାର କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜୀବିକା ଟିମ୍, ଜିଲ୍ଲା ପରିଷଦ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ। ଉତ୍ପାଦକ ଗୋଷ୍ଠୀମାନେ ଛୋଟ ଓ ସୀମିତ ଉତ୍ପାଦକଙ୍କୁ ସଂଘବଦ୍ଧ କରି ସାମୁହିକ ଉତ୍ପାଦନ ମୂଲ୍ୟ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଅନ୍ତି। ଜିଲ୍ଲାପାଳ ପ୍ରତ୍ୟେକ ବ୍ଲକରୁ ଏକ ମୁଖ୍ୟ ଜୀବିକା କାର୍ଯ୍ୟକଳାପ ଚିହ୍ନଟ କରି, ମିଶନ ମୋଡରେ ତାହାକୁ ବିକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଦରରେ ଫୁଡ୍ ଟ୍ରାକ, ରେମୁଣାରେ ଟେରାକୋଟା, ନୀଳଗିରିରେ ଲାଖ-ମହୁ- ତେନ୍ତୁଳି, ଜଳେଶ୍ୱରରେ କୁଲହାଡ, ଖଇରାରେ ମସଲା, ସିମୁଳିଆରେ ଅଗରବତୀ, ସୋରରେ ହସ୍ତତନ୍ତ, ବାହାନଗାରେ ଝୁଟ, ବାଲିଆପାଳରେ ଆପ୍ଲିକେ ଓ ସବାଇ, ଭୋଗରାଇରେ କୋଇର, ବସ୍ତାରେ ମଶରୁମ ଓ ଶାଳପତ୍ର, ଔପଦାରେ ଟେରାକୋଟା କାର୍ଯ୍ୟକଳାପ ଚିହ୍ନଟ ହୋଇଛି। ଏହି ବୈଠକରେ ପ୍ରତି ବ୍ଲକ ନିଜ ଯୋଜନା, ଆବଶ୍ୟକତା ଓ ବଜାର ସମ୍ଭାବନା ବିଷୟରେ ଉପସ୍ଥାପନ କଲେ। ଜିଲ୍ଲାପାଳ ସମସ୍ତ ଜରୁରୀ ସହଯୋଗ ଦେବାକୁ ଆଶ୍ୱାସନା ଦେଲେ। ଜିଲ୍ଲା ପରିଷଦ ସିଡିଓ ସଞ୍ଜୟ କୁମାର ରାଉତ ବ୍ଲକ ସ୍ତରରେ କାର୍ଯ୍ୟାନୁଷ୍ଠାନ ଯୋଜନା ବିଷୟରେ ଅବଗତ କରାଇଥିଲେ। ଓରମାସ ଦ୍ୱାରା ରିଲାୟନ୍ସ ରିଟେଲ, ମଦର ଡେୟାରୀ, ଆଇଟିସି, ଟ୍ରାଇଫେଡ, ଉତ୍କଳିକା, ବୟନିକା, ନାଫେଡ ସହ ସହଯୋଗ ମାଧ୍ୟମରେ ଗ୍ରାମୀଣ ଉତ୍ପାଦ ପାଇଁ ବଜାର ସୃଷ୍ଟି କରାଯାଉଛି। ସୁଭଦ୍ରା ଶକ୍ତି ବଜାର, ଓରମାସ ମାର୍ଟ, କୋଶମ୍ବୀ, ଆମେଜନ୍, ମିଶୋ ଭଳି ଚ୍ୟାନେଲ ମାଧ୍ୟମରେ ବିକ୍ରୟ ସୁବିଧା ମିଳିବ। କୋଶମ୍ବୀ ବ୍ରାଣ୍ଡ ତଳେ ଉତ୍ପାଦମାନେ ବଜାରରେ ଆସିବେ। ଲାଇସେନ୍ସ, ପ୍ୟାକେଜିଂ, ନିୟମିତ ଲାବ୍ ପରୀକ୍ଷା ଓ ପୋଷଣ ଟ୍ୟାଗ ମାଧ୍ୟମରେ ଗୁଣମାନ ନିଶ୍ଚିତ କରାଯିବ। ଏହି ପଦକ୍ଷେପ ବାଲେଶ୍ୱର ଜିଲ୍ଲାର ଗ୍ରାମ ଅର୍ଥନୀତିକୁ ବୃହତ ମାନଚିତ୍ରରେ ଅନ୍ତର୍ଭୁକ୍ତ କରିବାରେ ମୂଳ ଭୂମିକା ନେବ।

# ବାଲେଶ୍ୱର ଜିଲ୍ଲାସ୍ତରୀୟ ଏଡ୍‌ସ କୁଇଜ୍ ପ୍ରତିଯୋଗିତା



ବାଲେଶ୍ୱର, ୨୪।୭(ସମିସ): ଓଡ଼ିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତି ଭୁବନେଶ୍ୱର ଏବଂ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ମିଳିତ ଉଦ୍ୟମରେ ଆଜି ବାଲେଶ୍ୱର ଜିଲ୍ଲାସ୍ତରୀୟ ଏଡ଼ସ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା ନୟନ କୁମାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଉଛି। ଏହି ଅବସରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲାର ୧୨ଟି ବ୍ଲକରୁ ମନୋନୀତ ହୋଇଥିବା ୨ଜଣ ଲେଖାଏଁ ପ୍ରତିଯୋଗୀ ଭାବରେ ସର୍ବମୋଟ ୨୪ ଜଣ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଏଡ଼ସ ନିୟନ୍ତ୍ରଣ ଅଧିକାରୀ ଡ. ମନୋଜ କୁମାର ସାହୁ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏଡ଼ସ ନିୟନ୍ତ୍ରଣ ସମିତିର ପରିଚାଳକ ରଶ୍ମିତା ମହାନ୍ତି, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡେଇ ଏବଂ ଜେ ଆର୍ ସି କାଉନସିଲର ନାରାୟଣ ପାଇକରାୟ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ଜେନା ଏବଂ ଉକ୍ତ ବିଦ୍ୟାଳୟର କାଉନସିଲର ଜ୍ୟୋତିପ୍ରଭା ପାଣିଗ୍ରାହୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ସୁଦର୍ଶନ ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ଶେଷରେ ନାରାୟଣ ପାଇକରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ପ୍ରତିଯୋଗିତାରେ ରାଜ୍ୟସ୍ତରକୁ ୨ ଜଣ ଛାତ୍ରୀ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି କ୍ରିଷ୍ଣା କଲ୍ୟାଣୀ ବିଶ୍ୱାଳ, ପି ଏଲ୍ ସରକାରୀ ଉଚ୍ଚ ବିଦ୍ୟାଳୟ, ଜଗାଇ, ବାଲିଆପାଳ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଆଦ୍ୟାଶା ଦାସ ମହାପାତ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ, ଖଇରା। ସେହି ୨ ଜଣଙ୍କୁ ୬୦୦ ଟଙ୍କା ଲେଖାଏଁ କ୍ୟାସ ଏବଂ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା ଏଡ଼ସ ନିୟନ୍ତ୍ରଣ ବିଭାଗ ତରଫରୁ ସବିତା ଦାସ, ଦେବାଶିଷ ରଣା, ପତିତପାବନ ବାରିକ ଉପସ୍ଥିତ ଥିଲେ ଏବଂ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶୈକ୍ଷିକ ଅଧିକାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ବିଦ୍ୟାଳୟରେ ଆଇସିସି କମିଟି ଗଠନରେ ସମସ୍ୟା

ବାଲେଶ୍ୱର, ୨୪।୭ (ସମିସ)

କଲେଜ ଭଳି ସମସ୍ତ ବିଦ୍ୟାଳୟରେ ଗଠନ ହେବ ଆଇସିସି କମିଟି। ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଇସିସି (ଆଭ୍ୟନ୍ତରୀଣ ଅଭିଯୋଗ କମିଟି)ଗଠନ ହେବ। ଏ ନେଇ ବାଲେଶ୍ୱର ଜିଲ୍ଲାର ସମସ୍ତ ପ୍ରକାରର (ସରକାରୀ/ଏଡେଡ୍/ବେସରକାରୀ/ଓଏଭି) ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ପ୍ରଧାନ ଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ/ପ୍ରିନସିପାଲ୍‌ଙ୍କୁ ଚିଠି ପଠାଯାଇଛି। ବର୍ତ୍ତମାନ ବିଦ୍ୟାଳୟ

## ରାଜି ହେଉନାହାନ୍ତି ଅନେକ

ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଇସିସି କମିଟି ଗଠନ ନେଇ ଉପୁଜୁଛି ସମସ୍ୟା। କାରଣ ଅନେକ କମିଟିରେ ରହିବାକୁ ରାଜି ହେଉନଥିବା ଜଣାପଡ଼ିଛି। ବିଶେଷକରି ବାହାରୁ ଜଣେ ସଦସ୍ୟା କମିଟିରେ ରହିବା ନେଇ ନିର୍ଦ୍ଦେଶ ଥିବାବେଳେ ଅନେକ ଏଥିପାଇଁ ରାଜି ହେଉନଥିବା ଜଣାପଡ଼ିଛି। ଫଳରେ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କମିଟି ଗଠନ ନେଇ ଚିନ୍ତାରେ ପଡ଼ିଛନ୍ତି। କମିଟିରେ ରହିଲେ ଆଗାମୀ ଦିନରେ କିଛି ଘଟଣାରେ ପଚରାଉଚରା ସାମିଲ ହେବା ଭୟରେ ମଧ୍ୟ ଅନେକ ରାଜି ହେଉନଥିବା ଜଣାପଡ଼ିଛି। ତଥାପି କଷ୍ଟେମଷ୍ଟେ ଆଇସିସି କମିଟି ଗଠନ ପ୍ରକ୍ରିୟାରେ ଲାଗିଛନ୍ତି ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ।

ସୂଚନାଯୋଗ୍ୟ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ପରେ କଲେଜ ଗୁଡିକରେ ଆଇସିସିକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିପରି ଏବେ ବିଦ୍ୟାଳୟଗୁଡ଼ିକରେ ଆଇସିସି କମିଟି ସଠିକ୍ ଭାବେ ଗଠନ କରି କାମ କରିବାକୁ ଗଣଶିକ୍ଷା ବିଭାଗର କଡା ନିର୍ଦ୍ଦେଶ ରହିଛି। କଲେଜ ପରେ ସମସ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଏବଂ ମହିଳା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବା ଲାଗି ଓଡ଼ିଶା ସରକାରଙ୍କ ଓଡ଼ିଶା ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ୧୭ ତାରିଖ ଦିନ ରାଜ୍ୟର ସମସ୍ତ ଡିଇଓମାନଙ୍କୁ ନିର୍ଦ୍ଦେଶ ଜାରି କରିଛି। ଏହାପରେ ଡିଇଓ କାର୍ଯ୍ୟାଳୟରୁ ସମସ୍ତ ବିଦ୍ୟାଳୟକୁ ମଧ୍ୟ ଚିଠି କରାଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାରେ ୩ ହଜାରରୁ ଅଧିକ ବିଦ୍ୟାଳୟକୁ ଚିଠି କରାଯାଇଛି। ଚିଠିରେ 'କର୍ମସ୍ଥଳୀରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩' ଅନ୍ତର୍ଗତ ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ନିଶ୍ଚିତ କରିବେ ଯେ ସେମାନଙ୍କ ବିଦ୍ୟାଳୟରେ ବାର୍ଣ୍ଣାଳି (ଲିଙ୍ଗ ସମାନତା କାର୍ଯ୍ୟକ୍ରମ) ପାଠ୍ୟକ୍ରମ କଡ଼ାକଡ଼ି ପାଳନ କରାଯାଉଛି। ଏହା ସହିତ ସମସ୍ତ କାର୍ଯ୍ୟସ୍ଥଳ, ବିଦ୍ୟାଳୟ ଏବଂ ଆବାସିକ ଛାତ୍ରାବାସର ପ୍ରମୁଖ ସ୍ଥାନରେ ସମସ୍ତ ହେଲ୍ପଲାଇନ୍ ନମ୍ବର ସ୍ଥାନିତ କରାଯିବା ଉଚିତ ବୋଲି କୁହାଯାଇଛି। ଏହାବ୍ୟତୀତ ସୂଚନା ପାଇଁ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଚିଠି ପଠାଯାଇଛି। ସେମାନଙ୍କ ବ୍ଲକ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରେ ସମ୍ପର୍କିତ କାର୍ଯ୍ୟକଳାପ ଅନୁଯାୟୀ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସମୟାନୁବର୍ତ୍ତିତା ତଦାରଖ ଏବଂ ସମୀକ୍ଷା କରିବାକୁ ଅନୁରୋଧ କରାଯାଇଛି। ତେବେ ସମସ୍ତ ବିଦ୍ୟାଳୟକୁ ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚିଠି ପଠାଯାଇଛି। ଆଉ ଥରେ ଚିଠି କରାଯିବ। ବର୍ତ୍ତମାନ ବିଦ୍ୟାଳୟରେ କମିଟି ଗଠନ ନେଇ ସମସ୍ୟା ହେଉଛି। ସେଥିପାଇଁ ଜିଲ୍ଲାପାଳ ଏହି ସମ୍ପର୍କିତ ଏକ ବୈଠକ କରିବେ ବୋଲି କାର୍ଯ୍ୟାଳୟରୁ ସୂଚନା ମିଳିଛି।



ଏ ବାବଦରେ ଜିଲ୍ଲା ସ୍କୁଲ ପ୍ରଧାନ ଶିକ୍ଷକ ଆଦିକନ୍ଦ ରାଉତ କହିଛନ୍ତି, ଜଣେ ପ୍ରିଜାଇଡିଂ ଅଫିସର ରହିଛନ୍ତି। ମେମ୍ବର ଅତି କମ୍‌ରେ ଦୁଇରୁ ଅଧିକ ସିନିୟର୍ ମହିଳା ରହିପାରିବେ। ଆମେ ତିନି ଜଣ ମହିଳା ଓ ଜଣେ ପୁରୁଷ ରଖିଛୁ। ବାହାର ଏନଜିଓରୁ ଜଣଙ୍କୁ ରଖିଛୁ। ବାହାରୁ ଯାହାକୁ କହିଲେ ବି ଅନେକ ଅରାଜି ହେଉଛନ୍ତି। କିନ୍ତୁ ଏହା ଗଠନ କରି ବାଧ୍ୟତାମୂଳକ ଭାବେ ଦେବାକୁ ପଡ଼ିବ। ଉତ୍ସାହର ସହ କେହି ରହିବାକୁ ଚାହୁଁନାହାଁନ୍ତି। ତଥାପି ଆଜି ଆମର କମିଟି ଗଠନ ହୋଇଯାଇଛି। ତଥାପି ଜଣେ ଦ୍ୱନ୍ଦ୍ୱରେ ଅଛନ୍ତି। କାଲି ଆଉ ଥରେ ତାଙ୍କୁ ପଚାରିବୁ କମିଟିରେ ରହିବେ କି ନାହିଁ। ରାଜି ନହେଲେ ପୁଣି ପରିବର୍ତ୍ତନ କରିବାକୁ ପଡ଼ିବ। ସେହିପରି ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରଣା କହିଛନ୍ତି, କମିଟି ଗଠନ ନେଇ ଆମେ ପ୍ରକ୍ରିୟା ଚଳାଇଛୁ। ଏହାବ୍ୟତୀତ କମିଟି ଗଠନ କରିବା ନେଇ ସମସ୍ୟା ହେଉଛି। ବାହାର ଜଣେ ସଦସ୍ୟ କମିଟିରେ ରହିବା ନେଇ ନିର୍ଦ୍ଦେଶ ରହିଛି। ହେଲେ ଆମ ପାଉନୁ। ଠିକ୍ ସଦସ୍ୟ ମିଳିବା କଷ୍ଟକର ହୋଇପଡୁଛି। ଚେଷ୍ଟା ଚଳାଇଛୁ। ଶୀଘ୍ର କମିଟି ଗଠନ କରିବୁ। ଆମେ ବରିଷ୍ଠ ମହିଳା ଶିକ୍ଷୟିତ୍ରୀଙ୍କୁ କମିଟି ସଦସ୍ୟା ରଖିଛୁ। ସମୁଦାୟ ୧୦ ଜଣଙ୍କୁ ନେଇ କମିଟି ଗଠନ ହେବ। ତିନି ଜଣ ପିଲା ବି ଏହି କମିଟିରେ ରହିବେ। ହେଲେ ଅଭିଭାବକ ମଧ୍ୟ ଏ ନେଇ ରାଜି ହେଉନାହାଁନ୍ତି ନିଜ ପିଲାଙ୍କୁ କମିଟିରେ ରଖିବାକୁ।

ସକାଳ
THE SAKALA



### ହୋଇପାରୁନି ଆଧାର ସଂଶୋଧନ

# ଜିଲ୍ଲାରେ ୨୨ ହଜାର ଛାତ୍ରଛାତ୍ରୀଙ୍କର ନାହିଁ ଆଧାର କାର୍ଡ

କୋରାପୁଟ,୨୪।୭ (ସମିସ): ରାଜ୍ୟ ସରକାରଙ୍କ ନୂତନ ଶିକ୍ଷାନିୟମରେ ଲାଗୁ ହୋଇଛି ପିଲାଙ୍କ ଆଧାର ଆଇଡି। ଯେଉଁଥିରେ ଛାତ୍ରଛାତ୍ରୀ ନିଜର ଆଧାରକାର୍ଡ ପ୍ରଦାନ କରି ବିଦ୍ୟାଳୟରେ ନିଜ ନାମ ପଞ୍ଜିକୃତ କରିବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଏକକ ପରିଚୟ ପତ୍ର ବା ଆପାରଆଇଡି ପାଇପାରିବେ। ଏଥିସହ ସରକାରୀ ଯୋଜନ ଦ୍ୱାରା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଖର୍ଚ୍ଚ ପାଇଁ ଆସୁଥିବା ଟଙ୍କା ପିଲାଙ୍କ ଖାତାକୁ ଯିବ। ତାସହ ଆଧାର ଥିବା ଦ୍ୱାରା ଜାତି ପ୍ରମାଣପତ୍ର, ବ୍ୟାଙ୍କ ପାସବୁକ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ହୋଇପାରିବ। ହେଲେ କୋରାପୁଟ ଜିଲ୍ଲାରେ ଅନେକ ପିଲାଙ୍କ ଆଧାରକାର୍ଡ ଗୁଡିକ ସଂଶୋଧନ ହୋଇ ନଥିବାରୁ ଆଧାର ଆଇଡିରେ ଅପ୍‌ଲୋଡ ହୋଇପାରୁନାହିଁ। ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଗୋଟିଏ ଆଇଡିରେ ସମସ୍ତ ତଥ୍ୟ ମହଜୁଦ ରଖିବା ପାଇଁ ଖୋଲାଯାଇଛି ଆପାର ଆଇଡି। ପ୍ରଥମ ଠାରୁ ଦ୍ୱାଦଶ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କ ଆପାର ଆଇଡି ଖୋଲିବା ବାଧ୍ୟତାମୂଳକ ସହ ପ୍ରକ୍ରିୟା ମଧ୍ୟ ଚାଲୁ ରହିଛି ହେଲେ ଆପାର ଆଗରୁ ଦରକାର ସଠିକ୍ ଆଧାର। ଆଧାର ପାଇଁ ପିଲାର ଜନ୍ମ ପ୍ରମାଣପତ୍ର କିମ୍ବା



ସ୍କୁଲରେ ନାମ ଲେଖାବେଳେ ଦିଆଯାଇଥିବା ତଥ୍ୟ ନେଲେ ଖୋଲିପାରିବେ। କିନ୍ତୁ କୋରାପୁଟ ଜିଲ୍ଲାରେ ପ୍ରାୟ ୨୨ ହଜାର ଛାତ୍ରଛାତ୍ରୀଙ୍କର ନାହିଁ ଆଧାର କାର୍ଡ। ତଥ୍ୟ କହୁଛି ଯେଉଁ ମାନଙ୍କର ଆଧାର କାର୍ଡ ରହିଛି, ସେହି ପିଲା ମାନଙ୍କର ଜନ୍ମ ପ୍ରମାଣପତ୍ର ସହିତ ପ୍ରାକ୍ ଶିକ୍ଷାରେ ଦିଆ ଯାଇଥିବା ନାମ, ବାପା ମା'ଙ୍କ ନାମରେ ତାଳମେଳ ରହୁନାହିଁ। ସେଥିପାଇଁ ୪୭ ପ୍ରତିଶତ ପିଲାଙ୍କ ଆପାର ଆଇଡି ଖୋଲା ଯାଇପାରୁନାହିଁ। ସୂଚନା ଥାଉକି ଜିଲ୍ଲାରେ ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ପ୍ରାୟ ୨ଲକ୍ଷ ୮୧ ହଜାର ୫୩୦ ଜଣ ଛାତ୍ରଛାତ୍ରୀ ଅଛନ୍ତି। ସେଥି ମଧ୍ୟରୁ ୨୨ ହଜାର ଛାତ୍ରଛାତ୍ରୀଙ୍କର ଆଧାର କାର୍ଡ ଥାଇ ମଧ୍ୟ ପରିବାର ଲୋକେ ଆଧାର କାର୍ଡ ଦେଇ ପାରୁନାହାଁନ୍ତି। ଅନ୍ୟପଟେ ୫ ହଜାର ଛାତ୍ରଛାତ୍ରୀଙ୍କ ଆଧାର କାର୍ଡ ଥାଇ ମଧ୍ୟ ଆପାର ଆଇଡି ହୋଇପାରିନାହିଁ। ଏବେ ସୁଦ୍ଧା ୧ଲକ୍ଷ ୫୦ ହଜାର ୭୫୪ ଜଣ ପିଲାଙ୍କର ଆପାର ଆଇଡି ହୋଇଛି। ଯାହାକି ମୋଟ ପିଲା ସଂଖ୍ୟାର ୫୩ ପ୍ରତିଶତ। ତେବେ କେଉଁଠି ରହିଛି ସମସ୍ୟା ସେଥିପାଇଁ ତାହାକୁ ନେଇ ଅଭିଭାବକ ଚିନ୍ତାରେ। କୋରାପୁଟ ବ୍ଲକ ଦେବୀଘାଟ ଗାଁରେ ପ୍ରାୟ ୧୦ରୁ ଅଧିକ ଛାତ୍ରଛାତ୍ରୀଙ୍କର ହୋଇପାରୁନି ଆଧାରକାର୍ଡ ସଂଶୋଧନ। କିଏ ଗାଁରେ ଜନ୍ମ ହୋଇଥିଲା ତ ଆଉ କାହାର ଡାକ ନାଁରେ ପ୍ରଥମ ଶ୍ରେଣୀରେ ନାମ ଲେଖା ହୋଇଥିଲା। ସେହିପରି ଜେଇଏଲସି ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀ ପାସ କରି ସାରିଥିବା ଜିଶାରାଣୀ ଟାକ୍ରିଙ୍କ ବାପା ଜଣେ ଦିନ ମଜୁରିଆ। ମା' ବି ବିଲ ବାଡରେ କାମ କରନ୍ତି। ତେବେ ପ୍ରଥମ ଶ୍ରେଣୀରେ ସେମାନେ ଜିଶାରାଣୀ ଭାବେ ନାମ ଲେଖାଇଥିଲେ। ପରବର୍ତ୍ତୀ ସମୟରେ ଆଧାର କାର୍ଡରେ ଆସମାନ ଆଶା ଟାକ୍ରୀ ଭାବେ ନାମ ହୋଇଯାଇଛି। ଏବେ ଷଷ୍ଠ ଶ୍ରେଣୀରେ ପାଠ ପଢିବା ପାଇଁ ମାଗୁଛନ୍ତି ଆଧାର କାର୍ଡ। ତେବେ ସଂଶୋଧନ ପାଇଁ ୫ ମାସ ହେଲାଣି ହେଇପାରୁନି। ସେଥିପାଇଁ ଚିନ୍ତାରେ ଛାତ୍ରୀ ଓ ମା। ଏ ସମ୍ପର୍କରେ କୋରାପୁଟ ସହରରେ ଥିବା ୨ରୁ ୩ଟି ଆଧାର କେନ୍ଦ୍ରରେ ଏ ବିଷୟରେ ପଚାରିବାରୁ ଆଗେ ହୋଇପାରୁଥିଲା, ଏବେ ସରକାର ନିୟମ ବଦଳାଇଛନ୍ତି। ସଂପୂର୍ଣ୍ଣ ସଂଶୋଧନର ସରଳୀକରଣ ପାଇଁ ଦରକାର ଗେଜେଟ୍ ନୋଟିଫିକେସନ। ବିଜ୍ଞାପନ ସହ ଜନ୍ମ ପ୍ରମାଣପତ୍ର ଏବଂ ଆରଆଇ ରିପୋର୍ଟ। ନଚେତ୍ ପୋର୍ଟାଲରେ ହୋଇପାରିବନି ସଂଶୋଧନ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ପାଖାପାଖି ୨୨ ହଜାର ପିଲାଙ୍କ ଆଧାର ସମସ୍ୟାକୁ ସ୍ୱୀକାର କରିବା ସହ କିପରି ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ଆଧାର କାର୍ଡ ସଂଶୋଧନ କରାଯାଇପାରିବ ତାକୁ ଧ୍ୟାନ ଦିଆଯିବ ବୋଲି ଜଣାଇଛନ୍ତି। ଆଦିବାସୀ ବହୁଳ କୋରାପୁଟ ଜିଲ୍ଲାରେ ସ୍କୁଲ ରେଜିଷ୍ଟର, ଜନ୍ମ ପ୍ରମାଣପତ୍ର ଓ ଜନ୍ମ ତାରିଖରେ ରହୁଥିବା ତଥ୍ୟ ଆଧାର କାର୍ଡ ସହ ତାଳମେଳ ରହୁନଥିବାରୁ ଆପାର ଆଇଡି ଖୋଲିବାରେ ହେଉଛି ସମସ୍ୟା। ଏବେ ୨୨ ହଜାର ପିଲାଙ୍କର ସଂଖ୍ୟା ଆସିଥିବା ବେଳେ ଦୁର୍ଗମ ଓ ଉପାନ୍ତ ଅଞ୍ଚଳରେ ଆହୁରି ସମସ୍ୟା ରହିଥିବା କୁହାଯାଉଛି। ତେଣୁ କୋରାପୁଟ ଜିଲ୍ଲାରେ ପ୍ରଶାସନ ପକ୍ଷରୁ କାର୍ଡ ସଂଶୋଧନରେ ସରଳୀକରଣ ପ୍ରକ୍ରିୟାକୁ ତ୍ୱରିତ କରାଯାଉ ବୋଲି ଦାବି ଉଠିଛି।

## ଜମି ଜମା ବିବାଦର ସମାଧାନ ନେଇ ଦାବିପତ୍ର ପ୍ରଦାନ



ନବରଙ୍ଗପୁର,୨୦।୭ (ସମିସ): ନବରଙ୍ଗପୁର ଜିଲ୍ଲା ଆଦିବାସୀ ଅଧିକାର ମଞ୍ଚ ଜିଲ୍ଲା ସମ୍ପାଦକ ରାଜେଶ୍ ଜାନୀଙ୍କ ନେତୃତ୍ୱରେ ନବରଙ୍ଗପୁର ବ୍ଲକ ଚଟାହାଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଟିକରାଗୁଡ଼ା, ଆଦମଚୁଆଁ, ଚୁଇମାଟିଗୁଡ଼ା, ବୁଦୁଗୁଡ଼ା ୪ଗୋଟି ଗ୍ରାମର ଶହ ଶହ ପୁରୁଷ ଓ ମହିଳା ତହସିଲ ଅଫିସ ଓ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରି ଜମିଜମା ସମ୍ବନ୍ଧୀୟ ବିବାଦ ଯଥାଶୀଘ୍ର ସମାଧାନ କରିବା ଓ ୫ ଦଫା ଦାବି ପୂରଣ କରିବା ପାଇଁ ନବରଙ୍ଗପୁର ତହସିଲଦାର ଓ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଶ୍ରୀ ଜାନିଙ୍କ କହିବାନୁସାରେ ଦୀର୍ଘବର୍ଷ ହେଲା ପୂର୍ବ ପୁରୁଷରୁ ୪ ଖଣ୍ଡ ଗ୍ରାମର ଲୋକଙ୍କ ଅଧିନରେ ଦେବତା ଗୁଡ଼ି ବା ମନ୍ଦିର ନାମରେ ଚଟାହାଣ୍ଡି ମୌଜାରେ ୨ ଏକର ୪୦ ସେଣ୍ଟ ଜମି ରହିଛି। ଜମିର ରେକର୍ଡ ମନ୍ଦିର ପୂଜାରୀ ବଳରାମ ପୂଜାରୀଙ୍କ ନାମରେ ରହିଛି। କିନ୍ତୁ କିଛି ବର୍ଷ ହେଲା ତାରାଗୁଡ଼ା ଗ୍ରାମର ରାଜୁ ଗୌଡ଼ ଓ ଡମ୍ବୁ ଗୌଡ଼ ଭାଗଚାଷ କରିବା ସତ୍ୱେ ଉକ୍ତ ଜମିକୁ ନିଜ ଅକ୍ତିଆରରେ ନେଇ କଡ଼ିଙ୍ଗା ଥାନାରେ ଗ୍ରାମବାସୀ ମାନଙ୍କ ନାମରେ ମିଥ୍ୟ କେସ୍ କରି ଡରାଉଛନ୍ତି । କୈଣସି ଅପ୍ରିତିକର ଘଟଣା ନ ଘଟିବା ପୂର୍ବରୁ ଜିଲ୍ଲାପ୍ରଶାସନ ତହସିଲଦାର ତୁରନ୍ତ ସମାଧାନ କରିବା ପାଇଁ ଲିଖିତ ଦାବିପତ୍ର ଦିଆଯାଇଛି ବୋଲି କହିଛନ୍ତି ରାଜେଶ୍ ଜାନି। ଏହି ଅବସରରେ ଅଖିଳ ଭାରତୀୟ ଏସ୍‌ସି, ଏସ୍‌ଟି ପରିସଂଘ ଜିଲ୍ଲା ସଭାପତି ଭଗବାନ ବୈରାଗୀ, ଅନୁସୂଚିତ ଜାତିସଂଘ ବ୍ଲକ ସଭାପତି ଦେବରାଜ ନାଗ, ଦୟାନିଧି ସୁନା ଗ୍ରାମର ମୁଖିଆ ଜିତେଶ୍ ଜାନୀ, ବିଭୀଷଣ ଜାନୀ, ଟଙ୍କଧର ଭତ୍ରା, ହରିଶଚନ୍ଦ୍ର ଗୌଡ଼, ଜଗତରାମ ଜାନୀ, ଉଷା ଜାନୀ, ଜଳତା ଜାନୀ ପ୍ରମୁଖଙ୍କ ସମେତ ବହୁ ମହିଳା ଏବଂ ପୁରୁଷ ଉପସ୍ଥିତ ଥିଲେ।

## ଇଣ୍ଡିଆନ୍ ଅଏଲ ପକ୍ଷରୁ ଛୋଟ ସିଲିଣ୍ଡର୍ ବ୍ୟବହାର ସଚେତନତା

ରାୟଗଡ଼ା,୨୪।୭ (ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମାର ଟ୍ରକ୍ ୟୁନିୟନ୍ କାର୍ଯ୍ୟାଳୟରେ ଆଜି ଇଣ୍ଡିଆନ୍ ଅଏଲ କମ୍ପାନୀ ଜୟପୁର ବିତରଣ ଶାଖା ପକ୍ଷରୁ ୫ କେଜି ଛୋଟ ସିଲିଣ୍ଡର୍ ବ୍ୟବହାର ଓ ଏହାର ସୁରକ୍ଷା ତଥା ସରକାରୀ ସହାୟତା ଇତ୍ୟାଦି ବାବଦରେ ବର୍ଣ୍ଣନା କରି ଏକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଡ୍ରାଇଭର ସଂଘର ସଭାପତି ୟାଲା ଭେଙ୍କଟେଶ୍ୱର୍ ରଓ (କଣ୍ଡାବାବୁ) ଓ ସମ୍ମାନିତ ଅତିଥି ଭାବେ ଜୟପୁର ବିତରଣ ଶାଖା ପରିଚାଳକ ରାଜେନ୍ଦ୍ର ରାଉଳ ଯୋଗ ଦେଇଥିଲେ। ଶ୍ରୀ ରାଉଳ ଡ୍ରାଇଭର ସଂଘର ସମସ୍ତ ଡ୍ରାଇଭର ମାନଙ୍କୁ ଇଣ୍ଡିଆନ୍ ଅଏଲ କମ୍ପାନୀର ୫ କେଜି ଛୋଟ ସିଲିଣ୍ଡର ର ବ୍ୟବହାର ତଥା ସରକାରୀ ସହାୟତା, ସୁରକ୍ଷା ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହାର ଉପାଦେୟତା ଜାଣିବା ପରେ ସଂଘର ସଭାପତି ଓ ସମସ୍ତ ଡ୍ରାଇଭର ମାନେ ଏହି ସୁବିଧାର ଲାଭ ନେବାକୁ ଇଚ୍ଛା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ରାୟଗଡ଼ା ମାଝୀ ଗୌରୀ ଇଣ୍ଡେନ୍‌ର ଶାଖା ପରିଚାଳକ ସୀମାଞ୍ଚଳ ବେହେରା ପରିଚାଳନା କରିଥିଲେ। ଜିଲ୍ଲାର ଅନ୍ୟ ଇଣ୍ଡେନ୍ ବିତରକ ମାନେ ସହଯୋଗ କରିଥିଲେ।

## ଉଆଁସ ପର୍ବ ଧୁମ୍‌ଧାମରେ ପାଳନ

ଉମରକୋଟ ୨୪।୭ (ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାକାର ଆଦିବାସୀମାନେ ପାଳନ କରୁଥିବା କୃଷି ଭିତ୍ତିକ ପର୍ବପର୍ବାଣୀ ମାନଙ୍କ ମଧ୍ୟରେ ଅକ୍ଷୟ ତୃତୀୟା, ବଲାଣି ଯାତ୍ରା, ଉଁଆସ ପର୍ବ, ନୂଆଁଖାଇ ଅନ୍ୟତମ। ଶ୍ରାବଣ ମାସରେ ପଡୁଥିବା



ଅମାବାସ୍ୟା ତିଥିରେ ଚାଷୀମାନେ ଉଁଆସ ପର୍ବ (ଚିତାଲାଗି ଅମାବାସ୍ୟା )ପାଳନ କରିଥାନ୍ତି। ଏହି ଦିନର ପୂର୍ବଦିନ ଗ୍ରାମର ଦେବଦେବୀ ମାନଙ୍କ ଉଦେଶ୍ୟରେ ଏକ ଯାତ୍ରା କରାଯାଇଥାଏ। ଯାହାକୁ ଆଞ୍ଚଳିକ ଭାଷାରେ ବଲାଣି ଯାତ୍ରା ବୋଲି କୁହାଯାଏ। ବଲାଣି ଯାତ୍ରାର ପରଦିନ ଅର୍ଥାତ ଅମାବାସ୍ୟା ଦିନ ଉଁଆଷପର୍ବ ପାଳିତ ହୋଇଥାଏ। ଏହିଦିନ ଅଞ୍ଚଳର ସମସ୍ତ ଚାଷୀ ଭୋର ସକାଳୁ ଉଠି ଗାଧୁଆଫାଦୁଆ ସାରି କଞ୍ଚା ଗୋରସ, ଦେଓ ବାଡ଼ନି, ରସନା, ଦିଉନା, ବାତ୍ରୀ ଭଳି ବିଭିନ୍ନ ବୁଦା ସହିତ ଧୂପଦୀପ ଆଦି ନୈବେଦ୍ୟ ଧରି ନିଜ ନିଜ ବିଲ ମାନଙ୍କରେ ଯାଇ ପୂଜାର୍ଚ୍ଚନା କରିଥାନ୍ତି । ବିଲରେ ପୂଜାସାରି ଘରେ ଆସି ଘରର ଦେବଦେବୀମାନଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଏହିଦିନ ଗାଁ ଠାରୁ ସହର ସବୁଆଡେ ଉଁଆଷ ପର୍ବର ଛାପ ଦେଖିବାକୁ ମିଳେ। ଘରେ ଘରେ ପିଠାପଣା, ଖିରିପୁରୀ ସାଙ୍ଗକୁ ମାଛମାଂସର ଆସର ଜମିଥାଏ। ପ୍ରତି ଗ୍ରାମରେ ଏହି ପର୍ବକୁ ବେଶ ଉତ୍ସାହର ସହ ପାଳନ କରାଯାଏ। ଏହି ଦିନ ବିଲରେ ପୂଜାର୍ଚ୍ଚନା କରି ଦେଓ ବାଡ଼ନି, ରସନା, ଦିଉନା, ବାତ୍ରୀ, କେନ୍ଦୁ ଆଦି ବୁଦାସବୁ ପୋତିଲେ ଜମିରେ ଭଲ ଅମଳ ହେବା ସହିତ ଚାଷରେ ରୋଗପୋକ କିଛି ଲାଗେନାହିଁ ବୋଲି ବିଶ୍ୱାସ ରହିଛି।।

## ଗଞ୍ଜେଇ ଚାଷ ବନ୍ଦ କରି ବିକଳ୍ପ ଜୀବିକା ଉପାର୍ଜନ ଶୀର୍ଷକ କର୍ମଶାଳା

ଗୁଡାରି,୨୪।୭ (ସମିସ): ଗୁଡାରୀ ବ୍ଲକ୍‌ରେ ନିଜର ଜୀବିକା ଛାଡି ଗଞ୍ଜେଇ ଚାଷ କରି ଅଳ୍ପ ଦିନରେ ନିଜର ରୋଜଗାର ବଢାଇବା ପାଇଁ ଚେଷ୍ଟା କରନ୍ତି ଲୋକେ। କିନ୍ତୁ ପରେ ଏହି ଗଞ୍ଜେଇ ଦ୍ୱାରା ଜେଲ୍ ଚାରିକାନ୍ଥ ଭିତରେ ଦିନ କାଟିବାକୁ ପଡ଼େ। ଶେଷରେ ନିଜର ସର୍ବସ୍ୱ ହରାଇବାକୁ ବାଧ୍ୟ ହୁଅନ୍ତି ଏହି ଲୋକମାନେ। ଏହାକୁ ନେଇ ଗୁଡାରି ବ୍ଲକର ମଧୁବନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗଞ୍ଜେଇ ଚାଷ ବନ୍ଦ କରି ବିକଳ୍ପ ଜୀବିକା ଉପାର୍ଜନ ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗୁଡାରି ଅଧିକାରୀ ଶ୍ରୀମତୀ ସମର୍ପିତା ସ୍ୱାଇଁଙ୍କ ସଭାପତିତ୍ୱରେ ଏସଡିପିଓ ବାବୁଲି ନାୟକ, ତହସିଲଦାର ଏ ସ୍ନେହଲତା, ବିଡିଓ ସୁଚିସ୍ମିତା ବେହେରା, ସିଡିପିଓ ଅନୀତା ପାଣିଗ୍ରାହୀ ଓ ରେଞ୍ଜର ଦିଲୀପ କୁମାର ପଟ୍ଟନାୟକଙ୍କ ଯୋଗଦେଇ ଗଞ୍ଜେଇ ଚାଷ କରିବା ଦ୍ୱାରା ସ୍ଥାନୀୟ ଲୋକ ଓ ଯୁବପିଢିଙ୍କ ସମସ୍ୟା ଉପରେ କହିଥିଲେ। ଗଞ୍ଜାଇ ଚାଷର ବିକଳ୍ପ ଭାବେ ରହିଥିବା ଚାଷ ଯଥା ଆଳୁ, ବିରି, ମୁଗ, ମକା, ଆଖୁ ଓ ଧାନ, କାଜୁ, ବାଜରା, ମାଣ୍ଡିଆ ସମେତ ଋତୁଭିତ୍ତିକ ବିଭିନ୍ନ ପନିପରିବା ଚାଷ କରି ଜୀବନ ଜୀବିକା ଚଳାଇବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା।

## ପଞ୍ଚାୟତ ସମିତି ବୈଠକରେ ନେତାଙ୍କ ଅନୁପସ୍ଥିତି ନେଇ ଉଦ୍‌ବେଗ

ଉମରକୋଟ ,୨୪।୭ (ସମିସ): ଆଜି ନବରଙ୍ଗପୁର ଜିଲ୍ଲା ଉମରକାଟ ପଞ୍ଚାୟତ ସମିତି ପରିସରରେ ସମିତି ବୈଠକ ଆୟୋଜନ କରାଯାଇଥିଲା। ଏହା ପୂର୍ବରୁ ଗତ ଜାନୁଆରୀ ୨୯ ତାରିଖରେ ଏକ ବୈଠକ ହୋଇଥିଲା। ସେହି ବୈଠକରେ ଭାରପ୍ରାପ୍ତ ଡାବୁଗାଁ ବିଡ଼ିଓ ଶରତ ମାଝୀଙ୍କୁ ମଞ୍ଚରେ ବସିବା ପାଇଁ ଚେୟାର ମିଳିନଥିଲା। ଯାହା ଫଳରେ ସେ ମଞ୍ଚ ତଳେ ସରପଞ୍ଚ, ସମିତି ସଭ୍ୟ ମାନଙ୍କ ସହ ବସିଥିଲେ। କାରଣ ମଞ୍ଚ ଉପରେ ମନ୍ତ୍ରୀ ପ୍ରତିନିଧ, ସାଂସଦ ପ୍ରତିନିଧୁ, ଝରୀଗାଁ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରତିନିଧା ସହ ଅନ୍ୟାନ୍ୟ ଲୋକ ପ୍ରତିନିଧି ବସିଥିଲେ। କିନ୍ତୁ ଆଜିର ଏହି ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ମଞ୍ଚରେ ଚେୟାର ମିଳିଥିଲା କିନ୍ତୁ ସାଂସଦ, ମନ୍ତ୍ରୀ ଓ ଝରୀଗାଁ ନିର୍ବାଚନ ମଣ୍ଡଳୀ ବିଧାୟକ ଚେୟାର ଖାଲି ପଡ଼ିଥିବା ଦେଖିବାକୁ ମିଳିଛି। ଏଠାରେ ଏହି ତିନି ଜଣଙ୍କ କୌଣସି ପ୍ରତିନିଧି ମଧ୍ୟ ଆସିନଥିଲେ। ଯାହାଫଳରେ ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ପଞ୍ଚାୟତ ସମିତିର ବିଭିନ୍ନ ସମସ୍ୟା ବିଷୟରେ କାହାକୁ ଜଣେଇବୁ ଓ କିଏ ସମାଧାନ କରିବେ ବୋଲି ପ୍ରଶ୍ନ ଉଠିଥିଲା। ଜିଲ୍ଲାପରିଷଦ, ସମସ୍ତ ସରପଞ୍ଚ ଓ ସମିତି ସଭାଗୃହ ବାହାରକୁ ଚାଲିଯାଇଥିଲେ। ପରେ ବୈଠକ କିଛି ସମୟ ପାଇଁ ସ୍ଥଗିତ କରାଯାଇଥିଲା। ଏହି ବୈଠକରେ ଉପସ୍ଥିତ ଥିବା ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ବିଡ଼ିଓ ନିଜ ନିଜ ମଧ୍ୟରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୨୪।୭ (ସମିସ): ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ବାସୁଦେବ ଆଚାର୍ଯ୍ୟ ଏକ କେସ୍‌ର ବିଚାରଣା କରି ଅଭିଯୁକ୍ତ ଡମ୍ବୁରୁ ବିଦ୍ଧାଣୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁସାରେ ଗତ ୧୦୧୬ ମସିହା ନଭେମ୍ବର ୨୮ ତାରିଖ ଦିନ ପୀଡିତାର ପିତା କୋଡ଼ିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ ତାଙ୍କ ଝିଅକୁ ବିବାହର ପ୍ରଲୋଭନ ଦେଖାଇ ଡମ୍ବୁରୁ ବିଦ୍ଧାଣୀ କେଉଁ ଆଡେ ନେଇଯାଇଛି। ପୁଲିସ ଏହି ରିପୋର୍ଟକୁ ଗ୍ରହଣ କରି ଥାନା କେସ ନମ୍ବର-୧୯୦/୧୬ ପ୍ରକାରେ ଅଭିଯୁକ୍ତ ଡମ୍ବୁରୁ ବିଦ୍ଧାଣୀ କୁ ଭାରତୀୟ ପେନାଲ କୋଡ଼ ର ଦଫା ୩୬୩,୩୬୬,୩୭୬(୨)(ସ)(ଘ) ସହ ସ୍ୱତନ୍ତ୍ର ପୋକ୍‌ସୋ ଆଇନ ଆଇନର ଦଫା ୬ ପ୍ରକାରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସମସ୍ତ ୧୯ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ଡମ୍ବୁରୁ ବିଦ୍ଧାଣୀକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି କୋର୍ଟ। ଅଭିଯୁକ୍ତଙ୍କ ପକ୍ଷରୁ ନବରଙ୍ଗପୁର ଜିଲ୍ଲାର ଜଣେ ବରିଷ୍ଠ ଓକିଲ ନରସିଂହ ନାଥ ତ୍ରିପାଠୀ ଏହି କେସ୍‌କୁ ପରିଚାଳନା କରୁଥିବା ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ସୂଚନା ଦେଇଛନ୍ତି।

## ଚୌଡେଶ୍ୱରୀ ଦେବୀଙ୍କ ଜୟନ୍ତୀ



ସେମିଳିଗୁଡ଼ା, ୨୪।୭ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡାର ଦେବାଙ୍ଗ ସଂଘ ପକ୍ଷରୁ ଗୁରୁବାର ଦିନ ତାଙ୍କ ଇଷ୍ଟଦେବୀ ଚୌଡେଶ୍ୱରୀ ଦେବୀ ଜୟନ୍ତୀ ସ୍ଥାନୀୟ ଗାୟତ୍ରୀ ଦେବୀ ମନ୍ଦିରରେ ପାଳନ କରାଯାଇଛି। ଏହି ଅବସରରେ ପାରମ୍ପରିକ କୁମକୁମା ପୂଜା ପରେ ଭକ୍ତମାନଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଭକ୍ତ ଅଂଶଗ୍ରହଣ କରିଥିଲେ ଏବଂ ଦେବୀଙ୍କ ନିକଟରେ ବିଶେଷ ପୂଜା କରିଥିଲେ। ମନ୍ଦିରକୁ, ଚୌଡେଶ୍ୱରୀ ଦେବୀଙ୍କୁ ସ୍ୱତନ୍ତ୍ର ଭାବରେ ସଜାଯାଇଥିଲା। ପୂଜା କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଆଲାଡା ବାବୁଜୀ ରାଓ ,କେଲାକା ଭେଙ୍କଟେଶ୍ୱର ରାଓ (ଶ୍ରୀନୁ), ଆନ୍ଧ୍ର ଶ୍ରୀନୁ, ଆଲାଡା ରାମକୃଷ୍ଣ, ଏ. ରାଜେନ୍ଦ୍ର ପ୍ରସାଦ (ରାଜୁ), ୱାଇ.ଶ୍ରୀନୁ , ଆଲାଡା ଇଶ୍ୱର ରାଓ , ଜେ ଭେଙ୍କଟା ରାମନା (ଚିନ୍ନା), ଡୋରା ଇଶ୍ୱର ରାଓ ପ୍ରମୁଖ ଯୋଗ ଦେଇଥିଲେ।

## ଅଧ୍ୟାପକଙ୍କୁ ଭୁବନେଶ୍ୱରରେ ସମ୍ବର୍ଦ୍ଧନା



ଜୟପୁର, ୨୪। ୭ (ସମିସ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଡ ସୁଧାଂଶୁ ଶେଖର ପଟ୍ଟନାୟକଙ୍କୁ ଭୁବନେଶ୍ୱର ସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସଭା କକ୍ଷ ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ଶିକ୍ଷା ନୀତି -୨୦୨୦ ଅନ୍ତର୍ଗତ +୨ ବିଜ୍ଞାନ ଶ୍ରେଣୀ ନିମନ୍ତେ ଓଡ଼ିଆ ଭାଷାରେ ବିଭିନ୍ନ ବିଷୟର ପାଠ୍ୟ ପୁସ୍ତକ ଲୋକାର୍ପଣ କରାଯାଇଛି। ଭୁବେନେଶ୍ୱର ସ୍ଥିତ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ଦ୍ୱାରା ପ୍ରସ୍ତୁତ ଉକ୍ତ ପୁସ୍ତକ ଗୁଡ଼ିକୁ ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ କୁମର ସ୍ୱାଇଁ ଯୋଗଦେଇ ପୁସ୍ତକ ଗୁଡିକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ପଦାର୍ଥ ବିଜ୍ଞାନ ପୁସ୍ତକ ରଚନାରେ ରାଜ୍ୟର ଅନ୍ୟାନ୍ୟ ଅଧ୍ୟପକଙ୍କ ସହ ଅଧ୍ୟାପକ ଡ. ପଟ୍ଟନାୟକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଆ ଭାଷା ଅଧ୍ୟୟନ ଓ ଶିକ୍ଷା ଅନୁଷ୍ଠାନର ସଚିବ ଡ ସୁବ୍ରତ କୁମାର ପୃଷ୍ଟିଙ୍କ ଦ୍ୱାରା ପରିଚାଳିତ ସଭାରେ ଓଡ଼ିଶାର ବହୁ ମାନ୍ୟଗଣ୍ୟ ଶିକ୍ଷାବିତ ଯୋଗ ଦେଇଥିଲେ।

## ଏରୋନଟିକ୍ସ ଡିଏଭି ହାଇସ୍କୁଲରେ ପୁରସ୍କାର ବିତରଣ ଉତ୍ସବ

ସୁନାବେଡା,୨୪।୭ (ସମିସ): କୋରାପୁଟ ଜିଲ୍ଲା ସୁନାବେଡା ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ଡିଏଭି ହାଇସ୍କୁଲର ପୁରସ୍କାର ବିତରଣ ଉତ୍ସବର ପ୍ରଥମ ଦିବସ ହାଇସ୍କୁଲ ପ୍ରେକ୍ଷାଳୟରେ ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ବଳଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସୁନାବେଡା ହାଲ ଇଞ୍ଜିନ ପ୍ରଭାଗର ମହା ପ୍ରବନ୍ଧକ କଲ୍ଲୋଳ ଭଟ୍ଟାଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଇଏସର କୋଷାଧ୍ୟକ୍ଷ ଅନୁଜ କୁମାର ସିଂ ଚୌହାନ ଏବଂ ବିଦ୍ୟାଳୟର ସମ୍ପାଦକ ବସନ୍ତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏରୋନଟିକ୍ସ ଡିଏଭି ହାଇସ୍କୁଲର ଉତ୍ତରୋତ୍ତର ଉନ୍ନତିରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ବଳ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରି ଛାତ୍ରଛାତ୍ରୀଙ୍କ ସଫଳତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ବାର୍ଷିକ ଖେଳକୁଦ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଅମିତା ରାୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଗୀତାଞ୍ଜଳି ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ କଳ୍ପନା ଜେନା, ନିହାରିକା ମିଶ୍ର, ତପସ୍ୱିନୀ ରଥ, ଅର୍ଚ୍ଚନା ବାରିକ, ଶୁଭସ୍ମିତା ରାଉତ, ରେଖା ପଟ୍ଟନାୟକ, ସୁମିତ୍ରା ରାଉତ, ଶିକ୍ଷକ କ୍ଷୀତିଶଚନ୍ଦ୍ର ରଣା, ସନ୍ଦୀପ ପଟ୍ଟନାୟକ, ତାପସ ରଂଜନ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ

ନବରଙ୍ଗପୁର,୨୪।୭ (ସମିସ):



ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଦକ୍ଷତା ବିକାଶ ମିଶନ ଓ ଜିଲ୍ଲା ଦକ୍ଷତା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନର ରାଜୀବ ଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲା କର୍ମ ନିୟୋଜନ ଓ ଦକ୍ଷତା ବିକାଶ ଅଧିକାରୀ ଆନନ୍ଦ ପଲେଇ କମିଟି ବୈଠକର ଉଦ୍ଦେଶ୍ୟ ସହ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ୫ଟି ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ବୈଦ୍ୟୁତିକ ଯାନ ଟେକ୍ନିସିଆନ ପ୍ରଶିକ୍ଷଣ ପାଇଁ ସ୍କାଏ ସ୍କିଲ ଏକାଡେମୀ, ପେଷ୍ଟ କଣ୍ଟ୍ରୋଲ ଓ ଖାଦ୍ୟ ପ୍ରସ୍ତୁତି ସେବା ପ୍ରଶିକ୍ଷଣ ପାଇଁ ଆଡା ମାସ୍ ବିଶ୍ୱବିଦ୍ୟାଳୟ, ବ୍ୟାଟେରୀ ସିଷ୍ଟମ ମରାମତି ଟେକ୍ନିସିଆନ, କାରାଗାର ଅନ୍ତେବାସୀମାନଙ୍କ ପାଇଁ ଛତୁ ଚାଷ ଓ ପ୍ରାକୃତିକ ଚାଷ ପ୍ରଣାଳୀ, ଶକ୍ତି ସଦନ ଅନ୍ତେବାସୀ ମାନଙ୍କ ପାଇଁ ଝୋଟ ବ୍ୟାଗ୍ ତିଆରି ପ୍ରଶିକ୍ଷଣ ପାଇଁ ଗାୟତ୍ରୀ ଏଡୁକେଶନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ , ଡିଟିପି, ଫ୍ଲେକ୍ସ ତିଆରି ପ୍ରଶିକ୍ଷଣ ପାଇଁ ଡାଟା ପ୍ରୋ କମ୍ପ୍ୟୁଟର, ଘରୋଇ ମିକ୍ସର, ଗ୍ରାଇଣ୍ଡର ,ଆଇରନ ଇତ୍ୟାଦି ମରାମତି ପାଇଁ ଇନୋଭଷ୍ଟ ଟେକ୍ ସଲ୍ୟୁସନ୍ ନିଜର ପିପିଟି ମାଧ୍ୟମରେ ଗୃହରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ନିଯୁକ୍ତି ଉପରେ ବିଶେଷ ତଥ୍ୟ ରଖିଥିଲେ। ଜିଲ୍ଲାପାଳ ଡ଼ା ମହାପାତ୍ର ଜିଲ୍ଲାରେ ବିଶେଷତ ଯୁବକ ମାନଙ୍କୁ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର, ଏଲ ଇ ଡି ଟିଭି, କମ୍ପ୍ୟୁଟର, ଲାପଟପ୍, ଜେନେରେଟର, କୃଷି ପମ୍ପ, ନଳକୂପ ମରାମତି ଉପରେ ଅଧିକରୁ ଅଧିକ ପ୍ରଶିକ୍ଷଣ ପାଇଁ ଗୁରୁତ୍ୱ ଦେଇ କହିଥିଲେ। ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ଜିଲ୍ଲାରେ ୧୮ ରୁ ୩୫ ବର୍ଷ ମଧ୍ୟରେ ନିଯୁକ୍ତି ଓ ଆତ୍ମନିଯୁକ୍ତି ପାଇଁ ବିଭିନ୍ନ ଟ୍ରେଡ୍‌ରେ ୫୭୦ ଏବଂ ସ୍ୱତନ୍ତ୍ର ପ୍ରଶିକ୍ଷଣରେ ୧୨୦ ଜଣଙ୍କୁ ଚଳିତ ବର୍ଷ ପ୍ରଶିକ୍ଷଣ ଦିଆଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ଡବ୍ଲୁଓ ଦ୍ରୌପଦୀ କହଁର, ଡିଆଇପିଆରଓ ମନୋଜ ବେହେରା, ଡିସିପିଓ ସୁରେଶ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷାରେ ମହିଳାଙ୍କର ନେତୃତ୍ୱ

# ଲିଡର୍ସ ଫର୍ କମନ୍ସ ସମ୍ମାନ ସମାରୋହ

ପଟ୍ଟାଙ୍ଗି,୨୪।୭ (ସମିସ)



ସର୍ବସାଧାରଣ ସମ୍ପତ୍ତିର ପରିଚାଳନା ଏବଂ ସୁରକ୍ଷାରେ ମହିଳାଙ୍କର ନେତୃତ୍ୱକୁ ଶକ୍ତିଶାଳୀ କରିବାକୁ ଲିଡର୍ସ ଫର କମନ୍ସ' ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଛି। ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ନିର୍ବାଚିତ ମହିଳା ପ୍ରତିନିଧିମାନଙ୍କୁ ସମ୍ମାନ ସମାରୋହରେ ସମ୍ମାନିତ କରାଯାଇଛି। ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି କୋରାପୁଟର ପ୍ରୟାସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ଓ ସେମିଳିଗୁଡା ବ୍ଲକର ୨୬ ଜଣ ନିର୍ବାଚିତ ମହିଳା ପ୍ରତିନିଧିଙ୍କୁ ସମ୍ମାନିତ କରାଗଲା। ବିଗତ ବର୍ଷର ଡିସେମ୍ବର ମାସରୁ "ଲିଡର୍ସ ଫର କମନ୍ସ' ପ୍ରୋଗ୍ରାମରେ ସେମାନଙ୍କୁ ଦଳଗତ ପ୍ରଶିକ୍ଷଣ ମାଧ୍ୟମରେ ସ୍ଥାନୀୟ ସମ୍ପଦର ପରିଚାଳନା, ସୁରକ୍ଷା, ନୀତି ନିଷ୍ଠାପୂର୍ଣ୍ଣ ବ୍ୟବହାର ଓ ସୁସ୍ଥିର ପରିଚାଳନା ବିଷୟରେ ଜ୍ଞାନାର୍ଜନ କରାଯାଇଥିଲା। ପ୍ରତି ମାସ ମୋବାଇଲ୍ ଅନ୍‌ଲାଇନ ମିଟିଂ ମାଧ୍ୟମରେ ଏହି ନିର୍ବାଚିତ ମହିଳା ପ୍ରତିନିଧିମାନଙ୍କୁ ଗ୍ରାମ୍ୟସ୍ତରର ସର୍ବସାଧାରଣ ସମ୍ପତ୍ତିର ସୁସ୍ଥିରତା, ସାମାଜିକ ସହଭାଗିତା ଏବଂ ସ୍ଥାନୀୟ ପରିଚାଳନାରେ ମହିଳାଙ୍କର ଭୂମିକା ବିଷୟରେ ପ୍ରାୟୋଗିକ ଜ୍ଞାନ ସଂଗ୍ରହ କରିଥିଲେ। ଅତିଥିମାନଙ୍କର ପ୍ରେରଣାଦାୟୀ ସନ୍ଦେଶ ସମାରୋହରେ ମୁଖ୍ୟ ଅତିଥି ସେମିଳିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ ଯୋଗଦାନ ଦେଇଥିଲେ। ପଟ୍ଟାଙ୍ଗି ଜିଲ୍ଲାପରିଷଦ ସଭ୍ୟ (ଜୋନ-୨) ଲାଇଚନ ଖରା ଯୋଗଦାନ ଦେଇଥିଲେ। ଆଞ୍ଚଳିକ ମହିଳା ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀର ଏମ୍‌ଡି ଲାକି ଜାନି ଏବଂ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ଭୁବନେଶ୍ୱରର ବିରଞ୍ଚି ପାଇକରାୟ ମହିଳାଙ୍କୁ ସୁସ୍ଥିର ପରିଚାଳନାରେ ଅଗ୍ରଣୀ କରିବା ପାଇଁ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟିର ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରିଥିଲେ। ସମାରୋହର ପରିଚାଳନା ତଥା କାର୍ଯ୍ୟକ୍ରମର ସଫଳତାରେ ଭାଗ୍ୟଶ୍ରୀ ସାହୁ, ସବିତା ରୁବି, ଜୟନ୍ତୀ ଖସଲା, ପ୍ରିୟଙ୍କା ମାନ୍ଦାଲ, ପ୍ରତିମା ସାହୁ, ଜ୍ୟୋତି ଜୟପୁରିଆ, ମିନୁ ଖରା, ରବି ଦୁମାରି, ମାଧବ ମାଣାଡୀ, ସମୁକୁ ଦିଶାରୀ, ରବି ଗମାଙ୍ଗ, କେଶବ ଦୁରିଆଙ୍କ ସମୂଦାୟ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ଥିଲା। ସମାରୋହର ସୁଚାରୁ ପରିଚାଳନାରେ କୃତିକା ମହାନ୍ତି, ପ୍ରଦୀପ ମିଶ୍ର, କେ. ମୁରଲୀ କ୍ରିଷ୍ଣା, ତପନ ଖସଲା, ସୋନା ଯାନୀ, ଦିଲ୍ଲୀପ ଖସଲା, ରଘୁରାମ ମୁଠାଇ, ତ୍ରିନାଥ ଗୁଣ୍ଡା, ଆଦର୍ଶ କାଟେଙ୍ଗେ ଏବଂ ଜଗଦୀଶ ପାତ୍ର ସହଯୋଗ କରିଥିଲେ। କାର୍ଯ୍ୟକ୍ରମଟି ସେମିଳିଗୁଡାର ୱାର୍ଡ କନ୍‌ଫରେନ୍ସ ହଲ୍‌ରେ ଠାରେ ଆୟୋଜନ କରାଯାଇଥିଲା।

ସକାଳ
THE SAKALA



# ଅସରାଏ ବର୍ଷାରେ ସୋର ସହର ଜଳାର୍ଣ୍ଣବ

ସୋର, ୨୪ା୭ (ସମିସ)



ଅସରାଏ ବର୍ଷା ହେଲେ ସୋର ସହରର ଅବସ୍ଥା ଶୋଚନୀୟ ହୋଇପଡୁଛି। ସହରାଞ୍ଚଳର ଅନେକ ୱାର୍ଡ ଜଳମଗ୍ନ ଯୋଗୁଁ ଲୋକେ ଘରୁ ବାହାରକୁ ବାହାରି ପାରନ୍ତି ନାହିଁ। ସୋରର ଡ୍ରେନେଜ ସମସ୍ୟାରେ ଘାଣ୍ଟି ହେଉଛନ୍ତି ସହର ବାସୀ। ଆଜି ଅପରାହ୍ଣରେ ହୋଇଥିବା ଲଘୁଚାପ ଜନିତ ବର୍ଷା ଯୋଗୁଁ ପୌରାଞ୍ଚଳ ଉତ୍ତରେଶ୍ୱର, ପୌରପାଳିକା ୧୦ ନଂ ୱାର୍ଡର ଘୋଡାସାହି ଗ୍ରାମର ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ପାଣି ବୁଡି ରହିବା ସହିତ ମାଳତୀ ନାୟକ, ସୃଷ୍ଟିଧର ଦାସ, ଅହଲ୍ୟା ବେହେରା, ସତ୍ୟାନନ୍ଦ ସାହୁ ପ୍ରମୁଖଙ୍କ ଘରେ ଡ୍ରେନ ପାଣି ପଶିବା ସହିତ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହିପରି ଭାବେ ସୋର ପୌରାଞ୍ଚଳର ଅନେକ ଗ୍ରାମର ଲୋକଙ୍କ ଘରେ ପାଣି ପଶିଥିବା ଦେଖିବାକୁ ମିଳିଛି। ଉତ୍ତରେଶ୍ୱର, ବରଫକଳ ଛକ ଓ ମଦାଖାଁ ଛକରେ ମଧ ପାଣି ଜମି ରହିଥିବାରୁ ସାଧାରଣ ଲୋକେ ଓ ଦୋକାନୀମାନେ ଏଥିରେ ପ୍ରଭାବିତ ହେଉଛନ୍ତି। ଏପରିକି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ମଧ ଆଣ୍ଠୁଏ ଲେଖାଏଁ ପାଣି ଠିଆ ହୋଇ ରହିବା ଦେଖିବାକୁ ମିଳିଛି। ସୋର ପୌରପାଳିକାର ମନମୁଖୀ ଡ୍ରେନ କାମ ଓ କିଛି ଲୋକଙ୍କର ବ୍ୟକ୍ତିଗତ ଜାଗା ଥିବାରୁ ଜଳ ନିଷ୍କାସନରେ ସମସ୍ୟା ଉପୁଜିଥିବା କିଛି ଲୋକ ଅଭିଯୋଗ କରିଛନ୍ତି।

# ସୌମ୍ୟାଶ୍ରୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ବିଜେଡି ନେତୃବୃନ୍ଦ



ବାଲେଶ୍ୱର/ଭୋଗରାଇ, ୨୪ା୭ (ସମିସ): ଚାହୁଁ ଚାହୁଁ ବିତିଗଲା ଦଶଦିନ, ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରି ନିଜ ଜୀବନକୁ ଝାସ ଦେଇଥିବା ବାଲେଶ୍ୱର ମାଟିର ସୁନାଝିଅ ସୌମ୍ୟାଶ୍ରୀଙ୍କ ଗୁରୁବାର ଦିନ ଥିଲା ଏକାଦଶାହ। ଏହି ଅବସରରେ ଭୋଗରାଇସ୍ଥିତ ତାଙ୍କ ବାସଭବନରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳର ଶତାଧିକ ନେତା ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବସ୍ତାର ବିଧାୟିକା ସୁବାସିନୀ ଜେନା, ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନ, ଭୋଗରାଇ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବାଲେଶ୍ୱର ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ବାଲେଶ୍ୱର - ଭଦ୍ରକ କୋଅପରେଟିଭ ବ୍ୟାଙ୍କ ସଭାପତି ଗଣେଶ ଚନ୍ଦ୍ର ମହାପାତ୍ର, ବାଲେଶ୍ୱର ଅର୍ବାନ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ଜିଲ୍ଲାପରିଷଦ ସଭ୍ୟା ଦମୟନ୍ତୀ ସାହୁ, କବିତା ପାଣି, ବରିଷ୍ଠ ବିଜେଡ଼ି ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ଅନିଲ ମହାନ୍ତି, ଲକ୍ଷ୍ମୀଧର ଦାସ, ପ୍ରଦୀପ ବିଶ୍ୱାଳ, ଅଜୟ ସାମଲ, ନିଶିକାନ୍ତ ସାହୁ, ଭାଗବତ ସାହୁ, ଶୁଭେନ୍ଦୁ ଜେନା, ଯୁବଛାତ୍ର ବିଜେଡ଼ି ନେତା ଶୁଭେନ୍ଦୁ ମଙ୍ଗରାଜ, ତାପସ ପରିଡ଼ା, ତାପସ ପାଣିଗ୍ରାହୀ, ହେମନ୍ତ ମହାନ୍ତି, ଅସିତ ଦାସ, ମୃତ୍ୟୁଞ୍ଜୟ ବେହେରା, ମହିଳା ନେତ୍ରୀ ବିଦ୍ୟାସ୍ମିତା ମହାଳିକ, ବିନ୍ଦୁବାଳା ନନ୍ଦୀ, ରଞ୍ଜିତା ମହାପାତ୍ରଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକର ସରପଞ୍ଚ, ସମିତି ସଭ୍ୟସଭ୍ୟା ଏବଂ ପୌରାଞ୍ଚଳର କାଉନସିଲର ମାନଙ୍କ ସମେତ ଜିଲ୍ଲା ବିଜେଡ଼ିର ବହୁ ଆଗଧାଡିର ବରିଷ୍ଠ, ମହିଳା ଓ ଯୁବ ଛାତ୍ର ନେତୃବୃନ୍ଦ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଯୌତୁକ ନିର୍ଯାତନା ମାମଲାରେ ଆସାମୀ ଦଣ୍ଡିତ

ରାଜଘାଟ, ୨୪ା୭ (ସମିସ): ବସ୍ତା କୋର୍ଟର ବିଚାରପତିଙ୍କ ଦ୍ୱାରା ଏକ ଯୌତୁକ ନିର୍ଯ୍ୟାତନା ମାମଲାର ଆସାମୀ ଦଣ୍ଡିତ ହୋଇଛନ୍ତି। ବସ୍ତା କୋର୍ଟ ବିଚାରପତି ସିଲଭାସା ବଡ଼ଜେନା ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଆସାମୀମାନଙ୍କୁ ଭି/ଏସ ୪ ପି.ଓ ଆକ୍ଟ ୧୯୫୮ ଅନୁଯାୟୀ ଦଣ୍ଡ ଘୋଷଣା କରିଛନ୍ତି। ଘଟଣାରୁ ପ୍ରକାଶ ଥାଉ କି ଯେ, ସିଂଲା ଥାନା କେଶ ନମ୍ବର ୮୫/୨୦୧୪, ଯାହାର ସିଟି କେସ ନଂ ୧୨୨୭/୧୪ ରେ ଏତଲାକାରୀ ଝରଣା ବିଶ୍ୱାଳଙ୍କ ଅଭିଯୋଗ ମୂଳେ ଅଭିଯୁକ୍ତ ରବୀନ୍ଦ୍ର ବିଶ୍ୱାଳ, ପଦ୍ମାବତୀ ବିଶ୍ୱାଳ, ଚୁମୁକି ବିଶ୍ୱାଳ ଏବଂ ଲିଲି ବିଶ୍ୱାଳଙ୍କୁ ୟୁ/ଏସ ୪୯୮ଏ/୩୨୩ ଆଇପିସି ଏବଂ ୪ ଡିପି ଆକ୍ଟ ଅନୁଯାୟୀ ଦଣ୍ଡିତ କରିଛନ୍ତି। ଏତଲାକାରୀ ଝରଣା ବିଶ୍ୱାଳ ଗତ ୨୭/୫/୨୦୧୪ ତାଙ୍କ ସ୍ୱାମୀ ରବୀନ୍ଦ୍ର ବିଶ୍ୱାଳ, ଶାଶୂ ପଦ୍ମାବତୀ ବିଶ୍ୱାଳ ଏବଂ ୨ ନଣନ୍ଦଙ୍କ ଉପରେ ଯୌତୁକ ମାମଲା ରୁଜୁ କରି ଥିଲେ। ଏଥିରେ ସମସ୍ତ ସାକ୍ଷ୍ୟପ୍ରମାଣ ପୁଲିସ ତଦନ୍ତ ରିପୋର୍ଟ, ସରକାରୀ ଓକିଲ ଓ ପ୍ରତିପକ୍ଷ ଓକିଲଙ୍କ ଯୁକ୍ତିକୁ ବିଚାରକୁ ନେଇ ଆସାମୀ ମାନଙ୍କୁ ଚଳିତ ମାସ ୧୯ ତାରିଖରେ ଦଣ୍ଡିତ କରିଥିଲେ। ଏହି ସି.ଟି(କ୍ରିମିନାଲ ଟ୍ରାଏଲ) ନଂ ୧୨୨୭/୧୪କୁ ଏତଲାକାରୀଙ୍କ ପକ୍ଷରୁ ସରକାରୀ ଓକିଲ ଜିତେନ୍ଦ୍ର କୁମାର ଉପାଧ୍ୟାୟ, ସରକାରୀ ଓକିଲ ଅସିତ ରଞ୍ଜନ ନାୟକ ଏବଂ ପ୍ରଣବ ରଞ୍ଜନ ମିଶ୍ର ପରିଚାଳନା କରୁଥିଲେ।

## ବିବିସିସି ବ୍ୟାଙ୍କ ବାଲିଆପାଳ ଶାଖାରେ ସମବାୟ ସାକ୍ଷରତା ଅଭିଯାନ



କାଳିପଦା, ୨୪ା୭ (ସମିସ): ନାବାର୍ଡ ସହାୟତାରେ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ବାଲିଆପାଳ ଶାଖା ସମ୍ମିଳନୀ କକ୍ଷରେ ସମବାୟ ସାକ୍ଷରତା ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ଅରୁଣ କୁମାର ମାଇତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଭିଯାନ ଉତ୍ସବରେ ନାବାର୍ଡ ଡିଡିଏମ ତାପସ କୁମାର ପ୍ରଧାନ ଅତିଥି ଭାବରେ ଉପସ୍ଥିତ ରହି ସମସ୍ତ ସମ୍ପାଦକ, ସମବାୟବିତ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଶାଖାର ଗ୍ରାହକମାନଙ୍କୁ ସମବାୟର ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହିତ ସମବାୟ ଆନ୍ଦୋଳନକୁ ସୁଦୃଢ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ସଞ୍ଜୟ ପାତ୍ର, ପ୍ରଣବ କୁମାର ସିଂହ, ବସନ୍ତ ଦେ, ଗଣେଶ ଚନ୍ଦ୍ର ଦାସ, ରାଖାଲ ଚନ୍ଦ୍ର ସାହୁ, ଅକ୍ଷୟ ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କଇଁନଗରୀ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ଲଙ୍ଗଳେଶ୍ୱର, ୨୪ା୭ (ସମିସ) : ସିଂଲା ଥାନା ଅନ୍ତର୍ଗତ କଇଁନଗରୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ଗତକାଲି ବିଳମ୍ବିତ ରାତିରେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଏବଂ ମୂଲ୍ୟବାନ କାଗଜପତ୍ର ଚୋରି ହୋଇ ଯାଇଛି। ଗୁରୁବାର ସକାଳେ କାର୍ଯ୍ୟାଳୟର ଏଡିଓ ଏବଂ ଜିଆରଏସ ଅଫିସ କାର୍ଯ୍ୟାଳୟରେ ପହଞ୍ଚି ଚୋରି ବାବଦରେ ଦେଖିବାକୁ ପାଇଥିଲେ। ଅଫିସରୁ ଜରୁରୀ କାଗଜପତ୍ର ସହ ଇନଭଟର, ବ୍ୟାଟେରୀ, ଏଲଇଡି ଟିଭି ଇତ୍ୟାଦି ଲକ୍ଷାଧିକ ଟଙ୍କାର ବହୁ ମୂଲ୍ୟବାନ ଜିନିଷ ଚୋରି ହୋଇଛି। ସରପଞ୍ଚ ବିଡ଼ିଓ ମିହିର ରଞ୍ଜନ ବେହେରାଙ୍କୁ ଜଣାଇବା ସଂଗେ ସଂଗେ ସିଂଲା ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସିଂଲା ପୁଲିସ ପହଞ୍ଚି ତଦନ୍ତ କରିଛି।

## ପାଣିରେ ବୁଡ଼ି ଭିନ୍ନକ୍ଷମ ଯୁବତୀ ମୃତ

ବାଲିଆପାଳ, ୨୪ା୭ (ସମିସ): ଏହି ବ୍ଲକ ମହାବଳା ଗାଁରେ ପାଣିରେ ବୁଡି ଜଣେ ଭିନ୍ନକ୍ଷମ ଯୁବତୀଙ୍କ ମୃତ୍ୟୁ ଘଟିଛି। ମହାବଳା ଗାଁର ପ୍ରଦୀପ କୁମାର ସିଂଙ୍କ ସାନ ଝିଅ ବିନୟା ସିଂ(୩୮) ଜନ୍ମରୁ ବାତ ରୋଗରେ ପୀଡିତ ଥିଲେ। ଯୁବତୀ ଜଣକ ଗତକାଲି ସକାଳୁ ଘରେ କାହାରିକୁ ନ ଜଣାଇ କୁଆଡେ ଚାଲିଯାଇଥିଲେ। କିଛି ଘଣ୍ଟା ପରେ ଘର ଲୋକେ ଖୋଜା ଖୋଜି କରିବାରୁ ବାଡ଼ି ପଟେ ଦେଇ ଯାଇଥିବା ନଦୀରେ ଝିଅଟି ଭାସୁ ଥିବାର ଦେଖିବାକୁ ପାଇଥିଲେ। ପାଣିରେ ଭାସୁଥିବା ଦେଖି ମା ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀଙ୍କ ସହଯୋଗ ରେ ଯୁବତୀଙ୍କୁ ପାଣିରୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ, କିନ୍ତୁ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିଆପାଳ ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକେ ଘରକୁ ଆସି ସନ୍ଧ୍ୟାରେ ଝିଅର ଅନ୍ତିମ ସଂସ୍କାର କରିଥିଲେ। ବିନୟା ଭିନ୍ନକ୍ଷମ ଝିଅ ହୋଇଥିଲେ ବି ଘରର ସମସ୍ତ ଦାୟିତ୍ୱ ନିଜେ ବୁଝିବା ସହ ଗାଁ ଗାଁ ବୁଲି ବହୁ ଲୋକଙ୍କୁ ସରକାରୀ ଯୋଜନା ପାଇଁ ଆବଶ୍ୟକ ହେଉଥିବା ସରକାରୀ ପ୍ରମାଣପତ୍ର ପାଇବାରେ ସହଯୋଗ କରୁଥିଲେ।

## 'ମୋ ଝିଅକୁ ମାରିଦେଲେ'

● ବାପଘର ଲୋକ ଆଣିଲେ ହତ୍ୟା ଅଭିଯୋଗ

ସୋର, ୨୪ା୭(ସମିସ): ଅଧିକ ଯୌତୁକ ଦାବିରେ ପାରିବାରିକ କଳହରୁ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରି ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଆଜି ତାଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ବାପା ଝିଅକୁ ମାରିଦେଇଥିବା ନେଇ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ ଗତ ୨୦୨୦ ମସିହାରେ ସୋର ଥାନା ନଟାପଡ଼ା ଗ୍ରାମର ବସନ୍ତ ସେଣଙ୍କ ସହ ଭଦ୍ରକ ଜିଲ୍ଲା ଧାମନଗର ଥାନା ଚୁଡାକୁଟି ବିଦ୍ୟାଧରପୁର ଗ୍ରାମର ଗୌରାଙ୍ଗ ଦାସଙ୍କ ଝିଅ ରୁନୁରାଣୀ ଦାସଙ୍କର ବଡ଼ଖୁରୀସ୍ଥିତ କ୍ଷେମେଶ୍ୱର ମନ୍ଦରରେ ବିବାହ ହୋଇଥିଲା। ବିଭିନ୍ନ ସମୟରେ ଅଧିକ ଯୌତୁକ ଦାବିରେ ପାରିବାରିକ ଅଶାନ୍ତି ଦେଖାଦେଉଥିଲା। ଯାହାକୁ ନେଇ ଗତ ୨୨ ତାରିଖରେ ରୁନୁରାଣୀ ଶୋଇବା ଘର ଫ୍ୟାନରେ ବେକରେ ଶାଢ଼ୀ ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସୋର ଓ ପରେ ବାଲେଶ୍ୱର ଜ୍ୟୋତି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ଆଜି ସକାଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ସ୍ଥାନୀୟ ପୁଲିସ ତାଙ୍କ ସ୍ୱାମୀ ବସନ୍ତକୁ ଅଟକ ରଖିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରଛି। ପ୍ରକାଶ ଥାଉକି ରୁନୁଙ୍କର ୩ ବର୍ଷର ଝିଅଟିଏ ଥିବାବେଳେ ତାଙ୍କ ବାପା ଗୌରାଙ୍ଗ ରୁନୁଙ୍କୁ ଶାଶୂ ଘର ଲୋକେ ତାଙ୍କୁ ହତ୍ୟା କରିଥିବାର ଅଭିଯୋଗ ସୋର ଥାନାରେ କରିଛନ୍ତି।

## ସାରସ୍ୱତ ମହାବିଦ୍ୟାଳୟରେ ଛାତ୍ରୀ ସୁରକ୍ଷା କର୍ମଶାଳା



ସୋର, ୨୪ା୭ (ସମିସ): ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଅନନ୍ତପୁରସ୍ଥିତ ସାରସ୍ୱତ ମହାବିଦ୍ୟାଳୟରେ ଛାତ୍ରୀ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଡମ୍ବରୁଧର ଭୋଳଙ୍କ ସଭାପତିତ୍ୱରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ମୁଖ୍ୟ ଅଧାପିକା ସେବତୀ ପୁହାଣ, ଡ. ରଶ୍ମି ନାୟକ, ସୁଶ୍ରୀସଙ୍ଗୀତା ମହାପାତ୍ର, ଦେବାଶିଷ ରାଉତ, ଛାତ୍ରୀ ଯାମିନୀ ପ୍ରଧାନ, ବିଦିଶା ରାଉତ, କୌଶଲ୍ୟା ବେହେରା ଅଂଶଗ୍ରହଣ କରିଥିଲେ। ଇଂରାଜୀ ବିଭାଗୀୟ ମୁଖ୍ୟ ଗୌରାଙ୍ଗ ଚନ୍ଦ୍ର ଦାସ, ଡ. ଗୟାଧର ମଲ୍ଲିକ ଏବଂ ଗୋପୀନାଥ ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭୋଳ ଛାତ୍ରୀମାନଙ୍କର ସୁରକ୍ଷା ଏବଂ ସେମାନଙ୍କର କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ। ଏହାବ୍ୟତୀତ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଉପଲବ୍ଧ ଶକ୍ତିଶ୍ରୀ ଆପ୍ ବିଷୟରେ ଛାତ୍ରୀମାନଙ୍କୁ ଜଣାଇଥିଲେ।

## ହତ୍ୟା ଧମକ, ଥାନାରେ ମାମଲା

କାଳିପଦା, ୨୪ା୭ (ସମିସ): ବାଲିଆପାଳ ଥାନା ପଞ୍ଚୁରୁଖି ଗ୍ରାମର ଶ୍ରୀକାନ୍ତ ମାହାନା ଓ ସେହି ଗ୍ରାମର ଗୋବିନ୍ଦ କମିଳା ୨୦୨୩ ମସିହାରୁ ପାର୍ଟନରରେ ଲୋକଙ୍କ ପୋଖରୀ ଲିଜ୍ ନେଇ ମାଛ ଚାଷ କରୁଥିଲେ। ଶ୍ରୀକାନ୍ତ ମାହାନା ମାଛ ଚାଷ ପାଇଁ ଗୋବିନ୍ଦ କମିଳାକୁ ୨୦ ହଜାର ଟଙ୍କା ଦେଇଥିଲେ। ସେହି ମସିହାରେ ଗୋବିନ୍ଦ କମିଳା କୌଣସି କାରଣ ନ ଥିବା ବେଳେ ଶ୍ରୀକାନ୍ତ ମାହାନାକୁ ପାର୍ଟନରସିପ୍‌ରୁ ବାହାର କରି ଦେଲେ। ଶ୍ରୀକାନ୍ତ ଦେଇଥିବା ୨୦ହଜାର ଟଙ୍କା ଗୋବିନ୍ଦକୁ ମାଗିବାରୁ ଉଭୟଙ୍କ ମଧରେ ବଚସା ବଢ଼ିଥିଲା। ଚାରିଆଡ୍ଡୁ ନିରାଶ ହେବା ପରେ ଶ୍ରୀକାନ୍ତ ଗାଁର ଭଦ୍ର ଲୋକଙ୍କୁ ବିଚାର ଦେଇଥିଲେ। ବିଚାରରେ ମୀମାଂସା ଅନୁସାରେ ଗୋବିନ୍ଦ ଶ୍ରୀକାନ୍ତକୁ ଦୁଇ ମାସ ଭିତରେ ସମସ୍ତ ଟଙ୍କା ଫେରସ୍ତ ଦେବ ବୋଲି କହିଥିଲେ। ମାତ୍ର ଧାର୍ଯ୍ୟ ସମୟରେ ଟଙ୍କା ନ ଦେବାରୁ ଶ୍ରୀକାନ୍ତ ପୁଣି ଗାଁ ଭଦ୍ର ଲୋକ ମାନଙ୍କ ପାଖକୁ ଯାଇ ଥିଲେ। ଗୋବିନ୍ଦ ପୁଣି ୧୫ ଦିନ ସମୟ ନେଇଥିଲେ। ୧୫ ଦିନ ପରେ ଶ୍ରୀକାନ୍ତ ଗୋବିନ୍ଦକୁ ଟଙ୍କା ମାଗିବାରୁ ସେ ଉତ୍‌କ୍ଷିପ୍ତ ହୋଇ ଅଶ୍ଳୀଳ ଭାଷାରେ ଜାତିଆଣ ଉଠାଇ ଗାଳିଗୁଲଜ କରିବା ସହିତ ଟଙ୍କା ଦେବ ନାହିଁ ବୋଲି କହିଥିଲେ। ଏ ନେଇ ଯୁକ୍ତି ବଢ଼ିବାରୁ ଶ୍ରୀକାନ୍ତକୁ ହତ୍ୟା ଧମକ ଦେଇ ଗୋବିନ୍ଦ ସ୍ଥାନ ଛାଡି ପଳାଇ ଯାଇଥିଲେ। ଗୋବିନ୍ଦ ଖଳ ପ୍ରକୃତିର ଲୋକ ହୋଇ ଥିବାରୁ ଶ୍ରୀକାନ୍ତ ନିଜ ସୁରକ୍ଷା ଓ ନ୍ୟାୟ ପାଇଁ ବୁଧବାର ପୁଲିସରେ ଆଶ୍ରୟ ନେଇଛନ୍ତି। ପୁଲିସ ତଦନ୍ତ କରି ଫେରିଛି। ଅଭିଯୁକ୍ତଙ୍କୁ ଗିରଫ କରି ନାହିଁ। ଅପରପକ୍ଷେ ଗୋବିନ୍ଦ ଶ୍ରୀକାନ୍ତର ଅଭିଯୋଗକୁ ଅମୂଳକ ବୋଲି କହିଛନ୍ତି।

## ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ଜଳେଶ୍ୱର ବ୍ଲକ, ୨୪ା୭ (ସମିସ) : ଭୋଗରାଇ ମାଟିର ବିପ୍ଲବୀ ଛାତ୍ରୀ ଭାବରେ ସାରା ରାଜ୍ୟରେ ନ୍ୟାୟ ମାଗି ବିଫଳ ହେବାରୁ ଆତ୍ମଦାହ କରିଥିବା ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହରେ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ସାମ୍ନାରେ ଛାତ୍ରୀମାନେ ମିଶି ନୀରବ ପ୍ରାର୍ଥନା ଓ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ସମୟରେ ଜଳେଶ୍ୱର କଂଗ୍ରେସର ଯୁବ ନେତା ରାଜୀବ କୁମାର ପରିଡ଼ାଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ନୀଳଗିରି ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଶୋକସଭା



ନୀଳଗିରି, ୨୪ା୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ସାରାରାଜ୍ୟ ବାସୀଙ୍କୁ ସ୍ତବ୍ଧ କରିଛି। ଆଜି ତାଙ୍କର ଏକାଦଶାହରେ ନୀଳଗିରି ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ପକ୍ଷରୁ ଶୋକସଭା ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନୀଳଗିରି କଲେଜ ଫାଟକ ସାମ୍ନାରେ ଦଳୀୟ ଛାତ୍ର ମାନେ ତାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହିତ ମହମବତୀ ଜଳାଇ ଅମରଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏଥିରେ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହିତ ସ୍ୱର୍ଗୀୟା ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପାଇଁ ଦାବି କରିଥିଲେ। ଏହି ଶୋକ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଛାତ୍ର କଂଗ୍ରେସ ଜିଲ୍ଲା ସମ୍ପାଦକ ରଞ୍ଜିତ ପ୍ରଧାନ, ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ଆଦର୍ଶ ଗୌରବ ଦାସ, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଅଶ୍ୱିନୀ କୁମାର ପାତ୍ର, ଚନ୍ଦ୍ରକାନ୍ତ ରାଉତ, ଯଶୋବନ୍ତ ରାଉତ, ପତିତପାବନ ଦାସ, ସତ୍ୟଜିତ ପ୍ରଧାନ, ଉମାଶଙ୍କର ଦାସ, ଜୟଦିପ ସ, ଶୁଭମ ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ଦାସ, ଗୁଡୁ ମହାପାତ୍ର, ଅଭିଜିତ ଜେନା, ପ୍ରଫୁଲ୍ଲ ଦାସ, ତୁଷାର ଦାସ ଓ ପରେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାନୁଷ୍ଠାନରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ



ଲଙ୍ଗଳେଶ୍ୱର, ୨୪ା୭(ସମିସ): ସାର୍ଥାସ୍ଥିତ ବ୍ରଜମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପ୍ରଥମ ବର୍ଷ କଳା ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ କଲେଜ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଲେଜର ଅଧ୍ୟକ୍ଷ ମାନସ କୁମାର ମାଇତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଅଭିଭାଷଣରେ ଅନୁଷ୍ଠାନର ଅନ୍ୟତମ ପ୍ରତିଷ୍ଠାତା ତଥା ପ୍ରାକ୍ତନ ପ୍ରଧାପକ ତରଣୀ ସେନ ଜେନା ନବାଗତ ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ବଡ଼ ମଣିଷ ସହିତ ଭଲ ମଣିଷ ହେବା ପାଇଁ ପ୍ରୟାସ ଜାରି ରଖିବାପାଇଁ କହିଥିଲେ। ସେହିଭଳି ଅନ୍ୟତମ ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ପ୍ରଧାପକ ଜୟନ୍ତ କୁମାର ପାଣି ବିଦ୍ୟାର୍ଥୀମାନଙ୍କୁ ଶୃଙ୍ଖଳିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଝାଡ଼େଶ୍ୱର ମଲ୍ଲିକ, ଭୂଦେବ ସାହୁ, କାହ୍ନୁଚରଣ ପ୍ରଧାନ, ସାର୍ଥା ସରପଞ୍ଚ ଧନଞ୍ଜୟ ପାତ୍ର, ପରିଚାଳନା ସମିତିର ପ୍ରାକତନ ସଭାପତି ବଳରାମ ସାହୁ, ପ୍ରାକତନ ସମ୍ପାଦକ ବଟକୃଷ୍ଣ ମହାନ୍ତି, ପ୍ରାକ୍ତନ ସଦସ୍ୟ ଦୋଳଗୋବନ୍ଦ ପାଣି ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ। ଏହି ସଭାରେ ସାର୍ଥା ପୂର୍ବତନ ସରପଞ୍ଚ କମଳାକାନ୍ତ ମଲ୍ଲିକ, ପ୍ରଦୀପ ମହାନ୍ତି, ନିଶ୍ଚିନ୍ତ ବେହେରା ଯୋଗଦେଇଥିଲେ। ଅଧ୍ୟକ୍ଷ ତଥା ଆଜିର ସଭାରେ ସଭାପତି ମାନସ କୁମାର ମାଇତି ସରକାରଙ୍କ ତରଫରୁ ଜାରି କରାଯାଇଥିବା ବିଭିନ୍ନ ମାର୍ଗଦର୍ଶିକା ସମ୍ପର୍କରେ ଆଲୋକପାତ କରିଥିଲେ। ଇଂରାଜୀ ଅଧାପକ ରମେଶ ଚନ୍ଦ୍ର ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍‌ଲାଇନ ପ୍ରମାଣପତ୍ର ପାଇଁ ଭିନ୍ନକ୍ଷମ ବାରଦୁଆର

ବାଲିଆପାଳ, ୨୪ା୭ (ସମିସ)



● ଆରଟିଆଇରେ ଉତ୍ତର ରଖୁନାହାନ୍ତି ସରକାରୀ ବାବୁ
● ପ୍ରମାଣପତ୍ର ନ ମିଳିଲେ ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଆନ୍ଦୋଳନ ଚେତାବନୀ

ରାଜ୍ୟ ସରକାର ୮୦ ପ୍ରତିଶତ ଓ ତଦୁର୍ଦ୍ଧ ଭିନ୍ନକ୍ଷମଙ୍କୁ ୩୫୦୦ ଟଙ୍କା ଭିନ୍ନକ୍ଷମ ଭତ୍ତା ପ୍ରଦାନ ଘୋଷଣା ପରେ ଭିନ୍ନକ୍ଷମଙ୍କ ମନରେ ଖୁସିର ଲହରୀ ଖେଳିଥିଲା। ମାତ୍ର ଯୋଜନା କାର୍ଯ୍ୟକାରୀ ହେଲା ପରେ ତୃଣମୂଳ ସ୍ତରରେ ବହୁ ପ୍ରକୃତ ଭିନ୍ନକ୍ଷମଙ୍କ ଅନଲାଇନ ପ୍ରମାଣପତ୍ର ନ ଥିବା ହେତୁ ୩୫୦୦ ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ପୂର୍ବ ସରକାରଙ୍କ ଅମଳରୁ ଭିନ୍ନକ୍ଷମ ଭତ୍ତା ପାଉଥିବା ବହୁ ହିତାଧିକାରୀଙ୍କ ଭତ୍ତାକୁ ନୂତନ ସରକାର ଅନଲାଇନ ପ୍ରମାଣପତ୍ର ବାହାନାରେ ବନ୍ଦ କରିଦେଇଥିବା ନେଇ ବହୁ ଭିନ୍ନକ୍ଷମ ବ୍ୟକ୍ତି ଅଭିଯୋଗ ଆଣିଛନ୍ତି। ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଏବେ ଭିନ୍ନକ୍ଷମଙ୍କୁ ବାରଦୁଆର ହେବାକୁ ପଡୁଛି। ବ୍ଲକ ସ୍ତରରେ ଭୀମଭୋଇ ଭିନ୍ନକ୍ଷମ ଶିବିର ହେଉ ଅବା ଜିଲ୍ଲା ଚିକିତ୍ସାଳୟରେ ଭିନ୍ନକ୍ଷମ ଚିହ୍ନଟ ଶିବିର ସବୁ ଜାଗାରେ ଆବେଦନ କରି ବହୁ ଭିନ୍ନକ୍ଷମ ବ୍ୟକ୍ତି ମାନେ ଏବେ ଅନଲାଇନ ପ୍ରମାଣପତ୍ର ପାଇଁ ଚାତକ ପରି ଚାହିଁ ବସିଛନ୍ତି।

ବଣିଆଡିହା ପଞ୍ଚାୟତର ମଣ୍ଟୁ ଦାସ, ବାଲିକୁଟି ପଞ୍ଚାୟତର ରୁପାଲି ଭୂୟାଁ, ସୁଶୀଲ ଦାସ, ବିଭୁତି ମହାନ୍ତି ପରି ବହୁ ପ୍ରକୃତ ଭିନ୍ନକ୍ଷମ ଯେଉଁମାନେ କି ନିଜର ସମ୍ପୂର୍ଣ୍ଣ ଶାରୀରିକ ଅକ୍ଷମତା ହେତୁ ଜନ୍ମରୁ ଅନ୍ୟ ଉପରେ ନିର୍ଭର କରିଆସୁଥିଲେ ବି ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଅନଲାଇନ ପ୍ରମାଣପତ୍ର ମିଳିପାରୁନାହିଁ, ଯାହା ଫଳରେ ସେମାନେ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଠିକ ସେହିପରି ବଣିଆଡିହା ପଞ୍ଚାୟତର କୈଳାସ ପଟ୍ଟାୟତ, ସାଇଜାଦେ ବିବି, ସାଉଡି ପଞ୍ଚାୟତର ରାଜଶ୍ରୀ ସାମନ୍ତ, ବାଲିକୁଟି ପଞ୍ଚାୟତ ର ବଳରାମ ଜେନା, ଝୁନାରାଣୀ ଜେନାଙ୍କ ପରି ବହୁ ଭିନ୍ନକ୍ଷମ ଜନ୍ମରୁ ଏବଂ ବହୁବର୍ଷ ଧରି ଭିନ୍ନକ୍ଷମ ହୋଇଥିଲେ ବି ଆଜି ପର୍ଯ୍ୟନ୍ତ ଅନଲାଇନ ପ୍ରମାଣପତ୍ର ନଥିବା ହେତୁ ଭିନ୍ନକ୍ଷମ ଭତ୍ତା ଆବେଦନ କରିପାରୁ ନାହାଁନ୍ତି। ଭିନ୍ନକ୍ଷମଙ୍କ ପ୍ରତି ପ୍ରଶାସନର ଏଭଳି ଖାମଖିଆଲି ନୀତିକୁ ସାମାଜିକ ସଂଗଠନ 'ଆମ ଅଧିକାର ଫାଉଣ୍ଡେସନ' ନାପସନ୍ଦ କରିଛି। ସଂଗଠନ ତରଫରୁ ଗତ ମାର୍ଚ୍ଚ ମାସ ଏହି ଭିନ୍ନକ୍ଷମଙ୍କୁ ଅନଲାଇନ ପ୍ରମାଣପତ୍ର ଏବଂ ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ଜିଲ୍ଲା ଜନ ଅଭିଯୋଗ ଶୁଣାଣି ଶିବିର, ବାଲେଶ୍ୱରଠାରେ ପ୍ରଶାସନକୁ ଅନୁରୋଧ କରାଯାଇଥିଲେ ବି ଆଜି ପର୍ଯ୍ୟନ୍ତ ଫଳ ଶୂନ ରହିଛି। ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ପଞ୍ଜିକୃତ ଆବେଦନକାରୀ ସଂଖ୍ୟା, ଅନଲାଇନ ପ୍ରମାଣପତ୍ର ପାଇଥିବା ଭିନ୍ନକ୍ଷମଙ୍କ ତାଲିକା ଏବଂ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ବିଳମ୍ବର କାରଣ ଆଦି ବିଷୟରେ ସୂଚନା ଅଧିକାର ଆଇନ ଜରିଆରେ ତଥ୍ୟ ନିମନ୍ତେ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ଜିଲ୍ଲା ଚିକିତ୍ସାଳୟ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ଅଫିସ, ବାଲେଶ୍ୱରକୁ ଅନୁରୋଧ କରିଥିଲେ ବି ଆଜି ପର୍ଯ୍ୟନ୍ତ ଉତ୍ତର ନ ଆସିବା ଉଭୟ ଅଫିସରେ କାର୍ଯ୍ୟକରୁଥିବା ସରକାରୀ ବାବୁଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛି ଭିନ୍ନକ୍ଷମଙ୍କ ଅଭିଯୋଗ ଅନୁଯାୟୀ ଏହି ଅଫିସର କର୍ମଚାରୀମାନେ ଦଲାଲଙ୍କ ଜରିଆରେ ଅନଲାଇନ ପ୍ରମାଣପତ୍ର ପାଇଁ ଅର୍ଥ ଦାବି କରୁଛନ୍ତି। ଅର୍ଥ ଦେଲେ ଆଗୁଆ ପ୍ରମାଣପତ୍ର ମିଳିବା ସହ ଭିନ୍ନକ୍ଷମ ପ୍ରତିଶତ ବଢ଼ାଇ ହେବ ବୋଲି ଚିକିତ୍ସାଳୟ ପରିସରରେ ବୁଲୁଥିବା ଦଲାଲ ମାନେ କହୁଥିବାର ଶଯ୍ୟାଶାୟୀ ଥିବା ଭିନ୍ନକ୍ଷମ ରୁପାଲି ଭୂୟାଁଙ୍କ ବାପା ତାରାଶଙ୍କର ଭୂୟାଁ ଅଭିଯୋଗ ଆଣିଛନ୍ତି। ଆରଟିଆଇରେ ଉତ୍ତର ନ ରଖିବା ଏବଂ ଭିନ୍ନକ୍ଷମଙ୍କୁ ସଠିକ ସମୟରେ ଅନଲାଇନ ପ୍ରମାଣପତ୍ର ନ ଦେବା ଅଫିସ କର୍ମଚାରୀଙ୍କ ଦୁର୍ନୀତିକୁ ଇଙ୍ଗିତ କରୁଛି ବୋଲି ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି। ଯଦି ଆଗକୁ ପ୍ରକୃତ ଭିନ୍ନକ୍ଷମଙ୍କୁ ଅନଲାଇନ ପ୍ରମାଣପତ୍ର ନମିଳେ, ତେବେ ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯିବା ସହିତ ଜିଲ୍ଲପାଳଙ୍କ ଅଫିସ ଆଗରେ ଧାରଣା ଦିଆଯିବ ବୋଲି ସଂଗଠନର ସମସ୍ତ ସଦସ୍ୟ ପ୍ରକାଶ କରିଛନ୍ତି।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଜଗତସିଂହପୁର, ୨୪।୭ (ସମିସ)**



ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍‌ଭାବନା ସଭାଗୃହରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ, ଜ୍ୟୋତିଶଙ୍କର ରାୟ ଦୁର୍ଘଟଣାର କାରଣ ଉପରେ ଗୁରୁତ୍ୱାରୋପ କରି ତା'ର ନିରାକରଣ ନିମନ୍ତେ ପଦକ୍ଷେପ ନେବାକୁ କହିଥିଲେ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ମଧ୍ୟ କହିଥିଲେ, ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଯେମିତି ସଠିକ୍ ସମୟରେ ସାହାଯ୍ୟ ଓ ସହାୟତା ପ୍ରଦାନ କରାଯିବ, ସେଥିପ୍ରତି ଦୃଷ୍ଟି ଦିଆଯାଉ। ନୂତନ ଭାବେ ପ୍ରଣିତ ହୋଇଥିବା 'ରାହ ବୀର' ଯୋଜନା ବିଷୟରେ ଶ୍ରୀ ରାୟ ଅବଗତ କରାଇଥିଲେ। ଏହି ଯୋଜନା ଅନୁଯାୟୀ ଯେଉଁମାନେ ଦୁର୍ଘଟଣାର ଶିକାର ହେଉଥିବା ଲୋକଙ୍କୁ ଗୋଲ୍ଡେନ ଆୱାର ଭିତରେ ଡାକ୍ତରଖାନା ପହଞ୍ଚାଇବେ, ସେମାନଙ୍କୁ ସରକାରଙ୍କ ପକ୍ଷରୁ ୨୫୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।

ଉକ୍ତ ବୈଠକରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା ରାସ୍ତା ମରାମତି, ଶିକ୍ଷା, ସଚେତନତା, ଆଇନ ଅମାନ ଅମାନ୍ୟକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦୁର୍ଘଟଣାର ମାତ୍ରା କମାଇପାରିବ ବୋଲି ମତ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ପାରାଦୀପ) ନିରଞ୍ଜନ ବେହେରା କହିଲେ, ଗତ ୨ ମାସ ମଧ୍ୟରେ ଏନଫୋର୍ସମେଣ୍ଟ ଫଳରେ ଦୁର୍ଘଟଣାର ମାତ୍ରା କମିଛି। ତେଣୁ ପୁଲିସ, ପ୍ରଶାସନ, ପରିବହନ ବିଭାଗ ଓ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟ ସମ୍ଭବ। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ମଧ୍ୟ ଦୁର୍ଘଟଣାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିବା ସହ ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ଅନୁଷ୍ଠାନ ପାଖରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦର୍ଶନ ପାଇଁ ଉପଦେଶ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ପାରାଦୀପ) ଯୋଗ ଦେଇଥିଲେ। ଜିଲ୍ଲାରେ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ୧୮ ବର୍ଷରୁ କମ୍ ବୟସ୍କ ପିଲାଙ୍କ ଗାଡ଼ି ଚଳାଇବା ଉପରେ କଟକଣା କରିବା, ଆଇଆରଏଡି ବା ଇଣ୍ଟିଗ୍ରେଟେଡ ରୋଡ ଆକ୍ସିଡେଣ୍ଟ ଡାଟାବେସ, ଇଲେକ୍ଟ୍ରୋନିକ ଡିଟେଲ ଆକ୍ସିଡେଣ୍ଟ ରିପୋର୍ଟର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରାଯାଇଥିଲା। ଗାଡ଼ି ଚାଳକଙ୍କୁ ସତର୍କ କରାଇବା ପାଇଁ ବସ୍ ଓ ଟ୍ରକ୍ ମାଲିକ ସଂଘଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଓ ସହରର ବୁଦ୍ଧିଜୀବୀ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଏହି ବୈଠକରେ କମିଟିର ସଦସ୍ୟ, ବସ ଓ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତିଙ୍କ ନାମରେ ଯୁବ ଛାତ୍ର କଂଗ୍ରେସ ପକ୍ଷରୁ ଏତଲା

**ଜଗତସିଂହପୁର, ୨୪।୭ (ସମିସ):** ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କ ନାମରେ ଜଗତସିଂହପୁର ଥାନାରେ ଏତଲା ଦେଇଛନ୍ତି ଜଗତସିଂହପୁର ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ କର୍ମକର୍ତ୍ତା। ଗତ ୨୧ ତାରିଖରେ ବିଜେପିର ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଶ୍ରୀ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ସର୍ବସମ୍ମୁଖରେ କଂଗ୍ରେସ ଦଳକୁ ବଳାତ୍କାରୀ ଦଳ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଦେଶଦ୍ରୋହୀ ବୋଲି ଆକ୍ଷେପ କରିଥିଲେ। ଏଭଳି ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ ଓ ଶ୍ରୀ ପଣ୍ଡା ଜାଣିଶୁଣି ଦଳ ଓ ଆମ ନେତାଙ୍କୁ ଅପମାନିତ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ଯୁବ ଓ ଛାତ୍ର କଂଗ୍ରେସ ନେତା। ଏଭଳି ଏକ କପୋଳକଳ୍ପିତ ଓ ମିଥ୍ୟା କଥାକୁ ସର୍ବସାଧାରଣରେ କହି ଲୋକଙ୍କୁ ଭ୍ରମିତ କରିବାକୁ ସେ ଅପଚେଷ୍ଟା କରୁଛନ୍ତି। ତାଙ୍କ ବିରୁଦ୍ଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯୁବ କଂଗ୍ରେସ କର୍ମୀ ଏତଲାରେ ଉଲ୍ଲେଖ କରିବା ସହ ଦାବି କରିଛନ୍ତି। ଏତଲା ଦେବା ସମୟରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପିସିସି ସଭ୍ୟ ଦେବପ୍ରସାଦ ନାୟକ (ଫେଲୁ), ଜଗତସିଂହପୁର ବିଧାନସଭା ଯୁବ କଂଗ୍ରେସ ସଭାପତି ସ୍ୱରୂପ କାନୁନଗୋ, ତିର୍ତ୍ତୋଲ ବିଧାନସଭା ଯୁବ କଂଗ୍ରେସ ସଭାପତି ସଫି ଆଜମ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ମୁକ୍ତାର ଅଲ୍ଲୀ, ସୁଭାଶିଷ ସ୍ୱାଇଁ, ସମରେନ୍ଦ୍ର ମହାପାତ୍ର, ବିଶ୍ୱଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ସାମାଜିକ ସମୀକ୍ଷା ୟୁନିଟ୍ ପକ୍ଷରୁ ସଚେତନତା

**ବାଲିକୁଦା, ୨୪।୭ (ସମିସ):** ବାଲିକୁଦା ବ୍ଲକର ଅଢ଼ଙ୍ଗା ପଞ୍ଚାୟତରେ ବାଲିକୁଦା ବ୍ଲକ ସାମାଜିକ ସମୀକ୍ଷା ୟୁନିଟ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ସାମାଜିକ ସମୀକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସମୀକ୍ଷାର ପ୍ରାରମ୍ଭିକ ପଞ୍ଚାୟତ ବୈଠକ ସରପଞ୍ଚ ସୁବ୍ରତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ଲକ ସାମାଜିକ ସମୀକ୍ଷକ ରମେଶ ଚନ୍ଦ୍ର ବହିରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଚିତ୍ରା ଦାସ, ଏଡିଇଓ ସରୋଜିନୀ ତ୍ରିପାଠୀ, ଭିଆରପି ତୃପ୍ତିମୟୀ ଦାଶ, ସ୍ମିତାରାଣୀ ମହାନ୍ତି, ବୀଣାପାଣି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ସାମାଜିକ ସମୀକ୍ଷାର ଉଦ୍ଦେଶ୍ୟ, ପ୍ରକ୍ରିୟା ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଆସନ୍ତା ଅଗଷ୍ଟ ୬ ତାରିଖରେ ଗ୍ରାମସଭା କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ତତ୍ପରେ ପ୍ଲାକାର୍ଡ, ବ୍ୟାନର ଓ ଲିଫ୍ଲେଟ୍ ମାଧ୍ୟମରେ ଜନସଚେତନତା ବାର୍ତ୍ତା ସହ ମିଳିତ ସ୍ଲୋଗାନ ଦେଇ ଗ୍ରାମ୍ୟ ଭ୍ରମଣ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ସରପଞ୍ଚ, ପିଇଓ, ଏଡିଇଓ, ବିଏସଏ, ଭିଆରପି, ୱାର୍ଡ ମେମ୍ବର, ଅଙ୍ଗନବାଡ଼ି କର୍ମୀ, ଡିଲର, ଏସଏଚଜି ମହିଳା, ଜବକାର୍ଡଧାରୀ, ରାସନ କାର୍ଡଧାରୀ ଓ ଜନସାଧାରଣ ଯୋଗ ଦେଇଥିଲେ।



## ହାଜି ଶେଖ୍ ସମିରୁଦ୍ଦିନ୍ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ତିର୍ତ୍ତୋଲ, ୨୪।୭ (ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କ୍ରିଷ୍ଣାନନ୍ଦପୁର ହାଜି ଶେଖ୍ ସମିରୁଦ୍ଦିନ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷ କଳା ବିଭାଗରେ ନାମ ଲେଖାଇଥିବା ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏ ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ପ୍ରତାପ ସେଠୀ ସଭାପତିତ୍ୱ କରିଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀଙ୍କ ଉପସ୍ଥିତିରେ ନବାଗତ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଶିକ୍ଷୟିତ୍ରୀ ଅନସୂୟା ସାହୁ ଅତିଥି ପରିଚୟ ଓ ନବାଗତ ଛାତ୍ରଛାତ୍ରୀ ନିଜର ପରିଚୟ ପ୍ରଦାନ କରିବା ସହ ଭବିଷ୍ୟତର ଲକ୍ଷ୍ୟ ବିଷୟରେ କହିଥିଲେ। ଇତିହାସ ବିଭାଗ ଅଧ୍ୟାପକ ସୁରେଶ ନାୟକ, ଅର୍ଥନୀତି ବିଭାଗ ଅଧ୍ୟାପିକା ରେଣୁକା ସ୍ୱାଇଁ, ଓଡ଼ିଆ ବିଭାଗ ଅଧ୍ୟାପକ ସୁକାନ୍ତ ମହାନ୍ତି, ସମାଜ ବିଜ୍ଞାନ ଅଧ୍ୟାପିକା ସୋନିକା ରାଉତରାୟ, ଇଂରାଜୀ ଅଧ୍ୟାପିକା କିରଣ ଦାସ, ରାଜନୀତି ବିଜ୍ଞାନ ଅଧ୍ୟାପକ ଜ୍ୟୋତି ପ୍ରକାଶ ଚଇନି ପ୍ରମୁଖ ନବାଗତ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ଗଠନ ଦିଗ ଓ ବିଦ୍ୟାଳୟର ଶୃଙ୍ଖଳା ନିର୍ଦ୍ଦେଶାବଳୀ ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରିୟଦର୍ଶିନୀ, ତାପସ ଷଡ଼ଙ୍ଗୀ, ନିହାର ନାୟକ, ଜିର୍ମିୟା ଶବର, ଆକାଶ ଶବର, ଅନୀତା ସାହୁ, ମିର୍ ମେହେଫୁଜ୍ ଅଲ୍ଲୀ, ଅତସୀ ସେଠୀ, ଏସ୍‌କେ ସଲମନ୍ କୌଶର, ଏସ୍‌କେ ତସୱାର ହୋସିନ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ଶେଖ୍ ଆବାସ୍‌ଉଦ୍ଦିନ୍ ଧନ୍ୟବାଦ ଅର୍ପଣ କରିଥିଲେ।



## ମା' ରାମଚଣ୍ଡି ୟୁଥ୍ କ୍ଲବ୍‌ର ନୂତନ ଗୃହ ଉଦ୍‌ଘାଟିତ

ପାରାଦୀପ, ୨୪।୭ (ସମିସ): ପାରାଦୀପଗଡ଼ ପଞ୍ଚାୟତ ଅଧୀନ ନିମିଡ଼ି ଗ୍ରାମର ଯୁବକ ମା' ରାମଚଣ୍ଡି ୟୁଥ୍ କ୍ଲବ୍ ନାମରେ ସାମାଜିକ ଯୁବ ସଂଗଠନ ଗଠନ କରି ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟ କରିଆସୁଛନ୍ତି। ଦୀର୍ଘବର୍ଷ ଧରି ଏକ ଘରେ ଯୁବକ ସଂଘ କାର୍ଯ୍ୟ ଚାଲୁଥିବାବେଳେ ଏହାର ନୂତନ ଗୃହ ନିର୍ମାଣ ପାଇଁ କ୍ଲବ୍‌ର କର୍ମକର୍ତ୍ତା ସରପଞ୍ଚଙ୍କୁ ଅନୁରୋଧ କରିଥଲେ। ସରପଞ୍ଚ ଯୁବକ ସଂଘ ନିର୍ମାଣ ପାଇଁ ୪ ଲକ୍ଷ ୫୦ ହଜାର ଟଙ୍କା ଓ କ୍ଲବ୍ ପରିସରରେ ଶୌଚାଳୟ ନିର୍ମାଣ ପାଇଁ ୯୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଯୁବକ ସଂଘ ଗୃହ କାମ ଶେଷ ହେବା ପରେ ବୁଧବାର ଏହାକୁ ଉଦ୍‌ଘାଟନ କରାଯାଇଛି। ମୁଖ୍ୟଅତିଥି ଭାବେ ପାରାଦୀପଗଡ଼ ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ କ୍ଲବ୍ ଗୃହର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ଲକ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ, ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା ଓ ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବଦୁର୍ଲ୍ଲଭ କର, ଚନ୍ଦ୍ରଶେଖର ଚୌଧୁରୀ, ଅଲେଖ ମହାରଥା, କ୍ଲବ୍ ସଭାପତି ଭାସ୍କର ସାହୁ, ଜୟନ୍ତ ସେନାପତି, ମନୋଜ ରାଉତ, ମହେଶ ରାଉତ, ରମେଶ ବେହେରା, ରାଜେଶ ସାହୁ, କ୍ଲବ୍ ସମ୍ପାଦକ ଚିଣ୍ଟୁନା ରାଉତ, ଉପସଭାପତି ଅଭିଷେକ ଦାସ, ସହସମ୍ପାଦକ ଧନେଶ୍ୱର ସାହୁ, ମନୋଜ ସ୍ୱାଇଁ, ସରୋଜ ସ୍ୱାଇଁ, ଆଲୋକ ପ୍ରଧାନ, ବିକ୍ରମ ସାହୁ, ତ୍ରିଲୋଚନ ବାରିକ, ବାବୁଲି ନାୟକ, ସରୋଜ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ତମ ସେବା ପାଇଁ ପାରାଦୀପ ଲକ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ଓ ଶ୍ରେଷ୍ଠ ସରପଞ୍ଚ ଭାବେ ସସ୍ମିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ରାହୁଲ ଗାନ୍ଧୀ ଓ ଭକ୍ତ ଦାସଙ୍କ କୁଶପୁତ୍ତଳିକା ଦାହ

**ଜଗତସିଂହପୁର, ୨୪।୭ (ସମିସ):** ଜଗତସିଂହପୁର ସହରର ଥାନା ଛକରେ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ସୁଧୀର ମଲ୍ଲିକଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ବିରୋଧରେ ମିଛ ପ୍ରଚାର ପ୍ରତିବାଦରେ, ଯୁବ କଂଗ୍ରେସ ସଭାପତି ଉଦୀତ ପ୍ରଧାନ, ରାହୁଲ ଗାନ୍ଧୀ ଓ ରାଜ୍ୟ ସଭାପତି ଭକ୍ତ ଦାସଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ରାଜ୍ୟର ଏହି ଘଡିସନ୍ଧି ମୁହୂର୍ତ୍ତରେ କଂଗ୍ରେସର ଏଭଳି ହୀନ ରାଜନୀତିକୁ ଯୁବ ମୋର୍ଚ୍ଚା ନିନ୍ଦା କରିବା ସହ ପିସିସି ସଭାପତିଙ୍କ ଇସ୍ତଫା ଦାବି କରିଛି। ଏଥିରେ ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲ୍ଲା ଉପସଭାପତି ସୌଭାଗ୍ୟ ମହାନ୍ତି, ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ତଥା ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ଜିଲ୍ଲା ମିଡ଼ିଆ ସେଲ୍‌ଫ ଅଧ୍ୟକ୍ଷ ଗଣେଶ ମହାନ୍ତି, ଶିଶିର ପାତ୍ର, ଚିତ୍ତରଞ୍ଜନ ପଣ୍ଡା, ଆଦିତ୍ୟ ମହାନ୍ତି, ଅମରଜିତ ନାୟକ, ମିର୍ଜା ସିଦ୍ଧିକ, ରୁଦ୍ରନାରାୟଣ ଦାସ, ଅମୀୟ ବେହେରା, ଜ୍ଞାନ ପରିଡ଼ା, ସୌମରଞ୍ଜନ ଓଝା, ରାଜନାରାୟଣ ସାହୁ ପ୍ରମୁଖ ସାମିଲ ଥିଲେ।

## ଶ୍ରୀବଳଦେବଜୀଉ ସେବା ସଂଗଠନ ଗଠିତ

**କେନ୍ଦ୍ରାପଡ଼ା, ୨୪।୭ (ସମିସ):** ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ନ୍ୟାୟକ୍ଷେତ୍ରରେ ଅବହେଳିତ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ଶ୍ରୀବଳଦେବଜୀଉ ସେବା ଓ ସାମାଜିକ ନ୍ୟାୟ ସଂଗଠନ ଗଠିତ ହୋଇଛି। ଗୋପ ଛକସ୍ଥ ଲୋହିତ ପ୍ୟାଲେସରେ ସଂଗଠନ ସଭାପତି ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଞ୍ଜୟ କୁମାର ଲେଙ୍କା ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଫୋରମ ଗଠିତ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି ପ୍ରଫୁଲ୍ଲ କୁମାର ଦାସ, ବରିଷ୍ଠ ନେତା ଗଙ୍ଗାଧର ପରିଡ଼ା, ଯୁବନେତା ମିହିର କୁମାର ସାମଲ, ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଯୁବ ସମାଜସେବୀ ବିବେକାନନ୍ଦ ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାକାଳପଡ଼ା ଓ ମାର୍ଶାଘାଇ ଅଞ୍ଚଳର ଶତାଧିକ ଯୁବକ ଯୋଗ ଦେଇଥିଲେ। ଆୟତପୁର ସରପଞ୍ଚଙ୍କ ପ୍ରତିନିଧି ଆଶୁତୋଷ ପାତ୍ର, ଅନ୍ତେଇ ସରପଞ୍ଚ ସଞ୍ଜୟ କୁମାର ସେଠୀ, ସମିତି ସଭ୍ୟ ଅଜୟ କୁମାର ଜେନା, ହିନ୍ଦୁଳିଆ ସରପଞ୍ଚ ମନୋଜ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ବିମଳେନ୍ଦୁ ପ୍ରକାଶ ସ୍ୱାଇଁ, ପ୍ରଦୀପ୍ତ ପ୍ରଧାନ, ନଳିନୀକାନ୍ତ ସେନାପତି, ଅରବିନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ମଦ ଜବତ, ଦୁଇ ଗିରଫ

**ନାଉଗାଁ, ୨୪।୭ (ସମିସ):** ନାଉଗାଁ ସାଧୁଗୋସ୍ୱାମୀ ନିକଟରୁ ବିପୁଳ ପରିମାଣର ଚୋରା ବିଦେଶୀ ମଦ ଜବତ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ନାଉଗାଁ ଥାନା ପୁଲିସ। ଗତକାଲି ବିଳମ୍ବିତ ରାତିରେ ନାଉଗାଁ ପୁଲିସର ଗୋଟିଏ ଟିମ ଏଏସଆଇ ସଜିତ ହୁସିଆନ ଖାନଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିବା ସମୟରେ ନାଉଗାଁ-ଶିଖର ମୁଖ୍ୟ ରାସ୍ତାର ସାଧୁଗୋସ୍ୱାମୀ ନିକଟ ଦେଇ ଏକ ସ୍କୁଟିରେ ଚୋରର ବିଦେଶୀ ମଦ ଯାଉଥିବା ସମୟରେ ଚଢ଼ଉ କରି ସମ୍ପୃକ୍ତ ଦୁଇ ଅଭିଯୁକ୍ତ ନାଉଗାଁ ଗ୍ରାମର ଉପେନ୍ଦ୍ର ଭୋଇଙ୍କ ପୁଅ କାବୁଲି ଭୋଇ ଓ ବାଲିକୁଦା ଥାନା ଅଞ୍ଚଳର ଶ୍ରୀଙ୍ଗାରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପୁଅ ଦିପୁ ବେହେରାକୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୧୩ ଲିଟରରୁ ଅଧିକ ଚୋରା ବିଦେଶୀ ମଦ ଓ ଏହି କାରବାରରେ ବ୍ୟବହୃତ ହେଇଥିବା ସ୍କୁଟିକୁ ଜବତ କରିଥିଲା। ଏ ନେଇ ନାଉଗାଁ ପୁଲିସ ଅବକାରୀ ଆଇନ ବଳରେ ୨୦୭/୨୫ରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଅଳକା କଲେଜ +୨ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ




**ବିରିଡ଼ି, ୨୪।୭ (ସମିସ):** ସ୍ଥାନୀୟ ଅଳକା କଲେଜ +୨ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗୁରୁବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ +୨କଳା ବିଭାଗର ଛାତ୍ରଛାତ୍ରୀଙ୍କ ପାଇଁ ଅନୁଷ୍ଠିତ ପ୍ରବେଶ ଉତ୍ସବରେ ଅଧ୍ୟକ୍ଷା ଡଃ ମଞ୍ଜୁଲତା ଦାଶ ଅଧ୍ୟକ୍ଷତା କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ପ୍ରବେଶ ଉତ୍ସବ ସଭାରେ +୨ ଅଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ପ୍ରାଧ୍ୟାପକ ଦୀପଙ୍କର ଜେନା, ଅଧ୍ୟାପକ ଡଃ ଜ୍ୟୋତିପ୍ରକାଶ ସାମନ୍ତରାୟ, ଅଧ୍ୟାପକ ପରୀକ୍ଷିତ ମଲ୍ଲିକ, ଅଶୋକ ଲେଙ୍କା, ଅଧ୍ୟାପିକା ସନ୍ଧ୍ୟାରାଣୀ ନାୟକ, ଶରତ ମହାରଣା, ବୈଷ୍ଣବ ସାହୁ, ପ୍ରଦୀପ୍ତ ଲେଙ୍କା, ପ୍ରିୟଙ୍କା ରାଉତ ପ୍ରମୁଖ ଉପସ୍ଥିତ ରହି ନବାଗତ ପିଲାଙ୍କୁ ସ୍ୱାଗତ ଜଣାଇବା ସହ ସରକାରଙ୍କ ନୀତି ନିୟମକୁ କିପରି ପାଳନ କରିବେ ଓ ନିଜକୁ ଶୃଙ୍ଖଳିତ ଓ ସୁନାଗରିକ ଭାବେ ଗଢ଼ିତୋଳିବାକୁ ପିଲାଙ୍କୁ ମାର୍ଗଦର୍ଶନ କରାଇଥିଲେ।

## ଭି-ଗାର୍ଡ ପକ୍ଷରୁ ଇଲେକ୍ଟ୍ରିସିଆନଙ୍କୁ ତାଲିମ

**କୁଜଙ୍ଗ, ୨୪।୭ (ସମିସ):** କୁଜଙ୍ଗ ବ୍ଲକ ପଙ୍କପାଳସ୍ଥ ଚୌଧୁରୀ ଡେଷ୍ଟିନେଶନରେ କୁଜଙ୍ଗ, ପାରାଦୀପ, ତିର୍ତ୍ତୋଲ ଓ ରାହାମା, ଉପକୂଳ ଅଞ୍ଚଳ ଓ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଇଲେକ୍ଟ୍ରିସିଆନଙ୍କୁ ତାଲିମ ପ୍ରଦାନ କରାଯାଇଛି। ପଙ୍କପାଳ ଓମ୍ ଇଲେକ୍ଟ୍ରିକାଲ ପ୍ରମୁଖ ରଶ୍ମିରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଭିଗାର୍ଡର ବିଭିନ୍ନ ଉତ୍ପାଦନ ସାମଗ୍ରୀର ଆଲୋଚନା କରିବା ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମୋଡୁଲାର ସୁଇଚ୍ ପ୍ରମୁଖ ଅଧିକାରୀ ସୁକାନ୍ତ ଦତ୍ତ, ଦୀପ୍ତିରଞ୍ଜନ ପତି, ବିଶ୍ୱରଞ୍ଜନ ସାହୁ, ପିଭିସି ରୋଧିତାର ଅଧିକାରୀ ଶୁଭଜିତ ମହାନ୍ତି, ସନ୍ତୋଷ ପଟ୍ଟନାୟକ, ସାଇରାମ ଜେନା, ପାଣି ପମ୍ପର ଅଧିକାରୀ ଅବିନାଶ ରାଉତ, ପଙ୍ଖା ଉତ୍ପାଦନ ଅଧିକାରୀ ସୁବ୍ରତ ମହାନ୍ତି, ସୁଇଚ୍ ଗିଅର୍ ଅଧିକାରୀ ସତ୍ୟରଞ୍ଜନ ବେହେରା ପ୍ରମୁଖ ଅତିଥି ରୂପେ ଯୋଗଦେଇ ଶତାଧିକ ଇଲେକ୍ଟ୍ରିସିଆନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବଳଦେବ ମହାପାତ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ପଙ୍କପାଳର ବରିଷ୍ଠ ବ୍ୟବସାୟୀ ଶିବଚରଣ ପାତ୍ର ଧନ୍ୟବାଦ ଦେଇଥିଲେ।

## ବ୍ୟାଙ୍କ ସମ୍ମୁଖରୁ ଚୋରି ସ୍କୁଟି ଉଦ୍ଧାର; ଜଣେ ଗିରଫ

ପାରାଦୀପ, ୨୪।୭ (ସମିସ): ଗତକାଲି ଅପରାହ୍ନରେ ବଡପଡ଼ିଆ ନିକଟ ବ୍ୟାଙ୍କ ଲାଇନର ୟୁନିଅନ ବ୍ୟାଙ୍କ ସମ୍ମୁଖରେ ଥିବା ଏକ ସ୍କୁଟିକୁ କେହି ଜଣେ ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ ବ୍ୟାଙ୍କର କର୍ମଚାରୀ ଉପେନ୍ଦ୍ର ବିଶ୍ୱାଳ ପାରାଦୀପ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ପୁଲିସ ଦୁର୍ବୃତ୍ତକୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିବାବେଳେ ବ୍ୟାଙ୍କ ସିଟିଟିଭିରେ କଏଦ ହୋଇଥିବା ଲକଥାନା ଅଞ୍ଚଳର ଜଣେ ଯୁବକକୁ ଥାନାକୁ ଆଣି ପଚରାଉଚରା ସମୟରେ ସେ ସ୍କୁଟି ଚୋରି କରିଥିବା ସ୍ୱୀକାର କରିଥିଲା। ତା'ର ନାଁ ସଞ୍ଜୟ ସାହୁ ହୋଇଥିବାବେଳେ ସେ ଜଗତସିଂହପୁର ଥାନା ଅଧୀନ କେନ୍ଦାଳ ଗ୍ରାମର ହରେକୃଷ୍ଣ ସାହୁଙ୍କ ପୁଅ ବୋଲି ଜଣାପଡ଼ିଛି।

## ସୌମ୍ୟାଶ୍ରୀଙ୍କୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି



**ଜଗତସିଂହପୁର, ୨୪।୭ (ସମିସ):** ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଓ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଏକ ମିନିଟ୍ ନିରବ ପ୍ରାର୍ଥନା ଓ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ନଗର କଂଗ୍ରେସ ସଭାପତି ଅଭୟ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀନାରାୟଣ ସାମନ୍ତରାୟ, ସର୍ବେଶ୍ୱର ପଣ୍ଡା, ପ୍ରସନ୍ନ ସାମନ୍ତରାୟ, ସରପଞ୍ଚ ପ୍ରମୋଦ ସାହୁ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ, ଯୁବ ନେତା ମନୋଜ କୁମାର ମହାପାତ୍ର, ଯୁବ ନେତା ସତ୍ୟବ୍ରତ ଦାସ, ଛାତ୍ର ନେତା କୃଷ୍ଣଚନ୍ଦ୍ର ପ୍ରଧାନ, ସୌମ୍ୟରଞ୍ଜନ ମହାନ୍ତି, ଜ୍ଞାନରଞ୍ଜନ ଜେନା, ସନ୍ଦୀପ ସ୍ୱାଇଁ, ଶଙ୍କରେଶ୍ୱର ଦାସ, ସ୍ୱରୂପ କାନୁନଗୋ, ସୟଦ ହେଦାୟତ ଅଲ୍ଲୀ, ଅବନୀକାନ୍ତ ମହାରଣା, ଜ୍ଞାନରଞ୍ଜନ ପୃଷ୍ଟି, ରବି ଆର୍ଚାଯ୍ୟ, ବିଭୂତି ଭୂଷଣ ଲେଙ୍କା, ବାବୁଲି ମାହାର, ଲକ୍ଷ୍ମୀଧର ମଲ୍ଲିକ, ମାନସ ମହାନ୍ତି, ସ୍ମୃତିରଞ୍ଜନ ମହାନ୍ତି, ଅଜୟ ମହାପାତ୍ର ଓ ଦୀପକ ପାଲ ପ୍ରମୁଖ ଯୋଗଦେଇ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେହିପରି ଜିଲ୍ଲା କଂଗ୍ରେସ କମିଟିର ଆହ୍ୱାନକ୍ରମେ ଜଗତସିଂହପୁର ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀ, ବ୍ଲକ ଓ ପୌରାଞ୍ଚଳରେ ସୌମ୍ୟାଶ୍ରୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଯୁବକଙ୍କ ଗଳା କାଟିବା ଘଟଣାରେ ଯୁବତୀ ଗିରଫ

**କେନ୍ଦ୍ରାପଡ଼ା, ୨୪।୭ (ସମିସ)**



ଜାତୀୟ ରାଜପଥରେ ଯୁବକଙ୍କ ଗଳାକାଟି ଫିଙ୍ଗିଦେବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଜଣେ ଯୁବତୀଙ୍କୁ ସଦର ଥାନା ପୁଲିସ ଗିରଫ କରିଛି। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ହଜାରୀ ଛକରେ ସତ୍ୟଜିତ ଷଡ଼ଙ୍ଗୀଙ୍କ ଗଳାକଟା ଘଟଣାରେ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ ଗିରଫ ହୋଇଛନ୍ତି। ଲକ୍ଷ୍ମୀପ୍ରିୟାଙ୍କୁ ପୁଲିସ ତାଙ୍କ ଘର ଜଗତସିଂହପୁର ତିର୍ତ୍ତୋଲ ଅଞ୍ଚଳର ଅଡାପଟି ଗାଁରୁ ଗିରଫ କରିଛି। ଏ ନେଇ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପୁଲିସର ସୂଚନା ମୁତାବକ, ଅଭିଯୁକ୍ତ ଲକ୍ଷ୍ମୀପ୍ରିୟା ପୀଡ଼ିତ ସତ୍ୟଜିତ ଷଡଙ୍ଗୀଙ୍କ ସମ୍ପର୍କୀୟ ଶାଳୀ। ସତ୍ୟଜିତଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଲକ୍ଷ୍ମୀପ୍ରିୟାଙ୍କ ନିକଟତର ହେବାକୁ ଚେଷ୍ଟା କରିଥିଲେ। ଲକ୍ଷ୍ମୀପ୍ରିୟା କାଳିଆପାଣିର ଏକ ଘରୋଇ ସଂସ୍ଥାରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରନ୍ତି। ସେଠାରେ ତାଙ୍କର ଜଣେ ପୁରୁଷ ସହକର୍ମୀଙ୍କ ସହ ସମ୍ପର୍କ ଥିବା ସନ୍ଦେହ କରି ସତ୍ୟଜିତ ଲକ୍ଷ୍ମୀପ୍ରିୟାଙ୍କୁ ବାରମ୍ବାର ଗାଳି କରୁଥିଲେ। ଏଥିରେ ବିରକ୍ତ ହୋଇ ଲକ୍ଷ୍ମୀପ୍ରିୟା ଜୁଲାଇ ୨୨ ତାରିଖରେ ସତ୍ୟଜିତଙ୍କୁ ବୁଲିଯିବା ପାଇଁ ଡାକି ଏକ ସ୍କୁଟି ଯୋଗେ କେନ୍ଦ୍ରାପଡ଼ା ଚାଲି ଆସିଥିଲେ। ୫୩ ନମ୍ବର ଜାତୀୟ ରାଜପଥର ହଜାରୀ ଛକରେ ସ୍କୁଟି ଅଟକାଇ ରାସ୍ତା କଡକୁ ଡାକି ନେଇ ଏକ ଧାରୁଆ ଛୁରୀରେ ସତ୍ୟଜିତଙ୍କ ଗଳାକାଟି ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ସତ୍ୟଜିତ ରାସ୍ତା କଡ଼ରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଥିଲେ। ସ୍ଥାନୀୟ ଯୁବକ ସୂର୍ଯ୍ୟ ପ୍ରକାଶ ପାଣି ବାଟରେ ଯିବା ସମୟରେ ସତ୍ୟଜିତଙ୍କୁ ମୁମୂର୍ଷ ଅବସ୍ଥାରେ ପଡ଼ିଥିବାର ଦେଖିଥିଲେ। ସଙ୍ଗେ ସଙ୍ଗେ ମାର୍ଶାଘାଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ସତ୍ୟଜିତକୁ କେନ୍ଦ୍ରାପଡ଼ା ମେଡିକାଲ ନେଇଥିଲେ। ସତ୍ୟଜିତଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ବର୍ତ୍ତମାନ କଟକ ମେଡିକାଲରେ ସତ୍ୟଜିତଙ୍କ ଅବସ୍ଥା ସ୍ଥିର ଥିବା ଏସପି ସୂଚନା ଦେଇଛନ୍ତି। ଘଟଣାର ୨୪ ଘଣ୍ଟା ଭିତରେ ଜଗତସିଂହପୁର ଜିଲ୍ଲାରୁ ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମୀପ୍ରିୟାଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ପୁଲିସ ଲକ୍ଷ୍ମୀପ୍ରିୟାଠାରୁ ଦୁଇଟି ମୋବାଇଲ ଫୋନ, କିଛି ଟଙ୍କା ଓ ଏକ ରକ୍ତ ଭିଜା ଟିସାର୍ଟ ଜବତ କରିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏହି ଘଟଣାରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଏସପି ସିଦ୍ଧାର୍ଥ କାଟାରିଆ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

## କଂଗ୍ରେସ ପକ୍ଷରୁ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି



ସାଲେପୁର,୨୪।୭(ସମିସ): ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନକ୍ରମେ ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହରେ ଆଜି ସାଲେପୁର ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ନେତା ଆକ୍ୟୁବ୍ ଖାଁଙ୍କ ନେତୃତ୍ୱରେ ମା'ସାହେଶ୍ୱରୀଙ୍କ ପୀଠରେ ସାମୁହିକ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସରକାରଙ୍କ ଅବହେଳା କାରଣରୁ ନିର୍ଯାତନାର ଶିକାର ହୋଇଥିବା ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା କରିଥିଲେ। ଏଥିପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ ବୋଲି କଂଗ୍ରେସ ନେତା ଆକ୍ୟୁବ୍ ଖାଁ ଅଭିଯୋଗ କରିଛନ୍ତି। ଏହି ଅବସରରେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶତାଧିକ ମହିଳା ଓ ପୁରୁଷ କଂଗ୍ରେସ କର୍ମୀ ଦୀପଦାନ କରିବା ସହ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସରୋଜ କର, ସେକ୍ ପୀର ବକ୍ସ, ସୁଦାମ ବାରିକ, ଟାଙ୍ଗୀ ବ୍ଲକ୍ କଂଗ୍ରେସ ସଭାପତି ଆଶୁତୋଷ ବରାଳ, ସଫିଉଲ ଆଲମ, ବିସ୍ମୟ ରଞ୍ଜନ ଭୂୟାଁ, ପ୍ରଦୀପ୍ତ ପରିଡ଼ା, ହରେକୃଷ୍ଣ ବେହେରା, ବୁଢ଼ା ରାଉତଙ୍କ ସମେତ ବହୁ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

■ ସଇନ୍ଧା-ନଚ୍ଛିପୁର ଆଞ୍ଚଳିକ ଶାନ୍ତି କମିଟି ଗଠନ

## ପ୍ରଦୀପ ସଭାପତି, ସଞ୍ଜୟ ସଂପାଦକ



ଫୁଲନଖରା,୨୪।୭(ସମିସ): କଟକ ସଦର ଥାନା ଅନ୍ତର୍ଗତ ସଇନ୍ଧା-ନଚ୍ଛିପୁର ଅଞ୍ଚଳର ଗଜଲକ୍ଷ୍ମୀ ପୂଜାକୁ ଶୃଙ୍ଖଳିତ କରିବା ନିମନ୍ତେ ଦୀର୍ଘ ୨୭ବର୍ଷ ଧରି ଆଞ୍ଚଳିକ ଶାନ୍ତି କମିଟି କାର୍ଯ୍ୟକରି ଆସୁଛି। ପ୍ରତି ଦୁଇ ବର୍ଷରେ ଥରେ ଉକ୍ତ ଶାନ୍ତି କମିଟିର କର୍ମକର୍ତ୍ତା ନିର୍ବାଚିତ ହେଉଥିବା ବେଳେ ଚଳିତବର୍ଷ ସଭାପତି ଭାବରେ ପ୍ରଦୀପ ଦାସ, ଉପସଭାପତି ପ୍ରମୋଦ ସାହୁ, ସଂପାଦକ ସଞ୍ଜୟ ମୁଦୁଲି, ସହସଂପାଦକ ବିଭୂତି ଭୂଷଣ ତରାଇ ଓ କୋଷାଧ୍ୟକ୍ଷ ଭାବରେ ଭାବଗ୍ରାହୀ ସାହୁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସନ୍ତୋଷ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶାନ୍ତି କମିଟିର ପୂର୍ବତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ସମସ୍ତ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟିର ସଂପାଦକ ସୁରେନ୍ଦ୍ର ମହାପାତ୍ର ଅତିଥି ଭାବରେ ପୂଜା ଆୟୋଜନ ପାଇଁ ୧୧ଟି ଗଜଲକ୍ଷ୍ମୀ ପୂଜା ମଣ୍ଡପର କର୍ମକର୍ତ୍ତାଙ୍କ ସହଯୋଗ ଲୋଡ଼ିଥିଲେ। ପୂଜା ମଣ୍ଡପ ଗୁଡିକର କର୍ମକର୍ତ୍ତାମାନେ ସେମାନଙ୍କର ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମସ୍ତ ପୂଜା କମିଟିର ସଭାପତି ଓ ସଂପାଦକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ମହେନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

## ଟ୍ରାନ୍ସଫର୍ମର ଚୋରି କଲେ ଦୁର୍ବୃତ୍ତ



ନେମାଳ,୨୪।୭(ସମିସ): ନେମାଳ ଥାନା ଅନ୍ତର୍ଗତ ନଗସପୁର ଗ୍ରାମର ଦୁଇ ନମ୍ବର ୱାର୍ଡ ପୀରସାହିରେ ବସିଥିବା ୨୫ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରକୁ କେହି ଦୁର୍ବୃତ୍ତ ଗତକାଲି ରାତିରେ ଭାଙ୍ଗୀ ନେଇଯାଇଛନ୍ତି। ଚୋରମାନେ ଚୋରି କରିବା ସମୟରେ ଲୁଙ୍ଗି ଓ ଆସବାବପତ୍ରକୁ ଘଟଣାସ୍ଥଳରେ ଛାଡି ଯାଇଛନ୍ତି। ଏ ସମ୍ବନ୍ଧରେ ନେମାଳ ଥାନା ଓ ଓରିକଣ୍ଟା ସେକ୍ସନ ଅଫିସରେ ଅଭିଯୋଗ କରାଯାଇଥିବା ବେଳେ ଟ୍ରାନ୍ସଫର୍ମର ଚୋରି ହୋଇଯାଇଥିବାରୁ ଗତକାଲି ରାତିରୁ ୧୬ ପରିବାର ଅନ୍ଧାରରେ ରହିଛନ୍ତି।

## ସ୍ୱାସ୍ଥ୍ୟ ସଚେତନତା ଶିବିର



ନରସିଂହପୁର, ୨୪।୭(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କମଳାଡିହ ମା'ଭୁବନେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର କମଳାଡିହ ହିଲ୍ ଭ୍ୟୁ ରିସୋର୍ଟ ପରିସରରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ସଞ୍ଜୟ ଡ଼ାଳୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଦସ୍ୟଙ୍କ ପ୍ରତିନିଧି ଜୟକୃଷ୍ଣ ବିଶ୍ୱାଳ, ସରପଞ୍ଚ ଶରତ ଚନ୍ଦ୍ର ଖଟୁଆ, ସମ୍ପାଦକ ବୈକୁଣ୍ଠ ନାଥ ସାହୁ, ବରିଷ୍ଠ ଉପଦେଷ୍ଟା ଲଳିତ ଡ଼ାଳୁଆ, ଗଙ୍ଗାଧର ଡ଼ାଳୁଆ, ନିରଞ୍ଜନ ମିଶ୍ର, ଶ୍ରୀନିବାସ ବେହେରା, କିଶୋରଚନ୍ଦ୍ର ଶତପଥୀ, ଯୁଧିଷ୍ଠିର ନାୟକ, ପୀତବାସ ସାହୁଙ୍କ ସହିତ ସମସ୍ତ ସଦସ୍ୟ ଯୋଗଦେଇଥିଲେ। ଡାକ୍ତର ଶୁଭମ ଜେନା ବରିଷ୍ଠ ନାଗରିକ କିପରି ଶରୀରର ଯତ୍ନ ନେବେ ବିସ୍ତୃତ ଭାବରେ ବୁଝାଇଥିଲେ। ଲଳିତ ଡ଼ାଳୁଆ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବୈକୁଣ୍ଠନାଥ ସାହୁ ଧନ୍ୟବାଦ ଦେଇଥିଲେ।

### ବର୍ଷା ନାହିଁ କି କେନାଲରେ ପାଣି ନାହିଁ; ଫାଟିଲାଣି ତଳିଘେରା

# ଚାଷ କାର୍ଯ୍ୟ ବିଳମ୍ବ; ତେଜୁଛି ଅସନ୍ତୋଷ



ନିଶ୍ଚିନ୍ତକୋଇଲି,୨୪।୭(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଚଳିତ ଖରିଫ ଧାନ ଚାଷ କାର୍ଯ୍ୟରେ ଅହେତୁକ ବିଳମ୍ବ ହୋଇଛି। କିଛି ଦିନ ହେବ ଅଳ୍ପ ଧରଣର ବର୍ଷା ହୋଇଥିବାରୁ ସେଥିରେ ଖାଲୁଆ ଚାଷ ଜମିରେ ଚାଷୀମାନେ ଧାନ ରୁଆ ପୋତା କାର୍ଯ୍ୟ ଆରମ୍ଭ କରିଥିଲେ। ଜଳସେଚନ ବିଭାଗ ପକ୍ଷରୁ ସଠିକ୍ ସମୟରେ କେନାଲରେ ପାଣି ଛଡ଼ା ନ ଯିବା ଏବଂ ବର୍ଷାର୍ ନ ହେବାରୁ ଏବେ ରୁଆ ଯାଇଥିବା ଧାନ କ୍ଷେତ ଶୁଖି ଯାଇଥିଲା ବେଳେ ପକାଯାଇଥିବା ତଳିଘେରା ପାଣି ଅଭାବରୁ ଫାଟି ଆଁ କରିଥିବା ଦେଖାଯାଇଛି। ପାଣି ଅଭାବରୁ ଚାଷୀମାନେ ସେମାନଙ୍କର ଚାଷ ଜମିଗୁଡ଼ିକୁ ହଳ କରିପାରୁ ନ ଥିବା ବେଳେ ବର୍ଷା ଉପରେ ନିର୍ଭର କରି ଯେଉଁ କ୍ଷେତଗୁଡ଼ିକୁ ହଳ କରିଥିଲେ ସେଗୁଡ଼ିକ ମଧ୍ୟ ଶୁଖିଗଲାଣି। କେନାଲରେ ପାଣି ନ ଆସିବାରୁ ବହୁ ଚାଷୀ ମଟର ଲଗାଇ ପାଣି ବୋହି ତଳିଘେରା ପ୍ରସ୍ତୁତ କରି ଧାନ ତଳି ପକାଇଥିବା ବେଳେ ଏବେ ତଳିଗୁଡ଼ିକ ଖରାରେ ଶୁଖିବାକୁ ଲାଗିଲାଣି। ବହୁ ଚାଷୀ ପାଣି ଅଭାବରୁ ଏ ପର୍ଯ୍ୟନ୍ତ ତଳି ପକାଇ ପାରି ନ ଥିବା ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ଚାଷୀମାନେ ସେମାନଙ୍କର ଧାନ ଚାଷ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରି ନ ଥିବାରୁ ପ୍ରବଳ ଅସନ୍ତୋଷ ପ୍ରକଟ କରିଛନ୍ତି। ବର୍ତ୍ତମାନ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧୀନରେ ଥିବା ବିଭିନ୍ନ କେନାଲ, ଶାଖା କେନାଲ ଓ ଉପଶାଖା କେନାଲ ଗୁଡ଼ିକରେ କଂକ୍ରିଟ୍ ଲାଇନିଂ କାର୍ଯ୍ୟ ଚାଲିଛି। ଠିକାଦାରଙ୍କ ସୁବିଧା ପାଇଁ ଜଳସେଚନ ବିଭାଗ ପକ୍ଷରୁ କେନାଲରେ ପାଣି ଛଡ଼ା ଯାଉ ନ ଥିବା ବେଳେ ପାଣି ନ ପାଇ ଚାଷୀମାନେ ଧାନ ଚାଷ କାର୍ଯ୍ୟ କରିବା ପାଇଁ ବହୁ ହୀନସ୍ଥା ହେଉଛନ୍ତି। ଅପରପକ୍ଷରେ ୮-ଏ କେନାଲ ବନ୍ଧକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ରାସ୍ତା ଓସାରିଆ କରିବା ପାଇଁ କେନାଲରେ ଗାଡର୍ ୱାଲ କାର୍ଯ୍ୟ ଚାଲିଥିବା ବେଳେ ସେଥିରେ ମଧ୍ୟ ପାଣି ଆସୁନାହିଁ। ଗତ ୪ ଦିନ ହେବ କେନ୍ଦ୍ରାପଡ଼ା ମୁଖ୍ୟ କେନାଲରେ ପାଣି ଛଡ଼ାଯାଇଥିଲା ବେଳେ ସେଥିରୁ ବାହାରିଥିବା ୭ନଂ, ୮ନଂ, ୯ନଂ ଆଦି କେନାଲ ଓ ଏହାର ଶାଖା ଓ ଉପଶାଖା କେନାଲ ଗୁଡ଼ିକରେ ପାଣି ଛଡ଼ାଯାଉ ନ ଥିବାରୁ ଚାଷ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଛି। ଫଳରେ କୋଳଣପୁର, କେନ୍ଦୁପାଟଣ, ଜିଗ୍ନୀପୁର, ବରାଦୋ, ଜୟରାମପୁର, ଫଗୋଳ, ରାମକୃଷ୍ଣପୁର, ନତକାଇ, ବଡ଼କ୍ଷୀର, ନିଶ୍ଚିନ୍ତକୋଇଲି, ବୁହାଳୋ, ସରପଡ଼ା, ବାଲିଆପଦା, ସୁକରପଡ଼ା, କଟିକଟା, କେଣ୍ଡାଳୋ, ଅସୁରେଶ୍ୱର ଆଦି ପଞ୍ଚାୟତ ସମେତ ଲୁଣା ଚିତ୍ରୋତ୍ପଳା ଅଞ୍ଚଳ ବହୁ ପଞ୍ଚାୟତରେ ଚାଷ କାର୍ଯ୍ୟ ହୋଇପାରୁ ନାହିଁ। ଏହାଛଡ଼ା କଂକ୍ରିଟ ଲାଇନିଂ କରାଯାଉଥିବା କେନାଲ ଗୁଡ଼ିକରେ ଥିବା ଶୋଠଗୁଡ଼ିକୁ ବନ୍ଦ କରାଯାଇଥିବାରୁ ଚଳିତବର୍ଷ ଜମିରେ ଜଳସେଚନ ସମସ୍ୟା ଦେଖାଯିବାର ଆଶଙ୍କା ମଧ୍ୟ ରହିଛି। ଚାଷୀମାନଙ୍କର ସୁବିଧା ଓ ଚଳିତ ବର୍ଷ ଧାନ ଚାଷ କାର୍ଯ୍ୟର ତ୍ୱରାନ୍ୱିତ ପାଇଁ ତୁରନ୍ତ ସମସ୍ତ କେନାଲ ଗୁଡ଼ିକରେ ପାଣି ଛାଡ଼ିବା ପାଇଁ ଚାଷୀ ମହଲରେ ଦାବି ହୋଇଛି।

## ହିନ୍ଦୁସ୍ତାନ ହେଲପିଙ୍ଗ୍ ହ୍ୟାଣ୍ଡସ୍‌କୁ ପ୍ରେରଣା ରାଶି ପ୍ରଦାନ

**ମଠ, ମନ୍ଦିର ଅପେକ୍ଷା ଚାରାରୋପଣର ଗୁରୁତ୍ୱ ଅଧିକ: ପଦ୍ମଶ୍ରୀ ବାବା ବଳିଆ**



ଫୁଲନଖରା,୨୪।୭(ସମିସ): କଟକ ସଦର ଥାନା ଅନ୍ତର୍ଗତ ନୂଆଗଡସ୍ଥିତ ଅନନ୍ତ ବଳିଆ ସେବାଶ୍ରମ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ଦୀର୍ଘ ୧୫ବର୍ଷ ଧରି ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରୁଥିବା ସାମାଜିକ ସଂଗଠନ ହିନ୍ଦୁସ୍ତାନ ହେଲ୍‌ପିଙ୍ଗ୍ ହ୍ୟାଣ୍ଡସ ଅର୍ଗାନାଇଜେସନ୍‌କୁ ସମ୍ବର୍ଦ୍ଧିତ କରିବା ସହିତ ପ୍ରେରଣା ରାଶି ପଦ୍ମଶ୍ରୀ ବାବା ବଳିଆ ପ୍ରଦାନ କରିଛନ୍ତି। ମଠ, ମନ୍ଦିର ନିର୍ମାଣକୁ ଯେତିକି ଗୁରୁତ୍ୱ ନ ଦିଅନ୍ତି ଚାରାରୋପଣକୁ ସେତିକି ଗୁରୁତ୍ୱ ଦେଇଥାଆନ୍ତି। ନିଜ ସେବାଶ୍ରମ ଦ୍ୱାରା ଚାରାରୋପଣ କରିବା ସହିତ ସାରା ବିଶ୍ୱକୁ ସବୁଜିମାରେ ପରିଣତ କରିବା ନିମନ୍ତେ "ଗଛ ଗଛ ଗଛ, ଆଉ ସବୁ ପଛ"ର ବାର୍ତ୍ତା ଦେଇ ଆସୁଛନ୍ତି। ହିନ୍ଦୁସ୍ତାନ ହେଲ୍‌ପିଙ୍ଗ ହ୍ୟାଣ୍ଡସ ପକ୍ଷରୁ ପ୍ରତାପନଗରୀ ମା' ଧାକୁଲେଇ ପୀଠ ନିକଟସ୍ଥ କୁଆଖାଇ ନଦୀ ପଠାରେ ବୃହତ୍ ଜଙ୍ଗଲ ସୃଷ୍ଟି କରିବା ଲକ୍ଷ୍ୟରେ ୭ହଜାର ନିମଚାରା ରୋପଣ କରାଯାଇଛି। ଏ ସମ୍ପର୍କରେ ଶୁଣିବା ପରେ ବାବା ବଳିଆ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ ନୂଆଗଡସ୍ଥିତ ଆଶ୍ରମରେ ଚାରାରୋପଣ ଉପରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ମନୋଜ ଦାସଙ୍କ ସଂଯୋଜନାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଡ. ଶରତ ରଥ ଆଶ୍ରମର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିବା ବେଳେ ଅଞ୍ଚଳର ବରିଷ୍ଠ ମୁରବୀ ପୀତବାସ ମହାପାତ୍ର ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ହେଲପିଙ୍ଗ୍ ହ୍ୟାଣ୍ଡସ୍‌ର ଯୁବଗୋଷ୍ଠୀଙ୍କ ଏତାଦୃଶ କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବାବା ବଳିଆ ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ସମର୍ପିତ ହେଲ୍‌ପିଙ୍ଗ ହ୍ୟାଣ୍ଡସ୍‌ର କର୍ମକର୍ତ୍ତାଙ୍କୁ ମାନପତ୍ର ପ୍ରଦାନ ସହିତ ପ୍ରେରଣା ରାଶି ଆକାରରେ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ବାସୁଦେବ ପାତ୍ର ଧନ୍ୟବାଦ ଦେଇଥିଲେ। ସଦର ପ୍ରେସ୍ କ୍ଲବ, ହେଲ୍‌ପିଙ୍ଗ୍ ହ୍ୟାଣ୍ଡସ ଓ ବିରଜା ଟିଭି ପକ୍ଷରୁ ବାବା ବଳିଆଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରମାତ୍ମା ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।

## ରମାଦେବୀଙ୍କ ଶ୍ରାଦ୍ଧ ଦିବସ

ସାଲେପୁର,୨୪।୭(ସମିସ): ସାଲେପୁର ବ୍ଲକ୍ ଅନ୍ତର୍ଗତ ସତ୍ୟଭାମାପୁର କସ୍ତୁରବା ଗାନ୍ଧି ଟ୍ରଷ୍ଟ ପରିସରରେ ରମାଦେବୀଙ୍କର ୪୦ତମ ଶ୍ରାଦ୍ଧଦିବସ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଂପାଦିକା ସନ୍ଧ୍ୟାରାଣୀ ମଲ୍ଲିକ ଏବଂ ବରିଷ୍ଠ ନାଗରିକ ବାସୁଦେବ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ଅବତନ ଷଡ଼ଙ୍ଗୀ, ପରମାନନ୍ଦ ମୁଦୁଲି, ପ୍ରକାଶ ତ୍ରିପାଠୀ, ନିରୂପମା ସାମଲ, ଜ୍ୟୋତିର୍ମୟୀ ବେହେରା, ଚିନ୍ମୟୀ ବେହେରା, ଅଧାପକ ରାମଚନ୍ଦ୍ର ପାଣି, ଶୁଭଶ୍ରୀ ବଳ, ସୌରଭ ପାଢ଼ି, ଝୁଲଣା ଦାସ ଏବଂ କନ୍ୟାଶ୍ରମର ଅନ୍ତେବାସୀମାନେ ଯୋଗଦେଇ ରମାଦେବୀଙ୍କ ଜୀବନ ଆଦର୍ଶ ବିଷୟରେ ସ୍ମୃତିଚାରଣ କରିବା ସହ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଓମ୍ ଶ୍ରୀରାମ ଟ୍ରଷ୍ଟ ପକ୍ଷରୁ ଅନ୍ତେବାସୀଙ୍କୁ ଖାତା କଲମ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସମାଜସେବୀ ପ୍ରଶାନ୍ତ ଭୂୟାଁ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚର ପ୍ରସ୍ତୁତି ବୈଠକ



ସାଲେପୁର,୨୪।୭(ସମିସ): ଆଜି ସାଲେପୁର ବ୍ଲକ୍ ବିଶେଶ୍ୱର ମହାଦେବଙ୍କ ପୀଠରେ କଟକ ଜିଲ୍ଲା ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯାତ୍ରା କମିଟି ସଂପାଦକ ମହେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚର ଉପସଭାପତି ବୈକୁଣ୍ଠ ନାଥ ପାଳକ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ଜେନା, ସହସଂପାଦକ ପ୍ରମୋଦ ମିଶ୍ର, ନିର୍ବାହୀ କମିଟି ସଭ୍ୟ ସରୋଜ ସ୍ୱାଇଁ, ଉମାକାନ୍ତ କର ଯୋଗ ଦେଇ ସୁରକ୍ଷା ମଞ୍ଚର ବଡ଼ ପ୍ରୟାସ ଯାତ୍ରା କମିଟିଗୁଡ଼ିକୁ ସୁରକ୍ଷା ଯୋଗାଇଦେବା, ଆଗାମୀ ଦିନରେ କମିଟି ମାନେ ଯେଉଁ କ୍ଷତି ସହୁଛନ୍ତି ସୁରକ୍ଷା ମଞ୍ଚ ଏହି ପ୍ରୟାସ ଦ୍ୱାରା କମିଟି କିପରି ଉପକୃତ ହେବା ସହ ମାଲିକ ଓ କଳାକାରମାନେ କିପରି କ୍ଷତି ନ ସହିବେ ସେ ଦିଗରେ ଆଲୋଚନା କରିଥିଲେ। ବୈଠକରେ ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି, ଟାଙ୍ଗୀ, କଣ୍ଟାପଡ଼ା ସମେତ ୧୪ଟି ବ୍ଲକ୍‌ରୁ ୯୦ଟି ଯାତ୍ରା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

ସରକାରୀ ସ୍କୁଲ ସମ୍ମୁଖ ପାଲଟିଛି ପାର୍କିଂ

## ଅଧା ଜାଗା ଜବରଦଖଲକାରୀଙ୍କ କବଜାରେ

ବଡମ୍ବା,୨୪।୭(ସମିସ): ବଡମ୍ବା ଶିକ୍ଷା ମଣ୍ଡଳ ଅଧୀନରେ ରହିଛି କୃପାସିନ୍ଧୁ ଉପ୍ରା ବିଦ୍ୟାଳୟ ଯାହାକି ଗୋପୀନାଥପୁର ଗ୍ରାମ ପଞ୍ଚାୟତରେ ଅବ୍ୟବସ୍ଥିତ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କୋମଳମତି ଛାତ୍ର ଛାତ୍ରୀ ରାଣୀ ଅନ୍ନପୂର୍ଣ୍ଣା ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ବେଳେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ କୃପାସିନ୍ଧୁ ଉଚ୍ଚ

**ଅସୁବିଧା ଭୋଗୁଛନ୍ତି ଛାତ୍ରଛାତ୍ରୀ**

ବିଦ୍ୟାଳୟରେ ପାଠ ପଢ଼ନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ଯେଉଁ ସ୍କୁଲରେ ପାଠ ପଢ଼ନ୍ତି ଉକ୍ତ ବିଦ୍ୟାଳୟଟି ବଜାର ଉପରେ ଥିବାରୁ ଅନେକ ସମୟରେ ବିଦ୍ୟାଳୟ ସମ୍ମୁଖରେ ବେଆଇନ ଭାବରେ ମଟର ସାଇକଲ ରଖିବା ଦ୍ୱାରା କୋମଳମତି ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ପ୍ରବେଶ ବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟର ଶିକ୍ଷକମାନେ ପ୍ରବେଶ ବେଳେ ନାନା ଅସୁବିଧା ଭୋଗୁଛନ୍ତି। ବାରମ୍ବାର କହିବା ସତ୍ତ୍ୱେ କେହି କଥା ଶୁଣୁନାହାଁନ୍ତି ଓଲଟି ବିଶୃଙ୍ଖଳା ଆଚରଣ କରୁଛନ୍ତି। ସନ୍ଧ୍ୟା ହେଲେ ବିଦ୍ୟାଳୟ ପ୍ରବେଶ ପଥରେ ଅନ୍ଧାରର ସୁଯୋଗ ନେଇ ମଦୁଆମାନେ ମଦ ବୋତଲ ପକାଉଛନ୍ତି।



ବିଦ୍ୟାଳୟ ପରିସୀମାରେ ପାଚେରୀ ନ ଥିବାରୁ ବିଦ୍ୟାଳୟ ସମ୍ମୁଖରେ ଦୋକାନୀମାନେ ବିଦ୍ୟାଳୟ ଭିତରକୁ ବେଆଇନ ଘର କରି ଅଳିଆ ଆବର୍ଜନା ପକାଉଛନ୍ତି। ବିଦ୍ୟାଳୟ ପରିସୀମା ସଂକୁଚିତ ହେବାରେ ଲାଗିଛି। ବିଦ୍ୟାଳୟ ପରିବେଶ ବିଗିଡିବାରେ ଲାଗିଛି। ଟି-ସେତୁ ଖୋଲିବା ଦିନଠାରୁ ଯାନବାହାନ ଚଳାଚଳ ବଢ଼ିଛି। ବିଦ୍ୟାଳୟ ସମ୍ମୁଖରେ ସରକାରୀ ଜାଗାରେ ଦୋକାନ କରିବାରୁ ଛାତ୍ରଛାତ୍ରୀମାନେ ପ୍ରବେଶ ଓ ପ୍ରସ୍ଥାନ ସମୟରେ ଯାନବାହନ ଯାତାୟାତକୁ ସହଜରେ ଜାଣିପାରୁ ନାହାନ୍ତି। କେତେବେଳେ ଯେ କୌଣସି ଅଘଟଣ ଘଟିବ ତାହା କହି ହେଉ ନାହିଁ। ତେବେ ଏହି ବିଦ୍ୟାଳୟରେ ପାଖାପାଖି ୨୦୦ ଛାତ୍ରଛାତ୍ରୀ ପଢୁଛନ୍ତି। ବିଦ୍ୟାଳୟ ସମ୍ମୁଖରେ ବେଆଇନ ଦୋକାନ ଗୃହ ଗୁଡିକୁ ଉଚ୍ଛେଦ କରିବା ସହ କୋମଳମତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ପାଚେରୀ ନିର୍ମାଣ କରାଗଲେ ସୁରକ୍ଷା ବଳୟ ଭିତରେ ଛାତ୍ରଛାତ୍ରୀମାନେ ପାଠ ପଢ଼ିପାରିବା ସହ ପ୍ରବେଶ ଓ ପ୍ରସ୍ଥାନ ସମୟରେ ସମସ୍ୟା ଆସିବ ନାହିଁ। ସରକାର ଏ ଦିଗ ପ୍ରତି ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

### ଆଷାଢ଼ରେ ଧାନ ଜମି ଫାଟି ଆଁ

# ମେଗା ଜଳସେଚନ ପ୍ରକଳ୍ପ କାହା ସ୍ୱାର୍ଥରେ



ବଡ଼ମ୍ବା,୨୪।୭(ସମିସ): ବଡ଼ମ୍ବା ବ୍ଲକ୍ ଅନ୍ତର୍ଗତ ଭଟ୍ଟାରିକା ପଞ୍ଚାୟତ ଗମେଇଁ ଗ୍ରାମରେ ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ଏକ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ବଡମ୍ବା ବ୍ଲକ ଅନ୍ତର୍ଗତ ପ୍ରାୟ ୧୦ଟି ଗ୍ରାମପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ପ୍ରାୟ ୩ ହଜାର ହେକ୍ଟର ଜମିରେ ପାଣି ମାଡ଼ିବାର ବ୍ୟବସ୍ଥା କରାଯାଇଥିବା ସରକାରୀ ସୂତ୍ରରୁ କୁହାଯାଇଛି। ଏଥିପାଇଁ ଗମେଇଁ ଗ୍ରାମର ପଶ୍ଚିମ ପଟେ ଦୁଇଟି ବୃହତ ଜଳସ୍ରୋତ କରାଯାଇ ଚାଷୀମାନେ ଉପକୃତ ହେବେ ବୋଲି ବ୍ୟବସ୍ଥା ମଧ୍ୟ ହୋଇଛି। ଦୀର୍ଘ ଦିନ ଧରି ବର୍ଷା ନ ହେବା ଯୋଗୁଁ ପ୍ରାୟ ହଜାର ହଜାର ଧାନ ଜମି ପାଣି ଅଭାବରୁ ମାଟି ଫାଟି ଆଁ କଲାଣି ପାଣି ଅଭାବରୁ ଧାନ ଶସ୍ୟଗୁଡିକ ନଷ୍ଟ ହେଇଯାଉଛି। ସଠିକ ପୃଷ୍ଟି ପାଇଁ ପାଣି ନିହାତି ଆବଶ୍ୟକ ବୋଲି ଗୋପପୁର, କୃଷ୍ଣପୁର, କରଡ଼ିବନ୍ଧ, ବନମାଳିପୁର ଜାନିସାହି ଖଏରପଙ୍ଗା ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି। ଠିକ୍ ସେହିପରି ମହାକାଳୀ ଠାରେ ଥିବା ହାଡୁଆ କୁକୁଡା ଖାଇ ପ୍ରୋଜେକ୍ଟର ଶାଖା କେନାଲ ଗୁଡିକରେ ପାଣି ନ ଆସିବାରୁ ମାଳତୀ, ରତାପାଟ, ଜାନିପଦର, ଖାରୋଡ଼, ଦାଶରଥୀପୁର, କେନ୍ଦୁପଲ୍ଲୀ, ଗୋପାଳପୁର, ଡମରଗାଡ଼ିଆ ପ୍ରଭୃତି ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିମଧ୍ୟରୁ ନରସିଂହପୁର ବ୍ଲକର ବାଲିଝରୀ ପଞ୍ଚାୟତଠାରୁ ସାଗର ପଞ୍ଚାୟତ ଅନ୍ତର୍ଗତ ୭ଟି ଗ୍ରାମ ପଞ୍ଚାୟତର ଚାଷୀମାନେ କୁକୁଡା ଖାଇ ପ୍ରୋଜେକ୍ଟରୁ ଜଳସେଚନ ନ ହେବା ପାଣି ଅଭାବରୁ ମରୁଡି ଆଶଙ୍କା ପ୍ରକାଶ ପାଇଛି। ଫଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସରକାରଙ୍କ ତହବିଲରୁ କୋଟି କୋଟି ଟଙ୍କା ବ୍ୟୟବରାଦ ହୋଇ ମେଗା ଜଳସେଚନ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ଚାଷୀଙ୍କ କାର୍ଯ୍ୟରେ ଆସୁନାହିଁ। ସରକାରଙ୍କ ମେଗା ଜଳସେଚନ ପ୍ରକଳ୍ପ କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠୁଛି।

## ବୃଦ୍ଧଙ୍କୁ ଆକ୍ରମଣ ଅଭିଯୋଗ

ଚୌଦ୍ୱାର,୨୪।୭(ସମିସ): ବିଲରେ ପାଣି ମଡାଇବାକୁ ନେଇ ଜଣେ ବରିଷ୍ଠ ନାଗରିକ ଆକ୍ରମଣର ଶିକାର ହୋଇଥିବା ଜଣାପଡିଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମହିଁଷାଲଣ୍ଡା ଗ୍ରାମର ମୁରଲୀଧର ପୃଷ୍ଟି ନିଜ ବିଲକୁ ପାଣି ମଡାଇବା ପାଇଁ ବନ୍ଧକୁ ଯାଇ ବିଲକୁ ପାଣି କାଟୁଥିବା ବେଳେ ସେହି ଗ୍ରାମର କେଶବ ଚରଣ ସ୍ୱାଇଁ ତାଙ୍କୁ ଗାଳିଗୁଲଜ କରିବା ସହିତ ବିଧା ଗୋଇଠା ମାରି ତାଙ୍କୁ ଘଟଣାସ୍ଥଳରୁ ତଡ଼ି ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପାଠ୍ୟ ଉପକରଣ ବଣ୍ଟନ

ନରସିଂହପୁର, ୨୪।୭ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କମଳାଡିହସ୍ଥିତ ମା' ଭୁବନେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ସ୍ଥାନୀୟ ଚିନ୍ତାମଣି ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଉପକରଣ ପ୍ରଦାନ କରାଯାଇଛି। ମଞ୍ଚର ସଭାପତି ସଞ୍ଜୟ କୁମାର ଡ଼ାଳୁଆ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଲୋକ ଦଳେଇଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମଞ୍ଚର ସମ୍ପାଦକ ବୈକୁଣ୍ଠ ବିହାରୀ ସାହୁ, ସଂଯୋଜକ ଲଳିତ ଡ଼ାଳୁଆଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଗାନ୍ଧି ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



ରାଉରକେଲା,୨୪।୭(ସମିସ): ଦେଓଗାଁସ୍ଥିତ ଗାନ୍ଧି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନବାଗତ ଯୁକ୍ତ ୨ ଛାତ୍ରଛାତ୍ରୀଙ୍କର ଆଜି ଶ୍ରେଣୀଗୃହ ପ୍ରବେଶ ଓ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଅଶୋକ କୁମାର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଚନ୍ଦ୍ରିକା ପଟ୍ଟନାୟକଙ୍କ ପ୍ରେରିତ ଶୁଭେଚ୍ଛା ବାର୍ତ୍ତାକୁ ଡକ୍ଟର ବେଉରା ପଢି ଶୁଣାଇଥିଲେ। ରସାୟନ ବିଭାଗ ପ୍ରାଧ୍ୟାପକ ମୁଖ୍ୟ ସୁରେଶ କୁମାର ମହାପାତ୍ର ବକ୍ତବ୍ୟ ରଖି ଛାତ୍ରଛାତ୍ରୀମାନେ କଠୋର ପରିଶ୍ରମ କରି ଭବିଷ୍ୟତରେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ସତ୍ୟଜିତ କୁମାର ଛାତ୍ରଛାତ୍ରୀଙ୍କ ବିଷୟ ପରିବର୍ତ୍ତନଜନିତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ମଧୁମଣି ଶବର, ମନୋରଞ୍ଜନ ମଲିକ, ଅଧ୍ୟାପିକା ପ୍ରତିଭା କୁଜୁର ପ୍ରମୁଖ ନବାଗତ କଳା, ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀମାନଙ୍କୁ ନୂଆ ସମୟ ସାରଣୀ ପ୍ରଦାନ କରିଥିଲେ। ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ବନଜା ମିଶ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ସ୍କଲାରସିପ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସୁରେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣି ବୁଡ଼ିଲା ରାଉରକେଲା ସହର

# ବାସନ୍ତୀ କଲୋନୀ ଜିଏମ୍ ବ୍ଲକ୍‌ରେ ୫ ଫୁଟର ପାଣି





ରାଉରକେଲା, ୨୪।୭(ସମିସ): ବୁଧବାର ଓ ଗୁରୁବାର ସନ୍ଧ୍ୟାରେ ପ୍ରବଳ ବର୍ଷା ଯୋଗୁଁ ରାଉରକେଲା ସହରରେ ଦେଖିବାକୁ ମିଳିଛି ନାହିଁ ନ ଥିବା ଅବସ୍ଥା। ଉବୁଟୁବୁ ହୋଇଛି ରାଉରକେଲା ସହରର ଅଧିକାଂଶ ଅଞ୍ଚଳ। ବିଶେଷକରି ବାସନ୍ତୀ କଲୋନୀସ୍ଥିତ ଜିଏମ୍ ବ୍ଲକର ରାସ୍ତା ଉପରେ ୬ ଫୁଟର ଡ୍ରେନ୍ ପାଣି ବୋହି କୃତିମ ବନ୍ୟା ସୃଷ୍ଟି ହୋଇଥିବା ବେଳେ ଜିଏମ ବ୍ଲକର ଅଧିକାଂଶ ଘର ଭିତରେ ୪ରୁ ୫ ଫୁଟ ଉଚ୍ଚର ଡ୍ରେନ୍ ପାଣି ବୋହିବା ଘଟଣା ଆଜି ରାଉରକେଲା ମହାନଗର ନିଗମର ଅପାରଗତାକୁ ପଦାରେ ପକାଇ ଦେଇଛି। ତୃତୀୟ ଲାଇନ ପାଇଁ ରେଳବାଇ ପକ୍ଷରୁ ସେଠାରେ ଏକ ବ୍ରିଜ ନିର୍ମାଣ କରାଯାଉଥିବା ଯୋଗୁଁ ଚଳିତ ବର୍ଷ ଜିଏମ୍ ବ୍ଲକର ଏପରି ଅକଥନୀୟ ଦୁର୍ଦ୍ଦଶା ଘଟିଲା ବୋଲି ବ୍ଲକର ବାସୀନ୍ଦା ଅଭିଯୋଗ କରିଛନ୍ତି। ବୁଧବାର ଏବଂ ଗୁରୁବାର ଘର ଭିତରୁ ପାଣି ନିଷ୍କାସନ କରିବା ପାଇଁ ପରିବାର ଲୋକ ରାତି ତମାମ ନାକେଦମ ହୋଇ ପଡ଼ିଥିବା ସୂଚନା ମିଳିଛି। ବର୍ଷା ଆରମ୍ଭ ହେଲେ ବାସନ୍ତୀ କଲୋନୀ ଜିଏମ୍ ବ୍ଲକ୍‌ବାସୀଙ୍କ ମଧ୍ୟରେ ଛନକା ପଶିଯାଉଛି। ପାଣି ଘରେ ପଶି ପଶିବା ଯୋଗୁଁ ଅନିଦ୍ରା ହୋଇ ରାତି ତମାମ କେବଳ ପାଣି ନିଷ୍କାସନରେ ସେମାନେ ବ୍ୟସ୍ତ ରହୁଛନ୍ତି। ଏ ନେଇ ସେମାନେ ବାରମ୍ବାର ଆରଏମ୍‌ସି କମିଶନରଙ୍କୁ ସାକ୍ଷାତ କରି ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ।

ସେହିପରି ଲଗାଣ ବର୍ଷା ଯୋଗୁଁ ସହରର ଅନେକ ଖାଲୁଆ ଅଞ୍ଚଳର ଅଧିକାଂଶ ଘର ଭିତରେ ସମାନ ଅବସ୍ଥା ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନ ଓ ଅଞ୍ଚଳ ବର୍ଷା ପାଣିରେ ବୁଡ଼ିଯାଇଛି। କିଛି ଅଞ୍ଚଳରେ ଘର ଓ ଦୋକାନ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ଏବେ ବି କିଛି ଅଞ୍ଚଳରେ ବର୍ଷା ପାଣିଘେରରେ ଲୋକେ ରହିଛନ୍ତି। ତେବେ ଏହି ଘଟଣା ସହରର ଡ୍ରେନେଜ ସିଷ୍ଟମ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। କାହିଁକି ନା ନାଳରେ ପାଣି ନିଷ୍କାସନ ନ ହେବାରୁ ଜମାଟ ବାନ୍ଧି ଥିବା ଅଭିଯୋଗ ହୋଇଛି। ରାଉରକେଲା ସହରର ଟାକ୍ସି ଷ୍ଟାଣ୍ଡ ଠାରେ ମୁଖ୍ୟ ମାର୍ଗ ସମ୍ପୂର୍ଣ୍ଣ ବର୍ଷା ପାଣିରେ ବୁଡ଼ି କୃତିମ ନଦୀର ଭ୍ରମ ସୃଷ୍ଟି କରିଥିଲା।

ପ୍ରବଳ ବର୍ଷା ଯୋଗୁଁ ମୁଖ୍ୟ ମାର୍ଗ ପାଶ୍ୱର୍ରେ ଥିବା ଦୋକାନ ଫୁଟ୍‌ପାଥ ଉପରେ ୨ ଫୁଟ ଉଚ୍ଚର ପାଣି ଚାଲିଥିଲା। ରାସ୍ତାରେ ଥିବା ଦୁଇ ଚକିଆ ଯାନ ସବୁ ବୁଡ଼ି ଯାଇଥିଲା। ଏପରିକି କିଛି ଦୋକାନ ଭିତରେ ମଧ୍ୟ ପାଣି ପଶି ଯାଇଥିଲା। ସେହିପରି ରେଳଷ୍ଟେସନ ଦ୍ୱିତୀୟ ପ୍ରବେଶ ପଥରେ ପ୍ରାୟ ୫ ଫୁଟ୍ ପର୍ଯ୍ୟନ୍ତ ପାଣି ବୋହିଥିଲା। ସେହିପରି ବିଶ୍ରା ଛକ, ସର୍ଦ୍ଦାର କଲୋନୀ, ପାନପୋଷ ବସ୍ତି, ବାଲୁଘାଟର ତଳିଆ ଅଞ୍ଚଳରେ ଥିବା ଘର ଗୁଡ଼ିକରେ ପାଣି ପଶି ଯାଇଛି। ବେଦବ୍ୟାସ ଦାଣ୍ଡିଆପାଲି, ବିଶ୍ୱକର୍ମା ନଗର, ଟିସିଆଇଠାରେ ମଧ୍ୟ ବର୍ଷାପାଣି ଘରେ ପାଣି ପଶିଥିବା ଜଣାପଡ଼ିଛି। ବିଶେଷ କରି ବସ୍ତିଘରେ ବର୍ଷା ପାଣି ଯୋଗୁଁ ଜିନିଷପତ୍ର ନଷ୍ଟ ହୋଇଥିବା ବେଳେ ଲୋକେ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

# ଆର୍‌ଏସ୍‌ପିରେ ଏମ୍‌ଏମ୍ ଡ୍ୟାସବୋର୍ଡ ଉଦ୍‌ଘାଟିତ



ରାଉରକେଲା,୨୪।୭(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନାର ଗୋପବନ୍ଧୁ ଅଡିଟୋରିୟମରେ ୮୭୫ତମ ଗଣ ଯୋଗାଯୋଗ କାର୍ଯ୍ୟକ୍ରମରେ ଏମ୍‌ଏମ୍ ବିଭାଗ ଦ୍ୱାରା ଉନ୍ନତ ସାମଗ୍ରୀ ପରିଚାଳନା ନିମନ୍ତେ ଡିଜାଇନ୍ କରାଯାଇଥିବା ଇଣ୍ଟ୍ରାନେଟ୍-ଆଧାରିତ ସାମଗ୍ରୀ ପରିଚାଳନା (ଏମଏମ) ଡ୍ୟାସବୋର୍ଡକୁ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉଦ୍‌ଘାଟନ କରିଛନ୍ତି। ନୂତନ ଭାବେ ଶୁଭାରମ୍ଭ ହୋଇଥିବା ଏହି ଡ୍ୟାସବୋର୍ଡ ଡିଜିଟାଇଜେସନ୍ ଏବଂ ଦକ୍ଷ ସାମଗ୍ରୀ ଟ୍ରାକିଂ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆର୍‌ଏସ୍‌ପି ଇଣ୍ଟ୍ରାନେଟ୍‌ରେ ହୋଷ୍ଟ ହୋଇଥିବା ଓ ଆରଏସପି ପୋର୍ଟାଲ୍ ମାଧ୍ୟମରେ ଉପଲବ୍ଧ ଏହି ସୁବିଧା ଏକ କେନ୍ଦ୍ରୀକୃତ ଇଣ୍ଟରଫେସ୍ ଭାବରେ କାର୍ଯ୍ୟ କରିବା ସହ କାରଖାନାରେ ବ୍ୟବହୃତ ସାମଗ୍ରୀ ଉପରେ ବାସ୍ତବ-ସମୟ ଅନ୍ତର୍ଦୃଷ୍ଟି, ବିଶ୍ଳେଷଣ ଏବଂ ନିୟନ୍ତ୍ରଣ ପ୍ରଦାନ କରିବ ବୋଲି ସୂଚନା ମିଳିଛି। ଡାଇନାମିକ୍ ଡାଟା ଭିଜୁଆଲାଇଜେସନ୍‌କୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଡିଜାଇନ୍ କରାଯାଇଥିବା ଏହି ଡ୍ୟାସବୋର୍ଡରେ ଏକାଧିକ ଆନ୍ତଃସଂଯୁକ୍ତ ଗ୍ରାଫ୍ ରହିଛି, ଯେଉଁଠାରେ ଗୋଟିଏ ପରିମାପକତାରେ ଅପଡେଟ୍ ସ୍ୱୟଂଚାଳିତ ଭାବରେ ଅନ୍ୟଗୁଡିକ ଉପରେ ପ୍ରତିଫଳିତ ହୋଇଥାଏ। ଏଥିସହ ବ୍ୟବହାରକାରୀ ଆବଶ୍ୟକତା ମୁତାବକ ଗଭୀର ବିଶ୍ଳେଷଣ ଏବଂ ରିପୋର୍ଟିଂ ପାଇଁ ନିର୍ଦ୍ଦିଷ୍ଟ ଡାଟାସେଟ୍ ଡାଉନ୍‌ଲୋଡ୍ କରିପାରିବେ। ଏହି ଡ୍ୟାସବୋର୍ଡଟି କମ୍ପ୍ୟୁଟର ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସହିତ ଏମ୍‌ଏମ୍ ବିଭାଗର ସମନ୍ୱୟରେ ଡିଜାଇନ୍ ଏବଂ ବିକଶିତ କରାଯାଇଛି। ବିଭାଗୀୟ ସିଜିଏମ କେ.କେ ସେନଗୁପ୍ତାଙ୍କ ମାର୍ଗଦର୍ଶନରେ ଏହି ବିଭାଗର ମୂଳ ଟିମ୍ ମଧ୍ୟରେ ଡିଜିଏମ ଭି.ପି. ଆର୍ଯ୍ୟ, ଏଜିଏମ ରାଜେଶ ଧର ଏବଂ ଆଇଟି ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ଦିଲୀପ ବେହେରା କାର୍ଯ୍ୟ କରିଥିଲେ।

## କାମରେ ଆସୁନି ଉଠାଜଳସେଚନ ପ୍ରକଳ୍ପ

# ରାସ୍ତା ଅବରୋଧ କରି ଚାଷୀଙ୍କ ଆନ୍ଦୋଳନ

ବଲାଙ୍ଗିର/ସଇଁତଳା,୨୪।୭(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ୍‌ରେ ଥିବା ବୃହତ ଉଠାଜଳସେଚନ ପ୍ରକଳ୍ପ ବନ୍ଦ ହୋଇ ପଡିରହିଥିବାରୁ ଏହା ଚାଷ କାମ ଉପରେ ଅନେକ ପ୍ରଭାବ ପକାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି ୭ଟି ପଞ୍ଚାୟତର ଚାଷୀ। ସଇଁତଳା ବ୍ଲକ୍‌ରେ ୨୦୧୩ ମସିହାରେ ପ୍ରକଳ୍ପ ଆରମ୍ଭ ହୋଇ ୨୦୨୦ ମସିହାରେ ପୂର୍ବ ସରକାର ସମୟରେ ଛଅ ଶହ କୋଟି ଟଙ୍କା ବ୍ୟୟରେ ବୃହତ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଥିବା ବେଳେ ତାହା ୬ ମାସ ହେଲା ଗ୍ରୀଡରୁ ପମ୍ପ ହାଉସକୁ ବିଦ୍ୟୁତ୍ ସଂଯୋଗ ବନ୍ଦ ରହିଛି। ପ୍ରକଳ୍ପରେ ନିୟୋଜିତ ଥିବା କର୍ମଚାରୀଙ୍କ ୬ ମାସର ଦରମା ମଧ୍ୟ ମିଳିନାହିଁ। ଯାହାଫଳରେ କର୍ମଚାରୀମାନେ କାର୍ଯ୍ୟ ଛାଡି ଚାଲିଯାଇଛନ୍ତି। ବର୍ତ୍ତମାନ ପ୍ରକଳ୍ପରେ ତାଲା ପଡିଛି। ଚିର ଶୁଷ୍କ ଟିଟିଲାଗଡ, ସଇଁତଳା ଅଞ୍ଚଳରେ ଏହି ଜଳସେଚନ ପ୍ରକଳ୍ପ ଚାଷୀକୁ ମରୁଡିରୁ ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରକଳ୍ପ ପରିକଳ୍ପନା କରାଯାଇଥିବା ବେଳେ ସରକାରଙ୍କ ଅଣଦେଖା ଯୋଗୁଁ ଏହି ଅବସ୍ଥା ସୃଷ୍ଟି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଚଳିତ ଖରିଫରେ ପ୍ରକଳ୍ପ ବନ୍ଦ ପଡ଼ିଥିବାରୁ ଠିକ୍ ଭାବେ ଚାଷୀ ମାନେ ଖରିଫରେ ଧାନ ଚାଷ ଆରମ୍ଭ କରିପାରିନଥିଲା ଅଭିଯୋଗ କରିଛନ୍ତି। ଚାଷୀମାନେ ପ୍ରଶାସନ ପାଖରେ ଉଠଜଳସେଚନକୁ କାର୍ଯ୍ୟକ୍ଷମ କରିବା ପାଇଁ ଅନେକ ଥର ଟିଟିଲାଗଡ଼ ଜଳସେଚନ ଅଫିସରେ ଅଭିଯୋଗ କରିଥିଲେ ହେଲେ କିଛି ସୁଫଳ ନମିଳିବାରୁ ଚାଷୀମାନେ ସ୍ଥାନୀୟ ବିଧାୟକ ନବୀନ ଜୈନ ଓ ଉପମୁଖ୍ୟ ମନ୍ତ୍ରୀ ତଥା କୃଷି ମନ୍ତ୍ରୀ ଙ୍କୁ ମଧ୍ୟ ଭେଟି ଅଭିଯୋଗ କରିଥିଲେ। ତଥାପି ତାହା କାର୍ଯ୍ୟକ୍ଷମ ହୋଇ ନାହିଁ। ଏହାର ପ୍ରତିବାଦରେ ଗୁରୁବାର ଶତାଧିକ ଚାଷୀ ବଲାଙ୍ଗିର-ଭବାନୀପାଟଣା ଜାତୀୟ ରାଜପଥ ୨୬ ବରଗାଁ ଛକ ଠାରେ ରାସ୍ତାରୋକ କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ସୁରେନ୍ଦ୍ର ସିଂ ଭୋଇ ଓ କଂଗ୍ରେସ ନେତା ବୀରେନ୍ଦ୍ର ବାଗ ମଧ୍ୟ ସାମିଲ ହୋଇ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଥିଲେ। ନବୀନ ସରକାର ସମୟରେ ଟିଟିଲାଗଡ଼, ଗୁଡ଼ଭେଲା ଓ ସଇନ୍ତଲା ବ୍ଲକ୍‌ରେ ବୃହତ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇ ଥିବା ବେଳେ ସଇଁତଳା ବ୍ଲକ୍‌ରେ ୪ଟି ପ୍ରକଳ୍ପ ନିର୍ମାଣ କରାଯାଇଥିଲା ତାହା ୬ ଶହ କୋଟି ବ୍ୟୟରେ ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହୋଇଥିବା ବେଳେ ବର୍ତ୍ତମାନ ବିଜେପି ସରକାର ଆସିବା ପରେ ଚଳିତ ବର୍ଷ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିପାରୁନାହିଁ ବୋଲି ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ବିଜେପି ସରକାରକୁ ଟାର୍ଗେଟ କରିଥିଲେ। ସେହିପରି ସୁରେନ୍ଦ୍ର ସିଂ ଭୋଇ ଓ ବୀରେନ୍ଦ୍ର ବାଗ ମଧ୍ୟ ବିଜେପି ସରକାର ଆସିବା ଦିନ ଠାରୁ ନାରୀ ନିର୍ଯାତନା ଠାରୁ ଆରମ୍ଭ କରି ଚାଷୀ ପାଣି ଟୋପାଏ ପାଉନଥିବା ଅଭିଯୋଗ କରିଛନ୍ତି। ଆନ୍ଦୋଳନସ୍ଥଳକୁ ଅତିରିକ୍ତ ଉପଜିଲ୍ଲାପାଳ ଓ ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପହଞ୍ଚି ଚାଷୀଙ୍କ ଶହ ଆଲୋଚନା କରି ୭ ଦିନ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।

# କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ସୁରକ୍ଷା ଓ ଶିକ୍ଷା ସଚେତନତା ଶିବିର



ବଣାଇଁ,୨୪।୭( ସମିସ): ବଣାଇଁ ସିଭିଲ କୋର୍ଟ ପରିସରରେ ବଣାଇଁ ତାଲୁକ ଆଇନସହାୟତା ସମିତି ପକ୍ଷରୁ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା ସୁରକ୍ଷା ଓ ବାଧ୍ୟତାମୂଳକ ଶିକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଣାଇ ତାଲୁକଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାଜଜ୍ ଆଶୁତୋଷ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ବଣାଇ ସବ୍‌ଜଜ୍ ରଞ୍ଜନ କୁମାର ପ୍ରଧାନ, ଏସ୍‌ଡିଜେଏମ ପ୍ରୀତିସ ମିଶ୍ର, କୋଇଡା ଜେଏମ୍‌ଏଫ୍‌ସି ଶୁଭଲକ୍ଷ୍ମୀ ପ୍ରୀୟଦର୍ଶିନୀ ଯୋଗଦେଇ ପୋସ୍କୋ ଅଧିନିୟମ ଅନୁଯାୟୀ ପ୍ରତ୍ୟେକ ସରକାରୀ ଓ ବେସରକାରୀ ନିଯୁକ୍ତିଦାତା ନିଜ ଅନୁଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବାର ଆଇନଗତ ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବଣାଇଁ ସହକାରୀ ଶ୍ରମଅଧିକାରୀ ଶୁଶାନ୍ତ କୁମାର ସୁନା, ଆଇନଜୀବୀ ଧୀରୋଜ କୁମାର ସାହୁ, ସ୍ମିତା ସେନାପତି, ପ୍ରଭାତ କୁମାର ସାହୁ, ରିଟେନର ଦୀନେଶ କୁମାର ଦାସ ନିର୍ଯାତନା ସମ୍ବନ୍ଧିତ ଆଇନ ଗତ ବିଷୟ ଉପରେ ଆଲୋକପାତ କରିଥିଲେ। ନିୟମ ନିଶ୍ଚିତ କରିବା ଫଳରେ ମହିଳାମାନେ ସର୍ବସାଧାରଣ କିମ୍ବା ବେସରକାରୀସ୍ଥାନରେ ସମସ୍ତ କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନରୁ ସୁରକ୍ଷିତ ରହିପାରିବେ। ଯାହାକି ଏକ ସୁସ୍ଥ ରାଷ୍ଟ୍ର ଗଠନରେ ସହାୟକ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

## ମଦଭାଟି କର୍ମଚାରୀ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ସମେତ ୩ ଗିରଫ

ବଲାଙ୍ଗିର,୨୪।୭(ସମିସ): ବଲାଙ୍ଗିର ସଦର ଥାନା ସିନଖମନରେ ଥିବା ମଦଭାଟିର କର୍ମଚାରୀ ସାରଦା ଯାଦବ (୫୧)ଙ୍କୁ ହତ୍ୟା ଘଟଣାରେ ପୁଲିସ ତିନି ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ଅପରାହ୍ନରେ କିଛି ବ୍ୟକ୍ତି ଆସି ସାରଦାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଥିବା ସାରଦାଙ୍କୁ ରାସ୍ତାକଡ଼ରେ ଫିଙ୍ଗି ଚାଲି ଯାଇଥିଲେ। ପରେ ମଦଭାଟିର ଅନ୍ୟ କର୍ମଚାରୀ ତାଙ୍କୁ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ୍ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ କିଛି ସମୟ ପରେ ସାରଦାଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସାରଦାଙ୍କୁ ହତ୍ୟା କରାଯାଇଥିବା ନେଇ ମଦଭାଟି ମ୍ୟାନେଜର ବିଶାଳ ରଞ୍ଜନ କୁମାର ଥାନାରେ ଲିଖିତ ଅଭିଯୋଗକ୍ରମେ ସଦର ପୁଲିସ ଏକ ଟିମ୍ ତଦନ୍ତ ଚଳାଇ ତିନି ଜଣ ଅଭିଯୁକ୍ତକୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ବଲାଙ୍ଗିର ସଦର ଥାନା ସିନଖମନ ଗାଁରେ ଥିବା ଏକ ଦେଶୀ ମଦଭାଟିରେ କାର୍ଯ୍ୟରତ ଥିବା କର୍ମଚାରୀ ସାରଦା ଯାଦବକୁ ହତ୍ୟା କରାଯାଇଥିଲା। ତାଙ୍କୁ ଗାଁର କିଛି ଯୁବକ ହତ୍ୟା କରିଥିବା ନେଇ ପୁଲିସ ପ୍ରାଥମିକ ତଦନ୍ତରୁ ସୂଚନା ପାଇଥିଲା। ଏହି ହତ୍ୟା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ବଳରାମ ବାରିକଙ୍କ ସହ ଅନ୍ୟ ଦୁଇ ସହଯୋଗୀଙ୍କୁ ଗିରଫ କରିଥିବା ଜଣାପଡିଛି। ଅନ୍ୟ ଦୁଇ ସହଯୋଗୀ ବେଳେ ସୁନିଲ ବାଗ ଓ ଆର୍ତ୍ତତ୍ରାଣ ଚିନ୍ଦା ବୋଲି ଜଣାପଡିଛି। ସୂଚନା ଯୋଗ୍ୟ ଯେ ଉକ୍ତ ମଦଭାଟି ନିକଟରେ ଗାଁର ବଳରାମ ବାରିକଙ୍କ କିରାନା ଦୋକାନ ରହିଛି। ଉକ୍ତ ଦୋକାନରୁ ଭାଟି କର୍ମଚାରୀ ମାନେ ଖାଉଟି ସାମଗ୍ରୀ କିଣୁଥିଲେ। ବଳରାମଙ୍କ ଦୋକାନରେ ତାଙ୍କ ପତ୍ନୀ ମଧ୍ୟ ବସୁଥିଲେ। ତେବେ ଉକ୍ତ ଭାଟି ମ୍ୟାନେଜରଙ୍କ ସହ ସ୍ତ୍ରୀ କଥାବାର୍ତ୍ତା କରୁଥିବା ବଳରାମ ସନ୍ଦେହ କରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ଘଟଣାରେ ଭାଟି ମ୍ୟାନେଜରଙ୍କ କହିବା ଅନୁସାରେ ୨ଜଣ କର୍ମଚାରୀ ସାରଦା ଯାଦବ ଓ ବିକାଶ ବିଶି ହସ୍ତକ୍ଷେପ କରିଥିଲେ। ଅନ୍ୟପକ୍ଷରେ ବଳରାମ କିନ୍ତୁ ମ୍ୟାନେଜରକୁ ଏହି ଘଟଣାକୁ ନେଇ ଟାର୍ଗେଟ କରିଥିଲା। ଯାହାକୁ କେନ୍ଦ୍ର କରି ବଳରାମ ବାରିକ, ସୁନିଲ ବାଗ ଓ ଆର୍ତ୍ତତ୍ରାଣ ଚିନ୍ଦା ମିଶି ବିକାଶଙ୍କ ସହ ଝଗଡା କରି ସାରଦାଙ୍କୁ ଅଟକ ରଖିଥିଲେ। ପରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ସାରଦାଙ୍କୁ ରାସ୍ତାକଡ଼ରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ମଦଭାଟି କର୍ମଚାରୀ ତାଙ୍କୁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସାରଦାଙ୍କ ମୃତ୍ୟୁ ହୋଇଥିଲା।

ବଳରାମ ବାରିକଙ୍କ ସମେତ ୩ ଅଭିଯୁକ୍ତ ସାରଦାଙ୍କୁ ହତ୍ୟା କରିଥିବା ଭାଟି ମ୍ୟାନେଜର ବଲାଙ୍ଗିର ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବ ବେଳେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ସଦର ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ପୁଲିସ ହତ୍ୟା ପଛର କାରଣ ଉପରୁ ପରଦା ହଟାଇବା ପାଇଁ ଦାବି ହୋଇଛି।

# ସରକାରୀ ମହାବିଦ୍ୟାଳୟରେ ପ୍ରେରଣା ଉତ୍ସବ



ବଲାଙ୍ଗିର,୨୪।୭(ସମିସ): ଛାତ୍ର ଛାତ୍ରୀମାନେ ଶୃଙ୍ଖଳିତ ଜୀବନ ସହ ଭଲ ପାଠ ପଢିବା ଉଚିତ୍ ଓ ସଚେତନ ନାଗରିକ ହୋଇ ସମାଜ ଗଠନରେ ଭାଗୀଦାର ହୁଅନ୍ତୁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଗୁରୁବାର ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ,ବଲାଙ୍ଗିର ଠାରେ +୨ଓ +୩ ଛାତ୍ର ଛାତ୍ରୀଙ୍କୁ ନେଇ ଏକ ପ୍ରେରଣା ଉତ୍ସବ ଅନୁଷ୍ଠତ ହୋଇଥିଲା। ନବାଗତ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟରେ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଏଥିରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳ ସଚିବ ହରପ୍ରସାଦ ଭୋଇ ଯୋଗ ଦେଇ ଛାତ୍ରଛାତ୍ରୀ ଭଲ ପାଠ ପଢ଼ିବା ସହ ଉତ୍ତମ ଚରିତ୍ରର ମଣିଷ ହେବା, ବଡ଼ମାନଙ୍କୁ ସମ୍ମାନ ଦେବା ଉଚିତ୍ ବୋଲି କହିଥିଲେ। ଡ଼. ଅଶୋକ କୁମାର ମହାରଣା, ପ୍ରାରମ୍ଭିକ ଅଭିଭାଷଣ ଦେଇଥିବା ବେଳା, ହୃଷୀକେଶ ଦାସ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ନିଜ ନିଜ ପରିଚୟ ଦେବା ସହ ନିୟମିତ ଭଲ ପାଠ ପଢ଼ିବା ଓ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ସମସ୍ତ ଅଧ୍ୟକ୍ଷ ଡ଼. କୌତୁକ ପନ୍ଦର ସଭାପତିତ୍ୱ କରି ମହାବିଦ୍ୟାଳୟର ଇତିହାସ, ଶୈକ୍ଷିକ ପରିବେଶ ଓ ନିଜ ମହାବିଦ୍ୟାଳୟକୁ ଭଲ ପାଇବା ସହ ପରିଶ୍ରମୀ ଚାଟ ହେବାକୁ କହିଥିଲେ। ଅଧ୍ୟାପକ ଆଶୀର୍ବାଦ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ହୃଷିକେଶ ଦାସ ଧନ୍ୟବାଦ୍ ଦେଇଥିଲେ। ସହକାରୀ ପ୍ରଫେସର ବନ୍ଦନା ବାର୍ ,ଡ଼. ମଧୁସ୍ମିତା ମିଶ୍ର, ଡ଼.ରମଣୀ ନାଏକ ପ୍ରମୁଖ ଉପସ୍ଥିତ ରହି ସଦୁପଦେଶ ଦେଇଥିଲେ। ଅନ୍ୟାନ୍ୟ ଅଧ୍ୟାପକ ,ଅଧ୍ୟାପିକା ଓ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ।

## ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ

# ବେନିୟମ ପାର୍କିଂ ଉଚ୍ଛେଦ, ଏନ୍‌ଫୋର୍ସମେଣ୍ଟ ଉପରେ ଗୁରୁତ୍ୱ



ରାଉରକେଲା,୨୪।୭(ସମିସ): ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀଙ୍କ ଅଧ୍ୟକ୍ଷତାରେ ସଦଭାବନା ଭବନଠାରେ ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଡ଼କ ଦୁର୍ଘଟଣା ହ୍ରାସ ଓ ସଡ଼କ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ,ସୁନ୍ଦରଗଡ଼ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ରାଉରକେଲାଙ୍କ ତରଫରୁ ନିଜ ନିଜ ଅଞ୍ଚଳ ଅନ୍ତର୍ଗତ ସଡ଼କ ଦୁର୍ଘଟଣା ତଥ୍ୟ, ସଡ଼କ ଦୁର୍ଘଟଣା ରୋକିବା ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଉପସ୍ଥାପନ କରିଥିଲେ। ବୈଠକରେ କ୍ରମାଗତ ଏନ୍‌ଫୋର୍ସମେନ୍ତ କରାଯିବା, ସଡ଼କ ସୁରକ୍ଷା ନିୟମ ଉଲଂଘନ କରୁଥିବା ଚାଳକମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା, ପାଟ୍ରୋଲିଂକୁ ବଢେଇବା, ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବା, ବେନିୟମ ପାର୍କିଂ ଉଚ୍ଛେଦ, ନିୟମିତ ଏନ୍‌ଫୋର୍ସମେଣ୍ଟ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାସ୍ତା ମରାମତି, ରାସ୍ତାରେ ଆଲୋକିକରଣ, ବ୍ଲାକ ସ୍ପଟ, ରାସ୍ତା ନିକଟରେ ଥିବା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକ ସଡ଼କ ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବା ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥା ଅବଲମ୍ବନ କରିବାଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ବିଶେଷ କରି ରାସ୍ତାରେ ଗୋରୁ ଗାଈମାନଙ୍କ ଦ୍ୱାରା ଦୁର୍ଘଟଣା ଘଟୁଥିବାରୁ ଏଥି ପ୍ରତି ପଦକ୍ଷେପ ଗ୍ରହଣ କରାଯିବାକୁ ପୌରପାଳିକାର ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସଡ଼କ ଦର୍ଘଟଣାକୁ ହ୍ରାସ କରିବା ନିମନ୍ତେ ବିଭାଗ ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ସୋଲାସିୟମ ଯୋଜନା ଉପରେ ମଧ୍ୟ ଜନସଚେତନତା ସୃଷ୍ଟି କରାଯିବା ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ସଡ଼କ ଦୁର୍ଘଟଣା ହ୍ରାସ ଦିଗରେ ସମସ୍ତ ଅଂଶୀଦାର ତଥା ବିଭାଗୀୟ ଅଧିକାରୀମାନେ ବିଶେଷ ଧ୍ୟାନ ଦିଆଯିବାକୁ ଅତିଥିମାନେ ଆଲୋଚନା କରିଥିଲେ।

ବିଶେଷ କରି ଏନଫୋର୍ସମେଣ୍ଟ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଦର ଉପଜିଲ୍ଲାପାଳ ଦାଶରଥୀ ସରାବୁ, ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ବିଭାରଞ୍ଜନ ସାମନ୍ତ ସିଂହାର, ସୁନ୍ଦରଗଡ଼ର ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଦଲାନୀ, ସୁନ୍ଦରଗଡ଼ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅମିତ ଟୁଡୁ , ଏସଡିପିଓ ନିର୍ମଳ କୁମାର ମହାପାତ୍ର, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ଟ୍ରକ୍ ମାଲିକ ସଂଘ, ବସ୍ ମାଲିକ ସଂଘର ସଭ୍ୟ, କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ବଣାଇଁ,୨୪।୭(ସମିସ): ସ୍ୱାଧୀନତା ଦିବସ ପାଳନ ନିମନ୍ତେ ବଣାଇଁ ପାଳନ କମିଟି ର ସମସ୍ତ ସଦସ୍ୟ ସଦସ୍ୟାମାନଙ୍କ ଉପସ୍ଥିତିରେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ଉପସ୍ଥିତରେ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇ ଆଗାମୀ ସ୍ୱାଧୀନତା ଦିବସକୁ କିପରି ଭାବରେ ଶାନ୍ତି ଶୃଙ୍ଖଳାର ସହିତ ମହାସମାରୋହରେ ପାଳନ କରାଯିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ କାର୍ଯ୍ୟକ୍ରମ ସଂପର୍କିତ ସୂଚନା ଦେଇଥିଲେ। ସ୍ୱାଧୀନତା ଦିବସର ପ୍ରତ୍ୟୁଷ ୪.୩୦ ମିନିଟ ସମୟରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯିବ। ୬.୩୦ ମିନିଟ ସୁଦ୍ଧା ଦେଓଗାଁ, ଲଲେଇ ଛକ ସମେତ ସହରର ବିଭିନ୍ନ ସ୍ଥାନରେ ଥିବା ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ ସହିତ ୭.୩୦ ମିନିଟ ମଧ୍ୟରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବାଣିଜ୍ୟ ପ୍ରତିଷ୍ଠାନ ଗୁଡ଼ିକରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଏହି ବୈଠକରେ ବଣାଇଁ ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ଅତିରିକ୍ତ ତହସିଲଦାର ଜ୍ଞାନରଞ୍ଜନ ବେହେରା, ମହାବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁ ,ଏନ୍‌ସିସି ଅଧିକାରୀ ମୃତ୍ୟୁଞ୍ଜୟ ବ୍ରହ୍ମ, ଗୋଷ୍ଠୀ ଶିକ୍ଷାଧିକାରୀ ସୁନୀଲ କୁମାର ମୁଣ୍ଡଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବଣାଇଁ ର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ଗଞ୍ଜାମ ଓକିଲ ସଂଘର ଉଦ୍‌ବେଗ

# ଅପରାଧୀଙ୍କୁ ଦମନ ସହ ପାଟ୍ରୋଲିଂ କଡ଼ାକଡ଼ି ଦାବି

ବ୍ରହ୍ମପୁର,୨୪।୭(ସମିସ)



ବ୍ରହ୍ମପୁର ସହରର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ସମସ୍ତେ ଚିନ୍ତିତ। ଚୋରି, ଲୁଟ୍, ରାହାଜାନୀ ସମେତ ହତ୍ୟା ଉଦ୍ୟମ, ହତ୍ୟା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ସଙ୍ଗିନ ମାମଲା ବଢ଼ି ଚାଲିଛି।

ଦୁଇଦିନ ପୂର୍ବେ ନିମଖଣ୍ଡି ଥାନା ଅନ୍ତର୍ଗତ ଗୋବିନ୍ଦ ବିହାର ଅଞ୍ଚଳରେ ଦୁଇଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କ ଠାରୁ ସୁନା ଲୁଟ ପାଇଁ ଗୁଳି ଚାଳନା କରିଥିଲେ। ମହିଳା ଜଣକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଲୁଟେରାମାନେ ମହିଳାଙ୍କ ବେକରୁ ସୁନା ଚେନ ଲୁଟି ନେବାରେ ସକ୍ଷମ ହୋଇଥିଲେ। ସେହିଭଳି କିଛି ଦୁର୍ବୃତ୍ତ ମୁହଁରେ କନା ବାନ୍ଧି ସିସିଟିଭି ମରାମତି କରିବା ଆଳରେ ସହରର ବିଭିନ୍ନ ସ୍ଥାନରେ ବୁଲୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସହରର ବିଭିନ୍ନ ନିକାଞ୍ଚନ ସ୍ଥାନ ସମେତ ଖେଳପଡିଆରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଯୁବଗୋଷ୍ଠୀ ଏକାଠି ହୋଇ ନିଶାଦ୍ରବ୍ୟ ସେବନ କରୁଥିବା ବେଳେ ପରବର୍ତ୍ତି ସମୟରେ ଅପରାଧ ଘଟାଉଥିବା ଅଭିଯୋଗ ହୋଇଛି। ସହରର ଉପକଣ୍ଠରେ ଜନବସତି ବଢିବା ସହିତ ସହର ବଢିବାରେ ଲାଗିଛି। ନୂତନ ଅଞ୍ଚଳଗୁଡିକରେ ପୁଲିସ ପାଟ୍ରୋଲିଂର ଅଭାବର ସୁଯୋଗ ନେଇ ମଧ୍ୟ କିଛି ଅପରାଧୀ ଗ୍ୟାଙ୍ଗ ଲୁଟ୍‌ତରାଜ କରୁଥିବା ଜଣାପଡିଛି।

ଏଭଳି ବିଭିନ୍ନ ସମସ୍ୟା ସହିତ ସହରର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ଗଞ୍ଜାମ ଓକିଲ ସଂଘ ଚିନ୍ତା ବ୍ୟକ୍ତ କରିବା ସହ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଏବଂ ସଂଘର ଉପସଭାପତି ଟି.କେ.ରେଡ୍ଡୀଙ୍କ ନେତୃତ୍ୱରେ ସମ୍ପାଦକଟି. ଭେଙ୍କେଟ ରାଓ ଏବଂ ସହ ସମ୍ପାଦକ ଅସିତ କୁମାର ସାବତଙ୍କ ସମେତ ବହୁ ଆଇନଜୀବୀ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମଙ୍କୁ ଭେଟି ୩ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗୋବିନ୍ଦବିହାର ଓ ବ୍ୟାଙ୍କ

- ଏସ୍‌ପିଙ୍କ ସହ ଆଲୋଚନା, ୩ ଦଫା ଦାବିପତ୍ର ପ୍ରଦାନ
- ଜାରି ରହିଛି ଉଦ୍ୟମ, ଜନସାଧାରଣଙ୍କ ସହଯୋଗ ଜରୁରୀ- ଏସ୍‌ପି

କଲୋନୀ ଭଳି ସହର ଉପକଣ୍ଠ ଅଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡ଼ି କରିବା, ଅପରାଧକୁ ଦମନ କରିବାକୁ ଅପରାଧୀଙ୍କ ବିରୋଧରେ ଦୃଢ ତଥା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ୧୯୮୩ ମସିହାରୁ ସ୍ୱତନ୍ତ୍ର ବ୍ରହ୍ମପୁର ପୁଲିସ ଜିଲ୍ଲା ପ୍ରତିଷ୍ଠା ହୋଇଥିବା ବେଳେ ଦିନକୁ ଦିନ ଜନସଂଖ୍ୟା ଓ ସହରର ପରିସୀମା ବୃଦ୍ଧି ହେବାରେ ଲାଗିଛି। ତେବେ ପୁଲିସ ବିଭାଗରେ ମାନବସମ୍ବଳରେ ତୁଳନାତ୍ମକ ଭାବେ ବୃଦ୍ଧି ହୋଇନାହିଁ। ତଥାପି ସୀମିତ ମାନବସମ୍ବଳକୁ ନେଇ ଅପରାଧକୁ ରୋକିବା ଓ ଆଇନଶୃଙ୍ଖଳାକୁ ସୁଧାରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିବା ସହିତ ସବୁ ପ୍ରୟାସ କରାଯାଉଥିବା କହିଛନ୍ତି ବ୍ରହ୍ମପୁର ଏସପି। ସହରରେ ସକ୍ରିୟ ଅପରାଧୀ ଗ୍ୟାଙ୍ଗକୁ କାବୁ କରିବାକୁ ବଛା ବଛା ଦକ୍ଷ ଓ ଅଭିଜ୍ଞ ପୁଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସହରରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି। ଖୁବ୍‌ଶୀଘ୍ର ସ୍ଥିତିରେ ସୁଧାର ଆସିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ତେବେ ଏଥିପାଇଁ ସହରବାସୀଙ୍କର ସହଯୋଗ ସହିତ ପୁଲିସ ଉପରେ ଆସ୍ଥା ରଖିବା ଜରୁରୀ ବୋଲି ସେ କହିଛନ୍ତି। ଏସପିଙ୍କ ସହ ସାକ୍ଷାତ ଆଲୋଚନା ବେଳେ ବରିଷ୍ଠ ଆଇନଜୀବୀ ପ୍ରଦୀପ ବେହେରା, ତ୍ରିପତି କୁମାର ସାହୁ, ଅଞ୍ଜଳି ମହାନ୍ତି, ସୁଧୀର କୁମାର ମିଶ୍ର, ସୂର୍ଯ୍ୟ ନାରାୟଣ ଚୌଧୁରୀ ପ୍ରମୁଖଙ୍କ ସହ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ନଦୀରୁ ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

**ଶେରଗଡ଼,୨୪।୭(ସମିସ):** ଶେରଗଡ ବ୍ଲକ ହିଞ୍ଜିଳି ଥାନା ତହଁର ଗ୍ରାମର ନରି ଦଳେଇଙ୍କ ପତ୍ନୀ ଗୋଲାପ ଦଳେଇ (୪୫) ଗତକାଲି ଅପରାହ୍ନରେ ଗାଧୋଇବା ଲାଗି ଗ୍ରାମ ନିକଟ ଋଷିକୁଲ୍ୟା ନଦୀକୁ ଯାଇ ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ଲୋକେ ହିଞ୍ଜିଳି ଥାନାରେ ନିଖୋଜ ଥିବା ଜଣାଇଥିଲେ। ଆଜି ସକାଳୁ ତହଁର ଗ୍ରାମର କିଛି ବ୍ୟକ୍ତି ଋଷିକୁଲ୍ୟା ନଦୀରେ ଖୋଜିବା ବେଳେ କାଞ୍ଚିଆମ୍ବା ନିକଟସ୍ଥ ନଦୀ ପଠାରୁ ତାଙ୍କ ମୃତଦେହ ମିଳିଥିଲା। ହିଞ୍ଜିଳି ପୁଲିସ ଶବ ଜବତ କରିବା ସହ ନଂ.୧୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡ ମେଡ଼ିକାଲକୁ ପଠାଇଛି। ପ୍ରକାଶଥାଉକି, ଗୋଲାପଙ୍କ ସ୍ୱାମୀ ଗୁଜରାଟ ଗାନ୍ଧୀଧାମରେ କାର୍ଯ୍ୟ କରୁଥିବା ବେଳେ ଆଜକୁ ପ୍ରାୟ ୬ମାସ ପୂର୍ବରୁ ତାଙ୍କର ଏକମାତ୍ର ପୁଅ ରୋଗରେ ପ୍ରାଣ ହରାଇଛନ୍ତି।

## ମନ୍ଦିରରୁ ଚୋରି ଘଟଣା; ୬ ଗିରଫ



**ଛତ୍ରପୁର,୨୪।୭(ସମିସ):** ଛତ୍ରପୁର ଥାନା ଅଧିନ ଉଜ୍ଜଳେଶ୍ୱରୀ ମନ୍ଦିର ଓ ଚମାଖଣ୍ଡି ଥାନା ଅଧିନ କଣମଣା ଗ୍ରାମରେ ଥିବା ମା' କନକଦୁର୍ଗାଙ୍କ ମନ୍ଦିରରୁ ଗତ ୧୬ ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଏଥିରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରାଯାଇଥିବା ନେଇ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଚମାଖଣ୍ଡି ଥାନା ଅନ୍ତର୍ଗତ ଚନ୍ଦ୍ରପଡ଼ା ଗ୍ରାମର ଅମିତ ପ୍ରଧାନ, ରୁଦ୍ର ପ୍ରଧାନ, ଟୁକୁନା ପ୍ରଧାନ, ଦାସ ପ୍ରଧାନ, ରଘୁ ପ୍ରଧାନ ଓ ଦେବରାଜ ପ୍ରଧାନ। ସେମାନଙ୍କଠାରୁ ଗୋଟିଏ ସାନ ରୁପା ମୁକୁଟ, ଦୁଇ ଗୋଟି ବଡ଼ ରୁପା ମୁକୁଟ, ଗୋଟିଏ ଷ୍ଟିଲ ହୁଣ୍ଡି, ଏକ ହଜାର ଟଙ୍କା ଓ ଏକ ବାଇକ ଜବତ କରାଯାଇଛି।

ସୂଚନାଥାଉକି, ଛତ୍ରପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ଉଜ୍ଜଳେଶ୍ୱରୀ ମନ୍ଦିରରୁ ପୂଜକଙ୍କୁ ଆକ୍ରମଣ କରିବା ସହିତ ମା'ଙ୍କ ମୁକୁଟ ଓ ହୁଣ୍ଡି ଭାଙ୍ଗି ଚୋରି ହୋଇଥିବା ନେଇ ଛତ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ଚମାଖଣ୍ଡି ଥାନା ଅଧିନ ଟାକିରିଆ ବ୍ରହ୍ମପୁର ଗ୍ରାମ ନିକଟରେ ଥିବା ମା' କନକଦୁର୍ଗାଙ୍କ ମନ୍ଦିରରୁ ମଧ୍ୟ କିଛି ଦୁର୍ବୃତ୍ତ ଚୋରି କରିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଛତ୍ରପୁର ଓ ଚମାଖଣ୍ଡି ଥାନାରେ ୨ଟି ମାମଲା ରୁଜୁ ହୋଇଥିଲା। ପରେ ଛତ୍ରପୁର ଥାନା ଓ ଚମାଖଣ୍ଡି ଥାନା ପୁଲିସକୁ ନେଇ ଏକ ଟିମ୍ ଗଠନ କରାଯାଇ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ କୋର୍ଟଚାଲାଣ କରାଯାଇଥିବା ଛତ୍ରପୁର ଏସ୍‌ଡିପିଓ ଶ୍ରୀ ଘଡେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଥାନାଧିକାରୀ ଦେବାଶିଷ ମହାନ୍ତି ଉପସ୍ଥିତ ଥିଲେ।

## ଛତ୍ରପୁର ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ

- ପଦ୍ମଚରଣ ସଭାପତି, ଡମ୍ବରୁଧର ସମ୍ପାଦକ



**ଛତ୍ରପୁର,୨୪।୭(ସମିସ):** ଛତ୍ରପୁର ରୋଟାରୀ କ୍ଲବର ଅଧିଷ୍ଠାନ ଦିବସ କ୍ଲବ ପରିସରରେ ଆୟୋଜିତ ହୋଇଛି। ସଭାପତି ଡ. ବିମଳ ପ୍ରସାଦ ସାହୁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ମୁଖ୍ୟଅତିଥି ଓ ଆସିଷ୍ଟାଣ୍ଟ ଗଭର୍ଣ୍ଣର ବିଭୁ ପ୍ରସାଦ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ପାଦକ ଦ୍ୱାରକା ପ୍ରସାଦ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ୨୦୨୫-୨୬ନିମନ୍ତେ ହାଇକୋର୍ଟ ଆଡ଼ଭୋକେଟ ପଦ୍ମ ଚରଣ ସାହୁ ସଭାପତି ଓ ଡ଼ମ୍ବୁରୁଧର ସାହୁ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ। ନୂତନ ସଭାପତି ଶ୍ରୀ ସାହୁ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ଆଗାମୀ ଦିନରେ କ୍ଲବ ପକ୍ଷରୁ ହେବାକୁ ଥିବା ନୂତନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ନୂତନ ସମ୍ପାଦକ ଡ଼ମ୍ବୁରୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ପଟ୍ଟନାୟକ, ସମ୍ପାଦକ ସୁରଜିତ ସାମନ୍ତରା, ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ଅଜୟ କୁମାର ତ୍ରିପାଠୀ, ଏସ. ରେଖା ମହାନ୍ତି, ଏମ. ଧନଞ୍ଜୟ ରେଡ୍ଡୀ, ନିରଞ୍ଜନ ପାତ୍ର, ଧୀରନ୍ଦ୍ର ନାଥ ପଣ୍ଡା, ରବୀନ୍ଦ୍ର ସାହୁ, ଇଂ ରାଜକିଶୋର ବଲ୍ଲଭଙ୍କ ସମେତ ବ୍ରହ୍ମପୁର ଓ ଗୋପାଳପୁର ରୋଟାରୀ କ୍ଲବର କର୍ମକର୍ତ୍ତା ଯୋଗ ଦେଇଥିଲେ।

## କେନ୍ଦୁପଦର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



**ଆସିକା,୨୪।୭(ସମିସ):** ଆସିକା ବ୍ଲକ ସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଅତିଥିଭାବେ ମହନ୍ତ ମହାରାଜ ଚୈତନ୍ୟ ଚରଣ ଦାସ ଓ ସମ୍ମାନୀତ ଅତିଥିଭାବେ ଡ. ବାୟାମନୁ ଚର୍ଚ୍ଚି, ମୁଖ୍ୟବକ୍ତା ଭାବେ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ଯୋଗ ଦେଇଥିଲେ। ସଂଯୋଜକ ସିଲୁ ସେଠି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଉଦିତ ନାରାୟଣ ଦାସ ମଞ୍ଚ ପରିଚାଳନା କରିଥିଲେ। ସଭାରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀଙ୍କ ମନରେ ଉତ୍ସାହ ଭରି ଦେଇଥିଲେ। ଏହା ସହିତ ଯୁକ୍ତଦୁଇରେ ସର୍ବୋଚ୍ଚ ନମ୍ବର ଉତ୍ତୀର୍ଣ୍ଣ ହୋଇଥିବା ବିଜ୍ଞାନର ଛାତ୍ରୀ ସନ୍ଧ୍ୟା ରାଣୀ ଗୌଡ଼ ଓ କଳାର ଛାତ୍ରୀ ଝରଣା ଦଳବେହେରା ଏବଂ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିମନ୍ତେ ଅଧ୍ୟାପକ ଅଜିତ୍ କୁମାର ମୁଖୀ ଏବଂ କର୍ମଚାରୀ ଅଶୋକ କୁମାର ଡାକୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଅଭିଷେକ ବେହେରା, ବିତ୍ତୀୟ ଅଧିକାରୀ ରୁଦ୍ରମାଧବ ମହାନ୍ତି, ଶୈକ୍ଷିକ ଅଧିକାରୀ ଡ଼କ୍ଟର କୁନା ସୁନା ଓ ଅନ୍ୟାନ୍ୟ ଅଧ୍ୟାପକ/ଅଧ୍ୟାପିକା ଏବଂ ଅନୁଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସମସ୍ତ ଛାତ୍ରଛାତ୍ରୀଙ୍କୁ ଏକ ସୁନ୍ଦର ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଦିଗରେ ଅଗ୍ରସର ହେବା ବୋଲି ବାର୍ତ୍ତା ପ୍ରଦାନ କରିଛନ୍ତି।

## ଅଗ୍ନିବୀର ଆର୍ମି ଚୟନ ସକାଶେ ପ୍ରସ୍ତୁତି ବୈଠକ

ଛତ୍ରପୁର,୨୪।୭(ସମିସ)



ଅଗଷ୍ଟ ୧୧ରୁ ୧୬ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ଠାରେ ଅଗ୍ନିବୀର ସେନା ବାହିନୀ ନିଯୁକ୍ତି ନିମନ୍ତେ ଚୟନ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଛି। ମିଲିଟାରୀ ବିଭାଗୀୟ ଚୟନ ଅଧିକାରୀ ପୂର୍ବ ପ୍ରସ୍ତୁତି ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ପ୍ରକାରେ କେଉଁସବୁ ବ୍ୟବସ୍ଥା କରାଯିବ ସେସମ୍ପର୍କରେ ସବିଶେଷ ମତ ରଖିଥିଲେ। ଅଗ୍ନିବୀର ସେନା ବାହିନୀରେ ଭର୍ତ୍ତି ହେବା ନିମନ୍ତେ ୧୦ଟି ଜିଲ୍ଲାର ପଞ୍ଜିକରଣ କରିଥିବା ପ୍ରାର୍ଥୀ ମାନଙ୍କର ଶାରୀରିକ ଚୟନ ପରୀକ୍ଷା ଅନୁଷ୍ଠିତ ହେବ। ୬ଦିନ ଧରି ଚାଲିବାକୁ ଥିବା ଏହି ଚୟନ ପ୍ରକ୍ରିୟା ଆବଶ୍ୟକ ବ୍ୟବସ୍ଥା ସମ୍ପର୍କରେ ସୁବିସ୍ତୃତ ଆଲୋଚନା ହୋଇଛି। ପ୍ରାର୍ଥୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହେବେ ସେଥିପ୍ରତି ପ୍ରାଥମିକତା ଦିଆଯିବ ବୋଲି ବୈଠକରୁ ମତପ୍ରକାଶ ପାଇଛି। ଏହା ଏକ ଜାତୀୟ ସ୍ତରୀୟ ଆର୍ମି ଚୟନ ପରୀକ୍ଷା ହୋଇଥିବା ହେତୁ ସମସ୍ତ ପରିଚାଳନା ଯେପରି ସଠିକ୍ ହେବ ସେଥି ସକାଶେ ଉପସ୍ଥିତ ସମସ୍ତ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୃଷ୍ଟି ନିର୍ଦ୍ଦେଶ ଦେଇ ଚୟନ ପ୍ରକ୍ରିୟା ଯେପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ସେଥି ସକାଶେ ଆଶା ପ୍ରକଟ କରିଥିଲେ। ବୈଠକରେ ଉପନିର୍ଦ୍ଦେଶକ, ସ୍କିଲ ଡେଭଲପମେଣ୍ଟ ଅଫିସର ଫାଲ୍‌ଗୁନୀ ସହାୟ ନାୟକ, ସ୍କିଲ ଡେଭଲପମେଣ୍ଟ ଅଫିସର ଅର୍ପିତା ପ୍ରିୟଦର୍ଶନୀ, ମ୍ୟାନେଜର ୱାଟ୍‌କୋ ବ୍ରହ୍ମପୁର ପ୍ରଦୀପ କୁମାର ପଟ୍ଟନାୟକ, ଜିଲ୍ଲା ପ୍ରକଳ୍ପ ଶିକ୍ଷାଧିକାରୀ ଭାଗିରଥୀ ସ୍ୱାଇଁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ମିଶ୍ର, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ସୌମ୍ୟ ପ୍ରକାଶ ଭୋଇ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, ଜିଲ୍ଲା ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ଦାଶ, ଡେପୁଟି କଲେକ୍ଟର ସୂଚିସ୍ମିତା ପାଣି, ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁ, ଜିଲ୍ଲା କର୍ମ ନିଯୋଜନ ଅଧିକାରୀ ଏବଂ ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କାଠପାଦ ନୃତ୍ୟଗୁରୁ ସମୀରଙ୍କୁ 'ଗାନ୍ଧର୍ବ କଳା' ସମ୍ମାନ



**ଛତ୍ରପୁର,୨୪।୭(ସମିସ):** କଳାକାର ଦିବସ ଉପଲକ୍ଷେ "ଓଡ଼ିଆ କଳାକାରଙ୍କ ସ୍ୱର' ପକ୍ଷରୁ କଳାକାର ମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁରର ଅଗ୍ରଣୀ ଲୋକନୃତ୍ୟ ଅନୁଷ୍ଠାନ ସମୀର ନୃତ୍ୟ କେନ୍ଦ୍ରର ନୃତ୍ୟ ଶିଳ୍ପୀମାନେ ଚାଙ୍ଗୁ ବାଦ୍ୟର ତାଳେ ତାଳେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଯାନୀ ଯାତ୍ରାରେ ମା'ଙ୍କ ସମ୍ମୁଖରେ ହେଉଥିବା କଷ୍ଟସାଧ୍ୟ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ସମୀର କୁମାର ବେହେରାଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନଙ୍କ କାଳୀ ରୂପକ "କାଠ ପାଦ' ନୃତ୍ୟ ଦର୍ଶକଙ୍କ ମନ ଛୁଇଁଥିଲା। କାଠପାଦ ନୃତ୍ୟରେ ବର୍ଷା ଦାସ, ଆଶା ଦାସ, ଅର୍ଚ୍ଚିତା ପଣ୍ଡା, ଆୟୁସୂର୍ଯ୍ୟ ସେଠି, ସିମରାନ ନାୟକ ଏବଂ ଚାଙ୍ଗୁ ବାଦ୍ୟରେ ସମୀର କୁମାର ବେହେରା, ଅଜିତ କୁମାର ନାୟକ, ରାଜେନ୍ଦ୍ର ନାୟକ ପରିବେଷଣ କରିଥିଲେ। ମଞ୍ଚରେ ଗୁରୁ ସମୀର କୁମାର ବେହେରାଙ୍କୁ ଗାନ୍ଧର୍ବ କଳା ସମ୍ମାନରେ ସମ୍ବର୍ଦ୍ଧନା କରାଯାଇଥିଲା।

## ଜଗନ୍ନାଥ ମହାପ୍ରଭୁଙ୍କ ଜମି ମୁକ୍ତ ପାଇଁ ଦାବିପତ୍ର

**ପୁରୁଷୋତ୍ତପୁର,୨୪।୭(ସମିସ):** ଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି ଜବରଦଖଲରୁ ଉଦ୍ଧାର କରି ମନ୍ଦିରକୁ ହସ୍ତାନ୍ତର କରିବାକୁ ପୁରୁଷୋତ୍ତମପୁର ସହରବାସୀ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ଜବରଦଖଲକାରୀଙ୍କଠାରୁ ଜଗନ୍ନାଥଙ୍କ ଘରବାଡ଼ି, ଜାଗା, ଜମି ଉଦ୍ଧାର କରି ତୁରନ୍ତ ଜଗନ୍ନାଥ ମନ୍ଦିରକୁ ପ୍ରଦାନ କରିବାକୁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରିବା ସହ ରାସ୍ତାରୋକ ହେବ ବୋଲି ଜନସାଧାରଣ ଚେତାବନୀ ଦେଇଛନ୍ତି। ଏହା ସହ ଏକ ସ୍ମାରକପତ୍ର ଅତିରିକ୍ତ ତହସିଲଦାର ସଙ୍ଗୀତା ସେଠୀଙ୍କୁ ପ୍ରଦାନ କରାଯାଇଛି। ଏଥିସହ ଗଞ୍ଜାମ ଜିଲ୍ଲାପାଳ, ଆଇନମନ୍ତ୍ରୀ, ରାଜସ୍ୱମନ୍ତ୍ରୀ, ଦେବୋତ୍ତର କମିଶନର, ସହକାରୀ ଦେବୋତ୍ତର କମିଶନର, ପୁରୁଷୋତ୍ତମପୁର ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ନିକଟକୁ ମଧ୍ୟ ପ୍ରେରଣ କରାଯାଇଛି।



ଅଭିଯୋଗକାରୀ କହିଛନ୍ତି ଯେ, ପୁରୁଷୋତ୍ତମପୁର ମୌଜାର ରଥସାହିରେ ବିଜେ ପ୍ରଭୁ ଜଗନ୍ନାଥଙ୍କ ସର୍ବସାଧାରଣ ଖାତା ୧୭୮୯ରେ ଦେବସ୍ଥଳୀ ବର୍ଣ୍ଣିତ ରହିଥିବା ୧୦ଟି ଘରବାଡ଼ି ପ୍ଲଟଜାଗାକୁ କିଛି ବ୍ୟକ୍ତି ବେଆଇନ ଭାବରେ ଜବରଦଖଲ କରି ରଖିଛନ୍ତି। ଏହା ସହ ପୁରୁଷୋତ୍ତମପୁର ପୁରୁଣା ଜଗନ୍ନାଥ ସାହି ନଇତଡ଼ ସାହିରେ ଜଣେ ବଦାନ୍ୟ ବ୍ୟକ୍ତି ଦୀର୍ଘବର୍ଷ ପୂର୍ବେ ଜଗନ୍ନାଥଙ୍କୁ ଦାନ କରିଥିବା ଘରବାଡ଼ି ଜାଗାକୁ ମଧ୍ୟ ଜନୈକ ଜବରଦଖଲ କରି ରଖିଛନ୍ତି। କିଛି ବ୍ୟକ୍ତି ମନ୍ଦିର ସମ୍ପତ୍ତିକୁ କବ୍‌ଜା କରି ନେବାରେ ଲାଗିଥିବାରୁ ମନ୍ଦିରର ସମ୍ପତ୍ତି ଲୋପ ପାଇବା ସହ ପରିଚାଳନାରେ ବାଧା ସୃଷ୍ଟି ହେଉଛି। ମନ୍ଦିର ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ୟା ହୋଉଥିବା ଜନସାଧାରଣ ଅଭିଯୋଗ କରିଛନ୍ତି।

## ନରସିଂହପୁର ଓ ଚମାଖଣ୍ଡିକୁ ଜାତୀୟ ସମ୍ମାନ

**ଛତ୍ରପୁର,୨୪।୭(ସମିସ):** ରାଷ୍ଟ୍ରୀୟ ଗୁଣବତ୍ତା ଓ ଆଶ୍ୱାସନ୍ ମାନକ କ୍ଷେତ୍ରରେ ଜାତୀୟ ସ୍ତରରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରଥମ ଓ ଚମଖଣ୍ଡୀ ତୃତୀୟ ସ୍ଥାନ ଅଧିକାର କରିଛି। ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କୁମାରୀ କୋମଳ ପଣ୍ଡା ଓ ଚମଖଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କିରଣ କୁମାର ପଣ୍ଡା ଉକ୍ତ ସମ୍ମାନ ପତ୍ରକୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜର ଅଧ୍ୟାପକ ସଭାଗୃହରେ ଗ୍ରହଣ କରିଥିଲେ। ଏହି ଭବ୍ୟ ସମାରୋହରେ ଉପସ୍ଥିତ ଥିଲେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସୁଶାନ୍ତ କୁମାର ନାୟକ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଜିଲ୍ଲା ସ୍ୱାସ୍ଥ୍ୟ ପରିଚାଳକ ବୁଲୁନାଥ ସାହୁ, ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକ୍ଷକ ଡ଼ା ସ୍ୱାଧୀନ ରଥ, ବିପିଏମ୍ ସୀମାଞ୍ଚଳ ପ୍ରଧାନ, ଦେବାଶିଷ ପାତ୍ରଙ୍କ ସହ ସମସ୍ତ ଛତ୍ରପୁର ଅଧିନସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲ୍ଲା ପରିଚାଳକ ବୃନ୍ଦ ଥିଲେ। ନିରନ୍ତର ପ୍ରୟାସ ଓ ସମସ୍ତଙ୍କ ସହଯୋଗରେ ଏହି ସମ୍ମାନ ପ୍ରାପ୍ତ ହୋଇଥିବା ଏଠାରେ କୁହାଯାଇଛି। ଛତ୍ରପୁର ବ୍ଲକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସଫଳତା ନିମନ୍ତେ ସିଡିଏମ୍‌ଓ ସମେତ ଅନେକ ବିଭାଗରୁ ପ୍ରଶଂସା, ଅଭିନନ୍ଦନ ଓ ଶୁଭେଚ୍ଛା ବର୍ଷା କରୁଛନ୍ତି।



## ଉପଖଣ୍ଡସ୍ତରୀୟ ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା

# ୨୪ ଘଣ୍ଟାରେ ଅଭିଯୋଗର ସମାଧାନ କରିବାକୁ ନିର୍ଦ୍ଦେଶ



**ଛତ୍ରପୁର,୨୪।୭(ସମିସ):** ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା କରିଛନ୍ତି ଉପଜିଲ୍ଲାପାଳ ଶିବାଶିଷ ବରାଳ। ଜାତୀୟ ସାମାଜିକ ସହାୟତା ଓ ମଧୁବାବୁ ପେନ୍‌ସନ୍ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପେନସନ୍‌ଭୋଗୀଙ୍କୁ ୧୫ରୁ ୨୦ ତାରିଖ ମଧ୍ୟରେ ଭତ୍ତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦ରୁ ୨୫ତାରିଖ ମଧ୍ୟରେ ମୃତ୍ୟୁବରଣ କରିଥିବା ହିତାଧିକାରୀଙ୍କୁ ଚିହ୍ନଟ କରି ରିପୋର୍ଟ ପ୍ରଦାନ କରିବାକୁ ଅଧିକାରୀଙ୍କୁ କହିଥିଲେ। ଅଭିଯୋଗ ପ୍ରକୋଷ୍ଠରୁ ଆସିଥିବା କେସ ଗୁଡିକ ୨୪ଘଣ୍ଟା ମଧ୍ୟରେ ସମାଧାନ କରିବାକୁ ଉପଜିଲ୍ଲାପାଳ କହିଥିଲେ। ଜାତୀୟ ପରିବାର ମଙ୍ଗଳ ଯୋଜନା ଆନୁକୂଲ୍ୟରେ ଏଣିକି ଅଣ ବିପିଏଲ ହିତାଧିକାରୀ ମାନେ ଆବେଦନ କରିପାରିବେ। ସେଥିରେ ହିତାଧିକାରୀ ମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଛତ୍ରପୁର ଉପଖଣ୍ଡ ଅଧିନରେ ବର୍ଦ୍ଧିତ ଭତ୍ତା (୩୫୦୦) ପ୍ରଦାନ କରାଯାଇଥିବା ୧୨୫୭୫ ଜଣ ହିତାଧିକାରୀ ମଧ୍ୟରୁ ୭୬୭ ଜଣ ହିତାଧିକାରୀ ମୃତ୍ୟୁବରଣ କରିଛନ୍ତି। ଆବେଦନ କରିଥିବା କିନ୍ନର ମାନଙ୍କୁ ତୁରନ୍ତ ସାର୍ଟିଫିକେଟ ପ୍ରଦାନ କରିବାକୁ କୁହାଯାଇଛି। ଶଯ୍ୟାଶାୟୀ ଥିବା ହିତାଧିକାରୀ ମାନଙ୍କ ଏକ ଲିଷ୍ଟ ପ୍ରସ୍ତୁତ କରି ବ୍ୟାଙ୍କକୁ ପ୍ରଦାନ କଲେ ସେମାନେ ଘରକୁ ଯାଇ ସହାୟତା ପ୍ରଦାନ କରିବେ ବୋଲି ବୈଠକରେ କୁହାଯାଇଥିଲା। ସାମାଜିକ ସହାୟତା ଯୋଜନା ଆନୁକୁଲ୍ୟରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ବାବଦରେ ପ୍ରାୟ ୩ ହଜାର ମାମଲା ପେଣ୍ଡିଙ୍ଗ ରହିଛି। ମଧୁବାବୁ ଯୋଜନା ଆନୁକୁଲ୍ୟରେ ୨୦ ହଜାର କେସ ପେଣ୍ଡିଙ୍ଗ ରହିଛି। ଏହାକୁ ତୁରନ୍ତ ଯାଂଚ କରି ସମାଧାନ କରିବାକୁ କୁହାଯାଇଛି। ବାଣିଶ୍ରୀ ଓ ଜାତୀୟ ସ୍କଲାରସିପ୍ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଛତ୍ରପୁର ଉପଖଣ୍ଡ ସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରିଣୀ ସସ୍ମିତା ସ୍ୱାଇଁ, ଉପଖଣ୍ଡପ ସ୍ତରର ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ସହରାଞ୍ଚଳର ସିଇଓ ମାନେ ଉପସ୍ଥିତ ଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପଦ୍ମଲୋଚନ ସେଠୀ

ଆବିର୍ଭାବ - ୦୧/୦୬/୧୯୩୧
ତିରୋଧାନ - ୧୫/୦୭/୨୦୨୫

ଗ୍ରାମ - ଚମ୍ପାବଣୀ ପାଟଣା,
ପଞ୍ଚାୟତ - ଅନକିଆ, ଭୋଗରାଇ

ବାପା...
ଚାହିଁ ଚାହିଁ ଏଗାର ଦିନ ବିତିଗଲା।
ଆପଣଙ୍କ ନୀତି ଆଦର୍ଶ ଓ ଆଶୀର୍ବାଦ
ସଦାସର୍ବଦା ଆମ ସହିତ ରହିଥାଉ। ଏହା ହିଁ
ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ ହତଭାଗ୍ୟ ପୁତ୍ର- ପ୍ରଫୁଲ୍ଲ ସେଠୀ ପ୍ରଦୀପ ସେଠୀ ପରେଶ ସେଠୀ ପ୍ରଶାନ୍ତ ସେଠୀ ବୋହୂ- ରୀନାରାଣୀ, ଶ୍ୟାମଳୀ, ମେନକା, ଝିଅ- ଗୌରୀ,ମଙ୍ଗଳୀ, ଗୁରୁବାରୀ, ସବିତା, ମିନତୀ, ମାଳତୀ, ଜ୍ୱାଇଁ- କାଳିଚରଣ ରବିନ୍ଦ୍ର,ବଲାଇ, ରବିନ୍ଦ୍ର,ଶତୀଷ, ସୁଶାନ୍ତ ଓ ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ

ସକାଳ THE SAKALA



# କାର୍ଯ୍ୟକ୍ଷେତ୍ରରେ ନାରୀ ସୁରକ୍ଷା ସମ୍ପର୍କିତ ସଚେତନତା



ପାଲଲହଡ଼ା,୨୪।୭(ସମିସ): କାର୍ଯ୍ୟକ୍ଷେତ୍ରରେ ନାରୀ ପୁରୁଷ ସମାନତା ଏବଂ ନାରୀ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ପ୍ରିଭେନସନ ଅଫ ସେକ୍ସୁଆଲ ହାରାସମେଣ୍ଟ ଆଇନ ସମ୍ପର୍କିତ ସଚେତନତା କର୍ମଶାଳା ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଡିଓ ନିଶାନ ମିଶ୍ର, ତହସିଲଦାର ଆକାଂକ୍ଷା ମହାପାତ୍ର, ଡେପୁଟି କଲେକ୍ଟର ଗୀତାଞ୍ଜଳି ବେହେରା, ସହକାରୀ ଜିଲ୍ଲାପାଳ ମନୋରଞ୍ଜନ ଜେନା, ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତଙ୍କ ସମେତ ଉପଖଣ୍ଡସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ୨୦୧୩ରେ ପ୍ରଣୟନ ହୋଇଥିବା ଏହି ଆଇନ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନାକୁ ରୋକିବାରେ ସହାୟକ ହୋଇଥାଏ। ୧୦ରୁ ଅଧିକ କର୍ମଚାରୀ ଥିବା ଅନୁଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କୌଣସି ମହିଳା କର୍ମଚାରୀ ଅତ୍ୟାଚାରର ଶିକାର ହେଲେ ସେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିରେ ଅଭିଯୋଗ କରିପାରିବେ କିମ୍ବା ଗ୍ବଷରଭକ୍ଣଙ୍ଘ.ଙ୍ଗମୟ.ଶକ୍ଣଙ୍ଗ.ସଭ ପୋର୍ଟାଲରେ ଅଭିଯୋଗ କରିପାରିବେ। ଏପରି ଅଭିଯୋଗ ଆସିଲେ ଶୂନ୍ୟ ସହନଶୀଳତା ସହିତ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତ୍ତି କୁହାଯାଇଥିଲା।

# ବୟସର ଅପରାହ୍ନରେ ମିଳୁନି ମଧୁବାବୁ ପେନସନ୍



ତାଳଚେରସଦର,୨୪।୭(ସମିସ): ତାଳଚେର ପୌରପରିଷଦ ୯ନମ୍ବର ୱାର୍ଡ ଜାମ୍ବୁବଣିଆ ସାହିର ବସନ୍ତ ସାହୁ (୭୩) ଏ କାର୍ଯ୍ୟାଳୟରୁ ସେ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ଥକିପଡ଼ିଥିଲେ ମଧ ତାଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ସାମିଲ କରାଯାଉନାହିଁ। ବୟସର ଅପରହ୍ଣରେ ବିଭିନ୍ନ ଅସୁବିଧାକୁ ସାମ୍ନାକରି ଦୀର୍ଘବର୍ଷ ହେବ ଏହି ଯୋଜନା ପାଇଁ ପୌରପାଳିକା କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କୁ ଭତ୍ତା ନ ମିଳିବା ପରିତାପର ବିଷୟ ହୋଇଛି। ସେହିପରି ବସନ୍ତଙ୍କ ସ୍ତ୍ରୀ ବାସନ୍ତୀ ସାହୁ ମଧ ଭତ୍ତା ପାଇଁ ଦରଖାସ୍ତ ଦେଇଥିଲେ ହେଁ ତାଙ୍କୁ ମଧ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। କେବଳ ବସନ୍ତ କିମ୍ବା ବାସନ୍ତୀ ନୁହନ୍ତି, ଅନେକ ବୃଦ୍ଧବୃଦ୍ଧା ପେନସନ୍ ପାଇଁ ବିଭିନ୍ନ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ କେହି କେହି ଏଥିରୁ ବଞ୍ଚିତ ହୋଇ ଆରପାରିକୁ ଚାଲି ଯାଉଥିବା ବେଳେ ଆଉ କେହି ସଂଗ୍ରାମ କରି ଚାତକ ପରି ଚାହିଁ ବସିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

# ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅଭିଯୋଗ



ପାଲଲହଡ଼ା,୨୪।୭(ସମିସ): ପାଲଲହଡ଼ାରେ ବିଜେପି ଓ ବିଜେଡି ମଧ୍ୟରେ ତେଜୁଛି ରାଜନୀତି। ଦୁଇଦିନ ପୂର୍ବରୁ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ (ବିଜେଡି) ଓ ତାଙ୍କ ସମର୍ଥିତ କିଛି ସରପଞ୍ଚ, ସମିତି ସଭ୍ୟ ସେମାନଙ୍କୁ ଅଣଦେଖା କରାଯିବା ସହ ବ୍ଲକ ସହକାରୀ ଯନ୍ତ୍ରୀଙ୍କ ବଦଳି କରିବାକୁ ପାଲଲହଡ଼ା ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିବା ବେଳେ ବୁଧବାର ବିଜେପି ମଣ୍ଡଳ ସଭାପତି ଆଶିଷ ସାମଲଙ୍କ ନେତୃତ୍ୱରେ ବିଜେପି ସମର୍ଥିତ ପ୍ରତିନିଧିମାନେ ଅଧ୍ୟକ୍ଷା ନାଏକଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପଞ୍ଚାୟତ ସମିତିର ବିକାଶରେ ଅଧ୍ୟକ୍ଷା ବାଧକ ସାଜିଥିବା ଦର୍ଶାଇ ଉପଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ତୁରନ୍ତ ଏହାର ତଦନ୍ତ କରିବା ସହ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବିଜେପି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ପୂର୍ବତନ ରୋଟାରିଆନ ଗୋପାଳକୃଷ୍ଣ ସିଂହଙ୍କ ପରଲୋକ



ଅନୁଗୋଳ,୨୪।୭(ସମିସ): ପୂର୍ବତନ ରୋଟାରିଆନ ଯନ୍ତ୍ରୀ ଗୋପାଳକୃଷ୍ଣ ସିଂହଙ୍କର ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହେଇଛି। ଅନୁଗୋଳ ଜିଲ୍ଲା ପୁରୁଣାଗଡ଼ (ଶାସନ) ରେ ୧୯୪୩ ନଭେମ୍ବର ୨୬ରେ ସେ ଜନ୍ମଗ୍ରହଣ କରିଥିଲେ। ସେ କୋରାପୁଟ ଜିଲ୍ଲା ସିମିଳିଗୁଡ଼ାରେ ଓଡ଼ିଶା ସରକାରଙ୍କ ଜଳସେଚନ ବିଭାଗରେ ସହକାରୀ ଯନ୍ତ୍ରୀ ଭାବେ ଚାକିରି ଜୀବନ ଆରମ୍ଭ କରି ହୀରାକୁଦରେ ଅଧିକ୍ଷଣ ଯନ୍ତ୍ରୀ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ଦୁଇପୁଅ ଓ ବୋହୂ, ଝିଅ ଓ ଜ୍ୱାଇଁ ଏବଂ ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବୁଧବାର ରୋଟାରି ସ୍କୁଲରେ ଶିକ୍ଷାଦାନ ତଥା କାର୍ଯ୍ୟାଳୟ ବନ୍ଦ ରହିଥିଲା।

# ଲୋ-ଭୋଲଟେଜ୍ ଯୋଗୁଁ ଉପଭୋକ୍ତା ଅତିଷ୍ଠ

■ ପାଣି ପମ୍ପ ନ ଚାଲିବାରୁ ସ୍କୁଲ ମଧ୍ୟାହ୍ନ ଭୋଜନରେ ବାଧା, ଶୌଚାଳୟରେ ତାଲା

■ ଉପର ମୁଣ୍ଡରେ କମର୍ସିଆଲ କନେକ୍ସନ, ତଳମୁଣ୍ଡ ଯାଏଁ ହୁକ୍ ପକାଇ ବାଟମାରଣା

ଅନୁଗୋଳ,୨୪।୭(ସମିସ): ସରକାରଙ୍କ ଦ୍ୱାରା ପରିଚାଳିତ ବିଦ୍ୟୁତ ବିତରକ ଟାଟା କମ୍ପାନୀ କର୍ମଚାରୀଙ୍କ ମନମାନୀ ନୀତି। ଉପଭୋକ୍ତାଙ୍କ ଅଭିଯୋଗ ଶୁଣୁନାହାନ୍ତି କର୍ତ୍ତୃପକ୍ଷ। ଟୋଲ ଫ୍ରି ନମ୍ବରରେ ଫୋନ କଲେ ମିଳୁଛି କେବଳ ଆଶ୍ୱାସନା। ଗ୍ରାମାଞ୍ଚଳରେ ଉପଭୋକ୍ତାଙ୍କ ଆବଶ୍ୟକତାଠାରୁ ଅଳ୍ପ କ୍ଷମତାର ଟ୍ରାନ୍ସଫର୍ମର ବସାଇବା ଏବଂ ସେଥିରେ ପୁଣି ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଫେଜ ଲାଇନରେ ବ୍ୟବସାୟିକ କନେକ୍ସନ ଦିଆଯାଇଛି। ଟ୍ରାନ୍ସଫର୍ମର ଖରାପ ହେଲେ ସଜାଡ଼ିବାକୁ ଦିନ ଦିନ ଲାଗିଯାଉଛି। ଗ୍ରାମାଞ୍ଚଳରେ ଗରିବ ଲୋକେ ହୁକ ପକାଇ ବିଦ୍ୟୁତ ଚୋରି କରୁଥିବା ବେଳେ ସ୍ବଚ୍ଛଳ ବର୍ଗ ଲୋକେ ଅନୁରୂପ ଭାବେ ବିଦ୍ୟୁତ ଚୋରି କରି ଏସି, ହିଟର ଲଗାଇ ଅଏସ କରୁଛନ୍ତି। କମ୍ପାନୀ କର୍ମଚାରୀମାନେ ହାତଗୁଞ୍ଜା ପାଇ ନିରବ ରହୁଛନ୍ତି। ଫଳରେ ଟ୍ରାନ୍ସଫର୍ମରଠାରୁ ଦୂର ଅବା ତଳ ମୁଣ୍ଡରେ ଥିବା ଉପଭୋକ୍ତା କିମ୍ବା ସରକାରୀ ଅନୁଷ୍ଠାନକୁ ବିଦ୍ୟୁତ ଅପହଞ୍ଚ ହୋଇପଡୁଛି। ଲୋ-ଭୋଲଟେଜ ଯୋଗୁଁ ଲାଇଟ ଲାଗିଲେ ଫ୍ୟାନ ଘୂରୁନାହିଁ, ଅତ୍ୟାବଶ୍ୟକ ପାଣି ମୋଟର ଚାଲିବ ବା କ'ଣ। ଏଭଳି ସମସ୍ୟା ଦେଖାଦେଇଛି ବଅଁରପାଳ ବ୍ଲକ ସନ୍ତୀରି ପଞ୍ଚାୟତରେ। ପଞ୍ଚାୟତର ଜମୁଗାଡ଼ିଆ ଛକରୁ ନେହରୁ ହାଇସ୍କୁଲ ପର୍ଯ୍ୟନ୍ତ ଯାଇଥିବା ଘରୋଇ ବ୍ୟବହାର ଉପଯୋଗୀ ଲାଇନ ଦୀର୍ଘଦିନ ହେବ ଲୋ-ଭୋଲଟେଜ ସମସ୍ୟା ଉପଭୋକ୍ତାଙ୍କୁ ଅତିଷ୍ଠ କରୁଛି। ୬୫ କେଭି କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବସିଛି। ଏଥିରେ କିଛି ବ୍ୟବସାୟିକ ପ୍ରତିଷ୍ଠାନକୁ କନେକ୍ସନ ଦିଆଯାଇଥିବାରୁ ତଳ ମୁଣ୍ଡକୁ ଭୋଲଟେଜ କମ ରହୁଛି। ବିଦ୍ୟୁତ୍ ଚୋରି ମଧ ହେଉଛି। କର୍ମଚାରୀଙ୍କ ଜ୍ଞାତରେ ଚାଲିଛି ବିଦ୍ୟୁତ ଚୋରି। ତଳ ମୁଣ୍ଡରେ ଥିବା ନେହରୁ ହାଇସ୍କୁଲଠାରେ ବିଦ୍ୟୁତ ପହଞ୍ଚିଲା ବେଳକୁ ଲୋ-ଭୋଲ୍ଟେଜ ହେଉଛି। ଏଥିପାଇଁ ସ୍କୁଲରେ ଥିବା ପାଣି ପମ୍ପ କାମ କରୁନି। ବିଦ୍ୟାଳୟର ଶୌଚାଳୟ, ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଏବଂ ବ୍ୟବହାର ପାଇଁ ପାଣି ସମସ୍ୟା ହେଉଛି। ପାଣି ନିହାତି ଆବଶ୍ୟକତା ଥିବାରୁ ସ୍କୁଲ କର୍ତ୍ତୃପକ୍ଷ ଜେନେରେଟର ଲଗାଇ ଦିନକୁ ପ୍ରାୟ ଶହେ ଟଙ୍କା ଖର୍ଚ୍ଚରେ ପେଟ୍ରୋଲ ଦ୍ୱାରା ପାଣି ପମ୍ପ ଚଳାଇ ଆବଶ୍ୟକତା ପୂରଣ କରୁଛନ୍ତି। ତେବେ ଏହି ଖର୍ଚ୍ଚ ପାଇଁ ଟଙ୍କା ଆସିବ କେଉଁଠୁ, ଆଉ ଏ ପଟେ ପ୍ଲାଷ୍ଟିକ ବୋତଲରେ ଖୁଚୁରା ପେଟ୍ରୋଲ ମନା। ସ୍କୁଲ ପରିଚାଳନା କମିଟି ସ୍ଥାନୀୟ ବିଦ୍ୟୁତ କମ୍ପାନୀ ଏସଡିଓ, ଯନ୍ତ୍ରୀଙ୍କୁ ବହୁବାର ଅଭିଯୋଗ କରିଆସୁଛନ୍ତି ହେଲେ ପ୍ରତିକାର କରାଯାଉ ନ ଥିବା ଅଭିଯୋଗ ହୋଇଛି।

# ଶ୍ରମିକ ସଂଗଠନ ପକ୍ଷରୁ ବିଏମଏସ ପ୍ରତିଷ୍ଠା ଦିବସ ପାଳିତ



ନାଲକୋ ନଗର,୨୪।୭(ସମିସ): ନାଲକୋ ନଗର ଦି' କ୍ଲବଠାରେ ଭାରତୀୟ ମଜଦୁର ସଂଘ (ବିଏମଏସ) ସହବନ୍ଧିତ ନାଲକୋ ସିପିପି ପ୍ଲାଣ୍ଟର ଅଗ୍ରଣୀ ଶ୍ରମିକ ସଂଗଠନ ନାଲକୋ ବିଦ୍ୟୁତ ମଜଦୁର ସଂଘ (ଏନ୍‌ଭିଏମ୍‌ଏସ୍) ପକ୍ଷରୁ ବିଏମଏସର ୭୧ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏନଭିଏମଏସ ସଭାପତି ପ୍ରକାଶ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନାଲକୋ ସିପିପି ପ୍ଲାଣ୍ଟ ଡିଜିଏମ ସତ୍ୟବାଦୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଦେଶର ପ୍ରଗତି ପାଇଁ ଉଦ୍ୟୋଗର ବିକାଶ ଆବଶ୍ୟକ। ବିଏମଏସ ସର୍ବଦା ନିଷ୍ପେସିତ, ଅବହେଳିତ ଲୋକଙ୍କ ପାଇଁ ସଂଘର୍ଷ କରିଛି। ଦେଶର ଅର୍ଥନୀତିରେ ସାଧାରଣ ଲୋକଙ୍କ ସମ୍ପୃକ୍ତି ରହିବା ଆବଶ୍ୟକ। ବିଏମଏସର ଆଭିମୁଖ୍ୟ କମ୍ପାନୀର ହିତ ପାଇଁ ବୋଲି ମିଶ୍ର କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଜିଏମ (ଏଚ ଆଣ୍ଡ ଏ) ସୁନୀଲ ମହାପାତ୍ର ଯୋଗଦେଇ କହିଲେ ଶ୍ରମିକମାନଙ୍କ ପାଇଁ ଶିଳ୍ପର ଅଭିବୃଦ୍ଧି ହୋଇଛି। କମ୍ପାନୀ ମ୍ୟାନେଜମେଣ୍ଟ ଓ ଶ୍ରମିକଙ୍କ ସହଭାଗିତାରେ ଶିଳ୍ପର ବିକାଶ ସମ୍ଭବ। ଶ୍ରମିକମାନଙ୍କ ମୌଳିକ ଅଧିକାର ପ୍ରଦାନ ପାଇଁ ନାଲକୋ ସବୁବେଳେ ବଦ୍ଧପରିକର। ନାଲକୋକୁ ନବରତ୍ନରୁ ମହାରତ୍ନ କରିବାକୁ ଶ୍ରମିକଙ୍କୁ ଆହ୍ୱାନ ଦେଇଥିଲେ। ସଂଗଠନ ସଭାପତି ସିଂହ ସଭାପତୀୟ ଅଭିଭାଷଣରେ ନାଲକୋ କର୍ମଚାରୀଙ୍କ ପିଲାଙ୍କୁ ନିଯୁକ୍ତିରେ କୋହଳ କରିବା, ପାରିପାର୍ଶ୍ୱିକ ଅଞ୍ଚଳକୁ ନିୟମିତ ଜଳ ଯୋଗାଣ ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ପ୍ରଦାନ ଏବଂ ରାସ୍ତା ମରାମତି କରିବାକୁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଧାରଣ ସମ୍ପାଦକ ସୁଜିତ ସେଠ ସଂଗଠନର ଆଭିମୁଖ୍ୟ ଓ ବିଗତ ଦିନରେ କାର୍ଯ୍ୟାବଳୀ ଉପସ୍ଥାନ କରିଥିଲେ। ବିଏମଏସ ଜିଲ୍ଲା ସମ୍ପାଦକ ଅଜୟ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରବାଦୀ ସଂଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ସତ୍ୟବାନ ବରାହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, କୁଲାଡ଼ ସରପଞ୍ଚ ଉଷା ସ୍ୱାଇଁ, ବଳରାମ ପ୍ରସାଦ ସରପଞ୍ଚ ଜୟନ୍ତୀ ସାହୁ, ଆରଏସଏସ ଜିଲ୍ଲା ସଭାପତି ବିଜୟ ସାହୁ, ଏମଏଏସ ଶ୍ରମିକ ସଂଗଠନ ସଭାପତି ମୁନା ସାମଲ, କାର୍ଯ୍ୟକାରୀ ସଭାପତି ଗୋପାଳକୃଷ୍ଣ ମଲ୍ଲିକ, ବିଜେପି ନେତା ଦିଲୀପ ରାଉତ, ଅନୁଗୋଳ ପୌରପାଳିକା କାଉନସିଲର ପ୍ରମୁଖ ଯୋଗଦେଇଥିଲେ। ସଂଗଠନର ଯୁଗ୍ମ ସାଧାରଣ ସମ୍ପାଦକ ମନୋଜ ଅମାନ୍ତଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ଶେଷରେ ସିପିପି ପ୍ଲାଣ୍ଟର ଦୁଇ ସହଯୋଗୀ କର୍ମଚାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟାଳୟ ସମ୍ପାଦକ ସୁନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଚାରାରୋପଣ



ଅନୁଗୋଳ,୨୪।୭(ସମିସ): ଅନୁଗୋଳ ରେଲୱେ କଲୋନୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ ପରିସରରେ ଅନୁଗୋଳ ସତ୍ୟସାଇ ସେବା ସମିତି ସହଯୋଗରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ. ପଙ୍କଜ କୁମାର ଏଥିରେ ସାମିଲ ହୋଇ ବୃକ୍ଷକୁ ଛାତ୍ରଛାତ୍ରୀଙ୍କ ଭଳି ସେବାଯତ୍ନ କରି ବିକଶିତ କରିଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି କହିଥିଲେ। ସମସ୍ତେ ନିଜ ବଗିଚାରେ ଅନ୍ୟୂନ ଗୋଟିଏ ଚାରା ଲଗାଇ ତା'ର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ସତ୍ୟସାଇ ସେବା ସମିତି ପ୍ରେମ କଳ୍ପତରୁ ପ୍ରକଳ୍ପ ଆବାହକ ଦେବାଶିଷ ପଟ୍ଟନାୟକ, ସଦସ୍ୟ ଏବଂ ଛାତ୍ରଛାତ୍ରୀମାନେ ୪୦ଟି ଚାରାରୋପଣ କରିଥିଲେ। ଆସନ୍ତା ସପ୍ତାହରେ ଏହି ବିଦ୍ୟାଳୟ ପରିସରରେ ଆଉ ଶହେ ଚାରାରୋପଣ କରାଯିବ ବୋଲି ଆବାହକ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଜିଲ୍ଲାପାଳଙ୍କୁ ତାଳଚେର ଟ୍ରକ ମାଲିକ ସଂଘର ଦାବିପତ୍ର




ତାଳଚେରସଦର,୨୪।୭(ସମିସ): ତାଳଚେର ଟ୍ରକ୍ ମାଲିକ ସଂଘ ସଭାପତି ଅରବିନ୍ଦ ଭୁତିଆଙ୍କ ନେତୃତ୍ୱରେ ସ୍ଥାନୀୟ ଟ୍ରକ ମାଲିକମାନେ ବୁଧବାର ଟ୍ରକ ଯୋଗେ କୋଇଲା ପରିବହନ ନେଇ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଗତ ୬/୭ ମାସ ହେଲା ୱାଗନ ଯୋଗେ ଅଧିକ କୋଇଲା ପରିବହନ ଯୋଗୁଁ ତାଳଚେର ଟ୍ରକ ମାଲିକମାନେ ନିଜ ବ୍ୟବସାୟ ହରାଇ ବସିଥିବା ଜିଲ୍ଲାପାଳଙ୍କୁ ଅବଗତ କରାଇବା ସହିତ ଟ୍ରକ ମାଲିକମାନଙ୍କ ପେଟପାଟଣା ପ୍ରତି ଦୃଷ୍ଟି ଦେବାକୁ ନିବେଦନ କରିଥିଲେ। ଅନ୍ୟପକ୍ଷରେ ବର୍ତ୍ତମାନ ୧୪୯ ଓ ୫୩ନଂ ଜାତୀୟ ରାଜପଥ ଭାଙ୍ଗିରୁଜି ଖାଲଖମାରେ ଭର୍ତ୍ତି ହୋଇଥିବାରୁ ୫ ଦିନରେ ଗୋଟିଏ ଟ୍ରିପ ମଧ କୋଇଲା ପରିବହନ ହୋଇପାରୁ ନାହିଁ। ତେଣୁ ରାସ୍ତା ସମସ୍ୟା ଓ ୱାଗନରେ କୋଇଲା ପରିବହନକୁ ନେଇ ହେଉଥିବା କ୍ଷତିକୁ ଯୋଗୁଁ ଟ୍ରକ୍ ମାଲିକମାନେ ଦୁଃଖକଷ୍ଟରେ ଜୀବନ ଯାପନ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ଗାଡ଼ି ମରାମତି ଦୂରେଥାଉ, ପରିବାର ପ୍ରତିପୋଷଣ କରିବା ମଧ ସମ୍ଭବ ହେଉନାହିଁ। ଏହାଦ୍ୱାରା ତାଳଚେରର ପ୍ରାୟ ୫ ହଜାର ଟ୍ରକ ମାଲିକଙ୍କ ପରିବାର ପ୍ରଭାବିତ ହେବା ସହ ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ନିର୍ଭର କରୁଥିବା ପ୍ରାୟ ୫୦ ହଜାର ପରିବାରର ଦାନାପାଣି ଉଜୁଡ଼ିବାକୁ ବସିଲାଣି। ଏହାକୁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱର ସହିତ ବିଚାର କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସମସ୍ୟାର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ସେମାନେ ନିବେଦନ କରିଛନ୍ତି।

■ ସ୍ୱାଧୀନତା ସଂଗ୍ରାମୀ ଟ୍ରଷ୍ଟର ବୈଠକ

# ବିନାୟକ ସଭାପତି, କ୍ଷୀରସିନ୍ଧୁ ସମ୍ପାଦକ





କଣିହାଁ,୨୪।୭(ସମିସ): କଣିହାଁ ବ୍ଲକସ୍ଥିତ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟର ସାଧାରଣ ବୈଠକ ବୁଧବାର ପୂର୍ବାହ୍ନରେ ଗଙ୍ଗୋତ୍ରୀ ଗେଷ୍ଟ ହାଉସରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିନାୟକ ପ୍ରଧାନଙ୍କୁ ସଭାପତି ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କ୍ଷୀରସିନ୍ଧୁ ସେଠୀଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଛି। ସେହିପରି ଉପସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଭାବେ କର୍ଣ୍ଣ କୁମାର ଭୂତିଆଙ୍କୁ ସର୍ବସମ୍ମତି କ୍ରମେ ୫ ବର୍ଷ ପାଇଁ ମନୋନୀତ କରାଯାଇଛି। ଏ ନେଇ ନୂତନ ସଭାପତି ଓ ସମ୍ପାଦକ ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବେଆଇନ ବାଇପାସ ରାସ୍ତା ନିର୍ମାଣକୁ ବିରୋଧ

କଣିହାଁ,୨୪।୭(ସମିସ): କଣିହାଁ ଗ୍ରାମର ପଟ୍ଟା ଜମି ଉପରେ ଜେଆଇପିଏଲ କମ୍ପାନୀ ବେଆଇନ ଭାବେ ବାଇପାସ ରାସ୍ତା ନିର୍ମାଣ କରୁଥିବା ବେଳେ କଣିହାଁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଣିହାଁ ତହସିଲଦାରଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ବୁଧବାର ସକାଳେ ଗ୍ରାମ ସଭାପତି କେଶବ ସାହୁ, ସମ୍ପାଦକ ସୂର୍ଯ୍ୟକାନ୍ତ କୁମାର ନାଏକଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଶୋଭାଯାତ୍ରାରେ ଗ୍ରାମରୁ ବାହାରି କଣିହାଁ ବଜାର ପରିକ୍ରମା କରି କଣିହାଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମବାସୀ ଅଭିଯୋଗ କରିଛନ୍ତି



କଣିହାଁ ଗ୍ରାମବାସୀଙ୍କ ବିକ୍ଷୋଭ

ଯେ କଣିହାଁ କୋଇଲାଖଣି ପ୍ରକଳ୍ପ ଦ୍ୱାରା ଜମି ଅଧିଗ୍ରହଣ କରାଯାଇଛି। ୩ ପର୍ଯ୍ୟାୟରେ ଗ୍ରାମର ୭୮ ପ୍ରତିଶତରୁ ଅଧିକ ଚାଷଜମି, ଘରବାରି ଓ ଘର କଣିହାଁ ଖୋଲାମୁହଁ କୋଇଲାଖଣି ପ୍ରକଳ୍ପ ଦ୍ୱାରା ଅଧିଗ୍ରହଣ ହୋଇଛି। ଇତିମଧ୍ୟରେ ଏମସିଏଲ ୨୦୧୯ରେ ୨୦ଜଣ ଏବଂ ୨୦୨୪ରେ ୨ଜଣଙ୍କୁ ନିଯୁକ୍ତି ଦେଇଥିବା ବେଳେ ବଳକା ପରିବାରକୁ ଏପର୍ଯ୍ୟନ୍ତ ନିଯୁକ୍ତି ଦେଇନାହିଁ। ନିଯୁକ୍ତି ନ ଦେଇ କମ୍ପାନୀ ଲୋକଙ୍କ ପଟ୍ଟା ଜମିରେ ପ୍ରଶାସନ ସହାୟତାରେ ଜେଆଇପିଏଲ କୋଇଲା ପରିବହନ ପାଇଁ ବେଆଇନ ଭାବେ ବାଇପାସ ରାସ୍ତା ନିର୍ମାଣ କରୁଛି। ଉଚିତ ନ୍ୟାୟ ପ୍ରଦାନ ନିମିତ୍ତ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ବିଧାନସଭା ଷ୍ଟାଣ୍ଡିଂ କମିଟିର ଗସ୍ତ





ତାଳଚେରସଦର,୨୪।୭(ସମିସ): ସ୍ୱାସ୍ଥ୍ୟବିଭାଗ ଷ୍ଟାଣ୍ଡିଂ କମିଟି ବୁଧବାର ଅନୁଗୋଳ ଜିଲ୍ଲା ଗସ୍ତରେ ଆସିଥିଲେ। କମିଟି ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ପହଞ୍ଚି ରୋଗୀସଂଖ୍ୟା ଦେଖିବା ସହ ଡାକ୍ତର ଅଭାବ, ଭିତ୍ତିଭୂମି ଓ ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ପରେ ପବିତ୍ର ମୋହନ ମେଡିକାଲ କଲେଜକୁ ଯାଇ ପରିଦର୍ଶନ କରିଥିଲେ। ଏହି ମେଡିକାଲ କଲେଜ ଶୀଘ୍ର ଚାଲୁହେବ। କେଉଁକେଉଁ ସରଞ୍ଜାମ ଆବଶ୍ୟକ ଓ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ସରକାରଙ୍କୁ ଜଣାଇବେ ବୋଲି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପର୍ଜଙ୍ଗ ବିଧାୟକ ପ୍ରକାଶ କରିଛନ୍ତି।

ଏମସିଏଲ ପକ୍ଷରୁ ପ୍ରାୟ ୧୬ଶହ କୋଟି ଟଙ୍କା ବ୍ୟୟରେ ଏହି ମେଡିକାଲ କଲେଜ ନିର୍ମାଣ ହୋଇଛି। ତେବେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିବା ସହ ଏହା କେବେ କାର୍ଯ୍ୟକ୍ଷମ ହେବ ସେ ନେଇ ଆଶା ଆଶଙ୍କା ଦେଖାଦେଇଛି। ବିଭିନ୍ନ ସରକାରୀ ଡାକ୍ତରଖାନାରୁ ମାତ୍ର ପିରିୟଡିକାଲ୍ ଭାବେ ୨୮ଜଣ ଡାକ୍ତରଙ୍କୁ ମେଡିକାଲ କଲେଜରେ ନିଯୁକ୍ତି ମିଳିଥିବା ବେଳେ ଆବଶ୍ୟକ ଡାକ୍ତର ନ ଥିବାରୁ ରୋଗୀମାନେ ସେଠାରୁ ମୁହଁ ଫେରାଇ ନେଉଥିବା ଅଭିଯୋଗ ହେଉଛି। ବୁଧବାର ଘଣ୍ଟାପଡ଼ା ପଞ୍ଚାୟତବାସୀଙ୍କ ପକ୍ଷରୁ ଉକ୍ତ ମେଡିକାଲକୁ ଆମ୍ବୁଲାନ୍ସ ସେବା, ସାପକାମୁଡ଼ା, କୁକୁର କାମୁଡ଼ା ଇଞ୍ଜେକ୍ସନ ଓ ସ୍ୱତନ୍ତ୍ର ଭାବେ ଡେଙ୍ଗୁ ୱାର୍ଡ କରିବା ନେଇ ଷ୍ଟାଣ୍ଡିଂ କମିଟିକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଷ୍ଟାଣ୍ଡିଂ କମିଟିରେ ଅଧ୍ୟକ୍ଷ ତଥା ପର୍ଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ବିଧାୟିକା ପ୍ରମିଳା ମଲ୍ଲିକ, ସୀମାରାଣୀ ନାଏକ, ପ୍ରଶାନ୍ତ ବେହେରା, ଉମାଶାଙ୍କର ମଲ୍ଲିକ, ପ୍ରକାଶ ଚନ୍ଦ୍ର ସେଠୀ, ହିମାଂଶୁ ମୋହନ ନାଏକ, ଗୌତମବୁଦ୍ଧ ଦାସ, ରୂପେଶ ପାଣିଗ୍ରାହୀ, ସତ୍ୟଜିତ୍ ଗମାଙ୍ଗ, ବିଜୟ ଦଳବେହେରା ସାମିଲ ଥିଲେ। ଜଏଣ୍ଟ ସେକ୍ରାଟାରୀ ବିଦ୍ୟାଧର ମାଝୀ ଓ ଅନୁଗୋଳ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

ପାଲଲହଡ଼ା: ପର୍ଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଧାନସଭା ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ପାଲଲହଡ଼ା ଗସ୍ତରେ ଆସି ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନା ଓ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। କମିଟି ସଦସ୍ୟ ବିଧାୟକ ପ୍ରଶାନ୍ତ ବେହେରା, ଉମାଚରଣ ମଲ୍ଲିକ, ପ୍ରକାଶ ଚନ୍ଦ୍ର ସେଠୀ, ଫକୀର ମୋହନ ନାଏକ, ରୂପେଶ ପାଣିଗ୍ରାହୀ, ସତ୍ୟଜିତ ଗମାଙ୍ଗ ଏବଂ ବିଜୟ ଦଳବେହେରା ପ୍ରମୁଖ ପରିଦର୍ଶନରେ ଆସିଥିବା ବେଳେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି କମିଟି ସଦସ୍ୟଙ୍କୁ ସ୍ୱାଗତ କରି ଚିକିତ୍ସାଳୟ ପରିଦର୍ଶନ କରାଇଥିଲେ। ଏହି ମେଡିକାଲଗୁଡ଼ିକରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସମୀକ୍ଷା କରିବା ସହିତ କ'ଣ କ'ଣ ସମସ୍ୟା ଓ ଅସୁବିଧା ରହିଛି ସେ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପାଲଲହଡ଼ା ଓ ଖମାର ମେଡିକାଲରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ, ଅତ୍ୟାଧୁନିକ ରକ୍ତ ନମୁନା ପରୀକ୍ଷା, ଇନ୍‌ଡୋର ପେସେଣ୍ଟ ରହୁଥିବା ୱାର୍ଡଗୁଡ଼ିକରେ ବର୍ଷାଦିନେ ଡ୍ରେନ ପାଣି ପଶି ଅଭାବନୀୟ ଅବସ୍ଥା ସୃଷ୍ଟି ହେଉଥିବାରୁ ସେହି ବିଲଡିଂଗୁଡ଼ିକୁ ଭାଙ୍ଗି ନୂତନ ବିଲଡିଂ ନିର୍ମାଣ କରିବା, ଟ୍ରମା କେୟାର ସେଣ୍ଟର ସ୍ଥାପନ, ଚକ୍ଷୁ ଚିକିତ୍ସା ବିଭାଗ କୁ ପୁନଃ କାର୍ଯ୍ୟ କ୍ଷମ କରିବା, ବ୍ଲଡ୍ ବ୍ୟାଙ୍କ, ଅଲଟ୍ରାସଉଣ୍ଡ ଓ ଏକ୍ସ-ରେ କାର୍ଯ୍ୟକ୍ଷମ କରିବା, ଆବଶ୍ୟକ ମୁତାବକ ଡାକ୍ତରଖାନା ଗୃହ ନିର୍ମାଣ, ସାଧାରଣ ଅସ୍ତ୍ରୋପଚରକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଷ୍ଟାଣ୍ଡିଂ କମିଟି ସମ୍ମୁଖରେ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ଦାବି କରିଥିଲେ। ପାଲଲହଡ଼ା ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ବିଶ୍ୱନାଥ ମୁର୍ମୁ, ଡା. ଦିଲୀପ କୁମାର ଭୋଇ, ଡା. ବିମଲେଶ ଓଝା, ଡା. ଶାନ୍ତନୁ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବରିଷ୍ଠ ନେତା ଲିଙ୍ଗରାଜ ଦାଶ, ମଣ୍ଡଳ ସଭାପତି ଆଶିଷ ସାମଲ, ସୁଶୀଲ ସାମଲ, କାର୍ତ୍ତିକ କୁମାର ସାହୁ, ଅନ୍ତର୍ଯ୍ୟାମୀ ରାଉତ ପ୍ରମୁଖଙ୍କ ସମେତ ବହୁ ବିଜେପି କର୍ମୀ ଡାକ୍ତରଖାନାରେ ଉପସ୍ଥିତ ରହି କମିଟି ସମ୍ମୁଖରେ ସମସ୍ୟା ସମାଧାନ ପାଇଁ ନିବେଦନ କରିଥିଲେ।



୨୪/୭/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୮୦,୪୭୨/- ସୁନା: ୦୨.୮୦୦ ଗ୍ରାମ୍ ରୂପା: ୩୩.୨୦୦ ଗ୍ରାମ୍



## ଅମାବାସ୍ୟା ନାରାୟଣଙ୍କ ସାଗରବିଜେ



**ପୁରୀ,୨୪।୭(ସମିସ):** ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗରବିଜେ କରିଥା'ନ୍ତି। ସୋମବାର ଶ୍ରାବଣ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗରବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗରବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ଯମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ସାକ୍ଷୀଗୋପାଳ ମନ୍ଦିରରେ ଚିତାଲାଗି ଅମାବାସ୍ୟା ନୀତି

**ସାକ୍ଷୀଗୋପାଳ,୨୪।୭(ସମିସ):** ଗୁରୁବାର ଚିତାଲାଗି ଅମାବାସ୍ୟା ପର୍ବ ସ୍ଥାନୀୟ ସାକ୍ଷୀଗୋପାଳ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରେ ଦ୍ୱାର ଉନ୍ମୋଚନ କରାଯାଇ ଠାକୁରଙ୍କ ମଙ୍ଗଳ ଆଳତି, ବେଶ, ମଇଲମ, ମର୍ଦ୍ଦନ, ଅବକାଶ, ସୂର୍ଯ୍ୟପୂଜା, ବାହାର ଦ୍ୱାରପାଳ ପୂଜା, ଭିତର ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ ଆଦି ଅନୁଷ୍ଠିତ ହୋଇଥିଲା। ଦ୍ୱିପହର ଧୂପରେ ଯାତ ଭୋଗ, ପରେ ସାକ୍ଷୀଗୋପାଳ ଠାକୁରଙ୍କ ମସ୍ତକରେ ସୁବର୍ଣ୍ଣ ଚିତାଲାଗି କରାଯାଇଥିଲା। ଆଳତି ଓ ଉପଚାର ଅନୁଷ୍ଠିତ ହୋଇଥିଲା। ସୁନାଚିତା ଲାଗି ପରେ ଛତ୍ରୀ, ତ୍ରାସ, ଛାମୁଖୁଣ୍ଟିଆ କାଠି ବାଡ଼େଇବା ପରେ ଘଣ୍ଟ, ବିଜେ କାହାଳୀ, ତେଲିଙ୍ଗି ବାଜା ଓ ମହୁରୀ ବଜାଯାଇ ଆଳତି ଅନୁଷ୍ଠିତ ହୋଇଥିଲା। ପୂଜାପଣ୍ଡା ସେବକ ଠାକୁରଙ୍କୁ ଦୁବ ଓ ଅରୁଆ ଚାଉଳରେ ବନ୍ଦାପନା କରିଥିଲେ। ଠାକୁରଙ୍କର ଏହି ବେଶ ଦର୍ଶନ ନିମନ୍ତେ ସ୍ଥାନୀୟ ଭକ୍ତଙ୍କ ସମାଗମ ହୋଇଥିଲା। ଗହମରେ ପ୍ରସ୍ତୁତ ଚିତଉପିଠା ଭୋଗ କରାଯାଇଥିଲା। ଗ୍ରାମାଞ୍ଚଳରେ ପ୍ରତ୍ୟେକଙ୍କ ଘରେ ଚିତଉପିଠା କରାଯାଇଥିଲା। କୃଷକ ପରିବାର ତରଫରୁ ନଦୀ, ପୁଷ୍କରିଣୀ ଓ ଜଳାଶୟମାନଙ୍କରେ ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ଚିତଉପିଠା ଦିଆଯାଇଥିଲା। ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ଏହି ଚିତଉପିଠା ଦେଲେ କୃଷି କାର୍ଯ୍ୟ ସମୟରେ ଗେଣ୍ଡାମାନଙ୍କ ଦ୍ୱାରା ଗୋଡ଼ ହାତ କଟିଯିବାର ଭୟ ନ ଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି।

# ଆନ୍ଧ୍ରର ପୋକରା କାଜୁ ପାଇଁ ଓଡ଼ିଶା ବଦନାମ

**ପୁରୀ,୨୪।୭(ସମିସ)**

ଆନ୍ଧ୍ରର ପୋକରା କାଜୁ ପାଇଁ ବଦ୍‌ନାମ ହେଉଛି ଓଡ଼ିଶା। ପର୍ଯ୍ୟଟକଙ୍କୁ ବିଭିନ୍ନ ସମୟରେ ଏହି ପୋକରା କାଜୁ ବିକ୍ରି କରାଯାଉଛି। ବିଶେଷକରି ପୁରୀ ଏବଂ କୋଣାର୍କରେ ଏହି ନିମ୍ନମାନର କାଜୁକୁ ନେଇ ହୋ-ହଲ୍ଲା ହେଉଛି। ହେଲେ ଏହାକୁ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୋଧରେର କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଧୀରେ ଧୀରେ ଏହି ବେପାର ବଢ଼ିବାରେ ଲାଗିଛି। ଯେଉଁମାନେ ପ୍ୟାକେଟ୍ ନେଇ ଘଟଣାସ୍ଥଳରୁ ପଳାଇ ଯାଉଛନ୍ତି ତାହା ତ ଅଲଗା କଥା। କିନ୍ତୁ ଯେଉଁମାନେ ପ୍ୟାକେଟ୍ ଖୋଲୁଛନ୍ତି ଖୋଲିଯାଉଛି ପୋକରା କାଜୁ ବିକ୍ରେତାଙ୍କ ଅସଲ ମୁଖା। ଗତ ସୋମବାର ଏହି ପୋକରା କାଜୁ ବିକ୍ରିକୁ ନେଇ କୋଣାର୍କରେ ପଶ୍ଚିମବଙ୍ଗରୁ ଆସିଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ସେମାନେ ଥାନାକୁ ଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଫେରାଦ ହୋଇଥିଲେ। ହେଲେ ପୁଲିସ ପହଞ୍ଚିବା ବେଳକୁ ବ୍ୟକ୍ତି ଜଣଙ୍କ ଫେରାର୍ ହୋଇଯାଇଥିଲେ।

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କରେ ବିଭିନ୍ନ ସମୟରେ ପର୍ଯ୍ୟଟକ ଶୋଷଣର ଶିକାର ହେଉଛନ୍ତି। କେତେବେଳେ ପାର୍କିଂକୁ ନେଇ ତ ପୁଣି କେତେବେଳେ ଖାଦ୍ୟ ଏବଂ ହୋଟେଲ ରହଣିକୁ ନେଇ। ପୂର୍ବରୁ ଏମିତି ଅନେକ ଅଭିଯୋଗ ରହିଆସିଛି। ଏବେ କାଜୁରେ ବି ପର୍ଯ୍ୟଟକଙ୍କୁ ଲୁଟ୍ କରୁଛନ୍ତି କିଛି ଅସାଧୁ ବ୍ୟବସାୟୀ। ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ କୋଣାର୍କ। ସୂର୍ଯ୍ୟ ମନ୍ଦିର ପରିଦର୍ଶନ ପାଇଁ ପ୍ରତିଦିନ ଦେଶ ବିଦେଶରୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। କିଛି ଅସାଧୁ ବ୍ୟବସାୟୀ ଏବଂ ବ୍ୟକ୍ତି ବିଭିନ୍ନ ଉପାୟରେ ପର୍ଯ୍ୟଟକଙ୍କୁ ଲୁଟିଥାନ୍ତି। ଯେହେତୁ କୋଣାର୍କରେ ପର୍ଯ୍ୟାପ୍ତ କାଜୁ ବିକ୍ରି ହୋଇଥାଏ ତେଣୁ ଏହାକୁ ମଧ୍ୟ କିଛି ଅସାଧୁ ବ୍ୟବସାୟୀ ଆୟୁଦ୍ଧ କରିଥା'ନ୍ତି। ବିଭିନ୍ନ ସମୟରେ ପର୍ଯ୍ୟଟକଙ୍କୁ ପୋକରା ଏବଂ ନିମ୍ନମାନର କାଜୁ ବିକ୍ରି କରିଥା'ନ୍ତି। ଉପର ପ୍ୟାକେଟ୍ ଖୁବ୍ ସୁନ୍ଦର ଏବଂ ଆକର୍ଷଣୀୟ ଥିବାବେଳେ ଭିତରେ ପୋକରା ଏବଂ ଅତ୍ୟନ୍ତ ନିମ୍ନମାନର କାଜୁ ଥାଏ। ଏହି ଅସାଧୁ ବ୍ୟବସାୟୀ ପର୍ଯ୍ୟଟକଙ୍କୁ ଭଲ କାଜୁ ଦେଖାଇ ଏପରିକି ଟେଷ୍ଟ କରିବାକୁ ଦେଇ କାଇଦାରେ ଖରାପ କାଜୁ ପ୍ୟାକେଟ ଧରାଇ ଦେଇଥାନ୍ତି।




ନିକଟରେ ଏହିପରି ଭାବେ ପର୍ଯ୍ୟଟକଙ୍କୁ ଲୁଟ୍ କରାଯାଉଥିବା ନଜରକୁ ଆସିଛି। ଗତ ସୋମବାର ସୂର୍ଯ୍ୟମନ୍ଦିର ବୁଲି ପଶ୍ଚିମବଙ୍ଗର କିଛି ପର୍ଯ୍ୟଟକ ସନ୍ଧ୍ୟାରେ ନିଜ ଗାଡ଼ିରେ ବସିବାକୁ ଯାଉଥିଲେ। ଅନ୍ଧାରର ସୁଯୋଗ ନେଇ କିଛି ବ୍ୟକ୍ତି ବ୍ୟାଗ୍‌ରେ ପୋକରା କାଜୁକୁ ଲୋଭନୀୟ ପ୍ୟାକେଟ୍‌ରେ ଆଣି ୬୦୦ ଟଙ୍କା କେଜି କହି ବିକ୍ରି କରି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। କିଛି ସମୟ ପରେ ସେମାନେ ପ୍ୟାକେଟ ଖୋଲି ଦେଖନ୍ତି ପ୍ୟାକେଟ ଭିତରେ ଖାଲି ପୋକରା କାଜୁ ଆଉ କାଜୁର ଖୋଳଗୁଡ଼ିକ ଭରି ରହିଛି। କେବଳ ବାହାର ପାର୍ଶ୍ୱରେ କିଛି କାଜୁ ରହିଥିଲା। ଏ ନେଇ ପର୍ଯ୍ୟଟକ କୋଣାର୍କ ଥାନାରେ ଅଭିଯୋଗ କରିବା ସହ କାଜୁ ଦେଖାଇଥିଲେ।

ପୁଲିସ ପର୍ଯ୍ୟଟକଙ୍କୁ ଧରି ଏହି ପୋକରା କାଜୁ ବେପାରୀଙ୍କୁ ଧରିବା ପାଇଁ ଖୋଜିଥିଲେ ମଧ୍ୟ ସେମାନଙ୍କୁ ପାଇ ନ ଥିଲା।

ସମାନ ଘଟଣା ପୁରୀରେ ବି ଦେଖିବାକୁ ମିଳୁଛି। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ କାଜୁ ପ୍ୟାକେଟ୍ ବିକ୍ରି କରୁଛନ୍ତି ଆନ୍ଧ୍ରରୁ ଆସିଥିବା କିଛି ବ୍ୟକ୍ତି। ଠାଏ ଠାଏ ହୋଇ ସେମାନେ ଛତା ପକାଇ ବସୁଛନ୍ତି। ୧୦/୧୨ ପ୍ୟାକେଟ୍ କାଜୁ ଛୋଟ ପାଲରେ ପକାଇ ରଖିଥିବାବେଳେ ବ୍ୟାଗ୍‌ରେ ବହୁ ପ୍ୟାକେଟ୍ ରଖୁଛନ୍ତି। ବାହାରେ ଥୋଇଥିବା କାଜୁ ପ୍ୟାକେଟ୍‌ରେ କିଛି ଭଲ ରହୁଛି। ଏହାକୁ ଦେଖାଇବା ପରେ ଗ୍ରାହକଙ୍କୁ କାଇଦାରେ ଖରାପ କାଜୁ ପ୍ୟାକେଟ୍ ଧରାଇ ଦେଉଛନ୍ତି। ଯେହେତୁ ପୁରୀକୁ ବାହାରୁ ପର୍ଯ୍ୟଟକ ଆସୁଛନ୍ତି ସେମାନେ ଏହାକୁ ସାଧାରଣତଃ ଖୋଲି ନ ଥା'ନ୍ତି। କିନ୍ତୁ ଯେଉଁମାନେ ଖାଇବା ପାଇଁ ଖୋଲିଦିଅନ୍ତି ସେମାନେ ପୋକରା ଏବଂ ନିମ୍ନମାନର ଖାଦ୍ୟ ଦେଖି ସମ୍ପୃକ୍ତ ବ୍ୟବସାୟୀଙ୍କୁ ପଚାରନ୍ତି। ଏହାକୁ ନେଇ ଅନେକ ସମୟରେ ହୋ-ହଲ୍ଲା ହୋଇଥାଏ। ଆନ୍ଧ୍ରପ୍ରଦେଶରୁ ଆସିଥିବା ଏହି ବ୍ୟକ୍ତିଙ୍କ ପାଇଁ ଓଡ଼ିଶା ବଦ୍‌ନାମ ହୋଇଥାଏ। ଅର୍ଥାତ୍ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଓଡ଼ିଶା ଲୋକ ତାଙ୍କୁ ଏଭଳି ଠକୁଛନ୍ତି ବୋଲି ଧାରଣା ନେଇଯାଇଥା'ନ୍ତି। ତେଣୁ ଏଭଳି କାଜୁ ବିକ୍ରେତାଙ୍କ ବିରୋଧରେ ପ୍ରଶାସନ ପଦକ୍ଷେପ ନେବା ଦରକାର ବୋଲି ସାଧାରଣରେ ଦାବି ହେଉଛି।




ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଏବିଭିପି ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଞ୍ଜଳି

## ମା' ବୁଢ଼ୀମା' ପୀଠର ପରିଚାଳନା ସମିତି ପୁନର୍ଗଠିତ

**ପୁରୀ,୨୪।୭(ସମିସ):** ତଳନୂଆସାହି, ବୋର୍ଡିଂ ଛକ ନିକଟସ୍ଥ ପୁରୀ ସହରର ବହୁ ପୁରାତନ ଅଗ୍ରଣୀ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀଶ୍ରୀ ମା' ବୁଢ଼ୀମା ପୀଠ ଉନ୍ନୟନ ସମିତି ପରିଚାଳନା ସମିତି ପୁନର୍ଗଠିତ ହୋଇଛି। ରାଜ୍ୟସଭା ସାଂସଦ ତଥା ଅନୁଷ୍ଠାନର ପ୍ରାକ୍ତନ ସାଧାରଣ ସମ୍ପାଦକ ଶୁଭାଶିଷ ଖୁଣ୍ଟିଆଙ୍କ ଉଦ୍ୟମରେ ଓ ପ୍ରବୋଧ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଏହା ପୁନଃଗଠିତ ହୋଇଛି। ପରିଚାଳନା କମିଟିର ସଭାପତି ଭାବେ ନୃସିଂହ ଚନ୍ଦ୍ର ସିହ୍ନା, ଉପସଭାପତି ପ୍ରଭାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଗୁରୁ ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ରତେଶ ମହାନ୍ତି, ସହ ସମ୍ପାଦକ ଧର୍ମେନ୍ଦ୍ର କୁମାର ବରାଳ, କୋଷାଧ୍ୟକ୍ଷ ଦେବାଶିଷ ମହାନ୍ତି, ସମୀକ୍ଷକ ବିଜୟ କୁମାର ପାତ୍ର ଓ ୬ଟି ସାହିର ପ୍ରତିନିଧି ଭାବେ ସର୍ବଶ୍ରୀ ସୌମ୍ୟରଞ୍ଜନ ମହାନ୍ତି, ଶରତ ମହାନ୍ତି, ସତ୍ୟ ନାରାୟଣ ସ୍ୱାଇଁ, ସୁଜିତ୍ କୁମାର ମହାନ୍ତି, ଜ୍ଞାନେନ୍ଦ୍ର ପ୍ରସାଦ ଦାସ, ମହେଶ୍ୱର ସାହୁ, ଶିବ ପ୍ରସାଦ ମହାନ୍ତି, ସନାତନ ଦାସ, ରତ୍ନ ରଞ୍ଜନ ଦାସ, ମାନସ କୁମାର ନାୟକ, ରତି ରଞ୍ଜନ ମିଶ୍ର, ଲକ୍ଷ୍ମୀଧର ସାହୁ, ବିଷ୍ଣୁ ପ୍ରସାଦ ଦାଶ, ସଦାଶିବ ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀକୁ ଶୁଭାଶିଷ ଖୁଣ୍ଟିଆ, କୃଷ୍ଣ ଚନ୍ଦ୍ର ପରିଡ଼ା, ପ୍ରବୋଧ ଚାନ୍ଦ, ଗୁରୁ ପ୍ରସାଦ ମହାରଣା, ଜ୍ଞାନ ରଞ୍ଜନ ବାରିକ, ବିପିନ୍ ଦାଶ, ମୀନକେତନ ପାତ୍ର, ଅକ୍ଷୟ ପଣ୍ଡା ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି।

## 'ଗ୍ଲୋରି ଅଫ୍ ଲର୍ଡ ଶ୍ରୀଜଗନ୍ନାଥ' ଗ୍ରନ୍ଥ ଉନ୍ମୋଚିତ

**ପୁରୀ,୨୪।୭(ସମିସ)**



ଓଡ଼ିଶାର ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ରଙ୍କ ରଚିତ 'ଗ୍ଲୋରି ଅଫ୍ ଲର୍ଡ ଶ୍ରୀଜଗନ୍ନାଥ' ଇଂରାଜୀ ଗ୍ରନ୍ଥ ମହାପ୍ରଭୁଙ୍କ ପବିତ୍ର ଚିତାଲାଗି ଅମାବାସ୍ୟା ପର୍ବ ଅବସରରେ ଗୁରୁବାର ଖଣ୍ଡଗିରିସ୍ଥିତ ହିଲ୍ ପ୍ରାଇଡ୍ ଇନ୍‌ଠାରେ ଉନ୍ମୋଚିତ ହୋଇଯାଇଛି। ଏହାକୁ ସୁଲେଖକ ତଥା ବିଜୟିନୀ ସ୍ମୃତି ଟ୍ରଷ୍ଟର ପ୍ରତିଷ୍ଠାତା ଡ. ଇନ୍ଦ୍ରମଣି ଜେନା ଉନ୍ମୋଚନ କରିଛନ୍ତି। ଶ୍ରୀଜଗନ୍ନାଥଭିତ୍ତିକ ଚେତନା ଗ୍ରନ୍ଥକୁ ନୂଆଦିଲ୍ଲୀର ଅଭିନବ ପବ୍ଲିକେଶନ ପ୍ରକାଶ କରିଛନ୍ତି। ୩୩୨ ପୃଷ୍ଠା ବିଶିଷ୍ଟ ୧୦ଟି ପରିଚ୍ଛେଦରେ ଶ୍ରୀକ୍ଷେତ୍ର ଧାମ ସମ୍ପର୍କୀତ ଅନେକ ତଥ୍ୟଭିତ୍ତିକ ପ୍ରସଙ୍ଗ ସମେତ ଶ୍ରୀମନ୍ଦିର, ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧରେ ଉଲ୍ଲେଖ ହୋଇଥିବାବେଳେ ୨୦୦ଟି ଦୁର୍ଲଭ ଫଟୋଚିତ୍ର ସ୍ଥାନିତ ହୋଇଛି। ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ଅତିଭ୍ ମଲ୍ଲିକଙ୍କ ଅନୁରୋଧକ୍ରମେ ୟୁରୋପରେ ବସବାସ କରୁଥିବା ଶ୍ରୀଜଗନ୍ନାଥପ୍ରେମୀ ପାଠକମାନଙ୍କ ନିମନ୍ତେ ଡ. ମିଶ୍ର ଏହି ଦିବ୍ୟ ଗ୍ରନ୍ଥଟି ପ୍ରସ୍ତୁତ କରିଛନ୍ତି। ଏଥିରେ ଶ୍ରୀକ୍ଷେତ୍ର ଧାମର ପ୍ରାଚୀନତା, ଶ୍ରୀମନ୍ଦିର, ପରିଚାଳନା ଇତିହାସ, ମହାପ୍ରଭୁଙ୍କ ଦୈନନ୍ଦିନ ନୀତି, ବିଭିନ୍ନ ଯାନିଯାତ୍ରା, ବେଶ, ଗଜପତି ମହାରାଜାଙ୍କ ସେବା ପରମ୍ପରା, ଅନ୍ୟାନ୍ୟ ସେବା ଓ ସେବକ ପରମ୍ପରା, ମହାପ୍ରଭୁଙ୍କ ଭୂସମ୍ପତ୍ତି, ରତ୍ନଭଣ୍ଡାର, ମାଦଳା ପାଞ୍ଜିରେ ଶ୍ରୀଜଗନ୍ନାଥଙ୍କ ପ୍ରସଙ୍ଗ, ଶ୍ରୀମନ୍ଦିରର ସଂରକ୍ଷଣ ଇତିହାସ, ଭାରତର ବିଭିନ୍ନ ରାଜ୍ୟର ତୀର୍ଥଯାତ୍ରୀମାନଙ୍କ ଶ୍ରୀଜଗନ୍ନାଥ ଧାମକୁ ଆଗମନ ଓ ଦର୍ଶନ ପ୍ରସଙ୍ଗ, ପୁରୀର ମଠାନୁଷ୍ଠାନ, ଶ୍ରୀକ୍ଷେତ୍ରର ବିଭିନ୍ନ ଦେବଦେବୀ ଓ ଅନ୍ୟାନ୍ୟ ପ୍ରସିଦ୍ଧ ସ୍ଥାନଗୁଡ଼ିକ ମୁଖ୍ୟତଃ ଏଥିରେ ସ୍ଥାନୀତ ହୋଇଛି। ଏହାର ମୂଲ୍ୟ ଭାରତ ପାଇଁ ୪,୫୦୦ ଟଙ୍କା ରଖାଯାଇଥିବା ବେଳେ ବିଦେଶରେ ଏହା ଅନ୍‌ଲାଇନ ମାଧ୍ୟମରେ ୧୧୮ ଡଲାରରେ ଉପଲବ୍ଧ ହେଉଛି।

## ଦାଦାବଟି ଆଦାୟବେଳେ ୨ ଗିରଫ

**ପୁରୀ,୨୪।୭(ସମିସ):** ଦାଦାବଟି ଆଦାୟବେଳେ ଟାଉନ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଣୁଆ ଗଳିର ଚିନ୍ମୟ ଦାସ (୩୮) ଏବଂ ମାର୍କଣ୍ଡେଶ୍ୱର ସାହିର କାହ୍ନା ସାହୁ (୨୩)। ଅଭିଯୋଗ ଅନୁଯାୟୀ, ଏମାନେ ବୁଧବାର ରାତି ପ୍ରାୟ ୮ଟା ୫୦ରେ କାକୁଡ଼ିଖାଇ ଛକ କାଳିକାଦେବୀ ସାହି ବୁଢ଼ୀମା' ମନ୍ଦିର ନିକଟରେ ପଥଚାରୀଙ୍କୁ ଛୁରୀ ଦେଖାଇ ଦାଦାବଟି ଆଦାୟ କରୁଥିଲେ। ଖବରପାଇ ଟାଉନ୍ ଥାନା ପୁଲିସର ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରୁ ଦୁଇଜଣଙ୍କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ପୁଲିସ ଗୋଟିଏ ଛୁରୀ, ୩୩୫୦ ଟଙ୍କା ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୩୧୩/୨୫) ରୁଜୁ କରାଯାଇ ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

## ୩୩ ଶିକ୍ଷାନୁଷ୍ଠାନରେ ପୁଲିସର ସଚେତନତା କାର୍ଯ୍ୟକ୍ରମ

**ପୁରୀ,୨୪।୭(ସମିସ)**

ବିଦ୍ୟାର୍ଥୀମାନେ ଯେପରି ଏକ ସୁରକ୍ଷିତ, ସଚେତନ ଓ ସାହସୀ ଶିକ୍ଷା ପରିବେଶରେ ଅଧ୍ୟୟନ କରିବେ ସେଥିପାଇଁ ପୁରୀ ପୁଲିସ ତରଫରୁ କଲେଜ ସଚେତନତା ଅଭିଯାନ ଆୟୋଜିତ ହୋଇଛି। ଏସ୍‌ପି ପିନାକ୍ ମିଶ୍ରଙ୍କ ଦିଗ୍‌ଦର୍ଶନ ଏବଂ ନିର୍ଦ୍ଦେଶରେ ଜିଲ୍ଲାର ସମସ୍ତ ୪ଟି ପୁଲିସ ଉପଖଣ୍ଡ ତଥା ପୁରୀ ସହର, ପୁରୀ ସଦର, ନିମାପଡ଼ା ଓ ପିପିଲି ଅନ୍ତର୍ଗତ ୩୩ଟି ସ୍କୁଲ ଓ କଲେଜରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟାର୍ଥୀମାନଙ୍କୁ ମାନସିକ ସ୍ୱାସ୍ଥ୍ୟ, ଶାରୀରିକ ସୁରକ୍ଷା, ନିଶା ଓ ସାଇବର ଅପରାଧ ବିଷୟରେ ସଚେତନ କରିବା। ପ୍ରତ୍ୟେକ କଲେଜରେ ପିଲାଙ୍କୁ ସଚେତନ କରାଯାଉଛି। ନିମାପଡ଼ା ଉପଖଣ୍ଡରେ ୯ଟି ସ୍କୁଲ ଓ କଲେଜ, ସଦର ଉପଖଣ୍ଡରେ ୧୩ଟି ସ୍କୁଲ ଓ କଲେଜ, ପିପିଲି ଉପଖଣ୍ଡରେ ୬ଟି ସ୍କୁଲ ଓ କଲେଜ, ସହର ଉପଖଣ୍ଡରେ ୫ଟି ସ୍କୁଲ ଏହିପରି ମୋଟ ୩୩ଟି ଶିକ୍ଷାନୁଷ୍ଠାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିସହ ଅନେକ ଶିକ୍ଷା ପ୍ରତିଷ୍ଠାନ ଯେଉଁଠାରେ ବିଶେଷ ସେମିନାର, ଇଣ୍ଟରାକ୍ଟିଭ୍ ସେସନ୍ ଓ ପ୍ରଶ୍ନ ଉତ୍ତର ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରି ନିଜ ଅନୁଭୂତି ରଖିଥିଲେ।



# ପ୍ରେମ ବିବାହର କରୁଣ ପରିଣତି; ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

### ପରିବାର ପକ୍ଷରୁ ହତ୍ୟା ଅଭିଯୋଗ; ସ୍ୱାମୀ ଅଟକ

**ପିପିଲି,୨୪।୭(ସମିସ)**




ପିପିଲିରେ ପୁଣି ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ୍ୟୁକୁ ନେଇ ମହିଳାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ମୃତ ମହିଳା ଜଣକ ପିପିଲି ଯଶୁଆପୁର ଗ୍ରାମର ସଂଘମିତ୍ରା ନାୟକ(୩୭)। ଏହି ଘଟଣାରେ ମୃତା ମହିଳାଙ୍କ ସ୍ୱାମୀ ଅବିନାଶଙ୍କୁ ପିପିଲି ଥାନାରେ ଅଟକ ରଖିବା ସହିତ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି।

ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ ଢେଙ୍କାନାଳ ଭୁବନ ଅଞ୍ଚଳର ସଂଘମିତ୍ରା ନାୟକ ଓ ଅବିନାଶ ମହାନ୍ତି କାର୍ଯ୍ୟ କରୁଥିଲେ। ଦୀର୍ଘ ଦିନ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରିବାରର ବାରଣ ପରେ ଉଭୟ ୨୦୨୧ ଜୁଲାଇ ୭ ତାରିଖରେ ବିବାହ କରିଥିଲେ। କିଛିଦିନ ଉଭୟଙ୍କ ମଧ୍ୟରେ ସମ୍ପର୍କ ଭଲ ରହିଥିବାବେଳେ ପରବର୍ତ୍ତୀ ସମୟରେ ମନମାଳିନ୍ୟ ହୋଇଥିଲା। ଅବିନାଶ ଭୁବନେଶ୍ୱରରେ କାର୍ଯ୍ୟ କରୁଥିବାବେଳେ ସଂଘମିତ୍ରା ଶାଶୂଘର ଗାଁ ପିପିଲି ଥାନା ଯଶୁଆପୁରରେ ରହୁଥିଲେ। ଶାଶୂ-ବୋହୂଙ୍କ ମଧ୍ୟରେ ଅନେକଥର କଳି ଝଗଡ଼ା ହେବା ସହି ସଂଘମିତ୍ରାଙ୍କୁ ପରିବାର ଲୋକେ ଖାଇବାକୁ ନ ଦେବା ସହିତ ମାଡ଼ ମାରୁଥିଲେ। ପ୍ରେମ ବିବାହ କରିଥିବାରୁ ଯେତେ କଷ୍ଟ ହେଲେ ମଧ୍ୟ ନିଜ ବାପ ଘର ଲୋକଙ୍କୁ ସେ କିଛି ଜଣାଉ ନ ଥିଲେ। ଏହାରି ଭିତରେ ସେ ଗତ ଡିସେମ୍ବର ୨୭ ତାରିଖରେ ଏକ କନ୍ୟା ସନ୍ତାନଟିଏ ଜନ୍ମ ଦେଇଥିଲେ। ତେବେ କନ୍ୟା ସନ୍ତାନ କ'ଣ ପାଇଁ ଜନ୍ମ କଲୁ ବୋଲି କହିବା ସହିତ ଅକଥନୀୟ ଅତ୍ୟାଚାର ଆରମ୍ଭ କରିଦେଇଥିଲେ। ଏଭଳି ଅତ୍ୟାଚାରର ପ୍ରତିବାଦ କରିବା ସଂଘମିତ୍ରାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିବାରୁ ସେ ଭୁବନେଶ୍ୱର ସ୍ୱାମୀଙ୍କ ପାଖକୁ ଯିବା ପାଇଁ କହିଥିଲେ ବୋଲି ଗୁରୁବାର ତାଙ୍କ ପରିବାର ପକ୍ଷରୁ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ପୁଲିସ ଆଗରେ ବଖାଣିଥିଲେ। ମାତ୍ର ସ୍ୱାମୀ ସଂଘମିତ୍ରାଙ୍କୁ ଭୁବନେଶ୍ୱର ନେବା ପରିବର୍ତ୍ତେ ମା'ଙ୍କୁ ସହଯୋଗ କରିବା ସହିତ ପାଖକୁ ନେବା ପାଇଁ ଦିନ ଗଡ଼ାଉଥିଲେ। ଏ ସମ୍ପର୍କରେ ମୃତା ସଂଘମିତ୍ରା ନିଜ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ଆସିବା ପୂର୍ବରୁ ବୁଧବାର ରାତିରେ ସ୍ୱାମୀ-ସ୍ତ୍ରୀ ଏବଂ ଶାଶୂଙ୍କ ମଧ୍ୟରେ ଜୋର୍‌ଦାର୍ କଳି ଝଗଡ଼ା ହୋଇଥିଲା। ଗୁରୁବାର ସକାଳେ ଅବିନାଶ ସଂଘମିତ୍ରାଙ୍କ ବାପ ଘର ଲୋକଙ୍କୁ ତାଙ୍କ ଝିଅର ଦେହ ଖରାପ ଅଛି ସେ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା କହିଥିଲେ। ତେବେ ସଂଘମିତ୍ରାଙ୍କ ମା', ଭାଇ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଭଉଣୀର ମୃତଦେହ ପଡ଼ିଥିବାର ଦେଖିବାକୁ ପାଇଥିଲେ। ମୃତା ସଂଘମିତ୍ରାଙ୍କ ବେକରେ ଦାଗ ରହିଥିବାବେଳେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ତାଙ୍କ ମା' ବାରେଣୀ ନାୟକ ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବକୁ ଜବତ କରିବା ସହିତ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଶବର ପଞ୍ଚନାମା କରି ଗାଁକୁ ଯାଇ ଘରର ବିଭିନ୍ନ ସ୍ଥାନରୁ ନମୁନା ସଂଗ୍ରହ କରିଥିଲା। ତେବେ ମୋର ଏଥିରେ କୌଣସି ଭୂମିକା ନ ଥିବାର ଅବିନାଶ କହିଛନ୍ତି। ଏ ସମ୍ପର୍କରେ ପିପିଲି ଥାନାରେ ୪୨୫/୨୦୨୫ରେ ହତ୍ୟା ମାମଲା ରୁଜୁ ହେବା ସହିତ ଅବନାଶଙ୍କୁ ପିପିଲି ଥାନାରେ ଅଟକ ରଖାଯାଇ ତଦନ୍ତ ଚାଲିଥିବା ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

## ବସ୍ ଧକ୍କାରେ ଯୁବକ ମୃତ

**ପୁରୀ,୨୪।୭(ସମିସ):** ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଅପରାହ୍ଣ ପ୍ରାୟ ୩ଟା ସମୟରେ ବାଲିଘାଟ ଦେନା ବ୍ୟାଙ୍କ ନିକଟରେ ଘଟିଛି ଏହି ଦୁର୍ଘଟଣା। ମୃତ ଯୁବକ ହେଉଛନ୍ତି କୋଣାର୍କ ଥାନା ଅନ୍ତର୍ଗତ କଅଁରପୁରର ହରିହର ପ୍ରଧାନ (୨୮)। ଏ ନେଇ ପରିବାର ପକ୍ଷରୁ ଟ୍ରାଫିକ୍ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିଛି।

ସୂଚନା ଅନୁଯାୟୀ, ହରିହର ତାଙ୍କର ଜଣେ ସାଙ୍ଗଙ୍କୁ ସାଥୀରେ ଧରି ପୁରୀ ଭଉଣୀ ଘରକୁ ଆସିଥିଲେ। ଅପରାହ୍ଣରେ ଦୁହେଁ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କ ସାଙ୍ଗଙ୍କ ମୋବାଇଲ୍‌କୁ କଲ୍ ଆସିଥିଲା। ବାଲିଘାଟ ଦେନା ବ୍ୟାଙ୍କ ନିକଟରେ ବାଇକ୍‌କୁ ସାଇଡ୍ କରିଥିଲେ। ତାଙ୍କ ସାଙ୍ଗ ଗାଡ଼ିରୁ ଓହ୍ଲାଇ ମୋବାଇଲରେ କଥା ହେଉଥିବାବେଳେ ହରିହର ବାଇକ୍‌ରେ ବସିଥିଲେ। ଏହି ସମୟରେ ପୁରୀରୁ କୋଣାର୍କ ଅଭିମୁଖେ ଯାଉଥିବା ଘରୋଇ ଯାତ୍ରୀବାହୀ ବସ୍ ଚିତ୍ରେଶ୍ୱରୀ (ନଂ.ଓଆର୦୨ବିଏକ୍ସ-୦୪୨୧) ବାଇକ୍‌କୁ ଧକ୍କା ଦେଇଥିଲା। ହରିହର ତଳେ ପଡ଼ିଯାଇଥିବାବେଳେ ତାଙ୍କ ଉପରେ ବସ୍ ମାଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଟ୍ରାଫିକ୍ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ସ୍ୱତନ୍ତ୍ର ଅନୁମତି ଆଣି ରାତିରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।





# ରାସ୍ତା ମଝିରେ ବିଜୁଳି ଖୁଣ୍ଟ

ଭୁବନେଶ୍ୱର, ୨୪।୭ (ସମିସ)

କଳିଙ୍ଗନଗର ପାତ୍ରପଡ଼ାସ୍ଥିତ ଭଗବାନପୁର ଅଞ୍ଚଳରେ ମଝି ରାସ୍ତାରେ ଏକ ବିଜୁଳି ଖୁଣ୍ଟ ଦେଖିବାକୁ ମିଳିଛି। ଯାହା ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟିଛି। ଗୋଟିଏ କି ଦୁଇଟି ନୁହେଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ରହିଛି ଏଭଳି ବିଦ୍ୟୁତ ଖୁଣ୍ଟ। ଯାହାକି କେବଳ ବାଇକ୍, କାର କିମ୍ବା ଅଟୋ ଚାଳକଙ୍କ ପାଇଁ ବିପଦ ସୃଷ୍ଟି କରୁନି ଏହାସହ ଭାରିଯାନ ଗୁଡ଼ିକ ଯିବାଆସିବା ବି ଅସମ୍ଭବ ହୋଇପଡ଼ୁଛି। ଏହି ଖୁଣ୍ଟଗୁଡ଼ିକ ଏଭଳି ସ୍ଥାନରେ ରହିଛି ଯେ, ଯଦି ଦ୍ରୁତ ଗତିରେ ବାଇକ, ସାଇକଲ କିମ୍ବା ଅନ୍ୟ କୌଣସି ଗାଡ଼ି ଆସୁଥିବା ଟିକେ ଅନ୍ୟମନସ୍କ ହେବା ମାତ୍ରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳଟି ଏକ କଲୋନୀ ସଦୃଶ ହୋଇଥିବା ବେଳେ ଏହି ଲେନ୍‌ର ଉଭୟ ପାର୍ଶ୍ୱରେ ପ୍ରାୟ ୩୦ରୁ ଅଧିକ ଘର ରହିଛି। କିନ୍ତୁ ଏଠାକୁ କୌଣସି ଆବଶ୍ୟକସ୍ଥଳେ ଟ୍ରକ୍ କିମ୍ବା ଟ୍ରାକ୍ଟର ଆସିବା ସମ୍ଭବ ହେଉନାହିଁ। ତେଣୁ ଏହି ଖୁଣ୍ଟକୁ ସ୍ଥାନାନ୍ତର କରାଯିବାକୁ ଅଞ୍ଚଳବାସୀ ଦାବି କରିଆସୁଥିଲେ ବି ତାହା କରାଯାଉ ନଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ୱାର୍ଡର କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ କହିଛନ୍ତି ଯେ, ଏହି ରାସ୍ତାଟି ପୂର୍ବରୁ ଅଣଓସାର ରହିଥିଲା। ବିଜୁଳି ଖୁଣ୍ଟଟି ମଧ୍ୟ ଅନେକ ପୁରୁଣା। ତେଣୁ ରାସ୍ତା ନିର୍ମାଣ ସମୟରେ ଏହାକୁ ସ୍ଥାନାନ୍ତର କରାଯିବାକୁ ବିଦ୍ୟୁତ ବିଭାଗ ସହ ଆଲୋଚନା ହୋଇଥିବା ବେଳେ ବିଏମ୍‌ସି ଏଥିପାଇଁ ଅର୍ଥ ଜମା କରିବା ପରେ ଯାଇ ଏହା ସ୍ଥରାନାନ୍ତର କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ତେବେ କେବଳ ଏହି ଖୁଣ୍ଟ ନୁହେଁ ଅଞ୍ଚଳରେ ପ୍ରାୟ ଅଧିକାଂଶ ସ୍ଥାନରେ ରାସ୍ତା ମଝିରେ ରହିଥିବା ଏଭଳି ଖୁଣ୍ଟକୁ ଚିହ୍ନଟ କରାଯାଇ ସେଗୁଡ଼ିକର ସ୍ଥାନାନ୍ତର କରାଯିବାକୁ ଯୋଜନା ରହିଛି।

ସୂଚନା ଅନୁସାରେ, କଳିଙ୍ଗ ବିହାର ଅଣ୍ଡରପାସ୍‌ଠାରୁ ଆରମ୍ଭ କରି ଆଲୁଗୋଦାମ ମଧ୍ୟରେ ମଧ୍ୟ ପ୍ରାୟ ୩ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ରାସ୍ତା ମଝିରେ ରହିଥିବା ଜଣାପଡ଼ିଛି। ଏହି ରାସ୍ତାରେ ନିୟମିତ ବାଇକ୍, ଅଟୋ ଓ କାର୍ ଇତ୍ୟାଦି ଯାନବାହନ ଯିବା ଆସିବା କରୁଥିବା ବେଳେ ଭାରୀଯାନ ଯାତାୟାତ କରିବା ସମ୍ଭବ ନୁହେଁ। ଗାଡ଼ି ଚାଳକମାନେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରିଥାନ୍ତି।




## ପୁଣ୍ୟତିଥିରେ କବିଚନ୍ଦ୍ରଙ୍କୁ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୪।୭ (ସମିସ): ପୁଣ୍ୟତିଥିରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛି ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅବସ୍ଥିତ କବିଚନ୍ଦ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିସ୍ଥଳ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ଆବହନୀ ସଙ୍ଗୀତ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋରଞ୍ଜନ ମହାନ୍ତି, ଗୋପବନ୍ଧୁ ଟ୍ରଷ୍ଟର ସମ୍ପାଦକ ସୁବାସ ପରିଡ଼ା, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଅଧ୍ୟକ୍ଷ ବିଜୟ ଜେନା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଗୁରୁ ନିମା ଚନ୍ଦ୍ର ରାଉତରାୟ, ଗିରିଜା ଶଙ୍କର ମହାପାତ୍ର, ଅମିତ୍ ପାତାଳ ସିଂ ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସହିତ ଛାତ୍ର ଛାତ୍ରୀମାନେ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଅବିକା ଦ୍ୱାରା 'ହର୍ଷେ ଇ' ଉତ୍ସବ



ଭୁବନେଶ୍ୱର, ୨୪।୭ (ସମିସ): ଅବିକା ଦ୍ୱାରା ବୁଧବାର ସ୍ଥାନୀୟ ଗୀତଗୋବିନ୍ଦ ସଦନରେ 'ହର୍ଷେ ଇ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦେବବ୍ରତ ଦାସ ଏବଂ ଅବିନାଶ ସାହୁଙ୍କ ମିଳିତ ଉଦ୍ୟମରେ ଆୟୋଜିତ ଏହି ଉତ୍ସବକୁ ବରିଷ୍ଠ କବି ମମତା ଦାଶ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ୬ଜଣ ଯୁବ କବି ଶ୍ରୀସିକ୍ତା ଶୁଭଦର୍ଶିନୀ, ମନୀଷା ବିଶ୍ୱାଳ, ଐଶ୍ୱର୍ଯ୍ୟା ରାଉତ, ମହାଦେବ ପ୍ରଧାନ, ନାରାୟଣ ସାହୁ ଏବଂ ବୀରେନ୍ଦ୍ର ନାୟକଙ୍କ ପ୍ରଥମ ବହିକୁ ନେଇ ଆଲୋଚନା କରିଥିଲେ ସେନାପତି ପ୍ରଦ୍ୟୁମ୍ନ କେଶରୀ, ରକ୍ଷକ ନାୟକ, ସୂର୍ଯ୍ୟମିଶ୍ର, ଅପର୍ଣ୍ଣା ମହାନ୍ତି, ମମତା ଦାଶ ଏବଂ ଶୁଭଶ୍ରୀ ଲେଙ୍କା। ସେହିପରି ଛଅ ଯୁବ କବିଙ୍କର କବିତା ଆବୃତ୍ତି କରିବା ସହ ଏହାର କଳାତ୍ମକ ଦିଗ ଉପରେ ଶକ୍ତି ମହାନ୍ତି, ଦେବଦତ୍ତ ପତି, ମନୁଆ ଦାସ, ପ୍ରବୀଣା ମହାନ୍ତି, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ଏବଂ ପ୍ରତୀକ୍ଷା ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅମିୟ ରଞ୍ଜନ ମହାପାତ୍ର କବିତା ପାଠ କରିଥିଲେ। ପ୍ରାରମ୍ଭରେ ଗାଳ୍ପିକ ଦେବବ୍ରତ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ବେଦପ୍ରକାଶ ନାୟକ ମଞ୍ଚ ପରିଚାଳନା କରିଥିଲେ ଏବଂ ଏବଂ ପ୍ରଣୟ ସୁଧା ଧନ୍ୟବାଦ ଅର୍ପଣ କରିଥିଲେ। (ସୁମିତ୍ରା)

## 'ଜୀବନ ତୀର୍ଥରେ ଓଡ଼ିଶାର ଲେଖିକା' ଉନ୍ମୋଚିତ



ଭୁବନେଶ୍ୱର, ୨୪।୭ (ସମିସ): କାଳଖଣ୍ଡର କ୍ରମ ଗତିଶୀଳତାକୁ ଗୁରୁତ୍ୱ ଦେଇ ଉଚାଙ୍ଗ ସାହିତ୍ୟ ଓ ଏହାର ଉତ୍ତରଉତ୍ତର ଲେଖିକାମାନଙ୍କର ସ୍ୱର ସର୍ବଦା ସ୍ପଷ୍ଟ ରହୁ। ଆତ୍ମ ଅଭିବ୍ୟକ୍ତି ଓ ଆତ୍ମ ଆବିଷ୍କାରରେ ଲେଖିକା ନିଜ ସୃଜନଶୀଳତାର ଯେଉଁଭଳି ସମୟାନୁସାରେ ସଦୁପଯୋଗ କରିଆସିଛି ତାହା ସ୍ୱାଗତ ଯୋଗ୍ୟ ବୋଲି ମତ ପ୍ରକାଶ ପାଇଛି। ସମାଲୋଚକ ଡ଼. ରମେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଗବେଷଣାମୂଳକ ପୁସ୍ତକ 'ଜୀବନ ତୀର୍ଥରେ ଓଡ଼ିଶାର ଲେଖିକା'କୁ ଉନ୍ମୋଚିତ କରିବା ଅବସରରେ କଥାଶିଳ୍ପୀ ବନଜଦେବୀ, ଲେଖିକା ଡ଼. ଅର୍ଚ୍ଚନା ନାୟକ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ଡ଼. ସଂଘମିତ୍ରା ଭଞ୍ଜ ଓ ଅନୁବାଦିକା ଡ଼.ଶକୁନ୍ତଳା ବଳିଆରସିଂହ ଏହି ମତଦେଇ ନାରୀର ସ୍ୱର ଓ ସ୍ୱତନ୍ତ୍ର ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ପ୍ରଶାସକ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାରମ୍ଭରେ ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ବେଦପାଠ ଓ ଅନିନ୍ଦିତା ଦାସ ଭଜନ ପରିବେଷଣ କରିଥିଲେ। ଡ଼. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲେଖିକା ଡ଼. ରମେଶ ଚନ୍ଦ୍ର ପାଣି ଏହି ପୁସ୍ତକ ପ୍ରସ୍ତୁତି ଓ ପ୍ରକାଶନ ନେଇ ବକ୍ତବ୍ୟ ରଖିଥିଲେ। ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଏହି ପୁସ୍ତକରେ ସ୍ଥାନିତ ପ୍ରିୟଦର୍ଶିନୀ ପଣ୍ଡା, ସରୋଜିନୀ ସାହୁ, ଗୋଲାପ ମଞ୍ଜରୀ କର, ଜୟନ୍ତୀ ରଥ ଓ ସବିତା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଆସିଲାନି ପ୍ରାଣୀଧନ ଗାଡ଼ି
## ବିଲେଇକୁ ବଞ୍ଚାଇଦେଲେ ବାଟୋଇ



ନନ୍ଦନକାନନ, ୨୪।୭ (ସମିସ): ରାସ୍ତାରେ ପଡ଼ିଥିଲା ଏକ ଦୁର୍ଘଟଣାଗ୍ରସ୍ତ ବିଲେଇକୁ କିଛି ବାଟୋଇ ଉଦ୍ଧାର କରି ଭ୍ରମ୍ୟମାଣ ପ୍ରାଣିଧନ ଆମ୍ବୁଲାନ୍ସ ନମ୍ବରକୁ ଫୋନ କରିଥିଲେ। ହେଲେ ସେପଟୁ ନାସ୍ତିବାଣୀ ଶୁଣିବା ପରେ ବାଟୋଇ ତାକୁ ଉଦ୍ଧା କରି ଚିକିତ୍ସା କରାଇଛନ୍ତି। ମିଳିଥିଲା ସୂଚନା ଅନୁସାରେ ଗୁରୁବାର ମଧ୍ୟାହ୍ନ ସାଢେ ୧୨ଟା ସୁଦ୍ଧା ପଟିଆ ଷ୍ଟେସନ ରୋଡରେ ରାସ୍ତା ପାର ହେଉଥିବା ବିଲେଇଟି କାର ଧକ୍କାରେ ଆହତ ହୋଇଥିଲା। ପ୍ରଚୁର ରକ୍ତ ଶ୍ରାବ ହେଉଥିବା ବେଳେ ବିଲେଇଟି ଯନ୍ତ୍ରଣାରେ କଲବଲ ହୋଇ ଛଟପଟ ହେଇଯାଉଥିଲା। ରାସ୍ତାରେ ପଡ଼ି ବଞ୍ଚିବା ପାଇଁ କ୍ଷୀଣ ନିଶ୍ୱାସ ନେଉଥିଲା। ଏତିକି ବେଳେ ସେପଟେ ଯାଉଥିବା ମିହିର ସାହୁ, ରାହୁଲ ପଡ଼ିଆରୀ, ସଂଗ୍ରାମ ସେନାପତି ଅଟକି ଆହତ ବିଲେଇକୁ ରାସ୍ତାରୁ ଉଠାଇ ଅନିମଲ ହେଲ୍ପ ଲାଇନ ୧୯୬୨କୁ ଖବର ଦେଇଥିଲେ। ସେଠାରୁ ସେମାନେ ମନା କରିଦେବା ପରେ ନିରାଶ ହୋଇ ତାକୁ ନିଜେ ବଞ୍ଚାଇବାକୁ ପ୍ରୟାସ ଜାରି ରଖିଥିଲେ। ତାକୁ ନିକଟରେ ଥିବା କଳିଙ୍ଗ ଗୋ ସେବା କେନ୍ଦ୍ରକୁ ନେଇଥିଲେ। ଚିକିତ୍ସା ପରେ ବିଲେଇଟି ଆଶ୍ୱସ୍ତ ହୋଇଥିଲା। ପରେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଏକ ଘରୋଇ କୁକୁର ଡାକ୍ତରଖାନରେ ତାକୁ ନେଇ ଚିକିତ୍ସା କରାଇଥିବା ଜଣାପଡ଼ିଛି।

## କଳିଙ୍ଗରେ ଟାଟା ହକି ଉଦ୍‌ଘାଟିତ

ଭୁବନେଶ୍ୱର, ୨୪।୭ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଜେଆର୍‌ଡି ଟାଟା ହକି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଟାଟା ଷ୍ଟିଲର ପୂର୍ବତନ ଅଧ୍ୟକ୍ଷ ଭାରତରତ୍ନ ଜେଆର୍‌ଡି ଟାଟାଙ୍କ ୧୨୧ତମ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ଓଡ଼ିଶା ହକି ଆସୋସିଏସନର ସାଧାରଣ ସମ୍ପାଦକ ସନାତନ ସାହୁ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ନାଭାଲ ଟାଟା ହକି ହାଇପର୍‌ଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ପକ୍ଷରୁ ରାଜ୍ୟ କ୍ରୀଡ଼ା ବିଭାଗ ଓ ହକି ଇଣ୍ଡିଆର ସହଯୋଗରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ହକି ଏଚ୍‌ପିସି ଓ ଏକାଡେମୀରୁ ୧୨ଟି ପୁରୁଷ ଓ ୪ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ପୁରୁଷ ବିଭାଗରେ ସିଆର୍‌ପିଏଫ୍ (ଜଳନ୍ଧର), ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ, ଓଡ଼ିଶା ଜୁନିଅର, ଆଇଓବି ଚେନ୍ନାଇ, ଭାରତୀୟ ନୌସେନା, ଓଏନ୍‌ଟିଏଚ୍ ଏଚ୍‌ପିସି, ଇଣ୍ଡିଆନ ବ୍ୟାଙ୍କ ଓ ଭୁବନେଶ୍ୱର ଏକ୍ସଆଇ ଦଳ ଖେଳୁଛନ୍ତି। ସେହିଭଳି ମହିଳା ବିଭାଗରେ ଓଏନ୍‌ଟିଏଚ୍-ଏଚ୍‌ପିସି, ଷ୍ଟେଟ୍ ସେକ୍ରେଟାରିଏଟ୍, ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ଓ ସିଆର୍‌ପିଏଫ୍ (ଜଳନ୍ଧର) ଦଳ ଅଂଶଗ୍ରହଣ କରିଛନ୍ତି। ଜୁଲାଇ ୨୯ରେ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ।

## ଲାୟନ୍ସ କ୍ଲବ୍‌ର ନୂତନ ସଭ୍ୟ ସଂଗ୍ରହ



ଭୁବନେଶ୍ୱର, ୨୪।୭ (ସମିସ): ଲାୟନ୍ସ କ୍ଲବର ପ୍ରଥମ ସାଧାରଣ ସଭା ସହିତ ନୂତନ ସଭ୍ୟମାନଙ୍କ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ହୋଟେଲ ସୂର୍ଯ୍ୟାଂଶଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଲାୟନ ପ୍ରଶାନ୍ତ କୁମାର ପରିଡ଼ା, ସମ୍ପାଦକ ଲାୟନ ଏସ. କାହ୍ନୁ ରଞ୍ଜନ ପୃଷ୍ଟି, କୋଷାଧ୍ୟକ୍ଷ ଲାୟନ ସତ୍ୟରଞ୍ଜନ ଚାନ୍ଦ, ଆଞ୍ଚଳିକ ଅଧ୍ୟକ୍ଷ ଲାୟନ ତପନ କୁମାର ହରିଚନ୍ଦନ, କ୍ଷତ୍ରୀୟ ସଞ୍ଚାଳକ ଲାୟନ ଡ. ବପିନ ବିହାରୀ ମିଶ୍ର ଯୋଗଦେଇ ଲାୟନ୍ସ କ୍ଲବକୁ ସାଧୁବାଦ ଜଣାଇଥିଲେ। ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ ନିକୁଞ୍ଜ ଛୋଟରାୟ ନୂତନ ସଭ୍ୟମାନଙ୍କୁ ଶପଥପାଠ କରାଇଥିଲେ। ନୂତନ ସଦସ୍ୟମାନେ ସଦସ୍ୟତା ଗ୍ରହଣ କଲାପରେ ସେମାନଙ୍କର ଅଭିବ୍ୟକ୍ତ ପ୍ରଦାନ କରିଥିଲେ। ୨୦୨୫-୨୬ ଲାୟନ୍ସ ବର୍ଷ ପାଇଁ ଜଣେ ଭାରତୀୟ ଭାବେ ଲାୟନ ଏ.ପି. ସିଂ ଆନ୍ତର୍ଜାତୀୟ ଲାୟନ୍ସ କ୍ଲବର ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ସବୁ ଭାରତୀୟଙ୍କ ପାଇଁ ଖୁବ ଗର୍ବର ବିଷୟ ହୋଇପାରିଛି। ଏବର୍ଷ ୧.୫ ମିଲିୟନରେ ସଭ୍ୟ ସଂଖ୍ୟା ପହଞ୍ଚାଇବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଏହି ମର୍ମରେ କ୍ଲବର ପୂର୍ବତନ ସଭାପତି ଲାୟନ ରାମପ୍ରସାଦ ପାତ୍ର ୧୫ଜଣ ସଦସ୍ୟଙ୍କୁ ଯୋଗଦାନ କରାଇଥିବାରୁ କ୍ଲବ ତରଫରୁ ସମ୍ମାନୀତ କରାଯାଇଥିଲା। ଶେଷରେ ଲାୟନ ଇଂଜିନିୟର ସଞ୍ଜୟ କୁମାର ଧନ୍ୟବାଦ ଜଣାଇଥିଲେ।

## କେଳୁଚରଣ ପାର୍କଠାରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୪।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗାଡ଼କଣସ୍ଥିତ ଗୁରୁ କେଳୁଚରଣ ପାର୍କଠାରେ ଆୟୋଜିତ ସ୍ମୃତି ସଭାରେ ବହୁ ସଂଖ୍ୟକ ମହିଳା, ଛାତ୍ରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ସାମିଲ ହୋଇ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନରେ କଂଗ୍ରେସ ମୁଖପାତ୍ର କୃଷ୍ଣଚନ୍ଦ୍ର ପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗାଡ଼କଣ ବରିଷ୍ଠ କମିଟି ସଭାପତି ସୁର ପାତ୍ର, ସମ୍ପାଦକ କିଶୋର ସାହୁ, ଆଞ୍ଚଳିକ ସୁରକ୍ଷା କମିଟି ଉପଦେଷ୍ଟା ରଶାନ୍ତ ସାହୁ, ନାରୀ ନେତ୍ରୀ ମିତୁ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରୀ ପତିଙ୍କ ସମେତ ଅସିତ୍ ନାୟକ, ଆଲୋକ ଦିଗଲ୍, ଧରିତ୍ରୀ ଜେନାଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରୀମାନେ ଯୋଗଦେଇଥିଲେ।

### ଡବ୍ଲ୍ୟୁଏଫଇବିର ସପ୍ତମ ବିଶ୍ୱସମ୍ମିଳନୀ
## ଅନ୍ତର୍ଜାତୀୟ ସମ୍ବାଦ ଅନୁଷ୍ଠାନର ନେତୃତ୍ୱ ନେଲେ ରବିଶଙ୍କର




ଭୁବନେଶ୍ୱର ୨୪।୭ (ସମିସ): ଅଭିଲିଖିତ ଓ ଉତ୍ତରାଧିକାର ପାଇଁ ନୈତିକ ଉଲ୍ଲଂଘନ ବର୍ତ୍ତମାନ ସମୟରେ ଗଭୀର ଚିନ୍ତାର ବିଷୟ ହୋଇଛି, ଯାହା ଦର୍ଶକଙ୍କର ବିଶ୍ୱାସକୁ କ୍ଷତିଗ୍ରସ୍ତ କରିଛି। ଏହା ସହିତ, ଖେଳ ଭଳି ଏକ କ୍ଷେତ୍ରରେ ନୀତି, ମାନବତା ଓ କ୍ରୀଡା ସ୍ୱଭାବ ବିପୁଳ ପ୍ରଭାବ ପାଲଟି ପାରିଛି ବୋଲି ଯଥେଷ୍ଟ ପ୍ରମାଣ ମିଳିଛି। ୱାର୍ଲଡ ଫୋରମ ଫର୍ ଏଥିକ୍ସ ଇନ୍ ବିଜିନେସ୍ ଦ୍ୱାରା ଆୟୋଜିତ ସପ୍ତମ ୱାର୍ଲଡ ସମିଟ୍ ଅନ୍ ଏଥିକ୍ସ ଆଣ୍ଡ ଲିଡରସିପ୍ ଇନ୍ ସ୍ପୋର୍ଟସରେ କ୍ରୀଡା, ରାଜନୀତି, ବ୍ୟବସାୟ, ଶିକ୍ଷା, ଏନ୍‌ଜିଓ ସମ୍ବନ୍ଧୀୟ ଚିନ୍ତାଶୀଳ ଅଭିମତଗୁଡ଼ିକୁ ଏକ ମଞ୍ଚରେ ଧାରଣାକୁ ଆଣି ବିନିମୟ କରିଥିଲେ। ଯାହାର ନେତୃତ୍ୱ ନେଇଥିଲେ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର।

ସମ୍ମିଳନୀରେ କ୍ରୀଡାକୁ, ଶାନ୍ତି ସୃଷ୍ଟିର ଉପକରଣ ଭାବେ ବ୍ୟବହାର, ଲିଙ୍ଗପାରଦର୍ଶିତା, ମାନସିକ ସ୍ୱାସ୍ଥ୍ୟ, ସର୍ବୋଚ୍ଚ ପ୍ରଦର୍ଶନ ଓ ଦୀର୍ଘସ୍ଥାୟୀ ଉପରେ ଗୁରୁତ୍ୱପୂର୍ଣ୍ଣ ଚର୍ଚ୍ଚା ହୋଇଥିଲା। ଏହା ସହ କ୍ଷେତ୍ରରୁ ଶିଖିବା ପାଠ ଯଥା ନ୍ୟାୟପୂର୍ଣ୍ଣ ଖେଳ, ଦଳୀୟ ଏକତା, ଓ ଧୈର୍ଯ୍ୟଗୁଡ଼ିକ କିପରି ରାଜନୀତି ଓ ବ୍ୟବସାୟରେ ନୈତିକମୂଳକ ନେତୃତ୍ୱ ଗଠନ କରେ ତାହା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

## କଳାକାର ଦିବସରେ କଳାକାରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୪।୭ (ସମିସ): ଓଡ଼ିଆ କଳାକାରଙ୍କ ସ୍ୱର ପରିବାର ପକ୍ଷରୁ ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ 'ରାଜ୍ୟସ୍ତରୀୟ କଳାକାର ଦିବସ-୨୦୨୫' ପାଳିତ ହୋଇଯାଇଛି। ଏଥିରେ ଅଭିନେତା ଶ୍ରୀତମ ଦାସ, ଟିମ୍‌ର ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର, ବରିଷ୍ଠ ମଞ୍ଚ ଅଭିନେତା ନବୀନ ପରିଡ଼ା, ମିଡିଆ ପ୍ଲାନର କ୍ରିଏଟିଭ ହେଡ ପ୍ରଣୟ ଜେଠୀ, ମନ୍ମଥ କୁମାର ଶତପଥୀ, ସଭାପତି ଶ୍ରୀଧର ମାର୍ଥା ଏବଂ ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ବିଭିନ୍ନ ବର୍ଗର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକକଳା, ଯାତ୍ରା, ଥିଏଟର, ଚଳଚ୍ଚିତ୍ର, ଧାରାବାହିକ, ପ୍ରଯୋଜକ, ନିର୍ଦ୍ଦେଶକ, ସଙ୍ଗୀତଜ୍ଞ, ଲେଖକ, କଣ୍ଠଶିଳ୍ପୀ, ବାଦ୍ୟଶିଳ୍ପୀ, ସମାଜସେବୀଙ୍କ ସମେତ ଲୋକଗୀତ ସହିତ ଜଡ଼ିତ ୨୦ ଜଣ ଗୁରୁ ତଥା ଓଡ଼ିଶା ପାଇଁ ଗୌରବ ଆଣିଥିବା କଳାକାରଙ୍କୁ 'ଗନ୍ଧର୍ବ କଳା ସମ୍ମାନ' ରେ ସମ୍ମାନୀତ କରାଯାଇଥିଲା। ସେହିପରି ଓଡ଼ିଶାରେ କଳାଜଗତ ପାଇଁ ସ୍ମରଣୀୟ କାର୍ଯ୍ୟ କରିଥିବା ୧୦ ଟି ସଂଗଠନକୁ 'ଓକେସ୍ ଗୌରବ ସମ୍ମାନ'ରେ ସମ୍ମାନୀତ କରାଯାଇଥିଲା। ଏହାସହିତ ଅନୁଷ୍ଠାନର ଦ୍ୱିତୀୟ ବାର୍ଷିକ ସ୍ମରଣିକା 'ସ୍ୱର ଓ ସ୍ୱାକ୍ଷର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଆମ ଓଡ଼ିଆ କଳାକାରଙ୍କ ପରିବାରର ୧୨୦ ଜଣ ସକ୍ରୀୟ କଳାକାରଙ୍କ ଭବିଷ୍ୟତର ସୁରକ୍ଷା ପାଇଁ ୨ ଲକ୍ଷ ଟଙ୍କାର ଦୁର୍ଘଟଣା ଜନିତ ବିମା ରାଶି ମଧ୍ୟ ପ୍ରଦାନ କରାଯାଥିଲା। ଏହି ଅବସରରେ କମିଶନରେଟ୍ ପୋଲିସ ଏବଂ ରେଡ୍‌କ୍ରସ୍‌ର ମିଳିତ ସହଯୋଗରେ ରକ୍ତଦାନ ଶିବିରର ଏବଂ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଉପସଭାପତି ଡ. ଋଷି ପଟ୍ଟନାୟକ, ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା, ଯୁଗ୍ମ ସମ୍ପାଦକ ବରଦା ପ୍ରସନ୍ନ ପାତ୍ରଙ୍କ ସମେତ ଓକେଶରେ କାର୍ଯ୍ୟକାରୀ କମିଟି ଉପସ୍ଥିତ ଥିଲେ। ଶେଷରେ ନାଚ, ସଙ୍ଗୀତ, କମେଡି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ସହ ସ୍ୱର୍ଗତ ରଣଜିତ୍ ପଟ୍ଟନାୟକଙ୍କ ଲିଖିତ 'ଗୋଇଠା ବାବା' ନାଟକ ମଞ୍ଚସ୍ଥ ହୋଇଥିଲା।



## ବାଟବଣା ଗଣ୍ଡମୁଣ୍ଡା ହାଟ
# ୧୭୬ ପାଳିରୁ ୧୫୩ ଖାଲି

ଭୁବନେଶ୍ୱର, ୨୪।୭ (ସମିସ): ରାଜଧାନୀର ଅନ୍ୟତମ ହାଟ ହେଉଛି ଗଣ୍ଡମୁଣ୍ଡା ହାଟ। କିନ୍ତୁ ପରିଚାଳନାଗତ ତ୍ରୁଟି ପାଇଁ ଏଠାକୁ ଆସୁନାହାନ୍ତି ବେପାରୀ। ଫଳରେ ହାଟରେ ଥିବା ମୋଟ ୧୭୬ ପାଳି ମଧ୍ୟରୁ ଏବେ ବି ଖାଲି ପଡ଼ିଛି ୧୫୩ ପାଳି। ଦୈନିକ ଏଠାକୁ ମାତ୍ର ୨୩ ଜଣ ବେପାରୀ ଆସୁଛନ୍ତି।

ରାଜଧାନୀର ଖଣ୍ଡଗିରି, ଜାଗମରା, ଜଗମୋହନ ନଗର, ଗଣ୍ଡମୁଣ୍ଡା ବସ୍ତି, ପୋଖରୀପୁଟ, ତାଳବଣିଆ ଆଦି ଅଞ୍ଚଳବାସୀଙ୍କୁ ବ୍ୟବସାୟିକ ସୁବିଧା ଯୋଗାଇ ଦେବା ପାଇଁ ୨୦୦୯ ମସିହାରେ ବିଏମ୍‌ସି ପକ୍ଷରୁ ୭୦ ଲକ୍ଷ ଖର୍ଚ୍ଚ କରାଯାଇ ଗଣ୍ଡମୁଣ୍ଡାରେ ହାଟ ବସାଯାଇଥିଲା। ସହର ଉପକଣ୍ଠର ସରକନ୍ତରା, ଡୁମୁଡୁମା ସୁନ୍ଦରପଦା ଆଦିର ଅଞ୍ଚଳର ବେପାରୀମାନେ ଆସି ବେପାର କରୁଛନ୍ତି। ଗଣ୍ଡମୁଣ୍ଡାରୁ ପୋଖରୀପୁଟ ପର୍ଯ୍ୟନ୍ତ ରାସ୍ତା କଡ଼ରେ ବସୁଥିବା ବେପାରୀଙ୍କୁ ଦୃଷ୍ଟିରେ ରଖି ଏହି ହାଟ ତିଆରି କରାଯାଇଥିଲା ହେଲେ ହାଟ ଭଲ ଚାଲିଥିଲା କିନ୍ତୁ ମଝିରେ ବେପାର ଠିକ୍ ନ ହେବାରୁ ବେପାରୀମାନେ ରାସ୍ତା କଡ଼ରେ ବସି ପୁଣି ବେପାର କରିଲେ। ବର୍ତ୍ତମାନ ହାଟ ମାତ୍ର ସାପ୍ତାହିକରେ ମଙ୍ଗଳବାର, ଶୁକ୍ରବାର ବସୁଛି। ଏଠାରେ ମୋଟ ୧୭୬ ଜଣ ବେପାରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ମାତ୍ର ୨୩ ଜଣ ସବୁଦିନ ଆସି ବିକ୍ରି ବଟା କରୁଥିବା ବେଳେ ଆଉ ୧୫୩ ଟି ଦୋକାନ ବନ୍ଦ ପଡ଼ିଛି। ପୁଣିଥରେ ଏହି ହାଟକୁ ପୁନଃ ଚାଲୁ କରିବା ପାଇଁ ବିଏମ୍‌ସି ପକ୍ଷରୁ ଚେଷ୍ଟା କରାଯାଉଛି। ହାଟରେ ବ୍ୟବସାୟୀଙ୍କ ଜିନିଷ ରଖିବା ପାଇଁ ସୁବିଧା ନ ହେବାରୁ ପୁନରୁଦ୍ଧାର ନାମରେ ଦୁଇ ବର୍ଷ ହେଲାଣି ଦୋକାନଘର କାମ ଚାଲୁରହିଛି। ହେଲେ ହାଟରେ ଅଲୋକୀକରଣ ନ ଥିବାରୁ ରାତି ହେଲେ ଏହା ନିଶାଡ଼ିଙ୍କ ଆଡ୍ଡାସ୍ଥଳ ପାଲଟି ଯାଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

■ କାମ ସରୁନି କି ବେପାର ବଢୁଛି
■ ଘାଣ୍ଟି ହେଉଛନ୍ତି ବେପାରୀ ଓ ଗ୍ରାହକ
■ ରାତିହେଲେ ଜମୁଛି ନିଶାଡ଼ିଙ୍କ ଆଡ୍ଡା



୨୦୨୩ ମସିହାରେ ଜାଗମରାରୁ ପୋଖରୀପୁଟ ରାସ୍ତାକୁ ନୋ ଭେଣ୍ଡିଂ ଜୋନ୍ ଘୋଷଣା କରିବା ସହ ଲଟେରୀ ମାଧ୍ୟମରେ ବ୍ୟବସାୟୀଙ୍କୁ ଦୋକାନ ଆବଣ୍ଟନ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ୩ ରୁ ୪ ମାସ ମଧ୍ୟରେ ଏହାର ପୁନରୁଦ୍ଧାର କରାଯାଇ ଆବଣ୍ଟନ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ପୁନରୁଦ୍ଧାର କାର୍ଯ୍ୟ ବିଳମ୍ବ ହୋଇଥିବା ବେଳେ ଏବେବି ମରାମତି କାମ ଚାଲୁଅଛି।

ଏନେଇ ହାଟ ଦାୟିତ୍ୱରେ ଥିବା ବିଏମ୍‌ସିର ଡ଼େପୁଟି କମିସନର ରୁବି ବେହେରା କହିଛନ୍ତି ବହୁତ ଶିଘ୍ର ହାଟ କାମ ସରିଯିବ ଏବଂ ପୁଣି ଦୋକାନ ପାଇଁ ବିଜ୍ଞାପନ ଦିଆଯିବ। ଯୋଗ୍ୟ ହିତାଧିକାରୀଙ୍କୁ ଲିଷ୍ଟ କରାଯାଇ ଦୋକାନ ଦିଆଯିବ ବୋଲି ସେ କହିଛନ୍ତି। ଏଥିସହିତ ୬୨ ନମ୍ବର ୱାର୍ଡର କର୍ପୋରେଟର ଚାରୁଲତା ସାମନ୍ତରାୟ କୁହନ୍ତି ପ୍ରଥମେ ହାଟ ହେବାବେଳେ ଅଲଗା ଅଲଗା ଲୋକ ଦୋକାନ ନେଇଯାଇଥିଲେ, ପରେ ସେମାନଙ୍କୁ ହାଟରେ ବ୍ୟବସାୟ କରିବା ପାଇଁ ଦିଆଗଲା ନାହିଁ। କିନ୍ତୁ ଏବେ ଆଖପାଖରୁ ବହୁତ ବେପାରୀ ଆସୁଛନ୍ତି ବିକ୍ରିବଟା କରିବା ପାଇଁ। ହେଲେ ଯେଉଁମାନେ ଦୋକାନ ପାଇବାର ହକ୍ ଥିବ ସେହିମାନେ ଦୋକାନରେ ବେପାର କରିପାରିବେ ବୋଲି ସେ କହିଛନ୍ତି।

## ରାଜସ୍ୱ ସଚିବଙ୍କ କାଶୀନଗର ପରିଦର୍ଶନ



କାଶୀନଗର,୨୪।୭(ସମିସ): ଗଜପତି ଜିଲ୍ଲା କାଶୀନଗର ତହସିଲ କାର୍ଯ୍ୟାଳୟକୁ ପରିଦର୍ଶନ କରିଛନ୍ତି ରାଜସ୍ୱ ବିଭାଗୀୟ କମିଶନରଙ୍କ ସଚିବ ବୀରସେନ୍ ପ୍ରଧାନ। ଏହି ପରିଦର୍ଶନ ବେଳେ ତହସିଲଦାର ସୁଧୀର କୁମାର ନନ୍ଦ, ଅତିରିକ୍ତ ତହସିଲଦାର ତ୍ରିନାଥ ସାହୁ, ଇନଚାର୍ଜ ବିଭାଗ ଅଧିକାରୀ ସୁଚିତ୍ରା ଭୂୟାଁଙ୍କ ସମେତ ସମେତ ରାଜସ୍ୱ ନିରୀକ୍ଷକ ଓ ତହସିଲ କର୍ମଚାରୀ ଉପସ୍ଥିତ ରହିଥିଲେ। ତହସିଲ କାର୍ଯ୍ୟାଳୟ ପତ୍ର ପରିଚାଳନା, ନିଯୁକ୍ତି ସୂଚୀବଦ୍ଧ, ପ୍ରଶାସନିକ କାର୍ଯ୍ୟ ପରିଚାଳନା ଉପରେ ନଥି କାଗଜପତ୍ର ଯାଞ୍ଚ କରିଥିଲେ। ସେହିପରି କାଶୀନଗରରେ ବସବାସ କରୁଥିବା ଜନସଂଖ୍ୟା, ବ୍ଲକ, ପଞ୍ଚାୟତ, ରାଜସ୍ୱ ଗ୍ରାମ, ଥାନା, ଶିକ୍ଷାନୁଷ୍ଠାନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକ କେତେ ସଂଖ୍ୟାରେ ରହିଛି ତାହା ନେଇ ସ୍ଥାନୀୟ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ।

## ନାନୋ ୟୁନିକର୍ଣ୍ଣ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି,୨୪।୭(ସମିସ): ଗଜପତି ଜିଲ୍ଲାରେ କ୍ଷୁଦ୍ର ଶିଳ୍ପ ସ୍ଥାପନ ପାଇଁ ସ୍ଥାନୀୟ ଆଶାୟୀ ଯୁବକ ଯୁବତୀମାନଙ୍କୁ ୧ ଲକ୍ଷ ଟଙ୍କା ସୁଧମୁକ୍ତ ଋଣ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ ଦୁଇ ଦିନିଆ ସାକ୍ଷାତକାର ଓ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ସଫଳତା ସହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ୨୨ ଜଣ ଯୁବକ ଯୁବତୀ ଓ ଦ୍ୱିତୀୟ ଦିନରେ ୨୫ ଜଣ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ, ଜିଲ୍ଲା ସାଧାରଣ ପରିଚାଳକ ସୁନାରାମ ସିଂ, ଲିଡ୍ ବ୍ୟାଙ୍କ ମ୍ୟାନେଜର ମହେଶ୍ୱର ମଣ୍ଡଳଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନର୍ସିଂ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ୍ ସେରିମୋନି



ପାରଳାଖେମୁଣ୍ଡି,୨୪।୭(ସମିସ): ସ୍ଥାନୀୟ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ନର୍ସିଂ ପକ୍ଷରୁ ଓଥ୍ ଟେକିଂ ଓ ହ୍ୱାଇଟ୍ କୋଟ୍ ସେରିମୋନି ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଏଡିଏମ୍ଓ ଡାକ୍ତର ମହେନ୍ଦ୍ର କୁମାର ଭୁୟାଁ, ଏଡିଏମ୍ଓ ଡାକ୍ତର ସାନ୍ତନୁ ପାଢୀ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନିତା ପାତ୍ର ପ୍ରମୁଖ ନିଜ ନିଜ ବକ୍ତବ୍ୟରେ "ନର୍ସମାନେ ସ୍ୱାସ୍ଥ୍ୟ ସେବାର ମୂଳ ଆଧାର' ବୋଲି କହିଥିଲେ। ସ୍କୁଲ ଅଫ୍ ନର୍ସିଂର ପ୍ରଫେସର ଏସ୍.ଏନ୍. ସନ୍ଧ୍ୟା, ସ୍ୱାଗତ ଉଦ୍‌ବୋଧନରେ ନର୍ସିଂ ପେଷାର ମାନବିକ ମୂଲ୍ୟ ଓ ଏହି ବିଦ୍ୟାଳୟ ଦ୍ୱାରା ଭବିଷ୍ୟତ ସେବାପ୍ରଧାନ ପେଷାଜୀବୀ ତିଆରି କରିବାରେ ଗୌରବଜନକ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ସ୍କୁଲ ଅଫ ନର୍ସିଂର ନିର୍ଦ୍ଦେଶକ ପ୍ରଫେସର ସୁନୀଲ କୁମାର ଝା ତାଙ୍କ ବକ୍ତବ୍ୟରେ ଚିକିତ୍ସା ଓ ମାନବତା ମଧ୍ୟରେ ଗଭୀର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ।

## ସୌମ୍ୟାଶ୍ରୀଙ୍କ ଲାଗି କଂଗ୍ରେସର ନୀରବ ପ୍ରାର୍ଥନା

ପାରଳାଖେମୁଣ୍ଡି,୨୪।୭(ସମିସ): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଆତ୍ମାହୁତି ଦେଇଥିବା ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଛି। ଗଜପତି ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ନିର୍ଦ୍ଦେଶ କ୍ରମେ କଂଗ୍ରେସ ନେତା ସଞ୍ଜୟ ଅଧିକାରୀ, ଜସ୍ମିନ୍ ଶେଖ୍, ଅଭିମନ୍ୟୁ ପଣ୍ଡା, ଈଶ୍ୱର ଚନ୍ଦ୍ର ମାଝୀ, ସୁଧାକର ପାଲ, ସୂର୍ଯ୍ୟନାରାୟଣ ପାତ୍ର, ସରୋଜ ମିଶ୍ର, ରଞ୍ଜିତା ପାଣିଗ୍ରାହୀଙ୍କ ସମେତ ବହୁ କର୍ମୀମାନେ ଯୋଗଦେଇଥିଲେ।



## ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଞ୍ଚ କାରବାର ▸ ତଦନ୍ତ ପାଇଁ ମେଡିକାଲରେ ୪ ଜଣିଆ ଟିମ୍

ମୋହନା,୨୪।୭(ସମିସ)



ଗଜପତି ଜିଲ୍ଲା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନରେ ଲାଞ୍ଚ କାରବାର ଘଟଣାର ତଦନ୍ତ କରିଛି ୪ ଜଣିଆ ସ୍ୱତନ୍ତ୍ର ଟିମ୍। ଗୁରୁବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ୪ ଜଣିଆ ଟିମ୍ ପହଞ୍ଚି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛି। ଦାୟିତ୍ୱରେ ଥିବା ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଓ ଅଭିଯୋଗକାରୀଙ୍କୁ ଏହି ମାମଲାରେ ପଚରାଉଚରା କରାଯାଇଛି। ତଦନ୍ତ ରିପୋର୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯିବ। ରିପୋର୍ଟ ଅନୁଯାୟୀ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବେ ବୋଲି ତଦନ୍ତ ପାଇଁ ଆସିଥିବା ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ପ୍ରଦୀପ ମହାପାତ୍ର କହିଛନ୍ତି। ଏହି ଟିମ୍‌ରେ ସ୍ୱାସ୍ଥ୍ୟ ନିରୀକ୍ଷକ ଜି. ରାମକୃଷ୍ଣ ନାଇଡୁ, ବରିଷ୍ଠ କିରାଣି ରାଜ କିଶୋର ବେହେରା ଓ ଜନ୍ମମୃତ୍ୟୁ ପଞ୍ଜିକରଣ ଜିଲ୍ଲା କୋର୍ଡିନେଟର ଅଭୟ କୁମାର ମାଳି ସାମିଲ ଥିଲେ।

ସୂଚନାଯୋଗ୍ୟ, ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇଁ ମୋହନା ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଞ୍ଚ କାରବାର ହେଉଛି। ବିଭାଗରେ କାର୍ଯ୍ୟ କରୁଥିବା ଢେପାଗୁଡା ଉପସ୍ୱାସ୍ଥ୍ୟ କେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ବିଜୟ କୁମାର ସାହୁ ଏବଂ ଗୋବିନ୍ଦପୁର ଉପସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ବିଶ୍ୱନାଥ ବେହେରା ଦୁହେଁ ମିଳିତ ଭାବେ ଟଙ୍କା ଆଦାୟ କରୁଛନ୍ତି। ଗତ ୧୧ ତାରିଖ ଦିନ ସାମ୍ବାଦିକ ମୋଜେସ ରଇତ ତାଙ୍କ ବାପାଙ୍କ ମୃତ୍ୟୁପ୍ରମାଣ ପତ୍ର ନେବାକୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ଦାୟିତ୍ୱରେ ଅଧିକାରୀ ତାଙ୍କୁ ୩୦୦ଟଙ୍କା ଲାଞ୍ଚ ମାଗିଥିଲେ। ସେ ନଦେବାରୁ ଆବେଦନପତ୍ର ଫିଙ୍ଗି ଦେଇଥିଲେ। ତେବେ ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼.ଜୟ ପଣ୍ଡାଙ୍କୁ ଅବଗତ କରାଇଥିଲେ ସାମ୍ବାଦିକ ଜଣକ। ତେବେ କୌଣସି ପଦକ୍ଷେପ ନେଇନଥିଲେ। ତେଣୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଜାଣତରେ ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହୋଇଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼. ମୁବାରକ ଅଲ୍ଲୀଙ୍କୁ ପଚାରିବାରୁ ତଦନ୍ତ ପାଇଁ ଖୁବ୍‌ଶୀଘ୍ର ଏକ ଟିମ ପଠାଯିବ ବୋଲି କହିଥିଲେ। ତାଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ୪ ଜଣିଆ ଟିମ ଏହି ଘଟଣା ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଦୁର୍ନୀତି ଉପରେ ତଦନ୍ତ କରିଛନ୍ତି। ତେବେ ଲାଞ୍ଚ କାରବାର ନେଇ ବହୁବାର ଅଭିଯୋଗ ହେବା ସତ୍ତ୍ୱେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କର ଚିରାଚରିତ ଢଙ୍ଗରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହୁଛନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ଏହି ତଦନ୍ତ ରିପୋର୍ଟ ଚାପି ଦିଆଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଏକ ଦାବିପତ୍ର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

## ନାଳ ସାଜିଛି କାଳ; ବାଜିରେ ଲାଗୁଛି ଜୀବନ



ବାଲିଗୁଡ଼ା/କ.ନୂଆଗାଁ,୨୪।୭(ସମିସ): ଦୀର୍ଘ ୨୦ବର୍ଷ ହେବ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ଅଞ୍ଚଳବାସୀ। କନ୍ଧମାଳ ଜିଲ୍ଲା କ. ନୂଆଗାଁ ବ୍ଲକ ଅନ୍ତର୍ଗତ ଗୁଞ୍ଜିବାଡି ପଞ୍ଚାୟତରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ। ସୂଚନା ଅନୁସାରେ ଗୁଞ୍ଜିବାଡି ପଞ୍ଚାୟତର ବଗାଡି, ସକାଲି, ମିନାମିଲୁ, ବଦାଲି, ଶ୍ରକପାଙ୍ଗ ଗାଁରେ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଗୁଞ୍ଜିବାଡି ପଞ୍ଚାୟତକୁ ଯିବାକୁ ହେଲେ ଏହି ଏକ ମାତ୍ର ରାସ୍ତାରେ ଏକ ଛୋଟ ନାଳ ଦେଇ ଯିବାଆସିବା କରନ୍ତି ଅଞ୍ଚଳବାସୀ। କିନ୍ତୁ ବର୍ଷାଦିନ ଆସିଲେ ଏହି ନାଳ ସାଜୁଛି କାଳ। ବର୍ଷାଦିନେ ଏତେ ପରିମାଣରେ ପାଣି ଆସିଯାଏ ଯେ, ଅତିକ୍ରମ କରିବା ବହୁ କଷ୍ଟ ହୋଇପଡେ। ଜୀବନକୁ ବାଜି ଲଗାଇ ଦୈନନ୍ଦିନ କାର୍ଯ୍ୟ, ସ୍କୁଲ, କଲେଜ, ଅଫିସ କାର୍ଯ୍ୟ ପାଇଁ ଏହି ନାଳ ପାରି ହେବାକୁ ପଡେ। ୨୦୦୬ ମସିହା ଠାରୁ ଏକ ସ୍ଥାୟୀ ପୋଲ ନିମନ୍ତେ ପ୍ରଶାସନକୁ ନିବେଦନ କଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ତେବେ କାହିଁକି ଏପର୍ଯ୍ୟନ୍ତ ଏହି ଅଞ୍ଚଳବାସୀଙ୍କୁ ଆଡ଼ଆଖିରେ ଦେଖୁଛି ପ୍ରଶାସନ ତାହା ପ୍ରଶ୍ନବାଚୀ। ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିପୁଳ ପରିମାଣର ପୋଚ ଓ ମଦ ଜବତ

ବୁଗୁଡା,୨୪।୭(ସମିସ): ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ଓ ପୁଲିସର ମିଳିତ ଚଢାଉ କରାଯାଇ ପ୍ରଚୁର ପରିମାଣର ପୋଚ ଓ ଦେଶୀମଦ ସହ ପ୍ରସ୍ତୁତିରେ ବିନିଯୋଗୀ ସାମଗ୍ରୀ ଜବତ କରିଛି। ପ୍ରକାଶ ଯେ, ଗୁରୁବାର ସକାଳେ ଅବକାରୀ ଓ ପୁଲିସ ବିଭାଗ ପକ୍ଷରୁ ବୁଗୁଡା ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ ଖଦାଳପଲ୍ଲୀ, ମହୁଲପଲ୍ଲୀ ଓ ସମଲେଇ ଆଦି ଗ୍ରାମର ଆଖପାଖ ଜଙ୍ଗଲ ଅଞ୍ଚଳରେ ଚଢାଉ କରାଯାଇ ପାଞ୍ଚ ହଜାର ଲିଟର ପୋଚ ଓ ଦୁଇ ଶହ ଲିଟର ଦେଶୀ ମଦ ସହ ପ୍ରସ୍ତୁତି ସାମଗ୍ରୀ ଜବତ କରିଥିଲେ। ସେଠାରେ ଜବତ ପୋଚ ଓ ମଦକୁ ନଷ୍ଟ କରାଯାଇଥିଲା। ଏନେଇ ଅବକାରୀ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ କାହାକୁ ମଧ୍ୟ ଗିରଫ କରାଯାଇନଥିବା ଜଣାଯାଇଛି। ଚଢ଼ଉରେ ଅବକାରୀ ଡିଏସପି ସ୍ୱାଧୀନ କୁମାର ସାହୁ, ଭଞ୍ଜନଗର ଇନ୍ସପେକ୍ଟର ଡମ୍ବରୁଧର ହରିଜନ, ମୋବାଇଲ ଇନ୍ସପେକ୍ଟର ଅଂଶୁମାନ ଜେନା, ବୁଗୁଡା ଅବକାରୀ ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତି ଓ ପୁଲିସ ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତାଙ୍କ ସମେତ ଅବକାରୀ ଓ ପୁଲିସ କର୍ମଚାରୀ ସାମିଲ ଥିଲେ।

● ଆନ୍ଧ୍ରରେ ତଳି ରୋଇ ସାଙ୍କୁଡ଼ା ଫେରୁଥିଲେ

## ନଦୀରେ ଭାସି ମହିଳା ଶ୍ରମିକଙ୍କ ମୃତ୍ୟୁ

ରାୟଗଡ଼,୨୪।୭(ସମିସ): ଆନ୍ଧ୍ରରେ ଧାନ ରୁଆ କାମ ସାରି ସନ୍ଧ୍ୟାରେ ଘରକୁ ଫେରୁ ବେଳେ ମହେନ୍ଦ୍ରତନୟା ନଦୀରେ ଭାସି ଗୁରୁବାର ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅଧୀନ ଗଙ୍ଗାବାଡ ପଞ୍ଚାୟତ ଅନ୍ତର୍ଗତ ସାଙ୍କୁଡ଼ା ଗ୍ରାମର ଗମ୍ଭୀର ଶବରଙ୍କ ପତ୍ନୀ ସୁବାସିନୀ ଶବର (୪୮)। ଲଗାଣ ବର୍ଷାରେ ନଦୀ ଜଳସ୍ତର ବୃଦ୍ଧି ପାଇ ପ୍ରଖର ସ୍ରୋତ ଥିବାବେଳେ ଗ୍ରାମର କିଛି ମହିଳାଙ୍କ ସହ ହାତ ଧରାଧରି ହୋଇ ନଦୀ ପାର ବେଳେ ସେ ଖସି ଭାସି ଯାଇଥିବା ସାଙ୍ଗରେ ଥିବା ମହିଳା ଶ୍ରମିକମାନେ ପ୍ରକାଶ କରିଛନ୍ତି। ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ରାୟଗଡ଼ ବ୍ଲକ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ସାଙ୍କୁଡ଼ା ଗ୍ରାମର ସୁବାସିନୀ ଶବରଙ୍କ ସମେତ ୫ ଜଣ ମହିଳା ଗୁରୁବାର ସକାଳୁ ଆନ୍ଧ୍ର ପ୍ରଦେଶ ସାବା ଗ୍ରାମକୁ ଧାନତଳି ରୋଇବାକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ବାଟରେ ମହେନ୍ଦ୍ର ତନୟା ନଦୀ ପାର ହେଉଥିବା ବେଳେ ଏହି ଅଘଟଣ ଘଟିଥିଲା। ସାଙ୍ଗରେ ଥିବା ମହିଳାମାନେ ଗ୍ରାମ ଲୋକଙ୍କୁ ଜଣାଇବାପରେ ବହୁ ଲୋକ ପହଞ୍ଚି ଖୋଜା ଖୋଜି କରିବା ପରେ ଏକ ପଥର କଡ଼ରୁ ମୃତଦେହ ଉଦ୍ଧାର ହୋଇଥିଲା। ତାଙ୍କ ଏକମାତ୍ର ଝିଅ ରେବତୀକୁ ଉଭୟେ ସ୍ୱାମୀ-ସ୍ତ୍ରୀ ମଜୁରି ଲାଗି ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପାଠ ପଢ଼ାଉଥିଲେ। ଆଶାଥିଲା ଝିଅ ଚାକିରି ଭଲ ଚାକିରି କରି ବଡ଼ ମଣିଷ ହେବ। ମାତ୍ର ସବୁ ସ୍ୱପ୍ନ ଅଧାରେ ରହିଗଲା ବୋଲି ଅଞ୍ଚଳବାସୀ କହିଛନ୍ତି।

ଘଟଣାକୁ ନେଇ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବରିଷ୍ଠ ବିଜେଡ଼ି ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, ସରପଞ୍ଚ ହରିବନ୍ଧୁ କାର୍ଯୀ, ସମିତିସଭ୍ୟା ସୁମିତ୍ରା ଶବରଙ୍କ ସମେତ ଅଞ୍ଚଳବାସୀ ଦୁଃଖ ପ୍ରକାଶ କରିଛନ୍ତି।

## ସ୍କୁଟି ସହ ଗଞ୍ଜେଇ ଜବତ; ୨ ଯୁବକ ଗିରଫ

ଦିଗପହଣ୍ଡି,୨୪।୭(ସମିସ): ବୁଧବାର ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରବୀଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଦିଗପହଣ୍ଡି-ବ୍ରହ୍ମପୁର ରାସ୍ତାର ଗଣିଆନାଳ ଛକ ନିକଟରେ ଚଢ଼ଉ କରି ଅବକାରୀ କର୍ମଚାରୀ ଗଞ୍ଜେଡ଼ ଜବତ କରିବା ସହ ୨ ଯୁବକଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଗଜପତି ଜିଲ୍ଲା ମୋହନା ଥାନା ଅଧିନସ୍ଥ ରାଇପୁର ଗ୍ରାମର ରୁନା ବର୍ଦ୍ଧାନ (୨୮) ଏବଂ ସୁନିହମ୍ ଲିମା (୨୩)।



ପ୍ରକାଶ ଯେ, ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅବକାରୀ ଟିମ୍ ଗଜପତିରୁ ବ୍ରହ୍ମପୁର ଅଭିମୁଖେ ବେଆଇନ ଭାବେ ଚୋରାଚାଲାଣ ହେଉଥିବା ସ୍କୁଟି (ଓଡି-୨୦ ସି ୪୯୭୬)ର ପିଛା କରି ଗଣିଆନାଳ ଛକରେ ଅଟକାଇଥିଲେ। ଯାଞ୍ଚବେଳେ ସେଥିରୁ ୭ କିଲୋ ୧୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଘଟଣାସ୍ଥଳରୁ ଉଭୟ ଯୁବକଙ୍କୁ ଗିରଫ କରାଯାଇ ମାମଲା ରୁଜୁପରେ ଜିଲ୍ଲା ଦୌରା ଜଜ କୋର୍ଟ କୁ ଚାଲାଣ କରାଯାଇଥିଲା। ସେଠାରେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବ୍ରହ୍ମପୁର କାରାଗାରକୁ ପଠାଇଦିଆଯାଇଛି। ଏହି ଗଞ୍ଜେଇ ଜବତ ସମୟରେ ଅବକାରୀ କର୍ମଚାରୀ ସାହେବ ଶବର, ପ୍ରଫୁଲ୍ଲ କୁମାର ବେହେରା, ନିର ବେହେରା, ରାଜେଶ ଜେନା, ସେକ୍ ରାଜେଶ ଉଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

## ପିସ୍ତଲ ଦେଖାଇ ମହିଳାଙ୍କଠାରୁ ଲୁଟିନେଲ ୩ ଲକ୍ଷ

ଆସିକା,୨୪।୭(ସମିସ): ଆସିକା ଥାନା ଅନ୍ତର୍ଗତ ନୂଆପଲ୍ଲୀ-ଋଷିପୁର ଗ୍ରାମ୍ୟ ରାସ୍ତାରେ ଋଷିପୁର ଗ୍ରାମର ସବିତା ବେହେରା ଲୁଟ୍‌ର ଶିକାର ହୋଇଛନ୍ତି। ଋଷିପୁର ଗ୍ରାମର ମା' ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ୬ଜଣିଆ ସଦସ୍ୟାଙ୍କ ତିନି ଲକ୍ଷ ଟଙ୍କା ସେ ନେଉଥିବା ବେଳେ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ସୂଚନାପ୍ରକାରେ ସବିତା ଆସିକା ୟୁନିୟନ ବ୍ୟାଙ୍କରୁ ଟଙ୍କା ଉଠାଇ ଏକ ବ୍ୟାଗରେ ରଖି ପୁଅ ବିକ୍ରମ ବେହେରାଙ୍କ ସହିତ ନିଜ ଗାଁକୁ ବାଇକରେ ଫେରୁଥିବାବେଳେ ନିଛାଟିଆ ରାସ୍ତାରେ ୪ଜଣ ଦୁର୍ବୃତ୍ତ ଅଟକାଇଥିଲେ। ଦୁଇଟି ବାଇକରେ ଦୁର୍ବୃତ୍ତମାନେ ମୁହଁରେ ମୁଖା ବାନ୍ଧି ଆସିଥିଲେ। ଉଭୟଙ୍କୁ ବାଇକରୁ ଠେଲି ତଳେ ପକାଇ ଦେଇଥିଲେ। ପରେ ପିସ୍ତଲ ଓ ଛୁରୀ ଦେଖାଇ ସେମାନେ ଧରିଥିବା ଟଙ୍କା ଥିବା ଓ ପରିବା ଥିବା ଦୁଇଟି ବ୍ୟାଗକୁ ନେଇ ଚମ୍ପଟ ମାରିଛନ୍ତି। ଘଟଣାସ୍ଥଳରେ ଆସିକା ଥାନା ଭାରପ୍ରାପ୍ତ ପୁଲିସ ଅଧିକାରୀ କୁଳମଣି ସେଠୀ ସ୍ୱତନ୍ତ୍ର ଟିମ ସହ ପହଞ୍ଚି ତଦନ୍ତ କରିବା ସହ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରୁଥିବା ଜଣାଯାଇଛି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ବୁଗୁଡ଼ା,୨୪।୭(ସମିସ): ସ୍ଥାନୀୟ ପିପୁଲ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଶ୍ରୀବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ +୨ କଳା ବିଭାଗର ଏବଂ ଅଧ୍ୟାପକ ମନୋଜ କୁମାର ଦାସଙ୍କ ପୌରୋହିତ୍ୟରେ +୨ ବିଜ୍ଞାନ ବିଭାଗ ପକ୍ଷରୁ ପୃଥକ୍ ଭାବେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ଏହି ଅବସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯିବା ସହ ଶିକ୍ଷାନୁଷ୍ଠାନର ନୀତିନିୟମ ସମ୍ପର୍କରେ ଅବଗତ କରାଯାଇଥିଲା। ସେହିପରି ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବ ଅବସରରେ +୨ କଳା ବିଭାଗର ନୂତନ ଛାତ୍ରୀଙ୍କୁ ସ୍ୱାଗତ କରାଯାଇ ମାର୍ଗ ଦର୍ଶନ କରାଯାଇଥିଲା।



## ହୋଇପାରୁନି ପଞ୍ଜୀକରଣ; ନିରାଶରେ ଫେରୁଛନ୍ତି ଚାଷୀ

ବାଲିଗୁଡ଼ା,୨୪।୭(ସମିସ): ବହୁ ସମୟ ଅପେକ୍ଷା କରିବି ହୋଇ ପାରୁନି ଚାଷୀ ପଞ୍ଜିକରଣ। ବିଳମ୍ବ ଯୋଗୁ ନିରାଶରେ ଫେରୁଛନ୍ତି ଚାଷୀ। ଏପରି ଘଟଣା ଏବେ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ସୁଦ୍ରା ଠାରେ ଥିବା ବହୁମୁଖୀ ସମବାୟ ସମିତି ଲିମିଟେଡ଼ର ଚାଷୀ ପଞ୍ଜିକରଣ ଚାଲିଥିବା ବେଳେ ପଞ୍ଜିକରଣ ବିଳମ୍ବ ଯୋଗୁ ନିରାଶ ହୋଇ ଫେରୁଛନ୍ତି ଅଞ୍ଚଳବାସୀ। ସୁଦ୍ରାଠାରୁ ଲଣ୍ଡାଗାଁ, ଖୋମନଖୋଲ, ବହୁ ଦୂର ହୋଇଥିବା ବେଳେ ଶହଶହ ଚାଷୀ ନାମ ପଞ୍ଜିକରଣ କରିନପାରି ଫେରିବାରୁ ଅସନ୍ତୋଷ ଦେଖାଦେଇଛି। ସୁଦ୍ରା ବୃହଦାକାର ବହୁମୁଖି ସମବାୟ ସମିତିରେ ଜଣେ ମାତ୍ର କର୍ମଚାରୀ ନାମ ପଞ୍ଜିକରଣ କରୁଛନ୍ତି ଆଉ ଜଣେ କର୍ମଚାରୀ କୁଆଡ଼େ ଯାଇଛନ୍ତି ପତ୍ତା ମିଳୁନି କି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରଯାଉନି। ତେବେ ନାମ ପଞ୍ଜିକରଣ ଲଣ୍ଡାଗାଁକୁ ଆସି କଲେ ଚାଷୀ ଉପକୃତ ହୁଅନ୍ତେ ବୋଲି ନିବେଦନ କରିଛନ୍ତି ଲଣ୍ଡାଗାଁ ଓ ଖୋମନଖୋଲ ଚାଷୀ।

## ସରକାରୀ କ୍ୱାର୍ଟର୍ସ ପାଲଟିଛି ସରୀସୃପଙ୍କ ଆଡ୍ଡାସ୍ଥଳୀ

କାଶୀନଗର,୨୪।୭(ସମିସ)

କାଶୀନଗର ବ୍ଲକ୍ କଲୋନୀ ପରିସରରେ ୩ ଟିଚର୍ କ୍ୱାର୍ଟର୍ସ ରହିଛି। ଜିଲ୍ଲାସ୍ତରରେ ଡିଆଇ ଓ ବ୍ଲକସ୍ତରରେ ବିଡିଓଙ୍କ ନିୟନ୍ତ୍ରଣରେ ପ୍ରାଥମିକ ଶିକ୍ଷା ଥିବା ବେଳେ ଉକ୍ତ କ୍ୱାର୍ଟର୍ସରେ ରହିବାକୁ ଇଚ୍ଛୁକ ସ୍ଥାନୀୟ ପ୍ରାଥମିକ ଶିକ୍ଷକମାନେ ସ୍କୁଲ୍ ଏସ୍ଆଇଙ୍କ ଜରିଆରେ ବିଡିଓଙ୍କୁ ଆବେଦନ କରୁଥିଲେ। ଅନୁମତି ମିଳିବା ପରେ ନିଜ ଖର୍ଚ୍ଚରେ ଆବଶ୍ୟକୀୟ ମରାମତି କରି ସେଥିରେ ସପରିବାର ରହୁଥିଲେ। ସେମାନଙ୍କୁ ଦରମା ସହ ଘରଭଡ଼ା ଭତ୍ତା ବା ଏଚ୍ଆର୍ଏ ମିଳୁନଥିଲା। ତେବେ ଅବସର ନେବା ପରେ ସେମାନେ କ୍ୱାର୍ଟର୍ସ ଛାଡିଥିଲେ। ପରବର୍ତ୍ତୀ ସମୟରେ ପ୍ରାୟ ୭୦/୭୫ ବର୍ଷ ତଳେ ନିର୍ମିତ ଘର ଗୁଡ଼ିକ କ୍ରମଶଃ ଭାଙ୍ଗିରୁଜି ଯାଉଥିବାରୁ ଆଉ କୌଣସି ଶିକ୍ଷକ ସେଠାରେ ରହିବାକୁ ଆବେଦନ କଲେ ନାହିଁ। ଦୀର୍ଘବର୍ଷ ଧରି ସେଗୁଡିକ ଅବ୍ୟବହୃତ ହୋଇ ରହିବା ଫଳରେ ବର୍ତ୍ତମାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ସହ ସରୀସୃପଙ୍କ ଘର ପାଲଟିଛି। ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।



## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ବାଲିଗୁଡ଼ା,୨୪।୭(ସମିସ): କୋଟଗଡ ଥାନା ଅଞ୍ଚଳର ଜଣେ ନାବାଳିକାକୁ ଘରକୁ ଡାକିନେଇ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଲୁପ୍ତ ନାୟକ ଦୁଷ୍କର୍ମ କରିଥିବା ନେଇ ପୀଡିତାଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଜୁଲାଇ ୭ରେ ସମ୍ପୃକ୍ତ ନାବାଳିକାକୁ ଘରକୁ ଡାକିନେଇ ଲୁପ୍ତ ଦୁଷ୍କର୍ମ କରିଥିଲା। ପରେ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ ହେଁ ଅଭିଯୁକ୍ତ ବିଫଳ ହୋଇଥିଲେ। ଜୁଲାଇ ୨୦ରେ ପୀଡ଼ିତାଙ୍କ ପରିବାର ଲୋକେ କୋଟଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସ୍ଆଇ ଜିତେନ୍ଦ୍ର କୁମାର ବେହେରା ଏକ ମାମଲା ରୁଜୁ କରିବା ସହ ପୋକ୍‌ସୋ ଆଇନରେ ତଦନ୍ତ ଆରମ୍ଭ କରିବା ସହ ପୀଡ଼ିତାଙ୍କ ବୟାନ ରେକର୍ଡ ଏବଂ ଆନୁସଙ୍ଗିକ ତଦନ୍ତ କରିଥିଲେ। ଅନ୍ୟପଟେ ଅଭିଯୁକ୍ତ ଲୁପ୍ତ ଫେରାର ହୋଇଯାଇଥିବା ଜଣାପଡିଛି। ଅଭିଯୁକ୍ତକୁ ଖୁବ୍‌ଶୀଘ୍ର ଧରିବାକୁ ପୁଲିସର ଛାନଭିନ୍ ଜାରି ରହିଥିବା ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି।



# ଲୋକସେବା ଭବନରେ ମାଲମାଲ ଦଲାଲ୍

ଭୁବନେଶ୍ୱର, ୨୪।୭ (ସମିସ)

ବର୍ଷେ ତଳେ ବଦଳିଲା ସରକାର। ସରକାର ପରିବର୍ତ୍ତନର ସୁଯୋଗ ନେଇ ମାତିଛନ୍ତି ଦଲାଲ। ନକଲି ପାସ୍ ଜରିଆରେ ଦଲାଲ୍‌ମାନେ ଲୋକସେବା ଭବନ ଭିତରକୁ ଅବାଧରେ ପ୍ରବେଶ କରୁଛନ୍ତି। ଏହି ସୁବିଧାରେ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଥିବା ଅଭିଯୋଗ ହୋଇଛି। ଗତ ଜାନୁଆରୀ ୧୩ ତାରିଖରେ ଏଭଳି ଏକ ଦଲାଲକୁ ସଚିବାଳୟ ସୁରକ୍ଷା କର୍ମୀ ଧରିବାରେ ସଫଳ ହୋଇଥିଲେ। ଗିରଫ ଯୁବକ ହେଲା ବ୍ୟାସଦେବ ରଣା। ବ୍ୟାସଦେବଠାରୁ ନକଲି ପାସ୍ ମଧ୍ୟ ଜବତ ହୋଇଥିଲା। ପୁଲିସ ସୂଚନା ଅନୁଯାୟୀ କଳାହାଣ୍ଡିର ନର୍ଲା ଅଞ୍ଚଳର



ଏହି ଦଲାଲ ପୁରୀ ଜିଲ୍ଲା ପିପିଲି ଅଞ୍ଚଳର ଜଣେ ଯୁବକଙ୍କୁ ସଚିବାଳୟରେ ଚାକିରି କରାଇ ଦେବାକୁ କହି ୨୦ ଲକ୍ଷ ଟଙ୍କା ଠକି ନେଇଥିଲା। କେବଳ ପିପିଲି ନୁହେଁ ଅନ୍ୟ କେତେକ ଯୁବକଙ୍କୁ ଚାକିରି ଲୋଭ ଦେଖାଇ ଠକିଥିବା ପୁଲିସ ପ୍ରାଥମିକ ଭାବେ ଜାଣିବାକୁ ପାଇଥିଲା। ପଚରାଉଚରା ବେଳେ ପୁଲିସ ବହୁ ଗୁରୁତ୍ୱପୂର୍ଣ୍ଣ ଏବଂ ରୋଚକ ତଥ୍ୟ ମଧ୍ୟ ହାସଲ କରିଥିଲା। ସେ ପ୍ରଥମେ ଚାକିରି ଆଶାୟୀଙ୍କୁ ସଚିବାଳୟ ନିକଟକୁ ଡାକୁଥିଲା। ସେମାନଙ୍କଠାରୁ ଆବେଦନ ଫର୍ମ ଏବଂ ପ୍ରମାଣପତ୍ର ନେଇ ସଚିବାଳୟ ଭିତରକୁ ଯାଉଥିଲା। ଫେରି ଆସିବା

■ ୭ ମାସ ମଧ୍ୟରେ ୩ ଜଣଙ୍କୁ ଗିରଫ କଲାଣି ପୁଲିସ

■ ଅଧିକାରୀ ଓ ରାଜନେତାଙ୍କ ସହ ରଖୁଛନ୍ତି ଭିତିରେ ସମ୍ପର୍କ

ପରେ ଚାକିରି ହୋଇଯିବ ବୋଲି ପ୍ରତିଶ୍ରୁତି ଦେଉଥିଲା। ଫଳରେ ଆଶାୟୀଙ୍କ ମଧ୍ୟରେ ବିଶ୍ୱାସ ଦୃଢ଼ ହେଉଥିଲା। ଯେଉଁ ବିଶ୍ୱାସରେ ଚାକିରି ଆଶାୟୀ ଯୁବକମାନେ ତାଙ୍କୁ ଲକ୍ଷ ଲକ୍ଷ ଟଙ୍କା ବଢ଼େଇ ଦେଉଥିଲେ। ପରବର୍ତ୍ତୀ ସମୟରେ ଟଙ୍କା ନେଇ ଚମ୍ପଟ ମାରୁଥିଲା ବ୍ୟାସଦେବ। ଏମିତି କି ଚାକିରି ଏବଂ ଟଙ୍କା ମାଗିବାରୁ ଧମକ୍ ଚକମ୍ ଦେଉଥିଲା। ଅଧିକାରୀ, ପୁଲିସ ଓ ରାଜନେତାଙ୍କ ସହ ତା'ର ସମ୍ପର୍କ ରହିଛି। ଦରକାର ପଡ଼ିଲେ ତାଙ୍କୁ ଫସାଇ ଦେବ ବୋଲି ଧମକ୍ ଦେବାରୁ ଅନେକ ଯୁବକ କାନମୁଣ୍ଡା ଆଉଁସି ରହୁଥିଲେ।

କେବଳ ବ୍ୟାସଦେବ ନୁହନ୍ତି ଗତକାଲି ଜଣେ ଦଲାଲକୁ ମଧ୍ୟ ଅଟକ ରଖିଥିଲେ ସଚିବାଳୟ ସୁରକ୍ଷା କର୍ମୀ। ଆଜି ତାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକ ହେଲା ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅଞ୍ଚଳର ସନ୍ଦୀପ ସାହୁ (୩୦)। ସନ୍ଦୀପ ନିୟମିତ ସଚିବାଳୟ ଭିତରକୁ ପ୍ରବେଶ କରୁଥିଲା। ତା'ର ହାବଭାବରେ ସନ୍ଦେହ ହେବାକୁ ସୁରକ୍ଷା କର୍ମୀମାନେ ତାକୁ ଅଟକ ରଖି ପାସ୍ ମାଗିଥିଲେ। କିନ୍ତୁ ପାସ୍ ଦେଖି ସୁରକ୍ଷା କର୍ମୀଙ୍କ ସନ୍ଦେହ ହୋଇଥିଲା। ଯାଞ୍ଚ କରିବା ପରେ ତାହା ନକଲି ପାସ୍ ବୋଲି ଜଣାପଡ଼ିଥିଲା। ପୁଲିସ ସବ୍ ଇନ୍ସପେକ୍ଟର ସନ୍ଦୀପ ପିଛା କରିଥିଲେ। କିନ୍ତୁ ସନ୍ଦୀପ ଖସି ଯିବା ପାଇଁ ଉଦ୍ୟମ କରିବା ବେଳେ ତାକୁ ଏଜି ଛକ ନିକଟରୁ ଗିରଫ କରାଯାଇଥିଲା। ସେହିଭଳି ଅମୀୟ




ପୁଷ୍ପାଳକ ନାମକ ଜଣେ ଠକକୁ ପୁଲିସ ଗିରଫ କରିଥିଲା। ସେ ନୀଳାଦ୍ରି ବିହାରର ମନୋରମା ମିଶ୍ରଙ୍କ ପୁଝୁ ଲୋସେବା ଭବନରେ ଚାକିରି କରାଇଦେବାକୁ କହି ୨୦ ଲକ୍ଷ ଟଙ୍କା ନେଇଥିଲା ଏବଂ ତାଙ୍କୁ ନକଲି ନିଯୁକ୍ତିପତ୍ର ସମେତ ପାସ୍ ଦେଇଥିଲା। ଏହି ଘଟଣାରେ କ୍ୟାପିଟାଲ ଥାନା ପୁଲିସ ଗତ ୧୨ ତାରିଖରେ ଅମୀୟକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ପୁଲିସ ଗତ ୭ ମସ ମଧ୍ୟରେ ଏହିଭଳି ୩ ଜଣ ଦଲାଲଙ୍କୁ ଗିରଫ କରିଛି ପୁଲିସ। ହେଲେ ଅନେକ ଦଲାଲ ଏବେ ବି ଲୋକସେବା ଭବନରେ ସକ୍ରି ରହିଥିବା ଜଣାପଡ଼ିଛି। ସେମାନେ ବିଭିନ୍ନ ରାଜନେତାଙ୍କ ସହ ସମ୍ପର୍କ ରଖିବା ସହ ଅଧିକାରୀଙ୍କ ସହ ସମ୍ପର୍କ ମଧ୍ୟ ରଖିଛନ୍ତି। ନିୟମିତ ସେମାନେ ଲୋକସେବା ଭବନକୁ ଯାଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଉଛନ୍ତି। ଅନେକ ଦଲାଲ ନିଜକୁ ସଚିବାଳୟ ଭିତରେ ବିଭିନ୍ନ ରାଜନେତାଙ୍କ ପାଖଲୋକ କହି ଅଧିକାରୀଙ୍କୁ ଧମକ ଚମକ ଦେବାର ଅଭିଯୋଗ ମଧ୍ୟ ହେଉଛି। ଯାହାର ସୁଯୋଗ ନେଇ ସେମାନେ ସାଧାରଣ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି।

## କେମିତି କରୁଛନ୍ତି ଟାର୍ଗେଟ

ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବାନୁଯାୟୀ ଲୋକସେବା ଭବନରେ ବୁଲୁଥିବା ଦଲାଲମାନେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଭିତିରିଆ ସମ୍ପର୍କ ରଖୁଛନ୍ତି। ସେମାନେ ବିଭିନ୍ନ ବିଭାଗରେ ବାହାରିଥିବା ନିଯୁକ୍ତି ବିଜ୍ଞାପନକୁ ଫଲୋ କରି ଯେଉଁମାନେ ଆବେଦନ କରୁଛନ୍ତି ଏବେ ପ୍ରାଥମିକ ପର୍ଯ୍ୟାୟରେ ଚୁଡ଼ାନ୍ତ ପର୍ଯ୍ୟାୟର ଚୟନ ପ୍ରକ୍ରିୟାକୁ ଯାଉଛନ୍ତି ସେମାନଙ୍କ ଠିକଣା ଏବଂ ଫୋନ ନମ୍ବର ଯୋଗାଡ଼ କରୁଛନ୍ତି। ପରବର୍ତ୍ତୀ ସମୟରେ ଆଶାୟୀଙ୍କ ସହ ଯୋଗାଯୋଗ କରି ସେମାନଙ୍କୁ ଚାକିରି ହୋଇଯିବାର ଆଶା ଦେଖାଉଛନ୍ତି। ଏ ବାବଦରେ ଫୋନ ଯୋଗେ ବିଭିନ୍ନ ଅଧିକାରୀଙ୍କ ସହ କଥା ମଧ୍ୟ କରାଯାଉଛନ୍ତି। ସେମାନଙ୍କ ମଧ୍ୟରେ ବିଶ୍ୱାସ ଜନ୍ମିବା ପରେ ତାଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଆଦାୟ କରୁଛନ୍ତି। ଯେଉଁ ଆଶାୟୀଙ୍କ ବ୍ୟବସ୍ଥା ଭିତରେ ଏବଂ ନିୟମ ମୁତାବକ ଚାକିରି ହୋଇଯାଉଛି ସେମାନଙ୍କଠାରୁ ପରବର୍ତ୍ତୀ ସମୟରେ ଅଧିକ ଟଙ୍କା ଆଦାୟ କରୁଥିବା ବେଳେ ଯେଉଁମାନଙ୍କଠାରୁ ଅଗ୍ରିମ ଆକାରରେ ନେଉଥିବା ଟଙ୍କା ଫେରାଉ ନାହାନ୍ତି। ଅନେକଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଚାକିରି କରାଇ ଦେବାର ଆଶା ଦେଖାଉଛନ୍ତି। ଫଳରେ ଅନେକ ଆଶାୟୀ ଠକଙ୍କ ହାବୁଡ଼େ ପଡୁଥିଲେ ମଧ୍ୟ କୌଣସି ଅଭିଯୋଗ ପୁଲିସ ନିକଟରେ କରୁ ନାହାନ୍ତି।

---

### ଦୋକାନୀଙ୍କ ନିଆରା ଚିନ୍ତା

## ଚା' କପ୍‌ରେ ଗ୍ରାହକଙ୍କ ଫଟୋ



ଭୁବନେଶ୍ୱର, ୨୪।୭(ସମିସ): ଚା' ଦୋକାନରେ କପ୍ ପରିଷ୍କାର ଏବଂ ପରିମଳ ନେଇ ଅନେକ ପ୍ରଶ୍ନ ଆସିଥାଏ। ଗୋଟିଏ ଗୋଟିଏ କପ୍‌ରେ ଏକାଧିକ ଗ୍ରାହକ ଚା' ପିଇବା ବେଳକୁ ଘୃଣା ଭାବ ପୋଷଣ କରିଥାନ୍ତି। କିନ୍ତୁ ରାଜଧାନୀରେ ଏମିତି ଏକ ଚା' ଦୋକାନ ରହିଛି ଯେଉଁଠାରେ ଗ୍ରାହକଙ୍କ ପାଇଁ ଅଲଗା ଅଲଗା କପ୍ ରହିଛି। ତାହା କେବଳ ନିୟମିତ ଚା ପିଉଥିବା ଗ୍ରାହକଙ୍କ ପାଇଁ। ଏମିତି ଚା' ଦୋକାନ ରହିଛି ଭୁବନେଶ୍ୱର ଜୟଦେବ ଭବନ ନିକଟର ଓମ୍‌ଫେଡ୍ ବୁଥ୍‌ରେ।

ଏଠାରେ ଥିବା ଚା' ଖଟି କେବଳ ସମୟ ଅତିବାହିତ କରିବାର ସ୍ଥାନ ହୋଇଥାଏ ତାହା ନୁହେଁ ବରଂ ବେଳେ ବେଳେ ବଡ଼ ବଡ଼ ରାଜନୈତିକ ତର୍କବିତର୍କ ଏହି ଠାରୁ ଆରମ୍ଭ ହୋଇଥାଏ। ସକାଳ ଓ ସନ୍ଧ୍ୟାରେ କଲେଜ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ସବୁ ବର୍ଗର ଲୋକ ଏଠାରେ ଭିଡ଼ ଜମାଇ ନିଜ ନିଜର ମତ ଉପସ୍ଥାପନ କରନ୍ତି। ଏପରିକି ବହୁ ରାଜନେତା ମଧ୍ୟ ଭୋଟରଙ୍କ ନିକଟତର ହେବା ପାଇଁ ଚା' ଖଟି ପରିଦର୍ଶନ କରିଥାନ୍ତି। ଜୟଦେବ ଭବନ ନିକଟରେ ଥିବା ଚା' ଖଟି ଟିକେ ନିଆରା କହିଲେ ଚଳେ। ଏହି ଭବନ ପାଖରେ ଅହରହ କିଛି ନା କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସଭା ସମିତି କାର୍ଯ୍ୟ ମଧ୍ୟ ହୋଇଥାଏ। ଯାହା ଫଳରେ ଏହି ସ୍ଥାନକୁ ଅନେକ ରାଜନେତା, ସାମ୍ବାଦିକ ଏବଂ ବୁଦ୍ଧିଜୀବୀମାନେ ଆସିଥାନ୍ତି। ଏହି ବିଶିଷ୍ଟ ବ୍ୟକ୍ତିମାନେ ଆସିବା ବେଳେ ଏହି ସ୍ଥାନରେ ଚା' ପିଅନ୍ତି। ନିୟମିତ ଭାବେ ଆସୁଥିବା ଗ୍ରାହକମାନେ କୌଣସି କାଚ ଗ୍ଲାସ କିମ୍ବା ମାଟି ପାତ୍ରରେ ଚା' ପିଅନ୍ତି ନାହିଁ। ନିଜ ନିଜ ଫଟୋ ଥିବା କପ୍‌ରେ ଚା ପିଅନ୍ତି। ସାଧାରଣ ଲୋକମାନେ ପିଉଥିବା ଚା'ର ଦାମ୍ ୧୦ ଟଙ୍କା ରହିଥିବା ବେଳେ ସ୍ୱତନ୍ତ୍ର ବା ନିୟମିତ ଗ୍ରାହକଙ୍କ ପାଇଁ ଚା' କପ୍‌ର ଦାମ୍ ରହିଛି ୫୦ ଟଙ୍କା। ଯେତେବେଳେ ଯେଉଁ ରାଜନେତା ବା ବିଶିଷ୍ଟ ବ୍ୟକ୍ତି ଆସିଥାନ୍ତି ସେମାନେ ସେମାନଙ୍କ ଫଟୋ ଥିବା କପ୍‌ରେ ଚା' ପିଇଥାନ୍ତି।

## ଯୁବତୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ୍ କରି ଜଣେ ଗିରଫ



ଭୁବନେଶ୍ୱର, ୨୪।୭ (ସମିସ): ଯୁବତୀଙ୍କ ଅପତ୍ତିଜନକ ଫଟୋ ଭାଇରାଲ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭୁବନେଶ୍ୱର ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲେଶ୍ୱର ସୋର ଥାନା ଅଞ୍ଚଳର ଅଶୋକ ଦେହୁରୀ (୩୦)।

ପୁଲିସ ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ରହୁଥିବା ଜଣେ ଯୁବତୀଙ୍କ ପାଖକୁ ଏକ ଅଜଣା ନମ୍ବରରୁ ଏକ ହ୍ୱାଟ୍ସଆପ କଲ୍ ଆସିଥିଲା। ଅଜଣା ବ୍ୟକ୍ତି ଜଣକ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ସେ କଲ୍‌ଟିକୁ କାଟିବା ପରେ ସେହି ନମ୍ବରରୁ ନିଜର କିଛି ଆପତ୍ତିଜନକ ଭିଡିଓ ଓ ଫଟୋ ଆସିଥିଲା। ଯୁବତୀଙ୍କ ଫଟୋକୁ ଏଡିଟ୍ କରି ବିଭିନ୍ନ ହ୍ୱାଟ୍ସଆପ ଗ୍ରୁପରେ ସେୟାର କରିଥିଲା। ଏନେଇ ଯୁବତୀ ଜଣକ ସାଇବର୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମୋବାଇଲ ନମ୍ବରଟି ଅଶୋକ ଦେହୁରୀ ନାମରେ ପଞ୍ଜିକୃତ ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଆଜି ସାଇବର୍ ଥାନା ପୁଲିସ ଅଶୋକକୁ ଗିରଫ କରିଥିଲା। ତା' ନିକଟରୁ ଅପରାଧ ପାଇଁ ବ୍ୟବହୃତ ଗୋଟିଏ ମୋବାଇଲ୍ ଫୋନ୍, ପ୍ରାସଙ୍ଗିକ ହ୍ୱାଟ୍ସଆପ୍ ଚାଟ୍ ଏବଂ ସ୍କ୍ରିନସଟ ଜବତ କରାଯାଇଥିଲା। ଅଶୋକ ଏକ ନକଲି ହ୍ୱାଟ୍ସଆପ ଆକାଉଣ୍ଟ କରି ଯୁବତୀଙ୍କ ଅଶ୍ଳୀଳ ଓ ଅପମାନଜନକ ବିଷୟବସ୍ତୁ ପ୍ରସାରିତ କରିଥିଲା। ଏଥିସହିତ ସାଇବର ଷ୍ଟକିଂ, ଅପରାଧିକ ମାନହାନି ଓ ପରିଚୟ ଜାଲିଆତି କରିଥିଲା।

## ବ୍ଲାକମେଲ୍ କରି ଦୁଷ୍କର୍ମ; ପ୍ରେମିକ ଗିରଫ

ଭୁବନେଶ୍ୱର, ୨୪।୭ (ସମିସ): ଯୁବତୀଙ୍କୁ ବ୍ଲାକମେଲ କରି ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କୋଣାର୍କ ଥାନା ଅଞ୍ଚଳର ଶୁଭ୍ରାଂଶୁ ଶେଖର ସେଠୀ (୩୨)। ପୁଲିସ ସୂଚନା ଅନୁସାରେ, ଯୁବତୀ ଜଣକ ଜାଭିୟର ଛକ ନିକଟସ୍ଥ କାଫେ କଫି ଡେ'ର କର୍ମଚାରୀ ଭାବେ କାମ କରୁଥିବା ବେଳେ ଶୁଭ୍ରାଂଶୁ ତାଙ୍କର ସିନିୟର ଭାବେ କାମ କରୁଥିଲେ। ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଗଢ଼ି ଉଠିବା ପରେ ଉଭୟ ବୁଲାବୁଲି କରିବା ସହ ଫଟୋ ଉଠାଇଥିଲେ। ହେଲେ ଶୁଭ୍ରାଂଶୁ ବିବାହିତ ଜାଣିବା ପରେ ଯୁବତୀ ନିଜକୁ ତାଙ୍କ ଠାରୁ ଦୂରେଇ ରଖିଥିଲେ। ତଥାପି ଶୁଭ୍ରାଂଶୁ ତାଙ୍କୁ ମାନସିକ ଭାବରେ ହଇରାଣ କରି ଟଙ୍କା ଦାବି କରୁଥିଲା। ଅନ୍ତରଙ୍ଗ ଫଟୋ ଲିକ୍ କରି ତାଙ୍କୁ ବଦନାମ କରିବାକୁ ଧମକ ଦେଉଥିଲା। ଶୁଭ୍ରାଂଶୁ ଏଭଳି ବ୍ଲାକମେଲ କରି ଗତ ମାର୍ଚ୍ଚ ମାସ ଠାରୁ ପୀଡ଼ିତାଙ୍କ ଇଚ୍ଛା ବିରୋଧରେ ଦୁଷ୍କର୍ମ କରିଥିଲା। ବାରମ୍ବାର ଦୁଷ୍କର୍ମ କରିବା ସହ ଅନ୍ତରଙ୍ଗ ମୁହୂର୍ତ୍ତରେ ଫଟୋଗୁଡ଼ିକୁ ବ୍ୟବହାର କରି ବ୍ଲାକମେଲ୍ କରିଥିଲା। ହଇରାଣ ଅସହ୍ୟ ହେବାରୁ ଯୁବତୀ ଜଣକ ମହିଳା ଥାନାରେ ଅଭିଯୋଗ କରିଥିଲେ। ମହିଳା ଥାନା ପୁଲିସ ଆଜି ଆଇଜି ପାର୍କରୁ ଶୁଭ୍ରାଂଶୁକୁ ଗିରଫ କରିଥିଲା।

---

## ଜାତୀୟ ରାଜପଥ ଉପରେ ଛିନ୍‌ତାଇ; ୨ ଯୁବକ ଗିରଫ



ହଂସପାଳ, ୨୪।୭ (ସମିସ): ଜାତୀୟ ରାଜପଥ ଉପରେ ଛିନ୍‌ତାଇ କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ପର୍ଶୁରାମ ମାଝୀଙ୍କ ଲିଖିତ ରିପୋର୍ଟ ଆଧାରରେ ମାମଲା ରୁଜୁକରି ବାଲିଅନ୍ତା ଥାନା ପାଟଣାର ରିତେଶ ରାଜ ନାୟକ ଏବଂ ବାଲିପାଟଣା ଥାନା ବନମାଳୀପୁର ବଗପଦାର ବାଦଲ ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁସାରେ ଗତ ୨୨ ତାରିଖ ରାତି ପ୍ରାୟ ୦୯:୪୦ ସମୟରେ, ଅଭିଯୋଗକାରୀ ଜଣେ ମହିଳାଙ୍କୁ ସେଲେରିଓ କାରରେ କାକେଡା ମିନାର ରେଷ୍ଟୋରାଁକୁ ଆଣିଥିଲେ। ଏନଏଚ-୧୬ ନିକଟରେ ରାସ୍ତା କଡ଼ରେ ଠିଆ ହୋଇଥିବା ସମୟରେ, ତିନି ଜଣ ଅଜଣା ବ୍ୟକ୍ତି ଏକ କଳା-ଲାଲ ପଲସର ୨୨୦ ମୋଟରସାଇକେଲରେ ଆସି ତାଙ୍କ ମୋବାଇଲ୍ ଫୋନ୍ ସହ ୪୦୦୦ଟଙ୍କା, ପରିଚୟ ପତ୍ର ଏବଂ ଏଟିଏମ କାର୍ଡ ଥିବା ମାଟିଆ ରଙ୍ଗର ପର୍ସ ଛଡ଼ାଇ ନେଇ ଭୁବନେଶ୍ୱର ଆଡକୁ ପଳାଇ ଯାଇଥିଲେ। ସେ ସଙ୍ଗେସଙ୍ଗେ ଗାଡ଼ିର ନମ୍ବର ସହ ପାହାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗାଡିର ନମ୍ବର ଯାଞ୍ଚ ବେଳେ ଅଭିଯୁକ୍ତମାନେ ନକଲି ନମ୍ବର ପ୍ଲେଟ୍ ବ୍ୟବହାର କରିଥିବା ଜଣାପଡ଼ିଥିଲା। ଏକ ବିଶେଷସୂତ୍ରରୁ ଖବର ପାଇ ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଚଢଉ କରି ଅଟଳା ବ୍ରିଜ୍ ନିକଟରୁ ପଲସର ଗାଡ଼ି ସହ ରିତେଶ ଏବଂ ବାଦଲକୁ ଗିରଫ କରାଯାଇଥିଲା। ପଚରାଉଚରା ବେଳେ ବାଦଲ ଅପରାଧ ସ୍ୱୀକାର କରିଥିଲେ ଏବଂ ସେ ରିତେଶ ଏବଂ ବାବୁନା ଭୋଇ ଙ୍କ ସହ ମିଶି ଚୋରି କରିଥିଲେ। ଯାଞ୍ଚରୁ ଉଭୟେ ଅଭିଯୁକ୍ତ ବଡଗଡ଼ ଥାନାରେ ଏକ ମାମଲାରେ ଜଡିତ ଥିବା ଜଣାପଡ଼ିଥିଲା।

## ଭାଙ୍ଗିଲା ବୃଦ୍ଧାଶ୍ରମ; ମୁକ୍ତହେଲା ସରକାରୀ ଜମି

ଭୁବନେଶ୍ୱର, ୨୪।୭(ସମିସ): ପାଣ୍ଡରା ମୌଜାରେ ଦୁଇ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମି ଜବରଦଖଲ ମୁକ୍ତ ଅଭିଯାନର ଗୁରୁବାର ତୃତୀୟ ଦିନ ଥିଲା। ସରକାରୀ ଜମି ଉପରେ ଥିବା ୩ ମହଲା ବିଶିଷ୍ଟ ଉତ୍କଳମଣୀ ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ଏଥିପାଇଁ ବିଡ଼ିଏ ଉଚ୍ଛେଦକାରୀ ଦଳ ଗୋଟିଏ ପ୍ରୋକ୍ଲିନ୍ ଏବଂ ଜେସିବି ମେସିନ୍ ମୁତୟନ କରିଥିଲା। ସୁରକ୍ଷା ଦୃଷ୍ଟିରୁ ଗୋଟିଏ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥିଲା। ଏବେ ପର୍ଯ୍ୟନ୍ତ ୩୫ ଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଗଲାଣି। ଉଚ୍ଛେଦସ୍ଥଳରେ ନିର୍ମାଣ ବର୍ଜ୍ୟର ପାହାଡ ସୃଷ୍ଟି ହେଲାଣି। ତେବେ ଏପର୍ଯ୍ୟନ୍ତ ଉଚ୍ଛେଦ ଶାନ୍ତିପୂର୍ଣ୍ଣ ଥିଲା। ଆଗାମୀ ୩ଦିନ ଧରି ଉଚ୍ଛେଦ ଜାରି ରହିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଭଡା ଲାଗିଥିବା ୨୦ ବଖରା ଘରକୁ ଭଙ୍ଗାଯିବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଘର ମାଲିକ ସରକାରୀ ଜମିରେ ଘର କରି ଦୀର୍ଘ ଦିନ ହେବ ଭଡା ଲଗାଇ ଟଙ୍କା ଆଦାୟ କରୁଥିଲେ।

ଅନ୍ୟପକ୍ଷରେ ଉଚ୍ଛେଦ କାର୍ଯ୍ୟ ଯେତିକି ଆଗକୁ ବଢୁଛି, ୨.୬ ଏକର ଜମି ଜବରଦଖଲ ରହସ୍ୟ ସେତିକି ଉନ୍ମୋଚନ ହେବାରେ ଲାଗିଛି। ସରକାରୀ ଜମିଟି ଏକ ପଡ଼ିଆ ଥିଲା। ପୁରୀ ବାଇପାସ୍ ରାସ୍ତା ଖୋଲିବା ପରେ ଏହି ଜମିର ଚାହିଦା ବଢ଼ିବା ଆରମ୍ଭ ହୋଇଥିଲା। ସ୍ଥାନୀୟ କିଛି ଲୋକେ ଏହାକୁ ଧୀରେ ଧୀରେ କବଜା କରିବା ଆରମ୍ଭ କଲେ। ଏହାପରେ ୨ଜଣ ଜମି ମାଫିଆ ଏହି ଜମିକୁ ହାତଇବାକୁ ମସୁଧା ଆରମ୍ଭ କଲେ। ସ୍ଥାନୀୟ କିଛି ଲୋକଙ୍କୁ ଧରି ଜମିକୁ ସମ୍ପୂର୍ଣ୍ଣ ଭାବେ ନିଜ କବଜ୍ଜାକୁ ନେଇଗଲେ। ପରେ ପ୍ଲଟିଂ କରି ବିକ୍ରି କରିଦେଲେ।

**ସରକାରୀ ଜମିକୁ ପ୍ଲଟିଂ କରି ବିକୁଥିଲେ ମାଫିଆ**



ପ୍ରତ୍ୟେକ ବର୍ଗଫୁଟ୍ ଜମିକୁ ୧.୫ ହଜାର ଟଙ୍କାରେ ବିକ୍ରି କଲେ। ପରେ ଏଠାରେ ୨ରୁ ୩ ମହଲା ବିଶିଷ୍ଟ ବଡ ବଡ ବିଲ୍ଡିଂ ନିର୍ମାଣ ହୋଇ ଭଡାକୁ ଲାଗିଲା। କିଛି ସ୍ଥାନୀୟ ଲୋକେ ଏଠାରେ ଜମି ଜବରଦଖଲ କରି ଭଡା ଲଗାଇବା ସହ ଫାର୍ମ ହାଉସ ନିର୍ମାଣ କରିଛନ୍ତି।

## ମହମ୍ମଦ କ୍ୟୁଆର୍ ଅଲ୍ଲୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସର ଅଧ୍ୟକ୍ଷ ଭାବେ ନିର୍ବାଚିତ

ଭୁବନେଶ୍ୱର, ୨୪।୭(ସମିସ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ ଓଡ଼ିଶାର ଆଞ୍ଚଳିକ ଚାପ୍‌ଟର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଏ ପ୍ଲାନିଂ ମେମ୍ବର ମହମ୍ମଦ କ୍ୟୁଆର୍ ଅଲ୍ଲୀଙ୍କୁ ପରିଷଦର ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି। ଆସନ୍ତା ୨ବର୍ଷ ପାଇଁ ସେ ଏହି ପଦବୀରେ ରହିବେ।



ବୈଠକରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ସଦସ୍ୟମାନେ କର୍ମକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଗାମୀଦିନରେ ରାଜ୍ୟ ସରକାରଙ୍କ ପାଖରେ ବିଭିନ୍ନ ଦାବି ଉପସ୍ଥାପନ କରିବେ ବୋଲି ମତ ଦେଇଥିଲେ।

---

## ମଶାଣିରୁ ଧରାପଡ଼ିଲେ ନିଶା ବେପାରୀ

ଭୁବନେଶ୍ୱର, ୨୪।୭ (ସମିସ): ଆଜାଦ ନଗର ମଶାଣିରୁ ଦୁଇ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ମଞ୍ଚେଶ୍ୱର ଥାନା ଧିରକୁଟି ବସ୍ତିର ପ୍ରଦୀପ କୁମାର ମିଶ୍ର (୩୩) ଓ ସୁରେନ୍ଦ୍ର ସାହୁ (୫୨)।



ପୁଲିସ ସୂଚନା ଅନୁସାରେ, ଆଜାଦ ନଗର ଅଞ୍ଚଳରେ ବ୍ରାଉନସୁଗର କାରବାର ଚାଲିଥିବା ନେଇ ଏୟାରଫିଲ୍ଡ ଥାନା ପୁଲିସ ଖବର ପାଇଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ଆଜାଦ ନଗର ମଶାଣିରେ ଚଢ଼ଉ କରି ପ୍ରଦୀପ ଓ ସୁରେନ୍ଦ୍ରକୁ ଅଟକ ରଖିଥିଲେ। ଯାଞ୍ଚ ସମୟରେ ପ୍ରଦୀପ ନିକଟରୁ ପଲିଥିନରେ ଭର୍ତ୍ତି ହୋଇଥିବା ୧୨ ଗ୍ରାମ୍ ବ୍ରାଉନସୁଗର ଓ ୧୩୫୦ ଟଙ୍କା, ଗୋଟିଏ ଆଇଫୋନ୍ ଓ ଏକ ଅଟୋ ଜବତ କରିଥିଲା। ସେହିପରି, ସୁରେନ୍ଦ୍ର ଠାରୁ ୮ ଗ୍ରାମ ବ୍ରାଉନସୁଗର, ୯୫୦ ଟଙ୍କା, ଗୋଟିଏ ମୋବାଇଲ୍ ଓ ଗୋଟିଏ ବାଇକ୍ ଜବତ କରାଯାଇଥିଲା ଏନେଇ ଏୟାରଫିଲ୍ଡ ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରିଥିଲା। ଆଜି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମୁକ୍ତି ପାଇଲେ ପରିବା ବିକାଳି କଏଦୀ

■ ସ୍ତ୍ରୀର ବୟାନ ପାଇଁ ଜେଲ୍‌ରେ ରହିଲେ ୧୬ ବର୍ଷ ୪ ମାସ

■ ବ୍ୟବହାରରେ ପରିବର୍ତ୍ତନ ପାଇଁ ମୁକୁଳିଲେ

ଭୁବନେଶ୍ୱର, ୨୪।୭ (ସମିସ)

ସ୍ତ୍ରୀର ବୟାନ ପାଇଁ ୧୬ବର୍ଷ ୪ମାସ ଜେଲଦଣ୍ଡ ପାଇଲେ। ହେଲେ ତାଙ୍କର ବ୍ୟବହାରରେ ପରିବର୍ତ୍ତନ ଆସିବାରୁ ଜେଲ ବିଭାଗ ତାଙ୍କୁ ମୁକ୍ତି କରିଛନ୍ତି। ସୋନପୁରର ମନରଞ୍ଜନ ବେଉରା(ଛଦ୍ମନାମ)। ସେ ଏବେ ଝାରପଡ଼ା ଜେଲରୁ ମୁକୁଳିବା ପରେ ପାହାଳ ଅଞ୍ଚଳରେ ସିକ୍ୟୁରିଟ୍ ଗାର୍ଡ ଭାବେ କାମ କରୁଛନ୍ତି। ମନୋରଞ୍ଜନ ଜେଲରୁ ମୁକୁଳିବା ପରେ ଜେଲ ଭିତର କଥା କହିଛନ୍ତି। ସେ କହିଛନ୍ତି ଯେ, ସୋନପୁରରେ ଡ୍ରାଇଭର ଭାବେ କାମ କରୁଥିଲେ। ତାଙ୍କ ପତ୍ନୀ ତାଙ୍କ ଚରିତ୍ରକୁ ସନ୍ଦେହ କରି ଝଗଡ଼ା କରୁଥିଲେ। ଘଟଣା ଦିନ ତାଙ୍କ ସ୍ତ୍ରୀ ଝଗଡ଼ା କରିବାରୁ ସେ ଘର ବାହାରେ ଛିଡ଼ା ହୋଇଥିଲେ। ଏହି ସମୟରେ ଘର ଭିତରେ ତାଙ୍କ ସ୍ତ୍ରୀ ନିଜ ଦେହରେ କିରାସିନ୍ ପକାଇ ନିଆଁ ଲଗାଇ ଦେଇଥିଲେ। ବୁର୍ଲା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ପୁଲିସ ତାଙ୍କର ମୃତ୍ୟୁକାଳୀନ ବୟାନ ନିଆଯାଇଥିଲା। ୧୭ ଦିନ ପରେ ତାଙ୍କ ସ୍ତ୍ରୀର ମୃତ୍ୟୁ ଘଟିଥିଲା। ତାଙ୍କ ଶଶୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତାଙ୍କୁ ଗିରଫ କରିଥିଲା। ହେଲେ ତାଙ୍କ ସ୍ତ୍ରୀ ନିଜେ ନିଆଁ ଲଗାଇବାର କିଛି ପ୍ରମାଣ ନଥିଲା। କିନ୍ତୁ ମନୋରଞ୍ଜନଙ୍କ ପତ୍ନୀଙ୍କ ବୟାନ ଆଧାରରେ ତାଙ୍କୁ ଆଜୀବନ ଜେଲଦଣ୍ଡ ହୋଇଥିଲା। ୨୦୦୯ରୁ ୨୦୨୫ ପର୍ଯ୍ୟରେ ଜେଲରେ ରହିଥିଲେ। ସୋନପୁର ଜେଲରେ ସେ ଦେଢ ବର୍ଷ ରହିଥିବା ବେଳେ ବଲାଙ୍ଗୀର ଜେଲରେ ୬ମାସ, ୮ବର୍ଷ ବୀରମହାରାଜ ଜେଲରେ ରହିଲେ। ଜାମ୍ଭୁଝରୀ ମୁକ୍ତାକାଶ ଜେଲରେ ଅଢେଇ ବର୍ଷ ରହିଥିଲେ ଏବଂ ଝାରପଡ଼ା ଜେଲରେ ସେ ସାଢେ ୩ ବର୍ଷ ରହିଲେ। ଜେଲରେ ସେ ଝାଡୁ ମାରିବା ସହ ସଫାସୁତୁରା କରୁଥିଲେ। ହେଲେ ଝାମୁଝରୀ ଜେଲରେ ମନରଞ୍ଜନ



ରହିବା ସମୟରେ ସେ ପରିବା ବ୍ୟବସାୟ କରୁଥିଲେ। ଜେଲ ପରିସରେ ଅମଳ ହେଉଥିବା ପନିପରିବାକୁ ନେଇ ଗାଁ ଗାଁରେ ବିକ୍ରି କରୁଥିଲେ। ପୋଟଳ, ଝୁଡ଼ଙ୍ଗ, କୋବି, ଶାଗ, ମକା ଆଦି ଅନେକ ପରିବା ବିକ୍ରି କରୁଥିଲେ। ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱରରେ ବୁଲି ବୁଲି ବିକ୍ରି କରୁଥିଲେ। ବିକ୍ରି କରି ଯେଉଁ ଟଙ୍କା ରୋଜଗାର କରୁଥିଲେ ତାହାକୁ ସୁପରିନଟେଣ୍ଡଙ୍କୁ ଦେଉଥିଲେ। ସେଇପରି ଝାରପଡ଼ା ଜେଲରେ ସେ ଝାଡୁ ମାରୁଥିଲେ। ରାତିରେ କଏଦୀଙ୍କୁ ଜଗୁଥିଲେ। କୌଣସି କଏଦୀ ଜେଲ ଭିତରେ ଗଣ୍ଡଗୋଳ କଲେ ସେ ଜେଲ କର୍ତ୍ତୃପକ୍ଷଙ୍କୁ ଜଣାଉଥିଲେ। ରାତିରେ ଲକ୍‌ଅପ୍ ପରେ ୧୦୦ ଆସାମୀଙ୍କୁ ଗୋଟିଏ ହଲରେ ଜଗୁଥିଲେ। କାଳେ କିଏ ଆତ୍ମହତ୍ୟା କରିବାର ସମ୍ଭାବନା ଏବଂ କିଏ ଗଣ୍ଡଗୋଳ କରିବ, ତାହାକୁ ଜଗନ୍ତି। ତାଙ୍କର ଭଳି ଭଲଗୁଣ ଦେଖି ଜେଲ ବିଭାଗ ତାଙ୍କୁ ମୁକ୍ତି କରିଛନ୍ତି। ଜେଲରୁ ବାହାରିବା ପରେ ସେ ପାହାଳ ଅଞ୍ଚଳରେ ଏକ ସିକ୍ୟୁରିଟ୍‌ଗାର୍ଡ ଭାବେ କାମ କରୁଛନ୍ତି। ତାଙ୍କର ପରିସ୍ଥିତି ଭଲ ନାହିଁ। ଗାଁରେ ତାଙ୍କର ଘର ନାହିଁ। ତାଙ୍କ ପୁଅ ଏବଂ ଝିଅ ପର ଘରେ ଆଶ୍ରୟ ନେଉଛନ୍ତି। ତେଣୁ ସରକାର ତାଙ୍କୁ ଘର ଏବଂ ଅର୍ଥ ସହଯୋଗ କଲେ ଝିଅ ବାହାଘର କରିପାରିବେ ବୋଲି କହିଛନ୍ତି। ତାଙ୍କ ଭଳି ଅନେକ କଏଦୀ ନିର୍ଦ୍ଦୋଷରେ ଜେଲ ଭିତରେ ରହିଛନ୍ତି। ତେଣୁ ସେମାନଙ୍କୁ ଚିହ୍ନଟ କରି ଖଲାସ କରିବାକୁ ସେ ସରକାରଙ୍କୁ ନିବେଦନ କରିଛନ୍ତି।

# ଯୌନ ଉତ୍ପୀଡ଼ନ ଆଇନ ସମ୍ବନ୍ଧରେ କର୍ମଶାଳା



ଗଁଦିଆ, ୨୪।୭(ସମିସ): ଗଁଦିଆସ୍ଥିତ କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ମହିଳାଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନ ଆଇନ-୨୦୧୩ ସମ୍ବନ୍ଧରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଗୋଲକ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଞ୍ଜୁ ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉକ୍ତ ଆଇନ ବିଷୟରେ ବୁଝାଇଥିଲେ। କର୍ମକ୍ଷେତ୍ରରେ ବିଶେଷକରି ଶିକ୍ଷାନୁଷ୍ଠାନରେ ଯୌନ ଉତ୍ପୀଡ଼ନ ଆଇନକୁ କିପରି ସଠିକ ଭାବେ କାର୍ଯ୍ୟକାରୀ କରାଯିବ ସେ ନେଇ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ଗଁଦିଆ ଜେଏମଏଫସି କୋର୍ଟର କ୍ୟାଡର ଏପିପି ଶାଶ୍ୱତ ଜେନା ଯୋଗଦେଇ ଭାରତୀୟ ସମ୍ବିଧାନରେ ମହିଳାମାନଙ୍କ ନିମନ୍ତେ ଥିବା ବିଭିନ୍ନ ଧାରା ତଥା ଯୌନ ଉତ୍ପୀଡ଼ନ ଆଇନର ବିଭିନ୍ନ ପ୍ରାବଧାନ ବାବଦରେ ଅବଗତ କରାଇବା ସହ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ରୂପରେଖ, କାର୍ଯ୍ୟଧାରା ଉପରେ ସୂଚନା ଦେଇଥିଲେ। ଗଁଦିଆ କୋର୍ଟର ସିଏସଆଇ ସୁନାକର ସ୍ୱାଇଁ ମହିଳାମାନଙ୍କ ପ୍ରତି ପୁଲିସର ସମ୍ବେଦନଶୀଳତା ତଥା ମହିଳା ହେଲ୍ପଲାଇନ ବାବଦରେ ଅବଗତ କରାଇଥିଲେ। ସମାଜସେବୀ ଡମ୍ବରୁଧର ସେଠୀ ଛାତ୍ରୀଙ୍କ ମନୋବଳ ବୃଦ୍ଧି କରିବା ସହ ସଠିକ ଭାବେ ଆଇନର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଗଁଦିଆ କୋର୍ଟର ଲିଗାଲ ରିଟେନର ବିକ୍ରମ କେଶରୀ ସାହୁ ବିଭିନ୍ନ ଆଇନ ବାବଦରେ ଧାରଣା ରଖିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଧ୍ୟକ୍ଷ ଅଧ୍ୟାପିକା ସୌଦାମିନୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରିୟବ୍ରତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତାଲୁକ ଆଇନ ସେବା କମିଟି ସଂଯୋଜକ ସତ୍ୟଜିତ ଦେହୁରୀ, ଗଁଦିଆ କୋର୍ଟର ସମସ୍ତ କର୍ମଚାରୀ, ବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏଥିରେ ଅଧ୍ୟାପକ ସନାତନ ଦାସ, ହରିନାରାୟଣ ସେନାପତି, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୃତ୍ୟୁଞ୍ଜୟ ଦାସ, ହରପ୍ରିୟା ବେହେରା, ଜ୍ୟୋତ୍ସ୍ନାମୟୀ ଦାସ, ଦେବରାଜ ଓଝା ଓ ଅନ୍ୟ କର୍ମଚାରୀ ତଥା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

# ଶାନ୍ତିଶୃଙ୍ଖଳା ସହ ପାଳନ ନିମନ୍ତେ ସହଯୋଗ କାମନା

ଢେଙ୍କାନାଳ, ୨୪।୭(ସମିସ)



ଢେଙ୍କାନାଳ ଜିଲ୍ଲା ସଦର ମହକୁମାରେ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶାନ୍ତିଶୃଙ୍ଖଳା ଓ ଉତ୍ସାହର ସହ ପବିତ୍ର ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଭିଷେକ ବେହେରା ସ୍ୱାଧୀନତା ଦିବସ ପାଳନ ନିମନ୍ତେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଗଷ୍ଟ ୧୫ ତାରିଖ ପୂର୍ବାହ୍ନ ୯ଟା ୧୫ରେ ଷ୍ଟାଡିୟମରେ ମୁଖ୍ୟଅତିଥି ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡର ଅଭିଭାବନ ଗ୍ରହଣ କରିବେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯୋଗାଭ୍ୟାସ ପ୍ରଦର୍ଶନ କରାଯିବ। ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ବକ୍ତୃତା ଓ ଦେଶାତ୍ମବୋଧ ସଙ୍ଗୀତ ଗାନ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଦେଶାତ୍ମବୋଧ ସଙ୍ଗୀତ ଗାନ ପ୍ରତିଯୋଗିତା ଢେଙ୍କାନାଳ ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ହେବ। ବିଦ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସଙ୍ଗୀତ ଗାନ ପ୍ରତିଯୋଗିତା ହେବ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଉତ୍ସବରେ ପୁରସ୍କୃତ କରାଯିବ। ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଚାମ୍ବର ଅଫ କମର୍ସ ପକ୍ଷରୁ ଫଳ ବଣ୍ଟନ, ମହର୍ଷି ଦୟାନନ୍ଦ ସର୍ଭିସ ପକ୍ଷରୁ ଜେଲ୍‌ରେ କଏଦୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ, ପ୍ରୟାସ ପରିବାର ପକ୍ଷରୁ ରକ୍ତଦାନ ଶିବିର, ରୋଟାରୀ କ୍ଲବ ପରିସରରେ ଚକ୍ଷୁଚିକିତ୍ସା ଶିବିର ଏବଂ ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ପୌର ପରିଷଦ ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

# ମୃତ ଡାକ୍ତରୀ ଛାତ୍ରଙ୍କ ପରିବାରକୁ ଭେଟିଲେ ମନ୍ତ୍ରୀ



ଗଁଦିଆ, ୨୪।୭(ସମିସ): ଗଁଦିଆ ବ୍ଲକ ବେଗା ପଞ୍ଚାୟତ ବୈଦ୍ୟକାଟେଣୀ ଗ୍ରାମର ସ୍ୱର୍ଗତ ଉପେନ୍ଦ୍ର ସାହୁଙ୍କ ପୁଅ ଯାଦବେନ୍ଦ୍ର ସାହୁ ବିହାର ପାଟନା ଏମ୍ସରେ ପ୍ରଥମ ବର୍ଷ ପିଜି ଛାତ୍ର ଭାବେ ପାଠ ପଢୁଥିବା ବେଳେ କିଛିଦିନ ପୂର୍ବେ ହଷ୍ଟେଲରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଖବର ପାଇ ପରିବାର ଲୋକେ ସେଠାରେ ପହଞ୍ଚି ମୃତଦେହ ଆଣିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯାଦବେନ୍ଦ୍ରଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବା ସହ ଯାଦବେନ୍ଦ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ତଦନ୍ତ କରାଯାଇ ମୃତ୍ୟୁର ପ୍ରକୃତ ରହସ୍ୟ ଉନ୍ମୋଚନ କରାଯିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ଗ୍ରାମରୁ ଗୋଟିଏ ଟିମ ଯିବେ। ସାକ୍ଷାତ ପାଇଁ ମନ୍ତ୍ରୀ ପାତ୍ର ସମସ୍ତ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଚିତାଲାଗି ଅମାବାସ୍ୟାରେ ବିଶେଷ ପୂଜାର୍ଚ୍ଚନା





ଢେଙ୍କାନାଳ, ୨୪।୭(ସମିସ): ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ମା' ତାରିଣୀଙ୍କ ପୀଠରେ ଶ୍ରାବଣ ମାସ ଚିତାଲାଗି ଅମାବାସ୍ୟା ଅବସରରେ ଗୁରୁବାର ବିଶେଷ ପୂଜାର୍ଚ୍ଚନା କରାଯାଇଛି। ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲହାର, ଭୋଗ ସହ ଚିତଉ ପିଠା ଲାଗି ହେଇଥିଲା। ସନ୍ଧ୍ୟାରେ ଆଳତି ପରେ ପହଡ଼ ପଡ଼ିଥିଲା। ସେହିପରି ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ଚିତାଲାଗି ନୀତି ଅନୁଷ୍ଠିତ ହୋଇଛି। ପ୍ରାତଃ ସମୟରୁ ମଙ୍ଗଳ ଆଳତି ମହାସ୍ନାନ, ବସ୍ତ୍ର, ତୁଳସୀ ହାର ଓ ଫୁଲହାର, ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ସକାଳ ୧୦ଟାରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ମଙ୍ଗଳାର୍ପଣ ପୂଜାରେ ଚିତାଲାଗି କରାଯାଇଥିଲା। ଚକା, ପୁଳି, ଚିତଉ ପିଠା, ଅନ୍ନଧୂପ, ସନ୍ଧ୍ୟାରେ ଆଳତି, ରାତ୍ରଧୂପ ପରେ ପହଡ଼ ପଡ଼ିଥିଲା। ପୂଜକ ମଳୟ କର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତରେ ଚିତାଲାଗି ନୀତି ପାଳିତ ହୋଇଥିଲା।

# ମରୁଆବିଲ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**● ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ୱାର୍ଡ ସଭ୍ୟସଭ୍ୟା**

କାମାକ୍ଷାନଗର, ୨୪।୭(ସମିସ): କଙ୍କଡ଼ାହାଡ଼ ବ୍ଲକ ମରୁଆବିଲ ପଞ୍ଚାୟତର ସରପଞ୍ଚ ବୈଜୟନ୍ତିମାଳା ରାଉତଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ପଞ୍ଚାୟତର ୱାର୍ଡ ସଭ୍ୟସଭ୍ୟା ଉପଜିଲ୍ଲାପାଳ ଦୀନମଣି ନାୟକଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିଛନ୍ତି। ନାଏବ ସରପଞ୍ଚ ରବିନାରାୟଣ ସାହୁଙ୍କ ନେତୃତ୍ୱରେ ୯ ଜଣ ୱାର୍ଡ ସଭ୍ୟସଭ୍ୟା ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସରପଞ୍ଚ ରାଉତଙ୍କ ଅନିୟମିତତା, ଉନ୍ନୟନ କାର୍ଯ୍ୟର ସଠିକ ତଦାରଖ ହେଉ ନ ଥିବା ଓ ଦୁର୍ନୀତି ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ନାଏବ ସରପଞ୍ଚ ସାହୁ, ୱାର୍ଡ ସଭ୍ୟ ଚନ୍ଦନ ସର୍ଦ୍ଦାର, ବବୁଲ ପିଙ୍ଗୁଆ, ରଞ୍ଜନ ମହାପାତ୍ର, ମଙ୍ଗଳି ଗଇପାଇ, ସବିତା ମହାନ୍ତ, ସବିତା ମହାରଣା, ଚୁନ ଦେହୁରୀ, ସୁମିତ୍ରା କିଷାନ ପ୍ରମୁଖ ଦସ୍ତଖତ କରିଛନ୍ତି। ଏହି ପଞ୍ଚାୟତ ୧୭ଟି ୱାର୍ଡକୁ ନେଇ ଗଠିତ। ସରପଞ୍ଚ ରାଉତ ୨୦୨୨ ନିର୍ବାଚନରେ ନିର୍ବାଚିତ ହୋଇଥିଲେ। ଏ ସଂକ୍ରାନ୍ତରେ ଉପଜିଲ୍ଲାପାଳ ନାୟକ କହିଛନ୍ତି, ମରୁଆବିଲ ସରପଞ୍ଚଙ୍କ ବିରୋଧରେ ୱାର୍ଡ ସଭ୍ୟସଭ୍ୟା ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଦାବି କରିଛନ୍ତି। ପଞ୍ଚାୟତିରାଜ ନିୟମ ଅନୁସାରେ ସମସ୍ତ ତଥ୍ୟକୁ ତର୍ଜମା କରାଯାଇ ଅନାସ୍ଥା ଭୋଟ ପାଇଁ ତାରିଖ ସ୍ଥିର କରାଯିବ ବୋଲି ସେ କହିଛନ୍ତି।

# ୫-ଜି ଯୁଗରେ ଇତିହାସ ପଠନର ଉପାଦେୟତା ଶୀର୍ଷକ ସମ୍ମାନ



ଖଜୁରିଆକଟା, ୨୪।୭(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ଇତିହାସ ବିଭାଗର ସମ୍ମାନ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଭାଗୀୟ ମୁଖ୍ୟ ଡ. ମହେନ୍ଦ୍ର କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ୫-ଜି ଯୁଗରେ ଇତିହାସ ପଠନର ଉପଯୋଗିତା ଶୀର୍ଷକ ସମ୍ମାନ ହୋଇଥିଲା। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ଧଳ ଯୋଗଦେଇ ୫-ଜି ଯୁଗରେ ଇତିହାସ ପଠନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ସୁନାମଧନ୍ୟ କବି, ସମାଲୋଚକ ଓ ସାମାଜିକ ପ୍ରବକ୍ତା ଡ. ନାରାୟଣ ପଣ୍ଡା ଯୋଗଦେଇ ବର୍ତ୍ତମାନ ଅବକ୍ଷୟମୁଖୀ ସମାଜରେ ଇତିହାସ ପଠନ ଏକ ମହୌଷଧି ଓ ୫-ଜି ବିପ୍ଲବର ମୂକସାକ୍ଷୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଇଂରାଜୀ ବିଭାଗ ମୁଖ୍ୟ କବି ଅକ୍ଷୟ ପାତ୍ର, ଗଣିତ ବିଭାଗ ମୁଖ୍ୟ କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟି, ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ ବାବାଜୀ ଚରଣ ବେହେରା, କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଓ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି ନିଜ ବକ୍ତବ୍ୟ ମାଧ୍ୟମରେ ବର୍ତ୍ତମାନ ଉଗ୍ର ଆଧୁନିକତା ଯୁଗରେ ଇତିହାସ ପଠନ ଓ ୫-ଜି ଯୁଗ ଉପରେ ଅନୁଶୀଳନାତ୍ମକ ନିବନ୍ଧ ଉପସ୍ଥାପନ କରିଥିଲେ। ଏହି ଅବସରରେ ଇତିହାସ ବିଭାଗ ମୁଖ୍ୟ ବିମଳ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଗାୟତ୍ରୀ ସାହୁ, ଫାତମା ବେଗମ, ପ୍ରୀତିମୟୀ ସାହୁ ଓ ସ୍ମୃତିରେଖା ସାହୁ ପ୍ରମୁଖ ସମ୍ମାନ ଶୀର୍ଷକ ନିବନ୍ଧ ପାଠ କରିଥିଲେ। ବିଭାଗର ଅଧ୍ୟାପିକା ପ୍ରିୟଙ୍କା ତିଗା ଧନ୍ୟବାଦ ଅର୍ପଣ କରିଥିଲେ।

# ଖମାରସାହି ଲକ୍ଷ୍ମୀପୂଜା କମିଟିର ନୂତନ କର୍ମକର୍ତ୍ତା

ଢେଙ୍କାନାଳ, ୨୪।୭(ସମିସ): ସ୍ଥାନୀୟ ଖମାରସାହି ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନ୍ନପୂର୍ଣ୍ଣା ଚାରିଟେବୁଲ ଟେମ୍ପୁଲ ଟ୍ରଷ୍ଟ ସଭାପତି ଆଇନଜୀବୀ ସୁକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ୨୦୨୫-୨୬ ଲକ୍ଷ୍ମୀପୂଜାକୁ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରିବା ପାଇଁ ସର୍ବସମ୍ମତି କ୍ରମେ ଏକ କମିଟି ଗଠନ କରାଯାଇଛି। ଏଥିରେ ପୂର୍ବତନ ବିଧାୟକ ସୁଧୀର ସାମଲ ସଭାପତି, ସୁକାନ୍ତ ମିଶ୍ର କାର୍ଯ୍ୟକାରୀ ସଭାପତି, ଆଇନଜୀବୀ ବସନ୍ତ ରଥ, ଅଶୋକ ନନ୍ଦ ଏବଂ ଅବସରପ୍ରାପ୍ତ ପୁଲିସ ଅଧିକାରୀ ପ୍ରମୋଦ ଲେଙ୍କା ଉପସଭାପତି, ବିଲଡର ସୁଶାନ୍ତ ସାହୁ ସମ୍ପାଦକ, ଯୁବ ସଂଗଠକ ପ୍ରଭାତ ସାହୁ, ସମାଜସେବୀ ମଧୁସୂଦନ ରାଉତ, ଗୌରୀଶଙ୍କର ମିଶ୍ର, ସୁଶାନ୍ତ ସ୍ୱାଇଁ, ସର୍ବେଶ୍ୱର ପତ୍ରୀ, ସର୍ବେଶ୍ୱର ପ୍ରଧାନ ଯୁଗ୍ମ ସମ୍ପାଦକ, ପ୍ରଶାନ୍ତ ବେହେରା କୋଷାଧ୍ୟକ୍ଷ, ବଳରାମ ବାରିକ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବସନ୍ତ ବିଶ୍ୱାଳ, ଶରତ ଲେଙ୍କା, ପ୍ରଶାନ୍ତ ନାଏକ, ଚକ୍ରଧର ରାଉତ, ସୁଜିତ ଦାସ, ପ୍ରେମାନନ୍ଦ ପ୍ରଧାନ, ପ୍ରଭାକର ସ୍ୱାଇଁ, ଭଗବାନ ବେହେରା, ରବିନାରାୟଣ ନାଏକ, ଶରତ ଚନ୍ଦ୍ର ଦାସ, ଗନ୍ଧର୍ବ ନାଏକ, ଟିମୁ ପ୍ରଧାନ, ଚନ୍ଦ୍ରଶେଖର ମହାପାତ୍ର, ଦୀନବନ୍ଧୁ ବାରିକ, ଶତ୍ରୁଘ୍ନ ସାହୁ, ସୁରେଶ ଚନ୍ଦ୍ର ଜେନା ଓ ବିକାଶ ଯୁଥ କ୍ଲବ ସଦସ୍ୟଙ୍କୁ ଚୟନ କରାଯାଇଛି। ବୈଠକରେ ପୂର୍ବ ବର୍ଷର ଆୟବ୍ୟୟ ଏବଂ ଚଳିତବର୍ଷର ବଜେଟ ଅନୁମୋଦିତ ହେବା ସହିତ ନୀଳକଣ୍ଠେଶ୍ୱର ମନ୍ଦିର, ମା' ଲକ୍ଷ୍ମୀ ବିଗ୍ରହ ସ୍ଥାୟୀ ଭାବେ ପ୍ରତିଷ୍ଠା, ଏବଂ ମା' ବାଉତୀ ଦେବୀ ମନ୍ଦିର ପ୍ରତିଷ୍ଠା ବିଷୟରେ ଆଲୋଚନା କରାଯାଇଥିଲା।

# ବିପଦସଙ୍କୁଳ ଅବସ୍ଥାରେ ସବ୍‌ଷ୍ଟେସନ



ଭୁବନ, ୨୪।୭(ସମିସ): ଭୁବନ ବ୍ଲକର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ସବଷ୍ଟେସନଗୁଡ଼ିକ ବର୍ଷବର୍ଷ ଧରି ମୁକୁଳା ଅବସ୍ଥାରେ ରହିଛି। ବିଭାଗ ପକ୍ଷରୁ ଏହା ଚାରିପାଖେ ସୁରକ୍ଷା ପାଚେରି ନିର୍ମାଣ କରାଯାଉ ନ ଥିବାରୁ ଜାଣିଶୁଣି ମରଣକୁ ଆମନ୍ତ୍ରଣ କରାଯାଉଥିବା ସ୍ଥାନୀୟ ଲୋକ କହିଛନ୍ତି। ଭୁବନ ବ୍ଲକ ମାର୍ଥପୁର ପଞ୍ଚାୟତ ଗୋବିନ୍ଦପୁର ଗାଁ ରାସ୍ତାକଡ଼ ଓ ଛକ ନିକଟରେ ରହିଛି ବିଦ୍ୟୁତ୍ ସବଷ୍ଟେସନ୍। ବର୍ଷବର୍ଷ ଧରି ଏଗୁଡ଼ିକ ମୁକୁଳା ଅବସ୍ଥାରେ ପଡ଼ିରହିଛି। ଏ ନେଇ ବିଭିନ୍ନ ସମୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ଲୋକ ଯାତାୟାତ କରୁଛନ୍ତି। ଗୋବିନ୍ଦପୁର ଗାଁର ଲୋକମାନେ ରାସ୍ତାର ୨ ପାର୍ଶ୍ୱରେ ଚଳୁଛନ୍ତି। ସ୍କୁଲ ଛାତ୍ରଛାତ୍ରୀ ପ୍ରତିଦିନ ସେହି ପାଖ ଦେଇ ଯିବାଆସିବା କରୁଛନ୍ତି। ବିଦ୍ୟୁତ ତାରଗୁଡ଼ିକ ତଳକୁ ଓହଳି ପଡ଼ିଛି। ଅନେକ ସମୟରେ ସବଷ୍ଟେସନରେ ସ୍ପାର୍କିଂ ହୋଇ ନିଆଁ ଜଳୁଥିବା ଦେଖିବାକୁ ମିଳୁଛି। ସବଷ୍ଟେସନ ଉପରେ ଗଛଲତା ମାଡ଼ି ବସଛି। ପ୍ରାୟତଃ ବର୍ଷାଦିନେ ଏହି ସ୍ଥିତି ବେଶୀ ହେଉଛି। ଜନଜୀବନ ସୁରକ୍ଷା ପାଇଁ ମୁକୁଳା ସବଷ୍ଟେସନ ଚାରିପାଖେ ପାଚେରି ନିର୍ମାଣ କରିବାକୁ ଦାବି ହେଉଛି।

# ଆମ ଗୌରବ ଆମ କଲେଜ ପକ୍ଷରୁ ବନ ମହୋତ୍ସବ



ଗଁଦିଆ, ୨୪।୭(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ପିଙ୍ଗୁଆ ଡିଗ୍ରୀ କଲେଜରେ ଆମ ଗୌରବ ଆମ କଲେଜ ତରଫରୁ ଯୁବ ମାନସର ସଶକ୍ତୀକରଣ ସଂକ୍ରାନ୍ତୀୟ କର୍ମଶାଳା ଏବଂ ବନ ମହୋତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଗାଁଦିଆ ବିଡିଓ ପବିତ୍ର କୁମାର ବେହେରା ଉଦଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଭଗବାନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ଆମ ଗୌରବ ଆମ କଲେଜର ସାମାଜିକ ଗଣମାଧ୍ୟମ ମୁଖ୍ୟ ଏବଂ ଆଇଇସି କୋଅର୍ଡିନେଟର ଚୈତାଲୀ ସୋମ ଯୋଗଦେଇ ମାନସିକ ଦକ୍ଷତା ବୃଦ୍ଧି ଦିଗରେ ଯୁବ ସମାଜର ଭୂମିକା ଏବଂ ସମାଜରେ ପ୍ରତିଷ୍ଠିତ ହେବାର କୌଶଳକୁ ଖୁବ ସୁନ୍ଦର ଭାବେ ଛାତ୍ରଛାତ୍ରୀଙ୍କୁ ବୁଝାଇ ନିଜ ସ୍ୱପ୍ନ ସାକାର କରିବା ଦିଗରେ ଅଗ୍ରସର ହେବାର ମନ୍ତ୍ର ପ୍ରଦାନ କରିଥିଲେ। କଲେଜର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ରାମନାରାୟଣ ରାଉତ ଯୁବ ମାନସର ସଶକ୍ତୀକରଣ ଉପରେ ନିର୍ଯ୍ୟାସ ବାହାର କରି ଛାତ୍ରଛାତ୍ରୀଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। କର୍ମଶାଳାର ବିଷୟ ବିଶେଷଜ୍ଞ ଭାବେ ଭୁବନେଶ୍ୱର ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ମାନସିକ ରୋଗ ବିଶେଷଜ୍ଞ ଡା. ଜ୍ୟୋତିପ୍ରକାଶ ସିକେ ଆଚାର୍ଯ୍ୟ ଯୋଗଦେଇ ପାୱାର ପଏଣ୍ଟ ମାଧ୍ୟମରେ ଯୁବ ସାମାଜର ସଶକ୍ତୀକରଣ ବିଷୟକୁ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ବୁଝାଇଥିଲେ। ଆମ ଗୌରବ ଆମ କଲେଜର ସଂଯୋଜକ ଅଧ୍ୟାପକ ଦୀପ୍ତିରଞ୍ଜନ ମହାଳିକ କର୍ମଶାଳା ସଂଯୋଜନା କରିଥିଲେ। ଅଧ୍ୟାପିକ ସସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମେଡିକାଲ ବାରଣ୍ଡାରେ ପଡ଼ିଥିବା ରୋଗୀଙ୍କ ଚିକିତ୍ସା କରାଗଲା

ଢେଙ୍କାନାଳ, ୨୪।୭(ସମିସ)



ଆମ ଆଦମୀ ପାର୍ଟିର କେତେକ ସଦସ୍ୟ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ହସ୍ପିଟାଲ ପରିଦର୍ଶନରେ ଯାଇଥିବାବେଳେ ଚିକିତ୍ସାଳୟରେ ଥିବା ବିଭିନ୍ନ ସମସ୍ୟା ଦେଖିବାକୁ ପାଇଥିଲେ। ମହାବିରୋଡ ଥାନା ବାଘମୁଣ୍ଡାର ନରୋତ୍ତମ ବେହେରାଙ୍କୁ ତାଙ୍କ ସମ୍ପର୍କୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୨୨ ତାରିଖ ଅପରାହ୍ନ ସାଢ଼େ ୩ଟାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ତାଙ୍କ ଗଳାରେ ସଂକ୍ରମଣ ଯୋଗୁଁ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା। ଗଳା ଫୁଲି ଯାଇଥିବା ବେଳେ ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ଓ ପୂଜ ବାହାରୁଥିଲା। ତେବେ ସେ ଦୀର୍ଘ ୨୪ ଘଣ୍ଟା ଧରି ମେଡିକାଲ ବାରଣ୍ଡାରେ ପଡ଼ି ଛଟପଟ ହେଉଥିଲା ବେଳେ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡ଼ି ନ ଥିଲା। ଚିକିତ୍ସାଳୟ ହେଲ୍ପ ଡେସ୍କ ଖାଲି ପଡୁଛି। ସୁରକ୍ଷାକର୍ମୀ ନିଜ କର୍ତ୍ତବ୍ୟ ନ କରି ମୋବାଇଲ ଦେଖିବା ସହ ଗପସପରେ ବ୍ୟସ୍ତ ରହୁଛନ୍ତି। ଏ ସମ୍ପର୍କରେ ଆମ ଆଦମୀ ପାଟି କାର୍ଯ୍ୟକର୍ତ୍ତାମାନେ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ନରୋତ୍ତମଙ୍କୁ ତୁରନ୍ତ ଆଡମିଶନ କରାଯାଇ ଚିକିତ୍ସା କରାଯାଇଥିଲା। ଏହା ସହ ଚିକିତ୍ସାଳୟରେ ରୋଗୀ ଅପେକ୍ଷା ପାଇଁ ହୋଇଥିବା ୱେଟିଂ ହଲ୍ ଆବର୍ଜନାମୟ ହୋଇ ପଡ଼ି ରହୁଥିବା ସହ ଚିକିତ୍ସାଧିନ ରୋଗୀଙ୍କୁ ନିମ୍ନମାନର ଖାଦ୍ୟ ପରିବେଷଣ କରାଯାଉଥିବା ଅଭିଯୋଗ ହୋଇଛି। ବୁଧବାର ସକାଳେ ରୋଗୀଙ୍କୁ ଉପମା ଓ ସମ୍ବର ମିଳିଥିଲା, ସେଥିରେ ହଳଦିଆ ପାଣିରେ ବୁଟ ଡାଲି ଗୋଟିଏ ଗୋଟିଏ ଓ ଆଳୁ ଖଣ୍ଡେ ଖଣ୍ଡେ ପଡ଼ିଥିବା ନଜରକୁ ଆସିଥିଲା। ଏହା କ'ଣ ରୋଗୀଙ୍କ ପାଇଁ ସୁଷମ ଖାଦ୍ୟ ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି। ଏଠାରେ ଚିକିତ୍ସାଧୀନ ରୋଗୀଙ୍କୁ ଆଡମିଶନ ହେବା ପ୍ରଥମ ଦିନ ଖାଦ୍ୟ ନ ଦେଇ ୨ୟ ଦିନଠାରୁ ଖାଦ୍ୟ ଦେବା, ବିଭିନ୍ନ ୱାର୍ଡର ଏସି ଖରାପ, ଷ୍ଟାବଲାଇଜର ନାହିଁ ଓ କିଛି ପଙ୍ଖା ସମ୍ପୂର୍ଣ୍ଣ ରୂପେ ଖରାପ ହୋଇ ପଡ଼ିଥିବା ଦୃଷ୍ଟିକୁ ଆସିଥିଲା। ଜିଲ୍ଲାବାସୀ ସର୍ବଦା ଆପତକାଳୀନ ଚିକିତ୍ସାରୁ ବଞ୍ଚିତ ହୋଇଆସୁଛନ୍ତି। ବୁଧବାର ବଜ୍ରପାତରେ ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତରଙ୍କୁ ଚିକିତ୍ସା ଯୋଗାଇବାରେ ବିଫଳ ହେବା ଚିନ୍ତାଜନକ ବିଷୟ ବୋଲି ଆମ ଆଦମୀ ପାର୍ଟି ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ଆଇସିୟୁ ରହିଛି କିନ୍ତୁ ଡାକ୍ତର ଓ କର୍ମଚାରୀ ଅଭାବରୁ ସର୍ବଦା ରୋଗୀମାନଙ୍କୁ କଟକ ସ୍ଥାନାନ୍ତର କରାଯାଉଛି। ଏହାର ସମାଧାନ ପାଇଁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କାର୍ଯ୍ୟ କରାଯାଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି। ଆମ୍ ଆଦମୀ ପାର୍ଟି ସାଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ସଦର ନିର୍ବାଚନ ମଣ୍ଡଳୀ ସଭାପତି ରତିରଞ୍ଜନ ଜେନା ଓ ଅନ୍ୟମାନେ ଅଚାନକ ଚିକିତ୍ସାଳୟ ପରିଦର୍ଶନ କରି ରୋଗୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

ସକାଳ
THE SAKALA



# ନୂଆ ପଞ୍ଜୀକରଣ ନୀତିକୁ କୃଷକ ସଂଗଠନର ବିରୋଧ

**ସମ୍ବଲପୁର, ୨୪।୭ (ସମିସ)**

ସରକାର ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ସହ ୮ ଶହ ଟଙ୍କା ସହାୟତା ରାଶି ଯୋଗାଇ ଦେଉଛନ୍ତି। ଚାଷୀ ମହଲରେ ସହାୟତା ରାଶିକୁ ନେଇ ଉତ୍ସାହ ଦେଖାଦେଇଛି। ଗତ ଖରିଫ୍ ପରଠାରୁ ଧାନ ଚାଷ କରିବାକୁ ଚାଷୀମାନେ ଆଗେଇ ଆସିଛନ୍ତି। ଗତ ଜୁଲାଇ ୧୯ ତାରିଖରୁ ଅଗଷ୍ଟ ୨୦ ତାରିଖ ମଧ୍ୟରେ ଚାଷୀମାନେ ସୋସାଇଟିରେ ପଞ୍ଜିକରଣ କରିପାରିବେ। ତେବେ, ସରକାର ପୁଣି ଖରିଫ ଧାନ ସଂଗ୍ରହରେ ନୂତନ ପଞ୍ଜିକରଣକୁ ନେଇ ବାଧା ସୃଷ୍ଟି କରିଛନ୍ତି। ଚାଷୀର ନିଜ ନାଁରେ ପଟ୍ଟା ଥିଲେ ଅସୁବିଧା ନାହିଁ, ସେମାନେ ତୁରନ୍ତ ସମବାୟ ସମିତିକୁ ଯାଇ ପଞ୍ଜିକରଣ କରୁଛନ୍ତି। କିନ୍ତୁ ଜଏଣ୍ଟ ପ୍ରପର୍ଟି କିମ୍ବା ଭାଗ ଚାଷ କରୁଥିବା ଚାଷୀ ମହଲରେ ନୂତନ ପଞ୍ଜିକରଣ ନୀତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଜମିର ଜଏଣ୍ଟ ପ୍ରପର୍ଟି ବା ଏକାଧିକ ମାଲିକ ଥିଲେ ସମସ୍ତ ମାଲିକ ବ୍ୟକ୍ତିଗତ ଭାବେ ଆସିବାକୁ ପଡ଼ିବ। ଏପରିସ୍ଥଳେ ବାହାରେ ଥିବା ଜମି ମାଲିକ ସମ୍ବଲପୁରକୁ ଆସି ପଞ୍ଜୀକରଣ କରିବା ବ୍ୟୟବହୁଳ ସହ ସମୟ ସାପେକ୍ଷ ହୋଇଥିବାବେଳେ ଭାଗଚାଷୀ ଚାଷ କରିବାରୁ ବଞ୍ଚିତ ହେବେ। ଏହାକୁ ନେଇ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଗୁରୁବାର ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚଳିତ ଖରିଫ ୨୦୨୫-୨୬ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ସ୍ଥଗିତ କରିବା ତଥା ପୂର୍ବ ପ୍ରଚଳିତ ନିୟମ ଅନୁଯାୟୀ ପଞ୍ଜୀକରଣ କରିବା ପାଇଁ ଦାବି କରାଯାଇଛି।



ଯେଉଁ ଚାଷୀଙ୍କର ଜଏଣ୍ଟ ପ୍ରପର୍ଟି ରହିଛି ସେମାନେ ନୂତନ ପଞ୍ଜୀକରଣ ନୀତିରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବହୁ ଜଏଣ୍ଟ ଜମି ମାଲିକ ମରିଗଲେଣି। ଦୁଇ-ତିନି ପିଢ଼ି ବୁଢ଼ା ଅମଳରୁ କ୍ଷେତରେ ଚାଷ ସେଭଳି ଚାଲିଛି। ଦୁଇ-ତିନୋଟି ବା ତଦୁର୍ଦ୍ଧ ପୁଅ ଥିଲେ ସହମତିରେ କର ବାଲାକୁ ଅଥରାଇଜେସନ ଦେଉଥିଲେ। ପୁଣି ଭାଇମାନଙ୍କ ମଧ୍ୟରୁ ଯଦି ବଡ଼ ଭାଇ କିମ୍ବା ଅନ୍ୟଜଣେ ଭାଇ ଚାଷ କରୁଛି ଅନ୍ୟ ଭାଇମାନେ ଏଥିରେ ସହମତି ପ୍ରକାଶ କରି ଆମର କୌଣସି ଆପତ୍ତି ଅଭିଯୋଗ ନାହିଁ ବୋଲି ଲେଖିଦେଉଥିଲେ। ଏବେ ନୂତନ ପଞ୍ଜିକରଣ ନୀତି ଅନୁସାରେ ଆର୍ଆଇ ରିପୋର୍ଟ ଦେବାକୁ ପଡ଼ିବ। ପୁଣି ପୁଅ ଓ ଝିଅ ସମସ୍ତଙ୍କ ସହମତି ଏବଂ ଆଇରିସ ସ୍କାନ କରାଯିବ। ଅନ୍ୟପକ୍ଷରେ ଯେଉଁମାନେ କର ଦେଉଛନ୍ତି ଏବଂ ବାହାରେ ରହୁଛନ୍ତି, ସେମାନେ କେବଳ ଏକ ଅଥରାଇଜେସନ ଚିଠି ପଠାଇଦେଉଥିଲେ, ନୂତନ ନୀତିରେ ସେମାନେ ବ୍ୟକ୍ତିଗତ ଭାବେ ଆସି ଆଇ ସ୍କାନ ସହ ସମସ୍ତ ପ୍ରକ୍ରିୟା କରିବାକୁ ପଡ଼ିବ।

ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନର ଦାବିପତ୍ର ଅନୁଯାୟୀ, ସରକାରଙ୍କ ପ୍ରଚଳିତ ନୂତନ ପଞ୍ଜୀକରଣ ନିୟମାବଳୀ ଜଟିଳ ଓ କଷ୍ଟକର ହୋଇଥିବାରୁ ଏହାକୁ ବନ୍ଦକରି ପୂର୍ବ ପ୍ରଚଳିତ ପ୍ରକ୍ରିୟା (ରବି ୨୦୨୫) ଅନୁସାରେ ପଞ୍ଜୀକରଣ କରାଯାଉ। କାରଣ ଗୁଡିକ ମଧ୍ୟରେ-ଯେଉଁ ଚାଷୀମାନେ ସମ୍ପୂର୍ଣ୍ଣ ଭାବରେ ଶାରୀରିକ ଅକ୍ଷମ ଓ ଶଯ୍ୟାଗ୍ରସ୍ତ, ସେମାନଙ୍କ କ୍ଷେତ୍ରରେ ଇ-କେୱାସି କରିବା ସମ୍ଭବ ନୁହେଁ। ଯେଉଁ ଜମିମାଲିକମାନେ ଦେଶ ଓ ରାଜ୍ୟ ବାହାରେ ରହୁଛନ୍ତି ତାଙ୍କର ଜମିକୁ ଭାଗ ଚାଷରେ ଦେଇଛନ୍ତି, ସେମାନେ ଏହି ସ୍ୱଳ୍ପ ସମୟ ମଧ୍ୟରେ ଆସି ଭାଗ ଚାଷୀ ସ୍ୱୀକୃତି ପତ୍ରରେ ସ୍ୱାକ୍ଷର କରିବା ଅସମ୍ଭବ, ଏଣୁ ବହୁତ ଭାଗ ଚାଷୀ ଧାନ ବିକ୍ରୟ ପ୍ରକ୍ରିୟାରୁ ବଞ୍ଚିତ ହେବେ। ପୁଣି ବହୁକ୍ଷେତ୍ରରେ ଜମିପଟ୍ଟା ପରିବର୍ତ୍ତନ ହୋଇନାହିଁ, ଯେଉଁଥିରେ ଦୁଇ ରୁ ତିନି ପିଢ଼ି ଖାତାଧାରୀ ମାନେ ସଂଶ୍ଳିଷ୍ଟ। ଏଣୁ ସମସ୍ତ ଖାତାଦାର ଓ ହିତାଧିକାରୀ ସ୍ୱୀକୃତି ପତ୍ରରେ ସ୍ୱାକ୍ଷର କରିବା ଅତି କଷ୍ଟକର ବ୍ୟାପାର। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରୁଣା ପଞ୍ଜୀକରଣ ନୀତି ଅନୁଯାୟୀ ପଞ୍ଜୀକରଣ କରିବାକୁ ଦାବି କରାଯାଇଛି। ଏହାବ୍ୟତୀତ ବର୍ତ୍ତମାନ ଚାଲିଥିବା ଖରିଫ ଋତୁ ଧାନ ବିକ୍ରି ପାଇଁ ପଞ୍ଜୀକରଣରେ ଚାଷୀମାନେ ଅଂଶଗ୍ରହଣ କରିପାରୁନାହାନ୍ତି, କାରଣ ଏହି ସମୟରେ ଚାଷ କାର୍ଯ୍ୟ ଜୋରସୋରରେ ଚାଲିଛି। ଏହା ପ୍ରାୟ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଶେଷ ହୁଏ। ଏଣୁ ଏହା ପଞ୍ଜୀକରଣ ପାଇଁ ଉପଯୁକ୍ତ ସମୟ ନୁହେଁ, ଏଥିରେ ବିପୁଳ ସଂଖ୍ୟାରେ ଯୋଗ୍ୟ ଚାଷୀ ବାଦ୍ ପଡ଼ିବା ସମ୍ଭାବନା ରହିଛି। ଏଣୁ ପଞ୍ଜୀକରଣ ସମୟସୀମା ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ କରାଯିବାକୁ ଚାଷୀ ସଙ୍ଗଠନ ଦାବି କରିଛି। ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ରଙ୍କ ସହ ଉପସଭାପତି ବିପିନ ଭୋଇ ଓ ସୁଶାନ୍ତ ପଣ୍ଡା, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ଅଶ୍ୱିନୀ ହୋତା, ଶାନ୍ତନୁ ପ୍ରଧାନ, ଗଣେଶ ମହନ୍ତମ, ରାମଦାସ ପଣ୍ଡା, ଜୟନାରାୟଣ ପୃଷେଠ, ରାଧେଶ୍ୟାମ ପଣ୍ଡା, ନନ୍ଦଲାଲ ତ୍ରିପାଠୀ, କିଷାନ ବେହେରା, ସୁଧାଂଶୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ସାରା ରାଜ୍ୟରେ ଚଳିତ ଖରିଫ୍‌ରେ ଏହି ନୂତନ ପଞ୍ଜୀକରଣ ନୀତି ଲାଗୁ ହୋଇଛି। ଏହା ଅନୁପାଳନ କରିବା ସମୟରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକ ସ୍ଥାନୀୟ ସ୍ତରରେ ସମାଧାନ କରାଯିବ।

## ଚଳିତବର୍ଷର ନୂତନ ନୀତି

ଚଳିତବର୍ଷ ଖରିଫ୍ ଋତୁରେ ଚାଷ ହୋଇଥିବା ଚାଷୀଙ୍କ ଧାନ ସଂଗ୍ରହ ନିମନ୍ତେ ୧୯ ତାରିଖଠାରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ଚାଷୀ ପଞ୍ଜିକରଣରେ ପରିବର୍ତ୍ତନ କରଯାଇଛି। ଏଥିପାଇଁ ଚାଷୀମାନଙ୍କୁ ସମ୍ପୃକ୍ତ ସୋସାଇଟିରେ ଫର୍ମ ଯୋଗାଇ ଦିଆଯିବ। ଚଳିତବର୍ଷ ଚାଷୀଙ୍କ ପଞ୍ଜୀକରଣ ତଥ୍ୟ ନବୀକରଣ କରାଯିବ ନାହିଁ, ବରଂ ସମ୍ପୂର୍ଣ୍ଣ ଭାବେ ନୂଆ କରାଯିବ। ଏଥିପାଇଁ ଚାଷୀମାନେ ନିଜ ନିଜର ସମ୍ପୃକ୍ତ ସୋସାଇଟିରେ ନିର୍ଦ୍ଧାରିତ ଫର୍ମରେ ଚାଷଜମି ସମ୍ପର୍କିତ ତଥ୍ୟ ପ୍ରଦାନ କରିବା ସହ ମୋବାଇଲ୍ ନମ୍ବର, ଆଧାର କାର୍ଡ ଓ ବ୍ୟାଙ୍କ୍ ସମ୍ପର୍କିତ ତଥ୍ୟ ପ୍ରଦାନ କରିବେ। ଏହା ବ୍ୟତୀତ ଭାଗଚାଷୀ ମାନେ ଜମି ମାଲିକଙ୍କ ସମ୍ମତି ପତ୍ର ଦାଖଲ କରିବେ। ସେହିପରି ଗୋଟିଏ ଜମିର ଏକାଧିକ ମାଲିକ ଥିଲେ ସମସ୍ତ ମାଲିକଙ୍କ ସମ୍ମତି ପତ୍ର ଦାଖଲ କରିବା ଆବଶ୍ୟକ। ସୋସାଇଟିରେ ଫର୍ମର ଡିଜିଟାଇଜେସନ୍ ପୂର୍ବରୁ ଚାଷୀଙ୍କର ଇ-କେୱାଇସି କରାଯିବ। ଏଥିପାଇଁ ଚାଷୀଙ୍କର ଆଇରିସ୍ ବା ଆଖିଡୋଳା ସ୍କାନ କରାଯିବ ଏବଂ ଏହା ଆଧାର ତଥ୍ୟ ସହ ମେଳ ହେବାପରେ ସମ୍ପୃକ୍ତ ଚାଷୀଙ୍କ ମୋବାଇଲକୁ ଏକ ଓଟିପି ଯିବ। ଏହି ଓଟିପି ଦାଖଲକରି ଅନ୍‌ଲାଇନରେ ଫର୍ମର ତଥ୍ୟ ଅନୁସାରେ ପଞ୍ଜୀକରଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇପାରିବ। ଚାଷୀମାନେ ଜୁଲାଇ ୧୯ ତାରିଖରୁ ଅଗଷ୍ଟ ୨୦ ତାରିଖ ମଧ୍ୟରେ ସୋସାଇଟିରେ ଉପସ୍ଥିତ ରହି ନିଜକୁ ପଞ୍ଜିକୃତ କରିପାରିବେ।



ସମ୍ବଲପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସାହସୀ ଝିଅ ସୌମ୍ୟାଙ୍କୁ ବିଭିନ୍ନ ଜାଗାରେ ଶ୍ରଦ୍ଧାଞ୍ଜଳି ଓ ନୀରବ ପ୍ରାର୍ଥନା। ବଳଙ୍ଗା ପୀଡ଼ିତା ଓ ନାରୀ ନ୍ୟାୟ ପାଇଁ ବି ନୀରବ ପ୍ରାର୍ଥନା।

# ରୋଗୀ ବେଡ୍‌ରେ ଆଟେଣ୍ଡାଣ୍ଟ ଓ ସୁଇପର

**ସମ୍ବଲପୁର, ୨୪।୭(ସମିସ):** ବୁର୍ଲା ଭିମସାରରେ ରୋଗୀଙ୍କୁ ବେଡ ମିଳୁନଥିବାରୁ ରୋଗୀ ବାରଣ୍ଡାରେ ଶୋଉଥିବାର ଚିତ୍ର ସବୁବେଳେ ସାମ୍ନାକୁ ଆସିଛି। ଏପରିକି ବେଡ ନପାଇବାରୁ ରୋଗୀ ତଳେ ଶୋଇ ସାଲାଇନ ନେବା ସହ ଜୀବନ ହାରୁଛି। ହେଲେ ଶିଶୁରୋଗ ବିଭାଗରେ ଦେଖିବାକୁ ମିଳିଛି ଅଜବ ଚିତ୍ର। ଜଣେ ଆଟେଣ୍ଡାଣ୍ଟ ଓ ସୁଇପର ଖାଲିଥିବା ରୋଗୀ ବେଡକୁ ମାଡି ବସିଛନ୍ତି। ସେଥିରି ଡ୍ୟୁଟି ସମୟରେ ଶୋଇ ରହିଥିବା ଚିତ୍ର ସାମ୍ନାକୁ ଆସିଛି। ପ୍ରତିଦିନ ଡ୍ୟୁଟି ସରିଲେ କର୍ମଚାରୀମାନେ ଏମିତି ବେଡ ଗୁଡିକ କବ୍ଜା କରି ଶୋଇ ରହୁଥିବା ଅଭିଯୋଗ ହୋଇ ଆସୁଛି। ତେବେ ଏହି ଫଟୋ ସୋସିଆଲ ମିଡିଆରେ ଘୂରି ବୁଲିବା ସହ ତାହା ସତ ବୋଲି ପ୍ରମାଣିତ ହୋଇଛି। ଏନେଇ ମେଡିକାଲ ସୁପରିଟେଣ୍ଡେଣ୍ଟ ଧ୍ୟାନ ଦେବା ସହ ଏହା ଉପରେ ଅଙ୍କୁଶ ଲଗାଇବା ସହ ରୋଗୀଙ୍କୁ ବେଡ ପ୍ରଦାନ କରିବା ଆବଶ୍ୟକ।



# ଗ୍ୟାସ୍ ପାଇପ୍ ଲାଇନ କାର୍ଯ୍ୟରେ ଅବ୍ୟବସ୍ଥା

**ସମ୍ବଲପୁର, ୨୪।୭ (ସମିସ):** ସମ୍ବଲପୁର ସହରରେ ସମ୍ପ୍ରତି ସମସ୍ତ ଅଞ୍ଚଳକୁ ପାଇପ୍ ଯୋଗେ ଗ୍ୟାସ ସପ୍ଲାଇ କରିବାକୁ କାର୍ଯ୍ୟ ଆରମ୍ଭ ହୋଇଛି। ଗ୍ୟାସ ପାଇପ୍ ବିଛାଇବା କାର୍ଯ୍ୟ କରୁଥିବା ସଂସ୍ଥା ମନଇଚ୍ଛା ଖେଳିଦେବାପରେ ରାସ୍ତାକୁ ମରାମତି କରୁନାହିଁ। ଫଳରେ ଅଞ୍ଚଳବାସୀ ଖାଲଖମା ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଗନ୍ନାଥ କଲୋନୀ ଭିତର ମୁଖ୍ୟ ରାସ୍ତାରେ ସେଭଳି ଗ୍ୟାସ ପାଇପ୍ ବିଛାଇବା ପାଇଁ ଖୋଳିବା ସମୟରେ ଜଳସଂଯୋଗ ପାଇପ ଲାଇନ ଫାଟି ଯାଇଥିଲା। ଆଜି ୱାଟ୍‌କୋ ପକ୍ଷରୁ ସେହି ପାଣି ପାଇପ୍ ଲାଇନ ସଜାଡ଼ିବା ପାଇଁ ଗାତ ଖୋଳାଯାଇଥିଲା। ଏହି ସମୟରେ ଗ୍ୟାସ ମେନ୍ ପାଇପ୍ ଲାଇନ ଯେଉଁଥିରେ ସଂଯୋଗ କରାଯାଇଛି ତାହା ଫାଟି ଗ୍ୟାସ୍ ଲିକ୍ ହୋଇଥିଲା। ଖୋଲା ଜାଗା ଥିବାରୁ କୌଣସି ଅଘଟଣ ଘଟିନଥିବାବେଳେ ତୁରନ୍ତ ସଂସ୍ଥା ପକ୍ଷରୁ ଭାଲ୍‌ଭ ବନ୍ଦ କରାଯାଇଥିଲା। ଏହାଦ୍ୱାରା ଅଞ୍ଚଳବାସୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗ୍ୟାସ ପାଇପ ଲାଇନ୍ ପ୍ରକଳ୍ପ କରୁଥିବା ସଂସ୍ଥାର ବେପରୁଆ କାର୍ଯ୍ୟ ପାଇଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଗ୍ୟାସ ପାଇପ ବିଛାଇବା ଏବଂ ସଂଯୋଗ ପାଇଁ ରାସ୍ତା ଖୋଳି ଦିଆଯାଉଥିବାବେଳେ ତାହାର ସଠିକ୍ ମରାମତି କରାଯାଉନାହିଁ। ଏହାସହିତ ଲୋକମାନଙ୍କ ଘରକୁ ଯାଇଥିବା ପାଣି ପାଇପ୍ ମଧ୍ୟ ବହୁସ୍ଥଳେ ଭାଙ୍ଗିଦେଉଥିବାରୁ ଜଳଯୋଗାଣରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଗ୍ୟାସ ପାଇପ ବିଛାଉଥିବା ସଂସ୍ଥାର କାର୍ଯ୍ୟ ତଦାରଖ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜଗନ୍ନାଥ କଲୋନୀବାସୀ ଦାବି କରିଛନ୍ତି।



# ଜଙ୍ଗଲ ଅଧିକୃତ ସୀକୃତିରେ ମିଳୁନି ଜାତିପ୍ରମାଣ ପତ୍ର

**ସମ୍ବଲପୁର, ୨୪।୭ (ସମିସ):** ସ୍ୱତନ୍ତ୍ର ଜଙ୍ଗଲ ଗ୍ରାମରୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ପ୍ରକ୍ରିୟା କରାଗଲା। ଗ୍ରାମବାସୀଙ୍କୁ ଜଙ୍ଗଲ ଅଧିକୃତ ସୀକୃତିରେ ଶିରୋନାମ ପ୍ରଦାନ କରାଗଲା। କିନ୍ତୁ ଏବେ ଏହି ଶିରୋନାମରେ ଜାତି ପ୍ରମାଣପତ୍ର ମିଳି ପାରୁନାହିଁ। ଯାହାର ପ୍ରଭାବରେ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ଲାଭ କରିବାରେ ବଞ୍ଚିତ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ଆଶାରେ ଯୁଯୁମୁରା ବ୍ଲକ ମେଘପାଳ ପଞ୍ଚାୟତ ଅଧିନସ୍ଥ ରାଣତାଲ ଗ୍ରାମବାସୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସୂଚନା ଅନୁସାର ୨୦୧୬ ମସିହାରେ ତତକାଳୀନ ସମ୍ବଲପୁର ଜିଲ୍ଲାପାଳ ମେଘପାଳ ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ଘୋଷଣା କରିଥିଲେ। ରାଣତାଲ ସ୍ୱତନ୍ତ୍ର ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ସ୍ୱତନ୍ତ୍ର ଜଙ୍ଗଲ ଅଧିକାର କମିଟି ଗଠନ କରି ଜଙ୍ଗଲ ଅଧିକାର ୨୦୦୭ ଅନୁସାରେ ୩୩ ପରିବାରଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ଶିରୋନାମ ପ୍ରଦାନ କରାଯାଇଥିଲା। ଯାହା ଫଳରେ ରାଣତାଲ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ବିକାଶ ପଥରେ ଆଗେଇ ଥିଲା। ସରକାରଙ୍କ ମୁଖ୍ୟ ସ୍ରୋତରେ ସାମିଲ ହୋଇ ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇ ଶିକ୍ଷା ସ୍ୱାସ୍ଥ୍ୟ ପରିବେଷ ଜୈବିକ ଚାଷ ଇତ୍ୟାଦିରେ ସାମିଲ ହୋଇ ଅଗ୍ରଣୀ ଭୂମିକା ଗ୍ରହଣ କରି ପାରିଥିଲା। କିନ୍ତୁ ବର୍ତ୍ତମାନ ଉକ୍ତ ଶିରୋନାମାରେ ଜାତିଗତ ପ୍ରମାଣପତ୍ର ମିଳିବାରେ ବାଧା ସୃଷ୍ଟି ହୋଇଛି। ବାରମ୍ବାର ଆବେଦନ ପରେ ମଧ୍ୟ ପ୍ରଶାସନ ଖାରଜ କରୁଛି। ଯାହା ଫଳରେ ଜାତି ପ୍ରମାଣପତ୍ର ମିଳି ପାରୁନାହିଁ। ତେଣୁ ୩୩ ପରିବାରର ଛାତ୍ରଛାତ୍ରୀ ଏବେ ଉଚ୍ଚ ଶିକ୍ଷା ଲାଭ କରିବାରୁ ବଞ୍ଚିତ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ରାଣତାଲ ଗ୍ରାମବାସୀ ଦାବି କରିଛନ୍ତି।



**ଶିକ୍ଷା ପାଇଁ ହନ୍ତସନ୍ତ ୩୩ ପରିବାରର ଛାତ୍ରଛାତ୍ରୀ**

## ଓଲଟିଲା ଗ୍ୟାସ ବୋଝେଇ ଟ୍ରକ୍

**ରେଢ଼ାଖୋଲ, ୨୪।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବୌଦ୍ଧ ରାସ୍ତାର ବଡବାହାଲ ଛକ ନିକଟରେ ଗୁରୁବାର ଦିନ ଭାରସାମ୍ୟ ହରାଇ ଏକ ଗ୍ୟାସ ବୋଝେଇ ଟ୍ରକ୍ ଓଲଟି ପଡ଼ିଥିଲା। ଫଳରେ ଟ୍ରକ୍‌ର ଡ୍ରାଇଭର ଆହତ ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଟ୍ରକ୍ ବଲାଙ୍ଗିରରୁ ଗ୍ୟାସ ବୋଝେଇ କରି ଅନୁଗୁଳ ଜିଲ୍ଲା ଛେଣ୍ଡିପଦାକୁ ଆସୁଥିଲା। ହେଲେ ବଡ଼ବାହାଲ ଛକ ନିକଟରେ ଟ୍ରକ୍ ଦ୍ରୁତ ଗତିରେ ଆସୁଥିବାରୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ଜଣଙ୍କ ଆହତ ହୋଇଛନ୍ତି। ଗ୍ୟାସ ଲିକେଜ ହେବା ଆଶଙ୍କା ଥିବାରୁ ଖବର ପାଇ ଘଟଣା ସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ।



## ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ସମ୍ବଲପୁର, ୨୪।୭ (ସମିସ) :** ଧନୁପାଲି ଥାନା ଅନ୍ତର୍ଗତ ଭୂତାପଡ଼ା ଅଞ୍ଚଳର ଜଣେ ମହିଳା ଅତ୍ୟଧିକ ଔଷଧ ଖାଇ ଆଇହତ୍ୟା ଉଦ୍ୟମ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ମହିଳା ଜଣକ ଆଜି ଅପରାହ୍ଣ ୧ଟା ସମୟରେ କୌଣସି କାରଣକୁ ନେଇ ଘରେ ଥିବା କିଛି ଔଷଧ ଅତ୍ୟଧିକ ମାତ୍ରାରେ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ପରିବାର ଲୋକେ ଏନେଇ ଜାଣିବା ପରେ ତୁରନ୍ତ ତାଙ୍କୁ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ।

## ପହ୍ଲା ପକାଇବା ସମୟରେ ସାପ କାମୁଡ଼ିଲା

**ସମ୍ବଲପୁର, ୨୪।୭ (ସମିସ) :** ସମ୍ବଲପୁର ଜିଲ୍ଲା ପରମାଣପୁର ଅଞ୍ଚଳରେ ଜଣେ ଯୁବକଙ୍କୁ କ୍ଷେତରେ କାମ କରୁଥିବା ସମୟରେ ଏକ ସାପ କାମୁଡ଼ି ଦେଇଥିବା ଜଣାପଡ଼ିଛି। ଆଜି ଦିନ ପ୍ରାୟ ୧୨ଟା ସମୟରେ ପରମାଣପୁରଠାରେ ଜଣେ ଯୁବକ କ୍ଷେତରେ ପହ୍ଲା ପକାଉଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କ ହାତରେ କାମଡ଼ି ଦେଇଥିଲା। ସ୍ଥାନୀୟଲୋକେ ତୁରନ୍ତ ଯୁବକଙ୍କୁ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କ ଚିକିତ୍ସା ଜାରି ରହିଛି।

## ଭାଙ୍ଗନେଇ ରେଳବାଇ ପୁଲିସ ହାତରେ ଗିରଫ

**ସମ୍ବଲପୁର, ୨୪।୭ (ସମିସ) :** ସମ୍ବଲପୁର ରେଳଷ୍ଟେସନରେ ଭାଙ୍ଗ ରଖିବା ଅଭିଯୋଗରେ ରେଳବାଇ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଆଜି ଜଣେ ଯୁବକ ରେଳଷ୍ଟେସନରେ ଭାଙ୍ଗନେଇ ଯାଉଥିବାବେଳେ ରେଳବାଇ ପୁଲିସ ଜାଣିବାକୁ ପାଇଥିଲା। ତୁରନ୍ତ ଭାଙ୍ଗ ଜବତ କରିବାସହ ଯୁବକଙ୍କୁ ଗିରଫ କରିଥିଲା। ଆଜି ଅପରାହ୍ଣରେ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଥିବା ପୁଲିସ କହିଛି।

## ଅଧିକାଂଶ ଗାଁରେ ଷ୍ଟ୍ରିଟ୍ ଲାଇଟ ଅଚଳ

**ସମ୍ବଲପୁର, ୨୪।୭(ସମିସ):** ମାନେଶ୍ୱର ବ୍ଲକର ବିଭିନ୍ନ ଗାଁ ଗୁଡିକରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ ଅଚଳ ଅବସ୍ଥାରେ ରହିଛି। ହାତଗଣତି ମିଟି ମିଟି କରୁଥିବା ବେଳେ ଅଧିକାଂଶ ସମ୍ପୂର୍ଣ୍ଣ ଭାବେ ଖରାପ୍ ହୋଇଯାଇଛି। ଉଚିତ ରକ୍ଷଣାବେକ୍ଷଣ ଅଭାରୁ ଏହା ଜଳୁନଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଷ୍ଟ୍ରିଟ୍ ଲାଇଟ୍ ଗୁଡିକ ଜଳୁ ନଥିବାରୁ ରାସ୍ତା ଗୁଡିକ କିଟିକିଟି ଅନ୍ଧାର ଦିଶୁଛି। ଯାହାଫଳରେ ଚୋରି ଡକାୟତିର ଭୟ ଦେଖାଦେଉଛି। ସେହିପରି ଲାଇଟ ଜଳୁନାହିଁ ତଥାପି ବିଦ୍ୟୁତ ବିଭାଗ ତାର ବିଲିଂ ଜାରିରଖିଛି ଯାହାଦ୍ୱାରା ସରକାରଙ୍କ ରାଜସ୍ୱ ମଧ୍ୟ ହାନି ହେଉଛି। ପୂର୍ବ ସରକାର ସମୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଆଲୋକୀକରଣ ପାଇଁ ଗାଁ ରାସ୍ତା ଗୁଡ଼ିକରେ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟବସ୍ଥା କରାଯାଇଥିଲା। ପରେ ଏହାର ରକ୍ଷଣାବେକ୍ଷଣ ଅଭାରୁ ଏହା ଅଚଳ ହୋଇ ପଡ଼ିଛି। ଜଳୁ ନଥିବା ଲାଇଟ୍ ଗୁଡିକ ପୁଣି କେମିତି ଜଳିବ ଓ ଗାଁ ଗୁଡିକ ଆଲୋକୀକରଣ ହେବ ତାହା ପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ଉଠିଛି।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ଶୋକସଭା

**ସମ୍ବଲପୁର, ୨୪।୭(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ଶାଖା ଅଧିକାରୀ ବ୍ରଜମୋହନ ବେହେରାଙ୍କ ବିୟୋଗରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ତାଙ୍କ ଅମାୟିକ ବ୍ୟବହାର ଓ କର୍ତ୍ତବ୍ୟନିଷ୍ଠା ସମସ୍ତଙ୍କୁ ଆକୃଷ୍ଟ କରୁଥିଲା। ସଂଘର ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଭାସି ସଭାରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ପ୍ରଫେସର ନକୁଳ ଚୌଧୁରୀ, ପ୍ରଫେସର ଆଶୁତୋଷ ନାଏକ, ଦିଲ୍ଲୀପ କୁମାର ପଣ୍ଡା, ଭବାନୀ ପ୍ରସାଦ ସିଂହ, ମହେନ୍ଦ୍ର ମିଶ୍ର, ସନ୍ତୋଷ କାନୁନଗୋ, ଅଶ୍ୱିନୀ କୁମାର ମିଶ୍ର, ତ୍ରିବିକ୍ରମ ମିଶ୍ର, ରତ୍ନଭୂଷଣ ପୁରୁଷେଠ, ମୁନୁ ଷଡ଼ଙ୍ଗୀ, ଗୌରଚନ୍ଦ୍ର ମାଝି, ପ୍ରତାପ ପଣ୍ଡା, ଅଶୋକ ପଣ୍ଡା, ପ୍ରମୋଦ ପଟ୍ଟନାୟକ, ଅଶୋକ ପାଣିଗ୍ରାହୀ, ମେଦିନୀ ନାଏକ, ଅନୁରାଧା ପଟ୍ଟନାୟକ, କିଶୋର ନନ୍ଦ, ଗୋରାଚାନ୍ଦ ପତି ପ୍ରମୁଖ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂଘର ସାଧାରଣ ସମ୍ପାଦକ ନୀଳକଣ୍ଠ ମହାପାତ୍ର ସଭା ସଂଯୋଜନା କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପଦ୍ମଲୋଚନ ସେଠୀ
ଆବିର୍ଭାବ - ୦୧/୦୭/୧୯୩୧
ତିରୋଧାନ - ୧୫/୦୭/୨୦୨୫
ଗ୍ରାମ - ଚମ୍ପାବଣୀ ପାଟଣା,
ପଞ୍ଚାୟତ - ଅଳକିଆ, ଭୋଗରାଇ
ବାପା...
ଚାହିଁ ଚାହିଁ ଏଗାର ଦିନ ବିତିଗଲା।
ଆପଣଙ୍କ ନୀତି ଆଦର୍ଶ ଓ ଆଶୀର୍ବାଦ
ସଦାସର୍ବଦା ଆମ ସହିତ ରହିଥାଉ। ଏହା ହିଁ
ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ ହତଭାଗ୍ୟ ପୁତ୍ର- ପ୍ରଫୁଲ୍ଲ
ସେଠୀ ପ୍ରଦୀପ ସେଠୀ ପରେଶ ସେଠୀ
ପ୍ରଶାନ୍ତ ସେଠୀ ବୋହୂ- ରୀନାରାଣୀ,
ଶ୍ୟାମଳୀ, ମେନକା, ଝିଅ-
ଗୌରୀ,ମଙ୍ଗଳୀ, ଗୁରୁବାରୀ, ସବିତା,
ମିନତୀ, ମାଳତୀ, ଜ୍ୱାଇଁ- କାଳିଚରଣ
ଗଡିତ୍ର,ବଲାଇ, ଗଡିତ୍ର,ଶତୀସ, ସୁଶାନ୍ତ ଓ
ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ

# ପାଉଁଶ ବୋଝେଇ ଗାଡ଼ି ଧକ୍କାରେ ଜଣେ ଗୁରୁତର

**ରେଢ଼ାଖୋଲ, ୨୪।୭(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ୫୫ ନଂ ଜାତୀୟ ରାଜପଥ ସ୍ଥାନୀୟ ପୁରୁଣା ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଦିନ ଏକ ଓଭରଲୋଡିଂ ଖୋଲା ପାଉଁଶ ବୋଝେଇ ଟ୍ରକ୍ ଧକ୍କାରେ ଗୋଟିଏ ବଳଦର ମୃତ୍ୟୁ ହୋଇଥିବା ବେଳେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ରେଢ଼ାଖୋଲ ଥାନା

### ପ୍ରତିବାଦରେ ରାସ୍ତାରୋକ

ବିଶ୍ୱନାଥପୁର ଗ୍ରାମର ଏମଡି ହାରୁନ୍ ଅନସାରୀ। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ସହରରେ ଏହି ୫୫ ନଂ ଜାତୀୟ ରାଜପଥରେ ପ୍ରତିଦିନ ବାରମ୍ବାର ଗାଡି ଧକ୍କାରେ ସାଧାରଣ ଲୋକେ ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ସହରବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗୁରୁବାର ସମ୍ବଲପୁର ପଟରୁ ଏକ ଖୋଲା ପାଉଁଶ ବୋଝେଇ ଗାଡି ନଂ ଓଡି ୧୩ ବିଏସ-୭୮୧୩ ବିଶିଷ୍ଟ ଗାଡି ଦ୍ରୁତ ଗତିରେ ଆସି ଏକ ବଳଦ କୁ ଧକ୍କା ଦେବା ସହିତ ଆଗରେ ରାସ୍ତା ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଧକ୍କା ଦେଇ ଫେରାର ମାରିଥିଲା। ଖବର ପାଇ ସ୍ଥାନୀୟ ଲୋକେ ରେଢ଼ାଖୋଲ ସହରର ଭୀମଭୋଇ ଛକରେ ପାଉଁଶ ବୋଝେଇ ଟ୍ରକ୍‌କୁ ଅଟକାଇ ଥିଲେ। ଟ୍ରକ୍ ଡ୍ରାଇଭରକୁ ପୋଲିସ ଅଟକ ରଖି ଗାଡ଼ିକୁ ଜବତ୍ କରିଛି। ଏଥିରେ ସହରବାସୀ ଓଭର ଲୋଡ଼ିଂ ଖୋଲା ପାଉଁଶ ବୋଝେଇ ଗାଡି ଦିନବେଳେ ଚଳାଚଳ ବନ୍ଦକୁ ନେଇ ପ୍ରାୟ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ। ଏଥିରେ ଜାତୀୟ ରାଜପଥ ଦୁଇ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା। ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ପହଞ୍ଚି ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି ଏବଂ ଅଞ୍ଚଳବାସୀ ସହିତ ଆଲୋଚନା କରିଥିଲେ।ଏଥିରେ ସହରବାସୀ ଦାବି ରଖିଥିଲେ ଯେ ରାତ୍ରିରେ ପାଉଁଶ ବୋଝେଇ ଗାଡି ଯାତାୟାତ ହେବା ସହିତ ଜରୁରୀକାଳୀନ ପରିସ୍ଥିତିରେ ଦିନବେଳେ ପାଉଁଶକୁ ଘୋଡାଇ ସୁରକ୍ଷିତ ଭାବରେ ଗାଡ଼ି ଯାତାୟାତ କରାଯିଉ ବୋଲି ଦାବି କରାଯାଇଥିଲା। ଏଥିରେ ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ଦେବା ପରେ ଜାତୀୟ ରାଜପଥ ଅବରୋଧ ପ୍ରତ୍ୟାହୃତ ହୋଇ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।



# କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ରାଜ୍ୟ ପୁରସ୍କାର ଟେଷ୍ଟିଂ କ୍ୟାମ୍ପ ଉଦ୍‌ଘାଟିତ

**ସମ୍ବଲପୁର, ୨୪।୭(ସମିସ):** ସମ୍ବଲପୁରସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ରେ ଗୁରୁବାର କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ, ଭୁବନେଶ୍ୱର ସମ୍ଭାଗର ଭାରତ ଗାଇଡ୍ ଅନ୍ତର୍ଗତ ପାଞ୍ଚଦିନିଆ ରାଜ୍ୟ ପୁରସ୍କାର ଟେଷ୍ଟିଙ୍ଗ କ୍ୟାମ୍ପ (ଗାଇଡ୍)ର ଶୁଭାରମ୍ଭ ହୋଇଯାଇଛି। ବିଦ୍ୟାଳୟର ପ୍ରାଚାର୍ଯ୍ୟ ରଣରଞ୍ଜୟ ସିଂହ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ୨ର ପ୍ରାଚାର୍ଯ୍ୟ ସୁସ୍ମିତା ପ୍ରଧାନ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଲିଡର ଅଫ ଦ କ୍ୟାମ୍ପ ଭାବେ ରବେକା ଥୋମାସ ତଥା ଅଫିସିଆଲ ଭାବେ ଲତା ମାଥୁରିଆ, ଅର୍ଚ୍ଚନା ପାତ୍ର, ଅନିତା ଡୁଙ୍ଗଡୁଙ୍ଗ, ଦାମୟନ୍ତି ପାତ୍ର, ସୁଭଦ୍ରା ଦାସ ଓ ସୁଶ୍ରୀ ରୋଜାଲିନ ନାଥ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ଉପ ପ୍ରାଚାର୍ଯ୍ୟ ବଳରାମ ମିଶ୍ର, ପ୍ରଧାନ ଶିକ୍ଷକ ଚକ୍ରଧର ଦେହୁରୀ ଏବଂ ସମସ୍ତ ପ୍ରାଥମିକ ଶିକ୍ଷକ-ଶିକ୍ଷିକା ବୃନ୍ଦ ଉପସ୍ଥିତ ଥିଲେ। ଭୁବନେଶ୍ୱର ସମ୍ଭାଗର ୪୨ ଟି କେନ୍ଦ୍ରୀୟ ବିଦ୍ୟାଳୟରୁ ୨୫୬ ଜଣ ଗାଇଡ ବାଳିକା ସଙ୍ଗେ ୪୩ ଜଣ ଅନୁରକ୍ଷଣ ଶିକ୍ଷକ ଅଂଶଗ୍ରହଣ କରିଛନ୍ତି। ବିଦ୍ୟାଳୟର ପିଜିଟି ଇଂରାଜୀ ଶିକ୍ଷକ ପ୍ରମୋଦ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ ମୁଖ୍ୟ ଅତିଥି ଏବଂ ଅନ୍ୟାନ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ଭାରତ ସ୍କାଉଟ ଏବଂ ଗାଇଡର ସଂସ୍ଥାପକ ଲର୍ଡ ବେଡେନ ପାୱେଲ ତଥା ଲେଡି ବେଡେନ ପାୱେଲଙ୍କର ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରୀ ମାନଙ୍କଦ୍ୱାରା ସ୍ୱାଗତ ଗୀତ ପରିବେଷଣ ସହ ଅତିଥିଙ୍କୁ ଚାରା ଅର୍ପଣ କରି ସ୍ୱାଗତ କରାଯାଇଥିଲା। ଛାତ୍ରୀମାନଙ୍କ ସମ୍ବଲପୁରୀ ନୃତ୍ୟ ଓ ଯୋଗା ନୃତ୍ୟ ବେଶ ଆକର୍ଷଣୀୟ ଥିଲା। ଉପ ପ୍ରାଚାର୍ଯ୍ୟ ଶ୍ରୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



# ସମ୍ବଲପୁରୀ ଏକତା ମଞ୍ଚର ଶୁଭ ସ୍ତମ୍ଭ ସ୍ଥାପନା

**ସମ୍ବଲପୁର, ୨୪।୭(ସମିସ):** ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ବୁର୍ଲା ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ ସ୍ଥିତ ପଡ଼ିଆରେ ଶୁଭସ୍ତମ୍ଭ ସ୍ଥାପନା କାରାଯାଇଛି। ପ୍ରଥମେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ପାଖରେ ପୂଜାର୍ଚ୍ଚନା କରି ଆଜ୍ଞାମାଳ ଆଣି ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା।ସ୍ଥାପନା କାର୍ଯ୍ୟରେ ଭୀମସାର, ବୁର୍ଲାର ପ୍ରାକ୍ତନ ଅଧକ୍ଷ ପ୍ରଫେସର ବ୍ରଜ ମୋହନ ମିଶ୍ର କର୍ତ୍ତା ଭାର ବହନ କରିଥିବା ବେଳେ ସମସ୍ତ ସଭ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସମ୍ବଲପୁରୀ ଦିନ ପଡ଼ିଆରେ, ସମ୍ବଲପୁରୀର ଖାଦ୍ୟ ପଦାର୍ଥର ଷ୍ଟଲ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସ୍ୱତଃ ପ୍ରବୃତ ଭାବେ ବଣ୍ଟନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।



ଏତଦ ବ୍ୟତୀତ ଆଗାମୀ ୨୭ ତାରିଖ (ରବିବାର)ଦିନ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ବଲପୁରୀ ଲୋକ ସଂସ୍କୃତି ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ସକାଳ ୧୦ ଠାରୁ ୧୧ ପର୍ଯ୍ୟନ୍ତ ବିଦ୍ୟାଳୟର ପରିସରରେ ଅନୁଷ୍ଠିତ ହେବ।ସମ୍ବଲପୁରୀ ସଂସ୍କୃତି ଉପରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଦଳଗତ ନୃତ୍ୟ ପ୍ରତିଯୋଗିତା ଆଗାମୀ ୧ ତାରିଖ ଅପରାହ୍ନ ୫.୦୦ ସମୟରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ସକାଳ ୧୦.୦୦ ଠାରୁ ଆରମ୍ଭ ହୋଇ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ପାଳନ କରାଯିବ।

# ମାସ ମାସ ଧରି ସମ୍ବଲପୁର-କୁଚିଣ୍ଡା ସିଟି ବସ୍ ବନ୍ଦ

**ସମ୍ବଲପୁର, ୨୪।୭(ସମିସ)**

ସମ୍ବଲପୁର ଜିଲ୍ଲାର ଉପାନ୍ତ ଅଞ୍ଚଳରେ ପରିବହନ ବ୍ୟବସ୍ଥା ଠପ୍ ହୋଇଯାଇଛି। ସମ୍ବଲପୁର ଜିଲ୍ଲା ମୁଖ୍ୟାଳୟରୁ କୁଚିଣ୍ଡା ଉପଖଣ୍ଡକୁ ଚାଲିଥିବା ସିଟି ବସ୍‌କୁ ବନ୍ଦ ହୋଇ ମାସ ମାସ ବିତିଗଲେ ସୁଦ୍ଧା ପ୍ରଶାସନର ନିଦ ଭାଙ୍ଗୁନାହିଁ। ଏଥିଯୋଗୁଁ ଗ୍ରାମାଞ୍ଚଳ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମାଞ୍ଚଳର ଲୋକେ ଜିଲ୍ଲା ମୁଖ୍ୟାଳୟକୁ ସରକାରୀ ବେସରକାରୀ କାମ ସହିତ ସ୍ୱାସ୍ଥ୍ୟ ସେବା ଏବଂ ଛାତ୍ରଛାତ୍ରୀ ସ୍କୁଲ କଲେଜକୁ ପାଠ ପଢ଼ିବାକୁ ଏହି ବସ୍‌ସେବା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏହି ବସ୍‌ସେବାକୁ ବନ୍ଦ କରିଦିଆଯାଇଛି। ପୂର୍ବ ବିଜେଡି ସରକାର ସମୟରେ ବହୁବର୍ଷ ଧରି ସମ୍ବଲପୁର ଜିଲ୍ଲା ମୁଖ୍ୟାଳୟରୁ ଲଇଡ଼ା ଦେଇ କୁଚିଣ୍ଡା ଏନ୍‌ଏସିକୁ ବସ ଚଳାଚଳ କରୁଥିଲା। ଏହି ବସ୍ ସମ୍ବଲପୁରରୁ ବାହାରି ଲଇଡ଼ା, ମରାପତ୍ରା, କିନାଲୋଇ, ଜୁନାଡିହି, ଲାଉମାଲ, କତରବଗା, ରେଙ୍ଗାଲି ଦେଇ କୁଚିଣ୍ଡା ଏବଂ ସେହି ରୁଟ୍ ଦେଇ ପୁଣି ସମ୍ବଲପୁରକୁ ଫେରୁଥିଲା। ଏହାଦ୍ୱାରା ସମ୍ବଲପୁର ଜିଲ୍ଲାର ସଦର ଉପଖଣ୍ଡ ଏବଂ କୁଚିଣ୍ଡା ଉପଖଣ୍ଡର ଲୋକେ ଉପକୃତ ହେଉଥିଲେ। ସକାଳୁ ରାତି ପର୍ଯ୍ୟନ୍ତ ପ୍ରାୟ ୪ଥର ଚାଲୁଥିବାରୁ ସମୟାନୁସାରେ ଲୋକେ ଏହାକୁ ବ୍ୟବହାର କରୁଥିଲେ। ପଶ୍ଚିମ



ଓଡ଼ିଶା ପରିବହନ କମ୍ପାନୀ (ପୋପ୍‌କୋ) ଏହି ବସ୍ ସେବା ପିପିପି ମୋଡ୍‌ରେ ଚଳାଇଥିଲା। ସମ୍ପ୍ରତି ପୋପ୍‌କୋ ପକ୍ଷରୁ ସମ୍ବଲପୁରରୁ ବରଗଡ଼ ସହର ଓ ଝାରସୁଗୁଡ଼ା ସହରକୁ ଏହି ସିଟି ବସ୍‌ସେବା ଜାରି ରହିଛି। ତେବେ, ସମ୍ବଲପୁର ସଦର ଉପଖଣ୍ଡ ସହିତ କୁଚିଣ୍ଡା ଉପଖଣ୍ଡକୁ ଯୋଡୁଥିବା ବସ୍‌ସେବା କାହିଁକି ବନ୍ଦ କରିଦିଆଯାଇଛି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ସରକାର ପରିବର୍ତ୍ତନ ହେବାଫଳରେ ଲୋକଙ୍କ ସେବାରେ ଉନ୍ନତି ବଦଳରେ ଅବନ୍ନତିକୁ ନେଇ ସମ୍ବଲପୁର ସଦର ଉପଖଣ୍ଡର ରେଙ୍ଗାଲି ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ଏହାବ୍ୟତୀତ ସମ୍ବଲପୁରରୁ ଲଇଡ଼ା ଦେଇ ବାମରାକୁ ଏକ ବାତାନୁକୁଳିତ ବସ୍ ଚଳାଚଳ କରୁଥିଲା, ତାହା ମଧ ବନ୍ଦ କରିଦିଆଯାଇଛି। ପୁଣି ଦୀର୍ଘ ବର୍ଷ ଧରି ସମ୍ବଲପୁର ଜିଲ୍ଲା ସଦର ମହକୁମାରୁ ଠେମରା, ପରମାଣପୁର, କୁସୁମଡିହି, ଝାଙ୍କରପାଲି ଦେଇ ଲଇଡ଼ାକୁ ସିଟି ବସ୍ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚଳାଚଳ କରୁଥିଲା ତାହା ଏବେ ରୁଟ୍ ସମସ୍ୟା ବା ଅନ୍ୟ କୌଣସି କାରଣରୁ ବନ୍ଦ ରହିଛି। ଏହାଫଳରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ଏବଂ ପଞ୍ଚାୟତ ଓ ବ୍ଲକ ମୁଖ୍ୟାଳୟରୁ ଜିଲ୍ଲା ମୁଖ୍ୟାଳୟକୁ ଯିବାଆସିବା କରୁଥିବା ସ୍କୁଲ କଲେଜ ଛାତ୍ରଛାତ୍ରୀ ତଥା ସାଧାରଣ ଜନତା ଯାତାୟାତ ସକାଶେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂତନ ସରକାର ଆସିବାପରେ ମୋ ବସ୍‌କୁ ଆମ ବସ୍ ନାମକରଣ କରିଥିବାବେଳେ ତାହାର ରୁଟ୍ ଗୁଡ଼ିକରେ ପରିବର୍ଦ୍ଧିତ କରି ଗ୍ରାମାଞ୍ଚଳକୁ ଯୋଗାଯୋଗରେ ଉନ୍ନତି କରିବା ବଦଳରେ ଚାଲୁଥିବା ବସ୍‌ସେବା କାହିଁକି ବନ୍ଦ ହେଉଛି ବୋଲି ସଚେତନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଚୁକ୍ତି ଅବଧି ସରିଥିବା ସିଟି ବସ୍ ପରିବହନ ସଂସ୍ଥାର ଚୁକ୍ତି ସମୟ ପରିବର୍ଦ୍ଧିତ କରାଯିବ। ଲଇଡ଼ା ଦେଇ କୁଚିଣ୍ଡା ଯାଉଥିବା ବସ୍ ବହୁଦିନ ହେଲା ବନ୍ଦ ରହିଛି, ଏହାର କାରଣ ଯାଞ୍ଚ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ କହିଛନ୍ତି, ଲଇଡ଼ା ଦେଇ କୁଚିଣ୍ଡା ବସ୍‌ସେବା ପ୍ରାୟ ୮-୯ ମାସ ହେଲା ବନ୍ଦ ରହିଛି। ବରଗଡ଼ ଓ ଝାରସୁଗୁଡ଼ା ରାସ୍ତାରେ କେବଳ ସିଟିବସ୍ ଚାଲିଛି। ତାହା ସହରାଞ୍ଚଳ (ୟୁଏଲ୍‌ବି)ରୁ ସହରାଞ୍ଚଳ (ୟୁଏଲ୍‌ବି) କୁ ଚାଲୁଥିଲା। ଆଗାମୀ ଦିନରେ କ୍ରୁଟ୍ ବସ୍‌ସେବା ଏହାକୁ ଟେକ୍‌ଓଭର୍ କରିପାରେ। ପୁଣି ୪୦ରୁ ଉର୍ଦ୍ଧ୍ୱ ଇ-ବସ ସମ୍ବଲପୁରକୁ ଖୁବ୍ ଶୀଘ୍ର ଆସିବ। ଆଗାମୀ ଦିନରେ ଏହି ରୁଟ୍‌ରେ ପୁଣି ବସ୍ ଚାଲିବାକୁ ଯୋଜନା ରହିଥିବା ଶ୍ରୀ ଡୁଟୁ ସୂଚନା ଦେଇଛନ୍ତି।

# ସୌମ୍ୟାଶ୍ରୀଙ୍କ ପାଇଁ ମାନେଶ୍ୱର ବ୍ଲକ କଂଗ୍ରେସ କମିଟିର ଦୀପ ପ୍ରଜ୍ୱଳନ



**ସମ୍ବଲପୁର, ୨୪।୭(ସମିସ):** ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ତଥା ନାରୀ ନ୍ୟାୟ ପାଇଁ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ମାନେଶ୍ୱର ବ୍ଲକ କଂଗ୍ରେସ କମିଟି ତରଫରୁ ମାନ୍ଧାତା ମନ୍ଦିର ଠାରେ ନିରବ ପ୍ରାର୍ଥନା ତଥା ଦୀପ ପ୍ରଜ୍ୱଳନ ହୋଇଥିଲା। ସଭାରେ ପ୍ରଦେଶ କଂଗ୍ରେସ ସମ୍ପାଦକ ତଥା ରେଙ୍ଗାଲି ବିଧାୟକ ପ୍ରାର୍ଥୀ ଇଂ ଦିଲିପ କୁମାର ଦୁରିଆ, ବରିଷ୍ଠ ନେତା ନକୁଳ ବେହେରା, କିଶୋର ବାଗ, ସଞ୍ଜୟ ଛୁରିଆ, ତାପସ କୁମାର, କୈଳାଶ ମିର୍ଦ୍ଧା, ସୁଶାନ୍ତ ବେହେରା, ଭିକାରି ରାଉତ, ଆଶିଷ ଚୌଧୁରୀ, ଜପି ଛୁରିଆ, ଅନିଲ ବେହେରା ରାଜା ଜୟପୁରିଆ ମୋହନ ବେହେରା, ଦୀନେଶ ସାନବଡ଼ ତଥା ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ମାନେଶ୍ୱର ମାନ୍ଧାତା ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଏବଂ ବରିଷ୍ଠ ନେତାଙ୍କ ତରଫରୁ ନୀରବ ପ୍ରାର୍ଥନା କରଯାଇଥିଲା।

# ରାସ୍ତାରୁ ଅସହାୟ ମହିଳା ଉଦ୍ଧାର

**ବରଗଡ଼, ୨୪। ୭(ସମିସ):** ଗତକାଲି ଜଣେ ମାନସିକ ବିକୃତ ମହିଳା ରାତି ତମାମ ବର୍ଷା ପାଣିରେ ଭିଜି ବରଗଡ଼ ଭଟଲି ରାସ୍ତା କଡ଼ରେ ପଡ଼ିରହିଥିବା ବେଳେ ତାଙ୍କର ଥଇଥାନ ପାଇଁ ଜଣେ ସାମାଜିକ କର୍ମୀ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନଙ୍କୁ ଯୋଗାଯୋଗ କରିଥିଲେ। ହେଲେ ଅଧିକାରୀ ଜଣକ ନିଜେ କୌଣସି ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ମାତୃଛାୟାରେ ନେଇ ରଖିଦିଅ କହି ନିଜ କର୍ତ୍ତବ୍ୟରୁ ଓହରି ଯାଇଥିଲେ। ସାମାଜିକ କର୍ମୀ ଜଣକ ପୂର୍ବରୁ ମାତୃଛାୟା, ୱାନଷ୍ଟପ୍ ସେଣ୍ଟର ସହିତ ଯୋଗାଯୋଗ କରିଥିଲେ ହେଲେ ମାନସିକ ବିକୃତ ମହିଳାଙ୍କୁ ରଖିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଠାରୁ ସେ ଉତ୍ତର ପାଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ହୁସେନ ସାମାଜିକ କର୍ମୀଙ୍କୁ ଆପଣ କେମିତି ଜାଣିଲେ ସେ ପାଗଳୀ ବୋଲି। ଆପଣଙ୍କ ପାଖରେ କିଛି ସାର୍ଟିଫିକେଟ ଅଛିକି ବୋଲି ପାଲଟା ପ୍ରଶ୍ନ କରି ନିଜ କର୍ତ୍ତବ୍ୟରୁ ଓହରି ଯାଇଥିଲେ। ରାତି ତମାମ ଏମିତି ବର୍ଷାରେ ଭିଜି ଭିଜି ଉକ୍ତ ମାନସିକ ଅନଗ୍ରସ ମହିଳା ଜଣକ। ପରବର୍ତ୍ତି ସମୟ ରାତି ପ୍ରାୟ ଗୋଟାଏରେ ଘଟଣା ବିଷୟରେ ଖବର ପାଇବା ମାତ୍ରେ ସଂକଳ୍ପ ପରିବାର ଦୁଇଜଣ ସଦସ୍ୟ ଆକାଶ ପାଣ୍ଡେ ଓ ଶେଷଦେବ ପଧାନ ଘଟଣାସ୍ଥଳକୁ ପହଁଚି ୧୦୮ ଆମ୍ବୁଲାନ୍ସରେ ଉକ୍ତ ମହିଳାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ତାଙ୍କର ଓଦା ଲୁଗା ବାହାର କରି ନୂଆ ବସ୍ତ୍ର ପିନ୍ଧାଇ ପିନ୍ଧାଇ ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥଇଥାନ କରିଥିଲେ। ଅସହାୟ ମାନସିକ



ଅନଗ୍ରସ ମହିଳାଙ୍କ ପାଇଁ ସରକାରୀସ୍ତରରେ ବରଗଡ଼ ଜିଲ୍ଲାରେ କୌଣସି ସୁବ୍ୟବସ୍ଥା ନଥିବାରୁ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକଟ କରାଯାଇଛି। ଜିଲ୍ଲା ପ୍ରଶାସନ ଉକ୍ତ ଘଟଣାର ଗୁରୁତ୍ୱକୁ ବୁଝି ତୁରନ୍ତ ସ୍ଥାୟୀ ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରୁ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଯୁବକଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୨୪।୭(ସମିସ):** କ୍ଷେତରାଜପୁର ଥାନା ଅନ୍ତର୍ଗତ ଦୁର୍ଗାପାଲିରେ ଆଜି ଅପରାହ୍ଣରେ ଜଣେ ଯୁବକ ତାଙ୍କ ଘରେ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ପୁଲିସକୁ ଜଣାଇବା ପରେ ତାଙ୍କୁ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଯୁବକ ଜଣକ ପ୍ରଦୀପ ଭୋଇ ବୋଲି ପୁଲିସ କହିଛି। ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଉତ୍ସର୍ଗରେ ଶୋକସଭା

**ସମ୍ବଲପୁର, ୨୪।୭(ସମିସ):** ସ୍ୱେଚ୍ଛାସେବୀ ସଙ୍ଗଠନ 'ଉତ୍ସର୍ଗ' କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ସୁନୀଲ ମହାପାତ୍ର ଓ ଭୀମରାଜ ଅଗ୍ରୱାଲଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ଲାଗି ନିରବ ପ୍ରାର୍ଥନା କରାଯାଇଥିଲା। ଉଭୟେ ମାନବିକତାର ନିଦର୍ଶନ ବୋଲି ସଭ୍ୟବୃନ୍ଦ ସ୍ମୃତିଚାରଣ କରିଥିଲେ। ପ୍ରଶାନ୍ତ ପାଟଯୋଶୀ, ପ୍ରଫୁଲ୍ଲ ହୋତା, ସୁଧୀର ପୂଜାରୀ, ହରିଶଙ୍କର ମେହେର, ଶିବ ନାରାୟଣ ପାଣିଗ୍ରାହୀ, କୁନା ଦାନୀ, ସୁରେଶ ପଟ୍ଟନାୟକ, ସନତ ବେହେରା, ରାଜେନ୍ଦ୍ର ମିଶ୍ର ପ୍ରମୁଖ ସ୍ୱର୍ଗତ ମହାପାତ୍ର ଓ ସ୍ୱର୍ଗତ ଅଗ୍ରୱାଲଙ୍କ ବିଭିନ୍ନ ସେବାମୂଳକ କାର୍ଯ୍ୟ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଗାମୀ ଦିନରେ ଉଭୟଙ୍କ ସ୍ମୃତିରେ କାର୍ଯ୍ୟକ୍ରମ କରାଯିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା।

# ତରାକନା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶ୍ରେଣୀ ଗୃହ ଉଦ୍‌ଘାଟିତ

**ଭଟଲି, ୨୪।୭(ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ତରାକାନା ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଡ.ମନୋଜ ସାହୁଙ୍କ ଅଧକ୍ଷତାରେଅନୁଷ୍ଠିତ ଉତ୍ସବରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ମଣ୍ଡଳ ସଭାପତି ଗୋପାଳ ନାଏକ, ସମାଜସେବୀ ସରୋଜ ଖମାରୀ ଓ ବିଦ୍ୟାଳୟ ପରିଚାଳନା ସଭାପତି ପ୍ରଫୁଲ୍ଲ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ବୈରାଗୀ ସାହୁ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଙ୍କ ଦ୍ୱାରା ଦୁଲଦୁଲି ପରିବେଷିତ ହୋଇଥିଲା ଯାହା ବେଶ ଚିତ୍ତାକର୍ଷକ ହୋଇଥିଲା। ପରେ ବିଧାୟକଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା। ପରେ ବ୍ଲକ ଟପ୍ପର ସୌରଭ ସାହୁଙ୍କୁ ମାନପତ୍ର ଓ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ବିଧାୟକ ଶ୍ରୀ ଆଚାର୍ଯ୍ୟ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।



## ବିଜେପି ଘେଁସ ମଣ୍ଡଳସ୍ତରୀୟ ବୈଠକ

**ମେଲଛାମୁଣ୍ଡା, ୨୪।୭(ସମିସ):** ଭଟଲି ନିର୍ବାଚନମଣ୍ଡଳୀ ବିଜେପି ଘେଁସ ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଘେଁସ ମଣ୍ଡଳ ସଭାପତି ଲୋକେଶ୍ୱର ସିଂବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟଅତିଥି, ବିଜେପିର ବରଗଡ଼ ଜିଲ୍ଲା ସଭାପତି ଅରୂପାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।ରାଜ୍ୟରେ ବିଜେପି ଶାସନର ଏକବର୍ଷ ପୂର୍ତ୍ତି ଅବସରରେ ଭଟଲି ନିର୍ବାଚନ ମଣ୍ଡଳୀରେ କିଭଳି ସେବା, ସୁଶାସନ ଓ ଜନକଲ୍ୟାଣ ଭଳି ବିକାଶ ପଥେ କାର୍ଯ୍ୟଚାଲିଛି ଅବଗତ କରାଇଥିଲେ। ଆଗାମୀଦିନରେ ଚାଷ ଓ ଚାଷୀମାନଙ୍କୁ ସୁହାଇବା ଭଳି ଅନେକ ଯୋଜନା ସରକାର ଯୋଜନା କରୁଥିବାର ବିଧାୟକ ଶ୍ରୀ ଆଚାର୍ଯ୍ୟ ପ୍ରକାଶ କରିଥିଲେ। ପରେ ଜନସାଧାରଣଙ୍କ ବ୍ୟକ୍ତିଗତ ଓ ସାମୁହିକ ସମସ୍ୟାର ଅଭିଯୋଗ ଶୁଣାଣୀ କରି ତାହାର ସମାଧାନ ନିମିତ୍ତ ପ୍ରତିଶ୍ରୁତି ରଖିଥିଲେ।

# ମହିଳାଙ୍କ ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର ଅନୁଦାନ ମିଳୁ

**ପଦ୍ମପୁର, ୨୪।୭(ସମିସ):** ମହିଳାଙ୍କ ଦକ୍ଷତା ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁଦାନ ମିଳୁ ବୋଲି କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଦାବି



କରିଛନ୍ତି। ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ମହିଳାଙ୍କ ଦକ୍ଷତା ବିକାଶ ଏବଂ ସାମଗ୍ରିକ ସଶକ୍ତିକରଣ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପର ମଞ୍ଜୁରୀ ପାଇଁ ଦାବି କରିଛନ୍ତି ସାଂସଦ। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କୁ ଭେଟି ଆଲୋଚନା କରିଛନ୍ତି। ବରଗଡ଼ ସଂସଦୀୟ କ୍ଷେତ୍ରରେ ଥିବା ମହିଳାଙ୍କ ପାଇଁ ଦକ୍ଷତାର ବିକାଶ ତଥା ମହିଳାଙ୍କ ସଶକ୍ତିକରଣ ଦିଗରେ ଦାବି ଉପସ୍ଥାପନା କରିଛନ୍ତ। କୃଷି, ପଶୁ ସମ୍ପଦ, ଦୁଗ୍ଧ ଉତ୍ପାଦନ, ମତ୍ସ୍ୟଚାଷ, ବୟନ, ହସ୍ତତନ୍ତ, ଖଦି ଓ ଗାଁ।ଞ୍ଚଳ କାରଖାନା ତଥା ପାରମ୍ପରିକ କ୍ଷେତ୍ରରେ ଦକ୍ଷତା ମୂଳକ ତାଲିମ ମହିଳାଙ୍କୁ ଦିଆଯାଉ ବୋଲି କହିଛନ୍ତି। ମହିଳାଙ୍କୁ ଉଦ୍ୟୋଗ ଓ ଆତ୍ମନିର୍ଭରଶୀଳ ତାଲିମ ଦେବାକୁ ସେ ଗୁରୁତ୍ୱ ଦେଇଛନ୍ତି। ମହିଳାଙ୍କ ସୁରକ୍ଷା, ଆଇନଗତ ଅଧିକାର, ସଂସ୍ଥାଗତ ସହାୟତା ବ୍ୟବସ୍ଥା ସମ୍ପର୍କରେ ମହିଳାଙ୍କୁ ସଚେତନତା କଲା ଭଳି କାର୍ଯ୍ୟକ୍ରମ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। କେନ୍ଦ୍ର ସରକାରଙ୍କ ମିଶନ ଶକ୍ତି ଓ ଅନ୍ୟ ଯୋଜନାରେ ଅଞ୍ଚଳର ମହିଳାଙ୍କୁ ସାମିଲ କରାଯାଉ।ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ପ୍ରାୟ ୭ ଲକ୍ଷ ୩୦ ହଜାର ମହିଳା ଅଛନ୍ତି। ଏଠାକାର ମୋଟ ଜନସଂଖ୍ୟାର ୪୯.୨% ହେଉଛନ୍ତି ମହିଳା। ଏମାନେ କୃଷି, ପଶୁପାଳନ, ମାଇନିଂ ଓ କଳ କଳାରଖାନା ଉପରେ ନିର୍ଭର କରନ୍ତି। ବଡ ବଡ କାରଖାନା ଥାଇ ମଧ୍ୟ ମହିଳାମାନେ ସ୍ଥାନୀୟ ଭାବେ ଦକ୍ଷ ମାନବସମ୍ବଳ ଗୁରୁତର ଅଭାବର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ପଡୋଶୀରାଜ୍ୟରୁ ମାନବସମ୍ବଳ ଆଣି କାମରେ ନିୟୋଜିତ କରାଯାଉଛି। ମହିଳାମାନଙ୍କ ଦକ୍ଷତା ବିକାଶ ଏବଂ ସାମଗ୍ରିକ ସଶକ୍ତିକରଣ ପାଇଁ ଏକ ଲକ୍ଷ୍ୟ ଭିତ୍ତିକ ପଦକ୍ଷେପ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ମନ୍ତ୍ରଣାଳୟର ମିଶନ ଶକ୍ତି ଯୋଜନା ଏବଂ କାର୍ଯ୍ୟକ୍ରମ ଅଧିନରେ ସ୍ୱତନ୍ତ୍ର ପ୍ରକଳ୍ପ ଅନୁଦାନ ମଞ୍ଜୁର କରିବାକୁ କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ନିକଟରେ ଦାବି କରିଛନ୍ତି।

# ଯୌନ ନିର୍ଯାତନା ନିରୋଧ କର୍ମଶାଳା

**ପଦ୍ମପୁର, ୨୪।୭(ସମିସ):** ପଦ୍ମପୁର ମହିଳା ଜୁନିୟର କଲେଜ ପରିସର ମଧ୍ୟରେ ଯୌନ ନିର୍ଯାତନା ନିରୋଧ ନିୟମ୨୦୧୩ ସମ୍ବନ୍ଧିତ କର୍ମଶାଳା ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟାଳୟ, ଶିକ୍ଷା ଅନୁଷ୍ଠାନରେ ନାରୀ ଯୌନ ନିର୍ଯାତନାର ଶିକାର ନ ହୋଇ ସୁରକ୍ଷିତ ରହିବେ ଆଲୋଚନା ହୋଇଥିଲା। ଅଭ୍ୟନ୍ତରୀଣ ଅଭିଯୋଗ ପରିଷଦ ଗଠନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। କର୍ମଶାଳାରେ ବ୍ଲକଉନ୍ନୟନ ଅଧିକାରୀ ମନୋଜ ଦେବତା, ପଦ୍ମପୁର ଥାନା ଅଧିକାରୀ ମମତା ନାଏକ, ଅତିରିକ୍ତ ତହସିଲଦାର ମାମି ମହାନନ୍ଦ, ଡବ୍ଲୁଇଓ ଦୀପକ ବାରିକ, ସିଡିପିଓ ଗୋଲି ରାଉତ, ଅଧକ୍ଷା ପଦ୍ମିନୀ ଦାସ, ସାଧନକର୍ମୀରାଜେଶ ଖମାରୀ, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ଏବିଇଓ ଜୟ ସାହୁ, ରାମସିଂ ଭୋଇ, ସମସ୍ତ ବିଦ୍ୟାଳୟ ଓ କଲେଜର ପ୍ରଧାନଶିକ୍ଷକ ଓ ଅଧକ୍ଷ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।



ସିଆରସିସି ସୁରେଶ ଚୌହାନ କର୍ମଶାଳାରେ ବିଶେଷ ସହାୟତା କରିଥିଲେ। ଶେଷରେ ଅଧ୍ୟାପିକା ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗଡ଼ ଟ୍ରଷ୍ଟଫଣ୍ଡ ଡିଗ୍ରୀ ମହାବିଦ୍ୟାଳୟରେ ନାରୀ ସୁରକ୍ଷା କର୍ମଶାଳା

**ବରଗଡ଼, ୨୪।୭(ସମିସ):** ବରଗଡ଼ ଟ୍ରଷ୍ଟଫଣ୍ଡ ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷ ସରୋଜ ଦେବତାଙ୍କ ଅଧକ୍ଷତାରେ ନାରୀ ସୁରକ୍ଷା କର୍ମଶାଳା ଉପରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଅଛି। ସଭାରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଜାରି କରାଯାଇଥିବା ଦେୟମୁକ୍ତ ନମ୍ବର ୧୮୧ର ଗୁରୁତ୍ୱ ଉପରେ ଆଲୋଚନା ହେବା ସହିତ ଛାତ୍ରୀ ତଥା ଅଧ୍ୟାପିକାମାନଙ୍କ କର୍ମକ୍ଷେତ୍ରରେ ସମସ୍ତ ପ୍ରକାର ସୁରକ୍ଷା ନିଶ୍ଚିତ କରିବା ଲାଗି କର୍ମଶାଳା ହୋଇଥିଲା। ଅଧକ୍ଷ ତଥା ଅଧ୍ୟାପିକା ନମିତା ବିଶି, ମାଳବିକା ମିଶ୍ର ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ସୁଷମା ପଣ୍ଡା, ସଙ୍ଗୀତା ଦାସ, ଦିପିନ୍ତୀ ପ୍ରଧାନ, ମାମି ସାହୁ, ଅପୂର୍ଣ୍ଣ ସାହୁ, ପ୍ରଜ୍ଞାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍ କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ଶୋକସଭା



**ଜମନକିରା, ୨୪।୭(ସମିସ):** ଜମନକିରା ବ୍ଲକ କଂଗ୍ରେସ ପକ୍ଷରୁ ଜମନକିରା ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟରେ ସୌମ୍ୟାଶ୍ରୀଙ୍କ ଆତ୍ମାଶାନ୍ତି ଉଦ୍ଦ୍ୟେଶ୍ୟରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ବ୍ଲକ କଂଗ୍ରେସ ପକ୍ଷରୁ ଜିଲ୍ଲା ସାଧାରଣ ସମ୍ପାଦକ କିଶୋର ନାଏକ ଏବଂ ଅଶୋକ କୁମାର ଦାନୀ ଜମନକିରା ଯୁକ୍ତ ୩ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ସମେତ, ଯୁକ୍ତ ୩ ଅଧକ୍ଷ ଅରୁଣ କୁମାର ପଟେଲ, ମନମୋହନ ଜୟବିକାଶ ବାଘ, ସିଦ୍ଧାନ୍ତ ସାହୁ, ସୁରଥା ସାହି ପ୍ରମୁଖ ଉପସ୍ଥିତ ଥିଲେ। ଦିବଂଗତଙ୍କ ଆତ୍ମାର ଶାନ୍ତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଭବିଷ୍ୟତରେ ଏଭଳି ଘଟଣା କାହାରି ସହିତ ନ ଘଟୁ ସେଥିପ୍ରତି ଛାତ୍ର ଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ସେହିପରି କଲେଜ ଅଧକ୍ଷ ଅରୁଣ ପଟେଲ କଲେଜରେ ଏଭଳି କୌଣସି ଘଟଣା ନଜରକୁ ଆସିଲେ ତୁରନ୍ତ ଅଧ୍ୟାପକ ସମେତ କମିଟିଙ୍କୁ ଜଣାଇବା ସହିତ ନିଜ ପରିବାର ବର୍ଗଙ୍କୁ ମଧ ଜଣାଇବାକୁ ପରାମର୍ଶ ଦେଇଥିଲେ।

# ମୂଲ୍ୟ ପରିସଂଖ୍ୟାନ ସଂଗ୍ରହ ପାଇଁ ଗଣନାକାରୀଙ୍କ ତାଲିମ

**ସମ୍ବଲପୁର, ୨୪।୭ (ସମିସ)**

ସମ୍ବଲପୁର ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟଠାରେ କୃଷିଜାତୀୟ ଏବଂ ପଶୁଜାତୀୟ ଦ୍ରବ୍ୟର ସିଏପିଆଇ ମାଧ୍ୟମରେ ପରିସଂଖ୍ୟାନ ସଂଗ୍ରହ ନିମିତ୍ତ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ମାନଙ୍କ ଏକ ଦୁଇଦିନିଆ ରେଞ୍ଜସ୍ତରୀୟ ତାଲିମ କାର୍ଯ୍ୟକ୍ରମ ୨୪ ଓ ୨୫ ତାରିଖ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ବଲାଙ୍ଗୀର, ବରଗଡ଼, ବୌଦ୍ଧ, ଢେଙ୍କାନାଳ, ଦେବଗଡ଼ ଏବଂ ସମ୍ବଲପୁର ଜିଲ୍ଲାର ୩୦ ଜଣ ଗଣନାକାରୀ ଏବଂ ୭ ଜଣ ପର୍ଯ୍ୟବେକ୍ଷକ ଯୋଗ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ରାଜ୍ୟ ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟଅନ୍ତର୍ଗତ ଉତ୍ତରାଞ୍ଚଳ ଯୁଗ୍ମ ନିର୍ଦ୍ଦେଶକ (ପରିସଂଖ୍ୟାନ) ଦ୍ୱାରା ଆୟୋଜିତ ହୋଇଥିଲା। ରାଜ୍ୟରେ କୃଷି ସାମଗ୍ରୀ, ପଶୁପାଳନ ଏବଂ ପଶୁ ଉପ-ଜାତ ଦ୍ରବ୍ୟର ମୂଲ୍ୟ ଜିଲ୍ଲା ପରିସଂଖ୍ୟାନ କାର୍ଯ୍ୟାଳୟ ସଂଗ୍ରହ କରିଥାଏ। ଏହି ଯୋଜନା ଅଧୀନରେ, କୃଷି ଅମଳ ମୂଲ୍ୟ, ଉତ୍ପାଦକ ମୂଲ୍ୟ ଏବଂ ପାଇକାରୀ ମୂଲ୍ୟ ସଂଗ୍ରହ କରାଯାଏ। ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟର ୩୦ ଗୋରୁ ବଜାର ଏବଂ ରାଜ୍ୟର ୫୮ ସବ୍‌ଡିଭିଜନସ୍ଥିତ ୧୧୭ଟି ଗ୍ରାମୀଣ ବଜାରରୁ ଏହି ମୂଲ୍ୟ ତଥ୍ୟ ସଂଗ୍ରହ କରାଯାଏ। ପୂର୍ବରୁ ମୂଲ୍ୟ ତଥ୍ୟ କଲମ ଏବଂ କାଗଜ ମାଧ୍ୟମରେ ସଂଗ୍ରହ କରାଯାଉଥିଲାବେଳେ

**୬ ଜିଲ୍ଲାର ଗଣନାକାରୀ ସାମିଲ**




ଏବେ ରାଜ୍ୟ ସରକାର ଏହା ମୋବାଇଲ୍ ଆପ୍ ବ୍ୟବହାର କରି ଡିଜିଟାଲ ମୋଡ୍ ମାଧ୍ୟମରେ ସମସ୍ତ କ୍ଷେତ୍ର ତଥ୍ୟ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ବିଶ୍ୱ ବ୍ୟାଙ୍କ ସହାୟତାରେ ରାଜ୍ୟ କ୍ଷମତା ଏବଂ ସ୍ଥିର ଅଭିବୃଦ୍ଧି ନୀତି କାର୍ଯ୍ୟକ୍ରମ (ଓଏସ୍‌ସିଆର୍‌ଜିପି) ଅଧୀନରେ, ରାଜ୍ୟସାରା ସମସ୍ତ ଯୋଜନା ଅଧୀନରେ ତଥ୍ୟ ସଂଗ୍ରହକୁ ଡିଜିଟାଲ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଦ୍ରାସ୍ଫିତି ଧାରାକୁ ଆକଳନ କରିବା, ଲୋକଙ୍କ ଜୀବନଯାପନ ମୂଲ୍ୟରେ ପରିବର୍ତ୍ତନ ଏବଂ ସାମଗ୍ରିକ ଆର୍ଥିକ ସ୍ୱାସ୍ଥ୍ୟ ପାଇଁ ମୂଲ୍ୟ ତଥ୍ୟ ଆବଶ୍ୟକ। ଏହା ଦେଶରେ ନୀତି, ବ୍ୟବସାୟିକ ନିଷ୍ପତ୍ତି ଏବଂ ପରିବାରର ବଜେଟ୍ ପାଇଁ ସରକାରଙ୍କୁ ସାହାଯ୍ୟ କରେ। ମୂଲ୍ୟ ପରିସଂଖ୍ୟାନ ସିଏପିଆଇ ଉପକରଣ ଦ୍ୱାରା ଏକ ମୋବାଇଲ୍ ଆପ୍ ମାଧ୍ୟମରେ ପରିଚାଳନା କରାଯିବ, ଯାହାଦ୍ୱାରା ତଥ୍ୟକୁ ସ୍ୱଚ୍ଛ ଏବଂ ସମୟୋଚିତ ଭାବରେ ସଂଗ୍ରହ କରାଯାଇପାରିବ। ସମ୍ବଲପୁରର ଉତ୍ତର ରେଞ୍ଜର ଅତିରିକ୍ତ ନିର୍ଦ୍ଦେଶକ ସଞ୍ଜୟ ନନ୍ଦଙ୍କ ଅଧ୍ୟକ୍ଷତାରେ ତାଲିମ ଦିଆଯାଇଥିଲା ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ସାଧନକର୍ମ ଭାବେ ଉପନିର୍ଦ୍ଦେଶକ ଗୋପୀନାଥ ମହାପାତ୍ର, ସହକାରୀ ନିର୍ଦ୍ଦେଶକ ଡଃ ଅଶ୍ୱିନ ମଲ୍ଲିକ, ପରିସଂଖ୍ୟାନ ଅଧିକାରୀ ରାମଚନ୍ଦ୍ର ମିଶ୍ର ଏବଂ ରଶ୍ମି ରଞ୍ଜନ ସାହୁ, ବିଶ୍ୱ ବ୍ୟାଙ୍କ ପିଏମ୍‌ସି ଅଧିକାରୀ ଶିବାଶିଷ ନମଦେବ ଏବଂ ସୁମିତ ଦାସ, ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ତାଲିମ କାର୍ଯ୍ୟକ୍ରମକୁ ଉପନିର୍ଦ୍ଦେଶକ ପ୍ରକାଶ ଦେଓ ଏବଂ ସହକାରୀ ନିର୍ଦ୍ଦେଶକ ଇତିଶ୍ରୀ ପ୍ରିୟଦର୍ଶିନୀ ପରିଚାଳନା କରିଥିଲେ। ଏହି ତାଲିମ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକମାନଙ୍କୁ ସମୟ ମଧ୍ୟରେ ସଠିକ୍ ତଥ୍ୟ ସଂଗ୍ରହ କରିବାରେ ସାହାଯ୍ୟ କରିବ ବୋଲି ଆଶାପ୍ରକାଶ କରାଯାଇଛି।

# ସମ୍ବଲପୁରୀ ନୃତ୍ୟଗୁରୁ ଆଲୋକ ପଣ୍ଡା ସମ୍ବର୍ଦ୍ଧିତ

**ସମ୍ବଲପୁର, ୨୪।୭(ସମିସ):** ଓଡ଼ିଆ କଳାକାରଙ୍କ ସ୍ୱର (ଓକେଏସ୍) ପକ୍ଷରୁ ଭୁବନେଶ୍ୱର ଭଞ୍ଜ କଳାଭବନ ଠାରେ ରାଜ୍ୟସ୍ତରୀୟ କଳାକାର ଦିବସ ଆୟୋଜିତ ହୋଇଯାଇଛି। ଏଥିରେ କଳାର ବିଭିନ୍ନ ଦିଗ ଚଳଚ୍ଚିତ୍ର, ନାଟକ, ନୃତ୍ୟ, ଗୀତ, ସଙ୍ଗୀତ ଆଦି ସବୁ କ୍ଷେତ୍ରରେ ପ୍ରତିଷ୍ଠିତ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସମ୍ବଲପୁରୀ ନୃତ୍ୟଗୁରୁ ଆଲୋକ ପଣ୍ଡାଙ୍କୁ 'ଗନ୍ଧର୍ବ କଳା ସମ୍ମାନ'ରେ ସମ୍ମାନିତ କରାଯାଇଛି। ଶ୍ରୀ ପଣ୍ଡା ଗତ ୪୦ରୁ ଉର୍ଦ୍ଧ୍ୱ ବର୍ଷ ଧରି ସମ୍ବଲପୁରୀ ନୃତ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ଏବଂ ୧୨ ବର୍ଷ ଧରି ନିଃଶୁଳ୍କ ବାଳକ ବାଳିକା ମାନଙ୍କୁ ସମ୍ବଲପୁରୀ ନୃତ୍ୟ ପ୍ରଶିକ୍ଷଣ ଦେଉଛନ୍ତି। ତାଙ୍କ ନୃତ୍ୟ ନିର୍ଦ୍ଦେଶନାରେ ବିଭିନ୍ନ ରାଜ୍ୟ ତଥା ୧୦ରୁ ଅଧିକ ଦେଶରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଏହାର ପ୍ରଚାର ପ୍ରସାର ସହ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି।



# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ରେଢ଼ାଖୋଲ, ୨୪।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ଦିନ ନବାଗତ ଛାତ୍ରୀ, ଅଭିଭାବକ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ନେଇ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ତଥା ବରିଷ୍ଠ ଅଧ୍ୟାପିକା ସୁନୀତା ମିଶ୍ର ନବାଗତ ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ପର୍ଯ୍ୟାୟକ୍ରମେ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥିରେ ସଂସ୍କୃତ ବିଭାଗ ଅଧ୍ୟାପକ ପ୍ରହଲ୍ଲାଦ ଦେହୁରୀ ଛାତ୍ର ଜୀବନୀ ଶୃଙ୍ଖଳା, ଆଦର୍ଶ ଏବଂ ଅନୁଶାସନ ସମ୍ପର୍କରେ ଆଲୋକପାତ କରିଥିଲେ। ଖେଳ ଶିକ୍ଷୟତ୍ରୀ ବାସନ୍ତୀ ଭୋଇ କଲେଜ ଏବଂ ହଷ୍ଟେଲର ଶୃଙ୍ଖଳିତ ବିଷୟରେ ଅବଗତ କରିଥିଲେ। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷା ଶ୍ରୀମତୀ ମିଶ୍ର କଲେଜର ସଫଳତା ବିଷୟରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା କଳ୍ପନା ସାହୁ ଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ କାମନା କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୀବନ ଖୋଜୁଛି ଜଳ ଜୀବନ ମିଶନ

# ୧୨ ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତ

**ବଲାଙ୍ଗିର, ୨୪।୭ (ସମିସ)**

ବଲାଙ୍ଗିର ଜିଲ୍ଲାରେ ଜୀବନ ଖୋଜୁଛି ଜଳ ଜୀବନ ମିଶନ ଯୋଜନା। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ର ସରକାର 'ଜଳ ଜୀବନ ମିଶନ' ନାମରେ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ୨୦୧୯ ମସିହାରେ ଆରମ୍ଭ ହୋଇଥିବା ବେଳେ ୫ ବର୍ଷ ଭିତରେ ପ୍ରକଳ୍ପ କାମ ସାରିବାକୁ ଲକ୍ଷ ରଖାଯାଇଥିଲା। କିନ୍ତୁ ତାହା ଏଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ।ଅନେକ ପ୍ରକଳ୍ପ ୫ ବର୍ଷ ଭିତରେ ପ୍ରାଥମିକ ପର୍ଯ୍ୟାୟ ରେ ରହିଛି। ଏହି ପ୍ରକଳ୍ପ ପଞ୍ଚାୟତିରାଜ ପ୍ରକଳ୍ପଗୁଡ଼ିକୁ କରାଯାଉଥିଲେ ହେଁ ସରକାରୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ କାମଗୁଡ଼ିକ ଠିକ ସମୟରେ ଆରମ୍ଭ ହୋଇପାରିନଥିଲା।ସରକାର ଏହି ଯୋଜନା ବନ୍ଦ କରିଦେଇ ଶେଷରେ ସମୟ ଅବଧି ଚାଲିଯିବାରୁ କେନ୍ଦ୍ର ଅନୁଦାନ ବନ୍ଦ କରିଦେଇଥିବା ଜଣାପଡ଼ିଛି।ରାଜ୍ୟରେ ୨୦୨୪ ମସିହାରେ ଡବଲ ଇଞ୍ଜିନ ସରକାର ଆସିଲା ପରେ ପ୍ରକଳ୍ପଗୁଡ଼ିକର କାମ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ବଲାଙ୍ଗିର ଜିଲ୍ଲାରେ ମାତ୍ର ୨ଟି ପ୍ରକଳ୍ପ କାମ ୮୦ଧ ସରିଥିବା ବେଳେ ବାକିସବୁ କାମ ମାତ୍ର ୧୦%ରୁ ୧୫% ସରିଛି। ବଲାଙ୍ଗିର ଜିଲ୍ଲାର ୧୪ଟି ପ୍ରକଳ୍ପରୁ ମାତ୍ର ୨ଟି ପ୍ରକଳ୍ପର ସ୍ଥିତି ଠିକରେ ଅଗ୍ରଗତି ହୋଇଥିବାବେଳେ ବାକି ୧୨ଟି ମେଗା ପ୍ରକଳ୍ପର କାମ ଆରମ୍ଭ ହୋଇଛି। ଫଳରେ ଜିଲ୍ଲାକୁ ଆଉ ଯେଉଁ ୧ ହଜାର କୋଟି ଟଙ୍କା ଆସିବାର ଥିଲା ତାହା ଆଉ ଆସିବ ନାହିଁ ବୋଲି ଜଣାପଡ଼ିଛି। ଫଳରେ ଜିଲ୍ଲାରେ ଜଳ ଜୀବନ ମିଶନ ଜୀବନ ଖୋଜୁ ଥିବା ଆଲୋଚନା ହେଉଛି। ରାଜ୍ୟରେ ମୋହନ ସରକାର ଆସିଲା ପରେ ଖୋଦ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ବଲାଙ୍ଗିର ଜିଲ୍ଲାର ନୋଡାଲ ମନ୍ତ୍ରୀ ହୋଇଥିଲେ ହେଁ ମେଗାୱାଟର ସପ୍ଲାଇ ଯୋଜନା ଫେଲ ମାରିବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗତ ଜୁଲାଇ ୧୪ ତାରିଖରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧ୍ୟକ୍ଷତାରେ ହୋଇଥିବା ଜିଲ୍ଲା ଉନ୍ନୟନ ଓ ସମନ୍ୱୟ କମିଟି (ଦିଶା) ବୈଠକରେ ଏନେଇ ସଭ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ମିଳିଥିବା ସୂଚନା ଅନୁସାରେ ସରକାର ବଲାଙ୍ଗିର ଜିଲ୍ଲାର ୧୪ଟି ବ୍ଲକ ଅଞ୍ଚଳର ୧୩୭ଟି ପଞ୍ଚାୟତର ୬୯୭ଟି ଗ୍ରାମର ୯ ଲକ୍ଷ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ଯୋଜନା କରିଥିଲେ। ସେଥିପାଇଁ ବିଭିନ୍ନ ନଦୀ ସ୍ରୋତରୁ ୧୪ଟି ମେଗା ପ୍ରକଳ୍ପ ଜରିଆରେ ପାନୀୟ ଜଳ ଯୋଗାଇବାକୁ ଅନୁମୋଦନ ଦିଆଯାଇଥିଲା। ବଲାଙ୍ଗିର ଜିଲ୍ଲାର ୧୪ଟି ପ୍ରକଳ୍ପ ପାଇଁ ୧୫୬୬ କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। ନବୀନ ସରକାର ଅମଳରେ ୧୪ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇ ଗ୍ଲୋବାଲ ଟେଣ୍ଡର କରାଯାଇଥିଲା। ସେଥିରୁ ମେଘାଇଞ୍ଜିନୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକଚର ଲି.କୁ ୯ଟି, ଏମ/ଏସ କୋୟା ଆଣ୍ଡ କମ୍ପାନୀ କନଷ୍ଟ୍ରକସନ ଲିମିଟେଡକୁ ୨ଟି ଓ ଏନସିସି ଲିମିଟେଡକୁ ୩ଟି ଟେଣ୍ଡର ମିଳିଥିଲା। ସେତେବେଳେ ପ୍ରକଳ୍ପଗୁଡ଼ିକର ଫିଜିବିଲିଟି, ପ୍ରକଳ୍ପ ପାଇଁ ଜମି ବ୍ୟବସ୍ଥା କରାଯାଇଥିଲା। ଏହା ସତ୍ତ୍ୱେ ଗତ ପ୍ରାୟ ୫ ବର୍ଷ ଭିତରେ ଏପର୍ଯ୍ୟନ୍ତ ମାତ୍ର ୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ସାରିଥିବାବେଳେ ଆଉ ୧ ହଜାର କୋଟି ଟଙ୍କା ବାକିଆ ରହିଥିବା ଜଣାପଡ଼ିଛି।୧୪ଟି ପ୍ରକଳ୍ପ ମଧ୍ୟରୁ ଟିଟିଲାଗଡ଼ ଉପଖଣ୍ଡର ଟିଟିଲାଗଡ଼ ଓ ସଇଁତଳା ପାଇଁ ତେଲ ନଦୀରେ ଚାଲିଥିବା ମେଗା ପ୍ରକଳ୍ପ କାମ କେବଳ ଅଗ୍ରଗତି କରିଛି। ବାକି ସବୁ ପ୍ରକଳ୍ପର କାମ ମାତ୍ର ୧୫ଧ ଭିତରେ ରହିଛି। ଏପଟେ କେନ୍ଦ୍ର ସରକାରଙ୍କ ସମୟ ଅବଧି ସରିଯାଇଥିବା କହି ଅନୁଦାନ ବନ୍ଦ କରିଦେଇସାରିଥିବା ଜଣାପଡ଼ିଛି।ଗତ ଜୁନ ୧୬ ତାରିଖରେ କେନ୍ଦ୍ର ସରକାରଙ୍କ ଜଳଶକ୍ତି ବିଭାଗ ରାଜ୍ୟମାନଙ୍କୁ ଚିଠିକରି ଏନେଇ ଜଣାଇଦେଇଛି। ତେଣୁ ଏହି ଅସମ୍ପୂର୍ଣ୍ଣ ପ୍ରକଳ୍ପ କାମ ଗୁଡ଼ିକର ଭବିଷ୍ୟତ କ'ଣ ହେବ ତାହା ବିଭାଗ ପାଇଁ ଚିନ୍ତାର କାରଣ ସାଜିଛି। ଏନେଇ ବଲାଙ୍ଗୀର ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ ଅଧକ୍ଷଣ ଯନ୍ତ୍ରୀ ଙ୍କ ରୋପ୍ୟରଞ୍ଜନ ବେହେରାଙ୍କୁ ପଚାରିବାରୁ ବିଭିନ୍ନ କାରଣରୁ ଆମ ଜିଲ୍ଲାର ପ୍ରକଳ୍ପଗୁଡ଼ିକ ଆରମ୍ଭ ହୋଇପାରିନଥିଲା। ମୋଟ ୨ଟି କାମ ପ୍ରାୟ ସରିଆସିଥିବାବେଳେ ବାକି ୧୨ ଟିର କାମ ମାତ୍ର ୧୫%ରେ ରହିଛି। କେନ୍ଦ୍ର ସରକାର ଅନୁଦାନ ବନ୍ଦ କରି ଦେବାକୁ ଚିଠି କରିଛନ୍ତି। ରାଜ୍ୟ ସରକାର ଯାହା ନିଷ୍ପତ୍ତି ନେବେ ସେହି ଅନୁଯାୀ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି।

**୧୪ବ୍ଲକ୍‌ର ୧୩୭ଟି ପଞ୍ଚାୟତକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଥିଲା ଲକ୍ଷ୍ୟ**

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର



**ଦେଓଗାଁ, ୨୪।୭ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ଉଭୟ ୧୨ ଓ ୧୩ ନଂ ଜୋନରେ ଗୁରୁବାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଶୁଶିଳ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ତଥା ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ କଳିକେଶ ନାରାୟଣ ସିଂ ଦେଓ ଯୋଗଦେଇ ପ୍ରଥମେ ଚାନ୍ଦିଲିପାହାଡ଼ରେ ଆୟୋଜିତ ଜଳବାୟୁ ପରିବର୍ତ୍ତନ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେବା ପରେ ପାଟଣାଗଡ଼ ବନାଞ୍ଚଳ ତରଫରୁ ଆୟୋଜିତ ୭୬ତମ ବନମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ପରେ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଥିବା ଲୁହାଖାନରୁ ଦେଷଣ୍ଡ ଭାୟା କୁବ୍ରିମହୁଲ ଗ୍ରାମ୍ୟଉନ୍ନୟନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ୧କୋଟି ୩୯ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଡାହିମାଳରୁ ସାଲେଦମକ ରାସ୍ତାର ଶିଳାନ୍ୟାସ କରିଥିଲେ।ଜରାସିଂହା ଯୁକ୍ତଦୁଇ କଲେଜରେ ପ୍ରାୟ ୧କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଅଡିଟୋରିୟମର ଶିଳାନ୍ୟାସ କରିଥିଲେ। ଏହି ଅବସରରେ କଲେଜର ଅଧକ୍ଷ ବସନ୍ତ କୁମାର ମନହୀରାଙ୍କ ଅଧକ୍ଷତା ତଥା ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଧାୟକ ଯୋଗଦେଇ ଶୃଙ୍ଖଳିତ ହୋଇ ପାଠପଢ଼ାପ୍ରତି ବ୍ରତୀହେବାପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବାସହ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପରେ ଅପରାହ୍ନରେ ଅର୍ଜୁନପୁର ଠାରେ ରାମମନ୍ଦିର ଉନ୍ନତିକରଣ କାର୍ଯ୍ୟ, ଗୌରଗୋଠ ପଞ୍ଚାୟତ ଅନ୍ତର୍ଗତ ଆମଦହନରେ ପ୍ରହରୀମଣ୍ଡପ ନିର୍ମାଣ, କୁଲୁଡାପଡ଼ାରେ ଖେଳପଡ଼ିଆ ଉନ୍ନତିକରଣ କାର୍ଯ୍ୟର ଶୁଭଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ଜିଲ୍ଲା ପରିଷଦ ସଭ୍ୟା ମମତା କୁମୁରା, ସୁମତି ସେଠ, ବ୍ଲକ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ଦେଷଣ୍ଡ ସରପଞ୍ଚ ଯଶୋଦା ମେହେର, ଲଣ୍ଡାପଥର ସରପଞ୍ଚ ଦେବାନ୍ତୀ କ୍ଷେତି, ଗାଇବାହାଲ ସରପଞ୍ଚ ତ୍ରିଲୋଚନ ନାଗ, ବରିଷ୍ଠ ନେତା ଉମାଶଙ୍କର ସିଂ, ବିଜୁଯୁବନେତା ଶୈଳେନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, କୌସ୍ତୁଭ ପଧାନ, ହିତେଷ ଦଲାଇ, ଛତିଶ କ୍ଷେତୀ, ଛାତ୍ରନେତା ଦିପକ ବେହେରା, ବୁଦ୍ଧଦେବ ପରୁଆ, ପ୍ରମୋଦ କୁମାର ବହିଦାର ତଥା କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବେଲପଡ଼ା ମହାବିଦ୍ୟାଳୟରେ ଚାରାରୋପଣ ସପ୍ତାହ

**ବେଲପଡ଼ା, ୨୪।୭ (ସମିସ):** ଯୁବ ରେଡ଼କ୍ରସର ଉପଦେଷ୍ଟା ଅଧ୍ୟାପକ ସୁଦାମ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବେଲପଡ଼ା ମହାବିଦ୍ୟାଳୟରେ ବୃକ୍ଷରୋପଣ ସପ୍ତାହ ପାଳିତ ହୋଇଛି।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅଧ୍ୟକ୍ଷ ସୁରେଶ ମେହେର, ସମ୍ମାନିତ ଅତିଥି ଭାବରେ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ତନ୍ମୟ ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ମନୋଜ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥି ଗଣ ବୃକ୍ଷ ହିଁ ଜୀବନ ତଥା ବୃକ୍ଷ ରୋପଣ କରିବା ପାଇଁ ଯୁବ ରେଡ୍‌କ୍ରସର ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ଅଧ୍ୟାପକ ଦୁର୍ବଦଳ ଘିବେଲା ଧନ୍ୟବାଦ ଅର୍ପଣ କରିଥିଲ ଏବଂ ପରିଶେଷ ରେ ରେଡକ୍ରସ ସ୍ୱେଚ୍ଛାସେବୀ ଙ୍କ ଦ୍ୱାରା କଲେଜ ପରିସରରେ ବୃକ୍ଷ ରୋପଣ ହୋଇଥିଲା।

# ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ




**ବଲାଙ୍ଗିର, ୨୪।୭ (ସମିସ):** ପୁଇଁନ୍ତଲା ବ୍ଲକ ଅଧିନସ୍ଥ ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଡ. ଧନଞ୍ଜୟ ସେଠ୍‌ଙ୍କ ଅଧକ୍ଷତାରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କଲେଜର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସମେତ ଚଳିତ ବର୍ଷ ଯୁକ୍ତ ଦୁଇ ବର୍ଷର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବୈଠକରେ କଲେଜର ଶୃଙ୍ଖଳା ଓ ନିୟମାବଳୀ ସହିତ ଛାତ୍ର ଛାତ୍ରୀମମାନଙ୍କର ଭବିଷତ କିଭଳି ଉଜ୍ଜଳମୟ ହେବ ଓ ବିଦ୍ୟାଳୟର ସୁନାମ କିପରି ବଢ଼ିବ ସେ ସମ୍ପର୍କରେ ଅଧକ୍ଷ ଡ. ସେଠ ବକ୍ତବ୍ୟ ପ୍ରଦାନ କରରିଥିଲେ। ଏତତ୍ ବ୍ୟତିତ ବିଦ୍ୟାଳୟରରେ ଆଭ୍ୟନ୍ତରିଣ କମିଟି (ଆଇସିସି) ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ପଦ୍ମାଳୟା ତ୍ରିପାଠି, ଅଧ୍ୟାପିକା ଚାରୁଲତା ମିଶ୍ର, ଅଧ୍ୟାପକ ସୁଦାମ ଚରଣ ଖମାରୀ, ଅଧ୍ୟାପକ ଡ. ଦୈତାରୀ ପୁଜାରୀ, ଅଧ୍ୟାପକ ରାଧାକାନ୍ତ ସାହୁ, ଅଧ୍ୟାପକ ଡ. ପବିତ୍ର କୁମାର ଦଣ୍ଡସେନା, କ୍ରୀଡ଼ା ଶିକ୍ଷକ ପ୍ରେମାନନ୍ଦ ବିଶି, ଗ୍ରନ୍ଥାଗାରିକ ଦୁର୍ବାଦଳ ମିଶ୍ର, କନିଷ୍ଠ କିରାଣୀ ଦିଗାମ୍ବର ପାଣ୍ଡେ, ଦୁଃଖିଶ୍ୟାମ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ଏକାଦଶ ଶ୍ରେଣୀ ପାଇଁ ପ୍ରବେଶ ଉତ୍ସବ

**ବଲାଙ୍ଗିର, ୨୪।୭ (ସମିସ):** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଛାତ୍ରୀଙ୍କ ସକାଶେ ସ୍ୱାଗତ ସମାରୋହ ତଥା ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟରେ ପ୍ରଥମ କରି ପାଦ ଥାପିଥିବା ଛାତ୍ରୀମାନଙ୍କ ପାଇଁ ଆୟୋଜିତ ସମାରୋହଟିକୁ ନେଇ ଛାତ୍ରୀମାନଙ୍କ ମନରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଥିଲା।ପୂର୍ବାହ୍ଣ ୧୦ଟାରେ ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଏକ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅରବିନ୍ଦ କୁମାର ଓଝା ଅଧ୍ୟକ୍ଷତା କରିଥିବା ବେଳେ ବକ୍ତବ୍ୟରେ ବିଭିନ୍ନ ପ୍ରସଙ୍ଗ ଯେମିତିକି ଛାତ୍ରୀଙ୍କ ସୁରକ୍ଷାପାଇଁ ଲାଗିଥିବା ସିସି ଟିଭି, ପାନୀୟଜଳ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ଶିକ୍ଷଣ କୌଶଳ ଇତ୍ୟାଦି ବିଷୟରେ ମତ ବ୍ୟକ୍ତ କରିଥିଲେ। ସଂସ୍କୃତ ବିଭାଗୀୟ ମୁଖ୍ୟ ଡଃ ସଦାଶିବ ମଲ୍ଲିକ ଉତ୍ସବରେ ଯୋଗଦେଇ ମହାବିଦ୍ୟାଳୟର ଗୌରବାବହ ଇତିହାସ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଅର୍ଥନୀତି ବିଭାଗୀୟ ମୁଖ୍ୟ ବିଭୁତି ଭୂଷଣ ସାହୁ ଏବଂ ଅଧ୍ୟାପକ ଡଃ କୁମାର ସମ୍ଭବ ଚୋପଦାର ମଧ୍ୟ ସ୍ୱାଗତ ସମାରୋହରେ ଉପସ୍ଥିତ ନବାଗତା ଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ପାଇଁ ନିଯୁକ୍ତି ପାଇଥିବା ଅଧ୍ୟାପକ, ଅଧ୍ୟାପିକା ନିଜ ନିଜ ପରିଚୟ ପ୍ରଦାନ କରିଥିଲେ। ଛାତ୍ରବୃତ୍ତି ବିଷୟରେ ସୂଚୀତା ଦୋରା, ପରୀକ୍ଷା ପରିଚାଳନା ବିଷୟରେ ସଂଯୁକ୍ତା କୁମାରୀ ନାୟକ, ଟଉଓଝରେ ବିଷୟରେ ସୁଶ୍ରୀ ସଙ୍ଗୀତା ଦାସ, ଆସରକ୍ଷା କୌଶଳର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଡଃ ଅର୍ପିତା ବେହେରା, ପାଠ୍ୟଖସଡ଼ା ସମ୍ପର୍କରେ ଡଃ ସିଦ୍ଧେଶ୍ୱର ପଧାନ, ଆଭ୍ୟନ୍ତରୀଣ ଶୃଙ୍ଖଳା ବିଷୟରେ ଡଃ ଅନୁରାଧା ମିଶ୍ର, ଶିକ୍ଷଣ କୌଶଳ ସମ୍ପର୍କରେ ସାମ୍ରାଜ୍ଞୀ ଅଦ୍ୱିତୀୟା ମିତ୍ର ସବିଶେଷ ସୂଚନା ଛାତ୍ରୀମାନଙ୍କୁ ପ୍ରଦାନ କରିଥିଲେ। ଉକ୍ତ ସ୍ୱାଗତ ସମାରୋହକୁ ରତିକାନ୍ତ ନାଏକ ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ଅଜିତ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମଦଭାଟି କର୍ମଚାରୀ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ସମେତ ୩ ଗିରଫ

**ବଲାଙ୍ଗିର, ୨୪।୭ (ସମିସ):** ବଲାଙ୍ଗିର ସଦର ଥାନା ସିନଖମନରେ ଥିବା ମଦଭାଟିର କର୍ମଚାରୀ ସାରଦା ଯାଦବ (୫୧)ଙ୍କୁ ହତ୍ୟା ଘଟଣାରେ ପୁଲିସ ତିନି ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ଅପରାହ୍ନରେ କିଛି ବ୍ୟକ୍ତି ଆସି ସାରଦାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଥିବା ସାରଦାଙ୍କୁ ରାସ୍ତାକଡ଼ରେ ଫିଙ୍ଗି ଚାଲି ଯାଇଥିଲେ। ପରେ ମଦଭାଟିର ଅନ୍ୟ କର୍ମଚାରୀ ତାଙ୍କୁ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ୍ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ କିଛି ସମୟ ପରେ ସାରଦାଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସାରଦାଙ୍କୁ ହତ୍ୟା କରାଯାଇଥିବା ନେଇ ମଦଭାଟି ମ୍ୟାନେଜର ବିଶାଳ ରଞ୍ଜନ କୁମାର ଥାନାରେ ଲିଖିତ ଅଭିଯୋଗକ୍ରମେ ସଦର ପୁଲିସ ଏକ ଟିମ୍ ତଦନ୍ତ ଚଳାଇ ତିନି ଜଣ ଅଭିଯୁକ୍ତକୁ ଗିରଫ କରିଥିବା ଜଣାପଡ଼ିଛି।ସୂଚନା ଅନୁସାରେ ବଲାଙ୍ଗିର ସଦର ଥାନା ସିନଖମନ ଗାଁରେ ଥିବା ଏକ ଦେଶୀ ମଦଭାଟିରେ କାର୍ଯ୍ୟରତ ଥିବା କର୍ମଚାରୀ ସାରଦା ଯାଦବକୁ ହତ୍ୟା କରାଯାଇଥିଲା। ତାଙ୍କୁ ଗାଁର କିଛି ଯୁବକ ହତ୍ୟା କରିଥିବା ନେଇ ପୁଲିସ ପ୍ରାଥମିକ ତଦନ୍ତରୁ ସୂଚନା ପାଇଥିଲା। ଏହି ହତ୍ୟା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ବଳରାମ ବାରିକଙ୍କ ସହ ଅନ୍ୟ ଦୁଇ ସହଯୋଗୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଅନ୍ୟ ଦୁଇ ସହଯୋଗୀ ବେଳେ ସୁନିଲ ବାଗ ଓ ଆର୍ତ୍ତତ୍ରାଣ ଚିନ୍ଦା ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ଉକ୍ତ ମଦଭାଟି ନିକଟରେ ଗାଁର ବଳରାମ ବାରିକଙ୍କ କିରାନା ଦୋକାନ ରହିଛି। ଉକ୍ତ ଦୋକାନରୁ ଭାଟି କର୍ମଚାରୀ ମାନେ ଖାଉଟି ସାମଗ୍ରୀ କିଣୁଥିଲେ। ବଳରାମଙ୍କ ଦୋକାନରେ ତାଙ୍କ ପତ୍ନୀ ମଧ୍ୟ ବସୁଥିଲେ। ତେବେ ଉକ୍ତ ଭାଟି ମ୍ୟାନେଜରଙ୍କ ସହ ସ୍ତ୍ରୀ କଥାବାର୍ତ୍ତା କରୁଥିବା ବଳରାମ ସନ୍ଦେହ କରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ଘଟଣାରେ ଭାଟି ମ୍ୟାନେଜରଙ୍କ କହିବା ଅନୁସାରେ ୨ଜଣ କର୍ମଚାରୀ ସାରଦା ଯାଦବ ଓ ବିକାଶ ବିଶି ହସ୍ତକ୍ଷେପ କରିଥିଲେ।ଅନ୍ୟପକ୍ଷରେ ବଳରାମ କିନ୍ତୁ ମ୍ୟାନେଜରକୁ ଏହି ଘଟଣାକୁ ନେଇ ଟାର୍ଗେଟ କରିଥିଲା। ଯାହାକୁ କେନ୍ଦ୍ର କରି ବଳରାମ ବାରିକ, ସୁନିଲ ବାଗ ଓ ଆର୍ତ୍ତତ୍ରାଣ ଚିନ୍ଦା ମିଶି ବିକାଶଙ୍କ ସହ ଝଗଡ଼ା କରି ସାରଦାଙ୍କୁ ଅଟକ ରଖିଥିଲେ। ପରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ସାରଦାଙ୍କୁ ରାସ୍ତାକଡ଼ରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ମଦଭାଟି କର୍ମଚାରୀ ତାଙ୍କୁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସାରଦାଙ୍କ ମୃତ୍ୟୁ ହୋଇଥିଲା। ବଳରାମ ବାରିକଙ୍କ ସମେତ ୩ ଅଭିଯୁକ୍ତ ସାରଦାଙ୍କୁ ହତ୍ୟା କରିଥିବା ଭାଟି ମ୍ୟାନେଜର ବଲାଙ୍ଗିର ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରଜୁ କରି ତଦନ୍ତ ଆରମ୍ଭ କରିଥିବ ବେଳେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ସଦର ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ପୁଲିସ ହତ୍ୟା ପଛର କାରଣ ଉପରୁ ପରଦା ହଟାଇବା ପାଇଁ ଦାବି ହୋଇଛି।

# ବଲାଙ୍ଗିର ନାଗରିକ କମିଟିର ତ୍ରୟୋମାସିକ ସାଧାରଣ ସଭା

**ବଲାଙ୍ଗିର, ୨୪।୭ (ସମିସ):** ବଲାଙ୍ଗିର ନାଗରିକ କମିଟିର ତ୍ରୟୋମାସିକ ସାଧାରଣ ସଭା ସରକାରୀ ଟାଉନ ଉଚ୍ଚବାଳିକା ବିଦ୍ୟାଳୟରେ ଡ.ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନାଗରିକ କମିଟିର ସମ୍ବିଧାନ ସଂଶୋଧନ ପରେ ଏହା ହେଉଛି ପ୍ରଥମ ତ୍ରୟୋମାସିକ ସଭା। ସଭାପତି ଡ.ମିଶ୍ର ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ପରେ ସାଧାରଣ ସମ୍ପାଦକ ମଧୁସୁଦନ ନାୟକ ଗତ ସାଧାରଣ ସଭା ଓ କାର୍ଯ୍ୟକାରି କମିଟି ବୈଠକର ବିବରଣୀ ପାଠ କରିବା ସହିତ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସମ୍ପାଦକଶ୍ରୀ ନାୟକ ଗତ ତିନି ମାସ ମଧ୍ୟରେ ନାଗରିକ କମିଟି ଦ୍ୱାରା ସମ୍ପାଦିତ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ, ରେଳ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀଙ୍କ ସହିତ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ, ବିପିସିଏଲ୍ ଓ ଲୋୟର ସୁକତେଲ କାର୍ଯ୍ୟାଳୟରୁ ନାଗରିକ କମିଟିର ପତ୍ରର ଉତ୍ତର ମିଳିଥିବା ସଭାପତି ସୂଚନା ଦେବା ସହିତ ସମସ୍ତ କାର୍ଯ୍ୟାଳୟ ବଲାଙ୍ଗିର ନାଗରିକ କମିଟିକୁ ସହଯୋଗ କରିଥିବା ଦର୍ଶାଇଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଖାତିର ନ କରି ଯେଉଁ ସଦସ୍ୟମାନେ ନାଗରିକ କମିଟିର କାର୍ଯ୍ୟ ସମ୍ପାଦନ ପାଇଁ ଆଗେଇ ଆସିଥିଲେ ସେମାନଙ୍କୁ, ବିଶେଷ କରି ଗତ ୯ ତାରିଖରେ ସ୍ଥାନୀୟ ଆର୍ଯ୍ୟ ସମାଜ ମନ୍ଦିର ପରିସରରେ ନାଗରିକ କମିଟି ତରଫରୁ ପାଳନ କରାଯାଇଥିବା ବନୋମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଶେଷ ଅବଦାନ ପାଇଁ ଉପସଭାପତି ନିତ୍ୟାନନ୍ଦ ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଫେସର ତରୁଣ କୁମାର ମିଶ୍ର ଓ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସଦସ୍ୟମାନଙ୍କୁ ସଭାପତି ସାଧୁବାଦ ଜଣାଇଥିଲେ ଓ ପ୍ରକାଶ କରିଥିଲେ ଯେ ଗତ ତିନି ମାସ ମଧ୍ୟରେ କିଛି କାର୍ଯ୍ୟ ସୁଫଳ ପ୍ରଦାନ କରିଛି ଓ କିଛି କାର୍ଯ୍ୟ ଅଧୁରା ରହିଯାଇଛି। ଯେଉଁ କାର୍ଯ୍ୟ ଅଧୁରା ରହିଛି ତା ଉପରେ ଖୁବ୍ ଶିଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଘୋଷଣା କରିଥିଲେ।ସଭାପତିଙ୍କ ଆହ୍ୱାନ କ୍ରମେ ସଦସ୍ୟ ଧର୍ମବ୍ରତ ରଥ, ନରେନ୍ଦ୍ର କୁମାର ଆଚାର୍ଯ୍ୟ, ଜୟରାମ ମିଶ୍ର, ପ୍ରଭାକର ମିଶ୍ର, ପ୍ରଶାନ୍ତ କୁମାର ପଟ୍ଟନାୟକ, କିଶୋର କୁମାର ପୁରୋହିତ, ଦୁର୍ବାଦଳ ମହାକୁର ଓ ପ୍ରଦୀପ କୁମାର ସାହୁ ଆଗାମୀ ତିନି ମାସ ପାଇଁ ବିଭିନ୍ନ କାର୍ଯ୍ୟର ପ୍ରସ୍ତାବ ରଖିଥିଲେ। ଶେଷରେ ଉପସଭାପତି ନିତ୍ୟାନନ୍ଦ ମିଶ୍ରଙ୍କ ପରେ ସଭା ସାଙ୍ଗ ହୋଇଥିଲା।




# ସରକାରୀ ମହାବିଦ୍ୟାଳୟରେ ପ୍ରେରଣା ଉତ୍ସବ

**ବଲାଙ୍ଗିର, ୨୪।୭ (ସମିସ):** ଛାତ୍ର ଛାତ୍ରୀମାନେ ଶୃଙ୍ଖଳିତ ଜୀବନ ସହ ଭଲ ପାଠ ପଢ଼ିବା ଉଚିତ୍ ଓ ସଚେତନ ନାଗରିକ ହୋଇ ସମାଜ ଗଠନରେ ଭାଗୀଦାର ହୁଅନ୍ତୁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଗୁରୁବାର ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ, ବଲାଙ୍ଗିର ଠାରେ +୨ଓ +୩ ଛାତ୍ର ଛାତ୍ରୀଙ୍କୁ ନେଇ ଏକ ପ୍ରେରଣା ଉତ୍ସବ ଅନୁଷ୍ଠତ ହୋଇଥିଲା। ନବାଗତ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟରେ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଏଥିରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳ ସଚିବ ହରପ୍ରସାଦ ଭୋଇ ଯୋଗ ଦେଇ ଛାତ୍ରଛାତ୍ରୀ ଭଲ ପାଠ ପଢ଼ିବା ସହ ଉତ୍ତମ ଚରିତ୍ରର ମଣିଷ ହେବା, ବଡ଼ମାନଙ୍କୁ ସମ୍ମାନ ଦେବା ଉଚିତ୍ ବୋଲି କହିଥିଲେ। ଡ଼. ଅଶୋକ କୁମାର ମହାରଣା, ପ୍ରାରମ୍ଭିକ ଅଭିଭାଷଣ ଦେଇଥିବା ବେଳା, ହୃଷୀକେଶ ଦାସ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ନିଜ ନିଜ ପରିଚୟ ଦେବା ସହ ନିୟମିତ ଭଲ ପାଠ ପଢ଼ିବା ଓ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ସମସ୍ତ ଅଧକ୍ଷ ଡ଼. କୌତୁକ ପନ୍ଦର ସଭାପତିତ୍ୱ କରି ମହାବିଦ୍ୟାଳୟର ଇତିହାସ, ଶୈକ୍ଷିକ ପରିବେଶ ଓ ନିଜ ମହାବିଦ୍ୟାଳୟକୁ ଭଲ ପାଇବା ସହ ପରିଶ୍ରମୀ ଚାଟ ହେବାକୁ କହିଥିଲେ।ଅଧ୍ୟାପକ ଆଶୀର୍ବାଦ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ହୃଷିକେଶ ଦାସ ଧନ୍ୟବାଦ୍ ଦେଇଥିଲେ। ସହକାରୀ ପ୍ରଫେସର ବନ୍ଦନା ବାର୍, ଡ଼. ମଧୁସ୍ମିତା ମିଶ୍ର, ଡ଼.ରମଣୀ ନାଏକ ପ୍ରମୁଖ ଉପସ୍ଥିତ ରହି ସଦୁପଦେଶ ଦେଇଥିଲେ। ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ।








ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ପଦ୍ମଲୋଚନ ସେଠୀ

ଆବିର୍ଭାବ - ୦୧/୦୭/୧୯୩୧
ତିରୋଧାନ - ୧୫/୦୭/୨୦୨୫

ଗ୍ରାମ - ଚମ୍ପାବଣୀ ପାଟଣା,
ପଞ୍ଚାୟତ - ଅନଳିଆ, ଭୋଗରାଇ

ବାପା...
ଚାହିଁ ଚାହିଁ ଏଗାର ଦିନ ବିତିଗଲା।
ଆପଣଙ୍କ ନୀତି ଆଦର୍ଶ ଓ ଆଶୀର୍ବାଦ
ସଦାସର୍ବଦା ଆମ ସହିତ ରହିଥାଉ। ଏହା ହିଁ
ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ ହତଭାଗ୍ୟ ପୁତ୍ର- ପ୍ରଫୁଲ୍ଲ ସେଠୀ ପ୍ରଦୀପ ସେଠୀ ପରେଶ ସେଠୀ ପ୍ରଶାନ୍ତ ସେଠୀ ବୋହୂ- ଗୀତାରାଣୀ, ଶ୍ୟାମଳୀ, ମେନକା, ଝିଅ- ଗୌରୀ,ମଙ୍ଗଳୀ, ଗୁରୁବାରୀ, ସବିତା, ମିନତୀ, ମାଳତୀ, ଜ୍ୱାଇଁ- କାଳିଚରଣ ରବିନ୍ଦ୍ର,ଦଲାଇ , ରବିନ୍ଦ୍ର,ଶତୀସ, ସୁଶାନ୍ତ ଓ ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ


# 'ବେଟି ବଚାଓ ବେଟି ପଢ଼ାଓ'ସମ୍ପର୍କିତ କାର୍ଯ୍ୟକ୍ରମ




**ବଲାଙ୍ଗିର, ୨୪।୭ (ସମିସ):** ବଲାଙ୍ଗିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠିଙ୍କ ସଭାପତିତ୍ୱରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ 'ବେଟି ବଚାଓ ବେଟି ପଢ଼ାଓ' ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଡିଏଲ୍‌ଏସଏ ସମ୍ପାଦକ ପବିତ୍ରାନନ୍ଦ ପ୍ରଧାନ, ଡିଏସପି କମଳ କୁମାର ପଣ୍ଡା ଯୋଗଦେଇ ଲିଙ୍ଗଗତ ବୈଷମ୍ୟ, ବାଲ୍ୟ ବିବାହ ରକିବା, ଶିଶୁ ମାନଙ୍କୁ ଯୌନ ନିର୍ଯ୍ୟାତନା ସୁରକ୍ଷା ଆଇନ ତଥା ଶିଶୁ ଅଧିକାର, ଜୁନ ମାସରୁ ଜାନୁଆରୀ-୨୦୨୬ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ତଥା ବ୍ଲକ ସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ, ନୂତନ ଆଇନ ବ୍ୟବସ୍ଥାରେ ଥିବା ଇ-ଏଫଆଇଆର, ଜିରୋ ଏଫଆଇଆର ସମ୍ପର୍କରେ, ପ୍ରତ୍ୟେକ ବିଦ୍ୟାଳୟ ଓ ଆଶ୍ରମ ସ୍କୁଲ ଗୁଡିକରେ ସେଲ୍‌ଫ ଡିଫେନ୍ସ ତାଲିମ ପ୍ରଦାନ ତଥା ପରିସର ମଧ୍ୟରେ ଅନାଧିକୃତ ଭାବେ ପ୍ରବେଶ ନିଷେଧ କରିବା, ଛାତ୍ରୀ, ଅନ୍ତେବାସୀଙ୍କୁ ସଚେତନ ଓ ଜାଗୃତ କରିବା ଓ ବେଟି ବଚାଓ ବେଟି ପଢ଼ାଓ ଯୋଜନା ଉପରେ ଆଲୋକପାତ କରି ଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବା ସହ ସଚେତନତା ହିଁ ସୁରକ୍ଷାର ମାପକାଠି ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସୁସୁମା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଡିପିଏଚଓ ଡା ନମିତା ମିଶ୍ର, ଏଡିଇଓ ସେବାଶ୍ରୀ ଭୋଇ, କନିଷ୍ଠ କର୍ମ ନିଯୋଜନ ଅଧିକାରୀ ଦୀପକ କୁମାର ସାମଲ, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ସିଡିପିଓ, ପିଓ ଯୋଗଦେଇଥିଲେ।

## କାମରେ ଆସୁନି ଉଠାଜଳସଚନ ପ୍ରକଳ୍ପ

# ରାସ୍ତା ଅବରୋଧ କରି ଚାଷୀଙ୍କ ଆନ୍ଦୋଳନ

**ବଲାଙ୍ଗିର/ସଇଁତଳା, ୨୪।୭ (ସମିସ)**



ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକରେ ଥିବା ବୃହତ ଉଠାଜଳସେଚନ ପ୍ରକଳ୍ପ ବନ୍ଦ ହୋଇ ପଡ଼ିରହିଥିବାରୁ ଏହା ଚାଷ କାମ ଉପରେ ଅନେକ ପ୍ରଭାବ ପକାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି ୭ଟି ପଞ୍ଚାୟତର ଚାଷୀ। ସଇଁତଳା ବ୍ଲକରେ ୨୦୧୩ ମସିହାରେ ପ୍ରକଳ୍ପ ଆରମ୍ଭ ହୋଇ ୨୦୨୦ ମସିହାରେ ପୂର୍ବ ସରକାର ସମୟରେ ଛଅ ଶହ କୋଟି ଟଙ୍କା ବ୍ୟୟରେ ବୃହତ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଥିବା ବେଳେ ତାହା ୬ ମାସ ହେଲା ଗ୍ରୀଡରୁ ପମ୍ପ ହାଉସକୁ ବିଦ୍ୟୁତ୍ ସଂଯୋଗ ବନ୍ଦ ରହିଛି। ପ୍ରକଳ୍ପରେ ନିୟୋଜିତ ଥିବା କର୍ମଚାରୀଙ୍କ ୬ ମାସର ଦରମା ମଧ୍ୟ ମିଳିନାହିଁ। ଯାହାଫଳରେ କର୍ମଚାରୀମାନେ କାର୍ଯ୍ୟ ଛାଡି ଚାଲିଯାଇଛନ୍ତି। ବର୍ତ୍ତମାନ ପ୍ରକଳ୍ପରେ ତାଲା ପଡ଼ିଛି। ଚିର ଶୁଷ୍କ ଟିଟିଲାଗଡ଼, ସଇଁତଳା ଅଞ୍ଚଳରେ ଏହି ଜଳସେଚନ ପ୍ରକଳ୍ପ ଚାଷୀକୁ ମରୁଡ଼ିରୁ ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରକଳ୍ପ ପରିକଳ୍ପନା କରାଯାଇଥିବା ବେଳେ ସରକାରଙ୍କ ଅଣଦେଖା ଯୋଗୁଁ ଏହି ଅବସ୍ଥା ସୃଷ୍ଟି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।ତେବେ ଚଳିତ ଖରିଫରେ ପ୍ରକଳ୍ପ ବନ୍ଦ ପଡ଼ିଥିବାରୁ ଠିକ୍ ଭାବେ ଚାଷୀ ମାନେ ଖରିଫରେ ଧାନ ଚାଷ ଆରମ୍ଭ କରିପାରିନଥିଲା ଅଭିଯୋଗ କରିଛନ୍ତି। ଚାଷୀମାନେ ପ୍ରଶାସନ ପାଖରେ ଉଠଜଳସେଚନକୁ କାର୍ଯ୍ୟକ୍ଷମ କରିବା ପାଇଁ ଅନେକ ଥର ଟିଟିଲାଗଡ଼ ଜଳସେଚନ ଅଫିସରେ ଅଭିଯୋଗ କରିଥିଲେ ହେଲେ କିଛି ସୁଫଳ ନମିଳିବାରୁ ଚାଷୀମାନେ ସ୍ଥାନୀୟ ବିଧାୟକ ନବୀନ ଜୈନ ଓ ଉପମୁଖ୍ୟ ମନ୍ତ୍ରୀ ତଥା କୃଷି ମନ୍ତ୍ରୀ ଙ୍କୁ ମଧ୍ୟ ଭେଟି ଅଭିଯୋଗ କରିଥିଲେ। ତଥାପି ତାହା କାର୍ଯ୍ୟକ୍ଷମ ହୋଇ ନାହିଁ। ଏହାର ପ୍ରତିବାଦରେ ଗୁରୁବାର ଶତାଧିକ ଚାଷୀ ବଲାଙ୍ଗିର-ଭବାନୀପାଟଣା ଜାତୀୟ ରାଜପଥ ୨୬ ବରଗାଁ ଛକ ଠାରେ ରାସ୍ତାରୋକ କରିଥିଲେ।

### ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଲେ ଟୁକୁନି, ସୁରେନ୍ଦ୍ର

ଏଥିରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ସୁରେନ୍ଦ୍ର ସିଂ ଭୋଇ ଓ କଂଗ୍ରେସ ନେତା ବୀରେନ୍ଦ୍ର ବାଗ ମଧ୍ୟ ସାମିଲ ହୋଇ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଥିଲେ। ନବୀନ ସରକାର ସମୟରେ ଟିଟିଲାଗଡ଼, ଗୁଡ଼ଭେଲା ଓ ସଇନ୍ତଲା ବ୍ଲକରେ ବୃହତ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇ ଥିବା ବେଳେ ସଇଁତଳା ବ୍ଲକରେ ୪ଟି ପ୍ରକଳ୍ପ ନିର୍ମାଣ କରାଯାଇଥିଲା ତାହା ୬ ଶହ କୋଟି ବ୍ୟୟରେ ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହୋଇଥିବା ବେଳେ ବର୍ତ୍ତମାନ ବିଜେପି ସରକାର ଆସିବା ପରେ ଚଳିତ ବର୍ଷ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିପାରୁନାହିଁ ବୋଲି ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ବିଜେପି ସରକାରକୁ ଟାର୍ଗେଟ କରିଥିଲେ।ସେହିପରି ସୁରେନ୍ଦ୍ର ସିଂ ଭୋଇ ଓ ବୀରେନ୍ଦ୍ର ବାଗ ମଧ୍ୟ ବିଜେପି ସରକାର ଆସିବା ଦିନ ଠାରୁ ନାରୀ ନିର୍ଯାତନା ଠାରୁ ଆରମ୍ଭ କରି ଚାଷୀ ପାଣି ଟୋପାଏ ପାଉନଥିବା ଅଭିଯୋଗ କରିଛନ୍ତି।ଆନ୍ଦୋଳନସ୍ଥଳକୁ ଅତିରିକ୍ତ ଉପଜିଲ୍ଲାପାଳ ଓ ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପହଞ୍ଚି ଚାଷୀଙ୍କ ଶହ ଆଲୋଚନା କରି ୭ ଦିନ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ଆନ୍ଦୋଳନରେ ବ୍ଲକ କୃଷକ ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା, ଚାଷୀ ନେତା ଉତ୍ତମ ପଟେଲ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପାଣ୍ଡା ସାହୁ, ଡୁଙ୍ଗୁରିପାଲି ସରପଞ୍ଚ ଗଜପତି ସାହୁ, ମନୀଷ ସୁନା, ହେମନ୍ତ ସାହୁ, ଚମ୍ପୁ ସେଠ, ସୁବାସିଂ ଛତ୍ରିଆ, ବେଲଗାଁ ସରପଞ୍ଚ ରାମଚନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ଡୋଲାମଣୀ ଥପା, ପଞ୍ଚା ମହାପାତ୍ର, ବିପିନ ସାହୁ, ପ୍ରକାଶ ଗହୀର, ମିନିକେତନ ସେଠଙ୍କ ସମେତ ୭ଟି ପଞ୍ଚାୟତର ଚାଷୀ ସାମିଲ ହୋଇଥିଲେ।